# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଅଗଷ୍ଟ ୨୭/୨୦୧୮ (୧୬ ପୃଷ୍ଠା) Sambalpur, Monday, August 27/ 2018 ★★

୧୪ଶ ଭାଗ ୨୫୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



DSPL-136

Government of Odisha



ବିଜୁ ଯୁବ ବାହିନୀ
Biju Yuva Vahini

## ସାଧାରଣ ଯୁବ
## ଅସାଧାରଣ ଲକ୍ଷ୍ୟ

## ମୁଁ ହିରୋ...ମୁଁ ଓଡ଼ିଶା

ଅଭିଯାନର

## ରାଜ୍ୟସ୍ତରୀୟ ଶୁଭାରମ୍ଭ କରିବେ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ

୨୭ ଅଗଷ୍ଟ ୨୦୧୮, ଅପରାହ୍ନ ୫.୦୦ ଘଟିକା
ଜବାହରଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡିୟମ୍, କଟକ

ମୁଁ HERO ମୁଁ ଓଡ଼ିଶା



''ଯେତେବେଳେ ବି ସ୍ୱପ୍ନ ଦେଖିବ, ବଡ଼ ବଡ଼ ସ୍ୱପ୍ନ ଦେଖ
ବଡ଼ ସ୍ୱପ୍ନ ଦେଖିଲେହିଁ ବଡ଼ ବଡ଼ କାମ ସାର୍ଥକ ହେବ।''

ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ

29001/13/0009/1819

- "ମୁଁ ହିରୋ...ମୁଁ ଓଡ଼ିଶା" ଅଭିଯାନ ଓଡ଼ିଶା ସରକାରଙ୍କର "ବିଜୁ ଯୁବ ବାହିନୀ" ଅର୍ନ୍ତଗତ ଏକ କାର୍ଯ୍ୟକ୍ରମ ।
- ୧୫ ରୁ ୩୫ ବର୍ଷ ମଧ୍ୟରେ ଥିବା ସ୍ଥାନୀୟ ହିରୋ/ପରିବର୍ତ୍ତନର ବାହକଙ୍କୁ ଚିହ୍ନଟ କରି ପୁରସ୍କୃତ କରାଯିବ ।
- ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ନିକଟରେ ନାମାଙ୍କନ ଦାଖଲ କରିବେ/www.bijuyuvavahini.com ରେ ଅନ୍‌ଲାଇନ୍ ଆବେଦନ କରିବେ ।
- ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ଦରଖାସ୍ତଗୁଡ଼ିକର ଯାଞ୍ଚ ଏବଂ ଚୟନ ।
- ଜିଲ୍ଲାସ୍ତରୀୟ/ରାଜ୍ୟସ୍ତରୀୟ ଯୁବ ସମାବେଶରେ "ହିରୋ" ମାନଙ୍କୁ ପୁରସ୍କୃତ କରାଯିବ ।
- ଅଧିକ ଜାଣିବା ନିମନ୍ତେ ଯୋଗାଯୋଗ କରନ୍ତୁ: ଜିଲ୍ଲା କ୍ରୀଡ଼ା ଅଧିକାରୀ +91 8280262000 www.bijuyuvavahini.com



"ଗଣତନ୍ତ୍ରର ଶୁଦ୍ଧତା ଓ ପବିତ୍ରତା କ୍ଷେତ୍ରରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ। ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ଦେଶର ନିର୍ବାଚନ ପ୍ରକ୍ରିୟାର ଅପବ୍ୟବହାର କରିବାକୁ ଦିଆଯିବ ନାହିଁ।

– ରବିଶଙ୍କର ପ୍ରସାଦ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

# ସଙ୍କଟରେ ଗଣତନ୍ତ୍ର

କୋଲକାତା/ନୂଆଦିଲ୍ଲୀ, ୨୬।୮(ପି.ଟି.)

**୨୦୧୯ ପୂର୍ବରୁ ଏକାଠି ହୁଅନ୍ତୁ ସବୁ ଅଣସାମ୍ପ୍ରଦାୟିକ ଦଳ: ଅମର୍ତ୍ତ୍ୟ**



**ଭାଜପାକୁ ହରାଇବା ପାଇଁ ବିରୋଧୀ ମେଣ୍ଟ ଗଠନ ସମ୍ଭବ: ଚିଦାମ୍ବରମ୍**



ଭାରତର ଗଣତନ୍ତ୍ର ସଙ୍କଟରେ ପଡ଼ିଛି। ତେଣୁ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ସବୁ ଅଣସାମ୍ପ୍ରଦାୟିକ ଦଳ ଏକାଠି ହେବା ଜରୁରୀ ହୋଇପଡ଼ିଛି। ଗଣତନ୍ତ୍ରର ସୁରକ୍ଷା ପାଇଁ ଏହି ମେଣ୍ଟ ସହ ବାମପନ୍ଥୀମାନେ ସାମିଲ ହେବାକୁ ଦ୍ୱିଧା ପ୍ରକାଶ କରନ୍ତୁ ନାହିଁ ବୋଲି ନୋବେଲ ପୁରସ୍କାରପ୍ରାପ୍ତ ପ୍ରଖ୍ୟାତ୍ ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ ଆହ୍ୱାନ ଦେଇଛନ୍ତି।

କୋଲକାତାସ୍ଥିତ ଶିଶିର ମଞ୍ଚ ଅଡିଟୋରିୟମ୍‌ରେ ଆୟୋଜିତ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅମର୍ତ୍ତ୍ୟ କହିଛନ୍ତି, ଏକଛତ୍ରବାଦ ବିରୋଧରେ ଆମେ ନିଜ ପ୍ରତିବାଦ ଜଣାଇବା ଜରୁରୀ ହୋଇପଡ଼ିଛି। ସେମାନଙ୍କ ସ୍ୱେଚ୍ଛାଚାରୀ ଶାସନଧାରା ବିରୋଧରେ ଲଢ଼େଇ କରିବା ଆବଶ୍ୟକ। ଦକ୍ଷିଣପନ୍ଥୀ ଶକ୍ତିଗୁଡ଼ିକର ନୀତି ବିରୋଧରେ ଅଣସାମ୍ପ୍ରଦାୟିକ ଦଳଗୁଡ଼ିକ ଏକାଠି ହୁଅନ୍ତୁ। ସାମ୍ପ୍ରଦାୟିକତା ହେଉଛି ସବୁଠୁ ବଡ଼ ବିପଦ। ଏହା ବିରୋଧରେ ଲଢ଼େଇ କରିବାବେଳେ ଆମେ ପଛଘୁଞ୍ଚା ଦେବା ଅନୁଚିତ ବୋଲି ଅମର୍ତ୍ତ୍ୟ କହିଛନ୍ତି। କେନ୍ଦ୍ରର ଭାଜପା ସରକାରକୁ କଡ଼ା ସମାଲୋଚନା କରିବାକୁ ଯାଇ ଅମର୍ତ୍ତ୍ୟ କହିଛନ୍ତି, ରାଜନୀତିରେ ମନ୍ଦ ଉଦ୍ଦେଶ୍ୟ ରଖିଥିବା ଏକ ଦଳ ମାତ୍ର ୩୧% ଭୋଟ ପାଇ ୨୦୧୪ ଲୋକ ସଭା ନିର୍ବାଚନ ପରେ କ୍ଷମତାସୀନ ହୋଇଛି। ସଙ୍କଟରେ ପଡ଼ିଥିବା ଗଣତନ୍ତ୍ରକୁ କେବଳ ଲୋକେ ହିଁ ବଞ୍ଚାଇପାରିବେ। କାରଣ ଭାରତ ଏକ ବୁଡ଼ିଯାଉଥିବା ଡଙ୍ଗା ଭଳି ନୁହେଁ, ଯାହାକୁ ଆମେ ସମସ୍ତେ ଛାଡ଼ି ପଳାଇବା।

ଅନ୍ୟପକ୍ଷରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍ ରବିବାର କହିଛନ୍ତି, ଆମେ ଭୟମୁକ୍ତ ହେବା ପାଇଁ ବ୍ରିଟିଶ ଶାସନରୁ ସ୍ୱାଧୀନତା ହାସଲ କରିବାକୁ ଚାହୁଁଥିଲେ। ହେଲେ ଏବେ ଦେଶର ଏକ ବୃହତ୍ ବର୍ଗ ଭୟ ଓ ଆତଙ୍କ ମଧ୍ୟରେ ରହିଛି। ଭାରତକୁ 'ଭୟର ଶାସନ'ରୁ ମୁକ୍ତ କରିବାକୁ ହେଲେ ଭାଜପାକୁ ହରାଇବାକୁ ପଡ଼ିବ। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ସମସ୍ତ ବିରୋଧୀ ଦଳ ଏକାଠି ହୋଇ ମେଣ୍ଟ ଗଠନ କରିବା ସମ୍ଭବ। ଦେଶରେ ଦଳିତ, ମୁସଲମାନ, ମହିଳାମାନେ ଭୟଭୀତ। ଏପରିକି ଗଣମାଧ୍ୟମ ମଧ୍ୟ ଏଥିରୁ ମୁକ୍ତ ନୁହେଁ। ଆମେ ଗଣତାନ୍ତ୍ରିକ ଅଧିକାରଗୁଡ଼ିକରୁ ଦୂରେଇ ଯାଉଛେ। ଏହା ଦେଶ ପାଇଁ ଏକ ବିପଜ୍ଜନକ ଧାରା। ତେଣୁ ନିର୍ବାଚନ ପୂର୍ବରୁ ମେଣ୍ଟ ଗଠନ ପାଇଁ ସବୁ ଦଳ ଆଗେଇ ଆସନ୍ତୁ। ଭାଜପାକୁ ହରାଇବା ସମସ୍ତ ବିରୋଧୀ ଦଳର ଏକମାତ୍ର ଲକ୍ଷ୍ୟ ହେବା ଉଚିତ ବୋଲି ଚିଦାମ୍ବରମ୍ କହିଛନ୍ତି। କିନ୍ତୁ ବିରୋଧୀ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କିଏ ହେବେ ବୋଲି କରାଯାଇଥିବା ପ୍ରଶ୍ନର ଉତ୍ତର ଦେବାକୁ ସେ ବାରମ୍ବାର ଏଡାଇ ଯାଇଛନ୍ତି।

## ବଳାତ୍କାରୀଙ୍କୁ ବରଦାସ୍ତ କରାଯିବନି

ନୂଆଦିଲ୍ଲୀ, ୨୬।୮(ପି.ଟି.)




ଦେଶରେ ବଳାତ୍କାରକୁ ବରଦାସ୍ତ କରାଯିବ ନାହିଁ। ପାର୍ଲାମେଣ୍ଟରେ ଗୃହୀତ ବଳାତ୍କାର ନିରୋଧୀ ଆଇନ ମହିଳା ଓ ଝିଅମାନଙ୍କ ବିରୋଧରେ ଘଟୁଥିବା ଏଭଳି ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ମାସିକିଆ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ମୋଦି କହିଛନ୍ତି, ତିନି ତଲାକ୍ ସମ୍ପର୍କିତ ବିଲ୍ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ରାଜ୍ୟ ସଭାରେ ଗୃହୀତ ହୋଇପାରି ନାହିଁ। ଏହାସତ୍ତ୍ୱେ ମୁସଲମାନ ମହିଳାମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ପାଇଁ ସେମାନଙ୍କ ସହ ସାରା ଦେଶ ଛିଡ଼ା ହୋଇରହିଛି ବୋଲି ପ୍ରଧାନମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ସେ କହିଛନ୍ତି, ଆମେ ଜାତୀୟ ସ୍ୱାର୍ଥ ପାଇଁ ଆଗକୁ ବଢ଼ିଲେ ଗରିବ, ପଛୁଆବର୍ଗ, ଶୋଷିତ ଓ ବଞ୍ଚିତଙ୍କ ଜୀବନରେ ମଧ୍ୟ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଦେଶର ମହିଳାଙ୍କ ପ୍ରତି କୌଣସି ପ୍ରକାର ଅନ୍ୟାୟକୁ ସଭ୍ୟ ସମାଜ ସହ୍ୟ କରିପାରିବ ନାହିଁ। ବଳାତ୍କାର କରୁଥିବା ଲୋକଙ୍କୁ ଦେଶ ବରଦାସ୍ତ କରିବ ନାହିଁ। ଏହାକୁ ଧ୍ୟାନରେ ରଖି ପାର୍ଲାମେଣ୍ଟରେ ଆପରାଧିକ ଆଇନ ସଂଶୋଧନ ବିଲ୍‌କୁ ଗୃହୀତ କରାଯାଇଛି। ବଳାତ୍କାର କରିଥିବା ପ୍ରମାଣିତ ହେଲେ ସର୍ବନିମ୍ନ ୧୦ ବର୍ଷ ଜେଲ ଦଣ୍ଡ ଦିଆଯିବ। ସେହିପରି ୧୨ ବର୍ଷରୁ କମ୍ ବୟସର ନାବାଳିକାଙ୍କୁ ବଳାତ୍କାର କରିଥିବା ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ ବୋଲି ମୋଦି କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଏସିଆନ୍ ଗେମ୍ସରେ ଭାରତ ପାଇଁ ପଦକ ଆଣିଥିବା ଝିଅମାନଙ୍କ ଅବଦାନକୁ ପ୍ରଶଂସା କରିଛନ୍ତି। ସେହିପରି କେରଳ ବନ୍ୟାବିପନ୍ନଙ୍କ ପ୍ରତି ମାନବିକ ସହାୟତାର ହାତ ବଢ଼ାଉଥିବା ବଦାନ୍ୟ ବ୍ୟକ୍ତିମାନଙ୍କୁ ମଧ୍ୟ ମୋଦି ପ୍ରଶଂସା କରିଛନ୍ତି। ଲୋକ ସଭା ସହ ରାଜ୍ୟ ବିଧାନସଭାଗୁଡ଼ିକର ଏକକାଳୀନ ନିର୍ବାଚନ ନେଇ ବିତର୍କ ଗଣତନ୍ତ୍ର ପାଇଁ ଏକ ସୁସ୍ଥ ସଙ୍କେତ। ଦେଶର ରାଜନୈତିକ ସଂସ୍କୃତି ବଦଳାଇଦେଇଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଏହା ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ମୋଦି ଅଭିହିତ କରିଛନ୍ତି।

## ସଂକ୍ଷେପରେ

### ଅଧ୍ୟକ୍ଷ ପଦ ପାଇଁ ନାମାଙ୍କନପତ୍ର ଦାଖଲ କଲେ ଷ୍ଟାଲିନ



ଚେନ୍ନାଇ, ୨୬।୮(ପି.ଟି.) : ଡିଏମ୍‌କେର କାର୍ଯ୍ୟକାରୀ ଅଧ୍ୟକ୍ଷ ଏମ.କେ. ଷ୍ଟାଲିନ୍ ଅଧ୍ୟକ୍ଷ ପଦ ପାଇଁ ଦଳୀୟ ମୁଖ୍ୟାଳୟରେ ରବିବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତାଙ୍କ ସହ ଦଳର ବରିଷ୍ଠ ନେତା ତଥା ମୁଖ୍ୟ ସଚିବ ଦୁରାଇମୁରୁଗାନ୍ ମଧ୍ୟ କୋଷାଧ୍ୟକ୍ଷ ପଦ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଆସନ୍ତା ୨୮ ତାରିଖରେ ଦଳର ସାଧାରଣ ପରିଷଦ ବୈଠକରେ ଦୁହିଁଙ୍କୁ ନିର୍ବାଚିତ କରାଯିବ। ଡିଏମ୍‌କେ ଅଧ୍ୟକ୍ଷ କରୁଣାନିଧିଙ୍କ ପରଲୋକ ପରେ ତାଙ୍କ ସାନପୁଅ ଷ୍ଟାଲିନ ଏହି ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ପ୍ରାର୍ଥିପତ୍ର ଦାଖଲ କରିବା ପୂର୍ବରୁ ଷ୍ଟାଲିନ୍, ଦୁରାଇମୁରୁଗାନ୍ ଓ ଦଳର ବରିଷ୍ଠ ନେତା ଟି.ଆର. ବାଲୁ ଓ ଏ . ରାଜା କରୁଣାନିଧିଙ୍କ ସ୍ତ୍ରୀ ଦୟାଳୁ ଅମାଲଙ୍କୁ ଭେଟିଥିଲେ।

### ଶାହଙ୍କ ସୁରକ୍ଷା ଖର୍ଚ୍ଚ ତଥ୍ୟ ଦେବାକୁ ମନାକଲେ ସିଆଇସି



ନୂଆଦିଲ୍ଲୀ, ୨୬।୮(ପି.ଟି.): ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ସୁରକ୍ଷା ବ୍ୟବସ୍ଥାରେ ଖର୍ଚ୍ଚ ହେଉଥିବା ଅର୍ଥ ସମ୍ପର୍କିତ ତଥ୍ୟ ଦେବାକୁ ମନା କଲା କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି)। ଏହାକୁ ସୂଚନା ଅଧିକାର (ଆର୍‌ଟିଆଇ)ଆଇନର ବ୍ୟକ୍ତିଗତ ତଥ୍ୟ ଏବଂ ସୁରକ୍ଷା କ୍ଲଜ୍ ପରିସରରେ ରଖି ସିଆଇସି ତଥ୍ୟ ଦେଇ ନ ଥିବା ଜଣାପଡ଼ିଛି। ଦୀପକ ଜୁନେଜା ନାମକ ଜଣେ ବ୍ୟକ୍ତି ୨୦୧୪ ଜୁଲାଇ ୫ରେ ଆର୍‌ଟିଆଇ ଆବେଦନ କରି ଶାହଙ୍କ ସୁରକ୍ଷା ଖର୍ଚ୍ଚ ସମ୍ପର୍କିତ ତଥ୍ୟ ଦାବି କରିଥିଲେ। ସେତେବେଳେ ଶାହ ରାଜ୍ୟ ସଭା ସଦସ୍ୟ ନ ଥିଲେ।

### ୬୦୦୦ ଟଙ୍କା ଦାନ କରିଥିଲେ ଗାନ୍ଧୀ

ଥିରୁଭାନନ୍ତପୁରମ୍, ୨୬।୮(ପି.ଟି.): ଶହେ ବର୍ଷ ପୂର୍ବେ ମଧ୍ୟ ଭୟଙ୍କର ବନ୍ୟାର ସମ୍ମୁଖୀନ ହୋଇଥିଲା କେରଳ। ସେତେବେଳେ ରାଜ୍ୟର ନାମ ମାଲାବାର ଥିଲା। ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ଜନସାଧାରଣଙ୍କୁ ଅବଗତ କରିବା ସହ ସେମାନଙ୍କ ପ୍ରତି ସହଯୋଗର ହାତ ବଢ଼ାଇବା ଲାଗି ଗାନ୍ଧିଜୀ ଯେଭଳି ଲୋକଙ୍କୁ ଏକଜୁଟ୍ କରିଥିଲେ ତାହାର ପ୍ରମାଣ ଏବେ ପୁଣିଥରେ ସାମ୍ନାକୁ ଆସିଛି। ୧୯୨୪ରେ କେରଳ ବନ୍ୟା ସମୟରେ ଗାନ୍ଧିଜୀ ରାଜ୍ୟର ରିଲିଫ୍ ପାଣ୍ଠିକୁ ୬୦୦୦ ଟଙ୍କା ସହାୟତା କରିଥିଲେ। ରାଜ୍ୟ ରିଲିଫ୍ ପାଣ୍ଠିରେ ରହିଥିବା ରେକର୍ଡରେ ମହାତ୍ମା ଗାନ୍ଧୀଙ୍କ ସହାୟତା ବିଷୟରେ ତଥ୍ୟ ରହିଛି। ଏହାସହ ବିପନ୍ନଙ୍କ ଦୁର୍ଦ୍ଦଶା ଅକଥନୀୟ ବୋଲି କହିଥିଲେ।

■ ଆଇନ୍ କମିଶନଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପ୍ରଶ୍ନ

## ଅନ୍‌ଲାଇନ୍‌ରେ ଏତଲା ସମ୍ଭବ କି

ନୂଆଦିଲ୍ଲୀ, ୨୬।୮(ପି.ଟି.)




ଲୋକେ ଘରେ ବସି ଅନ୍ ଲାଇନ୍ ଯୋଗେ କ'ଣ ଏଫ୍‌ଆଇଆର୍ ଏବଂ ଇ-ଏଫଆଇଆର ଦାଏର କରିପାରିବେ କି ବୋଲି ଲ କମିଶନଙ୍କୁ ସୌରାଷ୍ଟ୍ର ମନ୍ତ୍ରଣାଳୟ ପ୍ରଶ୍ନ କରିଛି। ଲ ପ୍ୟାନେଲ ସବୁ ଦିଗକୁ ଅନୁଧ୍ୟାନ କରିବା ପରେ ପ୍ରସ୍ତାବ ଦେଇଛନ୍ତି ଯେ ଆପରାଧିକ ଦଣ୍ଡ ସଂହିତା (ସିଆର୍‌ପିସି) ଧାରା ୧୫୪ ରେ ସଂଶୋଧନ ହୁଏ ଲୋକେ ଅନ୍‌ଲାଇନ୍ ଏଫ୍‌ଆଇଆର ଦେଇପାରିବେ। ତେବେ ଏଭଳି କରିବା ଦ୍ୱାରା କିଛି ଲୋକ ଏହି ସୁବିଧାର ଅପବ୍ୟବହାର କରି ଅନ୍ୟମାନଙ୍କ ଛବିକୁ କଳଙ୍କିତ କରିପାରନ୍ତି। ଏହାର ମଧ୍ୟ ଆଉ ଏକ ସୁବିଧା ରହିଛି। ତାହା ହେଲା ଏବେ ଲୋକମାନେ ଯେଉଁଭଳି ଥାନାକୁ ଯାଇ ଏଫ୍‌ଆଇଆର୍ ଦେବାକୁ କଠିନ ଭାବୁଛନ୍ତି ସେମାନେ ଘରେ ବସି ଅନଲାଇନ୍‌ରେ ଏଫ୍‌ଆଇଆର୍ ରେଜିଷ୍ଟ୍ରେଶନ୍ କରିପାରିବେ।

ଏହା ପୂର୍ବରୁ ୨୦୧୩ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ଯଦି କୌଣସି ସଙ୍ଗିନ ଅପରାଧ ଘଟିଥାଏ ତେବେ ସିଆରପିସିର ଧାରା ୧୫୪ ଅନୁସାରେ ମାମଲା ରୁଜୁ କରିହେବ। ଏ ସମ୍ପର୍କରେ ଲ କମିଶନ୍ ବିଭିନ୍ନ ରାଜ୍ୟର ଡିଜିପି/ଆଇଜିପିଙ୍କ ସହ ଗତ ଜାନୁଆରୀରେ ବୈଠକ କରିଥିଲେ। ସେମାନେ କହିଥିଲେ ଏଥିପାଇଁ ଧାରା ୧୫୪ ରେ ସଂଶୋଧନ କରିବାକୁ ପଡିବ। ୨୦୧୬ରେ ମୋଟ ୪୮,୩୧,୫୧୫ ଆପରାଧିକ ମାମଲା ରୁଜୁ ହୋଇଥିଲା। ସେଥିରୁ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି) ଅନୁସାରେ ୨୯,୭୫,୭୧୧ ଓ ସ୍ୱତନ୍ତ୍ର ଏବଂ ସ୍ଥାନୀୟ ଆଇନ (ଏସ୍‌ଏଲ୍‌ଏଲ୍) ଅନୁସାରେ ୧୮,୫୫,୮୦୪ ମାମଲା ରୁଜୁ ହୋଇଥିଲା।

### ୧୦୦ କମ୍ୟୁନିଟି ରେଡିଓ ଷ୍ଟେଶନ୍‌ରେ 'ପୋଷଣ ଅଭିଯାନ'

ନୂଆଦିଲ୍ଲୀ, ୨୬।୮(ପି.ଟି.)

ମହିଳା ଓ ଶିଶୁଙ୍କ କୁପୋଷଣକୁ ଦୂର କରିବା ପାଇଁ ୧୦୦ଟି କମ୍ୟୁନିଟି ରେଡିଓ ଷ୍ଟେଶନ୍‌ରେ 'ପୋଷଣ ଅଭିଯାନ' ନାମକ ଏକ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଶିଶୁଙ୍କଠାରେ ପୋଷଣ ତାରତମ୍ୟ ହ୍ରାସକରିବା ଓ ଅଭିବୃଦ୍ଧି ବଜାୟ ରଖିବା ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୨ ସୁଦ୍ଧା ୦-୬ ବର୍ଷର ଶିଶୁଙ୍କ ପୋଷଣ ତାରତମ୍ୟକୁ ୩୮.୪%ରୁ ୨୫%କୁ ହ୍ରାସ କରିବା। ଏଭଳି ମହତ ଉଦ୍ଦେଶ୍ୟ ନେଇ ଏହି କମ୍ୟୁନିଟି ରେଡିଓ ଷ୍ଟେଶନଗୁଡିକ ଆସନ୍ତା ସେପ୍ଟେମ୍ବର ମାସରୁ ପୋଷଣ ମାହ(ପୋଷଣ ମାସ) ମାଧ୍ୟମରେ ସଚେତନତା ସୃଷ୍ଟି କରିବେ।

## 'କେରଳ ବନ୍ୟା ପାଇଁ ଗୋହତ୍ୟା ଦାୟୀ'

ବେଙ୍ଗାଲୁରୁ, ୨୬।୮(ପି.ଟି.)

**ଭାଜପା ବିଧାୟକ**



ବିବାଦୀୟ ମନ୍ତବ୍ୟ ପାଇଁ ପରିଚିତ କର୍ଣ୍ଣାଟକର ଭାଜପା ବିଧାୟକ ବାସନଗୌଡ଼ା ପାଟିଲ ୟତ୍‌ନାଲ ପୁଣିଥରେ ଆପତ୍ତିଜନକ ମନ୍ତବ୍ୟ ଦେଇ ଚର୍ଚ୍ଚା ପରିସରକୁ ଆସିଛନ୍ତି। କେରଳ ବନ୍ୟା ପାଇଁ ୟତ୍‌ନାଲ ଗୋହତ୍ୟାକୁ ଦାୟୀ କରିଛନ୍ତି। ସେ କହିଛନ୍ତି, କେରଳରେ ଲୋକେ ଖୋଲାଖୋଲି ଭାବେ ଗୋହତ୍ୟା କରିଥିଲେ। ପରିଣାମ କ'ଣ ହେଲା। ବର୍ଷେ ନ ପୂରୁଣୁ ରାଜ୍ୟରେ ପ୍ରଳୟଙ୍କରୀ ବନ୍ୟା ସୃଷ୍ଟି ହେଲା। ଯେ କେହି ବି ହିନ୍ଦୁ ଧର୍ମୀୟ ଭାବନା ସହ କୁଠାରାଘାତ କରିବ ଏଭଳି ପରିଣାମ ଭୋଗିବାକୁ ପଡ଼ିବ। ଗାଈ ସହ ହିନ୍ଦୁଙ୍କ ଧର୍ମୀୟ ଭାବନା ଜଡ଼ିତ ଏବଂ ଏହାକୁ କେହି ଆଘାତ ଦେଇପାରିବେ ନାହିଁ ବୋଲି ସେ କହିଛନ୍ତି।

## ଫୁର୍‌ସତ

### ମୁଦ୍ରାରେ ପତ୍ନୀଙ୍କୁ ୧୦ ହଜାର ଡଲାର ଭରଣପୋଷଣ

**ସୋଲୋ:** ଇଣ୍ଡୋନେସିଆର ଜଣେ ସରକାରୀ କର୍ମଚାରୀ ତାଙ୍କ ପୂର୍ବତନ ପତ୍ନୀଙ୍କୁ ଭରଣପୋଷଣ ବାବଦ ମୁଦ୍ରା ଆକାରରେ ୧୦,୫୦୦ ଆମେରିକୀୟ ଡଲାର ପ୍ରଦାନ କରିଛନ୍ତି। ଗୁରୁବାର ଦ୍ୱି ସୁଶୀଲାର୍ତ୍ତୋ ନାମକ ଏହି ବ୍ୟକ୍ତି ୧୫୩ ନିୟୁତଟି ରୁପିୟା (୧୦,୫୦୦ ଡଲାର)କୁ ୧୨ଟି ଥଳିରେ ଭର୍ତ୍ତିକରି କୋର୍ଟରେ ଆସି ପହଞ୍ଚିଥିଲେ। ମୁଦ୍ରା ଥଳିଗୁଡ଼ିକର ମୋଟ ଓଜନ ୮୯୦ କିଲୋଗ୍ରାମ୍ (୧୯୬୦ ପାଉଣ୍ଡ) ଥିଲା ବୋଲି ତାଙ୍କ ଓକିଲ କହିଛନ୍ତି। ବିପୁଳ ପରିମାଣ ମୁଦ୍ରାକୁ ଦେଖିବା ପରେ ପୂର୍ବତନ ପତ୍ନୀଙ୍କ ଓକିଲ ବିରକ୍ତିଭାବ ପ୍ରକାଶ କରିଥିଲେ। କାରଣ ଏହାକୁ ଗଣନା କରିବା ଏତେ ସହଜ ନ ଥିଲା। ମୁଦ୍ରାଥଳିଆଗୁଡ଼ିକୁ ଏକ ହୁଇଲବାରୋରେ ଲଦା ଯାଇଥିଲା। ଏହାକୁ ୩ ଜଣ ଠେଲିଠେଲି କୋର୍ଟକୁ ଆଣିଥିଲେ। ତେବେ ଖୁଚୁରା ମୁଦ୍ରା ଦେଇ ପୂର୍ବତନ ପତ୍ନୀ ହେର୍ମି ସତ୍ୟୱତୀଙ୍କୁ ଅପମାନିତ କରାଯାଉଥିବା କଥା ସୁଶୀଲାର୍ତ୍ତୋଙ୍କ ଓକିଲ ଅସ୍ୱୀକାର କରିଥିଲେ।

### ୧୫ ବର୍ଷ ସମ୍ପୂର୍ଣ୍ଣ କଲା ସ୍ପିଜର ଟେଲିସ୍କୋପ୍



**ୱାଶିଂଟନ୍:** ନାସା ଦ୍ୱାରା ପ୍ରେରିତ ସ୍ପିଜର ସ୍ପେସ୍ ଟେଲିସ୍କୋପ୍ ମହାକାଶରେ ଏହାର ପର୍ଯ୍ୟବେକ୍ଷଣ ୧୫ ବର୍ଷ ସମ୍ପୂର୍ଣ୍ଣ କରିଛି। 'ଗ୍ରେଟ୍ ଅବଜରଭେଟୋରି' କାର୍ଯ୍ୟରେ ମୁତୟନ ଟେଲିସ୍କୋପ୍ ମଧ୍ୟରେ ଏହା ସବୁଠୁ ଛୋଟ। ମହାକାଶରେ ବୃହତ୍ ପର୍ଯ୍ୟବେକ୍ଷଣ କାର୍ଯ୍ୟ ପାଇଁ ନିୟୋଜିତ ଅନ୍ୟ ୩ଟି ଟେଲିସ୍କୋପ୍ ହେଲା-ହବଲ୍ ସ୍ପେସ୍ ଟେଲିସ୍କୋପ୍, ଦି କ୍ରମ୍ପଟନ୍ ଗାମା ରେ ଅବ୍‌ଜରଭେଟୋରି(ସିଜିଆରଓ) ଏବଂ ଚନ୍ଦ୍ର ଏକ୍ସ-ରେ ଅବ୍‌ଜରଭେଟୋରି। ଆଲୋକର ବିଭିନ୍ନ ୱେଭ୍‌ଲେଙ୍ଗ୍‌ଥରେ ବ୍ରହ୍ମାଣ୍ଡର ଫଟୋଚିତ୍ର ଉତ୍ତୋଳନ ପାଇଁ ଏଗୁଡିକର ଡିଜାଇନ୍ ପ୍ରସ୍ତୁତ କରାଯାଇଛି।

୨୦୦୩ ଅଗଷ୍ଟ ୨୫ରେ ସ୍ପିଜରକୁ ମହାକାଶକୁ ପଠାଯାଇଥିଲା। ଏହା ୨.୫ ବର୍ଷ କାର୍ଯ୍ୟ କରିବ ବୋଲି ଧରି ନିଆଯାଇଥିଲା। କିନ୍ତୁ ଏହି ସ୍ପେସ୍ ଟେଲିସ୍କୋପ୍ ଧାର୍ଯ୍ୟ ଅବଧି ଅପେକ୍ଷା ଅଧିକ ବର୍ଷ ତିଷ୍ଠିପାରିଥିବା ଆମେରିକାର ମହାକାଶ ଗବେଷଣା ସଂସ୍ଥା ପକ୍ଷରୁ କୁହାଯାଇଛି। ଦୀର୍ଘ ୧୫ବର୍ଷ କାର୍ଯ୍ୟ କରିବା ମଧ୍ୟରେ ସ୍ପିଜର ବ୍ରହ୍ମାଣ୍ଡ ସମ୍ପର୍କରେ ବୈଜ୍ଞାନିକଙ୍କୁ ଅନେକ ତଥ୍ୟ ପ୍ରଦାନ କରିଥିବା ନାସା ଆଷ୍ଟ୍ରୋଫିଜିକ୍ସ ଡିଭିଜନ୍ ନିର୍ଦ୍ଦେଶକ ପଲ୍ ହର୍ଜ ପ୍ରକାଶ କରିଛନ୍ତି। ସ୍ପିଜର ବିଭିନ୍ନ ମହାଜାଗତିକ ଘଟଣାବଳୀର ସମ୍ପୂର୍ଣ୍ଣ ସ୍ୱଷ୍ଟଚିତ୍ର ପଠାଇବାରେ ସମର୍ଥ ହୋଇଛି। ଏହା ଦୀର୍ଘ ୧୫ବର୍ଷ ମଧ୍ୟରେ ୧,୦୬,୦୦୦ ଘଣ୍ଟା ପର୍ଯ୍ୟବେକ୍ଷଣ ଜାରି ରଖିଥିଲା। ପର୍ଯ୍ୟବେକ୍ଷଣ କାଳରେ ବ୍ରହ୍ମାଣ୍ଡରେ କେତେକ ଗାଲାକ୍ସିର ସ୍ୱଷ୍ଟଚିତ୍ର ଉତ୍ତୋଳନ କରିବା ସହିତ ଶନିର ଚତୁର୍ଦ୍ଦିଗରେ ଏକ ନୂଆ ବଳୟ ଠାବ କରିଥିଲା।

### ଇତିହାସର ଆଇନାରେ

**ଅଗଷ୍ଟ ୨୭ର ପ୍ରମୁଖ ଘଟଣା**

୧୮୯୭ ଅଗଷ୍ଟ ୨୭ରେ ବ୍ରିଟେନ୍ ଓ ଜାଞ୍ଜିବର ମଧ୍ୟରେ ଆଙ୍ଗ୍ଲୋ-ଜାଞ୍ଜିବର ଯୁଦ୍ଧ ଘଟିଥିଲା। ଏହି ମାତ୍ର ୪୦ ମିନିଟ୍ ପାଇଁ ଘଟିଥିବା ଯୋଗୁ ଏହାକୁ ବିଶ୍ୱ ଇତିହାସର କ୍ଷୁଦ୍ରତମ ଯୁଦ୍ଧ ବୋଲି କୁହାଯାଏ। ବ୍ରିଟିଶ୍ ସମର୍ଥକ ସୁଲ୍‌ତାନ ହମାଦ ବିନ୍ ଥୁୱାଇନି ଅଗଷ୍ଟ ୨୫ରେ ପ୍ରାଣ ହରାଇବା ପରେ ତାଙ୍କ ସ୍ଥାନରେ ସୁଲ୍‌ତାନ ଖାଲିଦ୍ ବିନ ବାରଘାସ ଦାୟିତ୍ୱ ନେଇଥିଲେ। ଖାଲିଦ୍ ବ୍ରିଟିଶ କର୍ତ୍ତୃପକ୍ଷଙ୍କ କଥା ନମାନିବାରୁ ସେନା ରାଜପ୍ରାସାଦକୁ ଆକ୍ରମଣ କରିଥିଲା।

୨୦୦୦ ମସିହା ଅଗଷ୍ଟ ୨୭ରେ ରୁଷିଆର ମସ୍କୋଠାରେ ଥିବା ୫୪୦ ମିଟର ଓସ୍ତାଙ୍କିନୋ ଟାୱାରରେ ଅଗ୍ନିକାଣ୍ଡରେ ୪ ପ୍ରାଣ ହରାଇଥିଲେ। ଅଗ୍ନିକାଣ୍ଡ ପ୍ରଭାବରେ ସମଗ୍ର ମସ୍କୋ ସହରରେ ରେଡିଓ ଓ ଟେଲିଭିଜନ ସେବା ବାଧାପ୍ରାପ୍ତ ହୋଇଥିଲା। ଟାୱାରର ୪୫୮ ମିଟର ତଥା ଅବଜର୍ଭେଶନ ପ୍ଲାଟଫର୍ମ ୯୮ ମିଟର ଉଚ୍ଚରେ ନିଆଁ ଲାଗିଥିଲା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୬ | ୨୫.୨ |
| ଚାନ୍ଦବାଲି | ୨୯.୫ | ୨୫.୭ |
| କଟକ | ୨୭.୫ | ୨୪.୫ |
| ପାରାଦ୍ୱୀପ | ୨୮.୧ | ୨୬.୩ |
| ଭୁବନେଶ୍ୱର | ୨୬.୪ | ୨୪.୯ |
| ଗୋପାଳପୁର | ୨୭.୦ | ୨୩.୩ |
| ପୁରୀ | ୨୭.୬ | ୨୪.୯ |
| ଅନୁଗୋଳ | ୨୭.୧ | ୨୩.୦ |
| ବାରିପଦା | ୩୨.୬ | ୨୬.୫ |
| ଝାରସୁଗୁଡ଼ା | ୨୯.୫ | ୨୪.୫ |
| କେନ୍ଦୁଝର | ୨୯.୪ | ୨୩.୨ |
| ସମ୍ବଲପୁର | ୨୬.୬ | ୨୧.୩ |
| ସୁନ୍ଦରଗଡ଼ | ୩୨.୦ | ୧୮.୦ |
| ହୀରାକୁଦ | ୨୭.୪ | ୨୦.୫ |
| ତାଳଚେର | ୩୦.୪ | ୨୪.୬ |
| ଭବାନୀପାଟଣା | ୨୪.୦ | ୨୩.୦ |
| ବଲାଙ୍ଗୀର | ୨୪.୫ | ୨୩.୦ |
| କୋରାପୁଟ | ୨୧.୪ | ୧୯.୬ |
| ଫୁଲବାଣୀ | --- | ୧୯.୦ |
| ଟିଟିଲାଗଡ଼ | ୨୭.୫ | ୨୧.୦ |
| ମାଲକାନଗିରି | ୨୬.୫ | ୨୫.୫ |
| ସୋନପୁର | ୨୫.୦ | ୨୧.୬ |
| ଦାରିଙ୍ଗିବାଡ଼ି | ୨୩.୦ | ୧୮.୦ |
| ଢେଙ୍କାନାଳ | --- | ୨୫.୬ |

ଡିଗ୍ରୀ ସେଲ୍‌ସିୟସ୍

## ବିକ୍ରି ହେବ ଆର୍.କେ. ଷ୍ଟୁଡିଓ

**ମୁମ୍ବାଇ:** ବିକ୍ରି ହେବ ଆଇକନିକ୍ ଆର୍.କେ. ଷ୍ଟୁଡିଓ। ପୁନରୁଦ୍ଧାର ସମ୍ଭବ ହୋଇପାରୁ ନ ଥିବାବେଳେ ଷ୍ଟୁଡିଓକୁ ବିକ୍ରି କରିବା ଲାଗି ଏହାର ମାଲିକ କପୁର ପରିବାର ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ମହାରାଷ୍ଟ୍ରର ବମ୍ବେଠାରେ ଥିବା ଏହି ଐତିହାସିକ ଷ୍ଟୁଡିଓ ୭୦ ବର୍ଷ ପୂର୍ବେ ପ୍ରତିଷ୍ଠା କରାଯାଇଥିଲା। ଗତବର୍ଷ ଷ୍ଟୁଡିଓରେ ନିଆଁ ଲାଗିବା ପରେ ଏହାର ବ୍ୟାପକ କ୍ଷତି ହୋଇଥିଲା। ଏହାସହ ଆର୍ଥିକ ଦୃଷ୍ଟିକୋଣରୁ ଏହା ସେତେଟା ଲାଭଦାୟକ ମଧ୍ୟ ନୁହେଁ। ଫଳରେ ଅଗ୍ନିକାଣ୍ଡ ପରେ ଏହାର ପୁନରୁଦ୍ଧାର କରିବା ଲାଗି ଅନିଚ୍ଛା ପ୍ରକାଶ କରି ଷ୍ଟୁଡିଓ ବିକ୍ରି କରିବା ଲାଗି କପୁର ପରିବାର ନିଷ୍ପତ୍ତି ନେଇଥିବା କୁହାଯାଉଛି। ୧୯୪୮ରେ କିମ୍ବଦନ୍ତୀ କଳାକାର ରାଜ କପୁରଙ୍କ ଦ୍ୱାରା ମୁମ୍ବାଇର ଚେମ୍ବୁର ଅଞ୍ଚଳରେ ଏହାର ପ୍ରତିଷ୍ଠା ହୋଇଥିଲା। ଷ୍ଟୁଡିଓର ପୁନରୁଦ୍ଧାର ଲାଗି ଗତବର୍ଷ ଅଭିନେତା ରିଷି କପୁର ଇଚ୍ଛାପ୍ରକାଶ କରିଥିଲେ। କିନ୍ତୁ ଏହା ସମ୍ଭବପର ନୁହେଁ ବୋଲି ତାଙ୍କ ଭାଇ ରଣଧୀର କପୁର କହିଥିଲେ। ଏହି ଐତିହାସିକ ଷ୍ଟୁଡିଓରେ ଅନେକ ବ୍ଲକ୍‌ବଷ୍ଟର୍ ହିନ୍ଦୀ ଫିଲ୍ମ ଶୁଟିଂ ହୋଇଛି। ଆର୍‌କେ ବ୍ୟାନ୍‌ରେ ନିର୍ମିତ ଫିଲ୍ମଗୁଡ଼ିକ ମଧ୍ୟରେ ରହିଛି 'ଆଗ୍', 'ବର୍‌ସାତ୍', 'ଆୱାରା', 'ଶ୍ରୀ ୪୨୦', 'ଜିସ୍ ଦେଶ୍ ମେଁ ଗଙ୍ଗା ବେହ୍‌ତୀ ହେ', 'ମେରା ନାମ୍ ଜୋକର୍', 'ବବି', 'ସତ୍ୟମ୍ ଶିବମ୍ ସୁନ୍ଦରମ୍', 'ରାମ ତେରୀ ଗଙ୍ଗା ମୈଲୀ ହୋ ଗୟୀ'। ଏଠାରେ ଶେଷଥର ପାଇଁ ରିଷି କପୁରଙ୍କ ନିର୍ଦ୍ଦେଶିତ 'ଆ ଅବ୍ ଲୌଟ୍ ଚଲେଁ' ଫିଲ୍ମର ଶୁଟିଂ ହୋଇଥିଲା।




ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ଅଗଷ୍ଟ ୨୭/୨୦୧୮ Sambalpur, Monday, August 27/ 2018 | ପୃଷ୍ଠା-୧



## ମହିଳା ୪୦୦ ମିଟର ହର୍ଡଲ୍ସ ଫାଇନାଲରେ ଜଉନା

ଏସିଆନ୍ ଗେମ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଜଉନା ମୁର୍ମୁ ମହିଳା ୪୦୦ ମିଟର ହର୍ଡଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ୧୨

୦୩ 'ହାପି ଫିର୍ ଭାଗ୍ ଜାଏଗି'ରେ ସୋନାକ୍ଷୀଙ୍କ ସହିତ କାମ କରିବା ଖୁବ୍ ମଜାଦାର। ସେ ଖୁବ୍ ସକାରାତ୍ମକ ଏବଂ ବାସ୍ତବବାଦୀ ବୋଲି ଅଭିନେତ୍ରୀ ଡାଏନା ପେଣ୍ଟି ବର୍ଣ୍ଣନା କରିଛନ୍ତି।





Dutee Chand
Sports Personality

**PLEDGE 'PLASTIC-FREE' ODISHA**

#PlasticFreeOdisha

ଧରିତ୍ରୀ DHARITRI TEAM

02 OCTOBER

## ସଂକ୍ଷେପରେ

### ୪ ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ,୨୬।୮:ଜମ୍ମୁ-କଶ୍ମୀରରୁ ନିୟନ୍ତ୍ରଣରେଖା (ଏଲ୍ଓସି) ଦେଇ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)କୁ ଫେରୁଥିବା ବେଳେ ରବିବାର ସୁରକ୍ଷା ବଳ ହାତରେ ଧରାପଡ଼ିଛନ୍ତି ୪ ଆତଙ୍କବାଦୀ। ଅନ୍ୟପକ୍ଷରେ ସେମାନଙ୍କୁ ବାଟ ବତାଉଥିବା ୩ ଆତଙ୍କବାଦୀ ଖସିପଳାଇବାରେ ସକ୍ଷମ ହୋଇଥିବା ଜଣେ ସେନା ଅଧିକାରୀ ସୂଚନା ଦେଇଛନ୍ତି। କୁପୱାଡା ଜିଲାର କାଲାରୁସ୍‌ରେ ଅଲ୍ ବଦର୍ ସଙ୍ଗଠନର ୪ ନୂଆ ଆତଙ୍କବାଦୀ ଓ ସେମାନଙ୍କ ୩ ଗାଇଡ୍ ଏଲ୍ଓସି ଡେଇଁ ପିଓକେକୁ ଯିବା ପାଇଁ ଯୋଜନା କରୁଥିବା ସେନାକୁ ଗୋଇନ୍ଦା ସୂଚନା ମିଳିଥିଲା। ସେନା ପକ୍ଷରୁ ରବିବାର ସକାଳେ ତଲାସି ଅଭିଯାନ ଆରମ୍ଭ କରାଯାଇଥିଲା। କିଛି ସମୟର ଗୁଳି ବିନିମୟ ପରେ ୪ ଆତଙ୍କବାଦୀ ଆତ୍ମସମର୍ପଣ କରିଥିଲେ। ହେଲେ ଅନ୍ୟ ୩ ଜଣ ଖସିପଳାଇବାରେ ସକ୍ଷମ ହୋଇଥିଲେ। ଫେରାର ଆତଙ୍କବାଦୀଙ୍କୁ ଧରିବା ପାଇଁ ତଲାସି ଅଭିଯାନକୁ ଜୋରଦାର କରାଯାଇଛି। ଗିରଫ ଆତଙ୍କବାଦୀଙ୍କଠାରୁ ଅସ୍ତ୍ରଶସ୍ତ୍ର ଓ କେତେକ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି।

# ଜନ୍ ମ୍ୟାକ୍‌କେନ୍‌ଙ୍କ ପରଲୋକ

ନ୍ୟୁୟର୍କ/ନୂଆଦିଲ୍ଲୀ, ୨୬।୮(ପି.ଟି.)

ଆମେରିକା ରାଜନୈତିକ ଦୃଶ୍ୟପଟ୍ଟର ବହୁଚର୍ଚ୍ଚିତ ଚେହେରା ତଥା ପ୍ରଭାବଶାଳୀ ପୂର୍ବତନ ସିନେଟର୍ ଜନ୍ ମ୍ୟାକ୍‌କେନ୍‌ଙ୍କ ୮୧ ବର୍ଷ ବୟସରେ ପରଲୋକ ହୋଇଛି। ଭିଏତ୍‌ନାମ ଯୁଦ୍ଧ ହିରୋ ମ୍ୟାକ୍‌କେନ୍ ଦୀର୍ଘଦିନ ହେଲା ଜଟିଳ ମସ୍ତିଷ୍କ କର୍କଟ ରୋଗରେ ପୀଡ଼ିତ ଥିଲେ। ସ୍ଥାନୀୟ ସମୟ ଶନିବାର ଅପରାହ୍ନ ୪ଟା ୨୮ ମିନିଟ୍‌ରେ ଏଠାକାର ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିବା ପରିବାର ପକ୍ଷରୁ



ଜନ୍ ମ୍ୟାକ୍‌କେନ୍

**ଭଲବନ୍ଧୁଙ୍କୁ ହରାଇଲା ଭାରତ: ମୋଦି**

ସୂଚନା ଦିଆଯାଇଛି। ୨୦୧୭ରୁ ତାଙ୍କର ଚିକିତ୍ସା ଚାଲିଥିଲା। କିନ୍ତୁ ଶୁକ୍ରବାର ତାଙ୍କ ଶରୀର ଡାକ୍ତରୀ ଉପଚାର ପ୍ରତି ପ୍ରତିକ୍ରିୟାଶୀଳ ହେଉ ନ ଥିବା ପରିବାର ସଦସ୍ୟ ପ୍ରକାଶ କରିଥିଲେ। ଆରିଜୋନା ଆସନରୁ ୬ ଥର ଆମେରିକା ସିନେଟ୍‌ରେ ପ୍ରତିନିଧିତ୍ୱ କରିଥିଲେ ମ୍ୟାକ୍‌କେନ୍। ଭିଏତ୍‌ନାମ ଯୁଦ୍ଧବେଳେ ଜଣେ ଯୁବ ନୌସେନା ଅଧିକାରୀ ଭାବେ ସେ ସାମିଲ ହୋଇଥିଲେ। ଉତ୍ତର ଭିଏତ୍‌ନାମରେ ଗିରଫ ହେବା ପରେ ସେଠାକାର ସେନା ତାଙ୍କୁ ଦୀର୍ଘ ୫ ବର୍ଷ ଯାଏ ଜଟିଳ ନିର୍ଯାତନା ଦେଇଥିଲା। ସେ ଥିଲେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ଜଣେ ପ୍ରମୁଖ ସମାଲୋଚକ। ଏପରି କି ତାଙ୍କ ଅନ୍ତିମ ସତ୍କାରରେ ଟ୍ରମ୍ପ ସାମିଲ ହେବେ ନାହିଁ ବୋଲି ମ୍ୟାକ୍‌କେନ୍ ମୃତ୍ୟୁପୂର୍ବରୁ ସ୍ପଷ୍ଟ କରି ପୃଷ୍ଠା-୨

# ଦମ୍ ଦେଖାଇଲେ ଦୂତୀ

## ମହିଳା ୧୦୦ ମିଟରରେ ଜିତିଲେ ରୌପ୍ୟ ପଦକ

ଭୁବନେଶ୍ୱର, ୨୬।୮ (କ୍ରୀଡ଼ା ପ୍ରତିନିଧି)

ଭାରତର ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ନିଜ ଜାଜ୍ୱଲ୍ୟମାନ କ୍ୟାରିୟରରେ ଆଉ ଏକ ସଫଳତା ଫର୍ଦ୍ଦ ଯୋଡ଼ିଛନ୍ତି। ଜାକର୍ତ୍ତାରେ ଚାଲିଥିବା ଏସିଆନ ଗେମ୍ସର ମହିଳା ୧୦୦ ମିଟର ରେସ୍‌ରେ ରୌପ୍ୟ ପଦକ ଜିତି ଦେଶ ଓ ରାଜ୍ୟକୁ ଗର୍ବିତ କରିଛନ୍ତି ଏହି ତାରକା ଆଥଲେଟ୍। ଯୋଗ୍ୟତା ପର୍ଯ୍ୟାୟରେ ୧୧.୩୮, ସେମିଫାଇନାଲରେ ୧୧.୪୩ ସେକେଣ୍ଡ ସମୟ ନେଇଥିବା ଦୂତୀ ଫାଇନାଲ ବେଳକୁ କିନ୍ତୁ ଚମତ୍କାର ପ୍ରଦର୍ଶନ କରି ୧୧.୩୨ ସେକେଣ୍ଡ ସମୟ ସହ ରୌପ୍ୟ ପଦକ ହାସଲ କରିଛନ୍ତି। ଫାଇନାଲରେ ଦୂତୀ ବାହାରିନ୍‌ର ଓଡିଅଙ୍ଗ ଇଡିଡିଅଙ୍ଗଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଇଡିଡିଅଙ୍ଗ ୧୧.୩୦ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅର୍ଥାତ୍ ୧୧.୨୯ ସେକେଣ୍ଡ ସହ ଜାତୀୟ ରେକର୍ଡର ଅଧିକାରିଣୀ ଦୂତୀ ଯଦି ଶ୍ରେଷ୍ଠ ପ୍ରଦର୍ଶନ ଦେଇ ପାରିଥାନ୍ତେ ତେବେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ପାରିଥାନ୍ତେ। ତେବେ ମହିଳା ୧୦୦ ମିଟର ରେସ୍‌ରେ ଦୀର୍ଘ ୨୦ ବର୍ଷର ପଦକ ଶୂନ୍ୟତାକୁ ଭାଙ୍ଗି ରାଜ୍ୟକୁ ଗର୍ବିତ କରିଛନ୍ତି ଯାଜପୁର ଚକା ଗୋପାଳପୁରର ଦୂତୀ। ଏସିଆନ ଗେମ୍ସର



କୌଣସି ବ୍ୟକ୍ତିଗତ ଇଭେଣ୍ଟରେ ଓଡ଼ିଶା ପାଇଁ ଏହା ଶ୍ରେଷ୍ଠ ସଫଳତା। ପୂର୍ବରୁ ୧୯୯୮ ବ୍ୟାଙ୍କକ୍ ଏସିଆନ ଗେମ୍ସରେ ରଚିତା ମିସ୍ତ୍ରି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ତାହା ଏପର୍ଯ୍ୟନ୍ତ ଓଡ଼ିଶା ପାଇଁ କୌଣସି ବ୍ୟକ୍ତିଗତ ଇଭେଣ୍ଟରେ ଶ୍ରେଷ୍ଠ ସଫଳତା ହୋଇ ରହିଥିଲା। ସେତେବେଳେ ରଚିତା ୧୧.୪୧ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବ୍ୟକ୍ତିଗତଭାବେ ଦେଖିବାକୁ ଗଲେ ଦୂତୀଙ୍କ ପାଇଁ ମଧ ଏହା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ। ୨୦୧୭ ଜୁଲାଇ ୬ରୁ ୯ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଦୂତୀ ୧୦୦ ମିଟରରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

ଏସିଆନ ଗେମ୍ସରେ ସଫଳତା ପାଇଁ ଦୂତୀଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଦୂତୀ ପାଇଁ ପ୍ରତିଟି ଓଡ଼ିଆ ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ ନିଜ ଶୁଭେଚ୍ଛା ବାର୍ତ୍ତାରେ ପ୍ରକାଶ କରିଛନ୍ତି। ପୃଷ୍ଠା-୨

**ଏସିଆନ ଗେମ୍ସ**

- ଯୋଗ୍ୟତା ପର୍ଯ୍ୟାୟ ୧୧.୩୮ ସେକେଣ୍ଡ
- ସେମିଫାଇନାଲ ୧୧.୪୩ ସେକେଣ୍ଡ
- ଫାଇନାଲ ୧୧.୩୨ ସେକେଣ୍ଡ

## ଆଜିର ସମ୍ପାଦକୀୟ

ଗ୍ରହଣ କର

## ଆଜିର ମନ୍ତବ୍ୟ

"ଏକକାଳୀନ ନିର୍ବାଚନକୁ ନେଇ ବିତର୍କ ଗଣତନ୍ତ୍ର ପାଇଁ ସୁସ୍ଥ ସଙ୍କେତ।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଅନ୍ତର୍ଗତ ଚାଇଲ୍ଡଲାଇନ୍ ଶିଶୁଙ୍କୁ ନିର୍ଯାତନା ସମ୍ପର୍କିତ ପାଖାପାଖି ୮୦ ହଜାର ଫୋନ୍ କଲ୍ ଗ୍ରହଣ କରିଛି।
–ଚାଇଲ୍ଡଲାଇନ୍ ଇଣ୍ଡିଆ

# ଗଙ୍ଗାଧର କବିତା ବୋଲିଲେ ୨ଲକ୍ଷ ଛାତ୍ରୀଛାତ୍ର

ବରଗଡ଼ ଅଫିସ୍,୨୬।୮

ରବିବାର ଥିଲା ଶ୍ରାବଣ ପୂର୍ଣ୍ଣିମା ଅର୍ଥାତ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ । ରଙ୍ଗାଜୀବ ଗଙ୍ଗାଧର ବରଗଡ଼ ଜିଲା ବରପାଲିର ପବିତ୍ର ମାଟିରେ ଜନ୍ମଗ୍ରହଣ କରିଥିବାରୁ ଏଥର ସମ୍ପୂର୍ଣ୍ଣ ନିଆରା ଢଙ୍ଗରେ ପାଳିତ ହୋଇଥିଲା ଏହି ଜୟନ୍ତୀ ସମାରୋହ। ଛୁଟି ଦିବସ ସତ୍ତ୍ୱେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରଥମଥର ପାଇଁ ଜିଲାର ସମସ୍ତ ୨୧୫୪ଟି ପ୍ରାଥମିକ ସ୍କୁଲରୁ ଆରମ୍ଭ କରି ହାଇସ୍କୁଲ ପର୍ଯ୍ୟନ୍ତ ଏହି ଜୟନ୍ତୀ ସମାରୋହ ପାଳିତ ହୋଇଥିଲା ଏବଂ ପ୍ରତି ସ୍କୁଲର ସମୁଦାୟ ୨ଲକ୍ଷ ୧୭ହଜାର ୫୯୯ ଛାତ୍ରୀଛାତ୍ର ଗୋଟିଏ ସମୟରେ ଏକ ସ୍ୱରରେ କବି ଗଙ୍ଗାଧରଙ୍କ ରଚିତ ବିଶ୍ୱ ଜୀବନ ହେ, ମଙ୍ଗଳେ ଅଇଲା ଉଷା, ବିଶ୍ୱଦେଖ ମଧୁମୟ ଏବଂ ଜନ୍ମଦାତ୍ରୀ ମାତୃଭୂମି କବିତା ବୋଲିଥିଲେ ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ,



ଛାତ୍ରୀଛାତ୍ର ଏକସ୍ୱରରେ କବି ଗଙ୍ଗାଧର ରଚିତ ଗୀତ ଗାଉଛନ୍ତି ।

ପ୍ରତ୍ୟେକ ସ୍କୁଲର ଛାତ୍ରୀଛାତ୍ର ସକାଳ ସାଢ଼େ ୮ଟା ସୁଦ୍ଧା ନିଜ ସ୍କୁଲକୁ ପହଞ୍ଚିଥିଲେ ଏବଂ କବି ଗଙ୍ଗାଧରଙ୍କ ପ୍ରତିଛବିରେ ଶ୍ରଦ୍ଧାସୁମନ ଅର୍ପଣ କରି କବିତାଗୁଡ଼ିକୁ ବୋଲିଥିଲେ । ଏଥିରେ ବରଗଡ଼ ବ୍ଲକ ଓ ପୌରାଞ୍ଚଳର ୨୮ହଜାର ୭୮୭, ଅମ୍ବାଭୋନା ବ୍ଲକର ୧୨ହଜାର ୩୩୫, ଅତାବିରା ବ୍ଲକ ଓ ଏନଏସିର ୧୮ହଜାର ୬୩୩, ବରପାଲି ବ୍ଲକ ଓ ଏନଏସିର ୨୪ହଜାର ୪୨୮, ବିଜେପୁର ବ୍ଲକ ଓ ଏନଏସିର ୧୮ହଜାର ୭୩୫, ଗାଇସିଲେଟ ବ୍ଲକର ୧୪ହଜାର ୩୩୫, ଝାରବନ୍ଧ ବ୍ଲକର ୧୩ହଜାର ୭୨୮, ପାଇକମାଳ ବ୍ଲକର ପୃଷ୍ଠା-୨

# ୨୪ ଘଣ୍ଟା ପ୍ରବଳ ବର୍ଷିବ

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

- ଘନୀଭୂତ ହେଲା ଲଘୁଚାପ
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ପଶ୍ଚିମବଙ୍ଗ ଏବଂ ଉତ୍ତର ଓଡ଼ିଶାର ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇଛି। ରବିବାର ରାତି ସାଢ଼େ ୮ଟା ସୁଦ୍ଧା ଲଘୁଚାପ ଘନୀଭୂତ ହୋଇ ଉତ୍ତର ଉପକୂଳ ଓଡ଼ିଶା ପାଖାପାଖି ପଶ୍ଚିମବଙ୍ଗ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେତେକ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ରବିବାରରୁ ସୋମବାର ସକାଳ ସାଢ଼େ ୮ଟା ମଧ୍ୟରେ ୭ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବଜ୍ରପାତ ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ସେସବୁ ଜିଲାଗୁଡିକ ହେଲା, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ଗଞ୍ଜାମ, ବରଗଡ, ସମ୍ବଲପୁର ଏବଂ ଦେବଗଡ। ସେହିପରି ଏହାର ପରବର୍ତ୍ତି ୨୪ ଘଣ୍ଟା ଅର୍ଥାତ ସୋମବାର ସକାଳ ସାଢ଼େ ୮ଟାରୁ ମଙ୍ଗଳବାର ସକାଳ ସାଢ଼େ ୮ଟା ଭିତରେ ବରଗଡ, ଝାରସୁଗୁଡା, ସୁନ୍ଦରଗଡ, ନୂଆପଡା, ନବରଙ୍ଗପୁର, ସମ୍ବଲପୁର ଏବଂ କେନ୍ଦୁଝର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସହ ବଜ୍ରପାତ ହେବ। ଏଥିସହିତ ଉତ୍ତର ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ଜାଗାରେ ପ୍ରବଳ ବର୍ଷା ହେବ। ଏଭଳି ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଲଘୁଚାପ ଯୋଗୁ ସମୁଦ୍ର ଅଶାନ୍ତ ରହିବ। ଏହି ସମୟରେ ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ନ ଯିବାକୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି। ଲଘୁଚାପ ଯୋଗୁ ମୌସୁମୀ ବାୟୁ ସକ୍ରିୟ ହୋଇଛି। ଫଳରେ ରବିବାର ସକାଳେ ଆକାଶରେ କଳାବାଦଲ ଘୋଟି ଆସିଥିଲା। ଦିନତମାମ ତୁହାକୁ ତୁହା ଝିପିଝିପି ବର୍ଷା ହୋଇଥିଲା। ସେପଟେ ରାଜ୍ୟର ପୃଷ୍ଠା-୨



1800 313 1212
Muthoot Finance
A Muthoot M George Enterprise | Since 1887

BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in : Gold, Diamond & Silver
Gold 24 CT - ₹ 30,500/- 10gm.
Gold 22 CT - ₹ 29,500/- 10gm.
Silver Rate - ₹ 380/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE 26.08.2018 Venco Fresh Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 62 | 109 | 119 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers

## କେନ୍ଦ୍ରରେ ଖାଲିପଡ଼ିଛି ବହୁ ପ୍ରଶାସନିକ ପଦବୀ

# ବାବୁ ମରୁଡ଼ିରୁ ବିକାଶରେ ବାଧା

ନୂଆଦିଲ୍ଲୀ,୨୬।୮

ବିଭିନ୍ନ ମନ୍ତ୍ରଣାଳୟରେ ବାବୁ ମରୁଡ଼ି ଦେଖାଦେଇଛି। କେନ୍ଦ୍ର ସରକାରଙ୍କ ଅଧୀନରେ 'ଏ' ଗ୍ରେଡ୍‌ର ୧୫,୨୮୪ ଏବଂ 'ବି' ଗ୍ରେଡ୍‌ର ୨୬,୩୧୦ ପଦବୀ ଖାଲି ପଡ଼ିଛି। ଏହି ଉଚ୍ଚ ପ୍ରଶାସନିକ ପଦବୀଗୁଡ଼ିକ ପୂରଣ ହୋଇ ପାରୁ ନ ଥିବାରୁ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ବିକାଶ କାର୍ଯ୍ୟ ପାଇଁ ନିଷ୍ପତ୍ତି ନେବାରେ ବିଳମ୍ବ ହେଉଛି। ଫଳରେ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ।

କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ ବହୁସଂଖ୍ୟକ ପଦପଦବୀ ଖାଲି ପଡ଼ିଛି। ତନ୍ମଧ୍ୟରେ ରହିଛି ୧,୪୪୯ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଏବଂ ୯୭୦ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ପଦବୀ। ଗ୍ରୁପ୍ 'ଏ' ବର୍ଗର ୧୧୭,୨୮୫ ପଦବୀ ମଞ୍ଜୁର ହୋଇଥିବାବେଳେ ବର୍ତ୍ତମାନ ୧୦୧,୯୦୧ କର୍ମଚାରୀ ରହିଛନ୍ତି। ସେହିପରି ଗ୍ରୁପ୍ 'ବି' ବର୍ଗର ମଞ୍ଜୁର ପଦବୀ ସଂଖ୍ୟା ୧୩୬,୦୭୯ ହୋଇଥିବାବେଳେ ସେଥିରୁ ୧୦୯,୭୬୯ କର୍ମଚାରୀ ନିଯୁକ୍ତ ଅଛନ୍ତି। ଅର୍ଥାତ୍ 'ଏ' ଗ୍ରେଡ୍‌ର ୧୫,୨୮୪ ଏବଂ 'ବି' ଗ୍ରେଡ୍‌ର ୨୬,୩୧୦ ଗେଜେଟେଡ୍ ଅଧିକାରୀ ପଦବୀ ଖାଲିପଡ଼ିଛି।

ପ୍ରାୟ ସବୁ ରାଜ୍ୟ କ୍ୟାଡରର ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ସ୍ତରରେ ପଦବୀ ଖାଲିପଡ଼ିଛି। ସେଥିମଧ୍ୟରୁ ଉତ୍ତରପ୍ରଦେଶ (ୟୁପି), ବିହାର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଝାଡ଼ଖଣ୍ଡ ଓ କର୍ଣ୍ଣାଟକରେ ଏହି ସମସ୍ୟା ସବୁଠୁ ଅଧିକ। ୟୁପିରେ ୬୨୧, ବିହାର ୩୪୨ ଓ ଝାଡ଼ଖଣ୍ଡରେ ୨୧୫ ଆଇଏଏସ୍ ପଦବୀ ପାଇଁ ମଞ୍ଜୁର ହୋଇଛି। ହେଲେ ସେଠାରେ ଯଥାକ୍ରମେ ୫୧୧, ୨୩୫ ଓ ୧୪୦ ଆଇଏଏସ୍ ଅଧିକାରୀ ନିଯୁକ୍ତ ଅଛନ୍ତି। ଅନୁରୂପ ଭାବେ ତାମିଲନାଡୁରେ ୩୭୬ ଆଇଏଏସ୍ ପଦବୀ ମଞ୍ଜୁର ହୋଇଥିବାବେଳେ ୩୧୩ ଏବଂ କର୍ଣ୍ଣାଟକରେ ୩୧୪ରୁ ୨୨୦ ଅଧିକାରୀ ରହିଛନ୍ତି।



ଏତେ ସଂଖ୍ୟାର ଅଭାବ ସତ୍ତ୍ୱେ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା କେନ୍ଦ୍ରୀୟ ଲୋକ ସେବା ଆୟୋଗ(ୟୁପିଏସ୍‌ସି) ପକ୍ଷରୁ ମୋଟ ୭୮୨ ଆଇଏଏସ୍, ଆଇଏଫ୍ଏସ୍ ଏବଂ ଆଇପିଏସ୍ ଅଧିକାରୀଙ୍କ ନିଯୁକ୍ତି ନେଇ ଗତ ଫେବୃୟାରୀରେ ପ୍ରକାଶିତ ଏକ ବିଜ୍ଞପ୍ତିରେ ଘୋଷଣା କରାଯାଇଥିଲା। ଗତବର୍ଷ ମୋଟ ୯୮୦ ଅଧିକାରୀଙ୍କୁ ନିଯୁକ୍ତି ଦେଇଥିବା ୟୁପିଏସ୍‌ସି ପକ୍ଷରୁ ଘୋଷଣା କରାଯାଇଥିଲା, ଯାହାକି ବିଗତ ୫ ବର୍ଷରେ ସବୁଠୁ କମ। କେନ୍ଦ୍ର ଓ ରାଜ୍ୟଗୁଡ଼ିକରେ ଏଭଳି ପ୍ରଶାସନିକ ପଦବୀଗୁଡ଼ିକ ଦୀର୍ଘସମୟ ଧରି ଖାଲି ରହୁଥିବାରୁ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇ ପାରୁନାହିଁ। ଫଳରେ ଶାସନ ପ୍ରକ୍ରିୟା ପ୍ରଭାବିତ ହେଉଛି ବୋଲି କାର୍ମିକ, ସାଧାରଣ ଅଭିଯୋଗ ଏବଂ ଆଇନ ଓ ନ୍ୟାୟ ସମ୍ପର୍କିତ ସ୍ଥାୟୀ କମିଟି ଏହାର ରିପୋର୍ଟରେ ଗତବର୍ଷ ଦର୍ଶାଇଥିଲା। ଏଥିସହ ତୁରନ୍ତ ସେଗୁଡ଼ିକୁ ପୂରଣ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବାକୁ ଉକ୍ତ କମିଟି କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲା। ଏଥିପାଇଁ ନୂତନ ନିଯୁକ୍ତି ପ୍ରଦାନ ସକାଶେ କେନ୍ଦ୍ର ସରକାର ୟୁପିଏସ୍‌ସି ଏବଂ ଷ୍ଟାଫ୍ ସିଲେକ୍ସନ ପୃଷ୍ଠା-୨

## ଚିକିତ୍ସା ଅବହେଳା ଅଭିଯୋଗ

# ଗର୍ଭବତୀଙ୍କ ମୃତ୍ୟୁ, ଆର୍‌ଜିଏଚ୍‌ରେ ଉତ୍ତେଜନା



ଉତ୍ତେଜନା ପରେ ଡେପୁଟି ସିଏମ୍ଓ ମୃତକଙ୍କ ସମ୍ପର୍କୀୟଙ୍କ ସହ ଆଲୋଚନା କରୁଛନ୍ତି।

ରାଉରକେଲା ଅଫିସ,୨୬।୮

ଚିକିତ୍ସାରେ ଅବହେଳା ଯୋଗୁ ଶନିବାର ବିଳମ୍ବିତ ରାତିରେ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)କୁ ଚିକିତ୍ସା ପାଇଁ ଆସିଥିବା ଜଣେ ଗର୍ଭବତୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ତାଙ୍କ ନାଁ ବାମା କିଷାନ (୨୭)। ସେ ଆର୍‌ଏମ୍‌ସି ୧୦ନଂ ୱାର୍ଡ ମାଲଗୋଦାମ ଅଞ୍ଚଳ ବାସିନ୍ଦା। ଏଥିସହ ବାମାଙ୍କ ଗର୍ଭସ୍ଥ ସନ୍ତାନର ମଧ ମୃତ୍ୟୁ ହୋଇଛି। ପୃଷ୍ଠା-୨



ଚୋରା ନିଶାଦ୍ରବ୍ୟ କାରବାର ପାଇଁ ଆମେରିକାର ଏକ ରେଷ୍ଟୁରାଣ୍ଟରେ ଡ୍ରଗ୍ସ ମାଫିଆ କରିଥିବା ୬ ଶହ ଫୁଟ ଲମ୍ବ ସୁଡ଼ଙ୍ଗକୁ ସିଲ୍ କରିଛି ପୋଲିସ। ଏହି ସୁଡ଼ଙ୍ଗ ଆରିଜୋନାସ୍ଥିତ ଏହି ରେଷ୍ଟୁରାଣ୍ଟରୁ ଆରମ୍ଭ ହୋଇ ମେକ୍ସିକୋ ସୀମାରେ ଶେଷ ହୋଇଥିବା ପୋଲିସ ସୂଚିତ କରିଛି। ରେଷ୍ଟୁରାଣ୍ଟ ମାଲିକ ଡ୍ରଗ୍ସ ସହିତ ଧରାପଡ଼ିବା ପରେ ତଦନ୍ତ ସମୟରେ ଏ ସମ୍ପର୍କରେ ସୂଚନା ମିଳିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଆଦି
ପରିବାରବର୍ଗ


ପ୍ରାଚି
ପରିବାରବର୍ଗ


ଶର୍ଭାରିଶ
ପରିବାରବର୍ଗ


ଶୋହନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ମାଛକୁଣ୍ଡ ଡ୍ୟାମ୍‌ର ୪ ଗେଟ୍ ଖୋଲିଲା

କୋରାପୁଟ,୨୬।୮(ସ୍ୱ.ପ୍ର.)-କୋରାପୁଟ ଜିଲାରେ ବର୍ତ୍ତମାନ ପ୍ରବଳ ବର୍ଷା ଜାରି ରହିଥିବାବେଳେ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପର ଡି ଡ୍ୟାମରେ ଜଳସ୍ତର ୨୭୮୯ ଫୁଟକୁ ବୃଦ୍ଧି ପାଇଛି। ଫଳରେ ରବିବାର ସକାଳ ୧୦ଟାରୁ ଅପରାହ୍ନ ୧ଟା ୩୦ ଭିତରେ ପ୍ରକଳ୍ପ କର୍ତ୍ତୃପକ୍ଷ ୪ଟି ଗେଟ୍ ଖୋଲିଛନ୍ତି। ଡି ଡ୍ୟାମର ୫, ୬, ୭ ଓ ୮ ନମ୍ବର ଗେଟ୍ ଖୋଲାଯାଇ ପ୍ରତି ମିନିଟରେ ୧୬ ହଜାର କ୍ୟୁସେକ ଜଳ ନିଷ୍କାସନ କରାଯାଉଛି । ଡି ଡ୍ୟାମର ବିପଦସଙ୍କେତ ୨୭୯୦ ଫୁଟ ରହିଥିବା ବେଳେ ରବିବାର ଏହି ଜଳସ୍ତର ୨୭୮୯ ଫୁଟ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ଶତଭିଷା ନକ୍ଷତ୍ରରେ ରହି ମନରେ ଧାର୍ମିକ ଭାବନା ଉଦ୍ରେକ କରିବେ। ସକାଳୁ ସକାଳୁ ପ୍ରୀତିପଦ ଯାତ୍ରା କରିବାର ଅପୂର୍ବ ସୁଯୋଗ ଲାଭ କରିପାରନ୍ତି। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ ଓ ସମ୍ପନ୍ନ ମଧ୍ୟ କରିବେ। ବନ୍ଧୁମାନଙ୍କ ସହ ଖୁସି ମିଜାଜରେ ସମୟ ଅତିବାହିତ ହେବ।

**ବୃଷ** ଶନି କର୍ମସ୍ଥାନକୁ ଦେଖିଲେ ମଧ୍ୟ କେତୁ ନକ୍ଷତ୍ରସ୍ଥ ହେତୁ କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ନ ହୋଇପାରେ। ପରିବାର ଚାପର ସମ୍ମୁଖୀନ ହୋଇ ମୂଳଲକ୍ଷ୍ୟକୁ ପାସୋରି ଦେଇ ପାରନ୍ତି। କଳା, ସାହିତ୍ୟ, ନୃତ୍ୟ,ସଙ୍ଗୀତ, ଲେଖାପଢ଼ା, ଗବେଷଣା କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ମିଥୁନ** ସ୍ୱନକ୍ଷତ୍ରସ୍ଥ ବୁଧ ଧନସ୍ଥାନରେ ରାହୁଯୁକ୍ତ ହେତୁ ବନ୍ଧୁଙ୍କ ପ୍ରେରଣା ଓ ପରାମର୍ଶରେ ଅର୍ଥ ସମ୍ପର୍କିତ ସମସ୍ୟାର ସମାଧାନ କରିବେ। କର୍ମକ୍ଷେତ୍ରରେ ସ୍ଥଗିତ ରହିଥିବା କାମଗୁଡ଼ିକୁ ପୂର୍ଣ୍ଣ କରିବା ସକାଶେ ଦୃଢ଼ ପଦକ୍ଷେପ ନେଇ ପାରନ୍ତି। ନୂତନ ଗୃହ, ଯାନବାହନ କିଣିବା ସକାଶେ ମନ ବଳାଇ ପାରନ୍ତି। ଆତ୍ମୀୟମାନଙ୍କ ସହଯୋଗରେ ଦୂରଯାତ୍ରା କରିପାରନ୍ତି।

**କର୍କଟ** ବିଶାଖା ନକ୍ଷତ୍ରରେ ବୃହସ୍ପତି ରାଶିର ଚତୁର୍ଥସ୍ଥ ହୋଇ ପାରିବାରିକ ଓ କର୍ମକ୍ଷେତ୍ର ସମସ୍ୟା ସମାଧାନରେ ସାହାଯ୍ୟ କରିବେ। ସଭାସମିତି, ଆନୁଷ୍ଠାନିକ କାମ ଓ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଫଳପ୍ରଦ ହେବ। ଶିଳ୍ପ, ହୋଟେଲ ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ପାରିବାରିକ ଶାନ୍ତି ଅବ୍ୟାହତ ରଖିବାକୁ ଚେଷ୍ଟା କରି ସଫଳ ହେବେ।

**ସିଂହ** ରାଶ୍ୟାଧିପ ରବି ସ୍ୱଗୃହସ୍ଥ ହେଲେ ମଧ୍ୟ ପାପଗ୍ରହ କେତୁଯୁକ୍ତ କାରଣରୁ କାମଗୁଡ଼ିକ ଗୋଳମାଳିଆ ରହିବ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ କଳହର ଆଶଙ୍କା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଆତ୍ମୀୟଙ୍କ ସାହାଯ୍ୟ ଆଶାକରି ନିରାଶ ହେବାକୁ ପଡ଼ିପାରେ। ପିଲାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ।

**କନ୍ୟା** ଧନଭାଗ୍ୟାଧିପ ଶୁକ୍ର ନୀଚସ୍ଥ ହୋଇ ତୃତୀୟ ଅଷ୍ଟମାଧିପତି ନକ୍ଷତ୍ରରେ ରହିଥିବାରୁ କୌଣସି କାମ ସହଜ ଓ ଶୃଙ୍ଖଳିତ ଭାବରେ ହୋଇପାରିବ ନାହିଁ। ପରିବାରରେ ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ନ ଦେଇ ନିଜ ବିଚାରବୁଦ୍ଧି ଅନୁଯାୟୀ କାମ କରିବା ଭଲ ହେବ। କୁଟୀରଶିଳ୍ପ, ଆମଦାନୀ କାରବାର ପ୍ରାୟତଃ ଭଲରେ ଚାଲିବ।

**ତୁଳା** ଧନସପ୍ତମାଧିପତି ମଙ୍ଗଳ ମିତ୍ର ରବିଙ୍କ ନକ୍ଷତ୍ରସ୍ଥ ହେତୁ ଆଜି ଯାହା କରିବାକୁ ଯାଉଛନ୍ତି ସେଥିରେ ସଫଳତା ଅବଶ୍ୟମ୍ଭାବୀ। ନୀଚରାଶିସ୍ଥ ଶୁକ୍ର ବ୍ୟୟଭାବରେ ରହିଥିବାରୁ ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ଜନିତ ମାନସିକ ସ୍ଥିରତା ଠିକ୍ ରହି ନ ପାରେ। ଈର୍ଷାପରାୟଣ ବନ୍ଧୁମାନେ ସାଧାରଣ କଥାକୁ ଅତିରଞ୍ଜିତ କରି ଅପପ୍ରଚାର ଚଳାଇ ପାରନ୍ତି।

**ବିଛା** ଆଜି ସାତୋଟି ସ୍ଥାନରେ ଗ୍ରହମାନେ ଦାମିନୀ ଯୋଗ ସୃଷ୍ଟି କରୁଥିବାରୁ ଆନୁଷଙ୍ଗିକ ସହଯୋଗ ଲାଭକରି କାମ ହାସଲ କରିବେ। ବ୍ୟବସାୟ ଦିଗଟି ମନ୍ଦ ହେବନି, ମାତ୍ର ଋଣ ପରିଶୋଧ କରିବା ଦିଗରେ ସଫଳତା ପାଇବେ ନାହିଁ। ପିଲାମାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେବେ। କେତେକ କ୍ଷେତ୍ରରେ ପରିସ୍ଥିତିକୁ ସମ୍ଭାଳିବା କଷ୍ଟକର ହୋଇପାରେ।

**ଧନୁ** ଅଷ୍ଟମାଧିପତି ତୃତୀୟରେ ଶନିଙ୍କ ଦୃଷ୍ଟିରେ ରହିଥିବାରୁ କୌଣସି ପଡ଼ୋଶିନୀ କିମ୍ବା ବିଜାତୀୟ ମହିଳାଙ୍କ ଦ୍ୱାରା ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଆକସ୍ମିକ ଆବଶ୍ୟକତାକୁ ପୂରଣ କରିବା ଦିଗରେ ସମ୍ପର୍କୀୟ ଜଣେ ବନ୍ଧୁ ଆର୍ଥିକ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ସଭାସମିତି, ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଦିନଟି ଭଲ।

**ମକର** ମଙ୍ଗଳ ଉଚ୍ଚସ୍ଥାନରେ ରହିଥିବାରୁ ପାରିବାରିକ ଜୀବନ ସୁଖ,ସ୍ୱାଚ୍ଛନ୍ଦ୍ୟରେ କଟିବ। ନୂତନ ଯାନବାହନ, ଜମିଜମା, ଗୃହନିର୍ମାଣ, ମୂଲ୍ୟବାନ୍ ଜିନିଷ କ୍ରୟ କରିବା ଦିଗରେ ମନ ବଳାଇବେ। ଶୁଭେଚ୍ଛୁମାନଙ୍କ ନିମନ୍ତ୍ରଣ ପାଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ସପ୍ତମାଧିପତି ସ୍ୱଭାବରୁ ଅଷ୍ଟମସ୍ଥ ହେତୁ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି,ପ୍ରତିଦ୍ୱନ୍ଦ୍ୱିତା ଓ ବିବାଦରେ ଅପଦସ୍ଥ ହେବାକୁ ପଡିପାରେ।

**କୁମ୍ଭ** ଚନ୍ଦ୍ରଙ୍କ ପ୍ରଭାବରେ ସମ୍ପର୍କୀୟ ବ୍ୟକ୍ତିମାନେ ମୁହଁରେ ବନ୍ଧୁତ୍ୱର କଥା କହିଲେ ମଧ୍ୟ ପଛରେ ସମାଲୋଚନା ଓ ବିରୁଦ୍ଧାତ୍ମକ କଥା କହିବେ। ଚତୁର୍ଥାଧିପତି ଦୁର୍ବଳ ହେତୁ ପାରିବାରିକ କଳହ ଓ ଭୁଲବୁଝାମଣା ଜନିତ ଅଶାନ୍ତିର ଆଶଙ୍କା ରହିଛି। ବ୍ୟବସାୟ,ପରିବହନ, ମାଲିମକଦ୍ଦମା, ଦୂରଯାତ୍ରା ଓ ପ୍ରତିଯୋଗିତାରେ ବିଶେଷ ସଫଳତା ମିଳି ନ ପାରେ।

**ମୀନ** ଆଜି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ହିତୈଷୀମାନଙ୍କ ପରାମର୍ଶ ନେବା ଭଲ ହେବ। କର୍ମକ୍ଷେତ୍ରରେ ଲକ୍ଷ୍ୟହାସଲ ଦିଗରେ ଅନୁଧାବନ କରିପାରନ୍ତି। ପାରିବାରିକ ଜୀବନ, ବାଣିଜ୍ୟ, ବ୍ୟବସାୟ, ବନ୍ଧୁଙ୍କ ଆଲୋଚନା ଓ ସଭାସମିତି ଦିଗରେ ଆଶା ପୂରଣ ହେବାରେ କୌଣସି ପ୍ରତିବନ୍ଧକ ରହିବନାହିଁ।

ଆଜି ଭାଦ୍ରବ କୃଷ୍ଣ ପ୍ରତିପଦା ସୋମବାର, ଅଗଷ୍ଟ ୨୭ ତାରିଖ, ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ଶେଷ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୧ମି. ମଧ୍ୟେ, ଦିବା ଘ୧।୫୧ମି. ଗତେ ଘ୨।୪୪ମି. ମଧ୍ୟେ, ଘ୪।୪୪ମି. ଗତେ ଘ୬।୨୩ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୯ମି. ଗତେ ଘ୧୦।୦୩ମି. ମଧ୍ୟେ ମାହେନ୍ଦ୍ରବେଳା । ସକାଳ ଘ୭।୦୭ମି. ଗତେ ଘ୮।୪୧ମି. ମଧ୍ୟେ ରାହୁକାଳ।

# classified


real estate


healthcare

### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

**3BHK duplex 38 Lakh near Balianta, residential plot near KIIT, Jagannath Temple, Trisulia, Trinath Bazar, Janal. 8249065546, 9938340505, 9040033905.** D-63590

Immediate ready for construction land at Rasulgarh near Hitech square (NH-5) @16,20,000/- 9437033320. D-63576

ଭୁବନେଶ୍ୱରର ଅରଗୁଳ **IIT** ନିକଟରେ ଘରଉପଯୋଗି ଜାଗା **sqft.- 180/-ରେ ମିଳୁଛି। Indramani Parida: 9938737955.** D-63586

Bhubaneswar ପିତାପଲ୍ଲିଠାରେ NHରୁ 700 mtr. ଦୂରତାରେ boundary wall campus ମଧ୍ୟରେ 30' ରାସ୍ତା ଥାଇ demarcated sthitiban plot ବିକ୍ରିହେବ। 9337110700, 9692619663. D-63575

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

BBSR opening newly ayurvedic full body massage ladies & gents. 7438851534, 7609923705. D-38523

All type of massage and good therapy full body massage Sai herbal spa. 7609005923. D-64201

### GENERAL

### SALE

Skill development food processing training module machinery sale, Bhubaneswar. 9438865754. D-63833

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ୬ଷ୍ଠ ଜନ୍ମବାର୍ଷିକୀ ଶୁଭେଚ୍ଛା


(ଶ୍ରଦ୍ଧା)
**ସୋନମ୍ ପ୍ରିୟଦର୍ଶିନୀ**
ଖଣ୍ଡିତର, କୁଆଖିଆ, ଯାଜପୁର

ଶୁଭ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା। ମା' ସମଲେଇଙ୍କ କୃପାରୁ ତୋର ଆଗାମୀ ଦିନ ମଙ୍ଗଳମୟ ଓ ଦୀର୍ଘ ଜୀବନ ପ୍ରାର୍ଥନା କରୁଛୁ। ଜେଜେମା, ଅଜା, ଆଈ, ବାପା, ମମି, ମାମୁଁ, ବଡ଼ବାପା, ବଡ଼ମା, ଶୁଭେଚ୍ଛା ସହ ବନ୍ଧୁ ଓ ପରିବାରବର୍ଗ। ଧ-୬୨୪୩୫

## ବାଇକ୍ ଅଟକାଇ ସଶସ୍ତ୍ର ଡକାୟତି, ୨ ଗିରଫ

ବସ୍ତା,୨୬।୮(ସ୍ୱ.ପ୍ର.)

ସିଂଲା ଥାନା ଅନ୍ତର୍ଗତ ଇଡ଼ିଦା-ବଡ଼ାଣ ରାସ୍ତାରେ ବାଇକ ଅଟକାଇ ଡକାୟତି ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି। ଶନିବାର ରାତିରେ ଏହି ରାସ୍ତାରେ ଇଡ଼ିଦା ଗାଁର ପୂର୍ଣ୍ଣଚନ୍ଦ୍ର ମୈକାପ ବାଇକରେ ଘରକୁ ଫେରୁଥିଲେ। ସେହି ଗାଁର ବୁଲା ଦାସ, କାର୍ତ୍ତିକ ଦାସ ଓ କୁଶଡିହା ଗାଁର ଶିବା ପାତ୍ର ଏକ ବାଇକ୍ (ନଂ.ଓଡ଼ି୦୧ଡବ୍ଲୁ ୧୯୨୯) ଦ୍ୱାରା ବାଟ ଓଗାଳିଥିଲେ। ମୈକାପ ଅଟକି ଯିବା କ୍ଷଣି ଅଭିଯୁକ୍ତମାନେ ଭୁଜାଲି ଓ ଲୁହାରଡ ଦେଖାଇ ହତ୍ୟା ଧମକ ଦେଇ ତାଙ୍କଠାରୁ ୫, ୨୦୦ଟଙ୍କା ଓ ସୁନାମୁଦି ଲୁଟି ନେଇଥିଲେ। ଏନେଇ ମୈକାପ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା (ନଂ. ୧୬୮/୧୮) ରୁଜୁ କରି ଅଭିଯୁକ୍ତ ବୁଲା ଓ କାର୍ତ୍ତିକଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଲୁଟ୍ ଟଙ୍କା, ମୁଦି ଓ ବାଇକ ଜବତ କରିଛି।

## ପ୍ରଥମ ପୃଷ୍ଠାରୁ...

### ଗଙ୍ଗାଧର କବିତା ...

୧୬ହଜାର ୩୧୮, ପଦ୍ମପୁର ବ୍ଲକ ଓ ଏନଏସିର ୧୮ହଜାର ୧୨୮ ଏବଂ ସୋହେଲା ବ୍ଲକର ୧୭ହଜାର ୫୩୫ ଛାତ୍ରୀଛାତ୍ର ଭାଗ ନେଇଥିଲେ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଶିକ୍ଷାରମ୍ଭ କରିଥିବା ସ୍ଥାନୀୟ ଟାଉନ ହାଇସ୍କୁଲ ଏବଂ ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ବରପାଲି ବାଳିକା ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କ ସହିତ ସାମିଲ ହୋଇ ଗୀତ ବୋଲିଥିଲେ ।

କାର୍ଯ୍ୟକ୍ରମ ପୂର୍ବରୁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜୋରଦାର ପ୍ରସ୍ତୁତି ହୋଇଥିଲା। ସଙ୍ଗୀତ ନିର୍ଦ୍ଦେଶକ ନବ ମହନ୍ତଙ୍କ ନିର୍ଦ୍ଦେଶନାରେ କବିଙ୍କ ଗୀତ ଗୁଡ଼ିକୁ ସଙ୍ଗୀତ ରୂପ ଦିଆଯାଇ କ୍ୟାସେଟ ମଧ୍ୟ ପ୍ରସ୍ତୁତ ହୋଇଥିଲା ଏବଂ କ୍ୟାସେଟ ଗୁଡ଼ିକୁ ଜିଲାର ପ୍ରତ୍ୟେକ ସ୍କୁଲକୁ ପଠାଯାଇଥିଲା। ତାକୁ ଆଧାର କରି ଛାତ୍ରୀଛାତ୍ର ଗୀତ ଅଭ୍ୟାସ କରିଥିଲେ । ସେହିପରି ସୋମବାର ବରଗଡ଼ର ସୌଖୀନ ରଙ୍ଗମଞ୍ଚରେ କବି ଗଙ୍ଗାଧରଙ୍କ ରଚିତ ପ୍ରଣୟବଲ୍ଲରୀକୁ ନେଇ ଛାତ୍ରୀଛାତ୍ର ଗୀତିନାଟ୍ୟ ସମେତ ଓଡ଼ିଶୀ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି । ଏହି ପରିପ୍ରେକ୍ଷୀରେ ସକାଳୁ ବରଗଡ଼ ନିଶାମଣି ହାଇସ୍କୁଲ ପଡ଼ିଆରେ ସମବେତ ହୋଇ ଛାତ୍ରୀଛାତ୍ର ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ସୌଖୀନ ରଙ୍ଗମଞ୍ଚକୁ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି ।

### ଦମ୍ ଦେଖାଇଲେ ...

ରେସ୍ ପୂର୍ବରୁ ମହିଳା ୧୦୦ ମିଟରରେ ଟାଇଟଲ ଫେଭରାଇଟ ବିବେଚିତ ହେଉଥିବା ଚାଇନାର ୱେଙ୍ଗଲି ୱେଇ କିନ୍ତୁ ୧୧.୩୩ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲେ। ବାହାରିନର ହାଜାର ଆଲଖାଲଦି ୧୧.୩୮, ଚାଇନାର ଲିଆଙ୍ଗ ଜିଆଓଜିଙ୍ଗ ୧୧.୪୨, କାଜାଖସ୍ତାନର ଓଲ୍‌ଗା ସାଫ୍ରୋନୋଭା ୧୧.୪୩, ଉଜବେକିସ୍ତାନର ନିଗିନା ଶାରିପୋଭା ୧୧.୪୫ ଓ ମାଲେସିଆର ଜୁଲକିଫଲି ଜାଇଦାତୁଲ ହୁସନିଆ ୧୧.୬୧ ସେକେଣ୍ଡ ସମୟ ନେଇ ପଛକୁ ପଛ ରହିଥିଲେ। ଓଡ଼ିଶାର ଜଉନା ମୁର୍ମୁ ୪୦୦ ମିଟର ହର୍ଡଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ୫୯.୨୦ ସେକେଣ୍ଡ ସମୟ ନେଇଥିଲେ। ସୋମବାର ଏହି ଇଭେଣ୍ଟର ଫାଇନାଲ ରେସ୍ ଅନୁଷ୍ଠିତ ହେବ।

### ବାବୁ ମରୁଡ଼ିରୁ ...

କମିଶନ (ଏସ୍‌ଏସ୍‌ସି)କୁ ଅନୁରୋଧ କରିଥିବା ଜଣାପଡ଼ିଛି। ସେହିପରି ଖାଲିଥିବା ପଦବୀଗୁଡ଼ିକ ପୂରଣ କରିବା ପାଇଁ ନିୟମିତ ଭାବେ ବିଭାଗୀୟ ପଦୋନ୍ନତି କମିଟି ବୈଠକ କରିବାକୁ ସମସ୍ତ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି।

### ୨୪ ଘଣ୍ଟା...

କେତେକ ସ୍ଥାନରେ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ରେକର୍ଡ କରିଛି। ଅପରାହ୍ନ ସାଢ଼େ ୫ଟା ସୁଦ୍ଧା ଟିଟିଲାଗଡରେ ସର୍ବାଧିକ ୧୦୫ ମିମି ବର୍ଷା ରେକର୍ଡ କରାଯାଇଛି। ଭବାଣୀପାଟଣାରେ ୭୮ ମିମି, ବଲାଙ୍ଗୀରରେ ୬୭ ମିମି, ଚାନ୍ଦବାଲିରେ ୪୪ ମିମି, ସୋନପୁରରେ ୩୦ ମିମି, ପାରାଦୀପରେ ୨୯ ମିମି, ଝାରସୁଗୁଡାରେ ୧୯ ମିମି, ପୁରୀରେ ୧୬ ମିମି, ବାଲେଶ୍ୱରରେ ୧୫ ମିମି ଏବଂ ଭୁବନେଶ୍ୱରରେ ୪.୯ ମିମି ବର୍ଷା ରେକର୍ଡ କରାଯାଇଛି।

### ଜନ୍ ମ୍ୟାକ୍‌କେନ୍‌ଙ୍କ ...

ଦେଇଥିଲେ। ୨୦୧୬ ନିର୍ବାଚନରେ ଟ୍ରମ୍ପଙ୍କୁ ସେ ଦୃଢ଼ ବିରୋଧ କରିଥିଲେ।

ଜନ୍ ସିଡ୍‌ନୀ ମ୍ୟାକ୍‌କେନ୍ ତୃତୀୟ ୧୯୩୬ ଅଗଷ୍ଟ ୨୯ରେ ପାନାମା କେନାଲ୍ ଜୋନ୍‌ରେ ଜନ୍ମଗ୍ରହଣ କରିଥିଲେ। ପରିବାରର ଅଧିକାଂଶ ସଦସ୍ୟ ସେନାରେ ସାମିଲ ଥିଲେ ଏବଂ ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧରେ ଭାଗ ନେଇଥିଲେ। ମ୍ୟାକକେନ୍ ଥିଲେ ଭାରତର ଜଣେ ପ୍ରକୃତ ବନ୍ଧୁ। ୨୦୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୱାଶିଂଟନ ଗସ୍ତ ବେଳେ ଏକ ସମ୍ପାଦକୀୟରେ ଲେଖିଥିଲେ, ଭାରତ ଏବଂ ଆମେରିକାର ଦ୍ୱିପାକ୍ଷିକ ସମ୍ପର୍କ ବିକାଶୋନ୍ମୁଖୀ ସ୍ୱାର୍ଥ ଏବଂ ସମ୍ମାନ ସଦୃଶ, ଯାହା କେବଳ ଅତି ନିକଟତର ବନ୍ଧୁ ଏବଂ ସହଯୋଗୀ ଦେଶ ସହ ରହିଥାଏ। ଦୁଇଦେଶର ସମ୍ପର୍କ ଉଲ୍ଲେଖନୀୟ। ଆମେରିକା ସିନେଟର ଭାବେ ସେ ଯେତିକି ଦେଖିଛନ୍ତି ଅଳ୍ପ କେତେକ ରାଷ୍ଟ୍ର ଖୁବ୍ କମ୍ ସମୟ ମଧ୍ୟରେ ଦେଶର ଉତ୍କର୍ଷ ସମ୍ମାନର ହକ୍‌ଦାର ହୋଇପାରିଛନ୍ତି, ତାହା ମଧ୍ୟରେ ରହିଛି ଭାରତ।

ମ୍ୟାକ୍‌କେନ୍‌ଙ୍କ ପରଲୋକରେ ଶୋକର ଛାୟା ଖେଳିଯାଇଛି। ଦେଶବିଦେଶର ଶୋକର ସୁଅ ଛୁଟିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ତାଙ୍କ ପୂର୍ବସୂରୀ ବାରାକ୍ ଓବାମା, ଜର୍ଜ ଡବ୍ଲ୍ୟୁ. ବୁଶ୍, ବହୁ ରାଜନେତା ଏବଂ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ସମଗ୍ର ହଲିଉଡ୍ ଜଗତରୁ ଛୁଟି ଆସିଛି ଶୋକର ବାର୍ତ୍ତା। ଭାରତ ଆଜି ନିଜର ଜଣେ ଶ୍ରେଷ୍ଠ ବନ୍ଧୁଙ୍କୁ ହରାଇଛି ବୋଲି ପ୍ରଧାନମନ୍ତ୍ରୀ ମୋଦି ଶୋକ ପ୍ରକାଶ କରିଛନ୍ତି।

### ଗର୍ଭବତୀଙ୍କ ମୃତ୍ୟୁ...

ଏନେଇ ରବିବାର ସକାଳ ୧୦ଟାରେ ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ବସ୍ତିବାସିନ୍ଦା ଡାକ୍ତରଖାନାରେ ପହଞ୍ଚି ପାଟିତୁଣ୍ଡ କରିବା ସହ ଚିକିତ୍ସାରେ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଉତ୍ତ୍ୟକ୍ତ ବସ୍ତିବାସିନ୍ଦାଙ୍କୁ ଡାକ୍ତରଖାନା ଉପମୁଖ୍ୟ ଚିକିତ୍ସାଧିକାରୀ ଡା. ଏସ୍. କବିଶତପଥୀ ବୁଝାଶୁଝା କରିବା ସହ ଦିନେ ଦୁଇଦିନ ମଧ୍ୟରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ଅଭିଯୋଗ ଅନୁଯାୟୀ, ବାମାଙ୍କୁ ଶନିବାର ରାତି ପ୍ରାୟ ୧୧ଟାରେ ଡାକ୍ତରଖାନା ଅଣାଯାଇଥିଲା। ତାଙ୍କ ସ୍ୱାମୀ ହରିଶ୍ଚନ୍ଦ୍ର ପାତ୍ର ଓ ଅନ୍ୟ କେତେଜଣ ସମ୍ପର୍କୀୟ ତାଙ୍କ ସାଙ୍ଗରେ ଆସିଥିଲେ। ହରିଶ୍ଚନ୍ଦ୍ର ବାମାଙ୍କୁ ମେଡିକାଲ ବାରଣ୍ଡାରେ ବସାଇ ଡାକ୍ତରଙ୍କୁ ଡାକିବାକୁ ଆସିଥିଲେ। ତେବେ ଡାକ୍ତର ନାହାନ୍ତି, ପରେ ଆସିବେ ବୋଲି ସେଠାରେ ନିୟୋଜିତ ନର୍ସ କହିଥିଲେ। ଏଣେ ଗର୍ଭ ଯନ୍ତ୍ରଣାରେ ବାରଣ୍ଡାରେ ପଡ଼ି ଛଟପଟ ହେଉଥିଲେ ବାମା। କିଛି ସମୟ ପାଟିତୁଣ୍ଡ ପରେ ଡାକ୍ତର ଶୋଇଛନ୍ତି, ଡାକି ଦେଉଛି ବୋଲି ନର୍ସ ଜଣକ କହିଥିଲେ। ସେତେବେଳକୁ ବାମାଙ୍କ ଅବସ୍ଥା ଗୁରୁତର ହୋଇ ପଡ଼ିଥିଲା। ହରିଶ୍ଚନ୍ଦ୍ର ଓ ଅନ୍ୟ ସମ୍ପର୍କୀୟମାନେ ଦେଖିବାକୁ ପାଇଥିଲେ ଯେ ବିଭାଗୀୟ ଡାକ୍ତର ମଶାରି ଟାଣି ଆରାମରେ ଶୋଇଛନ୍ତି। ବହୁ ଖୋସାମତ ପରେ ଡାକ୍ତର ରୋଗୀଙ୍କ ନିକଟରେ ଆସି ପହଞ୍ଚିଥିଲେ। ସେତେବେଳକୁ ବାମାଙ୍କ ମୃତ୍ୟୁ ହୋଇସାରିଥିଲା। ଡାକ୍ତର ପରୀକ୍ଷା ନିରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ। ବାମାଙ୍କ ଏମିତି ଅକାଳ ମୃତ୍ୟୁକୁ ନେଇ କାନ୍ଦି କାନ୍ଦି ଧୈର୍ଯ୍ୟହରା ହୋଇପଡ଼ିଥିଲେ ହରିଶ୍ଚନ୍ଦ୍ର ଓ ସମ୍ପର୍କୀୟ। ଖବରପାଇ ବସ୍ତିବାସିନ୍ଦା ସକାଳେ ମେଡିକାଲରେ ପହଞ୍ଚିଥିଲେ। ପ୍ରବଳ ହୋହଲ୍ଲା ଆରମ୍ଭ ହୋଇଥିଲା। ଶେଷରେ ସ୍ଥାନୀୟ ଫାଣ୍ଡି ଅଧିକାରୀଙ୍କ ସମେତ ଡେପୁଟି ସିଏମ୍‌ଓ ଡା. କବିଶତପଥୀ ଘଟଣାରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ସମ୍ପର୍କରେ ଡା. କବିଶତପଥୀଙ୍କୁ ପଚାରିବାରୁ ସେ କହିଲେ ବାରଣ୍ଡାରେ ପଡ଼ି ବାମାଙ୍କ ମୃତ୍ୟୁ ହୋଇନାହିଁ। ତାଙ୍କୁ ଲେବର ରୁମ୍‌କୁ ନିଆଯାଇ ଚିକିତ୍ସା ଆରମ୍ଭ କରାଯିବା ସତ୍ତ୍ୱେ ଡାକ୍ତର ବିଫଳ ହୋଇଥିଲେ। ଅନ୍ୟପକ୍ଷରେ ଗର୍ଭସ୍ଥ ଶିଶୁକୁ କାହିଁକି ବଞ୍ଚାଇବାକୁ ଉଦ୍ୟମ କରାଯାଇ ନ ଥିଲା ବୋଲି ପ୍ରଶ୍ନର ଉତ୍ତରରେ ଡା. କବିଶତପଥୀ କହିଲେ, ବାମା ପ୍ରି ଏକ୍ଲାମସିଆ ସ୍ଥିତିରେ ଏଠାକୁ ଆସିଥିଲେ। ଏପରି ସ୍ଥିତିରେ ରୋଗୀଙ୍କ ଅସ୍ତ୍ରୋପଚାର କରି ଶିଶୁକୁ ବଞ୍ଚାଇବା ସମ୍ଭବପର ନ ଥିଲା ବୋଲି ସେ କହିଛନ୍ତି।

# ଆଜିଠୁ ଆରମ୍ଭ 'ମୁଁ ହିରୋ' ଅଭିଯାନ

ଭୁବନେଶ୍ୱର, ୨୬।୮(ବ୍ୟୁରୋ)

ରାଜ୍ୟରେ ସୋମବାରଠାରୁ ଆରମ୍ଭ ହେବ 'ମୁଁ ହିରୋ' ଅଭିଯାନ। ବିଜୁ ଯୁବ ବାହିନୀ ଯୋଜନାରେ ରାଜ୍ୟ ସରକାରଙ୍କ ରାଜ୍ୟବ୍ୟାପୀ ଏହି ଅଭିଯାନ ଖୁବ୍‌ଶୀଘ୍ର ଆରମ୍ଭ ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକସ୍ଥିତ ଇନ୍‌ଡୋର ଷ୍ଟାଡିୟମ୍‌ରେ ଏହାର ଶୁଭାରମ୍ଭ କରିବା ସହ ଉଦ୍‌ବୋଧନ ଦେବେ। ଗୋଷ୍ଠୀ ଭିତ୍ତିରେ ଯୁବ ନେତୃତ୍ୱ ଓ ସ୍ୱେଚ୍ଛାସେବୀ ସୃଷ୍ଟି କରିବା ଯୋଜନାର ମୂଳ ଲକ୍ଷ୍ୟ ରହିଛି। ୧୫ରୁ ୩୫ ବର୍ଷ ବୟସର ଯୁବତୀ ଯୁବକମାନଙ୍କୁ ଏହି ଅଭିଯାନରେ ସାମିଲ କରାଯାଇଛି। ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ଯୁବବର୍ଗଙ୍କୁ 'ମୁଁ ହିରୋ' ଭାବେ ସରକାରୀ ସ୍ତରରେ ପୁରସ୍କୃତ କରାଯିବାକୁ ସ୍ଥିର କରାଯାଇଛି। ପଞ୍ଚାୟତ ଏବଂ ପୌରାଞ୍ଚଳରେ ଏ ନେଇ ସରକାର ସଚେତନତା ସୃଷ୍ଟି କରିବେ। ୬ଟି ଭ୍ରାମ୍ୟମାଣ ଯାନ ୪ ମାସ ଭିତରେ ରାଜ୍ୟର ୩୧୪ଟି ବ୍ଲକ ପରିକ୍ରମା କରିବ। ପଥପ୍ରାନ୍ତ ନାଟକ, ସଂଗୀତ, କ୍ରୀଡ଼ା ଆଦି ଜରିଆରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ। ଯୁବବର୍ଗଙ୍କ ମଧ୍ୟରେ ସମ୍ଭାବନା ସୃଷ୍ଟି ସହିତ ଭାବର ଆଦାନପ୍ରଦାନ, ବିକାଶ ପାଇଁ ନୂଆ ଭାବନା ସୃଷ୍ଟି, ସାମାଜିକ ପରିବର୍ତ୍ତନ ଆଣିବା ସହିତ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ବାଟ ବାହାର କରାଯିବ ବୋଲି ଏହାର ମାର୍ଗଦର୍ଶିକାରେ ଉଲ୍ଲେଖ ରହିଛି। ତେବେ ଭ୍ରାମ୍ୟମାଣ ସଚେତନତା ଯାନ କେଉଁ ରୁଟ୍‌ରେ ପରିକ୍ରମା କରିବ ତାହା ଚିହ୍ନଟ କରିବାକୁ କୁହାଯାଇଛି। ସେହିପରି କେଉଁଠି ସଚେତନତା କାର୍ଯ୍ୟକ୍ରମ କରାଯିବ ତା'ର ଗାଇଡ୍‌ଲାଇନ୍ ମଧ୍ୟ ସ୍ଥିରୀକୃତ ହୋଇଛି।

## ମନେ ପଡ଼ନ୍ତି

### ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ରଥ ମଲ୍ଲିକ**
ଗ୍ରାମ: କ୍ଷେମେଶ୍ୱର (ବାଲିବିଲ), ଯାଜପୁର
ଆବିର୍ଭାବ: ୧୯୨୭
ତିରୋଧାନ: ୨୦୧୮
ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: କୈଳାସ, ପର୍ଶୁରାମ, ଶତୃଘନ, ମହେଶ୍ୱର, ଶରତ, ଆରତୀ, ରଞ୍ଜନ, କ୍ରିଷ୍ଣା, ପୂଜା, ସ୍ୱାତୀ, ବନ୍ଧୁ ଓ ପରିବାରବର୍ଗ।
ଧ-୮୦୪୬



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନ ଥାଏ କିଛି;
କୁଟା ଗଦାକୁ ଚାହିଁ ବୋଲୁଥାଏ,
ଧାନଟାଏ ଅଛି ।**

କିଛି ବ୍ୟକ୍ତି ଅଭାବରେ ଚଳୁଥିଲେ ମଧ୍ୟ ବାହାରେ ନିଜକୁ ବଡ଼ ବୋଲି ଦେଖେଇ ହୋଇଥାନ୍ତି। ଘରେ ପଛେ ବାଡ଼ି ଗୋବରେ ଗୋବେ ନ ଥାଉ ବାହାରେ କିନ୍ତୁ ଆତ୍ମବଡ଼ିମା ଦେଖେଇ ହବାରେ କାଣିଚାଏ ହେଳା କରି ନ ଥାନ୍ତି। କୁଟାଗଦା ଭିତରୁ ଧାନ ଗୋଟାଏ ଗୋଟାଏ ବାହାରିବା ଭଳି ନିଜ ସୀମିତ ସମ୍ବଳକୁ ନେଇ ମିଛ ବାହାବା ସାଉଁଟିବାକୁ ଉଦ୍ୟମ କରିଥାନ୍ତି। ତେବେ ଗରିବ, ନିଃସ୍ୱ ବ୍ୟକ୍ତିଙ୍କ ପକ୍ଷେ ଏପରି ବଡ଼ଲୋକୀ ଦେଖେଇ ହେବା ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘଏତା ମାଇପୋର କଳି,
ବଇଠା ଲିଭା ତକ୍ ।**

ଦାମ୍ପତ୍ୟ ଜୀବନରେ କଳହ ଏକ ସାଧାରଣ କଥା। ବେଳେ ବେଳେ କିଛି କଥାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳିଝଗଡ଼ା ଲାଗି ରହୁଥିବାର ଜଣାଯାଇଥାଏ, ଯେମିତି ପ୍ରଦୀପର ପ୍ରଜ୍ୱଳନ ବା ଜ୍ୟୋତିଶିଖା କମ୍ ସମୟ ମଧ୍ୟରେ ଲିଭିଯାଇଥାଏ ସେମିତି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଲାଗି ରହୁଥିବା କଳିଝଗଡ଼ା ବା ବାଦବିବାଦ ଅତି ଶୀଘ୍ର ତୁଟିଯାଇଥାଏ। ଦାମ୍ପତ୍ୟ କଳହ କ୍ଷଣସ୍ଥାୟୀ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବାଜପେୟୀଙ୍କ ଶ୍ରଦ୍ଧାଞ୍ଜଳି ସଭାକୁ ନେଇ ରାଜନୈତିକ ବୟାନବାଜି

ଭୁବନେଶ୍ୱର, ୨୬।୮(ବ୍ୟୁରୋ)

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କୁ ନେଇ ରାଜ୍ୟରେ ଜୋର୍ ଧରିଛି ରାଜନୀତି। ଏକ ବିଶାଳ ଶୋଭାଯାତ୍ରାରେ ଭାଜପା ଦଳୀୟ କାର୍ଯ୍ୟାଳୟଠାରୁ ବାଜପେୟୀଙ୍କ ଅସ୍ଥି ନେଇ ପୁରୀ ମହୋଦଧିରେ ବିସର୍ଜନ କରାଯାଇଥିଲା। ଏହାପରେ ଭାଜପା ପକ୍ଷରୁ ସବୁ ଜିଲାରେ ଥିବା ନଦୀଗୁଡିକରେ ବାଜପେୟୀଙ୍କ ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମ କରାଯାଉଛି। ଏହା କେବଳ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କଂଗ୍ରେସ ଅଭିଯୋଗ କରିଛି। ଅନ୍ୟପଟେ ଭାଜପା ବରିଷ୍ଠ ନେତା ବିଜୟ ମହାପାତ୍ର କହିଛନ୍ତି, କେବଳ ଭାଷଣରେ ନୁହେଁ ବରଂ ବାଜପେୟୀଙ୍କ ଅନୁପ୍ରାଣିତ ହେଲେ ତାଙ୍କ ଆତ୍ମା ଶାନ୍ତି ପାଇବ। ବିଜୟଙ୍କ ଏଭଳି ପରୋକ୍ଷ ଟାର୍ଗେଟ ପରେ ଦଳ ପକ୍ଷରୁ ମଧ୍ୟ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଛି। ବିଜୟ କହିଛନ୍ତି ଯେ, ଅଟଳ ବିହାରୀ ବାଜପେୟୀ ଜଣେ ମହାନ୍ ବ୍ୟକ୍ତି ଥିଲେ। ସେ ସମସ୍ତଙ୍କୁ ଆପଣାଇ ନେଉଥିଲେ। ଦେଶ ଗଠନ ପାଇଁ ସମସ୍ତଙ୍କୁ ଡାକି ଆଲୋଚନା ମଧ କରୁଥିଲେ। ତାଙ୍କ ନୀତି ଆଦର୍ଶରେ ସମସ୍ତେ ଚାଲିବା ଆବଶ୍ୟକ। ବାଜପେୟୀଙ୍କ ଶ୍ରଦ୍ଧାଞ୍ଜଳିସଭା ପାଳନ କରୁଥିବା ବ୍ୟକ୍ତିମାନଙ୍କୁ ଧନ୍ୟବାଦ। କେବଳ ଭାଷଣରେ ନୁହେଁ ବରଂ ବାଜପେୟୀଙ୍କ କାମରେ ଅନୁପ୍ରାଣିତ ହେଲେ ତାଙ୍କ ଆତ୍ମା ଶାନ୍ତି ପାଇବ। ବାଜପେୟୀଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ସବୁ ଦଳର ନେତା ଏକାଠି ହୋଇଥିଲେ। ଏଥିରେ ସମସ୍ତେ ଏକାଠି ହେବା ନେଇ କୌଣସି ରାଜନୈତିକ ସମ୍ପର୍କ ନାହିଁ। ଓଡିଶାର ସ୍ୱାର୍ଥ ପ୍ରସଙ୍ଗରେ ସମସ୍ତେ ଏକାଠି ହେବା ଆବଶ୍ୟକ। ମହାନଦୀ ପ୍ରସଙ୍ଗରେ ସମସ୍ତଙ୍କୁ ଏକାଠି ହେବାକୁ ଅନୁରୋଧ କରିଥିଲୁ। ସେହି ପ୍ରସ୍ତାବରେ ସମସ୍ତେ ରାଜି ହେଲେ, ମାତ୍ର କିଛି ଲୋକଙ୍କ ବିରୋଧାଭାସ ପାଇଁ ତାହା ସଫଳ ହୋଇପାରିଲା ନାହିଁ। ସବୁ କଥାରେ ରାଜନୀତି ମନବୃତ୍ତି ରହିଲେ ସମସ୍ତେ ଏକାଠି ହେବା ସମ୍ଭବ ନୁହେଁ ବୋଲି ବିଜୟ କହିଛନ୍ତି। ପୂର୍ବତନ ପିସିସି(ପ୍ରଦେଶ କଂଗ୍ରେସ କମିଟି) ସଭାପତି ଜୟଦେବ ଜେନା କହିଛନ୍ତି, ବାଜପେୟୀଙ୍କୁ ଏମାନେ ସମ୍ପୂର୍ଣ୍ଣଭାବେ ଭୁଲି ଯାଇଥିଲେ। ଏବେ ତାଙ୍କର ବିୟୋଗ ହେବାପରେ ଏମାନେ ଯେଉଁଭଳି କାର୍ଯ୍ୟକ୍ରମ କରୁଛନ୍ତି ତାକୁ ଦେଖିଲେ ଯେ କୌଣସି ଲୋକ କହିବେ ଏହା ଭୋଟ ରାଜନୀତି। ବିଜେଡି ସବୁବେଳେ ସବୁଥିରୁ ରାଜନୈତିକ ଫାଇଦା ନେବାକୁ ପ୍ରୟାସ କରେ। ଯଦି ବାଜପେୟୀଙ୍କ ବିୟୋଗ ପରେ ସେଭଳି ଉଦ୍ଦେଶ୍ୟ ରଖିଥିବ ତେବେ ଏହା ଠିକ୍ ନୁହେଁ ବୋଲି ଜେନା କହିଛନ୍ତି। ବିଜେଡି ବରିଷ୍ଠ ନେତା ତଥା ମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି, ବାଜପେୟୀ ଜଣେ ସର୍ବମାନ୍ୟ ନେତା। ସବୁ ଦଳର ନେତାମାନଙ୍କର ତାଙ୍କ ପ୍ରତି ସମ୍ମାନ ରହିଛି। ଯଦି ତାଙ୍କ ବିୟୋଗ ପରେ ଶ୍ରଦ୍ଧାଞ୍ଜଳି ସଭା ନାଁରେ ଭାଜପା ନେତାମାନେ ସେଥିରୁ ରାଜନୈତିକ ଫାଇଦା ଗୋଟାଇବାକୁ ପ୍ରୟାସ କରନ୍ତି ତେବେ ସାଧାରଣ ଲୋକମାନେ ଏହାକୁ ଗ୍ରହଣ କରିବେ ନାହିଁ ବୋଲି ବେହେରା କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି, ଏଭଳି ଅଭିଯୋଗ ଭିତ୍ତିହୀନ ଏବଂ କପୋଳକଳ୍ପିତ ତଥା ମନଗଢ଼ା। କଂଗ୍ରେସ ଏବଂ ବିଜେଡି ଯେଉଁ ଅଭିଯୋଗ କରୁଛନ୍ତି ତା'ର କିଛି ମାନେ ନାହିଁ। କେବଳ ସଂକୀର୍ଣ୍ଣମନା ଲୋକେ ହିଁ ଏଭଳି ଅଭିଯୋଗ କରିବେ ବୋଲି ଜୁଏଲ କହିଛନ୍ତି।



ଚାରି ବର୍ଷ ତଳେ ଭାଇକୁ ହରାଇଛନ୍ତି ଭଉଣୀ ଶାନ୍ତି ଉଡକେ। ତାଙ୍କ ଭାଇ ରାଜେଶ ଗାଇକ୍ୱାଡ୍ ୨୦୧୪ ମାର୍ଚ୍ଚ ୧୧ରେ ସୁକୁମାର ଟୋଙ୍ଗପାଲ ଅଞ୍ଚଳରେ ମାଓବାଦୀଙ୍କ ସହିତ ଲଢ଼େଇ କରୁଥିବା ସମୟରେ ଶହୀଦ ହୋଇଥିଲେ। ଇତିମଧ୍ୟରେ ୪ ବର୍ଷ ବିତି ଯାଇଛି। ଭଉଣୀ ଶାନ୍ତିଙ୍କ ଆଖିରୁ ଲୁହ ଶୁଖିନି କି ମନର କୋହ ଥମିନି। ସେ ଭାଇଙ୍କୁ ଗର୍ବ ଅନୁଭବ କରିବା ସହ ତାଙ୍କ ପ୍ରତିମୂର୍ତ୍ତିରେ ରାଖୀ ବାନ୍ଧୁଛନ୍ତି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଦୁଇଭଉଣୀ ମୃତ

ଭୁବନ,୨୬।୮(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ଥାନା କରଡ଼ାପାଳ ଗ୍ରାମରେ ରବିବାର ସନ୍ଧ୍ୟାରେ ଅଭାବନୀୟ ଘଟଣା ଘଟିଛି। ପୋଖରୀରେ ବୁଡ଼ିଯାଇ ଦୁଇ ନାବାଳିକା ଭଉଣୀ ପ୍ରାଣ ହରାଇଛନ୍ତି। ସେମାନେ ହେଲେ ଗୋପୀ ବିରୁଆଙ୍କ ଦୁଇ ଝିଅ ରାଧା (୫) ଏବଂ ଲକ୍ଷ୍ମୀ (୧୦)। ମୃତ ଦୁଇଭଉଣୀଙ୍କ ଘର ତାଳଚେର ବାଘୁଆବିଲ ଗ୍ରାମରେ। ଉଭୟେ କରଡ଼ାପାଳସ୍ଥିତ ମାଉସୀଙ୍କ ଘରକୁ ବୁଲିବାକୁ ଆସିଥିଲେ। ସନ୍ଧ୍ୟାରେ ସେମାନେ ପୋଖରୀକୁ ଗାଧୋଇ ଯାଇଥିଲେ। ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ରାଧାଙ୍କ ମୃତଦେହ ପୋଖରୀରେ ଭାସୁଥିଲା। ସୂଚନା ପାଇ ଦମକଳ ବାହିନୀ ପୋଖରୀରେ ଖୋଜାଖୋଜି କରିବା ପରେ ଲକ୍ଷ୍ମୀଙ୍କ ମୃତଦେହ ଉଦ୍ଧାର କରିଥିଲା। ଖବର ଲେଖାଯିବା ସୁଦ୍ଧା ପୋଲିସ ଘଟଣାସ୍ଥଳରେ ତଦନ୍ତ ଚଳାଇଛି। ଏହି ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ମଧୁବାବୁ ଓଡ଼ିଶାର ପିତାମହ ଭୀଷ୍ମ: ଜଷ୍ଟିସ୍ ମିଶ୍ର

କଟକ ଅଫିସ,୨୬।୮



ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଦୀପକ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ନେତୃତ୍ୱ ନେବା ଓ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ଏକ କରିବା କ୍ଷେତ୍ରରେ ଉତ୍କଳ ମାଟିରେ ମଧୁବାବୁ ଅନନ୍ୟ। ଓଡ଼ିଶାବାସୀ କିପରି ଭାରତରେ ନିଜକୁ ଗର୍ବ ଅନୁଭବ କରିବେ ସେ ଦିଗରେ ମଧୁବାବୁ ଅନେକ ଚେଷ୍ଟା କରିଥିଲେ। ଏହି ଓଡ଼ିଶା ମାଟି ହିଁ ମଧୁବାବୁଙ୍କ ସମସ୍ତ ପୁଣ୍ୟ କାର୍ଯ୍ୟର ମୂକସାକ୍ଷୀ। କେବଳ ଜଣେ ଭଲ ବାରିଷ୍ଟର ନୁହନ୍ତି, ମଣିଷ ପଣିଆରେ ମଧୁବାବୁ ଶ୍ରେଷ୍ଠ। ମାତୃଭୂମି ଓ ମାତୃଭାଷାକୁ ସବୁଠାରୁ ଆଗରେ ରଖିବାକୁ ତାଙ୍କର ଆହ୍ୱାନ ଥିଲା। ଓଡ଼ିଶା ଓ ଓଡ଼ିଶାବାସୀଙ୍କ ଉନ୍ନତି ପାଇଁ ସବୁବେଳେ ପ୍ରଚେଷ୍ଟା କରୁଥିଲେ। ଏଣୁ ମଧୁବାବୁ ଓଡ଼ିଶାର ପିତାମହ ଭୀଷ୍ମ ବୋଲି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ମିଶ୍ର ରବିବାର ଅପରାହ୍ନରେ ମଧୁସୂଦନ ଆଇନ ମହାବିଦ୍ୟାଳୟରେ ଅନୁଷ୍ଠିତ ପ୍ରଥମ ମଧୁସୂଦନ ଦାସ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପରୋକ୍ତ ମତ ଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ମିଶ୍ର କହିଥିଲେ ଯେ, ପିଲାବେଳେ ସ୍କୁଲରେ ପଢ଼ିଥିବା କବିତା 'କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବି' ଏବେ ବି ମନେଅଛି। ଏହି କବିତାଟି ପିଲାବେଳୁ ଦେଶ ଓ ଜାତି ପାଇଁ କାର୍ଯ୍ୟ କରିବାକୁ ଉତ୍ସାହିତ କରେ ବୋଲି ସେ କହିଥିଲେ। ରାଜ୍ୟର ୨ଜଣ ମହାପୁରୁଷ ନିଜ ନିଜ କ୍ଷେତ୍ରରେ ସାଧାରଣ ଲୋକଙ୍କ ପାଇଁ ଅନେକ କିଛି କରିଥିଲେ ମଧ୍ୟ ରାଜ୍ୟବାସୀଙ୍କ ଭଲଦିନ ଦେଖିବାକୁ ଉପସ୍ଥିତ ରହି ପାରିନାହାନ୍ତି। ଏହି ୨ଜଣ ହେଲେ ମଧୁବାବୁ ଓ ପଣ୍ଡିତ ଗୋପବନ୍ଧୁ ଦାସ। ସ୍ୱାଧୀନତା ପୂର୍ବରୁ ଉଭୟ ଇହଲୀଳା ତ୍ୟାଗ କରିଥିଲେ। ହେଲେ ଇତିହାସ ନିଜ କାର୍ଯ୍ୟ କରିବା ଭଳି ଏହି ଦୁଇ ମହାତ୍ମାଙ୍କ କଥା ସବୁବେଳେ ଜନମାନସରେ ବଞ୍ଚାଇ ରଖିଛି। ଆଦର୍ଶ ଭାବେ ସେମାନଙ୍କୁ ସର୍ବସମ୍ମୁଖରେ ଉପସ୍ଥାପିତ କରୁଛି ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ମିଶ୍ର କହିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟର ଆଇନଛାତ୍ରମାନଙ୍କ ଉଦ୍ଦେଶ୍ୟରେ ପ୍ରଧାନ ବିଚାରପତି ଜଷ୍ଟିସ ମିଶ୍ର କହିଥିଲେ ଯେ, ଆଇନ କ୍ଷେତ୍ରରେ କାର୍ଯ୍ୟ କରିବାକୁ ହେଲେ ସବୁବେଳେ ସାମାଜିକ, ଗୋଷ୍ଠୀ ଓ ସାଧାରଣ ଲୋକଙ୍କ ଉନ୍ନତି ନିମନ୍ତେ ନିଜକୁ ସଜାଗ କରିବାକୁ ହେବ। ଜଣେ ଭଲ ଆଇନଜୀବୀ ହେବାକୁ ହେଲେ ଦୁଇଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ହେବ। ତାହାହେଲା ଭଲଭାବେ ନିଜ କାର୍ଯ୍ୟର ଉପସ୍ଥାପନା କରିବା ଓ ଅନ୍ୟଟି ହେଲା ନିଜ ଉପସ୍ଥାପନାର ଗୁଣବତ୍ତାକୁ ବୃଦ୍ଧି କରିବା। ଜ୍ଞାନ ଆହରଣ ନିମନ୍ତେ କୌଣସି ବୟସ ନ ଥାଏ। ସବୁବେଳେ ଅଧିକରୁ ଅଧିକ ଜ୍ଞାନ ଆହରଣ କରିବାକୁ ଚେଷ୍ଟା କରିବା ଉଚିତ। ଜଣେ ପ୍ରକୃତ ଆଇନଜୀବୀ ଶ୍ରେଷ୍ଠ ବିତ୍ତଶାଳୀ ବୁଦ୍ଧିଜୀବୀ ବୋଲି ମଧ୍ୟ ଜଷ୍ଟିସ ମିଶ୍ର କହିଛନ୍ତି। ଏହି ଅବସରରେ ସେ ସେକ୍ସପିୟରଙ୍କଠାରୁ ମହାତ୍ମା ଗାନ୍ଧୀଙ୍କ ସମୟ ପର୍ଯ୍ୟନ୍ତ ବିଭିନ୍ନ ଉଦାହରଣ ଦେଇ ଆଇନର ବ୍ୟବହାର ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ ଯେ, ଦେଶରେ ଏକ ପୁରାତନ ଆଇନ ମହାବିଦ୍ୟାଳୟ ଭାବେ ଏହି ଆଇନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେବା ଓ ଏଠାରୁ ଅନେକ ଆଇନଜ୍ଞ ସୃଷ୍ଟିହେବା ପଛରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରଚେଷ୍ଟା ରହିଛି। କଟକ ବାର ଆସୋସିଏଶନର ସଭାପତି ରହିଥିବା ବେଳେ ମଧୁବାବୁ ରାଜ୍ୟରେ ପାଟନା ହାଇକୋର୍ଟର ସର୍କିଟ ବେଞ୍ଚ ଖୁବ୍‌ଶୀଘ୍ର ସ୍ଥାୟୀ ବେଞ୍ଚ ହେବ ବୋଲି ଘୋଷଣା କରିଥିଲେ, ଯାହା ପରବର୍ତ୍ତୀ ସମୟରେ ସତ ହୋଇଥିଲା ବୋଲି ଜଷ୍ଟିସ ଝାବେରୀ କହିଥିଲେ।

# ସେପ୍ଟେମ୍ବରରେ ଓଡ଼ିଶା ଆସିବେ ରାହୁଲ

ଭୁବନେଶ୍ୱର, ୨୬।୮(ବ୍ୟୁରୋ)

- ଦଳୀୟ ନେତାଙ୍କ ସହ ହେବ ୱାନ-ଟୁ-ୱାନ ଆଲୋଚନା
- ୩୧ରୁ ଜିଲା କମିଟି ଗଠନ
- ପ୍ରଚାରରେ ଯୁବ ବର୍ଗ ଏବଂ ବୁଦ୍ଧିଜୀବୀଙ୍କୁ ଗୁରୁତ୍ୱ

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆସନ୍ତା ସେପ୍ଟେମ୍ବରରେ ଓଡ଼ିଶା ଆସିବେ। ନିର୍ଦ୍ଦିଷ୍ଟ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ରାହୁଲ ଆସିବେ ବୋଲି ସୂତ୍ରରୁ ପ୍ରକାଶ। ପୂର୍ବରୁ କଟକସ୍ଥିତ ଇନ୍‌ଡୋର ଷ୍ଟାଡିୟମ୍‌ରେ ପଛୁଆବର୍ଗ ସମ୍ମିଳନୀ ହେବ ବୋଲି କୁହାଯାଉଥିଲା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ପଛୁଆବର୍ଗ ସମ୍ମିଳନୀ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ରାହୁଲଙ୍କ ଏହି ଦିନିକିଆ ଗସ୍ତରେ ଭୁବନେଶ୍ୱରରେ ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ସହ ୱାନ-ଟୁ-ୱାନ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।

ଉପକୂଳ ଓଡ଼ିଶା ଦାୟିତ୍ୱରେ ଥିବା ଏଆଇସିସି ସମ୍ପାଦକ ରୁଦ୍ର ରାଜୁ କହିଛନ୍ତି ଯେ, କଂଗ୍ରେସ ଅଧ୍ୟକ୍ଷ ବର୍ତ୍ତମାନ ବିଦେଶ ଗସ୍ତରେ ଅଛନ୍ତି। ସେ ଫେରିବା ପରେ ଓଡ଼ିଶା ଗସ୍ତ ନେଇ ସ୍ପଷ୍ଟ ସୂଚନା ମିଳିବ। ସେହିପରି ଚଳିତ ମାସ ୩୧ରୁ ବିଭିନ୍ନ ଜିଲାର କଂଗ୍ରେସ କମିଟି ଗଠନ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ରୁଦ୍ର ରାଜୁ ସୂଚନା ଦେଇଛନ୍ତି। ନିର୍ବାଚନର ଯଥେଷ୍ଟ ପୂର୍ବରୁ ୫୦ ପ୍ରାର୍ଥୀ ତାଲିକା ଘୋଷଣା କରିବାକୁ ପ୍ରଦେଶ କଂଗ୍ରେସ ଲକ୍ଷ୍ୟ ରଖିଛି। ଏହି ତାଲିକା ମଧ୍ୟରେ ପ୍ରତ୍ୟେକ ଜୋନ୍‌ରୁ ସର୍ବନିମ୍ନ ୧୫ ଲେଖାଏଁ ପ୍ରାର୍ଥୀ ଘୋଷିତ ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ୧୫ ବିଧାୟକ ଏବଂ କମ୍ ବ୍ୟବଧାନରେ ପରାସ୍ତ ହୋଇଥିବା ୨୫ ପ୍ରାର୍ଥୀଙ୍କୁ ଟିକେଟ୍ ମିଳିବା ସୁନିଶ୍ଚିତ ହୋଇଯାଇଛି। ସେମାନଙ୍କୁ ବାଦ୍ ଦେଇ କେଉଁ ୧୦ ଜଣଙ୍କ ନାମ ଘୋଷଣା କରାଯିବ, ତାହାକୁ ନେଇ ଦଳୀୟ ମହଲରେ ଉତ୍କଣ୍ଠା ଲାଗି ରହିଛି।

ଆଗାମୀ ଦିନରେ ପ୍ରଦେଶ କଂଗ୍ରେସ ପ୍ରଚାର ଅଭିଯାନକୁ ବ୍ୟାପକ କରାଯିବ ବୋଲି ସୂଚନା ଦେଇଛନ୍ତି ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ। ସେ କହିଛନ୍ତି ଯେ, ଜିଲା ସ୍ତରରେ ପ୍ରଚାରକୁ ବ୍ୟାପକ କରାଯିବ। ପ୍ରମୁଖ ଜାତୀୟ ଓ ରାଜ୍ୟ ସମସ୍ୟା ବ୍ୟତୀତ ସ୍ଥାନୀୟ ସମସ୍ୟାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ପଦଯାତ୍ରା, ସାଇକେଲ ଯାତ୍ରା ଏବଂ ପ୍ରତି ପରିବାରଙ୍କୁ ସାକ୍ଷାତ କରିବା ଅଭିଯାନ କରାଯିବ। ଯୁବ ବର୍ଗ ଏବଂ ବୁଦ୍ଧିଜୀବୀ ସମର୍ଥକଙ୍କ ଗଠନମୂଳକ ସାହାଯ୍ୟ ନିଆଯିବ ବୋଲି ଭକ୍ତ କହିଛନ୍ତି।

## ସୋନାକ୍ଷୀଙ୍କ ପ୍ରଶଂସାରେ ଶତମୁଖ ଡାଏନା ପେଣ୍ଟି



**ନୂଆଦିଲ୍ଲୀ:** ଅଭିନେତ୍ରୀ ଡାଏନା ପେଣ୍ଟି 'ହାପି ଫିର୍ ଭାଗ୍ ଜାଏଗି'ରେ ସୋନାକ୍ଷୀଙ୍କ ସହିତ କାମ କରି ଖୁବ୍ ଖୁସି ମନେକରନ୍ତି ଏବଂ ସେ ଖୁବ୍ ସକାରାତ୍ମକ ଏବଂ ବାସ୍ତବବାଦୀ ବୋଲି ବର୍ଣ୍ଣନା କରନ୍ତି। ଏକ ସାକ୍ଷାତ୍‌କାରରେ ଡାଏନା କହନ୍ତି, ସୋନାକ୍ଷୀଙ୍କ ସହିତ କାମ କରିବା ଖୁବ୍ ମଜାଦାର। କାରଣ ଯେତେ ଜଣଙ୍କୁ ମୁଁ ଭେଟିଛି ସମସ୍ତଙ୍କ ମଧ୍ୟରେ ସୋନାକ୍ଷୀ ଖୁବ୍ ଆନନ୍ଦଦାୟୀ, ଅତ୍ୟନ୍ତ ସକାରାତ୍ମକ ଏବଂ ବାସ୍ତବବାଦୀ। ସେ ସବୁବେଳେ ଉତ୍ଫୁଲ୍ଲିତ ଦେଖାଯାଆନ୍ତି। ତେଣୁ ତାଙ୍କ ଚାରିପାଖର ପ୍ରତ୍ୟେକ ବ୍ୟକ୍ତି ଏହି ଉତ୍ତମ ଗୁଣ ଦ୍ୱାରା ପ୍ରଭାବିତ ହୋଇଥାଆନ୍ତି। 'ହାପି ଭାଗ୍ ଜାଏଗି' ଶୁଟିଂ ବେଳେ ଆମେ ବାସ୍ତବରେ ଭାରି ଖୁସି ଥିଲୁ। କାରଣ ଆମେ ଜାଣୁଥିଲୁ ଆମ ଚାରିପାଖର ଲୋକେ ଆମ ଅଭିନୟ ପାଇଁ ଖୁବ୍ ସନ୍ତୁଷ୍ଟ। 'ହାପି ଫିର୍ ଭାଗ୍ ଜାଏଗି' ହେଉଛି ୨୦୧୬ରେ ନିର୍ମିତ ଫିଲ୍ମ 'ହାପି ଭାଗ୍ ଜାଏଗି'ର ସିକ୍ୱେଲ (ପରିବର୍ତ୍ତିତ ରୂପ)। ଏହାର ନିର୍ଦ୍ଦେଶନା ଦେଇଥିଲେ ମୁଦାସର ଅଜିଜ୍ ଏବଂ ଏଥିରେ ଅଭିନୟ କରିଥିଲେ-ଜିମି ଶେର୍‌ଗିଲ୍, ପୀୟୂଷ ମିଶ୍ର, ଅଲି ଫାଜଲ୍ ଏବଂ ଜାସି ଗିଲ୍। ଫିଲ୍ମର ପ୍ରଥମ ଭାଗରେ ଡାଏନା ଜଣେ ପଳାତକ କନ୍ୟା ଭୂମିକାରେ ଅଭିନୟ କରିଛନ୍ତି। ଯିଏ ବିବାହକୁ ପ୍ରତ୍ୟାଖ୍ୟାନ କରି ପଳାଇଯାଉଥିବା ଦେଖାଯାଉଛି। ତେବେ ଉକ୍ତ ଫିଲ୍ମର ସିକ୍ୱେଲ୍ ବିଷୟରେ ସେ କହନ୍ତି, 'ହାପି ଭାଗ୍ ଜାଏଗି'କୁ ଦର୍ଶକ ଏତେ ଭଲ ପାଇଥିଲେ ଯେ, ନିର୍ମାତା ଏହାର ସିକ୍ୱେଲ ନିର୍ମାଣ କରିବାକୁ ସ୍ଥିର କଲେ। ସେଥିପାଇଁ ମୁଁ ଗର୍ବ ଅନୁଭବ କରୁଛି। ଫିଲ୍ମର ପ୍ରଥମ ଭାଗ ଏକ ଦଙ୍ଗା ଉପରେ ଆଧାରିତ ହୋଇଥିବାରୁ ନିର୍ଦ୍ଦେଶକ ଏଥିରେ କୌଣସି ପରିବର୍ତ୍ତନ କରିବାକୁ ଚାହାନ୍ତି ନାହିଁ।

## ମାଲକାନଗିରି ବନ୍ୟା ପରିସ୍ଥିତି: ୩୦ ସୁଦ୍ଧା ରିପୋର୍ଟ ଦେବ ଜିଲା ପ୍ରଶାସନ

ଭୁବନେଶ୍ୱର, ୨୬।୮(ବ୍ୟୁରୋ)

ଚଳିତ ବର୍ଷ ହୋଇଥିବା ବର୍ଷାରେ ମାଲକାନଗିରି ଜିଲା ବହୁଳ ଭାବରେ କ୍ଷତିଗ୍ରସ୍ତ ହୋଇଛି। ଏହି କ୍ଷୟକ୍ଷତିର ପରିମାଣ ପ୍ରାୟ ୧୪ କୋଟି ହେବ ବୋଲି ଆକଳନ କରାଯାଇଛି। ଶନିବାର ରାଜ୍ୟ ସରକାରଙ୍କ ଦୁଇ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଏବଂ ରମେଶ ମାଝି ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ଚଳିତ ମାସ ୩୦ ସୁଦ୍ଧା କ୍ଷୟକ୍ଷତିର ପୂର୍ଣ୍ଣାଙ୍ଗ ରିପୋର୍ଟ ଦେବାକୁ ଜିଲା ପ୍ରଶାସନକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଥମିକ ଆକଳନରୁ ୨୧୧ଟି ଘର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ପଡିଆ ବ୍ଲକର ପ୍ରାୟ ୧୮୫ ଜଣଙ୍କୁ ସ୍ଥାନାନ୍ତରିତ କରାଯାଇଛି। ୧୨୩୬ ପରିବାରଙ୍କୁ ଖାଦ୍ୟ ଯୋଗାଇ ଦିଆଯିବା ସହ ଅସ୍ଥାୟୀ ଆଶ୍ରୟ ପାଇଁ ପଲିଥିନ୍ ଯୋଗାଇ ଦିଆଯାଇଛି। ଏପର୍ଯ୍ୟନ୍ତ ମୋବାଇଲ୍ ସ୍ୱାସ୍ଥ୍ୟସେବା ଜରିଆରେ ୧୨୦୦ରୁ ଅଧିକ ଲୋକଙ୍କୁ ଚିକିତ୍ସିତ କରାଯାଇଛି। ସେହିପରି ଗୁରୁତର କ୍ଷତି ହୋଇଥିବା ୧୯ଟି ସଡ଼କ ମଧ୍ୟରୁ ୧୩ଟି ରାସ୍ତାର ତୁରନ୍ତ ମରାମତି ସମ୍ପନ୍ନ ହୋଇଥିବା ଏସ୍ଆର୍‌ସି ସୂଚନା ଦେଇଛନ୍ତି। ପ୍ରାଥମିକ କ୍ଷୟକ୍ଷତି ଆକଳନ ପାଖାପାଖି ୧୪.୨ କୋଟି ଟଙ୍କା ହେବ ବୋଲି କୁହାଯାଇଛି।

**ADMISSION OPEN 2018-20**
**B.Ed, B.P.Ed, B.H.Ed.**
10th, +2, +3 (UG, PG, All stream) BCA, MCA, BLib, PGDCA, MSW, BBA, MEd., MPhil,
At Regular & Distance at lower rate Approved by UGC, NCTE & Equivalent to Odisha Board University
**ADHYAN INSTITUTE OF EDUCATION**
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436

DADLS-87




### କୁନ୍ଦୁଲି ମାମଲା: ସରିଲା ଜବାବ ସୁଆଲ
## ୨୫ ସୁଦ୍ଧା ରିପୋର୍ଟ ଦେବେ ତଦନ୍ତ କମିଶନ

ଜୟପୁର,୨୬।୮(ନି.ପ୍ର.)

କୁନ୍ଦୁଲି ଗଣବଳାତ୍କାର ଓ ପୀଡ଼ିତାଙ୍କ ଆତ୍ମହତ୍ୟା ମାମଲାର ଜବାବ ସୁଆଲ ରବିବାର ଶେଷ ହୋଇଛି। ଜୟପୁର ଜିଲାକୋର୍ଟରେ ତଦନ୍ତ କମିଶନ ମୁଖ୍ୟ ବିଦ୍ୟୁତ କୁମାର ମିଶ୍ରଙ୍କ ନିକଟରେ ସ୍ୱତନ୍ତ୍ର ସରକାରୀ ଓକିଲ ପ୍ରଭାକର ପଟ୍ଟନାୟକ ଜବାବ ସୁଆଲ କରିଛନ୍ତି। ପୀଡ଼ିତା ପ୍ରଥମେ କୁନ୍ଦୁଲି ଡାକ୍ତରଖାନାକୁ ଯାଇଥିଲେ ଓ ପରେ ପଟ୍ଟାଙ୍ଗି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ମାତ୍ରେ ପୋଲିସ ପଦକ୍ଷେପ ନେଇ ଜଣେ ମହିଳା ଅଧିକାରୀଙ୍କୁ ପୀଡ଼ିତାଙ୍କ ପାଖରେ ନିୟୋଜିତ କରିଥିଲା। ସରକାର କୋରାପୁଟରୁ ଆରମ୍ଭ କରି କଟକ ପର୍ଯ୍ୟନ୍ତ ମାଗଣାରେ ସମସ୍ତ ଚିକିତ୍ସା କରାଇଥିଲେ। ସରକାରଙ୍କ ପକ୍ଷରୁ କୌଣସି ଅବହେଳା କରାଯାଇ ନାହିଁ। ପୀଡ଼ିତା ମାନସିକ ଚାପ ଯୋଗୁଁ ଆତ୍ମହତ୍ୟା କରିଥିବା କମିଶନଙ୍କ ନିକଟରେ ଯୁକ୍ତି ବାଢ଼ିଛନ୍ତି ସରକାରୀ ଓକିଲ ପଟ୍ଟନାୟକ।

କମିଶନ ୧୫ ଜଣ ସରକାରୀ ସାକ୍ଷ୍ୟ ଓ ପୀଡ଼ିତାଙ୍କ ପରିବାରର ୪ ଜଣ ସଦସ୍ୟଙ୍କ ସାକ୍ଷ୍ୟ, ଅଭିଯୋଗ ଓ ଘଟଣାକ୍ରମକୁ ଆଧାର କରି ତଦନ୍ତ ରିପୋର୍ଟ ଦେବେ। ସେପ୍ଟେମ୍ବର ୨୫ରେ କମିଶନଙ୍କ ଅବଧି ଶେଷ ହେଉଥିବା ବେଳେ ଏହା ପୂର୍ବରୁ ରାଜ୍ୟ ଗୃହ ବିଭାଗକୁ ରିପୋର୍ଟ ଦେବେ କମିଶନ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ଅକ୍ଟୋବର ୧୦ରେ କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା କୁନ୍ଦୁଲିରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ୪ ଜଣ ଯବାନ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା।

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା**
**ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ**
ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ଲଳିତ କଳା ଏକାଡ଼େମୀ ଦ୍ୱାରା ଆୟୋଜିତ
**"ରାଜ୍ୟସ୍ତରୀୟ ମେଘ ଉତ୍ସବ"**
**ତାରିଖ: ୨୮ ଓ ୨୯।୦୮।୨୦୧୮ ସନ୍ଧ୍ୟା ଘ.୬.୩୦ମିନିଟ୍**
**ସ୍ଥାନ: ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର**
ସାଂସ୍କୃତିକ କାର୍ଯ୍ୟକ୍ରମ: ଓଡ଼ିଶୀ ସଂଗୀତ, ସୁଗମ ସଂଗୀତ, ଓଡ଼ିଶୀ ନୃତ୍ୟ ଓ ଲୋକ ନୃତ୍ୟ ଆଦି ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଓ ନୃତ୍ୟାନୁଷ୍ଠାନମାନଙ୍କ ଦ୍ୱାରା ପରିବେଷଣ କରାଯିବ।
ଏହି କାର୍ଯ୍ୟକ୍ରମରେ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେବାକୁ ସାଦର ନିମନ୍ତ୍ରଣ।

**ଡ. ବିଜୟ କୁମାର ଜେନା**
ସଚିବ
ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ

**ଶ୍ରୀ ବିଜୟ କୁମାର ନାୟକ**
ନିର୍ଦ୍ଦେଶକ ଏବଂ ଅତିରିକ୍ତ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

DIRECTORATE OF DISTANCE & CONTINUING EDUCATION
**D.D.C.E., UTKAL UNIVERSITY**
**BHUBANESWAR-751007**
**COURSES OFFERED**
UTKAL UNIVERSITY NAAC Accredited A+
CELEBRATING 75 years EXCELLENCE
Admn Advt-1

| Courses | Admission |
| --- | --- |
| DISTANCE MODE (Management Courses)<br>• Master of Business Administration (MBA)<br>• BBA / Integrated MBA<br>• Post Graduate Diploma in Mgt. :<br>♦ Human Resource ♦ Marketing ♦ Tour & Travel<br>♦ Production & Operations ♦ Finance ♦ Public Policy<br>♦ Agri Business ♦ Dietics & Nutrition<br>REGULAR MODE (Management Courses)<br>• P.G.Dip. in Banking & Insurance Management | Walk in On Line Entrance Test and Rolling Admission. |
| REGULAR MODE (Morning Programme)<br>♦ MCA (3 Yrs.) ♦ Lateral MCA (2Yrs.)<br>♦ M.Sc. Comp. Sc. ♦ M.Sc. IT & ITM | Walk in On Line Entrance Test cum PI and Rolling Admission. |
| DISTANCE MODE (Graduate Courses)<br>♦ BA (HONS.) ♦ B.COM. (HONS.)<br>DISTANCE MODE (Post Graduate Courses)<br>♦ MSW ♦ M.Com. ♦ MA in Economics<br>♦ MA in History ♦ MA in Odia ♦ MA in Hindi<br>♦ MA in Sanskrit ♦ MA in English ♦ MA in Education<br>♦ MA in Pol.Sc. ♦ MA in Sociology ♦ MA in Public Admn. | Walk in Admission |

Last Date with Late Fees Upto: 31.08.2018
NO ADMISSION ON 4TH SATURDAY.
APPLY ONLINE (Assistance also provided at DDCE)
FOR ELIGIBILITY, FEE STRUCTURE & SELECTION PROCESS VISIT OUR WEBSITE
www.ddceutkal.ac.in
DIRECTOR
**ADMISSION - 2018**

# ଗ୍ରହଣ କର

କେରଳର ଭୟଙ୍କର ବନ୍ୟା ପରିସ୍ଥିତି ଦେଖି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଭାରତକୁ ୭୦୦ କୋଟି ଟଙ୍କା ଆର୍ଥିକ ସହାୟତା ଦେବ ବୋଲି ଏବେ ଚର୍ଚ୍ଚା ହେଉଛି। ହେଲେ ଏମିରେଟ୍ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ଅଦ୍ୟାବଧି କେରଳକୁ କିଭଳି ସାହାଯ୍ୟ ଯୋଗାଇ ଦିଆଯିବ ସେଥିପାଇଁ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏଥିରୁ ବୁଝିବାକୁ ହେବ ଯେ, ସେହି ଉପସାଗରୀୟ ରାଷ୍ଟ୍ର ଏଯାଏ କେରଳ ପାଇଁ ସହାୟତା ଘୋଷଣା କରିନାହିଁ। ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁଏଇ ରିଲିଫ୍ ଯାଚିବା ନେଇ ହୋଇଥିବା ଗୁଜବ ପରିପ୍ରେକ୍ଷୀରେ ଟୁଇଟ୍ ଜରିଆରେ ସେଠାକାର ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। କିନ୍ତୁ କୌଣସି ଦେଶଠାରୁ ଭାରତ ଆର୍ଥିକ ସହାୟତା ଆଶା କରୁନାହିଁ ବୋଲି ମୋଦି କହିଛନ୍ତି। ସେହିଭଳି ଅଗଷ୍ଟ ୨୬ରେ ପ୍ରଧାନମନ୍ତ୍ରୀ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ରେ କେରଳର ଏଭଳି ଦୁର୍ଦ୍ଦିନରେ ସମଗ୍ର ଦେଶ ତା' ସହିତ ଛିଡ଼ା ହୋଇଛି ବୋଲି କହିଛନ୍ତି। ଏହି ବିପର୍ଯ୍ୟୟ ବେଳେ ମାଲୟାଲୀମାନେ ଯେଭଳି ସାହସ ଓ ଶକ୍ତି ପ୍ରଦର୍ଶନ କରିଛନ୍ତି, ତାହା କେରଳକୁ ନୂଆ ଭାବେ ଗଢ଼ି ତୋଳିବ ବୋଲି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ଏପରି ଶୁଖିଲା ପ୍ରଶଂସାରେ କେରଳବାସୀଙ୍କ ଦୁଃଖ ଦୂର ହେବ ନାହିଁ ବୋଲି ଆଲୋଚନା ହେଲାଣି।

ବାସ୍ତବରେ କେରଳ ପାଇଁ ବାହ୍ୟ ସହାୟତାକୁ ମନା କରାଯିବା ପରେ ଦେଶବ୍ୟାପୀ ବିଭିନ୍ନ ପ୍ରକାର ମତ ପ୍ରକାଶ ପାଉଛି। କେନ୍ଦ୍ର ସରକାର ଏପରି କହିବା ପଛରେ ଭାରତର ଆର୍ଥିକ ଦୃଢ଼ତାକୁ ଦେଖାଇବାକୁ ଚାହୁଁ ଥାଇପାରନ୍ତି। ଅନ୍ୟପକ୍ଷରେ ସମାଲୋଚନାର ଶିକାର ହେବା ପରେ ଏବେ କେନ୍ଦ୍ର ସରକାର ତତ୍କାଳୀନ ମନମୋହନ ସିଂଙ୍କ ସରକାରଙ୍କ ଅମଳରେ ନିଆଯାଇଥିବା ନିଷ୍ପତ୍ତିକୁ ଦୃଷ୍ଟାନ୍ତ ଭାବେ ଦର୍ଶାଇଛନ୍ତି। ୨୦୦୪ ଡିସେମ୍ବରରେ ଭାରତରେ ସୁନାମି ଦେଖାଦେଇଥିଲା। ସେତେବେଳେ ମନମୋହନ ଭାରତକୁ ଅଭିବୃଦ୍ଧିଶୀଳ ଅର୍ଥନୈତିକ ଶକ୍ତି ଭାବେ ଦର୍ଶାଇବାକୁ ଯାଇ ବିଦେଶୀ ସହାୟତାକୁ ମନା କରିଥିଲେ। ସେହି ସମୟର ଅମଲାତନ୍ତ୍ରୀଙ୍କ କହିବା ଅନୁଯାୟୀ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ବାହ୍ୟ ରାଷ୍ଟ୍ରର ଯୋଗଦାନ ଉପରେ କଟକଣା ଲଗାଯାଇଥିଲା। କିନ୍ତୁ ଆର୍ଥିକ ସହାୟତା ଓ ଦୀର୍ଘମିଆଦୀ ଥଇଥାନ ଉପରେ କୌଣସି ନିଷେଧାଦେଶ ଜାରି କରାଯାଇ ନ ଥିଲା। ୨୦୦୪ର ମନମୋହନଙ୍କ ନିଷ୍ପତ୍ତିକୁ ଏବେ କେରଳ ପରିସ୍ଥିତିରେ ଆଳ କରି ଦେଖାଇବା ଉଚିତ ମନେ ହେଉନାହିଁ। ଏହି ପ୍ରଚ୍ଛଦପଟରେ ଏକ ଓଡ଼ିଆ ଢଗ 'ମୂଳରୁ ମାଇପ ନାହିଁ, ପୁଅ ନାଁ ଗୋପାଳିଆ' ମନକୁ ଆସୁଛି। ୟୁଏଇ ଏବଂ ଅନ୍ୟ କୌଣସି ଦେଶରୁ ଏପର୍ଯ୍ୟନ୍ତ କେରଳରେ ଘଟିଥିବା ବନ୍ୟା ଯୋଗୁ କ୍ଷୟକ୍ଷତି ପାଇଁ କିଛି ଆର୍ଥିକ ସାହାଯ୍ୟର ଘୋଷଣା ହୋଇ ନାହିଁ। ଏପଟେ ଭାରତରେ, ବାହ୍ୟ ସାହାଯ୍ୟ ଆସିଲେ କିଭଳି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ରେଡିଓ ଓ ଟୁଇଟର ମାଧ୍ୟମରେ ଘୋଷଣା କରାଗଲାଣି। ମନେହୁଏ, ଏପରି ତତ୍ପରତା ହେତୁ ଦେଶର ସମ୍ମାନହାନି ହେଉଛି।

ଉପରଲିଖିତ ପରିସ୍ଥିତିକୁ ତର୍ଜମା କଲେ ବୁଝାପଡୁଛି ଯେ, ବର୍ତ୍ତମାନର କେନ୍ଦ୍ର ସରକାର କେରଳ ବିପର୍ଯ୍ୟୟକୁ ନେଇ ପୂରା ରାଜନୀତି କରିବାକୁ ଚାହୁଁଛନ୍ତି। ବାମପନ୍ଥୀ ଶାସିତ ରାଜ୍ୟରେ ଭାଜପାର ଉପସ୍ଥିତି ନଗଣ୍ୟ ଥିବାରୁ ଭୋଟ ବ୍ୟାଙ୍କ ସୃଷ୍ଟି କରିବା ଉଦ୍ଦେଶ୍ୟ ରଖି ପଦକ୍ଷେପ ନେଉଛନ୍ତି। ଏଠାରେ ଯୁକ୍ତି ଉପସ୍ଥାପନ କରାଯାଇପାରେ ଯେ, ଯଦି ବାହ୍ୟ ସହାୟତା ଗ୍ରହଣ କରିବା ଲାଗି ଭାରତ ପ୍ରସ୍ତୁତ ନୁହେଁ, ତେବେ ପର୍ଯ୍ୟାପ୍ତ ଅର୍ଥ ଦେଇ କେରଳର ଥଇଥାନ ଓ ପୁନଃ ନିର୍ମାଣ କାର୍ଯ୍ୟକୁ ଗତିଶୀଳ କରିବା କଥା। ତାହା କରାଯାଉ ନାହିଁ। ସାମାନ୍ୟ ଅର୍ଥ ଛିଞ୍ଚି ଦେଇ ସରକାର କାମ ସାରି ଦେଉଛନ୍ତି। ଏଭଳି ବନ୍ୟାକୁ ଜାତୀୟ ବିପତ୍ତି ଘୋଷଣା କରିବାକୁ ଅନିଚ୍ଛୁକ ହେଉଥିବା ସଂଘୀୟ ସରକାରର ଉଦ୍ଦେଶ୍ୟ କ'ଣ ରହିଛି ବୁଝିବା କଷ୍ଟକର ନୁହେଁ । କେନ୍ଦ୍ରର ଏଭଳି ପାତରଅନ୍ତର ମନୋଭାବ ଦେଖି ରାଜ୍ୟ ସଭା ସଦସ୍ୟ ତଥା କେରଳର ପୂର୍ବତନ ମନ୍ତ୍ରୀ ବିନୟ ବିଶ୍ୱମ୍ ରାଜ୍ୟ ସରକାରଙ୍କୁ ବିଦେଶୀ ସହାୟତା ଗ୍ରହଣ କରିବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦେବା ସକାଶେ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଛନ୍ତି। ଅଦ୍ୟାବଧି ଏହାର ଶୁଣାଣି ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ଏହା ଏକ ଗମ୍ଭୀର ଦିଗକୁ ସୂଚିତ କରୁଛି। ଯେତେବେଳେ ରବିଶଙ୍କର ପ୍ରସାଦଙ୍କ ଭଳି କେନ୍ଦ୍ରମନ୍ତ୍ରୀ ମତ ଦେଉଛନ୍ତି ଯେ, ନ୍ୟାୟାଳୟର ଅତ୍ୟଧିକ ହସ୍ତକ୍ଷେପ ଯୋଗୁ ଦେଶରେ ପ୍ରଶାସନିକ ଅବ୍ୟବସ୍ଥା ଘଟୁଛି, ସେତେବେଳେ ଉଚ୍ଚତମ ନ୍ୟାୟାଳୟଙ୍କ ମତ-ପ୍ରଶାସନିକ ବ୍ୟବସ୍ଥା ନ ଥିବା ବେଳେ ଅବ୍ୟବସ୍ଥା ହେବ କେମିତି-ଅନେକଙ୍କୁ ଯଥାର୍ଥ ମନେହେଉଛି।

ବନ୍ୟା ପ୍ରଭାବିତ କେରଳବାସୀଙ୍କୁ ବାହ୍ୟ ସହାୟତା ପ୍ରସଙ୍ଗ ନେଇ ଆଲୋଚନା କଲା ବେଳେ ମନେପଡ଼େ ନିକଟ ଅତୀତରେ ଥାଇଲାଣ୍ଡର ଏକ ଗୁମ୍ଫାରେ ଫୁଟବଲ ଟିମ୍‌ର କୋଚ୍‌ଙ୍କ ସମେତ ୧୩ ଜଣ ଖେଳାଳିଙ୍କ କଥା। ସ୍ଥିତିର ଗମ୍ଭୀରତାକୁ ଦେଖି ବିଶ୍ୱବ୍ୟାପୀ ସମର୍ଥନ ଓ ସହଯୋଗ ମିଳିଥିଲା। ଥାଇଲାଣ୍ଡ ସରକାର ସେହିସବୁ ସାହାଯ୍ୟକୁ ଖୋଲା ମନରେ ସ୍ୱୀକାର କରିଥିଲା। ବିଭିନ୍ନ ଦେଶର ତୁଙ୍ଗ ବୁଡ଼ାଳି (ଡାଇଭର)ଙ୍କ ଅଭିଜ୍ଞତା ଯୋଗୁ ଉଦ୍ଧାର କାର୍ଯ୍ୟ ସଫଳ ହୋଇଥିଲା। ବିରାଟକାୟ ବିପର୍ଯ୍ୟୟ ବେଳେ ସବୁ ପ୍ରକାର ସମର୍ଥନ ଓ ସହଯୋଗକୁ ଗ୍ରହଣ କରାଯିବା ଦରକାର। ବଢ଼ାଯାଉଥିବା ସାହାଯ୍ୟର ହାତକୁ ଅସ୍ୱୀକାର କଲେ ତାହା ଭବିଷ୍ୟତରେ ଦେଶକୁ ହାନି ପହଞ୍ଚାଇବ।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 5 | | | | | 3 | | | | |
| B | | | | | | 6 | | 5 | | | | 1 | | |
| D | | A | | C | | | | | | | | | 3 | |
| 8 | | | | D | 0 | | E | 7 | | | 1 | 2 | 9 | |
| | | 4 | A | E | | | 1 | | | 6 | | | B | |
| | | 8 | | | | | 2 | E | | | 9 | | | C |
| | | | E | | 3 | 7 | | D | | C | A | | | |
| | 0 | | | 4 | | | A | 1 | | B | | 5 | | |
| | E | | | 2 | C | | | | | | | | | |
| | | 6 | | A | D | | | C | | | | | | 1 |
| A | | E | | | 4 | B | | | | | | | | |
| | | | 7 | | | 1 | | | | | E | 6 | | |
| | | 0 | B | 1 | | | | 8 | 3 | | 7 | | D | |
| 6 | | C | 3 | | | | 7 | 0 | 4 | | | | 8 | |
| | 3 | 1 | | 0 | | D | 5 | | | | | 7 | 4 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 9 | 7 | D | 6 | E | 4 | 3 | 2 | 1 | 8 | 5 | C | A | B |
| 1 | C | 5 | 9 | A | 4 | B | 0 | 6 | E | 2 | 3 | 8 | 7 | D |
| 8 | D | 4 | 3 | B | 0 | A | 7 | 1 | C | 9 | 6 | E | 5 | 2 |
| 6 | B | A | C | 1 | 2 | 8 | 5 | E | 4 | 7 | D | 3 | 9 | 0 |
| 2 | E | 3 | 5 | 8 | 7 | D | 9 | C | A | B | 0 | 1 | 4 | 6 |
| B | 0 | 1 | 6 | 4 | 9 | 7 | C | A | 3 | 5 | 2 | D | 8 | E |
| C | 3 | 2 | 1 | D | A | 5 | 6 | 0 | 9 | E | 8 | 4 | B | 7 |
| A | 4 | D | E | 0 | 8 | 2 | B | 3 | 6 | 1 | 7 | 9 | C | 5 |
| 9 | 5 | E | 7 | 2 | 3 | 1 | 8 | 4 | D | C | B | 0 | 6 | A |
| 7 | 6 | 8 | B | 5 | C | 9 | E | D | 0 | A | 4 | 2 | 3 | 1 |
| D | A | 6 | 0 | 9 | B | C | 2 | 8 | 5 | 4 | E | 7 | 1 | 3 |
| 3 | 1 | B | 2 | 7 | 5 | 0 | D | 9 | 8 | 6 | C | A | E | 4 |
| 5 | 8 | 9 | 4 | E | D | 3 | A | 7 | B | 0 | 1 | 6 | 2 | C |
| E | 2 | C | A | 3 | 1 | 6 | 4 | B | 7 | D | 9 | 5 | 0 | 8 |
| 4 | 7 | 0 | 8 | C | 6 | E | 1 | 5 | 2 | 3 | A | B | D | 9 |

ଗତକାଲିର ଉତ୍ତର

# ଗୋଦାବରୀ ଲୋ ତୋ ଗୋଡ଼କୁ ଅନା



ଡ. ସନ୍ତୋଷ କୁମାର ମହାପାତ୍ର

ସମ୍ପ୍ରତି ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେଲା ପରେ ଏକ ନୂତନ ଶବ୍ଦ 'ମୋଦିବିରୋଧୀ' ସୃଷ୍ଟି ହୋଇଛି। ଯେଉଁମାନେ ଭାରତର ପ୍ରଧାନମନ୍ତ୍ରୀ ହୋଇଛନ୍ତି, ସେମାନେ ସେମାନଙ୍କର କୌଣସି ବିଫଳତା ଏବଂ ତ୍ରୁଟିପୂର୍ଣ୍ଣ ନୀତି ପାଇଁ ସମାଲୋଚନାର ଶରବ୍ୟ ହୋଇଛନ୍ତି। ବହୁ ଲେଖକ ଓ ସ୍ତମ୍ଭକାର ସେମାନଙ୍କ ନୀତି ଓ କାର୍ଯ୍ୟକଳାପକୁ ଅତ୍ୟନ୍ତ କଠୋର ଭାଷାରେ ସମାଲୋଚନା କରିଥିଲେ ମଧ୍ୟ କେହି ସେମାନଙ୍କୁ ନେହେରୁ ବିରୋଧୀ, ଇନ୍ଦିରା ବିରୋଧୀ, ବାଜପେୟୀ ବିରୋଧୀ ବା ମନମୋହନ ବିରୋଧୀ ବୋଲି ଅଭିହିତ କରି ନ ଥିଲେ। କିନ୍ତୁ ବର୍ତ୍ତମାନ ଯଦି କିଏ ନରେନ୍ଦ୍ର ମୋଦିଙ୍କ ବିଫଳତା, ତ୍ରୁଟିପୂର୍ଣ୍ଣ ନୀତିକୁ ସମାଲୋଚନା କଲା ତାଙ୍କୁ ମୋଦିଙ୍କ ସମର୍ଥକମାନେ ମୋଦି ବିରୋଧୀ ଆଖ୍ୟା ଦେଉଛନ୍ତି। ଜଣେ ଲେଖକ ଭୁଲ ବା ଠିକ୍ ଲେଖିଛି, ଯେଉଁ ତଥ୍ୟ ଦେଇଛି ତାହା ଠିକ୍ ନା ଭୁଲ ବା ଯେଉଁ ମତ ଦେଇଛି ତାହା କେତେଦୂର ଗ୍ରହଣୀୟ ତାହାକୁ ବିଚାର ନ କରି ବା ବିକଳ୍ପ ମତ, ତଥ୍ୟ ନ ଥୋଇ ସତ କହୁଥିବା ଲୋକଙ୍କୁ ମୋଦି ବିରୋଧୀ ଆଖ୍ୟା ଦେଇ ତା' ପ୍ରତି ଜନସାଧାରଣଙ୍କ ମନରେ ଘୃଣାଭାବ ସୃଷ୍ଟି କରାଯାଉଛି, ଯାହାଫଳରେ ଲୋକମାନେ ସେହି ବ୍ୟକ୍ତିର ସତକଥାକୁ ଗ୍ରହଣ କରିବେ ନାହିଁ। ଏହାର ଅର୍ଥ ହେଉଛି ଭିନ୍ନ ମତ ତଥା ପ୍ରଶ୍ନ କରିବାର ଅଧିକାରକୁ ଧୂଳିସାତ କରିବା, ଯାହା ଗଣତନ୍ତ୍ର ପ୍ରତି ବିପଦ। କ୍ଷମତାକୁ ନିରଙ୍କୁଶ କରିବା ପାଇଁ ଏପରି ପଦକ୍ଷେପ ନିଆଯାଉଛି। ସରକାର ଚାହୁଁଛନ୍ତି ଯେ ତାଙ୍କର ଯଦି କିଛି ସଫଳତା ଅଛି ତାକୁ ଲୋକେ ଜାଣନ୍ତୁ। କିନ୍ତୁ କୌଣସି ବିଫଳତା ଜାଣନ୍ତୁ ନାହିଁ।

ଏ କଥା ସତ୍ୟ ଯେ ଯିଏ ପ୍ରଧାନମନ୍ତ୍ରୀ ହେଉ ନା କାହିଁକି ବା ଯେଉଁ ଦଳ ଶାସନ କରୁ ନା କାହିଁକି ବିଭିନ୍ନ ସମସ୍ୟାର ସମାଧାନ ସହଜ ନୁହେଁ, କିନ୍ତୁ ଯିଏ କ୍ଷମତାରେ ରହିବ ତା'ର ମୁଖ୍ୟ କାର୍ଯ୍ୟହେବ ଧନିକ ଶ୍ରେଣୀଠାରୁ ଅଧିକ ହାରରେ ଟିକସ ଆଦାୟ କରି ବିଭିନ୍ନ ଜନହିତକର କାର୍ଯ୍ୟ ତଥା ବିଭିନ୍ନ ସାମାଜିକ କ୍ଷେତ୍ରରେ ଅଧିକ ବ୍ୟୟ କରି ଜନସାଧାରଣଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ପାଇଁ ପ୍ରୟାସ କରିବା। ସବୁଠାରୁ ଚିନ୍ତାର ବିଷୟ ହେଉଛି ଜୀବନ ଧାରଣର ମାନରେ ଉନ୍ନତି ପାଇଁ ପଦକ୍ଷେପ ନେବା ପରିବର୍ତ୍ତେ କିଛି ନିର୍ଦ୍ଦିଷ୍ଟ ଶ୍ରେଣୀଙ୍କୁ ଆକୃଷ୍ଟ କରିବା ପାଇଁ ବା ଭୋଟ ବ୍ୟାଙ୍କ ସୃଷ୍ଟି କରିବା ପାଇଁ ଯୋଜନା ଘୋଷଣା କରାଯାଉଛି। ଉଦାହରଣ ସ୍ୱରୂପ ବର୍ତ୍ତମାନ ଉଜ୍ଜ୍ୱଳା ଯୋଜନାକୁ ସରକାରଙ୍କ ତରଫରୁ ଅହରହ ପ୍ରଚାର କରାଯାଉଛି। ଏହା ଏକ ଭଲ ଯୋଜନା କିନ୍ତୁ ସରକାର କହୁଛନ୍ତି ମାଗଣାରେ ସିଲିଣ୍ଡର, ଚୁଲା ଦିଆଯାଉଛି ଏବଂ ଏହାଦ୍ୱାରା ମହିଳାଙ୍କୁ ସମ୍ମାନ ମିଳିଲା। କିନ୍ତୁ ମହିଳାଙ୍କ ସମସ୍ୟା ନୁହେଁ ଗ୍ୟାସ ଚୁଲା। ସମସ୍ୟା ହେଉଛି ତାଙ୍କ ଆର୍ଥିକ ଅବସ୍ଥା, ଯାହାର ଉନ୍ନତି ନ ହେବା ଯୋଗୁ ଅଧିକାଂଶ ଦ୍ୱିତୀୟଥର ଗ୍ୟାସ ଭରିବା ପାଇଁ ଆସୁନାହାନ୍ତି। ସରକାର ଏପଟେ ଗ୍ୟାସ ଚୁଲା ଦେଇ ଯେତିକି ସୁବିଧା ନ ଦେଲେ ପେଟ୍ରୋଲ, ଡିଜେଲ ଉପରେ ଅଧିକ ଟିକସ ଧାର୍ଯ୍ୟକରି ତା'ଠାରୁ ଅଧିକ ଜନସାଧାରଣଙ୍କ ପକେଟରୁ ନେଇଗଲେ। କାରଣ ପେଟ୍ରୋଲ, ଡିଜେଲରେ ଅଧିକ ଟିକସ ଧାର୍ଯ୍ୟ କରିବା ଏବଂ ଅଧିକ ମୂଲ୍ୟରେ ବିକ୍ରି ହେବା ଯୋଗୁ ଦରଦାମ ବୃଦ୍ଧି, ମୁଦ୍ରାସ୍ଫୀତି ବୃଦ୍ଧି ଯୋଗୁ ଲୋକଙ୍କର କ୍ରୟ ଶକ୍ତି ହ୍ରାସ ପାଇଲା ଏବଂ ଜୀବନଧାରଣରେ ଅବନତି ଘଟିଲା। ଯଦି ସେହି ମହିଳାଙ୍କ ପରିବାରର ଆୟ ବୃଦ୍ଧି ପାଆନ୍ତା ତେବେ ସେମାନେ ନିଜ ଅର୍ଥରେ ଗ୍ୟାସ ଚୁଲା କିଣି ସର୍ବଦା ସିଲିଣ୍ଡରରେ ଗ୍ୟାସ ଭରିବା ପାଇଁ ସକ୍ଷମ ହୁଅନ୍ତେ।

ଅନେକେ କୁହନ୍ତି ଯେ, ନରେନ୍ଦ୍ର ମୋଦି ସ୍ୱଚ୍ଛ, ସାଧୁ ଏବଂ ଗରିବ ଚା ବିକାଳି ପରିବାରରୁ ଆସି ପ୍ରଧାନମନ୍ତ୍ରୀ ହୋଇଛନ୍ତି। ତାଙ୍କର ନିଜର ସମ୍ପତ୍ତି କିଛି ନାହିଁ। ମନେକରାଯାଉ ଏସବୁ ଶତପ୍ରତିଶତ ଠିକ୍। କିନ୍ତୁ ଏହାର ଅର୍ଥ ନୁହେଁ ସେ ବର୍ତ୍ତମାନ ଚା ବିକାଳି ପରି ଜୀବନ ବିତାଉଛନ୍ତି। ଦୁନିଆର ନୀତି ହେଉଛି ଯେ ଅଧିକାଂଶ ଗରିବ ପରିବାରରୁ ଯାଇ ଧନଶାଳୀ, କ୍ଷମତାଶାଳୀ ହେଲା ପରେ ସେ ଅତୀତକୁ ଭୁଲିଯାଆନ୍ତି। ନରେନ୍ଦ୍ର ମୋଦି ୧୦ ଲକ୍ଷ ଟଙ୍କାର ସୁଟ୍ ପିନ୍ଧିବା, ଅତ୍ୟଧିକ ମାତ୍ରାରେ ବିଦେଶ ଗସ୍ତ କରିବା କେତେଦୂର ସମୀଚୀନ? ବୈଦେଶିକ ବ୍ୟାପାର ମନ୍ତ୍ରୀ କାହିଁକି ଅଛନ୍ତି? ପୁନଶ୍ଚ ଯଦି ମୋଦି ଗରିବ ପରିବାରରୁ ଆସିଛନ୍ତି, ତେବେ ତାଙ୍କ ମନ୍ତ୍ରିମଣ୍ଡଳରେ ଗରିବ ଲୋକଙ୍କୁ କାହିଁକି ସ୍ଥାନ ଦେଉନାହାନ୍ତି? ଗରିବ ଲୋକଙ୍କୁ କାହିଁକି ନିର୍ବାଚନରେ ଅବତୀର୍ଣ୍ଣ ହେବା ପାଇଁ ଟିକେଟ ଦେଉନାହାନ୍ତି? ଅପରାଧରେ ସଂଶ୍ଳିଷ୍ଟ ବ୍ୟକ୍ତିଙ୍କୁ କାହିଁକି ଦଳରୁ ବିତାଡିତ କରୁନାହାନ୍ତି? ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ମୋଦିଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ନିଜସ୍ୱ ଘୋଷିତ ସମ୍ପତ୍ତିର ପରିମାଣ ହାରାହାରି ୧୨.୯୪ କୋଟି ଟଙ୍କା, ଯାହା ରେକର୍ଡ।

ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେଲା ପରେ ଗରିବ ସାଧାରଣ ଜନତାଙ୍କ ପାଇଁ କିଛି କରିବା ସହିତ ଅନେକ ବଳିଷ୍ଠ ପଦକ୍ଷେପ ନେବାର ସୁଯୋଗ ଥିଲା। କିନ୍ତୁ ସେ ଚତୁରତାର ସହିତ ଅମ୍ବାନୀ, ଆଦାନୀ ଭଳି ଶିଳ୍ପପତିଙ୍କ ସହିତ ହାତ ମିଳାଇଦେଲେ। ଯେଉଁମାନେ ରାଷ୍ଟ୍ରାୟତ୍ତ ଶିଳ୍ପର କ୍ଷତି ଘଟାଇ, ଦେଶର ସମ୍ପତ୍ତି ଲୁଣ୍ଠନ କରି ନିଜର ବ୍ୟବସାୟ ସମ୍ପ୍ରସାରଣ କରିବା ସହିତ ସମ୍ପଦ ବୃଦ୍ଧି କରି ଚାଲିଲେ। ଗରିବ ପୂର୍ବ ପରି ଅବହେଳିତ ହୋଇ ରହିଲେ। ଜଣେ ଯୁକ୍ତି ଛଳରେ କହିପାରେ, ଏହିସବୁ କମ୍ପାନୀ ମଧ୍ୟ ନିଯୁକ୍ତି ସୃଷ୍ଟି କରୁଛନ୍ତି। ବାସ୍ତବରେ ଏମାନେ ଯେତିକି ନିଯୁକ୍ତି ସୃଷ୍ଟି କରୁଛନ୍ତି, ଯଦି ନ ଥାନ୍ତେ ତେବେ ତାହାଠାରୁ ବହୁଗୁଣରୁ ଅଧିକ ଅନ୍ୟ ରାଷ୍ଟ୍ରାୟତ୍ତ କ୍ଷେତ୍ର ବା ଘରୋଇ କ୍ଷେତ୍ରରେ ସୃଷ୍ଟି ହୋଇଥାନ୍ତା। କେବଳ ସେତିକି ନୁହେଁ ଗତ ୪ ବର୍ଷରେ କମ୍ପାନୀମାନେ କ୍ଷମତାଶାଳୀଙ୍କ ଛତ୍ରଛାୟାରେ ରହି ଋଣ ନ ଶୁଝିବାରୁ ବ୍ୟାଙ୍କଗୁଡ଼ିକର ଅଚଳ ସମ୍ପତ୍ତି ବା ଖରାପ ଋଣ ୨.୬୬ ଲକ୍ଷ କୋଟି ଟଙ୍କାରୁ ୧୦ .୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧିପାଇଛି। ସବୁଠାରୁ କ୍ଷୋଭର ବିଷୟ ଗତ ୩ ବର୍ଷରେ ବ୍ୟାଙ୍କଗୁଡ଼ିକରେ ବିଭିନ୍ନ ଠକାମି, ଲୁଣ୍ଠନ ପରିମାଣ ୬୨୦୦୦ କୋଟି ଟଙ୍କା। ରାଫେଲ ଦୁର୍ନୀତି ମଧ୍ୟ ବର୍ତ୍ତମାନ ଅନେକ ପ୍ରଶ୍ନ ଠିଆ କରିଛି। ଆଉ ଏକ ଆଶ୍ଚର୍ଯ୍ୟର ବିଷୟ ହେଉଛି ସରକାର ଗରିବ କଥା ଏବଂ ଜନଧନ ଯୋଜନା କଥା କହୁଛନ୍ତି। ସେତେବେଳେ ଗରିବ ଲୋକ ବ୍ୟାଙ୍କରେ ସର୍ବନିମ୍ନ ବାଲାନ୍ସ ରଖିବାରେ ବିଫଳ ହେବାରୁ ବ୍ୟାଙ୍କଗୁଡ଼ିକ ୫୦୦୦ କୋଟି ଟଙ୍କା ତାଙ୍କ ଜମାରୁ କାଟି ନେଇଛନ୍ତି। ଏଠାରେ ଏକ ସ୍ୱତଃ ପ୍ରଶ୍ନ ଉଠେ ସରକାର ଯଦି ଦୁର୍ନୀତି, କଳାଟଙ୍କା ହଟାଇବା ପାଇଁ ଚେଷ୍ଟିତ ତେବେ ରାଜନୈତିକ ପ୍ରକ୍ରିୟା କାହିଁକି ସ୍ୱଚ୍ଛ କରୁନାହାନ୍ତି। ପ୍ରଧାନମନ୍ତ୍ରୀ କାହିଁକି ନିଜକୁ ଲୋକପାଳର ଅନ୍ତର୍ଭୁକ୍ତ କରୁନାହାନ୍ତି କି କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମିଳନୀ କରୁନାହାନ୍ତି। ଏପରିକି କାହିଁକି କ'ଣ ଆବଶ୍ୟକ ପଡ଼ିଲା ଯେ ସୂଚନା ଅଧିକାର ଆଇନରେ ପରିବର୍ତ୍ତନ ଆଣିବା? ଅବଶ୍ୟ ବିରୋଧ ଯୋଗୁ ଏଥିରୁ ବିରତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ କୌଣସି ଦେଶୀ ବିଦେଶୀ କମ୍ପାନୀ ବିଭିନ୍ନ ଦଳର ପାଣ୍ଠିକୁ ନିଜ ନାମ ଲୁଚାଇ ପ୍ରଚୁର ଅର୍ଥ ଦେଇପାରିବ। ଯାହା କେବଳ ଦୁର୍ନୀତିର ଉତ୍ସ ନୁହେଁ। ସରକାରରେ ଥିବା ଦଳ ଲାଭବାନ ହେବ। ଭାଜପାର ଦଳୀୟ ପାଣ୍ଠିକୁ କର୍ପୋରେଟମାନେ ସର୍ବାଧିକ ଦେଇଛନ୍ତି।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହି ସରକାର ବିଫଳତା ଲୁଚାଇବା ପାଇଁ ତଥ୍ୟ ସଂଗ୍ରହ ମାଧ୍ୟମରେ ପରିବର୍ତ୍ତନ କରୁଛନ୍ତି ଏବଂ କିପରି ଅଧିକ ସଫଳତା ଦେଖାଯାଇପାରିବ ସେହିପରି ଭାବେ ତଥ୍ୟ ଆକଳନ କରାଯାଉଛି। ଉଦାହରଣ ସ୍ୱରୂପ ଲେବର ବ୍ୟୁରୋ ବା ଏନଏସଏସଓ ଦ୍ୱାରା ନିଯୁକ୍ତି ବୃଦ୍ଧି ଆକଳନ ନ କରି କର୍ମଚାରୀ ଭବିଷ୍ୟନିଧି ପାଣ୍ଠିର ରେକର୍ଡକୁ ବ୍ୟବହାର କରିବା। ରେଟିଂରେ ଉନ୍ନତି ପାଇଁ ରେଟିଂ ଏଜେନ୍ସି ଉପରେ ଚାପ ସୃଷ୍ଟି କରିବା। ଏ ସରକାରଙ୍କର ସବୁଠାରୁ ବଡ଼ ଦୁର୍ବଳତା ହେଉଛି, ପ୍ରତ୍ୟେକ ବିଫଳତା ପାଇଁ ପୂର୍ବ ସରକାରଙ୍କୁ ଦାୟୀ କରିବା। ଅନେକେ ମଧ୍ୟ ଯୁକ୍ତି କରନ୍ତି ଯେ ସରକାର ଯାହା ଭଲ କରିଛନ୍ତି ତାହା ଲେଖାଯିବା ଉଚିତ। ବାସ୍ତବରେ ସେ ନିର୍ବାଚିତ ହୋଇଛନ୍ତି ଭଲ କରିବା ପାଇଁ ଏବଂ ଯାହା କରୁଛନ୍ତି ତାହା ଗଣମାଧ୍ୟମରେ ସାଙ୍ଗେ ସାଙ୍ଗେ ପ୍ରକାଶ ପାଉଛି ଏବଂ ବିଜ୍ଞାପନ ଦ୍ୱାରା ମଧ୍ୟ ଲୋକଙ୍କ ପାଖରେ ପହଞ୍ଚୁଛି। କିନ୍ତୁ ଯେଉଁ କୋଟି କୋଟି ଲୋକ କ୍ଷୁଧା, ଦାରିଦ୍ର୍ୟ ବୈଷମ୍ୟର ଶିକାର ହୋଇ ଦୁଃଖମୟ ଜୀବନ ବିତାଉଛନ୍ତି, ସେମାନଙ୍କ କଥା କିଏ କହିବ? ସେମାନଙ୍କ କଥା କହିବା ଅର୍ଥ ସରକାରଙ୍କ ବିଫଳତା ଦର୍ଶାଇବା।

ମୋ-୯୪୩୭୨୦୮୭୬୨,
skmohapatra67@gmail.com

# ଶିକ୍ଷା, ଶିକ୍ଷକ ଓ ଶିକ୍ଷାନୁଷ୍ଠାନ

ପ୍ରୀତିଛନ୍ଦା ଧଳ

ଶିକ୍ଷା ହେଉଛି ସମାଜର ମୂଳଦୁଆ। ଏହାଦ୍ୱାରା ହିଁ ଗୋଟିଏ ସୁସ୍ଥ ସମାଜ ଗଠନ ହୋଇପାରିବ। ଆମ ରାଜ୍ୟରେ ସମୁଦାୟ ୩୪,୨୩୮ଟି ପ୍ରାଥମିକ ଓ ୧୭,୭୨୬ଗୋଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ସେଥିମଧ୍ୟରୁ ୨୯,୯୪୪ଟି ପ୍ରାଥମିକ ସ୍କୁଲରେ ପ୍ରତି ଶ୍ରେଣୀ ପାଇଁ ବଖରାଏ ଗୃହ ନାହିଁ। ୩୨,୫୫୩ଟି ପ୍ରାଥମିକ ବିଦ୍ୟାଳୟରେ ପ୍ରତି ଶ୍ରେଣୀ ପାଇଁ ଜଣେ ଲେଖାଏ ଶିକ୍ଷକ ନାହାନ୍ତି। ୧୨,୪୬୬ଟି ଉଚ୍ଚ ପ୍ରାଥମିକ ସ୍କୁଲ୍‌ରେ ପ୍ରତି ଶ୍ରେଣୀ ପାଇଁ ଜଣେ ଶିକ୍ଷକ ନାହାନ୍ତି। ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟ ମଧ୍ୟରୁ ୭ ପ୍ରତିଶତ ହେଉଛି ଜଣେ ଶିକ୍ଷକରେ ଚାଲୁଥିବା ବିଦ୍ୟାଳୟ। ୬୬ ପ୍ରତିଶତ ସରକାରୀ ପ୍ରାଥମିକ ସ୍କୁଲ୍‌ରେ ପ୍ରତି ୩୦ଜଣ ପିଲାଙ୍କ ପାଇଁ ଶିକ୍ଷକଙ୍କ ଅନୁପାତ ଜଣକରୁ କମ୍। ସର୍ବଶିକ୍ଷା ଅଭିଯାନରେ ରାଜ୍ୟରେ ଏବେ ୨୪,୪୪୬ ଶିକ୍ଷକ ପଦ ଖାଲି ରହିଛି ଓ ସରକାରୀ ହାଇସ୍କୁଲରେ ମୋଟ ୧୧,୩୪୧ ପଦ ଖାଲି ପଡ଼ିଛି। ରାଜ୍ୟରେ ୩୬୭ଟି ସ୍କୁଲର ନିଜସ୍ୱ ଘର ନ ଥିବା ତଥ୍ୟ ମଧ୍ୟ ନିକଟରେ ବିଧାନସଭାରେ ପ୍ରକାଶ ପାଇଛି। ଉପରୋକ୍ତ ତଥ୍ୟଗୁଡ଼ିକ ଉପରେ ନଜର ପକେଇଲେ ଆମେ ଜାଣିପାରିବା ଆମ ରାଜ୍ୟର ଶିକ୍ଷା ସ୍ଥିତି କେଉଁଠି। ଶିକ୍ଷା ସମାଜର ମେରୁଦଣ୍ଡ ଭଳି କାର୍ଯ୍ୟ କରିଥାଏ। କିନ୍ତୁ ଆମ ରାଜ୍ୟରେ ଶିକ୍ଷାର ଯେଉଁ ବିପର୍ଯ୍ୟସ୍ତ ପରିସ୍ଥିତି, ତାହା ନିଶ୍ଚୟ ସମୀକ୍ଷା କରିବାର ସମୟ ଆସିଛି। କିଛି ଜିଲାରେ ମଧ୍ୟ ଶିକ୍ଷା ବିଭାଗ ପିଲାଙ୍କୁ ବହି ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ତା'ହେଲେ ଏତେସବୁ ତ୍ରୁଟିବିଚ୍ୟୁତି ଯଦି ଶିକ୍ଷା ବ୍ୟବସ୍ଥାରେ ରହିବ ତା'ହେଲେ ବିଭିନ୍ନ ଶିକ୍ଷା ଯୋଜନାର ସଫଳ ରୂପାୟନ କେମିତି ହେବ? ଶିକ୍ଷାର ମାନଦଣ୍ଡ ଯଦି ଗୁଣାତ୍ମକ ନ ହୁଏ, ତା'ହେଲେ ସଭିଏଁ ପଢ଼ିବେ ଆଉ ସଭିଏଁ ବଢ଼ିବେ କେମିତି? ନିକଟରେ ଏକ ଖବରକାଗଜରେ ପ୍ରକାଶ ପାଇଥିଲା, ସରକାରଙ୍କ ନୂଆ ଉଜ୍ଜ୍ୱଳ ଓ ଉତ୍ଥାନ ଯୋଜନା ଏକପ୍ରକାର ପ୍ରଚାର ଓ ପ୍ରହସନରେ ପରିଣତ ହୋଇଛି। ଗୋଟିଏ ଛାତ ତଳେ ଖଣ୍ଡିଏ ବହି ଧରି ୭-୮ ଜଣ ପିଲା ପଢୁଥିବାର ଦେଖାଯାଇଥିଲା। ମାହାଙ୍ଗା ବ୍ଲକ୍‌ରେ ୧୪୦ଟି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୮୫୬୯ ଜଣ ପିଲା ପାଠ ପଢ଼ନ୍ତି। ସେହିପରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବା ୮୯ ମଧ୍ୟଇଂରାଜୀ ବିଦ୍ୟାଳୟ ଓ ଅଷ୍ଟମ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ୧୦ଟି ହାଇସ୍କୁଲ୍‌କୁ ମିଶାଇ ସମୁଦାୟ ୨୩୯ ସ୍କୁଲରେ ଚାଲିଛି ଉଜ୍ଜ୍ୱଳ ଓ ଉତ୍ଥାନ କାର୍ଯ୍ୟକ୍ରମ। ଏହି ସ୍କୁଲ୍‌ଗୁଡ଼ିକରେ ୬୯୨ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଏହି ଯୋଜନା ମାଧ୍ୟମରେ ପିଲାଙ୍କୁ ଦିଆଯାଉଥିବା ବହିରେ ବ୍ୟାପକ ଶବ୍ଦଗତ ତ୍ରୁଟି ପରିଲକ୍ଷିତ ହୋଇଛି। ଏଥିପାଇଁ କିଏ ଦାୟୀ? ଏଥିରୁ ପିଲାମାନେ କ'ଣ ଶିକ୍ଷା କରିବେ? ଓଡ଼ିଶାର କଟକ ଜିଲା ବିଦ୍ୟାଳୟର ଯଦି ଏହି ପରିସ୍ଥିତି, ତା'ହେଲେ ଅନ୍ୟ ଜିଲା କଥା କ'ଣ କୁହାଯିବ। ତେଣୁ ଶିକ୍ଷା ବ୍ୟବସ୍ଥାକୁ କିଭଳି ସୁଦୃଢ଼ କରାଯାଇପାରିବ, ସେ ଦିଗରେ ସମସ୍ତେ ଚିନ୍ତା କରିବାର ସମୟ ଆସିଛି। ଗତ ଜୁନ୍ ୩୦ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ସମସ୍ତ ଶିକ୍ଷକଙ୍କ ବାୟୋଡାଟା ମଗାଯିବାର ଏକ ବୈଠକରେ ଆଲୋଚନା ହୋଇଥିଲା। ଏ ପର୍ଯ୍ୟନ୍ତ ରାଜ୍ୟର ସବୁ ଶିକ୍ଷକଙ୍କ ବାୟୋଡାଟା ଠିକ୍ ନାହିଁ। ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରରେ ବହୁ ତ୍ରୁଟି ମଧ୍ୟ ପରିଲକ୍ଷିତ ହୋଇଛି। ଏହାକୁ ଗୁରୁତ୍ୱର ସହ ନେଇ ସମସ୍ୟାର ସମାଧାନ କରିବାକୁ ଶିକ୍ଷା ବିଭାଗ ପ୍ରୟାସ ଆରମ୍ଭ କରିଥିଲା। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କାରଣ ଆମେ ଆମର ଭବିଷ୍ୟତକୁ ଯେଉଁମାନଙ୍କ ହାତରେ ଟେକିଦେଉଛେ, ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଓ ଶିକ୍ଷାର ମାନଦଣ୍ଡ ନିହାତି ଉତ୍କର୍ଷ ହେବା ଦରକାର। କାରଣ ଆଜିକାଲି ଆମେମାନେ ଦେଖୁଛେ ବିଭିନ୍ନ ଜାଗାରେ ସଂସ୍କୃତ ଟୋଲ୍ ଖୋଲିଯାଉଛି ଏବଂ ସେଠାରୁ ପିଲାମାନେ ପାସ୍‌କରି ବିଭିନ୍ନ କଲେଜରେ ନାମ ଲେଖାଉଛନ୍ତି ଓ କେତେଜଣ ମଧ୍ୟ ଶିକ୍ଷକତା କରୁଛନ୍ତି। ତେଣୁ ଶିକ୍ଷକମାନଙ୍କ ଶିକ୍ଷାର ମାନଦଣ୍ଡ ପ୍ରଥମେ ଠିକ୍ ରହିବା ଦରକାର। ଶିକ୍ଷକମାନଙ୍କ ଶିକ୍ଷାଗତ ଯୋଗ୍ୟତା ଯଦି ଠିକ୍ ରହିବ, ତା'ହେଲେ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ଆଉ ଅଧାରୁ ବନ୍ଦ ହେବନାହିଁ। ସରକାରଙ୍କ ଶିକ୍ଷାନୁଷ୍ଠାନରେ ଅଧାରୁ ପିଲାମାନେ ପାଠ ବନ୍ଦ କରିଦେଉଛନ୍ତି କିମ୍ବା ଅନ୍ୟତ୍ର କୌଣସି ବେସରକାରୀ ବିଦ୍ୟାଳୟରେ ନାମ ଲେଖାଉଛନ୍ତି। ଏହାର କାରଣ ଜାଣିବା ସହ ଏସବୁର ନିରାକରଣ ପାଇଁ ଶିକ୍ଷା ବିଭାଗର ତତ୍ପରତା ପ୍ରକାଶ ପାଇବା ଜରୁରୀ। କାରଣ ଆମ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିଯାଇଛି। ତାହାକୁ ଯଦି ସଜଡ଼ା ନ ଯାଏ, ତା'ହେଲେ ରାଜ୍ୟରେ ଆଉ କିଛିଦିନ ପରେ ସରକାରୀ ବିଦ୍ୟାଳୟ ସବୁ ବନ୍ଦ ହୋଇଯିବ। ପ୍ରଥମରୁ ହିଁ ଯଦି ଶିକ୍ଷା, ଶିକ୍ଷକ ଓ ଶିକ୍ଷାନୁଷ୍ଠାନ ଏହି ତିନୋଟିକୁ ସୁନ୍ଦର ଭାବରେ ସଜଡ଼ା ଯାଇପାରନ୍ତା, ତା'ହେଲେ ନିଶ୍ଚୟ ରାଜ୍ୟରେ ଶିକ୍ଷାର ପ୍ରସାର ହୋଇପାରନ୍ତା। ସମସ୍ତେ ଶିକ୍ଷାକୁ ହାତପାଆନ୍ତାରେ ପାଇପାରନ୍ତେ। ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ସୁଦୃଢ଼ ସେ ଦେଶର ନାଗରିକ ସେତେ ସଚେତନ। ତେଣୁ ଆମକୁ ପ୍ରଥମେ ଶିକ୍ଷା ବ୍ୟବସ୍ଥାକୁ ସଜାଡ଼ିବାକୁ ଆଉ ସୁଧାରିବାକୁ ପଡ଼ିବ। ଶିକ୍ଷା ହେଉଛି ସମସ୍ତଙ୍କ ମୌଳିକ ଅଧିକାର। ଶିକ୍ଷା ବ୍ୟବସ୍ଥାରେ ଯେତେକ ଅବ୍ୟବସ୍ଥା ସୃଷ୍ଟି ହେଉଛି, ତା'ର ସମୀକ୍ଷା ସମସ୍ତେ ମିଳିମିଶି କରିବା ଦରକାର।

ମୋ-୯୯୩୭୬୩୪୪୬୧

## ଆମ ସମସ୍ୟା

### ବଜ୍ରପାତ ଭୟ

ମହାଶୟ,

ଏବେ ଆଗ ଅପେକ୍ଷା ଅଧିକ ବଜ୍ରପାତ ଘଟୁଛି। ଫଳରେ ବହୁ ଲୋକ ମୃତାହତ ହେଉଛନ୍ତି। ପୂର୍ବେ ସାଧାରଣତଃ ଉଚ୍ଚ ନଡ଼ିଆ, ତାଳ ଓ ଖଜୁରି ଗଛରେ ବଜ୍ର ପଡି ସେହି ଗଛଟି ପୋଡ଼ିଯାଉଥିଲା, ଏବକା ପରି ଏତେ ମଣିଷ ଓ ପଶୁ ବଜ୍ରପାତରେ ମରୁ ନ ଥିଲେ। ଲୋକଙ୍କର ଗମନାଗମନ ଓ ପରିବହନ ପାଇଁ ସରକାର ନୂତନ ରାସ୍ତା ନିର୍ମାଣ ସାଙ୍ଗକୁ ରାସ୍ତା ପ୍ରଶସ୍ତୀକରଣ କରୁଛନ୍ତି। ଏଥିପାଇଁ ବଡ଼ ବଡ଼ ଗଛ କାଟି ଦିଆଯାଉଛି। ଗାଡ଼ିମୋଟର ସଂଖ୍ୟା ବୃଦ୍ଧି ଘଟିଛି। ତେଣୁ ପରିବେଶ ସନ୍ତୁଳନ ହରାଇ ବଜ୍ରପାତ ଓ କୁଆପଥର ବୃଷ୍ଟି ହେଉଛି। ଏଣୁ ବହୁଳ ପରିମାଣରେ ଗଛ ଲଗାଇବାର ଆବଶ୍ୟକତା ଅଛି। ବିଶେଷକରି ତାଳ, ନଡ଼ିଆ, ଖଜୁରି ପ୍ରଭୃତି ଗଛ ଲଗାଇଲେ ବାୟୁମଣ୍ଡଳରେ ସୃଷ୍ଟ ବିଦ୍ୟୁତ୍ ସେହି ବାଟଦେଇ ଆର୍ଥିଂ ହୋଇଯିବ ଓ ଲୋକ ମରିବେ ନାହିଁ।

– ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ବ୍ୟାଙ୍କରେ ଲିଙ୍କ୍ ଫେଲ୍

ବ୍ୟାଙ୍କରେ ଲିଙ୍କ୍ ଫେଲ ହେବା ଏବେ ନିତିଦିନିଆ ଘଟଣା ହେଲାଣି। ଇଣ୍ଡିଆନ୍ ବ୍ୟାଙ୍କ ବିରିଡି ଶାଖାରେ ଗତ ଅଗଷ୍ଟ ୧୩ ତାରିଖ ପୂର୍ବାହ୍ନ ୧୦ଟାରୁ ୪ଟା ପର୍ଯ୍ୟନ୍ତ ଲିଙ୍କ୍ ରହିଲା ନାହିଁ। ଶହ ଶହ ଗ୍ରାହକ ଦିନସାରା ଧାଡିରେ ଠିଆ ହୋଇ ନିରାଶ ହୋଇ ଫେରିଲେ। ତା' ପରଦିନ ବି ସେହି ଅବସ୍ଥା। ଏଠାରେ ପ୍ରଶ୍ନ ଉଠୁଛି ଲିଙ୍କ୍ ଫେଲ୍ ସମସ୍ୟାର କ'ଣ କିଛି ପ୍ରତିକାର ନାହିଁ? ଲିଙ୍କ୍ ଫେଲ୍ ହେଲେ ମଧ୍ୟ ଦେଣନେଣ ଜାରି ରଖିବା ପାଇଁ ବିକଳ୍ପ ବ୍ୟବସ୍ଥା ହେବା ଦରକାର।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ରାଜସ୍ଥାନର ହ୍ରଦନଗରୀ ଉଦୟପୁର ନିକଟରେ ଏକ ଛୋଟ ଗାଁ ହଜାର ହଜାର ଭିନ୍ନକ୍ଷମଙ୍କୁ ରୋଜଗାର ବାଟ ଦେଖାଇ ନୂଆ ଜୀବନର ରାହା ଦେଇଛି। ବିନା ମୂଲ୍ୟରେ ଅସ୍ତ୍ରୋପଚାର କରାଯାଇ ସେମାନଙ୍କ ଜନ୍ମଗତ ଅଙ୍ଗବିକୃତିକୁ ଠିକ୍ କରାଯାଇ ପାରୁଛି। ଚିକିତ୍ସା କାଳରେ ସେମାନଙ୍କୁ ମୋବାଇଲ୍ ଓ କମ୍ପ୍ୟୁଟର ମରାମତି ତାଲିମ ସହିତ ସିଲେଇ ଶିକ୍ଷାଦିଆଯାଉଛି। ଯାହାଦ୍ୱାରା ସେମାନେ ଆତ୍ମନିର୍ଭରଶୀଳ ହୋଇପାରିବେ। ଭିନ୍ନକ୍ଷମଙ୍କ ପାଇଁ ଆଶୀର୍ବାଦ ସାଜିଛି 'ନାରାୟଣ ସେବା ସଂସ୍ଥାନ'। ଏହାର ପରିସରରେ ମଡର୍ନ ହସ୍ପିଟାଲ୍, ଅନାଥାଶ୍ରମ, ସ୍ମାର୍ଟ ସ୍କୁଲ୍, ଦକ୍ଷତା ତାଲିମ ପ୍ରତିଷ୍ଠାନ, ଥଇଥାନ କେନ୍ଦ୍ର, ଫିଜିଓଥେରାପି ଏବଂ ନ୍ୟାଚୁରୋଥେରାପି ରହିଛି। ସେଥିପାଇଁ ଏହି ଗାଁକୁ 'ସ୍ମାର୍ଟ ଭିଲେଜ୍' କୁହାଯାଉଛି। ଏଟିଏମ୍ ମେଶିନ୍, ଇଣ୍ଟରନେଟ ସଂଯୋଗ ଏବଂ ନିଜସ୍ୱ ଟଏ ଟ୍ରେନ୍ ମଧ୍ୟ ରହିଛି। ଏଠାରେ ଅନ୍ତେବାସୀଙ୍କ ନିମନ୍ତେ ସବୁ ପ୍ରକାର ସୁବିଧା ରହିଛି। ଉଲ୍ଲେଖନୀୟ ସେବା ପାଇଁ ପଦ୍ମଶ୍ରୀ ଉପାଧିପ୍ରାପ୍ତ କୈଳାସ ଅଗ୍ରୱାଲ୍‌ଙ୍କ ଦ୍ୱାରା ଏହି ସଂଗଠନ ପ୍ରତିଷ୍ଠିତ। ଭିନ୍ନକ୍ଷମ ବ୍ୟକ୍ତିମାନେ ଚିକିତ୍ସିତ ହୋଇ ଯିବା ପରେ ଯେଭଳି ନିଜେ ରୋଜଗାରକ୍ଷମ ହୋଇପାରିବେ ତାହା ସୁନିଶ୍ଚିତ କରିବା ଏହି ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ।

## ଚିରନ୍ତନୀ

ଶୋକେ ଓଦା ନୀଳ ଭୁରୁ     ବହେ କି ପରାସ ଗୁରୁ
ନୀରବ ଧିଆନେ ଅବା     ନାହିଁ କହେ କଥା
ମୋ ବିରହେ ଲୁଚାଇଛି ବ୍ୟଥା !
(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଅଗଷ୍ଟ ୧୯୯୩

- ପାକିସ୍ତାନକୁ ଚୀନ ଏମ୍-୧୧ କ୍ଷେପଣାସ୍ତ୍ର ଜ୍ଞାନକୌଶଳ ଓ ତତ୍‌ସଂକ୍ରାନ୍ତ ଯୁଦ୍ଧ ସରଞ୍ଜାମ ରପ୍ତାନି କରୁଥିବା ପ୍ରତିବାଦରେ ଆମେରିକା ଉଭୟ ରାଷ୍ଟ୍ର ବିରୋଧରେ ଅର୍ଥନୈତିକ କଟକଣା ଜାରି କଲା।
- ନିକାରାଗୁଆର ବାମପନ୍ଥୀ ବିଦ୍ରୋହୀ ବନ୍ଧୁକଧାରୀମାନଙ୍କ ଦ୍ୱାରା ପଣବନ୍ଦୀ ରହିଥିବା ଉପରାଷ୍ଟ୍ରପତି ଭର୍ଜିଲ ଓ ଗୋଡଲାଙ୍କ ସମେତ ଅବଶିଷ୍ଟ ୧୬ ଜଣଙ୍କୁ ମୁକ୍ତ କରାଗଲା।

## ସାପ୍ତାହିକ ପଞ୍ଜିକା

ଅଗଷ୍ଟ ୨୦- କେରଳ ବନ୍ୟାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଭାବେ ଘୋଷଣା କରିଛି। ଏହି ମହାବନ୍ୟାରେ ଅଗଷ୍ଟ ୮ରୁ ଏପର୍ଯ୍ୟନ୍ତ ୨୧୬ ଜଣ ପ୍ରାଣ ହରାଇବା ସହ ସାଢ଼େ ୭ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବାସହରା ହୋଇଛନ୍ତି।

୨୧- ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ସାହିତ୍ୟିକ ଯଦୁନାଥ ଦାସମହାପାତ୍ରଙ୍କ ୮୯ ବର୍ଷ ବୟସରେ ପରଲୋକ।

୨୨- କଲେଜ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଜଙ୍କ୍ ଫୁଡ୍ ବିକ୍ରି ହେବ ନାହିଁ ବୋଲି ୟୁଜିସିର ନିର୍ଦ୍ଦେଶନାମା ଜାରି।

୨୩- ସତ୍ୟପାଲ ମଲିକ ଜମ୍ମୁ-କଶ୍ମୀର ଓ ଲାଲଜୀ ଟଣ୍ଡନ ବିହାର ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିଛନ୍ତି।

୨୪- ଓଡ଼ିଶାରେ ବିଧାନ ପରିଷଦ ଗଠନ ପାଇଁ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି।



ଅନ୍ୟର ମଙ୍ଗଳ ପାଇଁ ନିଜେ ଦୁଃଖ ସହିବାର ଇଚ୍ଛା,
ଏହାର ଅନ୍ୟକାମ ହେଉଛି ମହତ ପଣିଆ।
- ହର୍‌ବର୍ଟ ସ୍ପେନ୍‌ସର୍



## ସଂକ୍ଷେପରେ

### ଜିଲା ଓକିଲ ସଂଘର ଜରୁରୀ ବୈଠକ

ସମ୍ବଲପୁର,୨୬।୮(ବ୍ୟୁରୋ):ସମ୍ବଲପୁର ଜିଲା ଓକିଲ ସଂଘ କ୍ରିୟାନୁଷ୍ଠାନ କମିଟିର ଏକ ଜରୁରୀ ବୈଠକ ଶନିବାର ସଂଘ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନଙ୍କ ସଭାପତିତ୍ୱରେ ସଭା ହୋଇଥିଲା । କ୍ରିୟାନୁଷ୍ଠାନ କମିଟିର ଅଧକ୍ଷ ପ୍ରଦୀପ କୁମାର ବହିଦାର ଏହାକୁ ପରିଚାଳନା କରିଥିଲେ। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଚାଲିଥିବା ଆନ୍ଦୋଳନ ବିଷୟରେ ସୂଚନା ଦେଇଥିଲେ। ପଶ୍ଚିମ ଓଡ଼ିଶା ମିଳିତ ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିକୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ଚଳିତ ଅଗଷ୍ଟ ୩୧ ମଧ୍ୟରେ ଯଦି ଓଡ଼ିଶା ସରକାର କୌଣସି ଆଖି ଦୃଶିଆ ପଦକ୍ଷେପ ନ ନେବେ ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ପ୍ରସ୍ତାବ ସଂଘ ଗ୍ରହଣ କରିବ। ଏଥିସହ ରାଜ୍ୟ ଓ କେନ୍ଦ୍ର ମନ୍ତ୍ରୀମାନଙ୍କୁ ସମ୍ବଲପୁର ମହାନଗର ନିଗମ ସୀମା ମଧ୍ୟରେ ଯେ କୌଣସି କାର୍ଯ୍ୟକ୍ରମରେ ଯୋଗଦେଲେ କଳା ପତାକା ପ୍ରଦର୍ଶନ କରାଯାଇ ବିରୋଧ କରାଯିବ। ସେହିପରି ଆନ୍ଦୋଳନ ମଧ ଜାରି ରହିବ ବୋଲି ଶନିବାର ଏକ ଖବରଦାତା ସମ୍ମିଳନୀରେ ସେ ସୂଚୀତ କରିଛନ୍ତି ।

### ଭାରତୀ କଳାବିକାଶ କେନ୍ଦ୍ରରେ ଗଙ୍ଗାଧର ଜୟନ୍ତୀ

ବୁର୍ଲା,୨୬।୮(ଡି.ଏନ.ଏ.) : ବୁର୍ଲାସ୍ଥିତ ଭାରତୀ କଳାବିକାଶ କେନ୍ଦ୍ର ପରିସରରେ ଗଙ୍ଗାଧର ମେହେରଙ୍କ ୧୫୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଅଲେଖ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ତଥା ଡ. ପ୍ରେମଚାନ୍ଦ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପ୍ରଥମେ ଛାତ୍ରୀ ପ୍ରତିମା ମାହାନ ଓ ମୀତା ମହାକୁଡ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଗୁରୁ ସନ୍ତୋଷ ସୁନା ତବଲାରେ ସହଯୋଗ କରିଥିଲେ। ମଞ୍ଚାସୀନ ଅତିଥିଙ୍କ ମଧ୍ୟରେ ସମ୍ପାଦକ ତଥା ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପଟ୍ଟନାୟକ, ରଶ୍ମିରଞ୍ଜନ ଶତପଥି, ଫଗୁନୁ ସେଠ, ଗଜେନ୍ଦ୍ର ବଘାର, କୈଳାଶ ଚନ୍ଦ୍ର ମିଶ୍ର, ହୃଦାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସମ୍ବଲପୁରୀ ନୃତ୍ୟଗୁରୁ ସତ୍ୟବ୍ରତ ସାହୁ ପରିଚାଳନା କରିଥିଲେ। ଅତିଥିବୃନ୍ଦ କବି ଗଙ୍ଗାଧର ମେହେରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ରଶ୍ମିରଞ୍ଜନ ମେହେର ଧନ୍ୟବାଦ ଦେଇଥିଲେ।

### ଶିଶୁ ମନ୍ଦିରରେ ଯୋଗଶିକ୍ଷା

ପଡ଼ିଆବାହାଲ, ୨୬।୮ (ଡି.ଏନ.ଏ.) : ପତଞ୍ଜଳି ଯୋଗପୀଠ ହରିଦ୍ୱାର ଆନୁକୂଲ୍ୟରେ ମୁଣ୍ଡେନପାଲି ଶିଶୁ ମନ୍ଦିରଠାରେ ପାଞ୍ଚ ଦିବସୀୟ ଯୋଗଶିକ୍ଷା ଶିବିର ଆରମ୍ଭ ହୋଇଯାଇଛି। ପ୍ରଶିକ୍ଷକ ବିଜୟ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଯୋଗ ଶିକ୍ଷା ନେଉଛନ୍ତି। ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନାଚାର୍ଯ୍ୟା ଜ୍ୟୋତିର୍ମୟୀ ବାଘ, ଉପପ୍ରଧାନାଚାର୍ଯ୍ୟା ବିଷ୍ଣୁପ୍ରିୟା ବଡ଼େଇ, ସ୍କୁଲ ସଭାପତି ସରୋଜ କୁମାର ନାଥ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ଯୋଗ ଶିକ୍ଷାର ମହନୀୟତା ବୁଝାଇ ପ୍ରୋତ୍ସାହିତ କରିଥିଲେ।

### ସମଲେଶ୍ୱରୀ ମନ୍ଦିର ହୁଣ୍ଡି

– ୨ଲକ୍ଷ ୩୨ ହଜାର ୪୨୨ ଟଙ୍କା ସଂଗୃହୀତ

ସମ୍ବଲପୁର,୨୬।୮(ବ୍ୟୁରୋ) ସମଲେଶ୍ୱରୀ ମନ୍ଦିର ହୁଣ୍ଡି ଖୋଲାଯାଇଛି। ଏହି ହୁଣ୍ଡିରୁ ୨ଲକ୍ଷ ୩୨ହଜାର ୪୨୨ଟଙ୍କା ସଂଗୃହୀତ ହୋଇଛି। ଏଥିସହ ୨ଖଣ୍ଡ ସୁନା, ୫ଗ୍ରାମ ୨ଶହ ମିଲି ଗ୍ରାମର ମଙ୍ଗଳସୂତ୍ର, ୧ଗ୍ରାମ ୪ଶହ ମିଲି ଗ୍ରାମର କାନ ରିଂ, ୦.୩୦ ମିଲି ଗ୍ରାମର ସୁନା ଖଣ୍ଡ ସଂଗ୍ରହ କରାଯାଇଛି। ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ, ସଭ୍ୟ ହେମନ୍ତ ଚନ୍ଦ୍ର ମିଶ୍ର, ଦେବ କୁମାର ଆଜମେରିଆ, ବୀରେନ୍ଦ୍ର ରାୟ, ଅନିନ୍ଦିତ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରେମରାଜ ପାଣିଗ୍ରାହୀ, ବରିଷ୍ଠ ନାଗରିକ ରାମନାରାୟଣ ପ୍ରଧାନ, ସୁରେନ୍ଦ୍ର ନାୟକ, ପୂରନ ଅଗ୍ରୱାଲ, ପୋଲିସ କର୍ମଚାରୀ ସସ୍ମିତା ମିଶ୍ର ଓ ଟିନୁ ଖଡ଼ିଆ ଉପସ୍ଥିତ ଥିଲେ ।

### ବିଧାୟିକାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବୁର୍ଲା,୨୬।୮(ଡ଼ି.ଏନ.ଏ.):ବୁର୍ଲା ସହର ବିଜୁ କଲ୍ୟାଣ ମଣ୍ଡପଠାରେ ସ୍ଥାନୀୟ ବିଧାୟିକା ଡ଼ ରାସେଶ୍ୱରୀ ପାଣିଗ୍ରାହୀ ୨୦୧୪ବର୍ଷ ପାଇଁ ଉତ୍କଳମଣୀ ଗୋପବନ୍ଧୁ ଦାସ ସମ୍ମାନରେ ସମ୍ମାନିତ ହୋଇଥିବାରୁ ତାଙ୍କୁ ବୁର୍ଲା ନଗର ବିଜେଡ଼ି ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ବର୍ଦ୍ଧନା ସଭାରେ ବୁର୍ଲା ନଗର ବିଜେଡ଼ି ସଭାପତି ଦେବାଶୀଷ ନନ୍ଦ, ବାବଲୁ ମିଶ୍ର, ଗୋକୁଳି ରାଉତ, ବାପି ପଣ୍ଡା, ବିଭୀଷଣ ଭିସାର, ସୁଧୀର ବାରିକ, ଶୁଭଲକ୍ଷ୍ମୀ ସାମଲ, ଶାନ୍ତିଲତା ସ୍ୱାଇଁ, ସୁଜାତା ପୁରୋହିତ, ଆରଏ ଶିବ କୁମାର, ପ୍ରଦୀପ ମିଶ୍ରଙ୍କ ସମେତ ବିଜେଡ଼ି କର୍ମୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶତାଧିକ ମହିଳାଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅନେକ ମହିଳା କର୍ମୀଙ୍କ ସମେତ ବୁର୍ଲା ନଗର ବିଜେଡ଼ିର କର୍ମୀମାନେ ଡ଼ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଜିଏମୟୁରେ ଗଙ୍ଗାଧର ଜୟନ୍ତୀ

ସମ୍ବଲପୁର,୨୬।୮(ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ପରିସରସ୍ଥ ଅମୃତ ବିହାରଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୫୭ତମ ଜୟନ୍ତୀ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ଅତନୁ କୁମାର ପତିଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଡା. କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସ୍ୱଭାବ କବିଙ୍କୁ ବିଶ୍ୱ କବି ଭାବେ ଅଭିହିତ କରିଥିଲେ। ସେ କହିଥିଲେ ଯେ, ଗଙ୍ଗାଧରଙ୍କ ଲେଖନୀ ପ୍ରତି ମୁହୂର୍ତ୍ତରେ ବିଶ୍ୱ ସ୍ୱରୂପ ଦେଖୁଥିଲା। ତାଙ୍କ ଭିତରେ ସଙ୍କୀର୍ଣ୍ଣତା ଭାବ ନ ଥିଲା। ସେଥିପାଇଁ ସେ ବିଶ୍ୱକୁ ମଧୁମୟ ଭାବେ ଦେଖୁଥିଲେ। ଜିଏମୟୁ କର୍ତ୍ତୃପକ୍ଷ ଗଙ୍ଗାଧର ମେହେରଙ୍କ ମଧୁମୟ କବିତାର କିଛି ପଂକ୍ତି ବିଶ୍ୱ ଦେଖ ମଧୁ ମୟରେ ଜୀବନ, ବିଶ୍ୱେ ଦେଖ ମଧୁମୟ....କୁଳ ସଙ୍ଗୀତ ଭାବେ ଗ୍ରହଣ କରିଛନ୍ତି। ଏହା ସ୍ୱାଗତଯୋଗ୍ୟ। ସେ ତାଙ୍କ ବକ୍ତବ୍ୟରେ ଆହୁରି କହିଥିଲେ ଯେ, ଗଙ୍ଗାଧର ସାହିତ୍ୟରେ କୃତଜ୍ଞତା, ଉଦାରତା ଓ ନମନୀୟତା ଭାବ ଭରି ରହିଛି। ଏହି ଭାବକୁ ବିଶ୍ଳେଷଣ କଲେ ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱ ବହୁ ଊର୍ଦ୍ଧ୍ୱରେ ରହିଛି। ଏହାକୁ ଦୃଷ୍ଟିରେ ରଖି ତାଙ୍କ କବିତା ପଢ଼ିବା ସହ ବ୍ୟକ୍ତିତ୍ୱକୁ ଉଦାହରଣ ଭାବେ ଗ୍ରହଣ କରିବା ସମୟ ଆସିଛି। ଏହାଦ୍ୱାରା ସମାଜରେ ସୃଷ୍ଟି ହୋଇଥିବା ଅସ୍ଥିରତା ଲୋପ ପାଇବ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହେବା ସହ ପରସ୍ପର ମଧ୍ୟରେ ମଧୁର ବାର୍ତ୍ତାଳାପ ଓ ପ୍ରେମଭାବ ବଢ଼ିବ ବୋଲି କହିଥିଲେ। ଜିଏମୟୁ ଓଡ଼ିଆ ବିଭାଗ ମୁଖ୍ୟ ଡ. ଲମ୍ବୋଦର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପକୁଳପତି ଉମାଚରଣ ପତି ସୂଚନା ଓ କୁଳସଚିବ ଗିରୀଶ ଚନ୍ଦ୍ର ସିଂ ଧନ୍ୟବାଦ ଦେଇଥିଲେ।

ଜୟନ୍ତୀ ଅବସରରେ ଆୟୋଜିତ କବିତା, ଆବୃତ୍ତି, ବକ୍ତୃତା ଏବଂ ପ୍ରବନ୍ଧ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଗଙ୍ଗାଧର କବିତା ଆବୃତ୍ତିରେ ଶ୍ରାବଣ କର ପ୍ରଥମ, କଲ୍ୟାଣୀ ନାୟକ ଦ୍ୱିତୀୟ, ତ୍ରିଷ୍ଣା ସୁନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବକ୍ତୃତାରେ ସୁନୀଲ କୁମାର ମେହେର ପ୍ରଥମ, ସୌମ୍ୟରଞ୍ଜନ ବଡ଼ପଣ୍ଡା ଦ୍ୱିତୀୟ, ଚୁଲଧର ସାହୁ ଓ କଲ୍ୟାଣ ନାୟକ ଯୁଗ୍ମ ତୃତୀୟ, ପ୍ରବନ୍ଧରେ ସୁଜାତା ସା ପ୍ରଥମ, ରାଜେଶ୍ୱରୀ କରୁଆଁ ଦ୍ୱିତୀୟ, ପିଙ୍କୁ ଭୁଏ ଓ ବବଲି ଖମାରୀ ଯୁଗ୍ମ ତୃତୀୟ ହୋଇଥିଲେ।





ରବିବାର ସମ୍ବଲପୁର ଜିଏମୟୁ ଅମୃତ ବିହାରଠାରେ ଡା. କୃଷ୍ଣକେଶବ ଷଡଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି (ଉପର)। ପୁରସ୍କୃତ ଛାତ୍ରୀଛାତ୍ରମାନେ।

### ଲୁଟ ଅଭିଯୋଗରେ ୨ ଗିରଫ



ଶନିବାର ସଦର ପୋଲିସ ଉଦ୍ଧାର କରିଥିବା ସାମଗ୍ରୀ ।

ସମ୍ବଲପୁର,୨୬।୮(ବ୍ୟୁରୋ)

ସମ୍ବଲପୁର ସଦର ଥାନା ଅନ୍ତର୍ଗତ ତକବାଠାରେ ଲୁଟ୍ ଅଭିଯୋଗରେ ଶନିବାର ୨ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବୁର୍ଲା ଥାନା ଅନ୍ତର୍ଗତ ଅଟାଚକି ପଡ଼ାର ଚନ୍ଦ୍ରକାନ୍ତ ମେହେର ଓରଫ୍ ମୁନା (୨୫) ଓ କିରବା ଅଞ୍ଚଳର ନରେନ୍ଦ୍ର ନାୟକ ଓରଫ୍ ବୁଠି (୨୪) । ସେମାନଙ୍କଠାରୁ ଶହେ ସଂଖ୍ୟକ ଚାର୍ଜିଂ ଲାଇଟ, ଗୋଟିଏ ସ୍ମାର୍ଟ ଫୋନ୍ ସହ ୪ହଜାର ୫ଶହ ଟଙ୍କା ଜବତ ହୋଇଛି। ଏ ନେଇ ସଦର ଥାନାରେ ଏକ ମାମଲା (ନଂ.୧୮୧/୧୮) ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ଜଣେ ବୁଲା ବିକାଳି ନିଜ ସାମଗ୍ରୀ ନେଇ ସମ୍ବଲପୁର ଫାଟକ ରେଳୱେ ଷ୍ଟେଶନରୁ (ଓଡି ୧୫ ଏଫ-୮୯୭୭) ଅଟୋ ଯୋଗେ ସୁନାପାଲି ଯାଉଥିଲେ। ଅଭିଯୁକ୍ତମାନେ ତାଙ୍କୁ ସୁନାପାଲିରେ ଅଟକାଇତକବା ରାସ୍ତା ପଟକୁ ନେଇଥିଲେ। ସେଠାରେ ତାଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ୍ କରିଥିଲେ।

# ଭୀମଭୋଇ ନଗରଠାରେ ବିଜ୍ଞାନ ମେଳା

ସମ୍ବଲପୁର,୨୬।୮(ବ୍ୟୁରୋ)

ଭୀମଭୋଇ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଶନିବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୮ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସଜୀବ ଓ ନିର୍ଜୀବ ଔଷଧୀୟ ବୃକ୍ଷର ଉପଯୋଗିତା, ଜଳ ହିଁ ଜୀବନ, ସୁଷମ ଖାଦ୍ୟ, ଆବର୍ଜନା ନିଷ୍କାସନ ଓ ତାର ସଦୁପଯୋଗ, ଧାନ ଫସଲରେ ରାସାୟନିକ ସାରର ପ୍ରଭାବ, ଅମ୍ଳ ଓ କ୍ଷାରର ପରୀକ୍ଷା ଆଦି ଉପରେ କୁନି ବୈଜ୍ଞାନିକମାନେ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ବିଭିନ୍ନ ବିଭାଗରେ କୁନାଲ ପ୍ରଧାନ, ସପ୍ତାଶ୍ୱର୍ଯ୍ୟା ବାଞ୍ଛି, ଶ୍ରୀମନ୍ତ ପ୍ରଧାନ, ସୁପ୍ରିୟା ଠେଲା, ପୂର୍ଣ୍ଣମୀ ନାୟକ, ଜିଜ୍ଞାସା ଭୋଇ, ଶୁଭଶ୍ରୀ ସ୍ୱାଇଁ, ଅନ୍ନପୂର୍ଣ୍ଣା ତ୍ରିପାଠୀ, ମିହିର ସୁନା, ଲୋକନାଥ ଛତ୍ରିଆ କୃତିତ୍ୱ ହାସଲ କରିଛନ୍ତି। ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମଲାଲ ଦେହୁରୀ, ସପ୍ତରୂପା ବେହେରା ବିଚାରକ ଭାବେ ଯୋଗ ଦେଇଥିଲେ। ବରଗଡ଼ ଜିଲା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ରବିନାରାୟଣ ମିର୍ଦ୍ଧା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ ଯେ, ଶୃଙ୍ଖଳା ଛାତ୍ରୀଛାତ୍ରମାନଙ୍କୁ ଭବିଷ୍ୟତରେ ବଡ଼ ମଣିଷ ଭାବେ ଗଢ଼ି ତୋଳିବାରେ ସହାୟକ ହୋଇଥାଏ। ଏହାକୁ ଆଧାର କରି ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ମଧ୍ୟ ନିର୍ଦ୍ଧାରିତ ହୋଇଥାଏ। ପ୍ରଧାନ ଶିକ୍ଷକ ବ୍ରଜମୋହନ ସାହୁ ଅତିଥି ପରିଚୟ ଓ ଶିକ୍ଷକ ଗୋକୁଳଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ। ସମ୍ବଲପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ବଭ୍ରୁବାହାନ ଭୋଇ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। କୁନି ଆରତୀ, ଗୀତା, ମୋନାଲିସା, ଜୁଲେଶ୍ୱରୀ, ପ୍ରିୟତମା, ଅନିତା ପ୍ରମୁଖ ବିଜ୍ଞାନ ମେଳା ପରିଚାଳନାରେ ସହଯୋଗ କରିଥିଲେ।



ଭୀମଭୋଇ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ବିଜ୍ଞାନ ମେଳାରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

# ଶିଶୁ ବିଦ୍ୟାମନ୍ଦିରରେ ରକ୍ଷା ବନ୍ଧନ, ମେହେର ଜୟନ୍ତୀ

ପଡ଼ିଆବାହାଲ,୨୬।୮(ଡି.ଏନ.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ ମୁଣ୍ଡେନପାଲି ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ରବିବାର ରକ୍ଷାବନ୍ଧନ ଓ ମେହେର ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ସରୋଜ କୁମାର ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଧାନାଚାର୍ଯ୍ୟ କୁମାର ବାଘ ସ୍ୱାଗତ ଭାଷଣ ଦେଇ ଗଙ୍ଗାଧର ଜୟନ୍ତୀ ଏବଂ ରକ୍ଷା ବନ୍ଧନର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିରେ ସମାଜସେବୀ ତଥା ସାମ୍ବାଦିକ ଡା. ରାଜାରାମ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଙ୍ଗାଧର ସାହିତ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ କୁମାର ନାଥ, ଟଙ୍କଧର କୁଅଁର, କୈଳାଶ ସାହୁ, ରଞ୍ଜଲୀ ସେନାପତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଗୁରୁମାମାନେ ଅତିଥି ଓ ଗୁରୁଜୀମାନଙ୍କୁ ଏବଂ ଛାତ୍ରୀମାନେ ଛାତ୍ରମାନଙ୍କୁ ରାକ୍ଷୀ ପିନ୍ଧାଇ ଏକ ସ୍ୱତନ୍ତ୍ର ପରମ୍ପରା ସୃଷ୍ଟି କରିଥିଲେ। ପ୍ରାରମ୍ଭରେ ଛାତ୍ରୀମାନେ ସ୍ୱଭାବ କବି ଗଙ୍ଗାଧରଙ୍କ ରଜତ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନାଚାର୍ଯ୍ୟା ବିଷ୍ଣୁପ୍ରିୟା ପଧାନ, ଶିବାନୀ ବାଘ, କଲ୍ୟାଣୀ ଷଡ଼ଙ୍ଗୀ, ଅନିତା ବାଘ, ସ୍ନିଗ୍ଧା ପଧାନ, ବିନୀତା ମଲ୍ଲିକ, କଲ୍ୟାଣୀ ପାଢ଼ୀ, ରଶ୍ମିତା ସାହୁ, ଦେବାଶ୍ରୀତା ଶର୍ମା, ଅନିତା ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ସ୍ଥାନୀୟ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖାଠାରେ ଶାଖା ପରିଚାଳିକା ମାନସି ଭଉଣୀଙ୍କ ପୌରହିତ୍ୟରେ ରାଅନୁଷ୍ଠିତ ସମାରୋହରେ ବାହାମ ସରପଞ୍ଚ ମିତ୍ରଭାନୁ ପଧାନ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା, ଅଶ୍ୱିନୀ କୁମାର ମିଶ୍ର ସମ୍ମାନୀତ ଅତିଥି ରୂପେ ଯୋଗଦେଇ ରକ୍ଷାବନ୍ଧନର ଗୁରୁତ୍ୱ ଉପରେ ଆଧାତ୍ମିକ, ପୌରାଣିକ, ବୈଜ୍ଞାନିକ ଓ ଆଧୁନିକ ଦୃଷ୍ଟି କୋଣରୁ ଆଲୋଚନା କରି ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିବାରେ ସମିତି ନରହି ପୂର୍ବପରି ଗଛ, ପ୍ରାଣୀ ସମସ୍ତଙ୍କୁ ରାକ୍ଷୀ ବାନ୍ଧନ କରି ପ୍ରାଣି ଜଗତକୁ ରକ୍ଷା କରିବାର ପ୍ରକୃଷ୍ଟ ସମୟ ଆସିଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓକିଲ ବିରଞ୍ଚି ନାଏକ, ସମିତି ସଭ୍ୟା ରୀନା ରାଣୀ, ବ୍ରହ୍ମକୁମାର ମଙ୍ଗଲୁ ମହାନନ୍ଦ, ଦୁଷ୍ମନ୍ତ ମହାପାତ୍ର, ମନୋଜ ମେହେର ପ୍ରମୁଖଙ୍କ ଉପସ୍ଥିତିରେ ମାନସି ଭଉଣୀ ଶତାଧିକ ବ୍ରହ୍ମକୁମାର, ବ୍ରହ୍ମକୁମାରୀ ଓ ଅତିଥିମାନଙ୍କୁ ରାକ୍ଷୀ ବାନ୍ଧି ରକ୍ଷାବନ୍ଧନର ଗୁରୁତ୍ୱ ଉପଲବ୍ଧି କରି ଜୀବନ ସାର୍ଥକ କରିବାକୁ ପରାମର୍ଶ ଦେଇଥିଲେ ।

# ସିଦ୍ଧେଶ୍ୱର ବେର୍ଣ୍ଣା ସ୍କୁଲ ପରିସରରେ ସାମୂହିକ ରକ୍ଷା ବନ୍ଧନ

ସମ୍ବଲପୁର,୨୬।୮(ବ୍ୟୁରୋ)

ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍କୁଲ ପରିସରରେ ରବିବାର ସାମୂହିକ ରକ୍ଷା ବନ୍ଧନ ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଓ ପରମ୍ପରା ଅନୁଯାୟୀ ଏହା ସମ୍ପନ୍ନ ହୋଇଥିଲା। ଘଣ୍ଟ ନାଦ ଓ ଶଙ୍ଖ ଧ୍ୱନୀରେ ଛାତ୍ରୀମାନେ ଛାତ୍ରମାନଙ୍କୁ ରାକ୍ଷୀ ବାନ୍ଧିଥିଲେ। ସ୍କୁଲ ପରିଚାଳନା ସମିତି ସମ୍ପାଦକ ହେମାଞ୍ଚଳ ମହାପାତ୍ର ଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ଧରାଶ୍ରୀ ପଣ୍ଡାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ଶୁଭଶ୍ରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଧମା ସ୍କୁଲ ପ୍ରଧାନାଚାର୍ଯ୍ୟ ଦିଲୀପ କୁମାର ପାଢ଼ୀ ଯୋଗଦେଇ ରକ୍ଷାବନ୍ଧନ ଉତ୍ସବର ତାତ୍ପର୍ଯ୍ୟ ବୁଝାଇଥିଲେ। ରବିନ୍ଦ୍ର ଶତପଥି ବୈଧିକ ପ୍ରଦାନ କରିଥିବା ବେଳେ କଳ୍ପନା ଦୋରା ଧନ୍ୟବାଦ ଦେଇଥିଲେ।

# ପୁରରୁ ପଲ୍ଲୀ ଗଙ୍ଗାଧରମୟ







ରବିବାର ସମ୍ବଲପୁର ଜିଏମୟୁ ପରିସରସ୍ଥ ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତିରେ ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ମାଲ୍ୟାର୍ପଣ କରାଯାଉଛି (ବାମ)। ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି (ମଝି)। ଜିଏମୟୁ ବିଜେଡି ଜୀବନ ବିନ୍ଦୁ ଜିଲା ସଂଯୋଜିକା କବିତା ପୁରୋହିତ ପୂଜାର୍ଚ୍ଚନା କରୁଛନ୍ତି ।

ସମ୍ବଲପୁର,୨୬।୮(ବ୍ୟୁରୋ)

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୫୭ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ପବିତ୍ର ଶ୍ରାବଣ ପୂର୍ଣ୍ଣିମା ତିଥିରେ ପଶ୍ଚିମ ଓଡ଼ିଶା ପୁରରୁ ପଲ୍ଲୀ ଗଙ୍ଗାଧରମୟ ହୋଇଛି। ସ୍ୱଭାବ କବିଙ୍କ ରଚିତ ମୁଁ ତ ଅମୃତ ସାଗର ବିନ୍ଦୁ, ନଭେ ଉଠିଥିଲି ତେଜି ସିନ୍ଧୁ....., ବିଶ୍ୱଦେଖ ମଧୁମୟରେ ଜୀବନ.... ଆଦି ଗୀତରେ ଗଙ୍ଗାଧରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସକାଳ ସାଢ଼େ ୮ଟାରେ ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜ ସମେତ ସହରର ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଓ ସଭ୍ୟମାନେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଜୟଗାନ କରିଥିଲେ। ମଙ୍ଗଳେ ଅଇଲା ଉଷା କବିତାକୁ ସମବେତ ଗାନ କରାଯାଇଥିଲା। ଓଡ଼ିଶା ସାଂସ୍କୃତିକ ସମାଜର ସଭାପତି ପ୍ରଫେସର ଶଙ୍କରପ୍ରସାଦ ପତି, ଉପସଭାପତି ପ୍ରଫେସର ମୀନକେତନ ପାଠୀ, ସାଧାରଣ ସମ୍ପାଦକ ବୋଧରାମ ଦାଶ, ସମ୍ବଲପୁର କଳାପରିଷଦ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ହୋତା, ବିଜେଡି ଜୀବନ ବିନ୍ଦୁ ଜିଲା ସଂଯୋଜିକା କବିତା ପୁରୋହିତ, ସେତୁ ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ଦାଶ, କବି ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ, ସାହିତ୍ୟିକ ଡ. ଗୌରିଦାସ ପ୍ରଧାନ, ଜ୍ୟୋତି ସଭାପତି ଡ. ପରେଶ ଚନ୍ଦ୍ର ଦାନୀ, ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ବରିଷ୍ଠ ଆଇନଜୀବୀ ଗୋବିନ୍ଦ ନାରାୟଣ ଅଗ୍ରୱାଲ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ଅଶୋକ କୁମାର ମିଶ୍ର, ଡା. ରମାବଲ୍ଲଭ ମିଶ୍ର, ଡ. ବିଜୟ କୁମାର ପ୍ରଧାନ, ଡ. ନନ୍ଦକିଶୋର ଦେବତା, ସମ୍ବଲପୁର ଲେଖକ ପରିଷଦର ଦେବାର୍ଚ୍ଚନ ଠାକୁର, ଉତ୍ସର୍ଗର ସତ୍ୟନାରାୟଣ ଠାକୁର, ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ସମ୍ପାଦକ ସରୋଜ କୁମାର ଦାଶ, ଲୋକନାଥ ପାଣ୍ଡେ, କଳ୍ପନା ମିଶ୍ର ପୁଷ୍ପ ଅର୍ପଣ କରିଥିଲେ। ସେହିପରି ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ କର୍ମକର୍ତ୍ତାଙ୍କ ସହ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ସମ୍ବଲପୁର ମେହେର ସମାଜ ମହିଳା ଓ ପୁରୁଷମାନେ, ବିଭିନ୍ନ କଲେଜର ଛାତ୍ରୀଛାତ୍ର, ଅଧାପିକା, ଅଧାପକମାନେ ପହଞ୍ଚି ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଦେଇଥିଲେ। ଏଥିସହ ସହର ଓ ଗ୍ରାମାଞ୍ଚଳରେ ଗଙ୍ଗାଧରଙ୍କ ଜୟନ୍ତୀ ଉପଲକ୍ଷେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

#### ମୁଁ ତ ଅମୃତ ସାଗର ବିନ୍ଦୁ ଗୀତରେ ଶ୍ରଦ୍ଧାଞ୍ଜଳି

### ବୁର୍ଲାରେ ଗଙ୍ଗାଧରଙ୍କ ଜୟନ୍ତୀ

ବୁର୍ଲା,୨୬।୮(ଡ଼ି.ଏନ.ଏ.)

ବୁର୍ଲା ଗୌଡ଼ପାଲିଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସ୍ଥାନୀୟ ବିଧାୟିକା ଡ଼ ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇ ସ୍ୱଭାବ କବି ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଉତ୍ସବରେ ଗୌଡ଼ପାଲି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହିଥିଲେ। ଗୌଡ଼ପାଲି ଗ୍ରାମ ଜଗନ୍ନାଥ କମିଟିର ମଙ୍ଗଲୁ ମେହେର, ଦିଲୀପ ମେହେର, ଲଳିତ ଲୁହା, କୁନୁ ମେହେର, ବ୍ରଜକାନ୍ତ ମେହେର ଉତ୍ସବକୁ ସଂଯୋଜନା କରିଥିଲେ। ବୁର୍ଲା ନଗର ବିଜେଡ଼ି ସଭାପତି ଦେବାଶୀଷ ନନ୍ଦଙ୍କ ସମେତ ବାବଲୁ ମିଶ୍ର, ଗୋକୁଳି ରାଉତ, ବାପି ପଣ୍ଡା, ବିଭୀଷଣ ଭିସାର, ସୁଜାତା ପୁରୋହିତ ଏଥିରେ ଯୋଗଦାନ କରିଥିଲେ। ଏହି ଅବସରରେ ଗୌଡ଼ପାଲିରେ କମ୍ୟୁନିଟି ସେଣ୍ଟର ଓ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଗୌଡ଼ପାଲି ଜଗନ୍ନାଥ ମନ୍ଦିର ପାଚେରୀକୁ ବିଧାୟିକା ଉଦ୍‌ଘାଟନ କରିଥିଲେ।



ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।
- ଲର୍ଡ ବାଇରନ



**ସଂକ୍ଷେପରେ**

## ଟୁଇଟର୍‌ରେ ୫୫ ମହିଳାଙ୍କୁ ଫଲୋ କଲେ ମୋଦି

**ନୂଆଦିଲ୍ଲୀ,୨୬।୮(ପି.ଟି.)**- ରାଖୀ ଉତ୍ସବ ଅବସରରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ନିଜ ନିଜ ସରକାରୀ ବାସଭବନରେ ଅନେକ ବାଳିକା ଏବଂ ମହିଳାଙ୍କ ହାତରୁ ରାଖୀ ପିନ୍ଧିଛନ୍ତି ଉଭୟେ। ଦୀର୍ଘ୨୪ ବର୍ଷ ହେଲା ମୋଦିଙ୍କୁ ରାକ୍ଷୀ ବାନ୍ଧି ଆସୁଥିବା ଧର୍ମ ଭଉଣୀ କମାର ମୋହସିନ୍ ଶେଖ୍ ରବିବାର ମଧ ତାଙ୍କୁ ରାଖୀ ବାନ୍ଧିଥିଲେ। ମୋଦିଙ୍କ ସହ ତାଙ୍କ ସମ୍ପର୍କକୁ ସ୍ମରଣ କରି ମୋହସିନ୍ କହିଛନ୍ତି, ଆର୍‌ଏସ୍‌ଏସ୍ କାର୍ଯ୍ୟକର୍ତ୍ତା ଥିବାବେଳେ ସେ ମୋଦିଙ୍କୁ ଜାଣିଛନ୍ତି ଏବଂ ରାଖୀ ବାନ୍ଧି ଆସୁଛନ୍ତି। ୨୪ ବର୍ଷ ମଧରେ ତାଙ୍କ ଭାଇଙ୍କ ଭିତରେ ଟିକିଏ ହେଲେ ପରିବର୍ତ୍ତନ ଦେଖିବାକୁ ପାଇନାହାନ୍ତି। କେବଳ ଏତିକି ଫରକ ଯେ, ଏବେ ତାଙ୍କ ଭାଇ ବ୍ୟସ୍ତ ହୋଇ ପଡ଼ିଛନ୍ତି। ଫଳରେ ଦେଖା କରିବାକୁ ସୁଯୋଗ ପାଇପାରୁ ନାହାନ୍ତି ବୋଲି ସେ କହିଛନ୍ତି। ଏହି ରାଖୀ ବନ୍ଧନକୁ ସ୍ୱତନ୍ତ୍ର ଢଙ୍ଗରେ ପାଳନ କରିବାକୁ ଯାଇ ଟୁଇଟର୍‌ରେ ୫୫ ଜଣ ମହିଳାଙ୍କୁ ଫଲୋ କରିଛନ୍ତି ମୋଦି। ସେମାନଙ୍କ ମଧରେ ରହିଛନ୍ତି କ୍ରୀଡ଼ାବିତ୍, ଗଣମାଧମ ପ୍ରତିନିଧି, ଅଭିନେତ୍ରୀ।

■ ସୁପ୍ରିମକୋର୍ଟ ରାୟ ପ୍ରସଙ୍ଗ

# ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଶୀଘ୍ର

■ ଅନୁଧ୍ୟାନ କଲା ବିଶେଷଜ୍ଞ କମିଟି
■ ୨୮ରୁ ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇପାରେ

**ପୁରୀ ଅଫିସ,୨୬।୮**

ଶ୍ରୀଜଗନ୍ନାଥ ମନ୍ଦିରରେ ଶୀଘ୍ର ଆରମ୍ଭ ହେବ ଧାଡି ଦର୍ଶନ ବ୍ୟବସ୍ଥା। ଏହି ବ୍ୟବସ୍ଥା ଅନୁଯାୟୀ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ଧାଡି ଆରମ୍ଭ ହେବ। ଭକ୍ତମାନେ ସିଂହଦ୍ୱାରରେ ପ୍ରବେଶ କରି ଅନ୍ୟ ଦ୍ୱାର ଦେଇ ବାହାରିବେ। ୨୮ ତାରିଖରୁ ପରୀକ୍ଷାମୂଳକ ଭାବେ ଏହା ଆରମ୍ଭ ହେବାର ସମ୍ଭାବନା ରହିଛି। ଏଥିଲାଗି ବ୍ୟାରିକେଡ ନିର୍ମାଣ ସହ ଆନୁଷଙ୍ଗିକ ବ୍ୟବସ୍ଥା ସେବା ବିଧିବଦ୍ଧ ଭାବେ କାର୍ଯ୍ୟକାରୀ କରାଯିବ। ରବିବାର ସନ୍ଧ୍ୟାରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ୩ ଜଣିଆ ବିଶେଷଜ୍ଞ କମିଟି ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥା ସଂକ୍ରାନ୍ତରେ ଅନୁଧ୍ୟାନ କରିବା ପରେ ଏ ସଂକ୍ରାନ୍ତରେ ସୂଚନା ମିଳିଛି।

ଶ୍ରୀମନ୍ଦିରରେ ସଂସ୍କାର ଓ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନେଇ ସୁପ୍ରିମକୋର୍ଟ ତାଙ୍କ ରାୟରେ ଅନେକ ପରାମର୍ଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ ପାଇଁ ଆଉ ୫ଦିନ ବାକି ରହିଥିବାବେଳେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ପୂର୍ବତନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୩ଜଣିଆ ବିଶେଷଜ୍ଞ କମିଟି ରବିବାର ସନ୍ଧ୍ୟାରେ ଆସି ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ଶ୍ରୀମନ୍ଦିର ପରିସର ଏବଂ ଶ୍ରୀମନ୍ଦିର ବାହାର ଚତୁଃପାର୍ଶ୍ୱ ସ୍ଥିତି ପରଖିଛନ୍ତି। ବିଶେଷକରି ଗହଳି ସମୟରେ ଅର୍ଥାତ୍ ପର୍ବପର୍ବାଣି ଦିନମାନଙ୍କରେ ଦର୍ଶନ ବ୍ୟବସ୍ଥା କିଭଳି ହେବ, ଦକ୍ଷିଣ ଓ ପଶ୍ଚିମ ଦ୍ୱାର ଦେଇ ଭକ୍ତଙ୍କ ପ୍ରବେଶ ହୋଇପାରିବ କି ନାହିଁ, ଧାଡି ଦର୍ଶନରେ ନାଟମଣ୍ଡପ ଓ ଜଗମୋହନରେ କ'ଣ ବ୍ୟବସ୍ଥା ଗ୍ରହଣ କରାଯାଇ ପାରିବ ତାହାର ଟିକିନିଖି ଅନୁଧ୍ୟାନ କରିଛନ୍ତି।

ସେହିଭଳି ଭିଆଇପିମାନଙ୍କ ପାଇଁ ଟିକେଟ ଦର୍ଶନ ବ୍ୟବସ୍ଥା ହେବ। ଏହି ଭିଆଇପି ଦର୍ଶନାର୍ଥୀ କେଉଁଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ କଲେ ସହଜ ହେବ ତାହାର ତର୍ଜମା କରିଥିଲେ ବିଶେଷଜ୍ଞ ଟିମ୍। ଏପରି କି ଶ୍ରୀମନ୍ଦିର ତିନି ଦ୍ୱାର ନିକଟରେ ଭକ୍ତଙ୍କ ସୁବିଧା ଲାଗି ଶୌଚାଳୟ କରାଯିବ। କାକୁଡିଖାଇ ରାସ୍ତାରେ ଯାନାବାହନ ଚଳାଚଳ ବନ୍ଦ କରାଯାଇ ଉକ୍ତ ସ୍ଥାନରେ କେବଳ ପାଦଚଲା ରାସ୍ତା ରଖିବା ଲାଗି ଯୋଜନା ରହିଥିବା କୁହାଯାଉଛି। ଭକ୍ତଙ୍କ ଦର୍ଶନ ଓ ଶ୍ରୀମନ୍ଦିର ସୁରକ୍ଷା ନେଇ ପୋଲିସ ପକ୍ଷରୁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ଉକ୍ତ ବ୍ଲୁ ପ୍ରିଣ୍ଟ ଶୀଘ୍ର ପୋଲିସ ପକ୍ଷରୁ କମିଟିକୁ ଦିଆଯିବ ବୋଲି ଜଣାପଡିଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାରକୁ ନେଇ ଓଡିଶା ହାଇକୋର୍ଟର ଆଇନଜୀବୀ ମୃଣାଳିନୀ ପାଢୀ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଗତ ଜୁନ ୮ ଶୁଣାଣିରେ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କମିଟି ବୈଷ୍ଣୋଦେବୀ, ସ୍ୱର୍ଣ୍ଣମନ୍ଦିର ଆଦି ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ରହିଥିଲା। ରାଜ୍ୟ ସରକାର ପୂର୍ବତନ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ର, କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ପୂର୍ବତନ ଶ୍ରୀମନ୍ଦିର ପ୍ରଶାସକ ମହିମୋହନ ତ୍ରିପାଠୀଙ୍କୁ ନେଇ କମିଟି ଗଠନ କରିଥିଲେ। ହେଲେ ରଥଯାତ୍ରା ପାଇଁ ଜୁଲାଇ ୫ ଶୁଣାଣିରେ କମିଟି ରିପୋର୍ଟ ଦାଖଲ କରି ନ ପାରି ସମୟ ନେଇଥିଲା। ଅଗଷ୍ଟ ୩୧ସୁଦ୍ଧା କମିଟି ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଅଗଷ୍ଟ ୧୦ରେ ୩ ଜଣିଆ ବିଶେଷଜ୍ଞ କମିଟି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଜନଶୁଣାଣି କରି ଭକ୍ତ, ସେବାୟତ ଓ ଜନସାଧାରଣଙ୍କ ମତ ନେଇଥିଲେ। ଏହାପରେ କମିଟି ତିରୁପତି ଓ ବୈଷ୍ଣୋଦେବୀ ମନ୍ଦିରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛି। ରବିବାର ସନ୍ଧ୍ୟା ୭ଟା ୩୦ରେ ଏହି କମିଟି ଶ୍ରୀମନ୍ଦିରରେ ପହଞ୍ଚି ଅନୁଧ୍ୟାନ କରିଥିବାବେଳେ ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ଏବଂ ଏସ୍‌ପି ସାର୍ଥକ ଷଡଙ୍ଗୀ ଉପସ୍ଥିତ ଥିଲେ। ପ୍ରଥମେ କମିଟି ସଦସ୍ୟମାନେ ଶ୍ରୀମନ୍ଦିର ବାହାର ଚତୁଃପାର୍ଶ୍ୱ ଓ ପରେ ଭିତରକୁ ଯାଇ ବାହାର ଏବଂ ଭିତର ବେଢା ବୁଲି ଦେଖିଥିଲେ।

# ରାତିରେ ଜଗିଥିଲେ, ସକାଳୁ ମିଳିଲା ମୃତଦେହ

**ପାଟଣାଗଡ. ୨୬।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ଏନଏସି ଅଧୀନ ୮ ନମ୍ବର ୱାର୍ଡର ବଡପଡାରେ ରବିବାର ସକାଳେ ଅଭାବନୀୟ ଘଟଣା ଘଟିଛି। ଏଠଶରେ ଥିବା ଏକ ବେଆଇନ ମଦ ଦୋକାନରେ ଜଣେ ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ୱାର୍ଡ ନଂ ୮ର ଲକ୍ଷ୍ମଣ ନାଗ (୫୫)। ସେ ନିଜ ଘର ପାଖରେ ଥିବା ଏହି ବେଆଇନ ମଦ ଦୋକାନରେ ରାତିରେ ସବୁ ଦିନ ଜଗିଥାନ୍ତି। ରବିବାର ସକାଳୁ ସେହି ଦୋକାନର ମାଲିକ ପହଞ୍ଚି ଲକ୍ଷ୍ମଣଙ୍କ ମୃତଦେହ ପଡିଥିବା ଦେଖିଥିଲେ। ଏହା ପରେ ପୋଲିସକୁ ଖବର ଦିଆଯାଇଥିଲା। ତେବେ ରାତିରେ ମଦ ମାଗିବାରୁ ଗଣ୍ଡଗୋଳ ଘଟି ଲକ୍ଷ୍ମଣଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ତାଙ୍କ ଘର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅନ୍ୟପକ୍ଷେ ବଡପଡାର ଅନେକ ମହିଳା ପାଟଣାଗଡ ଥାନାକୁ ଆସି ସେଠାରୁ ବେଆଇନ ମଦ ଦୋକାନକୁ ହଟାଇବାକୁ ଦାବି କରଛନ୍ତି। ଏ ନେଇ ପାଟଣାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୩୦/୧୮) ରୁଜୁ ହୋଇଛି। ପୋଲିସ ଅଧିକ ଖୋଳତାଡ କରୁଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ହିଁ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ତଦନ୍ତକାରୀ ଅଫିସର ଲିପିକା ନାଏକ କହିଛନ୍ତି। ପାଟଣାଗଡ ଏନଏସି ତଥା ଗ୍ରାମାଞ୍ଚଳରେ ବେଆଇନ ଦେଶୀ ଏବଂ ବିଦେଶୀ ମଦର କାରବାର ବହୁମାତ୍ରାରେ ବଢି ଚାଲିଛି। ସହରର ଗଳି କନ୍ଦିରେ ବେଧଡକ ଭାବେ ଦେଶୀ ଏବଂ ବିଦେଶୀ ମଦ ଉପଲବ୍ଧ ହେଉଛି। ସହରର ମୁଖ୍ୟ ରାସ୍ତାରେ ପ୍ରତି ୫୦ ମିଟରରେ ଦେଶୀ ଏବଂ ବିଦେଶୀ ମଦ ଅବାଧରେ ମିଳୁଛି। ଏଥିପ୍ରତି ନା ଅବକାରୀ ବିଭାଗ ଦୃଷ୍ଟି ଦେଉଛି ନା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ବ୍ୟାପକ ମାତ୍ରାର ହାତ ଗୁଞ୍ଜା ନେଇ ପୋଲିସ ଏବଂ ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜିଛନ୍ତି। ସେଥିପାଇଁ ଅନେକ ଧନ ଜୀବନ ନଷ୍ଟ ହେଉଛି।

■ ଜନ୍ମମାଟି ବରପାଲିରେ ୧୫୬ତମ ରାଜ୍ୟସ୍ତରୀୟ ଜୟନ୍ତୀ

# କବି ଗଙ୍ଗାଧର ବିଶ୍ୱରେ ବନ୍ଦନୀୟ



ଗଙ୍ଗାଧର ମେହେର ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବରପାଲି, ୨୬।୮(ଡି.ଏନ.ଏ.)**

କବି ଗଙ୍ଗାଧର ମେହେର ସାରା ବିଶ୍ୱରେ ନିଜର ଓଡିଆ ସାହିତ୍ୟର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ବାସ୍ତବରେ ଗଙ୍ଗାଧର ଅମୃତ ସନ୍ତାନ ତଥା ସାରା ବିଶ୍ୱରେ ବନ୍ଦନୀୟ ବୋଲି ଜନ୍ମମାଟି ବରଗଡ଼ ଜିଲା ବରପାଲିରେ ଅନୁଷ୍ଠିତ ୧୫୬ତମ ଜୟନ୍ତୀରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଓଡିଶା ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର କ୍ଲବର ମିଳିତ ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ସଭାରେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ଅଧ୍ୟାପକ ଡ. ପ୍ରଦୀପ କୁମାର ହୋତା ଅଧ୍ୟକ୍ଷତା କରିଥିଲେ । ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଗଡ ଏମ୍‌ପି ଡା. ପ୍ରଭାସ କୁମାର ସିଂ ମୁଖ୍ୟ ଅତିଥି, ବିଜେପୁର ବିଧାୟିକା ରୀତା ସାହୁ ବିଶିଷ୍ଟ ଅତିଥି, ଜିଲାପାଳ ବରଗଡ ଇନ୍ଦ୍ରମଣି ତ୍ରିପାଠୀ ବରେଣ୍ୟ ଅତିଥି, ମୁଖ୍ୟବକ୍ତା ବାବାଜୀ ଚରଣ ପଟ୍ଟନାୟକ, କ୍ଲବ ସଭାପତି ଘନଶ୍ୟାମ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିନୋଦାନନ୍ଦ ସାହୁ ସ୍ୱାଗତ ଭାଷଣ ଏବଂ ଘନଶ୍ୟାମ ପାଣିଗ୍ରାହୀ ପରିଚୟ ପ୍ରଦାନ କରିଥିଲେ । ଜୟନ୍ତୀ ସଭାରେ ପ୍ରଥମେ ଅଧ୍ୟାପକ ସୁସାହିତ୍ୟିକ ମାନଭଞ୍ଜନ ପଧାନଙ୍କୁ ଗଙ୍ଗାଧର ସାରସ୍ୱତ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସକାଳେ ଗଙ୍ଗାଧର ସାହିତ୍ୟ ପରିଷଦ ପକ୍ଷରୁ କବିଙ୍କ ଜନ୍ମଗୃହରେ (କବି ଭବନ) ଭକ୍ତି ନୈବେଦ୍ୟ ଅର୍ପଣ କରାଯାଇଥିଲା। ପରେ ଗଙ୍ଗାଧର କଲ୍ୟାଣମଣ୍ଡପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ପଦ୍ମଶ୍ରୀ ବିଦ୍ୟା ବାଚସ୍ପତି ଶ୍ରୀନିବାସ ଉଦ୍‌ଗାତାଙ୍କୁ ଗଙ୍ଗାଧର ସାରସ୍ୱତ ସମ୍ମାନ ଓ ଡ. ରଞ୍ଜନା ସାହୁଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଜୟନ୍ତୀ ଉତ୍ସବରେ ବିଭିନ୍ନ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଗୌରୀ ଲଙ୍କେଶ, ଡାଭୋଲ୍‌କର ହତ୍ୟାରେ ରହିଛି ସମ୍ପର୍କ

**ପୁଣେ,୨୬।୮(ଆଇଏଏନ୍‌ଏସ୍)**

ପୁଣେର ହେତୁବାଦୀ ନରେନ୍ଦ୍ର ଡାଭୋଲ୍‌କର ଏବଂ ବେଙ୍ଗାଲୁରୁର ବରିଷ୍ଠ ସାମ୍ବାଦିକା ଗୌରୀ ଲଙ୍କେଶଙ୍କ ହତ୍ୟା ଘଟଣାରେ ସମ୍ପର୍କ ରହିଛି ବୋଲି ରବିବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପ୍ରକାଶ କରିଛି। ଡାଭୋଲକର୍ ହତ୍ୟା ଘଟଣାରେ ଗିରଫ ମୁଖ୍ୟ ଅଭିଯୁକ୍ତ ସଚିନ ଅନ୍ଧୁରେଙ୍କୁ ଏଠାକାର ଶିବାଜୀନଗର ଜୁଡିସିଆଲ୍ ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ହାଜର କରିବା ବେଳେ ସିବିଆଇ ପକ୍ଷରୁ ଏଭଳି ଦାବି କରାଯାଇଛି। ଏହାସହ ଅଭିଯୁକ୍ତଙ୍କ ବିଚାର ବିଭାଗୀୟ ହାଜତ ମିଆଦ ବୃଦ୍ଧିକରିବା ଲାଗି ତଦନ୍ତକାରୀ ଏଜେନ୍ସି ଆବେଦନ କରିଛି।

## ମାଳଦ୍ୱୀପ ଆକ୍ରମଣ ମନ୍ତବ୍ୟ ଦେଇ ବିବାଦରେ ସ୍ୱାମୀ

**ନୂଆଦିଲ୍ଲୀ,୨୬।୮(ପି.ଟି.)**

ମାଳଦ୍ୱୀପରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଯଦି କିଛି ଅନିୟମିତତା ଘଟେ, ତା'ହେଲେ ଭାରତ ଆକ୍ରମଣ କରିବା ଉଚିତ ବୋଲି ରବିବାର ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀ ମତ ଦେଇଛନ୍ତି। ମାଳଦ୍ୱୀପର ନିର୍ବାସିତ ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନଶିଦଙ୍କୁ ଶୁକ୍ରବାର କଲମ୍ବୋଠାରେ ଦେଖା କରିବାର ଦୁଇଦିନ ପରେ ସ୍ୱାମୀଙ୍କ ଏଭଳି ମନ୍ତବ୍ୟ ସାମ୍ନାକୁ ଆସିଛି। ତେବେ ଭାଜପା ନେତାଙ୍କ ଏଭଳି ମନ୍ତବ୍ୟଠାରୁ ନିଜକୁ ଦୂରେଇ ରଖିଛି ବହିର୍ବ୍ୟାପାର ମନ୍ତ୍ରଣାଳୟ। ତାଙ୍କର ମନ୍ତବ୍ୟ ଏକାନ୍ତ ବ୍ୟକ୍ତିଗତ ଏବଂ ଏଥିରେ ସରକାରଙ୍କ କୌଣସି ସମ୍ପୃକ୍ତି ନାହିଁ ବୋଲି ମନ୍ତ୍ରଣାଳୟ ମୁଖପାତ୍ର ରବିଶ କୁମାର ପ୍ରକାଶ କରିଛନ୍ତି।

## ଅସୁସ୍ଥ ଶୀଲାଙ୍କୁ ଭେଟିଲେ କେଜ୍‌ରିୱାଲ

**ନୂଆଦିଲ୍ଲୀ,୨୬।୮(ପି.ଟି.)**

ହୃଦ୍‌ରୋଗର ଶିକାର ହୋଇଛନ୍ତି ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲା ଦୀକ୍ଷିତ। ଖୁବ୍‌ଶୀଘ୍ର ତାଙ୍କର ଅସ୍ତ୍ରୋପଚାର ହେବାକୁ ଯାଉଛି। ରବିବାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଶୀଲାଙ୍କ ଘରକୁ ଯାଇ ତାଙ୍କୁ ସାକ୍ଷାତ୍ କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

## ଶିଖ୍ ନେତାଙ୍କୁ ଖଲିସ୍ତାନୀ ସମର୍ଥକଙ୍କ ଆକ୍ରମଣ

**ନ୍ୟୁୟର୍କ,୨୬।୮(ପି.ଟି.)**

ଆମେରିକାର କାଲିଫର୍ନିଆଠାରେ ଖଲିସ୍ତାନୀ ସମର୍ଥକଙ୍କ ଆକ୍ରମଣର ଶିକାର ହେଲେ ଦିଲ୍ଲୀର ଜଣେ ଶିଖ୍ ନେତା। ଗୁରୁ ନାନକଙ୍କ ୫୫୦ତମ ଜୟନ୍ତୀ ପାଳନ ନେଇ ଦିଲ୍ଲୀ ଶିଖ୍ ଗୁରୁଦ୍ୱାରା ପରିଚାଳନା କମିଟି ସଭାପତି ମନ୍‌ଜିତ ସିଂ କାଲିଫର୍ନିଆର ୟୁବା ସହରରେ ସମ୍ପ୍ରଦାୟର ସଦସ୍ୟଙ୍କ ସହ ଆଲୋଚନା କରୁଥିବାବେଳେ ଖଲିସ୍ତାନୀ ସଦସ୍ୟମାନେ ତାଙ୍କୁ ଆକ୍ରମଣ କରିଥିଲେ। ସପ୍ତାହେ ମଧ୍ୟରେ ମନ୍‌ଜିତଙ୍କ ଉପରକୁ ଏହା ହେଉଛି ଦ୍ୱିତୀୟ ଆକ୍ରମଣ।

## ଲଗାଣ ବର୍ଷାରେ ବାଲିଚର ହୋଇଗଲା ପହ୍ଲା

**ଅତାବିରା, ୨୬।୮(ଡି.ଏନ.ଏ.)**

ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଗ୍ରାମାଞ୍ଚଳରେ ଲଗାଣ ବର୍ଷା ହେବାରୁ ଚାଷଜମିରେ ପାଣି ଭର୍ତ୍ତି ହୋଇ ପହ୍ଲାଗୁଡିକ ବୁଡିଯାଇଛି। ଦେଶଭଟ୍ଟଲି, ଉଦେପୁର ଛକ ରାଜପଥ ଉଭୟ ପାର୍ଶ୍ୱ ନଳିଆ, ଝାଉଁଯୋର ବନ୍ୟାପାଣିରେ ବୁଡି ଯାଇ ବାଲିଚର ହୋଇଛି ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

B.N. FINANCE
ସମସ୍ତ ଜିଲ୍ଲା ପାଇଁ Personal, Business, Property, Certificate, କୃଷି ଓ ପଶୁପାଳନ ପାଇଁ ସମସ୍ତ ପ୍ରକାର ଲୋନ୍ ୫ ଦିନ ମଧ୍ୟରେ ମିଳିବ। 2% ସୁଧ।
M: 8337957615
7064797490

ADMISSION OPEN FOR 2018-20
B.Ed
CT(D.EL.Ed) & M.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୯୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଗା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ଆଗେ କାମ, ପରେ ଦାମ୍।
ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ, ସମସ୍ତ ଋଣ 2% ସୁଧ 40% ରିହାତି ଘରେ ବସି ପାଆନ୍ତୁ।
OM FINANCE
9557124359
7895699233

FINANCE
MG Financial Solution
୨ଦିନ ମଧ୍ୟରେ ଦେଉଛି ସମସ୍ତ ପ୍ରକାର ଋଣ ବର୍ଷକୁ ୩ % ସୁଦରେ। ସରକାରୀ ଗ୍ୟାରେଣ୍ଟର୍ ଆବଶ୍ୟକ ନାହିଁ। (ସ୍ୱତନ୍ତ୍ର ସର୍ତ୍ତମୂଳକ ରିହାତି ୩୦% ) ଏଜେଣ୍ଟ ଆମନ୍ତ୍ରିତ । କମିଶନ ଏବଂ ସ୍ଥାୟୀ ଦରମା
09674882781
08826582043
09674882851
mgfinance99@gmail.com

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time
ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ଫ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FIRST FINANCE LIMITED
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number:
7689937202



9911436726, 8750311430

FINANCE
PEHEL ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ଅଧିକ ବିବରଣୀ ପାଇଁ ସଂମ୍ପର୍କ କରନ୍ତୁ
7347695603
8941029381

Kuber Finance
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ
1940ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

JAGANNATH FINANCE COMPNAY
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଆଜିର କାମ ଆସନ୍ତା କାଲିକୁ ବାକି ରଖୁ ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍



## ସଂକ୍ଷେପରେ

### ସୀମା ଯବାନଙ୍କୁ ରାଖୀ ପ୍ରେରଣ

**ସମ୍ବଲପୁର,୨୬।୮(ବ୍ୟୁରୋ)-** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଦେଶ ସୀମାନ୍ତରେ ଜାଗ୍ରତ ପ୍ରହରୀ ଥିବା ଯବାନମାନଙ୍କୁ ରାଖୀ ପ୍ରେରଣ କରିଥିଲେ। ରବିବାର ପବିତ୍ର ରାକ୍ଷୀ ପୂର୍ଣ୍ଣିମା ତିଥିରେ ରାକ୍ଷୀ ଯବାନମାନଙ୍କ ପାଖରେ ପହଞ୍ଚିଛି। ଜିଏମ୍ୟୁ ଛାତ୍ର ସୌମ୍ୟରଞ୍ଜନ ବଡ଼ପଣ୍ଡା, ଛାତ୍ରୀ ଛନ୍ଦାଚରଣ ଦଲପତ, ଦୀପାଞ୍ଜଳୀ ପାତ୍ର, ନିଖିଳ ଅଗ୍ରୱାଲ ଏହା ସୂଚୀତ କରିଛନ୍ତି। ସୂଚନାଯୋଗ୍ୟ ଯେ, ୨୩ ତାରିଖରେ ଛାତ୍ରୀଛାତ୍ରମାନେ ଗୋଟିଏ ବାକ୍ସରେ ୩ଶହ ରାକ୍ଷୀ ଜମ୍ମୁ, ୱାଘା ବର୍ଡର ଏବଂ ମୁମ୍ବାଇରେ ଥିବା ଯବାନମାନଙ୍କୁ ପଠାଇଥିଲେ ।

### ଲକ୍ଷଘର ଗଣ୍ଡା ସମାଜ ପକ୍ଷରୁ ସଫେଇ, ସଚେତନତା

**ରେଢ଼ାଖୋଲ,୨୬।୮ (ସ୍ୱ.ପ୍ର.)–** ସମ୍ବଲପୁର ଜିଲା ରେଢ଼ାଖୋଲ ଲକ୍ଷଘର ଗଣ୍ଡା ସମାଜ ମହାସଂଘ ପକ୍ଷରୁ ଗରଗଡ଼ବାହାଲ ଗଣ୍ଡାପଡ଼ାରେ ରବିବାର ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ସଞ୍ଜୟ କୁମାର ସାଗରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ତରଣୀସେନ ସୁନା, ସନ୍ତୋଷ ସିଂ, ଅଶୋକ ଜଗଦଲା, ଦୁଃଖୀଶ୍ୟାମ ମହାନନ୍ଦ ପ୍ରମୁଖଙ୍କ ସମେତ ଗଣ୍ଡା ସମାଜର ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା ।

### ଏସ୍‌ୟୁ ଆୟୋଜିତ ବିବିଧ ପ୍ରତିଯୋଗିତା

**ସମ୍ବଲପୁର,୨୬।୮(ବ୍ୟୁରୋ)-** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆୟୋଜିତ ବିବିଧ ପ୍ରତିଯୋଗିତା ରବିବାର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଆନ୍ତଃ ସ୍କୁଲ ବକ୍ତୃତା ଓ କବିତା ପ୍ରତିଯୋଗିତା ହୋଇଥିଲା। କବିତା ଆବୃତ୍ତିରେ ଶ୍ରୀଗଣେଷ ଗାର୍ଲ୍ସ ହାଇସ୍କୁଲର ସ୍ନିଗ୍ଧାରାଣୀ ମିଶ୍ର ପ୍ରଥମ, ସେଣ୍ଟଜୋସେଫ୍ କନଭେଣ୍ଟ ସ୍କୁଲର ରୋଜାଲିନ ମହାପାତ୍ର ଦ୍ୱିତୀୟ, ଲେଡିଲୁଇସ୍ ଗାର୍ଲ୍ସ ହାଇସ୍କୁଲର ସୋଭନା ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ବକ୍ତୃତାରେ ଲେଡିଲୁଇସ୍ ଗାର୍ଲ୍ସ ହାଇସ୍କୁଲର ରୋଜା ଆଚାରୀ, ବୁଢ଼ାରଜା ନୋଡାଲ ହାଇସ୍କୁଲର ଶ୍ରୀୟା ନନ୍ଦ, ବୁର୍ଲା ଡିଏଭି ପବ୍ଲିକ ସ୍କୁଲର ପ୍ରିତ୍ୟାଶା ରଥ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ବିଚାରକ ଭାବେ ପ୍ରଶାନ୍ତ କୁମାର ପାଟ୍ଟଯୋଶୀ, ଡ. ଗୋବିନ୍ଦ ମହାରାଣା, ଡ. ଗୌରିଦାସ ପଧାନ, ଅଧାପକ ରମେଶ ଚନ୍ଦ୍ର ମିର୍ଦ୍ଧା, ସତ୍ୟନାରାୟଣ ଠାକୁର, ଅଧାପିକା ରୀତାରାଣୀ ମିଶ୍ର ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ସୋମବାର ଜ୍ୟୋତି ବିହାର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ହେବାକୁ ଥିବା ଉତ୍ସବରେ ପୁରସ୍କୃତ କରାଯିବ।

# ଗଙ୍ଗାଧରଙ୍କ କାବ୍ୟରେ ପ୍ରକୃତି ଚିତ୍ର ରହିଛି

**ସମ୍ବଲପୁର,୨୬।୮(ବ୍ୟୁରୋ)**




ରବିବାର ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଗଙ୍ଗାଧର ଜୟନ୍ତୀ ଉତ୍ସବରେ ଅତିଥିମାନେ ମଞ୍ଚାସୀନ ଥିବାବେଳେ ବାଳିକାମାନେ ସଂଗୀତ ଗାନ କରୁଛନ୍ତି ।

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କାବ୍ୟରେ ପ୍ରକୃତି ଚିତ୍ର ରହିଛି। ଶବ୍ଦ ରୂପକ ତୂଳୀ ଓ ରଙ୍ଗରେ କାବ୍ୟର ଚରିତ୍ରକୁ ସୁନ୍ଦର ଭାବେ ଉପସ୍ଥାପିତ କରିଛନ୍ତି। ନାରୀ ଚରିତ୍ରକୁ ସେ ସମ୍ମାନ ପ୍ରଦର୍ଶନ କରିଛନ୍ତି। ରବିବାର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଆୟୋଜିତ ଗଙ୍ଗାଧର ଜୟନ୍ତୀରେ ବକ୍ତାମାନେ ଏହା କହିଛନ୍ତି। ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଜୟନ୍ତୀ ସଭା ହୋଇଥିଲା। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଡ. ଫକୀରଚରଣ ରଣା ଗଙ୍ଗାଧରଙ୍କ କାବ୍ୟଗୁଡ଼ିକୁ ଅନୁଶୀଳନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଗଙ୍ଗାଧର କବିତା ଆବୃତ୍ତି ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସାଧାରଣ ସମ୍ପାଦକ ବୋଧରାମ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। କମଳଲୋଚନ ପଣ୍ଡା ଧନ୍ୟବାଦ ଦେଇଥିଲେ। ଭାରତୀ ମିଶ୍ରଙ୍କ ନିର୍ଦ୍ଦେଶନାରେ ପ୍ରତିଟି ଦାଶ, ସ୍ମରଣୀକା ଶତପଥି, ଚିନ୍ମୟୀ ମିଶ୍ର, ପୂଜା ମିଶ୍ର, ଆୟୁଷା ପଣ୍ଡା, ଅନ୍ୱେଷା ମାଝୀ କବିଙ୍କ ରଚିତ କିଏ ଗୋ ତୁ ଜ୍ୟୋର୍ତିମୟୀ କବିତା ଗାନ କରିଥିଲେ । ତବଲାରେ ହରିବନ୍ଧୁ ବେହେରା ସହଯୋଗ କରିଥିଲେ। କ୍ଷେତରାଜପୁର ବାଳିକା ବିଦ୍ୟାଳୟ ପରିସରରେ ଗଙ୍ଗାଧର ମେହେର ଜୟନ୍ତୀ ସମାରୋହରେ ପାଳିତ ହୋଇଯାଇଛି । ସପ୍ତାହେ ବ୍ୟାପୀ ପ୍ରାର୍ଥନା ପରେ ଓଡ଼ିଆ, ଗଣିତ, ବିଜ୍ଞାନ ବିଭାଗର ଶିକ୍ଷୟିତ୍ରୀ, ଶିକ୍ଷକମାନେ କବିଙ୍କ ଜୀବନୀ ଅବତାରଣା କରିଥିଲେ। ଅଧ୍ୟକ୍ଷ ସନ୍ତୋଷ କୁମାର ହୋତାଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା । ଶାନ୍ତିମୟୀ ତ୍ରିପାଠୀ, ବ୍ରାହ୍ମଣୀ ଦିକ୍ଷୀତ ସଂଯୋଜନା କରିଥିଲେ। ଉପାଧ୍ୟକ୍ଷ ବିପିନ କୁମାର ସିଂ ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ ।

# କଂଗ୍ରେସ ସେବା ଦଳର ପ୍ରତିଷ୍ଠା ଦିବସ

**ସମ୍ବଲପୁର,୨୬।୮(ବ୍ୟୁରୋ)**

କଂଗ୍ରେସ ସେବା ଦଳର ପ୍ରତିଷ୍ଠା ଦିବସ ରବିବାର ଜିଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସେବା ଦଳ ପ୍ରତିଷ୍ଠାତା ସ୍ୱାଧୀନତା ସଂଗ୍ରାମୀ ଡ. ନାରାୟଣ ସୁବାରାଓ ହାର୍ଡିକରଙ୍କ ପ୍ରତିଛବିରେ ଅତିଥିମାନେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ଏହାପରେ ଜିଲା କଂଗ୍ରେସ ସେବାଦଳ ମୁଖ୍ୟ ସଙ୍ଗଠନର ନବକିଶୋର ଭଞ୍ଜୋଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ କମିଟି ସଭାପତି ଅଶ୍ୱିନୀ ଗୁରୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ ଯେ, ସ୍ୱାଧୀନତା ସଂଗ୍ରାମୀ ସୁବାରାଓଙ୍କ ତ୍ୟାଗ ଅବର୍ଣ୍ଣନୀୟ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସ ନେତା ଓ କର୍ମୀମାନେ କାର୍ଯ୍ୟ କରିବାର ସମୟ ଆସିଛି । ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ରାଜକିଶୋର ଦାସ, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡ଼ିଆ, ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଙ୍ଗଠନ ମୁଖ୍ୟ ଆସିଫ ଅଲ୍ଲି ଖାନ୍, ପ୍ରଦେଶ କମିଟି ସମ୍ପାଦିକା ସୁରେଖା ସାହୁ, ଜିଲା ଉପସଭାପତି ବିଜୟ ଭୂୟାଁ, ଯୁବ କଂଗ୍ରେସ ସଭାପିତ ଆଶୁତୋଷ ସ୍ୱାଇଁ, ମହିଳା କଂଗ୍ରେସ ସଭାନେତ୍ରୀ ସୁତାପ୍ତା ମିତ୍ର, ନଗର ସଭାପତି ଲାଲମୋହନ ସାଠିଆ, ଜୟରାମ ବନିଆଁ, ବିଜୟଲକ୍ଷ୍ମୀ ବେହେରା, ସରୋଜ ମିଶ୍ର, ଆଦିତ୍ୟ ନାଥ, ରେଣୁ କରିମ, ପୁଷ୍ପା କେର୍କେଟା, ସୁରମା ସାହୁ, ସଞ୍ଜୀବ ବାଗ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ, ୧୯୩୧ ମସିହାରେ ସେବା ଦଳ ପ୍ରତିଷ୍ଠା ହୋଇଥିଲା। ଏଥିରେ ହାର୍ଡିକର ନେତୃତ୍ୱ ନେଇଥିଲେ ।

# ସାହେବୀ ଗ୍ରାମରେ ହାତୀ ଉପଦ୍ରବ

**ନାକଟୀଦେଉଳ,୨୬।୮ (ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ସାହେବୀ ଗ୍ରାମପଞ୍ଚାୟତର ସାହେବୀ ଓ ପୋଡ଼ାମାଳ ଗ୍ରାମରେ ହାତୀଙ୍କ ଉପଦ୍ରବରେ ବ୍ୟାପକ ପରିମାଣରେ ଧାନ ଫସଲ କ୍ଷୟକ୍ଷତି ହୋଇଛି। ଶନିବାର ରାତିରେ ଏକ ହାତୀପଲ ଦୀର୍ଘ ସମୟ ଧରି ଏହି ୨ ଗ୍ରାମରେ ଉତ୍ପାତ କରିଥିଲେ। ହାତୀମାନେ ଧାନ ଗଛ ସବୁ ଖାଇଯିବା ସହ ଦଳି ଚକଟି ନଷ୍ଟ କରି ଦେଇଛନ୍ତି। ସାହେବୀ ଗ୍ରାମର ରାଜ କିଶୋର ସାହୁ, ନୃସିଂହଚରଣ

**ଧାନ ଫସଲ ନଷ୍ଟ**

ସାହୁ, ସୋନୁ ମାଟିଆରୀ ଏବଂ ପୋଡ଼ାମାଳ ଗ୍ରାମର ହରିହର ସାହୁ , ବସନ୍ତ ସାହୁ ଓ ବୃଷଭ ସାହୁଙ୍କ ଧାନ କ୍ଷେତ ଉଜୁଡ଼ିଛି। ସେମାନଙ୍କର ପ୍ରାୟ ୫ ଏକରରୁ ଉର୍ଦ୍ଧ୍ୱ ଧାନ ଗଛ ନଷ୍ଟ ହୋଇଥିବା ସୂଚନା ମିଳିଛି। ୭ ହାତୀଙ୍କ ଏହି ପଲରେ ୨ ଛୁଆ ହାତୀ ରହିଥିବା ଗ୍ରାମବାସୀ କହିଛନ୍ତି । ସନ୍ଧ୍ୟା ହେବା ମାତ୍ରେ ହାତୀପଲ ନିକଟସ୍ଥ ଜଙ୍ଗଲରୁ ଗାଁ ମୁଣ୍ଡକୁ ପଶି ଆସି ଏଭଳି କ୍ଷତି ଘଟାଇଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଯଥାଶୀଘ୍ର କ୍ଷତିପୂରଣ ଭରଣା କରାଯିବାକୁ ଦାବି ହେଉଛି।



ହାତୀଙ୍କ ଦଳାଚକଟାରେ ନଷ୍ଟ ହୋଇଥିବା ଧାନ କ୍ଷେତ।

# ହୀରାକୁଦରେ ସମ୍ବିଧାନ ସୁରକ୍ଷା ରାଲି

**ସମ୍ବଲପୁର,୨୬।୮ (ବ୍ୟୁରୋ)**

ହୀରାକୁଦ ଡ. ବିଆର ଆମ୍ବେଦକର ଜିଲା ଦଳିତ ସଂଘ ଏବଂ ଡ. ବିଆର ଆମ୍ବେଦକର ଯୁବକ ସଂଘ ପକ୍ଷରୁ ସମ୍ବିଧାନ ସୁରକ୍ଷା ଦାବିରେ ରବିବାର ରାଲି ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀର ଯନ୍ତରମନ୍ତରଠାରେ ୧୦ ବ୍ୟକ୍ତି ଭାରତର ସମ୍ବିଧାନକୁ ପୋଡ଼ି ଥିଲେ। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ରାଲି କରାଯାଇଥିଲା। ହୀରାକୁଦ ଏଚଆଇଡବ୍ଲ୍ୟୁ ଛକରୁ ରାଲି ବାହାରି ନୂଆଁବଜାର ଦୁର୍ଗା ମନ୍ଦିର ଛକ ପରିକ୍ରମା କରିଥିଲା। ଏହାପରେ ହୀରାକୁଦ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମହେଶ୍ୱର ଷଣ୍ଢ, ଭରତ ମଲ୍ଲିକ, ବିଶ୍ୱ ରାଜହଂସ, କାର୍ତ୍ତିକ କଲେତ, ଆଦେଶ ମେଘିଆ, ମୁକେଶ କୁମ୍ଭାର, ରମେଶ ଶିଙ୍କାଙ୍କ ନେତୃତ୍ୱରେ ରାଲି ଓ ବିକ୍ଷୋଭ ହୋଇଥିଲା। ଗୀତା ସୁନା, ରମେଶ ସୁନା, କୈଳାଶ ସୁନା, ରବି ବାଗ, ମଦନ ମହାନନ୍ଦ, ପ୍ରଦୀପ ସିନ୍ଧ୍ରିଆ, ମନୋଜ ଷଣ୍ଢ, ସୁରେଶ ଭୋଇ, ଚନ୍ଦ୍ରମଣୀ ଭେଣ୍ଡ୍ରା, ଅନୀଲ କନ୍ଧ, ପରଦେଶି ବାରିକ, ତହସିଲ ଭୋସାଗର, ସିବାନୀ ନାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସକାଳୁ ଚାଲିଥିବା ଝିପିଝିପି ବର୍ଷାକୁ ଖାତିର ନ କରି ଆନ୍ଦୋଳନକାରୀମାନେ ରାଲି କରିଥିଲେ ।

# ବନ୍ଦିନୀ ବାନ୍ଧିଲେ ରାଖୀ

**ସମ୍ବଲପୁର,୨୬।୮(ବ୍ୟୁରୋ)**

ସମ୍ବଲପୁର ଲାୟନ୍ସ କ୍ଲବ ସେଣ୍ଟ୍ରାଲ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ରବିବାର ନାରୀବନ୍ଦି ନିକେତନଠାରେ ପାଳିତ ହୋଇଯାଇଛି। ବନ୍ଦିନୀମାନେ ଲାୟନ୍ସ କ୍ଲବ କର୍ମକର୍ତ୍ତା ଓ ସଭ୍ୟମାନଙ୍କୁ ରାକ୍ଷୀ ବାନ୍ଧି ଆର୍ଶୀବାଦ ଗ୍ରହଣ କରିଥିଲେ। ଜେଲ ଅଧିକ୍ଷୀକା ବାସନ୍ତିଲତା ସିଂଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଲାୟନ୍ସ କ୍ଲବ ସଭାପତି ଅଶୋକ ମୋଦିଙ୍କ ସମେତ କର୍ମକର୍ତ୍ତା ଓ ସଭ୍ୟମାନେ ସାମିଲ ଥିଲେ ।

# ଭାଜପା ଜିଲା କାର୍ଯ୍ୟାଳୟରେ ବାଜପେୟୀଙ୍କ ଅସ୍ଥି କଳସ

**ସମ୍ବଲପୁର,୨୬।୮(ବ୍ୟୁରୋ)**

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ଅସ୍ଥି କଳସ ଭାଜପା ଜିଲା କାର୍ଯ୍ୟାଳୟରେ ରଖାଯାଇଛି। ରବିବାର ସକାଳୁ ଅସ୍ଥି କଳସ ଦର୍ଶନ ଓ ଶ୍ରଦ୍ଧାଞ୍ଜଳି ପାଇଁ ବିଭିନ୍ନ ବର୍ଗର ଜନସାଧାରଣଙ୍କ ଭିଡ଼ ହୋଇଥିଲା। ସୋମବାର ସକାଳୁ ଅସ୍ଥି କଳସକୁ ଶୋଭାଯାତ୍ରାରେ ସମ୍ବଲପୁର ଜିଲା କୁଚିଣ୍ଡା ବିଧାନସଭା କ୍ଷେତ୍ରକୁ ନିଆଯିବା କାର୍ଯ୍ୟକ୍ରମ ରହିଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋବିନ୍ଦ ନାରାୟଣ ଅଗ୍ରୱାଲଙ୍କ ସମେତ ଦଳୀୟ କର୍ମୀ ଓ ନେତାମାନେ ଜିଲା କାର୍ଯ୍ୟାଳୟରେ ଅସ୍ଥି କଳସ ଦାୟିତ୍ୱରେ ରହିଛନ୍ତି।

# ଆଦିତ୍ୟ ଆଲୁମିନିୟମ ଆଇଟିଆଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ରେଙ୍ଗାଲି,୧୬।୮(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲପଙ୍ଗସ୍ଥିତ ଆଦିତ୍ୟ ଆଲୁମିନିୟମ କାରଖାନାର ଆଇଟିଆଇ କର୍ମଚାରୀମାନେ ଲଙ୍ଗଟର୍ମ ସେଟେଲମେଣ୍ଟକୁ ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। କାରଖାନାର ସି ସିଫ୍ଟର କର୍ମଚାରୀମାନେ କମ୍ପାନୀ ଭିତରେ ଏହି ଆନ୍ଦୋଳନ କରି ଆସୁଥିବା ବେଳେ ରବିବାର ସକାଳୁ ଏ ସିଫ୍ଟ ଆଇଟିଆଇ କର୍ମଚାରୀମାନଙ୍କୁ ଭିତରକୁ ପ୍ରବେଶ କରିବାକୁ ଦିଆଯାଇନାହିଁ। ଆଇଟିଆଇ କର୍ମଚାରୀମାନଙ୍କ ମଧ୍ୟରୁ ୧୭ ଜଣିଆ ପ୍ରତିନିଧି ଦଳ ଲଙ୍ଗ୍ ଟର୍ମ ସେଟେଲମେଣ୍ଟରେ ଦସ୍ତଖତ କରି ସାରିଛନ୍ତି। ଆଇଟିଆଇ କର୍ମଚାରୀଙ୍କ ମଧ୍ୟରୁ କେତେକେ ମୁଷ୍ଟିମେୟଙ୍କ ଜରିଆରେ ଏହି ପ୍ରତିନିଧିଙ୍କଠାରୁ କମ୍ପାନୀ ଜୋର ଜବରଦସ୍ତି ଦସ୍ତଖତ ନେଇଥିବା ଅଭିଯୋଗ କରି ଏହି ଆନ୍ଦୋଳନ କରାଯାଇଛି। ଅନ୍ୟପକ୍ଷେ, କମ୍ପାନୀ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ ଲଙ୍ଗଟର୍ମ ସେଟେଲମେଣ୍ଟରେ ପ୍ରତିନିଧି ଦଳ ଦସ୍ତଖତ କରି ସାରିବା ପରେ କେତେକ ମୁଷ୍ଟିମେୟ କର୍ମଚାରୀ ଏହାକୁ ବିରୋଧ କରି ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏ ସମ୍ପର୍କରେ ଦସ୍ତଖତ କରିଥିବା ପ୍ରତିନିଧିଙ୍କ ସହ ଫୋନରେ ଯୋଗାଯୋଗ ହୋଇପାରୁନାହିଁ। ଆଇଟିଆଇ କର୍ମଚାରୀମାନଙ୍କ ପାଇଁ କମ୍ପାନୀ ଭିତରେ ଥିବା କ୍ୟାଣ୍ଟିନକୁ ମାନବ ସମ୍ବଳ ଅଧିକାରୀ ବନ୍ଦ କରି ଦେଇଛନ୍ତି । ବାହାରୁ ଖାଦ୍ୟ କାରଖାନା ଭିତରକୁ ପ୍ରବେଶ ନିଷେଧ କରାଯାଇଛି। କର୍ମଚାରୀମାନଙ୍କ ପକ୍ଷରୁ ଯଥାଶୀଘ୍ର କମ୍ପାନୀ ତରଫରୁ କ୍ୱାର୍ଟର ବ୍ୟବସ୍ଥା, ଫାଇନାନ୍ସିଆଲ ଇନକ୍ରିମେଣ୍ଟ ସହ ସ୍ୱାସ୍ଥ୍ୟ ଏବଂ ବୀମା, ନାଇଟ ଆଲାଉନ୍ସ, ହିଟ ଆଲାଉନ୍ସ, ଗ୍ରାଡିଏସନ ଦାବି ହୋଇଛି।



ଯବାନଙ୍କ ଗହଣରେ ଛାତ୍ରୀଛାତ୍ର।

# ସିଆରପିଏଫ ଯବାନଙ୍କୁ ରାଖୀ ବାନ୍ଧିଲେ ଛାତ୍ରୀଛାତ୍ର

**ନାକଟୀଦେଉଳ,୨୬।୮ (ଡି.ଏନ.ଏ.)**

ପବିତ୍ର ରକ୍ଷାବନ୍ଧନ ଉତ୍ସବ ଅବସରରେ ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ସଦରଠାରେ ଅବସ୍ଥାପିତ ସିଆରପିଏଫ ସି/୧୨ ବାଟାଲିୟନର ଯବାନମାନଙ୍କ ହାତରେ ସ୍ଥାନୀୟ ଜଗନ୍ନାଥ ପ୍ରସାଦସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ରକ୍ଷାସୂତ୍ର ବାନ୍ଧି ଶୁଭ ମନାସିଛନ୍ତି । ରବିବାର ପୂର୍ବାହ୍ନ ୯ଟା ସମୟରେ ଛାତ୍ରୀଛାତ୍ରମାନେ ସ୍ଥାନୀୟ ସିଆରପିଏଫ ଶିବିରକୁ ଯାଇ ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ ଜଗଦୀଶ ବିଶିଙ୍କ ସମେତ ସେଠାରେ ଉପସ୍ଥିତ ୮୦ ଯବାନଙ୍କୁ ରାକ୍ଷୀ ପିନ୍ଧାଇଥିଲେ। ପରେ ସମସ୍ତ ଛାତ୍ରୀଛାତ୍ର ଓ ଆଚାର୍ଯ୍ୟମାନେ ଶାନ୍ତି ମନ୍ତ୍ର ପାଠ ଉଚ୍ଚାରଣ କରି ସେମାନଙ୍କର ଦୀର୍ଘାୟୁ କାମନା କରିଥିଲେ। ଏହି ଅବସରରେ ଶିଶୁ ମନ୍ଦିରର ୮ମ ଶ୍ରେଣୀ ଛାତ୍ରୀ ଶିବାନୀ ପ୍ରିୟା ଦେହୁରୀ, ୭ମ ଶ୍ରେଣୀ ଛାତ୍ର ଅଂଶୁମାନ ପ୍ରଧାନ, ୬ଷ୍ଠ ଶ୍ରେଣୀ ଛାତ୍ରୀ ଶୁଭସ୍ମିତା ସାହୁ ଏବଂ ୫ମ ଶ୍ରେଣୀ ଛାତ୍ରୀ ମୌସୁମୀ ସାହୁ ପ୍ରମୁଖ ଯବାନମାନଙ୍କ ଉଦ୍ଦେଶ୍ୟରେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ ବିଶି ଯୋଗ୍ୟତା ହାସଲ ପୂର୍ବକ ମନରେ ଆଶା ଆକାଂକ୍ଷା ରଖି ଭଲ ପାଠ ପଢ଼ିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ବିଜୟ କୁମାର ସାହୁ, ପ୍ରଶାନ୍ତ ସାହୁ, ସୁଭାଷ ଚନ୍ଦ୍ର ସାହୁ, ରଞ୍ଜନ ନାଏକ ଏବଂ ଖବରଦାତା ସନ୍ତୋଷ କୁମାର ସାହୁ ସାମିଲ୍ ହୋଇଥିଲେ।

# ଗଛରେ ରାଖୀ ବାନ୍ଧି ସୁରକ୍ଷା ଶପଥ

**ରେଢାଖୋଲ,୨୬।୮ (ଡି.ଏନ.ଏ.)**

ସମୟ ବଦଳିଛି। ହେଲେ ରକ୍ଷା ବନ୍ଧନର ପରମ୍ପରା ବଳବତ୍ତର ରହିଛି। ଏହାର ପବିତ୍ରତା କେବଳ ଭାଇ-ଭଉଣୀଙ୍କ ମଧ୍ୟରେ ସୀମିତ ରହି ନାହିଁ। ପ୍ରକୃତିର ସୁରକ୍ଷା ଦିଗ ପ୍ରତି ଅଙ୍ଗୀକାରବଦ୍ଧତାକୁ ଏହା ପରିବ୍ୟାପ୍ତ ହୋଇପାରିଛି। ସୁସ୍ଥ ପରିବେଶର ବାର୍ତ୍ତା ବହନ କରିଛି। ଆଧୁନିକତାର ସ୍ପର୍ଶରେ ସବୁଜିମା ନଷ୍ଟ ହୋଇ ଚାଲିଥିବା ବେଳେ ବୃକ୍ଷରୋପଣ କ୍ଷେତ୍ରରେ ରକ୍ଷା ବନ୍ଧନର ମହତ୍ତ୍ୱ ପ୍ରତିଫଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ଗଛରେ ରାକ୍ଷୀ ବାନ୍ଧି ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଛି। ସମ୍ବଲପୁର ଜିଲା ରେଢାଖୋଲ ବନଖଣ୍ଡ ବଡବାହାଳ ରେଞ୍ଜ, କଦଳୀଗଡ଼ ପଞ୍ଚାୟତ ଧଉରାଖମଣ ଗ୍ରାମର ମା' ପଞ୍ଚରାପାଟ ବନ ସଂରକ୍ଷଣ ସମିତି ପକ୍ଷରୁ ସଂରକ୍ଷିତ ଜଙ୍ଗଲର ଗଛମାନଙ୍କରେ ସଭ୍ୟାସଭ୍ୟମାନେ ରାକ୍ଷୀ ବାନ୍ଧି ଏହାର ସୁରକ୍ଷା ନେଇ ଶପଥ ନେଇଛନ୍ତି। ରେଢାଖୋଲ ଡିଏଫଓ ସଂଗ୍ରାମ କେଶରୀ ବେହେରାଙ୍କ ପ୍ରେରଣାରେ ବନସଂରକ୍ଷଣ ସମିତିର ସଭାପତି ଅରକ୍ଷିତ ଭୋଇ, ବିଶିକେଶନ ମହାକୁଡ, ଦେବ ପ୍ରଧାନ, ଭୁବନ ମହାକୁଡ ପ୍ରମୁଖ ଗଛରେ ରାକ୍ଷୀ ବାନ୍ଧିଥିଲେ। ଏଥିରେ ବଡ଼ବାହାଳ ରେଞ୍ଜର ଭାରପ୍ରାପ୍ତ ରେଞ୍ଜ ଅଧିକାରୀ ଦିଲୀପ ଧଳ, ସେକ୍ସନ ଫରେଷ୍ଟର ଶ୍ରୀବତ୍ସ କିସାନ, ଫରେଷ୍ଟଗାର୍ଡ ଚିତ୍ତରଞ୍ଜନ ମିରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।



ସଭ୍ୟାସଭ୍ୟମାନେ ଗଛକୁ ରାଖୀ ବାନ୍ଧୁଛନ୍ତି।

ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ୨୭ ଅଗଷ୍ଟ, ୨୦୧୮



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଚି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।

- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ଦେବଗଡ,୨୬।୮(ସ୍ୱ.ପ୍ର.) ରିଆମାଳ ବ୍ଲକରେ ଏମ୍‌ଜିଏନଆରଇଜିଏସ୍ ସମ୍ପର୍କିତ ବ୍ଲକସ୍ତରୀୟ ଜନଶୁଣାଣି ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଧରମ ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏହି ଉତ୍ସବ । ୨୦୧୭-୧୮ ଆର୍ଥିକ ବର୍ଷ ଦ୍ୱିତୀୟ ପର୍ଯ୍ୟାୟରେ ବ୍ଲକର ସମସ୍ତ ୨୬ଟି ପଞ୍ଚାୟତରେ ଅନୁଷ୍ଠିତ ଏମ୍‌ଜିଏନଆରଇଜିଏସ୍ ଯୋଜନା ଅଧୀନ ସାମାଜିକ ସମୀକ୍ଷା ସମୟରେ ଦୃଷ୍ଟିଗୋଚର ହୋଇଥିବା ଭିନ୍ନତା, ସଠିକ୍ କାର୍ଯ୍ୟକାରୀ ସମ୍ପର୍କିତ ତ୍ରୁଟି ଇତ୍ୟାଦି ବ୍ଲକସ୍ତରୀୟ ଜନଶୁଣାଣିରେ ଆଲୋଚନା ହୋଇଥିଲା । ଏହି ଯୋଜନାରେ କିପରି ବ୍ଲକର ସମସ୍ତ ପଞ୍ଚାୟତରେ ସଠିକ୍ ଓ ସୂଚାରୁ ରୂପେ କାର୍ଯ୍ୟକାରୀ ହୋଇ ଜବକାର୍ଡ ଧାରୀମାନେ ବର୍ଷକୁ ଅତିବେଶୀରେ ୧୦୦ଦିନ କାମ ପାଇପାରିବେ ସେ ନେଇ ଏଡିଏମ ହାଁସଦା ଗୁରୁତ୍ୱାରୋପ କରିଥିଲେ । ସେହିପରି ଭବିଷ୍ୟତରେ ପର୍ଯ୍ୟାୟ କ୍ରମେ ଅନ୍ୟ ଦାରିଦ୍ର୍ୟ ଦୂରିକରଣ ଯୋଜନାରେ ସାମାଜିକ ସମୀକ୍ଷା ତଥା ବ୍ଲକସ୍ତରୀୟ ଜନଶୁଣାଣି ହେବ ବୋଲି ବୈଠକରେ ଦୃଢୋକ୍ତିପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜନଶୁଣାଣିରେ ଜିଲାସ୍ତରରୁ ଡିଆରଡିଏର ଏପିଡି ଗଜେନ୍ଦ୍ର ବେହେରା, ରିଆମାଳ ବିଡିଓ ଶିବ ଟପ୍ପୋ, ଏପିଓ ସାଧନା ରାଉତ, ବ୍ଲକ ସାମାଜିକ ସମୀକ୍ଷକ ହିମାଂଶୁ ଦାଶ, ପିଏ ରଞ୍ଜିତ ଟୁଟୁଙ୍କ ସମେତ ସମସ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକ, ଜନସାଧାରଣ ତଥା ଜବକାର୍ଡଧାରୀମାନେ ଉପସ୍ଥିତଥିଲେ ।





ଭୁବନେଶ୍ୱର ସୂଚନା ଭବନଠାରେ ଚଳଚ୍ଚିତ୍ରର ସ୍କ୍ରିନିଂ କରାଯାଉଛି (ବାମ) । ସୂଚନା ଭବନଠାରେ ଅନୁଷ୍ଠିତ ସ୍କ୍ରିନିଂ ସମୟରେ ଉପସ୍ଥିତ ଦର୍ଶକ ।

■ ଡକ୍ୟୁମେଣ୍ଟାରୀ ଫିଲ୍ମ 'ଦି ଟ୍ରାଇବାଲ ସ୍କୁପ୍' ପ୍ରଦର୍ଶିତ

# କାହାଣୀରେ ସୁନ୍ଦରଗଡ଼ ଜନଜାତିଙ୍କ ହକିପ୍ରେମ

ଭୁବନେଶ୍ୱର,୨୬।୮(ବ୍ୟୁରୋ)

ସୁନ୍ଦରଗଡ଼ ଜନଜାତିମାନଙ୍କର ଜାତୀୟ କ୍ରୀଡ଼ା ହକି ପ୍ରତି ଥିବା ଭଲପାଇବାକୁ ଆଧାର କରି ପ୍ରସ୍ତୁତ ଡକ୍ୟୁମେଣ୍ଟାରୀ ଫିଲ୍ମ 'ଦି ଟ୍ରାଇବାଲ ସ୍କୁପ୍' ରବିବାର ସୂଚନା ଭବନଠାରେ ପ୍ରଦର୍ଶିତ ହୋଇଯାଇଛି। ହକି ଗ୍ୟାଙ୍ଗ୍‌ପୁର ଓଡ଼ିଶା ପକ୍ଷରୁ ଏହି ସ୍ୱତନ୍ତ୍ର ସ୍କ୍ରିନିଂ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୫୩ ମିନିଟ୍‌ର ଏହି ଡକ୍ୟୁମେଣ୍ଟାରୀରେ ଆଦିବାସୀ ଯୁବକମାନଙ୍କ ମଧ୍ୟରେ ହକି ପାଇଁ ଥିବା ପ୍ୟାଶନ ଏବଂ ଜାତୀୟ ହକି ଟିମ୍‌ରେ ସ୍ଥାନ ପାଇବା ପାଇଁ ସେମାନଙ୍କ କଠିନ ପରିଶ୍ରମ ଓ ସଂଘର୍ଷକୁ ଅତି ଆକର୍ଷଣୀୟ ଭାବେ ଉପସ୍ଥାପନ କରାଯାଇଥିଲା। ସୁନ୍ଦରଗଡ଼ର ଆଭ୍ୟନ୍ତରୀଣ ଓ ଅପହଞ୍ଚ ଅଞ୍ଚଳରେ ବି ହକି କିଭଳି ଏକ ଲୋକପ୍ରିୟ କ୍ରୀଡ଼ା ଏବଂ ଜୀବନ ଜିଇଁବାର ରାହା ଭାବେ ପରିଗଣିତ ହେଉଛି, ତାହାକୁ ଫିଲ୍ମ ମାଧ୍ୟମରେ ଦେଖାଇଥିଲେ ନିର୍ମାତା। ମୁମ୍ବାଇର କୋଡ୍ ରେଡ୍ ଫିଲ୍ମ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଓଡ଼ିଶାର ବିଶ୍ୱରଞ୍ଜନ ପ୍ରଧାନ। ଉତ୍ସବରେ ଅତିଥି ଭାବେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ ଯୋଗଦେଇଥିଲେ। ସୁନ୍ଦରଗଡ଼ବାସୀଙ୍କ ପାଇଁ ହକି ଏକମାତ୍ର ରାହା। ଏହି କ୍ରୀଡ଼ା ସେମାନଙ୍କୁ ଜୀବନ ଜୀବିକା ଯୋଗାଇବା ସହ ସ୍ୱତନ୍ତ୍ର ପରିଚୟ ଦେଇଥାଏ ବୋଲି ତିର୍କୀ କହିଥିଲେ।

ଫିଲ୍ମରେ ଦିଲୀପ ତିର୍କୀଙ୍କ ସହ ସୁନ୍ଦରଗଡ଼ରୁ ଆସିଥିବା ଭାରତୀୟ ହକି ଦଳର ଏକାଧିକ ସଦସ୍ୟ ଦିପ୍‌ସାନ୍ ତିର୍କୀ, ଅଲିମ୍ପିକ୍ କ୍ରୀଡ଼ାବିତ୍ ଲାଜାରୁସ୍ ବାର୍ଲା, ଜନଜାତି ନେତା ଜର୍ଜ ତିର୍କୀ ଓ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ପ୍ରମୁଖଙ୍କୁ ଦେଖିବାକୁ ମିଳିଛି। ପୂର୍ବରୁ ଏହି ଡକ୍ୟୁମେଣ୍ଟାରୀ ଭାରତ ସହ ଭାରତ ବାହାରେ ବହୁ ବଡ଼ ବଡ଼ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇ ପ୍ରଶଂସିତ ହୋଇଛି, ଯେଉଁଥିରେ ମୁମ୍ବାଇ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ, ଇଣ୍ଟରନ୍ୟାଶନାଲ ଡକ୍ୟୁମେଣ୍ଟାରୀ ଆଣ୍ଡ ଶର୍ଟ ଫିଲ୍ମ ଫେଷ୍ଟିଭାଲ, ଜର୍ମାନୀରେ ଅନୁଷ୍ଠିତ ଗୋଲ୍ଡେନ୍ ଟ୍ରି ଇଣ୍ଟରନ୍ୟାଶନାଲ ଡକ୍ୟୁମେଣ୍ଟାରୀ ଫିଲ୍ମ ଫେଷ୍ଟିଭାଲ ଆଦି ରହିଛି। ଏହି ଫିଲ୍ମ ସ୍କ୍ରିନିଂ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ୱିଲିୟମ୍ ଖାଲ୍‌କୋ, ଲାଜାରୁସ୍ ବାର୍ଲା, ଦିପ୍‌ସାନ୍ ତିର୍କୀ, ଫିଲ୍ମ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମେହେରଙ୍କ ସାହିତ୍ୟକୃତି ଉପରେ ଆଲୋଚନା

ଦେବଗଡ,୨୬।୮(ସ୍ୱ.ପ୍ର.)

ସ୍ଥାନୀୟ କ୍ଲବ ଗୃହଠାରେ ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ରବିବାର ପାଳିତ ହୋଇଯାଇଛି । ସଂସଦର ସଭାପତି ଡ.ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କହୋଇଥିଲା ଏହି କାର୍ଯ୍ୟକ୍ରମ। ଏଥିରେ ମୁଖ୍ୟଅତିଥି ଭାବେ ଆଦର୍ଶ ମହାବିଦ୍ୟାଳୟର ଅଧ୍ୟକ୍ଷ କୈଳାସଚନ୍ଦ୍ର ଦାଶ, ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ ମିଶ୍ର ଯୋଗଦେଇଥିଲେ। ଅତିଥିମାନେ ମେହେରଙ୍କ କାବ୍ୟ କବିତା ତଥା ସାହିତ୍ୟ କୃତି ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ସେହିପରି ବିପିନ ବିହାରୀ ଦ୍ୱିବେଦୀ, ସୁଧାଂଶୁ ଦ୍ୱିବେଦୀ, ପଣ୍ଡିତ ମଧୁସୁଦନ ଗୁରୁ, ଦେବେନ୍ଦ୍ରନାଥ ବେହେରା, ରାମଚନ୍ଦ୍ର ମହାପାତ୍ର, ଲକ୍ଷ୍ମଣ ପ୍ରଧାନ, ଯୋଗେଶଚନ୍ଦ୍ର ଦଳବେହେରା, ଦୈତାରୀ ପ୍ରସାଦ ଦ୍ୱିବେଦୀ, ସୁଧାଂଶୁ ଗୁରୁ, ଆଲୋକ ମିଶ୍ର, ରାମଚନ୍ଦ୍ର ପ୍ରଧାନ, ଡ. ସନ୍ତୋଷ ଦେବତା, ଭୋଳେଶ୍ୱର ମିଶ୍ର, ସୁଧୀର ଦ୍ୱିବେଦୀ, ସୁରେନ୍ଦ୍ର ଦାଶ, ସୁକାନ୍ତ ନନ୍ଦଙ୍କ ସମେତ ବହୁସଂଖ୍ୟକ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ ।





ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅବସରରେ ମଞ୍ଚାସୀନ ଅତିଥିମାନେ ।

# କଣ୍ଢେଇଲ ଶିଶୁ ମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ

ବାରକୋଟ, ୨୬।୮(ଡି.ଏନ.ଏ.)

ଦେବଗଡ ଜିଲା ବାରକୋଟ ବ୍ଲକ କଣ୍ଢେଇଲ ଶିଶୁ ମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିପିନ ବିହାରୀ ପ୍ରଧାନ, ସମ୍ପାଦକ ତୁଳସୀ ବିଶ୍ୱାଳ, ହରପ୍ରସାଦ ସାହୁ ଯୋଗଦେଇ ଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଛାତ୍ରୀଛାତ୍ରମାନଙ୍କୁ ରକ୍ଷା ବନ୍ଧନ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ କୁମାର ଦେବ, ଗୁରୁଜୀ ଗୁରୁମାମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍ସବ ପାଳିତ ହୋଇଥିଲା ।

# ବୁଢ଼ାପାଲରେ ଗହ୍ମାପୂର୍ଣ୍ଣିମା, ଗୋ ସମ୍ବର୍ଦ୍ଧନା ସମାରୋହ

ଦେବଗଡ଼,୨୬।୮(ସ୍ୱ.ପ୍ର)

ଆମ ରାଜ୍ୟର କୃଷ ଭିତ୍ତିକ ପ୍ରମୁଖ ପର୍ବ ପବିତ୍ର ଗହ୍ମା ପୂର୍ଣ୍ଣିମା ଉତ୍ସବ । ଏହି ଉପଲକ୍ଷେ ଦେବଗଡ଼ ଜିଲାର ବୁଢ଼ାପାଲଠାରେ ଜିଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଆତ୍ମା, କୃଷି ବିଜ୍ଞାନ କେନ୍ଦ୍ର ଦେବଗଡ଼ ଏବଂ ଓଡ଼ିଶା ରାଜ୍ୟ କୃଷକ ବିକାଶ ସମବାୟ ସମିତି ଲିଃଙ୍କ ମିଳିତ ଆନୁକୂଲ୍ୟରେ ଗୋ- ସମ୍ବର୍ଦ୍ଧନା ସମାରୋହ ତଥା କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ପରିଷଦ ମଣ୍ଡଳୀ ସଭ୍ୟ ସନ୍ତୋଷ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଏହି ଉତ୍ସବ। ପ୍ରଥମେ ପାରମ୍ପରିକ ରୀତିରେ ପ୍ରଭୁ ବଳଭଦ୍ର ଦେବଙ୍କ ପୂଜାର୍ଚ୍ଚନା କରାଯାଇ ଆୟୋଜିତ ଗୋ-ପ୍ରଦର୍ଶନୀରେ ସମବେତ ବଳଦ ଓ ଗୋ-ମାତାଙ୍କୁ ଭକ୍ତିପୂତ ପୂଜାର୍ଚ୍ଚନା କରାଯାଇଥିଲା। ଏହି ସମାରୋହରେ ଓଡ଼ିଶା ରାଜ୍ୟ କୃଷକ ବିକାଶ ସମବାୟ ସମିତି ଲିଃର ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ ଓ ରିଆମାଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀତାଞ୍ଜଳୀ ହାତୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବ୍ଲକର ଆତ୍ମା ଅଧ୍ୟକ୍ଷ ତରଣୀ ସେନ ପ୍ରଧାନ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଆଲୋକ ଦାସ, ଡା. ସମୀର ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ସୁଜିତ୍ ନାଥ, ଲବ ସୋରେନ୍, ଅନ୍ତଃରାଷ୍ଟ୍ରୀୟ ପ୍ରାଣୀ ଗବେଷଣା କେନ୍ଦ୍ରର ରାଜ୍ୟ ସଂଯୋଜକ ପ୍ରଦୀପ ସାହୁ, ବାରକୋଟ ପ୍ରାଣୀ ଚିକିତ୍ସା ଅଧିକାରୀ ଆଶିଷ କର, ତିଲେଇବଣି ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟବ୍ରତ ମିଶ୍ର, ସାମାଜିକକର୍ମୀ ଚିତ୍ତରଞ୍ଜନ ପ୍ରଧାନ, ଘାସିନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉନ୍ନତ ଗାଈ. ଉନ୍ନତ ଛଡ଼ା, ସୁସ୍ଥ ବଳିଷ୍ଠ ବଳଦ, ସଫଳ କ୍ଷୀର ଉତ୍ପାଦନକାରୀ ଓ ସଫଳ ଗୋ-ରକ୍ଷକଙ୍କୁ ସମ୍ବର୍ଦ୍ଧନା କରାଯିବା ସହିତ ସମିତିର ମୁଖପତ୍ର କୃଷକ ସମାଚାର ଉନ୍ମୋଚନ କରାଯାଇଥିଲା। ସଂସ୍କୃତି ବିଭାଗ ପକ୍ଷରୁ ବିଶିଷ୍ଟ ଯୁବ ଗାୟକ ନିରଞ୍ଜନ ମହାନ୍ତ ଓ ତାଙ୍କ ସାଥୀମାନେ ବଳରାମଙ୍କ ଜନ୍ମ ଓ ଗୋ-ସମ୍ପଦ ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ପରିବେଷଣ କରିଥିଲେ। ସମବେତ ଚାଷୀମାନଙ୍କ ତରଫରୁ ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ରରେ ଜଣେ ଭେଟ୍‌ନାରୀ ବୈଜ୍ଞାନିକ ନିଯୁକ୍ତି, ଜିଲାରେ ଖାଲି ପଡ଼ିଥିବା ପ୍ରାଣୀଧନ ନିରୀକ୍ଷକ ପଦବୀ ପୂରଣ, ଦେବଗଡ଼ ଜିଲାର ତିନୋଟି ବ୍ଲକର ପ୍ରମୁଖ ସ୍ଥାନରେ ଏକ ଚିଲିଂ ପ୍ଲାଇଟ(ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟ) ଚାଷୀଙ୍କୁ ଦୁଗ୍ଧର ସଠିକ୍ ବିକ୍ରି ମୂଲ୍ୟ ପ୍ରଦାନ ଦେବା ସହିତ ବ୍ୟାପକ ସଚେତନତା, ଗୋଚର ଜମିର ସୁରକ୍ଷା ଏବଂ ପ୍ରତି ଚାଷୀ ପରିବାର ପାଇଁ ଗୋ-ପାଳନ ପାଇଁ କାମଧେନୁ କୁଟୀର ନିର୍ମାଣ, ଜନନୀ ସୁରକ୍ଷା ଯୋଜନା ଭଳି ଗୋ-ମାତା ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ।



ଗୋ- ସମ୍ବର୍ଦ୍ଧନା ସମାରୋହରେ ଯୋଗଦେଇଥିବା ଅତିଥିମାନେ।

## ସବୁଠି ରକ୍ଷାବନ୍ଧନ ପର୍ବ ପାଳିତ

ଦେବଗଡ଼,୨୬।୮(ସ୍ୱ.ପ୍ର.)

ଭଉଣୀଭାଇର ପବିତ୍ର ରକ୍ଷାବନ୍ଧନ ପର୍ବ(ରାକ୍ଷୀ ପୂର୍ଣ୍ଣିମା) ଦେବଗଡ ସହର ତଥା ଜିଲାର କୋଣ ଅନୁକୋଣରେ ରବିବାର ଧୁମଧାମରେ ପାଳିତ ହୋଇଯାଇଛି । ସେହିପରି ପୌରାଞ୍ଚଳ ସମେତ ଗ୍ରାମାଞ୍ଚଳରେ ଏହି ପର୍ବ ପାଳନ ସହ ଗୋମାତାଙ୍କୁ ଚାଷୀ ତଥା ଅନ୍ୟ ପରିବାର ଲୋକେ ଫୁଲ, ଚନ୍ଦନ, ସିନ୍ଦୁର ଦେଇ ପୂଜା କରିବା ସହ ବିଭିନ୍ନ ପ୍ରକାରର ଖାଦ୍ୟ ଫଳ ମୂଳ ଆଦି ଦେଇଥିଲେ । ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ଏହି ପର୍ବ ପାଳନ ହୋଇଥିବାବେଳେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଧ୍ୟ ପାଳନ କରାଯାଇଥିଲା । ଏଥିରେ ଶିଶୁ ମନ୍ଦିରର ପ୍ରଥମ ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ପ୍ରତାପଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲର ପ୍ରଧାନଆଚାର୍ଯ୍ୟ ପ୍ରତାପ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନେ ପରସ୍ପରକୁ ରାକ୍ଷୀ ବାନ୍ଧିବା ସହ ମିଠା ଖୁଆଇଥିଲେ । ତା'ପରେ ସପୋର୍ଟ ଆଶ୍ରୟ ଗୃହକୁ ଯାଇ ସେଥିରେ ଅନ୍ତେବାସୀଙ୍କୁ ରାଖୀ ବାନ୍ଧିବା ସହ ମିଠା ଖୁଆଇଥିଲେ । ଶେଷରେ ଯୁଗ୍ମ ସମ୍ପାଦକ ରାମଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ସେହିପରି ଲିଚୁବୁରୀସ୍ଥିତ ସରସ୍ୱତୀ କୋଚିଂ ସେଣ୍ଟର, କଲେଜ ରୋଡସ୍ଥିତ ସାଇ କୋଚିଂ ସେଣ୍ଟରରେ ରାଷ୍ଟ୍ରୀୟ ସେବିକା ସମିତି ତରଫରୁ ଯୁବତୀମାନେ ରକ୍ଷାବନ୍ଧନ ଉତ୍ସବ ପାଳନ କରିଥିବାବେଳେ ଜିଲା ସଂସ୍କୃତି ଭବନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ମଧ୍ୟ ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଥିଲା ।

# ଗଙ୍ଗାଧରଙ୍କ ଜୟନ୍ତୀରେ କବିତା ପାଠ

ବାରକୋଟ ୨୬।୮(ଡି.ଏନ.ଏ.)



ନଳବନ୍ଧରେ ମେହେର ଜୟନ୍ତୀରେ ଉପସ୍ଥିତ ଅତିଥି

ଦେବଗଡ ଜିଲା ବାରକୋଟ ବ୍ଲକ ନଳବନ୍ଧ ଗ୍ରାମଠାରେ ପତିତପାବନ ସାହିତ୍ୟ ସଂସଦ କଣ୍ଢେଇଲ ଓ ଗୋପବନ୍ଧୁ କ୍ଲବ ନଳବନ୍ଧ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଶଶିଭୂଷଣ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଗିରିଧାରୀ ସାହୁ, ସମ୍ମାନିତ ଅତିଥି ଭାବେ ଖଗେଶ୍ୱର ଦେହୁରୀ, ମୁଖ୍ୟ ବକ୍ତା ଭାବେ ଅନିରୁଦ୍ଧ ନାୟକ, ସମ୍ମାନିତ ବକ୍ତା ଭାବରେ ଗଦାଧର ସାହୁ ଯୋଗ ଦେଇଥିଲେ। ଟିକେଶ୍ୱର ସାହୁ ଗଙ୍ଗାଧର ମେହେର ସାହିତ୍ୟ ସହ ରାଧାନାଥ ସାହିତ୍ୟର ତୁଳନାତ୍ମକ ବିବରଣୀ ପ୍ରଦାନ କରିଥିଲେ । ରମାକାନ୍ତ ପ୍ରଧାନଙ୍କ ସଂଯୋଜନାରେ କବିତା ପାଠ ଆସରରେ ଭେଷଜ କୁମାର ଭୋଜ, ବେଣୁଧର ବେହୋର, ଟିକେଶ୍ୱର ସାହୁ, ଚନ୍ଦ୍ରକାନ୍ତି ସ୍ୱାଇଁ, ଚନ୍ଦ୍ରଶେଖର ସ୍ୱାଇଁ, ଅନିରୁଦ୍ଧ ନାୟକ, ଖଗେଶ୍ୱର ଦେହୁରୀ, ଗିରିଧାରୀ ସାହୁ, ଶଶିଭୂଷଣ ପ୍ରଧାନ, ଦୁର୍ଯ୍ୟୋଧନ ଧଳ, ଡିଲେଶ୍ୱର ସାହୁ, ଫଣିନ୍ଦ୍ର କୁମାର ଧଳ ପ୍ରମୁଖ କବି ଗଙ୍ଗାଧର ମେହେରଙ୍କ ସ୍ମୃତିଚାରଣ ପୂର୍ବକ ନିଜସ୍ୱ ରଚିତ କବିତା ପାଠ କରିଥିଲେ । ଦୁର୍ଯ୍ୟୋଧନ ଧଳଙ୍କ ଆବାହକତ୍ୱରେ ଟିକେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଜାତୀୟ ରାଜପଥ ସାଜିଛି ମରଣଯନ୍ତା

# ଶୋଚନୀୟ ଅବସ୍ଥାରେ ୪୯ନଂ ଜାତୀୟ ରାଜପଥ

ଦେବଗଡ଼,୨୬।୮(ସ୍ୱ.ପ୍ର.)

ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ଦେବଗଡ ସହରର ଦେଇ ଯାଇଥିବା ୪୯ ନଂ ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ପ୍ରତ୍ୟେକ ସ୍ଥାନରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଥିବାବେଳେ ବଡବଡ ଖାଲଖମା ସୃଷ୍ଟି ହୋଇଛି । ଫଳରେ ଲୋକେ ରବିବାର ଦିନ ତମାମ ପ୍ରବଳ ବର୍ଷା ଯୋଗୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ପୁରୁଣାଗଡରୁ ରଜାମୁଣ୍ଡା ଛକ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ପ୍ରକାଶ ଯେ, ମୁମ୍ବାଇରୁ କୋଲକାତାକୁ ସଂଯୋଗ କରୁଥିବା ଏହି ରାସ୍ତାରେ ପ୍ରତିଦିନ ଶହଶହ ବଡ ବଡ ଟ୍ରକ, ଆଇରନ ଟ୍ରକ, ବସ ଏବଂ ବିଭିନ୍ନ ପ୍ରକାର ଯାନବାହାନ ଯିବାଆସିବା କରିଥାଏ । ଫଳରେ ବିଭିନ୍ନ ଛୋଟବଡ ଗାଡି ଦୁର୍ଘଟଣାଗ୍ରସ୍ତ ହେବା ସହ ଲୋକେ ଆହତ ଏବଂ ମୃତ୍ୟୁ ହୋଇଥିବାର ନଜିର ରହିଛି । ପ୍ରତିବର୍ଷ ବିଭାଗ ପକ୍ଷରୁ ଏହି ରାସ୍ତାର ମରାମତି କରାଯାଉଥିଲେ ହେଁ ନିମ୍ନମାନର କାମ ଯୋଗୁ ରାସ୍ତାର ଅବସ୍ଥା ଯେମିତିକୁ ସେମିତି । କିନ୍ତୁ ଦୁଃଖର ବିଷୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ତଥା ସମ୍ପୃକ୍ତ ଠିକାଦାରମାନଙ୍କ ଏଭଳି ନିମ୍ନମାନର ରାସ୍ତା କାର୍ଯ୍ୟ ଯୋଗୁ ରାସ୍ତାର ଏଭଳି ଅବସ୍ଥା ସୃଷ୍ଟି ହୋଇଛି ବୋଲି ଦେବଗଡବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି। ଏଣୁ ଜିଲା ପ୍ରଶାସନ ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ସହରବାସୀ ଦାବି କରିଛନ୍ତି।

ଚେୟାରମେନ୍ କପ୍ ଫୁଟବଲ ଟୁର୍ନାମେଣ୍ଟ

# ୨ୟ ଦିନରେ ୮ନଂ ୱାର୍ଡ ବିଜୟୀ

ଦେବଗଡ଼,୨୬।୮(ସ୍ୱ.ପ୍ର.)

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଅଗଷ୍ଟ୨୫ରୁ ୨୯ ପର୍ଯ୍ୟନ୍ତ ଆୟୋଜକ ଜିଲା ଆଥଲେଟିକ ଏସୋସିଏଶନ୍ ଓ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଇଣ୍ଟର ୱାର୍ଡ ଚେୟାରମେନ୍ କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ ରବିବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦେବଗଡ ପୌରାଞ୍ଚଳର ୧୧ଟି ଟିମ ପରସ୍ପର ମଧ୍ୟରେ ଲିଗ ରାଉଣ୍ଡ ମ୍ୟାଚ ଖେଳିବାକୁ ଥିବାବେଳେ ଦ୍ୱିତୀୟ ଦିନର ମ୍ୟାଚ ୧ ନଂ ୱାର୍ଡ ଓ ୮ ନଂ ୱାର୍ଡ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ୮ ନଂ ୱାର୍ଡର ଯୁବ ଖେଳାଳୀ ରାହୁଲ ରଣାଙ୍କ ଦମଦାର ପ୍ରଦର୍ଶନ ଯୋଗୁ ୩-୦ ଗୋଲରେ ୧ନଂ ୱାର୍ଡକୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ପ୍ରବେଶ କରିଛି । ମ୍ୟାଚକୁ ରେଫରୀ ଭାବେ ଧିରେନ୍ଦ୍ର ନାୟକ, ମନୋଜ ନାୟକ, ଯୋଗେନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଏଡିଏମ ଧରମ ହାଁସଦା, ସମ୍ମାନିତ ଅତିଥି ଡିଏସଓ ଚନ୍ଦନ ସାହୁ, ସଂଘର ଉପସଭାପତି ସତ୍ୟନାରାୟଣ ମିଶ୍ର, ସହ ସମ୍ପାଦକ ଡିଲେଶ୍ୱର ପ୍ରଧାନ, କବାଡି ସମ୍ପାଦକ ସୁବାସଚନ୍ଦ୍ର ଭୋଇ, ଫୁଟବଲ ସମ୍ପାଦକ ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଉଦବୋଧନ ଦେଇଥିଲେ ।



ବିଜୟୀ ଖେଳାଳୀମାନଙ୍କ ସହ ଅତିଥିଗଣ।

ବସନ୍ତ ମେମୋରିଆଲ ଫୁଟବଲ ଉଦ୍‌ଯାପିତ

# ପଲ୍ଲୀପ୍ରଗତିକୁ ହରାଇ କାଦପଡା ଚାମ୍ପିୟନ

ବାରକୋଟ, ୨୬।୮(ଡି.ଏନ.ଏ.)

ଦେବଗଡ ଜିଲା ବାରକୋଟ ବ୍ଲକ କାଦପଡା ଗ୍ରାମଠାରେ ଚାଲିଥିବା ବସନ୍ତ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଗତ ୨୨ତାରିଖରୁ ଆରମ୍ଭ ହୋଇଥିବା ଟର୍ନାମେଣ୍ଟରେ ମୋଟ ୫୨ଟି ଦଳ ଅଂଶ ଗ୍ରହଣ କରିଥିଲେ ।

ଫାଇନାଲ ଖେଳ ପଲ୍ଲୀପ୍ରଗତି କ୍ଲବ କାଦପଡା ଏବଂ ସିଂହସାଳ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ କାଦପଡା ଦଳ ଟ୍ରାଇବ୍ରେକର ଜରିଆରେ ୫/୪ଗୋଲରେ ବିଜୟୀ ହୋଇଥିଲା । ପଲ୍ଲୀ ପ୍ରଗତି କ୍ଲବ କାଦପଡା ଦ୍ୱାରା ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ ଯୋଗ ଦେଇଥିଲେ । ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ଏବଂ ରନର୍ସ ଅପ ଦଳକୁ ଟ୍ରଫି ସହ ନଗଦ ୮ ହଜାର ଟଙ୍କାର ପୁରସ୍କାର ଦିଆଯାଇଥିଲା। ଗଗନ ପାତ୍ର ଖେଳ ପରିଚାଳନା କରିଥିବାବେଳେ ତାଙ୍କୁ ଶଙ୍କର ମୁଣ୍ଡା ଏବଂ ଭୀମଦେବ ମହନ୍ତ ସହଯୋଗ କରିଥିଲେ । ପଲ୍ଲୀ ପ୍ରଗତି କ୍ଲବର ସଭାପତି ଅକ୍ଲେଶ କୁମାର ଗଡନାୟକ, ସମ୍ପାଦକ ସରୋଜ କୁମାର ଗତଡନୟକ, କୋଷାଧ୍ୟକ୍ଷ ଈଶ୍ୱରଚନ୍ଦ୍ର ପ୍ରଧାନଙ୍କ ସମେତ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ ।



ଫୁଟବଲ ଟୁର୍ନାମେଣ୍ଟରେ ଭାଗ ନେଇଥିବା ଖେଳାଳି।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।


## ସେଲ୍‌ଫି କର୍ନର



@ ଅନୁପ



@ ନରେନ୍



@ କୁନାଲ୍

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ମହାପ୍ରଭୁ ପିନ୍ଧିଲେ ରାଖୀ

## ଶ୍ରୀମନ୍ଦିରରେ ବଳଭଦ୍ର ଜନ୍ମନୀତି

**ପୁରୀ ଅଫିସ,୨୬।୮**

ଶ୍ରୀମନ୍ଦିରରେ ରବିବାର ବଳଭଦ୍ର ଜନ୍ମନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ବଳଭଦ୍ର ରାଖୀ ପିନ୍ଧିଛନ୍ତି। ଦୁଇଭାଇ ଶ୍ରୀଭୂଜରେ ପାଟ ରାଖୀ ଓ ଗୁଆ ମାଳ ପିନ୍ଧି ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଶ୍ରୀମନ୍ଦିରରେ ଏହି ବିଶେଷ ନୀତି ଦେଖିବା ଲାଗି ଭକ୍ତଙ୍କ ପ୍ରବଳ ଭିଡ଼ ଲାଗି ରହିଥିଲା।

ପ୍ରାତଃରେ ଦ୍ୱାରଫିଟା ହୋଇ ମହାପ୍ରଭୁଙ୍କ ମଙ୍ଗଳ ଆଳତି ବଢିଥିଲା। ଏହାପରେ ଅନ୍ୟ ନୀତି ହୋଇ ଭୋଗମଣ୍ଡପ ନୀତି ସମ୍ପନ୍ନ ହୋଇଥିଲା। ୩ ବାଡରେ ମଇଲମ ହେବାପରେ ଠାକୁର ସର୍ବାଙ୍ଗ ହୋଇ ବୋଇରାଣି ପଟନି ନୂଆଲୁଗା ଲାଗି ହୋଇଥିଲେ। ଦ୍ୱିପହର ଧୂପ ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଦକ୍ଷିଣ ଭୂଜରେ ଗୋଟିଏ ଏବଂ ଉତ୍ତର ଭୂଜରେ ୨ଟି ଆଜ୍ଞାମାଳ ଲାଗି ହୋଇଥିଲେ। ଏହାପରେ ପାଟରା ବିଶୋଇ ସେବକଙ୍କ ଦ୍ୱାରା ପ୍ରସ୍ତୁତ ପାଟ ରାଖୀ ୪ଟି ଏବଂ ଗୁଆର ମାଳ ୪ଟିକୁ ଶ୍ରୀଜଗନ୍ନାଥ ଓ ବଡ଼ଠାକୁରଙ୍କ ଶ୍ରୀଭୁଜରେ ପୁଷ୍ପାଳକ ସେବକ ଲାଗି କରାଇଥିଲେ। ରତ୍ନସିଂହାସନ ତଳେ ବଡ଼ଠାକୁରଙ୍କ ସମ୍ମୁଖ ଭାଗରେ ଷଷ୍ଠୀ, ମାର୍କଣ୍ଡି ଓ ବରୁଣ ପୂଜା ହୋଇଥିଲା। ପରେ ଦ୍ୱିପହର ଧୂପ ଏବଂ



ଶ୍ରୀଜୀଉଙ୍କୁ ଲାଗି ହେବାପାଇଁ ଶ୍ରୀମନ୍ଦିରକୁ ରାଖୀ ନିଆଯାଉଛି।

ଯାତ୍ରାଙ୍ଗୀ ଭୋଗ ବଢି ଆଳତି ହୋଇଥିଲା। ଭୋଗ ଉଠିଲା ପରେ ଭିତର ପାଣି ପଡି ଧୋପଖାଳ (ସଫା) କରାଯାଇଥିଲା। ଶୁଦ୍ଧସୁଆର ଗୋଟିଏ ପିତଳ ଥାଳିରେ ପାତ୍ରସଜ ଏବଂ ଗିନାଗୁଡ଼ିରେ ମଙ୍ଗଳାର୍ପଣ ସାମଗ୍ରୀ ରଖିବା ପରେ ବଡ଼ବାଡ଼ରେ ମଙ୍ଗଳାର୍ପଣ ନୀତି ଅନୁଷ୍ଠିତ ହୋଇଥିଲା। ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତ ତିନି ବାଡ଼ରେ ବନ୍ଦପନା କରିଥିଲେ। ଏହାପରେ ମହାଜନ ସେବକମାନେ ମଦନମୋହନଙ୍କୁ ଦକ୍ଷିଣୀ ଘରୁ ରତ୍ନସିଂହାସନକୁ ବିଜେ କରାଇଥିଲେ। ମଦନମୋହନ, ଶ୍ରୀଦେବୀ, ଭୁଦେବୀ ଆଜ୍ଞାମାଳ ପାଇବା ପରେ ଝୁଲଣ ମଣ୍ଡପ ବିଜେ ହୋଇଥିଲେ। ଚକ୍ରରାଜ ସୁଦର୍ଶନ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇବା ପରେ ଦଇତାପତିମାନେ ସୁଦର୍ଶନଙ୍କୁ ଜଗମୋହନସ୍ଥିତ ଚଉଦୋଳକୁ ବିଜେ କରାଇଥିଲେ। ସୁଦର୍ଶନଙ୍କୁ ପାଟ ପଟନି ଏବଂ ଚୁଳ ଲାଗି ପରେ ବିମାନବଡୁମାନେ ଚଉଦୋଳରେ ସୁଦର୍ଶନଙ୍କୁ ନେଇ ଝୁଲଣ ମଣ୍ଡପରେ ବିଜେ କରାଇଥିଲେ। ସେଠାରେ ସୁଦର୍ଶନଙ୍କୁ ସୁବର୍ଣ୍ଣ ଓଡିଆଣି ଏବଂ ସୁନା ହରଡମାଳି ଲାଗି କରାଯାଇଥିଲା। ବିମାନବଡୁମାନେ ସୁଦର୍ଶନଙ୍କୁ ମାର୍କଣ୍ଡ ପୁଷ୍କରଣୀଙ୍କୁ ନେଇ ସେଠାରେ ଥିବା ମଣ୍ଡପରେ ବିଜେ କରାଥିଲେ। କୁମ୍ଭାର ବିଶୋଇ ଦେଇଥିବା ଚିକିଟା ମାଟିରେ ଶୁଦ୍ଧସୁଆର ବଳଭଦ୍ରଙ୍କ ମୂର୍ତ୍ତି ନିର୍ମାଣ କରିଥିଲେ। ପୂଜାପଣ୍ଡା ସାମନ୍ତ ମୃତ୍ତିକା ନିର୍ମିତ ବଳଭଦ୍ର ମୂର୍ତ୍ତିକୁ ଜୀବନ୍ୟାସ ଦେଇ ଜାତ କର୍ମ କରିଥିଲେ। ମୁଦିରସ୍ତ ପ୍ରସାଦ ଲାଗି କରିବାପରେ ପୂଜାପଣ୍ଡା ପଞ୍ଚୋପଚାରରେ ପୂଜା କରି ଶୀତଳ ମଣୋହୀ କରିଥିଲେ। ବନ୍ଦପନା ହୋଇ ବଳଭଦ୍ର ପିତୁଳାକୁ ଜଳରେ ବିସର୍ଜନ କରାଯାଇଥିଲା। ଏହାପରେ ସୁଦର୍ଶନ ୪ ଆଶ୍ରମ (ମାର୍କଣ୍ଡ, ଅଙ୍ଗିରା, ପଣ୍ଡୁ ଏବଂ ଭୃଗୁ) ପରିକ୍ରମା କରି ବଡ଼ଦେଉଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶେଷରେ ମହାପ୍ରଭୁଙ୍କ ମହାସ୍ନାନ ହୋଇ ଅନ୍ୟାନ ନୀତି ବଢିଥିଲା।

## ମହାକାଳପଡ଼ା ଥାନା ଅଧିକାରୀ ନିଲମ୍ବିତ

**କଟକ ଅଫିସ, ୨୬।୮**

ଏକ ଚୋରି ଘଟଣାରେ ଶନିବାର ଗିରଫ ହୋଇଥିବା ଅବିନାଶ ପାଇଟାଳ ନାମକ ଜଣେ ଯୁବକ କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ଥାନାରୁ ଫେରାର ହୋଇଯିବା ଏବଂ କିଛିଦୂରରେ ତାଙ୍କ ଝୁଲନ୍ତା ମୃତଦେହ ମିଳିବା ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଘଟଣାରେ ମହାକାଳପଡା ଥାନା ଅଧିକାରୀ ଶ୍ୟାମଘନ ବେହେରାଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ରବିବାର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ମାମଲାର ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଶ୍ୟାମଘନ କେନ୍ଦ୍ରାଞ୍ଚଳ ଆଇଜି ଏସ୍. କେ. ପ୍ରିୟଦର୍ଶୀଙ୍କ ତତ୍ତ୍ୱାବଧାନରେ ରହିବେ ବୋଲି ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ତଦନ୍ତ କରିବାକୁ କେନ୍ଦ୍ରପଡା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଥାନା ଅଧିକାରୀଙ୍କ ସମେତ ଯେଉଁ ପୋଲିସ କର୍ମଚାରୀମାନଙ୍କ ଘଟଣାରେ ସମ୍ପୃକ୍ତି ରହିଛି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗହଣ କରିବାକୁ ଡିଜିପି ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ଅବିନାଶଙ୍କୁ ମାରି ଦେଇଥିବା ନେଇ ତାଙ୍କ ପରିବାର ଲୋକ କେନ୍ଦ୍ରାପଡା ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏସ୍‌ପି ଏନେଇ ତଦନ୍ତ କରିବା ପରେ ଥାନା ଅଧିକାରୀ କାର୍ଯ୍ୟରେ ଅବହେଳା କରିଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ସେ କେନ୍ଦ୍ରାଞ୍ଚଳ ଆଇଜିଙ୍କ ମାଧମରେ ଡିଜପିଙ୍କୁ ଅବଗତ କରିଥିଲେ।

## ବୃଦ୍ଧାଙ୍କୁ ହତ୍ୟା କଲେ ଧରମପୁଅ

**ବାରିପଦା ଅଫିସ,୨୬।୮**

ବାରିପଦା ସହରରେ ରାଧାରାଣୀ ବେହେରା ନାମ୍ନୀ ଜଣେ ବୃଦ୍ଧାଙ୍କୁ ଶନିବାର ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ସେ ରହୁଥିବା ଘରେ ତାଙ୍କ ମୃତଦେହ ପଡିଥିବା ଏବଂ ପାଟି, ନାକରୁ ରକ୍ତ ବାହାରିଥିବା ପରିବାର ଲୋକେ ଦେଖି ଟାଉନ ଥାନା ପୋଲିସକୁ ଖବର ଦେଇଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟା ଘଟଣା ବୋଲି ଜଣାପଡିଥିଲା। ଯାଞ୍ଚ ସମୟରେ ସେହି ଘରୁ ଏକ ସ୍କୁଟର ଚାବି ମିଳିଥିଲା। ଏହାକୁ ଆଧାର କରି ପୋଲିସ ଅଭିଯୁକ୍ତ ଅଜିତ କୁମାର ସାହୁଙ୍କୁ ରବିବାର ସକାଳେ ଗିରଫ କରିଛି। ଅଜିତ ବୃଦ୍ଧା ରାଧାରାଣୀଙ୍କ ଧରମପୁଅ ଥିଲେ। ଜେରା ବେଳେ ସେ କିଭଳି ଓ କାହିଁକି ହତ୍ୟା ଘଟାଇଲେ ତାହା ପ୍ରକାଶ କରିଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଙ୍କ ବୟାନ ରେକର୍ଡ କରାଯାଇଛି। ଏସ୍‌ଡିପିଓ ଅଭିମନ୍ୟୁ ବେହେରା ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଟଙ୍କା ନେଣଦେଣକୁ ନେଇ ଏଭଳି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି।

ବାରିପଦା ସହର ଅଧୀନ ୩ ନମ୍ବର ୱାର୍ଡ ୱାଲିଗଞ୍ଜର ବାସିନ୍ଦା ବୃଦ୍ଧା ରାଧାରାଣୀ ଦୁଃଖସୁଖରେ ସାହା ହେବେ ବୋଲି ଆଶା ରଖି ଦୀର୍ଘବର୍ଷ ହେବ ଅଜିତଙ୍କୁ ଧରମ ପୁଅ କରିଥିଲେ। ତାଙ୍କ ଘର ବାଲେଶ୍ୱର ଜିଲା ଶିଶ୍ୱାଞ୍ଚଳ ଥାନା ସମଲପୁର(ବାଲିଆ)ରେ । ସେ ବାରିପଦା ତୁଳସୀଚଉରା ଅଞ୍ଚଳରେ ରହୁଥିଲେ। ରାଧାରାଣୀଙ୍କର ଦୁଇ ପୁଅ ଥିଲେ ମଧ ଜଣେ ଅନ୍ୟ ଅଞ୍ଚଳରେ ରହୁଥିଲେ। ଏଥିଲାଗି ଅଜିତ ବିଭିନ୍ନ ସମୟରେ ତାଙ୍କ ଘରକୁ ଯିବାଆସିବା କରୁଥିଲେ। ବାରିପଦା ସହର ମଧଭାଗ କଲିକତା ବସଷ୍ଟାଣ୍ଡ ସଂଲଗ୍ନ ଶାରଳା ମନ୍ଦିର ନିକଟରେ ରାଧାରାଣୀଙ୍କ ମାଲିକାନାରେ ଏକ ଟେଲରିଂ ଦୋକାନ ରହିଛି। ଏହି ଦୋକାନକୁ ଧରମପୁଅ ଅଜିତଙ୍କୁ ଦେବେ ବୋଲି ରାଧାରାଣୀ କୁଆଡେ କହିଥିଲେ। ତଦନୁଯାୟୀ ଅଜିତ ଅଗ୍ରିମ ବାବଦକୁ ୧୭ ଲକ୍ଷ ଟଙ୍କା ଦେଇଥିଲେ। ପରେ ରାଧାରାଣୀ ଧରାଛୁଆଁ ନ ଦେବାରୁ ସେ ତାଙ୍କୁ ହତ୍ୟା କରି ଦୋକାନ ଘର ହାତେଇବାକୁ ଯୋଜନା କରିଥିଲେ। ଶନିବାର ଅପରାହ୍ନରେଏକ ସ୍କୁଟିରେ ସେ ନିଜ ପୁଅକୁ ସାଥିରେ ଆଣି ରାଧାରାଣୀଙ୍କ ଘରକୁ ଆସିଥିଲେ। କିଛି ସମୟ ପରେ ପୁଅକୁ ନେଇ ତୁଳସୀଚଉରାସ୍ଥିତ ଘରେ ଛାଡି ଆସିଥିଲେ। ସନ୍ଧ୍ୟା ପ୍ରାୟ ୭ଟା ବେଳକୁ ସେ ରାଧାରାଣୀଙ୍କ ଘରକୁ ଫେରି ଆସିଥିଲେ। ଅନ୍ୟ କେହି ନ ଥିବାର ସୁଯୋଗ ନେଇ ଏକ ହଳଦିଆ ରଙ୍ଗର ପ୍ଲାଷ୍ଟିକ ଦଉଡିରେ ସେ ରାଧାରାଣୀଙ୍କ ବେକକୁ ଭିଡି ଧରିଥିଲେ। କିଛି ସମୟ ଛଟପଟ ହୋଇ ରାଧାରାଣୀ ନିସ୍ତେଜ ହୋଇ ଯାଇଥିଲେ। ଅଜିତ ସେଠାରେ ତରବର ହୋଇ ଖସିଯିବାକୁ ଉଦ୍ୟମ କଲାବେଳେ ସ୍କୁଟି ଚାବି ପାଇ ନ ଥିଲେ। କାଳେ ଧରା ପଡିଯିବେ ଭାବି ତୁଳସୀଚଉରାସ୍ଥିତ ଘରକୁ ଯାଇ ଅନ୍ୟ ଏକ ଚାବି ଆଣି ସ୍କୁଟିକୁ ନେଇ ଯାଇଥିଲେ। ହତ୍ୟାରେ ବ୍ୟବହୃତ ଦଉଡିକୁ ଜଣେ ରିଜର୍ଭ ଇନ୍ସପେକ୍ଟରଙ୍କ ସରକାରୀ ବାସଭବନ ନିକଟ ଡ୍ରେନରେ ଲୁଚାଇ ଦେଇଥିଲେ। ଏଥିପୂର୍ବରୁ ଅଜିତ ରାଧାରାଣୀଙ୍କୁ ହତ୍ୟା କରିବା ଲାଗି କେତେଥର ଉଦ୍ୟମ କରି ଫେଲ ମାରିଥିବା ସ୍ୱୀକାର କରିଛନ୍ତି।


**ODISHA INDUSTRIAL INFRASTRUCTURE DEVELOPMENT CORPORATION**
idco Your power to grow | ODISHA NEW OPPORTUNITIES
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR
Tender Call Notice No. IDCO/HO/P&C/EST-E/1327/04/2018-17513 Dated:23.08.2018

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of Primary Processing Centre for Sea Food Park at Kimilo, Jagatsinghpur including Design, Installation & Commissioning of Machineries of Cold Storage & Flake Ice Unit and weigh bridge etc,
2. Estimated Cost : Rs. 371.45 Lakh (apprx.)
3. Period of completion : 4(Four) calendar months
4. Other details

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Id.No.-PC-EST -E-57/2018-19 | 01.09. 2018 at 16.00 Hrs. | 22.09.2018 up to 17.00 Hrs |

Further details can be seen from the e-Procurement Portal. www.tendersorissa.gov.in and Corrigendum if any will not be published in news papers and can only be seen in the e-procurement portal www.tenderorissa.gov.in

Sd/-
Chief General Manager (P&C)
IDCO, Bhubaneswar



**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RWS&S DIVISION, JHARSUGUDA**
At- Collectorate Campus, PO- OMP Line, Dist: Jharsuguda
Ph/Fax: (06645) 270219 (Off.), Email: eerwss_jha@nic.in

**Govt. of Odisha e-Procurement Notice**
Bid Identification No. 13/2018-19

**No. 617-O:-** The Executive Engineer, RWS&S Division, Jharsuguda on behalf of Governor of Odisha invites Percentage bid through e-Procurement in Single cover system according to norm of e-Procurement system in online mode for Execution of PWS to Village in Jharsuguda District detailed in the table below from eligible contractors. The successful bidder who has quoted less bid price / rates than the estimated cost put to tender minus the quoted amount as Additional Performance Security in shape of Demand Draft / Term Deposit Receipt pledged in favour of the Executive Engineer, RWS&S Division, Jharsuguda within 7 (Seven) days along with ISD after finalisation of the tender.

1. Name of work : Execution of RPWS Scheme in Kirmira Block, Under Jharsuguda District.
2. No. of tenders : 1 No.
3. Tender paper cost : Rs. 6,000.00 (Online)
4. Value of work : Rs. 21.67 lakhs
5. Class of Contractor : "C" "B"
6. Date and time of availability of bid document in portal : Dt.29.08.2018 to Dt.12.09.2018 upto 5.00PM
7. Date & time of seeking tender clarification : Dt.05.09.2018 upto 5.00PM
8. Mode of Submission of tender : Tender should be submitted online. In website http://www.tendersodisha.gov.in
9. Date & time of opening of tender : Dt.17.09.2018 at 11.30AM hour in the office of the Executive Engineer, RWS&S Division, Jharsuguda
10. Time of Completion : 8 months
11. The amount put to tender is exclusive of GST. The intending Bidders should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of Bill.
12. The bidders have to participate in online bidding only. Further details can be seen from the Govt. website http://www.tendersodisha.gov.in.

25008/11/0007/1819 *Sd./- Executive Engineer RWS&S Division, Jharsuguda*



**CUTTACK DEVELOPMENT AUTHORITY**
C.D.A.
Arunodaya Bhawan, Link Road, Cuttack - 12
Fax No : 0671 - 2312299, email : cda.cuttack@ori.nic.in

No.13373 / CDA / Dt. 25.08.18

**AUCTION TO RENT OUT AVAILABLE SPACE FOR OFFICE / COMMERCIAL PURPOSE ON "AS IS WHERE IS BASIS" AT SOUTHERN BLOCK, ARUNODAYA MARKET COMPLEX, CUTTACK, ODISHA**

Cuttack Development Authority (CDA) invites applications for renting out the available space in its own premises at Arunodaya Market Complex on "as is where is basis" exclusively for Office / Commercial purposes. The available space is approximately **24,797** square feet consisting of 3 (three) floors. Details of the available space to be auctioned is mentioned below.

| Details of Location | Area in Sq.ft. (Approx.) | Upset Price Per Square Feet (in Rs) | Bid Security (in Rs) |
|---|---|---|---|
| Southern Block | 24,797 | 20 | 1,00,000 |

Interested parties may apply in the following proforma through registered post / speed post only to the **Secretary ,CDA, Arunodaya Bhawan, Link Road, Cuttack - 12,** superscribing the envelop in bold letters **"Application for renting out available space for Office / Commercial purpose in Southern Block at Arunodaya Market Building"** along with Demand Draft / Banker's cheque drawn in favour of **"Finance & Accounts Member, Cuttack Development Authority"** towards non-refundable processing fee of Rs.11,800/- and bid security of Rs.1,00,000 (one lakh) on or before **25/09/2018** by 5.00 P.M. The bid will be opened on **26/09/2018** at 11.30 AM in the Conference Hall of CDA in presence of the bidders or their authorized representatives. Applications without processing fee and bid security will be out rightly rejected. The bidder quoting the highest price per square feet will be selected as the "successful bidder". Multiple bids / proposals shall not be accepted from single bidder. The successful / highest bidder will be awarded contract initially for a period of 9 years with 15 percent escalation in every 3 years. The contract may be renewed further on mutually agreed terms and conditions. The successful/ highest bidder shall be required to deposit one month advance rental fee and security deposit equal to 6 (Six) months Rental Fee in advance in shape of Demand Draft payable at Cuttack within 15 (fifteen) days from the date of receipt of provisional allotment letter. In case of successful bidder bid security shall be adjusted towards security deposit. Failure to deposit the amount within the prescribed time shall render the bid invalid and security deposit will be forfeited. Incomplete or conditional applications and applications received beyond the stipulated date and time shall be summarily rejected. Cuttack Development Authority reserves right to accept or reject any application and to annul the selection process at any time, without incurring any liability and without assigning any reason thereof. For any assistance with respect to site inspection and other details, **Executive Engineer, CDA** may be contacted ( +91 9438431370, 0671-2321452) during office hours.

**By Order of Vice-Chairman**
**Sd/- Secretary**

**APPLICATION FORM**

Rrecent Photograph with Signature

1. Name :.............................................
2. Father's / Husband's Name :.............................................
3. Date of birth :.............................................
4. Present Address :.............................................
5. Permanent Address :.............................................
6. Phone No :.............................Mobile No.............................
7. Email Id :.............................................
8. Permanent Account Number / Tan (Company / Firm etc) :.............................................
(Copy of PAN / TAN of the applicant is to be enclosed)
9. Aadhar Number :.............................................
10. Nominee's name with address :.............................................
11. Details of processing fee paid :.............................................
12. Price per Square Fee Quoted :.............................................
(In both figures & words respectively)

I do hereby undertake to abide by all the terms & conditions of the advertisement prescribed by CDA for this scheme.

**Date** .............................
**Place**............................ **Full Signature of the Applicant**



**CUTTACK DEVELOPMENT AUTHORITY**
C.D.A.
Arunodaya Bhawan, Link Road, Cuttack - 12
Fax No : 0671 - 2312299, email : cda.cuttack@ori.nic.in

No.13369 / CDA / Dt. 25.08.18

**AUCTION TO RENT OUT AVAILABLE SPACE FOR Banks / Financial Institutions / PSUs/ Educational Institutions / Kalyan Mandap / Convention Centre on "AS IS WHERE IS BASIS" ON 1ST FLOOR OF MAHANADI VIHAR (PHASE - 2) MARKET COMPLEX, MAHANADI VIHAR, CUTTACK, ODISHA**

Cuttack Development Authority (CDA) invites applications for renting out the 1st floor on "as is where is basis" for above mentioned purposes of Mahanadi Vihar (Phase - 2) Market Complex at Mahanadi Vihar. The available space is approximately **9,759** square feet. Details of the available space to be auctioned is mentioned below.

| Plot No. | Details of Location | Floor No. | Area in Sq.Ft (approx.) | Upset price per Square Feet (in Rs) | Bid Security |
|---|---|---|---|---|---|
| 1341/17 | CDA (PHASE - 2) Market Complex | First Floor | 9,759 | 17.00 | 30,000 |

Interested parties may apply in the following proforma through registered post / speed post only to the **Secretary ,CDA, Arunodaya Bhawan, Link Road, Cuttack - 12**, superscribing the envelop in bold letters **"Application for renting out available space for Banks / Financial Institutions / PSUs / Educational Institutions / Kalyan Mandap / Convention Centre on 1st floor of Mahanadi Vihar (Phase - 2) Market Complex, Mahanadi Vihar, Cuttack"** along with Demand Draft / Banker's cheque drawn in favour of **"Finance & Accounts Member, Cuttack Development Authority"** towards non-refundable processing fee of Rs.11,800/- and bid security of Rs.30,000 (thirty thousand) on or before **26/09/2018** by 5.00 P.M. The bid will be opened on **27/09/2018** at 11.30 AM in the Conference Hall of CDA in presence of the bidders or their authorized representatives. Applications without processing fee and bid security will be out rightly rejected. The bidder quoting the highest price per square feet will be selected as the "successful bidder". Multiple bids / proposals shall not be accepted from single bidder. The successful / highest bidder will be awarded contract initially for a period of 6 years with 15 percent escalation in every 3 years. The contract may be renewed further on mutually agreed terms and conditions. The successful/ highest bidder shall be required to deposit one month advance rental fee and security deposit of 6 (Six) months Rental Fee in advance in shape of Demand Draft payable at Cuttack within 7 (seven) days from the date of issue of provisional allotment letter. In case of successful bidder bid security shall be adjusted towards security deposit. Failure to deposit the amount within the prescribed time shall render the bid invalid and security deposit will be forfeited. Incomplete or conditional applications and applications received beyond the stipulated date and time shall be summarily rejected. Cuttack Development Authority reserves right to accept or reject any application and to annul the selection process at any time, without incurring any liability and without assigning any reason thereof. For any assistance with respect to site inspection and other details, **Executive Engineer, CDA** may be contacted ( +91 9438431370, 0671-2321452) during office hours.

**Sd/-**
**Secretary, CDA**

**APPLICATION FORM**

Rrecent Photograph with Signature

1. Name :.............................................
2. Father's / Husband's Name :.............................................
3. Date of birth :.............................................
4. Present Address :.............................................
5. Permanent Address :.............................................
6. Phone No :.............................Mobile No.............................
7. Email Id :.............................................
8. Permanent Account Number / Tan (Company / Firm) :.............................................
(Copy of PAN of the applicant is to be enclosed)
9. Aadhar Number :.............................................
10. Nominee's name with address :.............................................
11. Details of processing fee paid :.............................................
12. Price per Square Fee Quoted :.............................................
(In figures & words)

I do hereby undertake to abide by all the terms & conditions of the advertisement prescribed by CDA for this scheme.

**Date** .............................
**Place**............................ **Full Signature of the Applicant**

# ଫିଲ୍ଡସ୍ ପଦକ



ଇଂ. ମାୟାଧର ସ୍ୱାଇଁ

''ଭାରତରୁ କେହି ଏପର୍ଯ୍ୟନ୍ତ ଫିଲ୍ଡସ୍ ପଦକ ପାଇନାହାନ୍ତି। କିନ୍ତୁ ଭାରତୀୟ ବଂଶୋଦ୍ଭବ ଦୁଇଜଣ ଗଣିତଜ୍ଞ ଏହା ପାଇଛନ୍ତି। ସେମାନେ ହେଉଛନ୍ତି ୨୦୧୪ ମସିହାରେ ପଦକ ବିଜେତା ଓ କାନାଡ଼ାରେ ରହୁଥିବା ମଞ୍ଜୁଳ ଭାର୍ଗବ ଏବଂ ୨୦୧୮ ମସିହାରେ ପଦକ ପାଇଥିବା ଅକ୍ଷୟ ଭେଙ୍କଟେଶ। ଗଣିତର ବିଭିନ୍ନ କ୍ଷେତ୍ର ଯଥା ସଂଖ୍ୟାତତ୍ତ୍ୱ, ଜ୍ୟାମିତି, ଟପୋଲୋଜି, ଅଟୋମୋର୍ଫିକ୍ ଫର୍ମ ଆଦିରେ କୃତିତ୍ୱ ଯୋଗୁ ଭେଙ୍କଟେଶଙ୍କୁ ଏହି ପଦକ ପ୍ରଦାନ କରାଯାଇଛି। ଭେଙ୍କଟେଶ ୧୯୮୧ ମସିହା ନଭେମ୍ବର ୨୧ ତାରିଖରେ ଦିଲ୍ଲୀଠାରେ ଜନ୍ମଗ୍ରହଣ କରିଥିଲେ।''

ବିଜ୍ଞାନ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଶ୍ରେଷ୍ଠ ପୁରସ୍କାର ହେଉଛି ନୋବେଲ ପୁରସ୍କାର। ସୁଇଜରଲାଣ୍ଡର ଶିଳ୍ପପତି ଆଲଫ୍ରେଡ୍ ନୋବେଲଙ୍କ ଉଇଲ୍ ଅନୁସାରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଭେଷଜ ବିଜ୍ଞାନରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଉଛି। ଗଣିତ ବିଜ୍ଞାନକୁ ଏଥିରୁ ବାଦ୍ ଦିଆଯାଇଥିବାରୁ ଗଣିତରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ନୋବେଲ ପୁରସ୍କାର ଭଳି ଗୋଟିଏ ପୁରସ୍କାରର ବ୍ୟବସ୍ଥା କରାଯାଇଛି। ତାହା ହେଉଛି ଫିଲ୍ଡସ୍ ପଦକ। କାନାଡ଼ାର ଗଣିତଜ୍ଞ ଜନ୍ ଚାର୍ଲସ୍ ଫିଲ୍ଡସ୍‌ଙ୍କ ପ୍ରସ୍ତାବ ଓ ଅର୍ଥରେ ଅନ୍ତର୍ଜାତୀୟ ଗାଣିତିକ ସଂଘ ଏହାକୁ ସ୍ଥାପନ କରିଛି। ଗଣିତରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଯୁବ ଗଣିତଜ୍ଞମାନଙ୍କୁ ସ୍ୱୀକୃତି ଓ ପ୍ରୋତ୍ସାହନ ଦେବା ହେଉଛି ଏହାର ଲକ୍ଷ୍ୟ। ଏହାକୁ ପ୍ରଥମେ ୧୯୩୬ ମସିହାରେ ଫିନଲାଣ୍ଡର ଲାର୍ସ ଆଲ୍‌ଫରସ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଜେସେ ଡୋଗଲାସ୍‌ଙ୍କୁ ପ୍ରଦାନ କରାଯାଇଥିଲା। ଏହାପରେ ୧୯୫୦ ମସିହାରୁ ପ୍ରତି ଚାରି ବର୍ଷରେ ଥରେ ନିୟମିତ ଭାବେ ଏହାକୁ ପ୍ରଦାନ କରାଯାଉଛି।



ଜନ୍ ଚାର୍ଲସ୍ ଫିଲ୍ଡସ୍

ପ୍ରତି ଚାରି ବର୍ଷରେ ଥରେ ୪୦ ବର୍ଷରୁ କମ୍ ବୟସର ପ୍ରତିଭାବାନ୍ ଯୁବ ଗଣିତଜ୍ଞଙ୍କୁ ଫିଲ୍ଡସ୍ ପଦକ ପ୍ରଦାନ କରାଯାଉଛି। ୧୪ କ୍ୟାରେଟ୍ ସୁନାରେ ତିଆରି ପଦକ ବ୍ୟତୀତ ବିଜୟୀଙ୍କୁ ୧୫୦୦୦ କାନାଡ଼ା ଡଲାର (ଭାରତୀୟ ମୁଦ୍ରାରେ ୭.୮ ଲକ୍ଷ ଟଙ୍କା) ପୁରସ୍କାର ରାଶି ପ୍ରଦାନ କରାଯାଉଛି। ପ୍ରତ୍ୟେକ ଥର ଅତି କମ୍‌ରେ ଦୁଇଜଣ ଗଣିତଜ୍ଞଙ୍କୁ ଏହା ପ୍ରଦାନ କରିବାର ନିୟମ ଅଛି। କିନ୍ତୁ ୧୯୬୬ ମସିହାଠାରୁ ପ୍ରତ୍ୟେକ ଥର ଚାରି ଜଣଙ୍କୁ ପୁରସ୍କୃତ କରାଯାଉଛି। ଏପର୍ଯ୍ୟନ୍ତ ମୋଟ ୬୦ ଜଣ ବ୍ୟକ୍ତିଙ୍କୁ ଏହି ପଦକ ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରେ ମାତ୍ର ଜଣେ ମହିଳା ଅଛନ୍ତି, ସେ ହେଲେ ଯୁକ୍ତରାଷ୍ଟ୍ର ଆମେରିକାର ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଇରାନର ଗଣିତଜ୍ଞ ମେରିଆମ୍ ମିର୍ଜାଖାନି। ସେ ୨୦୧୪ ମସିହାରେ ଏହା ପାଇଥିଲେ। ୨୦୧୭ ମସିହାରେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ତାଙ୍କର ଅକାଳ ବିୟୋଗ ହୋଇଥିଲା।

୨୦୧୮ ମସିହା ପାଇଁ ଅନ୍ତର୍ଜାତୀୟ ଗଣିତ କଂଗ୍ରେସ ଅଗଷ୍ଟ ୧ ତାରିଖରେ ବ୍ରାଜିଲର ରିଓ ଡି' ଜେନେରିଓଠାରେ ଚାରି ଜଣ ଯୁବଗଣିତଜ୍ଞଙ୍କୁ ଏହି ପୁରସ୍କାର ଦେବା ପାଇଁ ଘୋଷଣା କରିଛି। ସେମାନେ ହେଉଛନ୍ତି ଇଂଲଣ୍ଡର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର କଚର୍ ବିର୍‌କାର, ସୁଇଜରଲାଣ୍ଡର ଜୁରିକ୍‌ସ୍ଥିତ ସୁଇସ୍ ଫେଡେରାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜିର ଆଲେସିଓ ଫିଗାଲ୍ଲି, ଜର୍ମାନୀର ବନ୍ ବିଶ୍ୱବିଦ୍ୟାଳୟର ପିଟର ସ୍କୋଲ୍‌ଜ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଅଷ୍ଟ୍ରେଲିଆର ଗଣିତଜ୍ଞ ଅକ୍ଷୟ ଭେଙ୍କଟେଶ।

କଚର୍ ବିର୍‌କାର ଇରାନ ଓ ଇରାକର ସୀମାରେ ଥିବା କୁର୍ଦ୍ଦିସ୍ତାନ ରାଜ୍ୟରେ ଜନ୍ମଗ୍ରହଣ କରିଥିଲେ। ତେହେରାନ ବିଶ୍ୱବିଦ୍ୟାଳୟରେ ଗଣିତ ଅଧ୍ୟୟନ ପରେ ସେ ୨୦୦୦ ମସିହାରେ ଇଂଲଣ୍ଡ ଯାଇ ପିଏଚ୍.ଡି. କଲେ। ସେତେବେଳେ ତାଙ୍କୁ ଶରଣାର୍ଥୀ ଭାବେ ରଖାଯାଇଥିଲା ଏବଂ ପରେ ତାଙ୍କୁ ଇଂଲଣ୍ଡର ନାଗରିକତା ପ୍ରଦାନ କରାଯାଇଥିଲା। ପଲିନୋମିଆଲ୍ ସମୀକରଣରେ ତାଙ୍କର କାର୍ଯ୍ୟ ପାଇଁ ତାଙ୍କୁ ଫିଲ୍ଡସ୍ ପଦକ ପ୍ରଦାନ କରାଯାଇଛି। କୌତୂହଳର କଥା ଯେ ସେ ଏହି ପଦକ ଗ୍ରହଣ କରିବା ପରେ ପରେ ପଦକ ଥିବା ସୁଟକେସ୍‌ଟି ଚୋରି ହୋଇଗଲା। ଖୋଜାଖୋଜି କରିବା ପରେ ସୁଟକେସ୍ ମିଳିଲା, କିନ୍ତୁ ସେଥିରେ ପଦକଟି ନ ଥିଲା।




ସ୍କୋଲ୍‌ଜ ପଲିନୋମିଆଲ୍ ସମୀକରଣର ସମାଧାନ ପାଇଁ ବିଭିନ୍ନ ଜ୍ୟାମିତିକ ଆକୃତି ବ୍ୟବହାର କରିଥିବାରୁ ଏହି ପଦକ ପାଇଛନ୍ତି। ସେ ଅନେକ ଦିନ ଅସମାହିତ ହୋଇରହିଥିବା ଗଣିତର କେତୋଟି ଅଙ୍କର ସମାଧାନ କରିଛନ୍ତି। ଆଲେସିଓ ଫିଗାଲ୍ଲି ହେଉଛନ୍ତି ଇଟାଲିର ନାଗରିକ। ସେ 'ସର୍ବନିମ୍ନ ପରିବହନ ଖର୍ଚ୍ଚ' କ୍ଷେତ୍ରରେ କାର୍ଯ୍ୟ କରି ଏହି ପଦକ ପାଇଛନ୍ତି। ତାଙ୍କର କାର୍ଯ୍ୟ ହେଉଛି, ''ମନେକର କୌଣସି ବସ୍ତୁ ପରିବହନ ପାଇଁ କିଛି ଅର୍ଥ ଅଛି। କେଉଁ ଉପାୟରେ ଏହାକୁ ପରିବହନ କଲେ ଖର୍ଚ୍ଚ ସବୁଠାରୁ କମ୍ ହେବ ?'' ଅର୍ଥନୀତି ବ୍ୟତୀତ ପାଣିପାଗ ବିଜ୍ଞାନରେ ମଧ୍ୟ ଏହାର ବ୍ୟବହାର ଅଛି।

ଭାରତରୁ କେହି ଏପର୍ଯ୍ୟନ୍ତ ଫିଲ୍ଡସ୍ ପଦକ ପାଇନାହାନ୍ତି। କିନ୍ତୁ ଭାରତୀୟ ବଂଶୋଦ୍ଭବ ଦୁଇଜଣ ଗଣିତଜ୍ଞ ଏହା ପାଇଛନ୍ତି। ସେମାନେ ହେଉଛନ୍ତି ୨୦୧୪ ମସିହାରେ ପଦକ ବିଜେତା ଓ କାନାଡ଼ାରେ ରହୁଥିବା ମଞ୍ଜୁଳ ଭାର୍ଗବ ଏବଂ ୨୦୧୮ ମସିହାରେ ପଦକ ପାଇଥିବା ଅକ୍ଷୟ ଭେଙ୍କଟେଶ। ଗଣିତର ବିଭିନ୍ନ କ୍ଷେତ୍ର ଯଥା ସଂଖ୍ୟାତତ୍ତ୍ୱ, ଜ୍ୟାମିତି, ଟପୋଲୋଜି, ଅଟୋମୋର୍ଫିକ୍ ଫର୍ମ ଆଦିରେ କୃତିତ୍ୱ ଯୋଗୁ ଭେଙ୍କଟେଶଙ୍କୁ ଏହି ପଦକ ପ୍ରଦାନ କରାଯାଇଛି। ଭେଙ୍କଟେଶ ୧୯୮୧ ମସିହା ନଭେମ୍ବର ୨୧ ତାରିଖରେ ଦିଲ୍ଲୀଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କୁ ଦୁଇବର୍ଷ ହୋଇଥିବାବେଳେ ତାଙ୍କ ପରିବାର ଅଷ୍ଟ୍ରେଲିଆର ପର୍ଥକୁ ଚାଲିଗଲେ। ସେ ୱେଷ୍ଟର୍ନ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟରୁ ୧୬ ବର୍ଷ ବୟସରେ ଗଣିତରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସେ ଚାରି ବର୍ଷର ପାଠ୍ୟକ୍ରମକୁ ତିନି ବର୍ଷରେ ଶେଷ କରିଥିଲେ ଏବଂ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ପାଇବାରେ କନିଷ୍ଠ ଛାତ୍ର ଥିଲେ। ସେ ଏହାପରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରିନ୍‌ସଟନ୍ ବିଶ୍ୱବିଦ୍ୟାଳୟରୁ ୨୦୦୨ ମସିହାରେ ଗଣିତରେ ପିଏଚ୍.ଡି. ଡିଗ୍ରୀ ଲାଭ କଲେ। ଏହାପରେ ସେ ମାସାଚୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜିରେ ଗବେଷଣା କରିଥିଲେ। ଫିଲ୍ଡସ୍ ପଦକ ପୂର୍ବରୁ ସେ ସାଲେମ୍ ପୁରସ୍କାର (୨୦୦୭), ଶସ୍ତ୍ର ରାମାନୁଜନ୍ ପୁରସ୍କାର (୨୦୦୮), ଇନ୍‌ଫୋସିସ୍ ପୁରସ୍କାର (୨୦୧୬) ଏବଂ ଓଷ୍ଟ୍ରୋଓସ୍କି ପୁରସ୍କାର (୨୦୧୭) ଲାଭ କରିଥିଲେ।

- ଡାଇରେକ୍ଟର, କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ: ୯୪୩୮୬୯୩୭୨୪

# ପୁରୁଷ ବନ୍ଧ୍ୟା



ଡା. ଦ୍ୱିଜେଶ କୁମାର ପଣ୍ଡା



''ଶୁକ୍ର ଦୋଷ ନ ଥାଇ ନିଃସନ୍ତାନ ହେବାର ସମ୍ଭାବନା ଥାଏ। ପୁରୁଷ ବନ୍ଧ୍ୟାରେ କାରଣ ବହୁତ କମ୍ କ୍ଷେତ୍ରରେ ଉନ୍ମୋଚନ ହୋଇପାରିବ। ଏହି ପରିସ୍ଥିତିରେ ସହାୟତା ପ୍ରଜନନ ପ୍ରକ୍ରିୟାରେ ସନ୍ତାନ ଜନ୍ମ ହୋଇ ପାରିବ। ପୁରୁଷର ଶୁକ୍ରରେ ଶୁକ୍ରାଣୁ ସଂଖ୍ୟା କମ୍ ଥିଲେ, ଏହା କ୍ଷିପ୍ର ଗତିଶୀଳ ହୋଇ ନ ଥିଲେ ଏବଂ ଡିମ୍ବାଣୁ ଭିତରେ ପ୍ରବେଶ କରି ସଂଯୋଗ ହୋଇ ନ ପାରିଲେ ଗର୍ଭଧାରଣ ହୋଇପାରିବ ନାହିଁ। ଅଣ୍ଡକୋଷର ମାଂସ ପରୀକ୍ଷା ଦ୍ୱାରା ନିଃସନ୍ତାନର କାରଣ ଜାଣି ହୁଏ ନାହିଁ।''

ଗୋଟିଏ ଦମ୍ପତି ବିବାହର ଏକ କିମ୍ବା ଦୁଇ ବର୍ଷ ମଧ୍ୟରେ ଗର୍ଭଧାରଣ ନ କଲେ ବନ୍ଧ୍ୟା କୁହାଯାଏ। ଏହି ସମୟରେ ଗର୍ଭ ନିରୋଧକ ବ୍ୟବହାର ନ କରି ବାରମ୍ବାର ସହବାସ କରିବା ଆବଶ୍ୟକ। ୩୫ ପ୍ରତିଶତ ବନ୍ଧ୍ୟା ଦମ୍ପତି ମଧ୍ୟରୁ କେବଳ ଶତକଡ଼ା ୧୦ ପୁରୁଷ ବନ୍ଧ୍ୟା ଥାଆନ୍ତି। ଏମାନଙ୍କ ଭିତରୁ ୮୦ ପ୍ରତିଶତଙ୍କର ଶୁକ୍ରରେ କମ୍ ସଂଖ୍ୟାରେ ଗତିହୀନ ଓ ଅସ୍ୱାଭାବିକ ଶୁକ୍ରାଣୁ ଥାଆନ୍ତି କିମ୍ବା ସମ୍ପୂର୍ଣ୍ଣ ଭାବରେ ନଥାନ୍ତି। କ୍ୱଚିତ ବ୍ୟକ୍ତିଙ୍କର ଶୁକ୍ର ସ୍ୱାଭାବିକ ଥାଏ।

ପୁରୁଷ ବନ୍ଧ୍ୟାର କାରଣ ଚାରିପ୍ରକାର। ସେଗୁଡ଼ିକ ହେଉଛି–

- ଯୌନ ହରମୋନ ଅଭାବ–୨ରୁ୫%
- ଅଣ୍ଡକୋଷରେ ଶୁକ୍ରାଣୁ ତିଆରି ନ ହେବା–୬୫–୮୦%
- ଅଣ୍ଡକୋଷରୁ ଶୁକ୍ର ପରିବହନ ହୋଇ ଯୋନିରେ ସ୍ଥାପିତ ନହେବା ୫%
- କାରଣ ନଥାଇ ପୁରୁଷ ବନ୍ଧ୍ୟା– ୧୦–୨୦%

ଶୁକ୍ର ଦୋଷ ନଥାଇ ନିଃସନ୍ତାନ ହେବାର ସମ୍ଭାବନା ଥାଏ। ପୁରୁଷ ବନ୍ଧ୍ୟାରେ କାରଣ ବହୁତ କମ୍ କ୍ଷେତ୍ରରେ ଉନ୍ମୋଚନ ହୋଇପାରିବ। ଏହି ପରିସ୍ଥିତିରେ ସହାୟତା ପ୍ରଜନନ ପ୍ରକ୍ରିୟାରେ ସନ୍ତାନ ଜନ୍ମ ହୋଇ ପାରିବ। ପୁରୁଷର ଶୁକ୍ରରେ ଶୁକ୍ରାଣୁ ସଂଖ୍ୟା କମ ଥିଲେ, ଏହା କ୍ଷିପ୍ର ଗତିଶୀଳ ହୋଇ ନଥିଲେ ଏବଂ ଡିମ୍ବାଣୁ ଭିତରେ ପ୍ରବେଶ କରି ସଂଯୋଗ ହୋଇ ନ ପାରିଲେ ଗର୍ଭଧାରଣ ହୋଇପାରିବ



ନାହିଁ। ଅଣ୍ଡକୋଷର ମାଂସ ପରୀକ୍ଷା ଦ୍ୱାରା ନିଃସନ୍ତାନର କାରଣ ଜାଣି ହୁଏ ନାହିଁ। ଏହା କେବଳ ଶୁକ୍ରାଣୁ ସୃଷ୍ଟି ହେଉଛି କି ନାହିଁ ତା'ର ସଙ୍କେତ ଦେବ।

ପୁରୁଷ ବନ୍ଧ୍ୟାର କାରଣ ଜାଣିବା ପାଇଁ କେତେକ ପରୀକ୍ଷା ସହିତ ଇତିବୃତ୍ତି ସଂଗ୍ରହ କରିବା ଆବଶ୍ୟକ। ସେଗୁଡ଼ିକ ହେଉଛି: ଅଣ୍ଡକୋଷ କେବେ ପେଟ ଭିତରୁ ବାହାର ଥଳିକୁ ଆସିଲା। ଯୌନାଙ୍ଗର ଅଭିବୃଦ୍ଧି ଏବଂ ଦାଢି କ୍ଷର ହେବାର ପୁନରାବୃତ୍ତି କେତେ ବ୍ୟବଧାନରେ।

- ଗାଲୁଆ, ଅଣ୍ଡକୋଷ ପ୍ରଦାହ, ଯୌନଗତ ରୋଗ ଯଥା ସିଫଲିସ, ଗନେରିଆ, ଏଡ୍‌ସ ଏବଂ ପ୍ରୋଷ୍ଟେଟ୍ ପ୍ରଦାହ।
- ଭାସେକ୍ଟୋମି (ପରିବାର ନିୟନ୍ତ୍ରଣ ନସବନ୍ଦି) ଓ ଅଣ୍ଡକୋଷ ଅପରେଶନ।
- ଫାଇଲେରିଆ ରୋଗରୁ ଅଣ୍ଡକୋଷ ପ୍ରଦାହ ଓ ଶୁକ୍ରବାହି ନଳୀ ଅବରୋଧ।
- ମଦ, ସିଗାରେଟ୍, ଗଞ୍ଜେଇ, ଅଫିମ, ଷ୍ଟିରଏଡ୍ ଔଷଧ ଓ ବିଷାକ୍ତ ରସାୟନ ବ୍ୟବହାର।
- କେତେ ବ୍ୟବଧାନରେ ସହବାସ ଓ ଯୌନଇଚ୍ଛା।

କେତେକ ପୁରୁଷ ବନ୍ଧ୍ୟା ବ୍ୟକ୍ତିଙ୍କର ପୁରୁଷ ହରମୋନ ଟେଷ୍ଟୋଷ୍ଟେରନ ଅଭାବ ଥାଏ। ଫଳରେ ଶୁକ୍ରାଣୁ ସଂଖ୍ୟା କମ ରହେ। ଅଣ୍ଡକୋଷ ଓ ଲିଙ୍ଗର ଆକାର ଛୋଟ ହେଇଥାଏ। ଯୌନ ପରିପକ୍ୱତା ଡେରି ହୁଏ। ପ୍ରୀଡାର ମିଟରରେ ଅଣ୍ଡକୋଷ ଆୟତନ ମପାଯାଏ। ଅଲଟ୍ରାସାଉଣ୍ଡ




ଦ୍ୱାରା ମଧ୍ୟ ଠିକ୍ ଆକାର ଜଣାପଡେ।

ଶୁକ୍ର ପରୀକ୍ଷା ପୁରୁଷ ବନ୍ଧ୍ୟା ନିରୁପଣର ମୁଖ୍ୟ ନିଦାନ।

୫ ରୁ ୬ ଦିନ ସହବାସ ନ କରି ପରୀକ୍ଷା ପାଇଁ ଶୁକ୍ର ସଂଗ୍ରହ କରିବା ଉଚିତ। ନିଦାନ କ୍ଲିନିକରେ ହସ୍ତମୈଥୁନ ଦ୍ୱାରା ଏହା ସଂଗ୍ରହ କରାଯାଇପାରେ। ଘରେ ମଧ୍ୟ ସଂଗ୍ରହ କରି ଏକ ଘଣ୍ଟା ମଧ୍ୟରେ ପରୀକ୍ଷାଗାରରେ ପହଞ୍ଚାଇବା ଉଚିତ। ଗୋଟିଏ ସପ୍ତାହ ବ୍ୟବଧାନରେ ଦୁଇଥର ଶୁକ୍ର ପରୀକ୍ଷା କରି ତାହାର ଫଳ ବିଶ୍ଳେଷଣ କରିବା ଆବଶ୍ୟକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପରାମର୍ଶ ଅନୁଯାୟୀ ଶୁକ୍ରର ମାନ ନିମ୍ନମତେ ସ୍ଥିର କରାଯାଏ।

- ପରିମାଣ – ଦେଢ ସି.ସି.
- ଶୁକ୍ର ସଂଖ୍ୟା– ୧୫ ନିୟୁତ ପ୍ରତି ସି.ସିରେ
- ସମ୍ପୂର୍ଣ୍ଣ ଶୁକ୍ର ସଂଖ୍ୟା ପ୍ରତି ସ୍ଖଳନରେ– ୩୯ ନିୟୁତ
- ଜୀବିତ ଶୁକ୍ର– ୯୫%
- କ୍ଷିପ୍ର ଗତିର ଶୁକ୍ର– ୩୨ ପ୍ରତିଶତ
- କ୍ଷିପ୍ର ଓ ଧୀର ଗତିର ଶୁକ୍ର ମିଶି– ୪୦ ପ୍ରତିଶତ

ପୁରୁଷର ଶୁକ୍ର ପରିମାଣ ଠିକ ଥିଲେ, କିନ୍ତୁ ଶୁକ୍ରାଣୁର ଆକାର ଓ ଗତି ଅସ୍ୱାଭାବିକ ହୋଇଥିଲେ, ଶୁକ୍ରାଣୁକୁ ନେଇ ଡିମ୍ବାଣୁ ଭିତରେ ପ୍ରବେଶ କରାଇଲେ ଗର୍ଭାଧାନ ହେବାର ସମ୍ଭାବନା ସୃଷ୍ଟି ହୁଏ। ଏହି ଭ୍ରୂଣକୁ ଗର୍ଭାଶୟରେ ସ୍ଥାପନ କଲେ ଗର୍ଭ ସଞ୍ଚାର ହୁଏ। ଉକ୍ତ ପଦ୍ଧତିକୁ ଜରାୟୁ ବାହାରେ ଭ୍ରୂଣ ସୃଷ୍ଟି କିମ୍ବା ଟେଷ୍ଟ ଟ୍ୟୁବ୍ ଭ୍ରୂଣ କୁହାଯାଏ।

ଶୁକ୍ରାଣୁ ପ୍ରତି ସି.ସି. ଶୁକ୍ରରେ ୧୦ ନିୟୁତରୁ କମ ଥିଲେ ଯୌନ ହରମୋନର (ଏଫ୍.ଏସ୍.ଏଚ୍. + ଏଲ. ଏଚ୍. ଓ ଟେଷ୍ଟୋଷ୍ଟେରନ) ପରୀକ୍ଷା ଆବଶ୍ୟକ ପଡେ। ଏହି ପରୀକ୍ଷା କରିବା ପାଇଁ ସକାଳ ୮ ରୁ ୧୦ଟା ମଧ୍ୟରେ ରକ୍ତ ଦେବାକୁ ପଡେ। ଶୁକ୍ରରେ ଶୁକ୍ରାଣୁ କମ ଥିଲେ କିମ୍ବା ମୋଟେ ନଥିଲେ ହରମୋନ ପରୀକ୍ଷା ସହିତ ଜିନ ପରୀକ୍ଷା କରିବା ଉଚିତ। ଏହାର ବ୍ୟାଖ୍ୟା ହେଉଛି–

- କମ୍ ଟେଷ୍ଟୋଷ୍ଟୋରନ ଓ ଅଧିକ ଏଫ.ଏସ୍.ଏଚ୍. + ଏଲ. ଏଚ୍ = ଅଣ୍ଡକୋଷ ଭିତରେ ଥିବା ଲିଡିଂଗ କୋଷ ନଷ୍ଟ।
- ଟେଷ୍ଟୋଷ୍ଟେରନ ଓ ଏଲ.ଏଚ୍– ସ୍ୱାଭାବିକ, କିନ୍ତୁ ଶୁକ୍ରାଣୁ ପରିମାଣ କମ୍ ଥାଏ= ଶୁକ୍ର ପରିବହନରେ ବାଧା ସୃଷ୍ଟି।

## ଶୁକ୍ର ପରୀକ୍ଷାର ବ୍ୟାଖ୍ୟା

- ଶୁକ୍ର ପରିମାଣ କମ କିନ୍ତୁ ଶୁକ୍ରାଣୁ ସ୍ୱାଭାବିକ– ଶୁକ୍ର ସଂଗ୍ରହରେ ଦୋଷ କିମ୍ବା ବାହାରକୁ ନିର୍ଗତ ନହୋଇ ପରିସ୍ରା ଥଳିରେ ପ୍ରବେଶ କରେ।
- ଶୁକ୍ର କମ୍ ଓ ଶୁକ୍ରାଣୁ କମ୍ – ଟେଷ୍ଟୋଷ୍ଟେରନ ହରମୋନ ଅଭାବ
- ଶୁକ୍ର ପରିମାଣ କମ ଓ ଶୁକ୍ରାଣୁ ନ ଥିବ– ଶୁକ୍ର ପରିବହନ ରାସ୍ତା ବନ୍ଦ

ଦଶ ପନ୍ଦର ନିୟୁତ ଶୁକ୍ରାଣୁ ପ୍ରତି ସି.ସି. ଶୁକ୍ରରେ ଥିଲେ ଗର୍ଭାଶୟ ବାହାରେ ଭ୍ରୂଣ ସୃଷ୍ଟି କରି ଗର୍ଭାଶୟରେ ସ୍ଥାପନ କଲେ ଗର୍ଭଧାରଣ ହୋଇପାରିବ। ଶୁକ୍ରାଣୁ ଗତିଶୀଳ ନ ଥିଲେ ମଧ୍ୟ ସ୍ୱାଭାବିକ ଭାବରେ ଗର୍ଭଧାନ ହୋଇପାରେ। ଯାହାର ୩ଟି ଦୋଷ ମିଶିକରି ଥିବ ଯଥା: ଶୁକ୍ରାଣୁ ପରିମାଣ କମ, ଆକାର ଅସ୍ୱାଭାବିକ ଓ ଗତିଶୀଳ ନୁହେଁ ସେ ବ୍ୟକ୍ତିର ବନ୍ଧ୍ୟା ହେବାର ସମ୍ଭାବନା ଅଧିକ। ଶୁକ୍ରାଣୁମାନେ ଅଲଗା ନ ହୋଇ ଜମାଟ ବାନ୍ଧିଲେ ସ୍ୱୟଂ ଆଣ୍ଟିବଡି (ପ୍ରତିପିଣ୍ଡ) ଦ୍ୱାରା ନଷ୍ଟ ହୋଇଯାଆନ୍ତି। ଶୁକ୍ରରେ ପ୍ରଦାହ କୋଷ ଥିଲେ ଆଣ୍ଟିବାୟୋଟିକ ଚିକିତ୍ସା ଆବଶ୍ୟକ ହୁଏ।

ନିଃସନ୍ତାନ ଦମ୍ପତିଙ୍କର ଏକ ସହିତ ପରୀକ୍ଷା କରି କାରଣ ନିର୍ଦ୍ଧାରଣ ହୁଏ। ମହିଳାମାନଙ୍କର ପରୀକ୍ଷା ଅଧିକ ଯତ୍ନରେ କରିବା ଉଚିତ। ପୁରୁଷ ବନ୍ଧ୍ୟା ନିରୂପଣ କରିବାକୁ ହେଲେ ଶୁକ୍ର ପରୀକ୍ଷା ହେଉଛି ମୌଳିକ ଓ ମୁଖ୍ୟ। ଶୁକ୍ର ପରୀକ୍ଷାରେ ଦୋଷ ଥିଲେ ଏହା ପୁନର୍ବାର କରିବା ଉଚିତ। ଶୁକ୍ରାଣୁ ସଂଖ୍ୟା ପ୍ରତି ସି.ସି.ରେ ୧୫ ନିୟୁତରୁ କମ ଥିଲେ ହରମୋନ ପରୀକ୍ଷା କରିବା ଆବଶ୍ୟକ। ଶୁକ୍ରବାହୀ ନଳୀ ତିଆରି ହୋଇ ନଥିଲେ ଜିନ ପରୀକ୍ଷା କରାଯାଏ। ଏଥିରେ ଦୋଷ ଥିଲେ ବାହାରେ ଭ୍ରୂଣ ସୃଷ୍ଟି କରି ଗର୍ଭାଶୟରେ ସ୍ଥାପନ କଲେ ମଧ୍ୟ ସୁଫଳ ମିଳେ ନାହିଁ। ଏହି କ୍ଷେତ୍ରରେ ଅନ୍ୟ ପୁରୁଷର ଶୁକ୍ର ସହିତ ସ୍ତ୍ରୀର ଡିମ୍ବାଣୁ ସଂଯୋଗ କରିଲେ ଭ୍ରୂଣ ସୃଷ୍ଟି ହେବ ଏବଂ ତାହାକୁ ଗର୍ଭାଶୟରେ ସ୍ଥାପନ କଲେ ଗର୍ଭୋଦୟ ହୋଇପାରେ। ପ୍ରତି ସି.ସି. ଶୁକ୍ରରେ ଶୁକ୍ରାଣୁ ପରିମାଣ ୫ ନିୟୁତରୁ କମ୍ ଥିଲେ ଓ ହରମୋନ ସ୍ୱାଭାବିକ ଥିଲେ ୱାଇ କ୍ରୋମୋଜୋମ ପରୀକ୍ଷା କରିବା ଅନିବାର୍ଯ୍ୟ। ଗବେଷଣାତ୍ମକ ପରୀକ୍ଷାରେ ସମୟ ନଷ୍ଟ ନକରି ଯେଉଁ ଦୋଷଗୁଡ଼ିକର ଚିକିତ୍ସା ସମ୍ଭବ ତାହା କରିଲେ ନିଃସନ୍ତାନ ଦମ୍ପତି ସନ୍ତାନ ଲାଭ କରିବେ।

**ସୂଚନା :** ଅପ୍ ଟୁ ଡେଟ୍, ଡକ୍ଟର ରୋନାଲ୍ଡ ସ୍ୱେଡର.ଏମ୍.ଡି, ଡକ୍ଟର କ୍ରିଷ୍ଟିନା ୱାଙ୍ଗ, ଏମ୍.ଡି.।

*ନିଦାନ ଓ ଫାଇଲେରିଆ ବିଶେଷଜ୍ଞ, ୧୨, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର*
*ମୋ: ୯୪୩୮୪୭୦୭୭୭*

# ସ୍ୱାସ୍ଥ୍ୟକାରୀ କ୍ଷୀର

*କ୍ଷୀରରେ ଭରି ରହିଛି ପୋଷକ ତତ୍ତ୍ୱ। ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କଲେ ଏ ସମ୍ପର୍କରେ ଆପେ ଆପେ ଜାଣିପାରିବେ। ଜାଣନ୍ତୁ ଏହାର ସ୍ୱାସ୍ଥ୍ୟୋପକାରୀ ଗୁଣ ସମ୍ପର୍କରେ...*





- ପ୍ରତିଦିନ କ୍ଷୀର ପିଇଲେ ତାହା ଅସ୍ଥିକୁ ମଜଭୁତ କରିଥାଏ। ଏଥିରେ ମ୍ୟାଗ୍ନେସିୟମ, ପୋଟାସିୟମ ଭରି ରହିଛି, ଯାହା ବ୍ଲଡପ୍ରେସର ରୋଗୀଙ୍କ ପାଇଁ ଉପକାରୀ।
- ନିୟମିତ କ୍ଷୀର ପିଇଲେ ତାହା ଦାନ୍ତ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ଶରୀରରେ ଜଳୀୟ ଅଂଶକୁ କ୍ଷୀର ସନ୍ତୁଳିତ ରଖିଥାଏ।
- ଦୈନନ୍ଦିନ କ୍ଷୀର ପିଇଲେ ତାହା ଚର୍ମରେ ଚମକ ଆଣିଥାଏ ଏବଂ ଚର୍ମ ଶୁଷ୍କତା ଆଶଙ୍କା ଅନେକାଂଶରେ ଦୂର କରିଥାଏ।
- କ୍ଷୀର ପିଇବା ଦ୍ୱାରା ପେଟରେ ଏସିଡିଟି ଆଶଙ୍କା କମ୍ ରହିଥାଏ।
- ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ପ୍ରତିଦିନ କ୍ଷୀର ପିଇବା ଦ୍ୱାରା କଲୋନ୍ କ୍ୟାନସର ଆଶଙ୍କା କେତେକାଂଶରେ ଦୂର ହୋଇଥାଏ।
- ଓଜନ କମାଇବାକୁ ଚାହୁଁଛନ୍ତି କି ? ଯଦି ହଁ, ତେବେ ନିୟମିତ କ୍ଷୀର ପିଅନ୍ତୁ।
- ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇବା ଗୁଣ କ୍ଷୀରରେ ରହିଛି।

# ଲିଭର ସମସ୍ୟାର କାରଣ

ଆମ ଶରୀରର ପ୍ରମୁଖ ଅଙ୍ଗ ମଧ୍ୟରୁ ଲିଭର ଅନ୍ୟତମ। ଏଥିରେ ଯଦି କିଛି ସମସ୍ୟା ଦେଖାଦିଏ ତାହାର ତୁରନ୍ତ ଚିକିତ୍ସା କରାଇନେବା ଆବଶ୍ୟକ। ହେଲେ ଏହାର କାରଣ ସମ୍ପର୍କରେ ଅବଗତ ହେବା ଦରକାର। ପ୍ରଥମେ ଲଗାତର ମୁଣ୍ଡ ବିନ୍ଧିଥାଏ। ବାନ୍ତି ଲାଗେ, ବେଳେବେଳେ ବାନ୍ତି ମଧ୍ୟ ହୁଏ। ସବୁଠାରୁ ଅସଲ କଥା ହେଲା, ଲିଭର ଖରାପ ହେବାର ପ୍ରାରମ୍ଭିକ ସ୍ତରରେ ଜଣ୍ଡିସ୍‌ର ଲକ୍ଷଣ ପ୍ରକାଶ ପାଏ। ଲିଭରରେ କିଛି ସମସ୍ୟା ଦେଖାଦେଲେ ରକ୍ତ ସଞ୍ଚାଳନ ବାଧା ସୃଷ୍ଟି ହୁଏ। ତେବେ ଯଦି ଏଭଳି କିଛି ଲକ୍ଷଣ ଜଣାପଡେ ତେବେ ଡେରି ନ କରି ତୁରନ୍ତ ଅଭିଜ୍ଞ ଲିଭର ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ଲିଭର ଶରୀର ପାଇଁ ଅନେକ କାମ କରିଥାଏ। ଏହା ଖାଦ୍ୟରୁ କାର୍ବୋହାଇଡ୍ରେଟ, ଭିଟାମିନ୍ ସଂଗ୍ରହ କରି ମସ୍ତିଷ୍କକୁ ଯୋଗାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଶରୀର ଭିତରେ ନିର୍ଗତ ହେଉଥିବା ବିଷାକ୍ତ ତତ୍ତ୍ୱକୁ ଲିଭର ନଷ୍ଟ କରିଦିଏ। ଅନ୍ୟପକ୍ଷରେ ଲିଭର ପ୍ରସ୍ତୁତ କରୁଥିବା ପ୍ରୋଟିନ୍ ରକ୍ତକୁ ପରିଷ୍କାର ରଖିବାରେ ସାହାଯ୍ୟ କରିଥାଏ।



# କ୍ୟାଲୋରି ନିୟନ୍ତ୍ରଣ କରିବାର ସହଜ ଉପାୟ

ଶରୀରରେ କ୍ୟାଲୋରି ଅସନ୍ତୁଳିତ ହେଲେ ବିଭିନ୍ନ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଇଥାଏ। ହେଲେ ଏହାକୁ ସନ୍ତୁଳିତ ରଖିବାର ଏକ ସରଳ ଉପାୟ ରହିଛି। ତାହା କ'ଣ ଜାଣନ୍ତି ? ରକ୍ତଦାନ। ଯଦି ଜଣେ ବ୍ୟକ୍ତି ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ରକ୍ତଦାନ କରନ୍ତି ତେବେ ତାଙ୍କ ଶରୀରରେ କ୍ୟାଲୋରି ସନ୍ତୁଳିତ ରହିଥାଏ। କେତେକଙ୍କ ମନରେ ଧାରଣା ଅଛି ଯେ ବାରମ୍ବାର ରକ୍ତଦାନ କଲେ ବିଭିନ୍ନ ଶାରୀରିକ ସମସ୍ୟା ସୃଷ୍ଟି ହୋଇଥାଏ। ରକ୍ତଦାନ କରିବା ଦ୍ୱାରା କୌଣସି ଶାରୀରିକ ସମସ୍ୟା ଦେଖାଦେଇ ନ ଥାଏ। କେତେକଙ୍କର ଧାରଣା ରହିଛି ଯେ ଏହାଦ୍ୱାରା ବ୍ରେନ୍ ଷ୍ଟ୍ରୋକ୍ କିମ୍ବା ହାର୍ଟ ଆଟାକ ହେବାର ଆଶଙ୍କା ରହିଛି, ହେଲେ ତାହା ଭୁଲ। ଯେଉଁମାନେ ରକ୍ତଦାନ କରୁଛନ୍ତି ସେମାନେ ଅତିକମ୍‌ରେ ୬ ମାସ ବ୍ୟବଧାନରେ ଏଭଳି ପୁଣ୍ୟ କାମ କଲେ କିଛି କ୍ଷତି ନାହିଁ।



# ଅଣ୍ଟା ବିନ୍ଧାର ଘରୋଇ ଉପଚାର

ଅଣ୍ଟାବିନ୍ଧା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଗୋଟିଏ ସ୍ଥାନରେ ଅଧିକାଂଶ ସମୟ ବସି ରହିବା, ମାଂସପେଶୀ ଟାଇଟ୍ ହୋଇଯିବା, ଅଧିକାଂଶ ସମୟ ନଇଁ କରି ବସିବା, ହଠାତ୍ ଅଧିକ ଓଜନ ଜିନିଷ ଉଠାଇବା ଯୋଗୁ ଅଣ୍ଟାବିନ୍ଧା ହୋଇଥାଏ। ବିଶେଷଭାବରେ ସକାଳୁ ବିଛଣାରୁ ଉଠିଲେ ଅଣ୍ଟା ଦରଜ ଅଧିକ ଲାଗେ। ଅଣ୍ଟା ଦରଜରୁ ରକ୍ଷା ପାଇବା ପାଇଁ ଦୀର୍ଘ ସମୟ ଧରି କରୁଥିବା କାମରେ ମଝିରେ ମଝିରେ ବିଶ୍ରାମ ନିଅନ୍ତୁ। ଅଧିକାଂଶ ସମୟ ନଇଁକରି ବସନ୍ତୁ ନାହିଁ। ଅଦାରେ ପ୍ରସ୍ତୁତ ଚା' ପିଅନ୍ତୁ। ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଡ୍ରାଏ ଫ୍ରୁଟସ ଖାଆନ୍ତୁ। ତୁଳସୀ ପତ୍ରକୁ ଭଲ ଭାବରେ ସିଝାନ୍ତୁ। ଏହାକୁ ଛାଣି ଅଳ୍ପ ଲୁଣ ମିଶାଇ ପିଇଲେ ଅଣ୍ଟା ଦରଜରୁ ଉପଶମ ମିଳିଥାଏ।



# କଥା କହିବା ଶୈଳୀ ଓ ଜୀବନଧାରା

କଥା କହିବା ଶୈଳୀ ଦ୍ୱାରା ଆମର ଜୀବନଧାରା ପ୍ରଭାବିତ ହୋଇଥାଏ। ସମୟକ୍ରମେ ଏହା ସେମାନଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ହୋଇ ଉଭା ହୋଇଥାଏ। କେବଳ ସେତିକି ନୁହେଁ, ଏହାଦ୍ୱାରା ସେମାନଙ୍କ କାର୍ଯ୍ୟଦକ୍ଷତା ଏବଂ କାର୍ଯ୍ୟ କରିବା ଶୈଳୀରେ ଭିନ୍ନତା ଦେଖିବାକୁ ମିଳେ। ଜଣେ ବ୍ୟକ୍ତିଙ୍କର କଥା କହିବା ଶୈଳୀ ତାଙ୍କର ଜୀବନଧାରାକୁ କିପରି ପ୍ରଭାବିତ କରୁଛି, ସେ ନେଇ ଓହିଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ଏଭଳି କାରଣରୁ ସେମାନଙ୍କ କେବଳ ଜୀବନଧାରା ନୁହେଁ, କାର୍ଯ୍ୟକରିବା କ୍ଷମତା ପ୍ରଭାବିତ ହେଉଥିବାର ଦେଖିବାକୁ ମିଳିଥିଲା।



> ଟେଲିକମ ଗ୍ରାହକ ଓ ଅପରେଟରଙ୍କ ସ୍ୱାର୍ଥରକ୍ଷା ଲାଗି ଟ୍ରାଇ କାର୍ଯ୍ୟ କରୁଛି। ଏହା ପି.ଆର ଭୂମିକାରେ ନାହିଁ। ନିଜ କାର୍ଯ୍ୟକୁ ସ୍ୱଚ୍ଛତାର ସହ କରୁଛି।
> – ଆର.ଏସ୍.ଶର୍ମା, ଅଧ୍ୟକ୍ଷ, ଟ୍ରାଇ



> ଟଙ୍କାର ମୂଲ୍ୟ ହ୍ରାସ ନେଇ ଏବେ ଚିନ୍ତା କରିବାର ଆବଶ୍ୟକତା ନାହିଁ। ଏହା ବହୁ ପୂର୍ବରୁ ହେବାର ଥିଲା।
> – ଅରବିନ୍ଦ ପାନଗାରିଆ, ପୂର୍ବତନ ଉପାଧ୍ୟକ୍ଷ, ନୀତି ଆୟୋଗ



## ସଂକ୍ଷେପରେ

### ଯୌଥ ଉଦ୍ୟୋଗରୁ ଓହରିବ ସେଲ୍

**ନୂଆଦିଲ୍ଲୀ,୨୬-୮:** ପ୍ରଦର୍ଶନର ଲକ୍ଷ୍ୟ ପୂରଣ କରୁ ନ ଥିବା ଅଥବା ବନ୍ଦ ହୋଇ ପଡିଥିବା ଯୌଥ ଉଦ୍ୟୋଗରୁ ଓହରିଯିବା ଲାଗି ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ(ସେଲ୍) ନିଷ୍ପତ୍ତି ନେଇ କାର୍ଯ୍ୟାରମ୍ଭ କରିଛି। କମ୍ପାନୀର ୨୦୧୭-୧୮ର ବାର୍ଷିକ ରିପୋର୍ଟ ଅନୁଯାୟୀ ସେଲ୍ ଶକ୍ତି ଉତ୍ପାଦନ, ରେଳ ୱାଗନ ନିର୍ମାଣ, ସ୍ଲାଗ ସିମେଣ୍ଟ ଉତ୍ପାଦନ ଓ ବିଦେଶରୁ କୋଇଲା ଉତ୍ପାଦନ କ୍ଷେତ୍ରରେ ଯୌଥ ଉଦ୍ୟୋଗ ପ୍ରତିଷ୍ଠା କରିଛି। ଏହାଛଡା ଅଟୋମୋଟିଭ ଷ୍ଟିଲ ଉତ୍ପାଦନ କ୍ଷେତ୍ରରେ ଯୌଥ ଉଦ୍ୟୋଗ ପ୍ରତିଷ୍ଠା ଲାଗି ଏହା ୨୦୧୫ରେ ବିଶ୍ୱର ସର୍ବବୃହତ ଷ୍ଟିଲ ନିର୍ମାତା ଆର୍ସେଲର ମିତ୍ତଲ ସହ ଚୁକ୍ତି କରିଛି।

କମ୍ପାନୀ ଆଇନରେ ଦଣ୍ଡବିଧାନ ବ୍ୟବସ୍ଥା

### କମିଟି ରିପୋର୍ଟ ହସ୍ତାନ୍ତର ଆଜି

**ନୂଆଦିଲ୍ଲୀ,୨୬-୮:** କମ୍ପାନୀ ଆଇନରେ ଥିବା ଦଣ୍ଡବିଧାନ ବ୍ୟବସ୍ଥାର ସମୀକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ କମିଟି ସୋମବାର ତାଙ୍କର ରିପୋର୍ଟ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କୁ ପ୍ରଦାନ କରିବେ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। କମ୍ପାନୀ ଆଇନ ଅଧୀନରେ ବଡ଼ ବଡ଼ ଘୋଟାଲାର ଅଧିକ ତର୍ଜମା ଲାଗି ଅଦାଲତଙ୍କୁ ଅଧିକ ସମୟ ଦେବା ଉଦ୍ଦେଶ୍ୟରେ କେତେକ ଧାରାର ସମୀକ୍ଷା ପାଇଁ କର୍ପୋରେଟ ବ୍ୟାପାର ସଚିବ ଇଞ୍ଜେଟି ଶ୍ରୀନିବାସଙ୍କ ଅଧ୍ୟକ୍ଷତାରେ ଏକ ୧୦ ଜଣିଆ କମିଟି ଗଠନ କରାଯାଇଥିଲା। ଦଣ୍ଡ ଦେବାର ବ୍ୟବସ୍ଥା ଥିବା ଏହି ସମସ୍ତ ଧାରାର ସମୀକ୍ଷା କରାଯାଇ ଏଥିରେ ସଂଶୋଧନ ଲାଗି କମିଟି ସରକାରଙ୍କୁ ସୁପାରିସ କରିବ। କୋଟାକ ମହିନ୍ଦ୍ରା ବ୍ୟାଙ୍କର ଉପାଧ୍ୟକ୍ଷ ତଥା ଏମଡି ଉଦୟ କୋଟାକ, ଲୋକସଭାର ପୂର୍ବତନ ସେକ୍ରେଟାରି ଜେନେରାଲ ଟି.କେ.ବିଶ୍ୱନାଥନ, ଆଇନ ପରାମର୍ଶଦାତା ଫାର୍ମ ଶାର୍ଦ୍ଦୁଲ ଅମରଚାନ୍ଦ ମଙ୍ଗଲଦାସର ଏକଜିକ୍ୟୁଟିଭ ଚେୟାରମ୍ୟାନ ଶାର୍ଦ୍ଦୁଲ ଏସ ଶ୍ରଫ୍ ଏବଂ ଏଜେଡବି ଆଣ୍ଡ ପାର୍ଟନର୍ସ ପ୍ରତିଷ୍ଠାତା ମ୍ୟାନେଜିଂ ପାର୍ଟନର ଅଜୟ ବହଲ ୧୦ ଜଣିଆ କମିଟିର ସଦସ୍ୟ ରହିଛନ୍ତି।

### ଶୁଭାରମ୍ଭ ହେବ ଫେମ୍ ଇଣ୍ଡିଆର ଦ୍ୱିତୀୟ ସଂସ୍କରଣ

**ନୂଆଦିଲ୍ଲୀ,୨୬-୮(ପି.ଟି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେପ୍ଟେମ୍ବର ୭ରେ ଫାଷ୍ଟର ଆଡପ୍‌ଶନ ଆଣ୍ଡ ମାନୁଫାକଚରିଂ ଅଫ୍ (ହାଇବ୍ରିଡ ଆଣ୍ଡ) ଇଲେକ୍ଟ୍ରିକ ଭେଇକିଲ (ଫେମ୍) ଇଣ୍ଡିଆ ଯୋଜନାର ଦ୍ୱିତୀୟ ସଂସ୍କରଣକୁ ଶୁଭାରମ୍ଭ କରିବେ। ଇ-ଯାନ ପ୍ରଚଳନକୁ ପ୍ରୋତ୍ସାହିତ କରିବା ଲାଗି ସରକାର ଏଭଳି ଏକ ଯୋଜନା ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବା ଜଣାଯାଇଛି। ଯୋଜନା ମୁତାବକ ଇ-ଯାନ ଗ୍ରହଣ କ୍ଷେତ୍ରରେ ସରକାର ଗ୍ରାହକଙ୍କୁ ସବ୍‌ସିଡି ବ୍ୟବସ୍ଥା କରିବେ। ଦ୍ୱିତୀୟ ପର୍ଯ୍ୟାୟ ଲାଗି ୫,୫୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଉକ୍ତ ଯୋଜନାକୁ ନେଇ ଆନ୍ତଃ ମନ୍ତ୍ରୀ ସ୍ତରୀୟ ଗୋଷ୍ଠୀ ଚୂଡ଼ାନ୍ତ କାର୍ଯ୍ୟ ଶେଷ କରିଥିବା ବେଳେ ଏହାକୁ କ୍ୟାବିନେଟ ଅନୁମୋଦନ ଲାଗି ଶୀଘ୍ର ପଠାଯିବ ବୋଲି ଅଧିକାରୀ ଜଣକ କହିଛନ୍ତି।

### ପିଏନ୍‌ବି ଇଚ୍ଛାକୃତ ଖିଲାପକାରୀଙ୍କ ଋଣରେ ୧.୮% ହ୍ରାସ

**ନୂଆଦିଲ୍ଲୀ,୨୬-୮(ପି.ଟି):** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ଇଚ୍ଛାକୃତ ଖିଲାପକାରୀଙ୍କ ମୋଟ ଋଣ ମଧ୍ୟରୁ ଜୁଲାଇରେ ୧.୮% ହ୍ରାସ ଘଟି ୧୫,୧୭୫ କୋଟି ଟଙ୍କାକୁ ଖସିଛି। ଏହା ଜୁନ ମାସ ତୁଳନାରେ ଉନ୍ନତ ବୋଲି ଜଣାଯାଇଛି। ପିଏନ୍‌ବିରୁ ୨୫ ଲକ୍ଷ ଟଙ୍କାରୁ ତଦୁର୍ଦ୍ଧ ଋଣ ନେଇ ଥିବା ବ୍ୟକ୍ତିଙ୍କୁ ଏହି ଖିଲାପକାରୀଙ୍କ ମଧ୍ୟରେ ସାମିଲ କରାଯାଇଛି। ଜୁନ୍ ଶେଷ ସୁଦ୍ଧା ଖିଲାପକାରୀଙ୍କ ଉପରେ ବ୍ୟାଙ୍କର ୧୫,୩୫୫ କୋଟି ଟଙ୍କା ରହିଥିଲା। ପିଏନ୍‌ବିରୁ କମ୍ପାନିଗୁଡିକ ଉଭୟ ବ୍ୟକ୍ତିଗତ ତଥା କନ୍‌ସୋର୍ଟିୟ ପଦ୍ଧତିରେ ଋଣ ନେଇଛନ୍ତି। ଏହା ମଧ୍ୟରେ ବିଭିନ୍ନ ଶିଳ୍ପ ସଂସ୍ଥା ସାମିଲ ରହିଛନ୍ତି। ନୀରବ ମୋଦି ଏବଂ ମେହୁଲ ଚୋକସୀଙ୍କ ଭଳି ବ୍ୟକ୍ତି ବିଶେଷ ପିଏନ୍‌ବିରୁ ୧୪,୦୦୦ କୋଟି ଟଙ୍କାର ଘୋଟାଲା କରିବାକୁ ସକ୍ଷମ ହୋଇଥିଲେ। ଏହା ଦ୍ୱାରା ବ୍ୟାଙ୍କ ବଡ ଧରଣର ଘୋଟାଲା ସାମ୍ନା କରିଛି। ଜୁନ ତ୍ରୈମାସରେ ବ୍ୟାଙ୍କ ୯୪୦ କୋଟି ଟଙ୍କାର କ୍ଷତି ସହିଥିବା ବେଳେ ୨୦୧୭-୧୮ ଆର୍ଥିକ ବର୍ଷରେ ୧୨,୨୮୩ କୋଟି ଟଙ୍କାର ନେଟ୍ କ୍ଷତି ସହିଛି। ଜୁନ୍ ଶେଷ ସୁଦ୍ଧା ବ୍ୟାଙ୍କରେ ୮୨,୮୧୮ କୋଟି ଟଙ୍କାର ଏନ୍‌ପିଏ ରହିଛି। ବ୍ୟାଙ୍କ ୨୦୧୮-୧୯ର ଟର୍ନ ଆରାଉଣ୍ଡ ପ୍ଲାନ୍ ଦ୍ୱାରା ଋଣ ଅସୁଲି ପଦକ୍ଷେପକୁ ତ୍ୱରାନ୍ୱିତ କରିବାକୁ ଯୋଜନା ଧାର୍ଯ୍ୟ କରିଛି। ଜୁନ୍ ତ୍ରୈମାସରେ ୭,୭୦୦ କୋଟି ଟଙ୍କାର ଋଣ ଅସୁଲ କରିବାକୁ ବ୍ୟାଙ୍କ ସକ୍ଷମ ହୋଇଛି।

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ନିଷ୍ପତ୍ତି

# ବନ୍ଦ ହେବ ୭୦ ବିଦେଶୀ ଶାଖା

**ନୂଆଦିଲ୍ଲୀ,୨୬-୮(ପି.ଟି.)**

**ବିଦେଶରେ ବ୍ୟାଙ୍କ ଶାଖା**

- ଏସ୍‌ବିଆଇର ୫୨, ବିଓବିର ୫୦ ଏବଂ ବିଓଆଇର ୨୯ଟି
- ୟୁକେରେ ୩୨, ହଂକଂ ଓ ୟୁଏଇରେ ୧୩ ଏବଂ ସିଙ୍ଗାପୁର୍‌ରେ ୧୨ ଟି
- ୧୬୫ରୁ ୪୧ଟି ଶାଖା କ୍ଷତିରେ ପରିଚାଳିତ



ବିଦେଶରେ ଥିବା ଭାରତର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଶାଖାଗୁଡିକ ଉତ୍ତମ ପ୍ରଦର୍ଶନ କରୁନାହାନ୍ତି। ଏଗୁଡ଼ିକର ପରିଚାଳନା ପାଇଁ ବ୍ୟାଙ୍କଗୁଡ଼ିକ ଖର୍ଚ୍ଚ କରୁଥିଲେ ମଧ୍ୟ ଉକ୍ତ ଶାଖାଗୁଡ଼ିକ ଆଶାନୁରୂପ ଲାଭ ଅର୍ଜନ କରୁନାହାନ୍ତି। ଏହି କାରଣରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ପ୍ରାୟ ୭୦ଟି ବିଦେଶୀ ଶାଖା ବନ୍ଦକରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ସୂତ୍ରରୁ ମିଳିଥିବା ଖବର ଅନୁସାରେ କମ୍ ଦୂରତା ବ୍ୟବଧାନରେ ରହିଥିବା ଶାଖାଗୁଡିକୁ ଏକତ୍ର କରାଯିବ। ସେହିପରି ଗୋଟିଏ ସହରରେ ରହିଥିବା ଏକାଧିକ ଶାଖାକୁ ଆବଶ୍ୟକ ମୁତାବକ ମିଶ୍ରଣ କରାଯିବ। ଫଳରେ ଏଗୁଡିକର ପରିଚାଳନା ପାଇଁ ଆବଶ୍ୟକ ପୁଞ୍ଜିକୁ ସୀମିତ କରାଯାଇ ପାରିବ ବୋଲି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଅତି କମ୍‌ରେ ଏହିଭଳି ୭୦ଟି ବିଦେଶୀ ଶାଖା ବନ୍ଦ ହେବ ବୋଲି ସେ କହିଛନ୍ତି। ଆଲ୍ଲାହାବାଦ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା(ବିଓବି), ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି), ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ), ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ) ଆଦି ପ୍ରମୁଖ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମିଳିତଭାବେ ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ସୂତ୍ରରୁ ପ୍ରକାଶ।

ସରକାରୀ ତଥ୍ୟ ଅନୁସାରେ ୨୦୧୬-୧୭ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଭାରତୀୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ମୋଟ ୧୫୯ଟି ବିଦେଶୀ ଶାଖା ଥିବା ବେଳେ ସେଥି ମଧ୍ୟରୁ ମୋଟ ୪୧ ଟି ଶାଖା କ୍ଷତିରେ ପରିଚାଳିତ ହେଉଥିଲା। ସଦ୍ୟତମ ସୂଚନା ଅନୁସାରେ ୨୦୧୮ ଜାନୁୟାରୀ ୩୧ ସୁଦ୍ଧା ମୋଟ ୧୬୫ଟି ବିଦେଶୀ ଶାଖା ରହିଛି। ସେଥିମଧ୍ୟରୁ ଏସ୍‌ବିଆଇର ମୋଟ ୫୨ଟି, ବିଓବିର ୫୦ ଟି ଏବଂ ବିଓଆଇର ସର୍ବାଧିକ ୨୯ ଟି ବିଦେଶୀ ଶାଖା ରହିଛି। ଅନ୍ୟ ଏକ ହିସାବ ଅନୁସାରେ ୟୁନାଇଟେଡ୍ କିଙ୍ଗଡମ୍‌ରେ ସର୍ବାଧିକ ୩୨ଟି ବିଦେଶୀ ଶାଖା ରହିଥିବା ବେଳେ ହଂକଂ ଓ ୟୁଏଇରେ ୧୩ ଟି ଲେଖାଏଁ ଏବଂ ସିଙ୍ଗାପୁର୍‌ରେ ମୋଟ ୧୨ ଟି ବିଦେଶୀ ଶାଖା ରହିଛି।

## ରିଅଲ ଇଷ୍ଟେଟରେ ଚାହିଦା ବଢୁଛି

**ନୂଆଦିଲ୍ଲୀ,୨୬-୮**



ବିମୁଦ୍ରୀକରଣ ଯୋଗୁ ସବୁଠାରୁ କ୍ଷତିଗ୍ରସ୍ତ ହୋଇଥିବା ରିଏଲ ଇଷ୍ଟେଟ ସେକ୍ଟରରେ ଏବେ ଚାହିଦା ବଢ଼ିବା ଆରମ୍ଭ କରିଛି ବୋଲି ଏକ ଅନୁଧ୍ୟାନରୁ ଜଣାପଡିଛି। ୨୦୦୭ରେ ବିଶ୍ୱ ଆର୍ଥିକ ସଙ୍କଟ ଦେଖାଦେବା ପରଠାରୁ ରିଏଲ ଇଷ୍ଟେଟ ସେକ୍ଟର ଆଜି ଯାଏ ବହୁ ଉତ୍ଥାନ ପତନ ଦେଖିଆସିଛି। ଏହି ସେକ୍ଟର ଉତ୍ଥାନ ଆଡକୁ ଅଗ୍ରସର ହେଉଥିଲା ବେଳେ ବିମୁଦ୍ରୀକରଣ ଏହାର ଅଣ୍ଟା ଭାଙ୍ଗି ଦେଇଥିଲା। ଏହାପରେ ରେରା ଆଇନକୁ ଆହୁରି କଡ଼ାକଡ଼ି କରାଯିବା ଏବଂ ଦେଶରେ ଜିଏସଟି ଲାଗୁ କରାଯିବା ପରେ ଏହି ସେକ୍ଟର ଅବସ୍ଥା ସାଂଘାତିକ ହୋଇଥିଲା। କେନ୍ଦ୍ର ସରକାର ଏହି ସେକ୍ଟରର ଉନ୍ନତି ସହ ଘର କ୍ରେତାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବା ପରେ ଏବେ ଧିରେ ଧିରେ ଲୋକଙ୍କ ବିଶ୍ୱାସ ଜନ୍ମିବାରେ ଲାଗିଛି ବୋଲି ଅନୁଧ୍ୟାନରୁ ଜଣାପଡିଛି। ରେରା ଆଇନ ସବୁ ରାଜ୍ୟରେ ସମ୍ପୂର୍ଣ୍ଣ ଭାବେ ଲାଗୁ ହୋଇ ନଥିଲେ ହେଁ ଘର କ୍ରେତା ଏବେ ରିଏଲ ଇଷ୍ଟେଟ ପ୍ରତି ବିମୁଖ ହେବା ପରିବର୍ତ୍ତେ ଆଗ୍ରହ ଦେଖାଉଛନ୍ତି। ଆନାରକ ପ୍ରପର୍ଟି କନସଲଟାଣ୍ଟଙ୍କ ପକ୍ଷରୁ କରାଯାଇଥିବା ଅନୁଧ୍ୟାନରୁ ଜଣାପଡିଛି ଯେ, ଚଳିତ ବର୍ଷର ଦ୍ୱିତୀୟ କ୍ୱାର୍ଟର ସୁଦ୍ଧା ୫୦% ନୂଆ ହାଉସିଂ ପ୍ରକଳ୍ପ ଲଞ୍ଚ ହୋଇଛି। ୭ଟି ବଡ଼ ସହରରେ ପ୍ରାୟ ୨୪% ଘର ବିକ୍ରି ବଢ଼ିଛି। ରେସିଡେନ୍ସିଆଲ ସେକ୍ଟରରେ ଆର୍ଫୋଡେବଲ ହାଉସିଂ ସେଗମେଣ୍ଟ ସହିତ କମର୍ସିଆଲ ସେଗମେଣ୍ଟରେ ବେଶ ଚାହିଦା ପରିଲକ୍ଷିତ ହେଉଛି।

କଷ୍ଟମରଙ୍କୁ ଏସ୍‌ବିଆଇର ସୂଚନା

## ଡିସେମ୍ବର ୩୧ ସୁଦ୍ଧା ନୂଆ ଡେବିଟ୍ କାର୍ଡ ନିଅ

**ନୂଆଦିଲ୍ଲୀ,୨୬-୮(ପି.ଟି.)**




ଚଳିତବର୍ଷ ଶେଷ ସୁଦ୍ଧା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ର ଗ୍ରାହକମାନଙ୍କୁ ନୂତନ ଇଏମ୍‌ଭି ଚିପ୍‌ଭିତ୍ତିକ୍ ଡେବିଟ୍ କାର୍ଡ ହାସଲ କରିବାକୁ ପଡ଼ିବ। ଅର୍ଥାତ୍ ପୂର୍ବରୁ ପ୍ରଚଳିତ ମ୍ୟାଗ୍ନେଟିକ୍ ଷ୍ଟ୍ରିପ୍ ଆଧାରିତ ଡେବିଟ୍ କାର୍ଡ ଆଉ ଚଳିବ ନାହିଁ। ଏହା ବଦଳରେ ୟୁରୋପେ ମାଷ୍ଟରକାର୍ଡ ଭିଜା(ଇଏମ୍‌ଭି) ଆଧାରିତ ଡେବିଟ୍ କାର୍ଡ ବ୍ୟବହାର କରିବାକୁ ପଡ଼ିବ। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଜାରି କରିଥିବା ନିର୍ଦ୍ଦେଶନାମା ଅନୁସାରେ ଏହି ନୂତନ ତଥା ଅଧିକ ସୁରକ୍ଷା ବୈଶିଷ୍ଟ୍ୟଭିତ୍ତିକ କାର୍ଡ ଗ୍ରହଣ କରିବାକୁ ହେବ ବୋଲି ଏସ୍‌ବିଆଇ ସୂଚନା ଦେଇଛି।

ଏହି କାର୍ଡରେ ତଥ୍ୟ ଚୋରି ହେବାର ଆଶଙ୍କା କମ୍ ରହିଥିବା ବେଳେ ଖୁବ୍ କମ ସମୟ ମଧ୍ୟରେ କାରବାର ସମ୍ଭବ ହେବ। ଏଥିପାଇଁ କଷ୍ଟମରଙ୍କୁ କୌଣସି ଅତିରିକ୍ତ ଦେୟ ବହନ କରିବାକୁ ପଡ଼ିବ ନାହିଁ। ସୂଚନା ଅନୁସାରେ ଚଳିତ ବର୍ଷ ଜୁନ ଶେଷ ସୁଦ୍ଧା ଏସ୍‌ବିଆଇ ମୋଟ ୨୮ କୋଟି ୯ ଲକ୍ଷ ଡେବିଟ୍ କାର୍ଡ ଜାରି କରିଥିଲା। ସେଥିମଧ୍ୟରୁ ସିଂହଭାଗ ପୁରୁଣା ମ୍ୟାଗ୍ନେଟିକ୍ ଷ୍ଟ୍ରିପ୍ ଆଧାରିତ ଡେବିଟ୍ କାର୍ଡ ବୋଲି ବ୍ୟାଙ୍କ ପ୍ରକାଶ କରିଛି। ଇଏମ୍‌ଭି କାର୍ଡ ଚିହ୍ନଟ ପାଇଁ ଏଥିରେ ଏକ ସୁନେଲି ରଙ୍ଗର ଚିପ୍ ସଂଯୋଗ କରାଯାଇଛି। ଯେଉଁ ବ୍ୟାଙ୍କ ଶାଖାରେ ଗ୍ରାହକ ଆକାଉଣ୍ଟ ଖୋଲିଛନ୍ତି ଉକ୍ତ ଶାଖାରେ ଜଣେ ଗ୍ରାହକ ଏହି ନୂତନ ଅତ୍ୟାଧୁନିକ କାର୍ଡ ପାଇଁ ଆବେଦନ କରିପାରିବେ। ସେହିପରି ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ମାଧ୍ୟମରେ ମଧ୍ୟ ଏହି ସୁବିଧା ମିଳିବ ବୋଲି ଏସ୍‌ବିଆଇ ସୂଚନା ଦେଇଛି।

## ‘ସୁନା ଆମଦାନୀରେ ସକ୍ରିୟ ନୁହନ୍ତି ସବୁ ବ୍ୟାଙ୍କ’

**ନୂଆଦିଲ୍ଲୀ, ୨୬-୮(ପି.ଟି.)**

ବିଦେଶରୁ ଭାରତକୁ ସୁନା ଆମଦାନୀ ପାଇଁ ବ୍ୟାଙ୍କଗୁଡିକ ନୋମିନେଟେଡ୍ ଏଜେନ୍ସି ଭାବେ ଦାୟିତ୍ୱ ନେଇଛନ୍ତି। କିନ୍ତୁ ଅଳ୍ପ କେତୋଟି ନିର୍ଦ୍ଦିଷ୍ଟ ବ୍ୟାଙ୍କକୁ ଛାଡ଼ିଦେଲେ ସବୁ ବ୍ୟାଙ୍କ ଏହି ଦାୟିତ୍ୱକୁ ଠିକ୍ ଭାବେ ପାଳନ କରୁନାହାନ୍ତି। ଭାରତ ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗ ଏଭଳି କହିଛି। ଏଥିପାଇଁ ନୀତି ଆୟୋଗ ପରାମର୍ଶ ଦେଇଛି ଯେ, ବିଦେଶରୁ ସୁନା ଆମଦାନୀ କ୍ଷେତ୍ରରେ ବ୍ୟାଙ୍କଗୁଡିକ ସକ୍ରିୟ ଅଂଶଗ୍ରହଣ କରିବା ଆବଶ୍ୟକ। ଏହାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପ୍ରୋତ୍ସାହିତ କରିବା ଉଚିତ। ଏହି ମୂଲ୍ୟବାନ ଧାତୁ ରପ୍ତାନି କରୁଥିବା ଭାରତୀୟ ଅଳଙ୍କାର ବ୍ୟବସାୟୀମାନଙ୍କୁ ପ୍ରୋତ୍ସାହିତ କରିବାକୁ ହେଲେ ବ୍ୟାଙ୍କଗୁଡିକୁ ନିଜ ଦାୟିତ୍ୱ ତୁଲାଇବାକୁ ପଡିବ ବୋଲି ନୀତି ଆୟୋଗ କହିଛି। ନୀତି ଆୟୋଗର ମୁଖ୍ୟ ଉପଦେଷ୍ଟା ରତନ ପି. ୱାଟାଲଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ଏହି ସୁପାରିସ କରିଛି। କମିଟି କହିଛି, ସୁନା ଆମଦାନୀ କ୍ଷେତ୍ରରେ ରହିଥିବା ‘ଡ୍ୟୁଟି ଡ୍ରବ୍ୟାକ୍ ସ୍କିମ୍’ରେ ମଧ୍ୟ ପରିବର୍ତ୍ତନ ହେବା ଉଚିତ।

## ମେଟ୍ରୋ ରେଳ ପ୍ରକଳ୍ପର ସମୀକ୍ଷା କରିବ ନୀତି ଆୟୋଗ



**ମୁମ୍ବାଇ,୨୬-୮(ପି.ଟି.)**

ଦେଶରେ ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟକାରିତା ସମ୍ପର୍କରେ ନୀତି ଆୟୋଗ ସମୀକ୍ଷା କରିବ। ଏହା କେତେଦୂର ସମ୍ଭବ ହୋଇଛି ଏବଂ ଲୋକମାନଙ୍କ ପାଖରେ ପହଞ୍ଚିପାରିଛି ତାହାକୁ ତର୍ଜମା କରାଯିବ। ଗୃହ ଓ ନଗର ଉନ୍ନୟନ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ଏହି ମେଟ୍ରୋ ରେଳପ୍ରକଳ୍ପ ରହିଥିବା ବେଳେ ଏହାର ସମୀକ୍ଷା ପାଇଁ ମନ୍ତ୍ରଣାଳୟ ନୀତିଆୟୋଗର ସାହାଯ୍ୟ ଲୋଡିଛି। ଏ ସମ୍ପର୍କରେ ଖବର ରଖିଥିବା ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁସାରେ, ନୀତି ଆୟୋଗ ବିଜ୍ଞାନ ବିଭାଗ ସଦସ୍ୟ ଏହି ସମୀକ୍ଷା କରିବେ। ସଦ୍ୟତମ ସୂଚନା ଅନୁସାରେ ଏବେ ଦେଶର ମୋଟ ୨୨ଟି ସହରରେ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଏହି ସହର ମଧ୍ୟରେ ଦିଲ୍ଲୀ, ବାଙ୍ଗାଲୋର, ବମ୍ବେ, ଲକ୍ଷ୍ନୌ, ଚେନ୍ନାଇ, ନାଗପୁର, ପୁଣେ, କୋଚି, ଅହମ୍ମଦାବାଦ, ହାଇଦ୍ରାବାଦ, ଜୟପୁର, କଲିକତା, ଗୁରୁଗ୍ରାମ ଆଦି ସହର ରହିଛି।

## ଡିମାଟ୍‌ରେ ଶେୟାର ଜାରି ବାଧ୍ୟତାମୂଳକ ହେବ

**ନୂଆଦିଲ୍ଲୀ,୨୬-୮**

**ଅଣପଞ୍ଜୀକୃତ କମ୍ପାନୀ**

କେନ୍ଦ୍ର ସରକାର କଳାଧନ ସୃଷ୍ଟି ବିରୋଧରେ ଅଭିଯାନ ଚଳାଇଥିବା ବେଳେ ଷ୍ଟକ ମାର୍କେଟରେ ଏହାର ପ୍ରସାରକୁ ରୋକିବା ଲାଗି ନୂଆ ନିୟମ ପ୍ରଣୟନ କରିବାକୁ ଯାଉଛନ୍ତି। ଏହି ନୂଆ ନିୟମ ଅନୁଯାୟୀ ଷ୍ଟକ ମାର୍କେଟରେ ତାଲିକାଭୁକ୍ତ ହୋଇ ନ ଥିବା କମ୍ପାନୀମାନେ ଭବିଷ୍ୟତରେ ଡିମାଟ୍‌ରେ ନୂଆ ଶେୟାର ଜାରି କରିବାକୁ ବାଧ୍ୟ ରହିବେ। ପ୍ରାୟ ୭୦ ହଜାର କମ୍ପାନୀ ଅକ୍ଟୋବର ପ୍ରଥମ ସପ୍ତାହରୁ ଲାଗୁ ହେବାକୁ ଥିବା ଏହି ନୂଆ ନିୟମ ଅନୁଯାୟୀ ଡିମାଟ୍‌ରେ ଶେୟାର ଜାରି କରିବେ। ଏଭଳି ବ୍ୟବସ୍ଥା ଦ୍ୱାରା ନୋ ଇଓର କ୍ଲାଏଣ୍ଟ (କେୱାଇସି) ଅଧୀନରେ ଅଣପଞ୍ଜୀକୃତ କମ୍ପାନୀଙ୍କ ସମ୍ପର୍କରେ ତଥ୍ୟ ସରକାରଙ୍କ ନିକଟରେ ଉପଲବ୍ଧ ହୋଇପାରିବ।

## ଜେଟ୍ ଏୟାର୍‌ୱେଜଠାରୁ ତଥ୍ୟ ମାଗିଲେ ଏମ୍‌ସିଏ

**ନୂଆଦିଲ୍ଲୀ,୨୬-୮**

**ଆଜି ଜୁନ କ୍ୱାର୍ଟର ରିପୋର୍ଟ ଘୋଷଣା**




ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଜେଟ୍ ଏୟାରୱେଜ ସୋମବାର ଜୁନ କ୍ୱାର୍ଟର ଆର୍ଥିକ ରିପୋର୍ଟ ପ୍ରକାଶ କରିବ। ତେବେ ଏହି ବିମାନ କମ୍ପାନୀ କେଉଁ କାରଣରୁ ଫଳାଫଳ ଘୋଷଣା କରିବାରେ ବିଳମ୍ବ କଲା ତାହା ଜାଣିବା ଲାଗି ଏହି ବିମାନ କମ୍ପାନୀ ଓ ଏହାର ଅଡିଟରଙ୍କ ଠାରୁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ସିଏ) ବିସ୍ତାରିତ ତଥ୍ୟ ମାଗିଛନ୍ତି।

କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଜେଟ୍ ଏୟାରୱେଜର ଆର୍ଥିକ ସ୍ଥିତି ସମ୍ପର୍କରେ ଜାଣିବା ଲାଗି ରେଜିଷ୍ଟ୍ରାର ଅଫ କମ୍ପାନିଜ(ଆରଓସି) କେତେକ ବିଷୟ ଉପରେ ପ୍ରଶ୍ନ ପଚାରିଛନ୍ତି। ତେବେ ମନ୍ତ୍ରଣାଳୟ ପକ୍ଷରୁ ପଚରାଯାଇଥିବା ପ୍ରଶ୍ନ ସମ୍ପର୍କରେ କମ୍ପାନୀ ମୁଖପାତ୍ର କିଛି କହିବାକୁ ମନା କରିଦେଇଛନ୍ତି। ଜୁନରେ ଶେଷ ହେଉଥିବା କ୍ୱାର୍ଟର ଫଳାଫଳ ଘୋଷଣାରେ କମ୍ପାନୀ କାହିଁକି ବିଳମ୍ବ କଲା ସେସମ୍ପର୍କରେ ଜଣାଇବାକୁ ମନ୍ତ୍ରଣାଳୟ ପକ୍ଷରୁ ଏହାର ଅଡିଟରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମୁଖପାତ୍ର ସ୍ୱୀକାର କରିଛନ୍ତି। ଉଲ୍ଲେଖଥାଉକି, ଚଳିତ ମାସ ଆରମ୍ଭରେ ଅଡିଟର ଟିମ୍ ଜେଟ୍ ଏୟାରୱେଜର ଜୁନ କ୍ୱାର୍ଟର ଫଳାଫଳକୁ ନେଇ ଆପତ୍ତି ଉଠାଇବା ପରେ ଏହାର ଘୋଷଣାକୁ ବିଳମ୍ବିତ କରାଯାଇଥିଲା। ସୋମବାର ହେବାକୁ ଥିବା ବୋର୍ଡ ବୈଠକରେ ଖର୍ଚ୍ଚ କାଟ୍ ଲାଗି ଉଡାଣ ସଂଖ୍ୟା ହ୍ରାସ କରିବା ଏବଂ ଆର୍ଥିକ ସ୍ଥିତିକୁ ପୂର୍ବାବସ୍ଥାକୁ ଫେରାଇ ଆଣିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ଯୋଜନା ଉପରେ ବିଚାର କରାଯିବ।

## ପିଏମ୍‌ଏଲ୍‌ଏ କୋର୍ଟରେ ମାଲ୍ୟାଙ୍କ ଶୁଣାଣି ଆଜି

**ମୁମ୍ବାଇ,୨୬-୮**



ଦେଶର ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କାର ଋଣ ନେଇ ଇଂଲଣ୍ଡ ପଳାଇଥିବା ବିଶିଷ୍ଟ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ସୋମବାର ଏଠାରେ ପିଏମ୍‌ଏଲ୍‌ଏର ସ୍ୱତନ୍ତ୍ର କୋର୍ଟରେ ହାଜର ହେବାକୁ ପୂର୍ବରୁ ନୋଟିସ ଜାରି କରାଯାଇଛି। ଦେଶରେ ପଳାତକ ଅପରାଧୀ ଆଇନ ଲାଗୁ ହେବା ପରେ ମାଲ୍ୟାଙ୍କ ବିରୋଧରେ ଏହି ଆଇନ ଅଧୀନରେ ମାମଲା ଆରମ୍ଭ ହୋଇଛି।

ସରକାରୀ ସୂତ୍ରରୁ ପ୍ରକାଶ ଯେ, ଏନଫୋର୍ସମେଣ୍ଟ ଡାଇରେକ୍ଟୋରେଟ(ଇଡି) ପକ୍ଷରୁ ମାଲ୍ୟାଙ୍କ ବିରୋଧରେ ୯ ହଜାର କୋଟି ଟଙ୍କାର ଠକେଇ ଅଭିଯୋଗ ଅଣାଯିବା ପରେ ପିଏମଏଲଏ ବିଚାରପତି ଏମ.ଏସ.ଆଜମୀ ଜୁନ ୩୦ରେ ମାମଲାର ଶୁଣାଣି କରି ଅଗଷ୍ଟ ୨୭ରେ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସେ ଲଣ୍ଡନରେ ପ୍ରତ୍ୟର୍ପଣ ସମ୍ପର୍କିତ ମାମଲାର ସାମ୍ନା କରୁଥିବାରୁ ତାଙ୍କ ସ୍ଥାନରେ ତାଙ୍କର ଓକିଲ ଅଦାଲତରେ ହାଜର ହୋଇ ଜବାବ ଉପସ୍ଥାପନ କରିପାରନ୍ତି। ଏହି ମାମଲାରେ ମାଲ୍ୟାଙ୍କ ୧୨,୫୦୦ କୋଟି ଟଙ୍କାର ସମ୍ପତ୍ତି ଜବତ କରିବା ଲାଗି ଇଡି ପକ୍ଷରୁ ଅଦାଲତର ଅନୁମୋଦନ ଲୋଡାଯାଇଛି। ଉଲ୍ଲେଖଥାଉକି, ପଳାତକ ଅପରାଧୀ ଆଇନ ଅନୁଯାୟୀ ଋଣ ନେଇ ଅଥବା ଠକେଇ କରିବା ପରେ ପଳାତକ ହେବା କ୍ଷେତ୍ରରେ ତାଙ୍କର ସମ୍ପତ୍ତିକୁ ଜବତ କରାଯାଇପାରିବ। ତେବେ ବିଚାରପତି ଏଦିଗରେ ନିଷ୍ପତ୍ତି ନେବେ। ଏକ୍ଷେତ୍ରରେ ବିଚାରପତି ଆଜମୀଙ୍କ ଉପରେ ମାଲ୍ୟାଙ୍କ ସମ୍ପତ୍ତି ଜବତ ନିର୍ଭର କରିବ। ଅନ୍ୟପକ୍ଷରେ ଇଡି ପକ୍ଷରୁ ମାଲ୍ୟାଙ୍କୁ ପଳାତକ ଘୋଷଣା କରିବା ନେଇ ଦୁଇଟି ଚାର୍ଜସିଟ୍ ଦାଖଲ କରାଯାଇଛି।

No. 08-W:-

न्याय सब के लिए
ACCESS TO JUSTICE FOR ALL

**ରାଷ୍ଟ୍ରୀୟ ଲୋକ ଅଦାଲତ**

ତା୦୮।୦୯।୨୦୧୮ରିଖ (ଶନିବାର)

**ବିଶେଷ ସୂଚନା**

୧. ଆଜ୍ଞା, କୌଣସି କଚେରୀରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି, ବା ଆପଣଙ୍କର କାହାସହିତ କୌଣସି ବିବାଦ ରହିଛି କି ?
୨. ତେବେ ଆପଣ ସେ ମକଦ୍ଦମା / ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ।
୩. ତା୦୮।୦୯।୨୦୧୮ରିଖ (ଶନିବାର)ରେ ଉଚ୍ଚନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି।
୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ୍ ଯୋଗ୍ୟ), ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ।
୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (କଚେରୀରେ ଦାଏର ହୋଇନଥିବା) ବ୍ୟାଙ୍କଋଣ ବିବାଦ, ଶ୍ରମବିବାଦ, ପାରିବାରିକ ବିବାଦ ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬. ଲୋକ ଅଦାଲତରେ ମକଦ୍ଦମା / ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ।
୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପୈଠ ହୋଇଥିବା କୋର୍ଟ ଫି’ ଫେରସ୍ତ ହୋଇପାରିବ।
୮. ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।
୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
କଟକ
ଯୋଗାଯୋଗ: (୦୬୭୧) ୨୩୦୭୦୭୧

18008/11/0008/1819

# ହିମା, ଆନାସଙ୍କୁ ରୌପ୍ୟ ପଦକ

ଜାକର୍ତ୍ତା, ୨୬।୮ (ପି.ଟି.)

ଏସିଆନ ଗେମ୍ସର ଆଥଲେଟିକ୍ସ ଇଭେଣ୍ଟରେ ଭାରତୀୟ ପ୍ରତିଯୋଗୀଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ରବିବାର ଅନୁଷ୍ଠିତ ୪୦୦ ମିଟର ମହିଳା ଓ ପୁରୁଷ ରେସ୍‌ରେ ଭାରତର ହିମା ଦାସ ଓ ମହମ୍ମଦ ଆନାସ ରୌପ୍ୟ ପଦକ ହାସଲ କରିଛନ୍ତି। ଦୁଇ ଭାରତୀୟ ପ୍ରତିଯୋଗୀ ଆଶାନୁରୂପ ପ୍ରଦର୍ଶନ ଦେବାରେ ସଫଳ ହୋଇଛନ୍ତି।

## ହିମାଙ୍କ ଜାତୀୟ ରେକର୍ଡ

ହିମା କ୍ରମାଗତ ଦୁଇ ଦିନରେ ୨ ଥର ଜାତୀୟ ରେକର୍ଡ ଟାଇମିଂରେ ଉନ୍ନତି ଆଣିଛନ୍ତି। ସେ ଏଠାରେ ୫୦.୫୯ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଛନ୍ତି। ପୂର୍ବଦିନ ସେ ୫୧.୦୦ ସେକେଣ୍ଡ ସମୟ ନେଇ ଫାଇନାଲରେ ପ୍ରବେଶ କରିଥିଲେ। ପୂର୍ବରୁ ଜାତୀୟ ରେକର୍ଡ ମନଜିତ କୌରଙ୍କ ନାମରେ ଥିଲା। ସେ ୧୪ ବର୍ଷ ତଳେ ୨୦୦୪ରେ ୫୧.୦୫ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡର ଅଧିକାରୀ ଥିଲେ। ଚଳିତ ଏସିଆନ ଗେମ୍ସର ମହିଳା ୪୦୦ ମିଟର ରେସ୍‌ରେ ବାହାରିନର ସାଲୱା ନାସେର ୫୦.୦୯ (ନୂଆ ଗେମ୍ସ ରେକର୍ଡ) ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ନାଇଜେରିଆରେ ଜନ୍ମିତ ନାସେର ୨୦୧୭ ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଥିଲେ ଏବଂ ଚଳିତ ବର୍ଷ ଡାଇମଣ୍ଡ ଲିଗ୍‌ର ୪ଟି ଚରଣରେ ସ୍ୱର୍ଣ୍ଣ ବିଜୟିନୀ ହୋଇଥିଲେ। କାଜାଖସ୍ତାନର ଏଲିନା ମିଖିନା ୫୨.୬୩ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଫାଇନାଲକୁ ଉନ୍ନୀତ ହୋଇଥିବା ଅନ୍ୟତମ ଭାରତୀୟ ନିର୍ମଳା ଶେଓରାନ ୫୨.୯୬ ସେକେଣ୍ଡ ନେଇ ସମୟ ସେ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ। ମହିଳା ୪୦୦ ମିଟର ରେସ୍‌ରେ ଭାରତ ପକ୍ଷରୁ ଶେଷଥରପାଇଁ ମନଜିତ କୌର ୨୦୦୬ ଦୋହା ଏସିଆନ ଗେମ୍ସରେ ରୌପ୍ୟ ପଦକ ଜିତିଥିଲେ।

ପୁରୁଷ ୪୦୦ ମିଟର ଫାଇନାଲରେ ଆନାସ ୪୫.୬୯ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଥିଲେ। କାତାରର ହାସନ ୪୪.୮୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ଏବଂ ବାହାରିନର ଖାମିସ ଅଲୀ ୪୫.୭୦ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ପାଇଛନ୍ତି। ଏଥିରେ ଭାଗ ନେଇଥିବା ଅନ୍ୟତମ ଭାରତୀୟ ରାଜୀବ ଆରୋକିଆ ୪୫.୮୪ ସେକେଣ୍ଡ ସମୟ ନେଇ ୪ର୍ଥ ସ୍ଥାନରେ ରହିଥିଲେ।




ରୌପ୍ୟ ପଦକ ସହ ହିମା ଦାସ ଓ ମହମ୍ମଦ ଆନାସ।

# ସେମିରେ ସାଇନା, ସିନ୍ଧୁ

ଜାକର୍ତ୍ତା, ୨୬।୮ (ପି.ଟି.)

ଭାରତୀୟ ମହିଳା ବ୍ୟାଡମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ଓ ପି.ଭି. ସିନ୍ଧୁ ଚଳିତ ଏସିଆନ ଗେମ୍ସରେ ପଦକ ହାସଲ କରିବା ନିଶ୍ଚିତ ହୋଇଛି। ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିବା ସହ ଏହି ଦୁଇ ତାରକା ଖେଳାଳି ଅତି କମ୍‌ରେ ବ୍ରୋଞ୍ଜ୍ ଜିତିବା ପକ୍କା କରିଛନ୍ତି। ରବିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସାଇନା ବିଶ୍ୱର ୫ ନମ୍ବର ଖେଳାଳି ଥାଇଲାଣ୍ଡର ରଚାନୋକ ଇଣ୍ଟାନନଙ୍କୁ ୨୧-୧୮, ୨୧-୧୬ ହରାଇ ସେମିରେ ପ୍ରବେଶ କରିଛନ୍ତି। ବିଜୟୀ ହେବା ପାଇଁ ସାଇନା ୪୨ ମିନିଟ ସମୟ ଆବଶ୍ୟକ କରିଥିଲେ ଓ ତାଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡିଥିଲା। ଆକ୍ରମଣାତ୍ମକ ଢଙ୍ଗରେ ସାଇନା ଖେଳିଥିଲେ। ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ଏହା ଭାରତ ପାଇଁ ପ୍ରଥମ ଏସିଆନ ଗେମ୍ସ ପଦକ ସାବ୍ୟସ୍ତ ହୋଇଛି। ତେବେ ସୟଦ ମୋଦି ପୂର୍ବରୁ ଏକମାତ୍ର ଭାରତୀୟ ଭାବେ ୧୯୮୨ ସଂସ୍କରଣରେ ପୁରୁଷ ସିଙ୍ଗଲ୍ସରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। ଏହା ପୂର୍ବରୁ ସାଇନା କିଛି ଦିନ ତଳେ ଖେଳାଯାଇଥିବା ବିଶ୍ୱ ଚାମ୍ପିୟନଶିପ୍ ଓ ଇଣ୍ଡୋନେସିଆ ମାଷ୍ଟର୍ସରେ ରଚାନୋକଙ୍କୁ ହରାଇଥିଲେ। ଏହି ମୁକାବିଲା ପୂର୍ବରୁ ସାଇନା ଓ ରାଚାନୋକ ପରସ୍ପରକୁ ୫ଥର ଭେଟିଥିଲେ। ତେବେ ସାଇନା ୪ଟି ବିଜୟୀ ହୋଇଥିଲେ। ଫଳରେ ସେ ଏହି ମ୍ୟାଚରେ ଫେଭରାଇଟ ବିବେଚିତ ହୋଇଥିଲେ। ସାଇନା ଏବେ ସେମିରେ ବିଶ୍ୱର ୧ ନମ୍ବର ଖେଳାଳି ତାଇୱାନର ତାଇ ଜୁ ୟିଙ୍ଗଙ୍କୁ ଭେଟିବେ। ସେମିରେ ସାଇନା ପରୀକ୍ଷାର ସମ୍ମୁଖୀନ ହେବେ। ୟିଙ୍ଗ୍ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଗ୍ଲାସଗୋ ବିଶ୍ୱ ଚାମ୍ପିୟନ ନୋଜୋମି ଓକୁହାରାଙ୍କୁ ୨୧-୧୫, ୨୧-୧୦ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ସେହିପରି ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ବିଶ୍ୱ ୩ ନମ୍ବର ଖେଳାଳି ପି.ଭି. ସିନ୍ଧୁ ୧୨ ନମ୍ବର ଖେଳାଳି ଥାଇଲାଣ୍ଡର ଜିଣ୍ଡାପୋଲ ନିଚାଅନଙ୍କୁ ୨୧-୧୧, ୧୬- ୨୧, ୨୧-୧୪ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମେ ଗେମ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ତେବେ ଦ୍ୱିତୀୟ ଗେମ୍‌କୁ ସିନ୍ଧୁ ଆପେକ୍ଷାକୃତ ସହଜରେ ହାତେଇ ନେଇଥିଲେ। ଅଲିମ୍ପିକ୍ସ ତଥା ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜୟିନୀ ସିନ୍ଧୁ ଓ ସାଇନାଙ୍କ ଯଦି ସେମିଫାଇନାଲରେ ବିଜୟୀ ହୁଅନ୍ତି ତେବେ ଫାଇନାଲକୁ ଉଠିବେ। ଫଳରେ ଭାରତକୁ ମହିଳା ସିଙ୍ଗଲ୍ସରେ ଉଭୟ ଐତିହାସିକ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ମିଳିବା ନିଶ୍ଚିତ ହେବ।



ରବିବାର ମହିଳା ୧୦୦ ମିଟର ଫାଇନାଲ ଅବସରରେ ଓଡ଼ିଆ ସ୍ପ୍ରିଣ୍ଟର ଦ୍ୟୁତୀ ଚାନ୍ଦ (ବ୍ଲୁ ଜର୍ସି)।

## କ୍ୱାର୍ଟରରେ ସର୍ଜୁବାଲା

ଜାକର୍ତ୍ତା, ୨୬।୮ (ପି.ଟି.)

ଏସିଆନ ଗେମ୍ସ ବକ୍ସିଂ ପ୍ରତିଯୋଗିତାରେ ପୂର୍ବତନ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜୟିନୀ ଭାରତୀୟ ମହିଳା ବକ୍ସର ସର୍ଜୁବାଲା ଦେବୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ଅଭିଜ୍ଞ ପୁରୁଷ ବକ୍ସର ମନୋଜ କୁମାର ବିଦାୟ ନେଇଛନ୍ତି। ରବିବାର ସର୍ଜୁବାଲା ଫ୍ଲାଏୱେଟ୍ ୫୧ କେ.ଜି. ବର୍ଗ ପ୍ରତିଯୋଗିତାରେ ତାଜିକିସ୍ତାନର ମାଡିନା ଘାଫୋରୋଭାଙ୍କୁ ଏକ ବାଉଟରେ ୫-୦ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ମନୋଜ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ କିରଗିଜ୍‌ସ୍ତାନର ଅବଦୁଦଖମାନ ଅବଦୁରଖମାନୋଭଙ୍କଠାରୁ ୬୯ କେ.ଜି. ବର୍ଗରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ମଣିପୁରର ଏହି ଜାତୀୟ ଚାମ୍ପିୟନ ମହିଳା ବକ୍ସର ସର୍ଜୁବାଲା ଏହି ବାଉଟକୁ ହାତେଇବା ପାଇଁ ବେଶ୍ ସଂଘର୍ଷ କରିଥିଲେ। ପ୍ରଥମ ୩ ମିନିଟରେ ସେ ଝଟ୍‌କା ଖାଇଥିଲେ ମଧ୍ୟ ପରବର୍ତ୍ତୀ ୨ ମିନିଟରେ ସେ ଦୃଢ ଭାବେ ପ୍ରତ୍ୟାବର୍ତ୍ତନ କରିଥିଲେ। କିନ୍ତୁ ମନୋଜ କୁମାର ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ମନୋଜଙ୍କ ପଞ୍ଚରେ ସେତେଟା ପାୱାର ନ ଥିଲା। କିରିଗିଜ୍ ବକ୍ସର ଆଧିପତ୍ୟ ବିସ୍ତାର କରି ଶେଷରେ ବାଜି ମାରିବାରେ ସଫଳ ହୋଇଥିଲେ।

# ପୁରୁଷ ହକି ସେମିରେ ଭାରତ

ଜାକର୍ତ୍ତା, ୨୬।୮ (ପି.ଟି.)

ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ପୁରୁଷ ହକି ଦଳ ସମ୍ମାନଜନକ ଏସିଆନ ଗେମ୍ସ ଅଷ୍ଟାଦଶ ସଂସ୍କରଣର ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ରବିବାର ଅନୁଷ୍ଠିତ ଏକ ପୁଲ୍ ମ୍ୟାଚ୍‌ରେ ଭାରତ ୫-୩ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରି ଏହି ସଫଳତା ପାଇଛି। ବିଜୟୀ ଭାରତୀ ପକ୍ଷରୁ ରୂପିନ୍ଦର ପାଲ ସିଂ ମ୍ୟାଚ୍‌ର ପ୍ରଥମ ମିନିଟ୍‌ରେ ଗୋଲସ୍କୋର କରି ଦଳ ପାଇଁ ଖାତା ଖୋଲିଥିଲେ। ଏହାପରେ ଚିଙ୍ଗଲେନସାନ ସିଂ (୪ର୍ଥ ମିନିଟ୍), ଲଳିତ ଉପାଧ୍ୟାୟ (୧୫ତମ), ମନପ୍ରୀତ୍ ସିଂ (୪୯ତମ) ଓ ଆକାଶଦୀପ୍ ସିଂ (୫୫ତମ) ଗୋଲସ୍କୋର କରିଥିଲେ। ଅପରପକ୍ଷରେ ମନଜାଏ ଜଙ୍ଗ୍ (୩୩ ଓ ୩୫ତମ) ଏବଂ ଜଙ୍ଗହ୍ୟୁନ ଜଙ୍ଗ୍ (୫୯ତମ) ଦକ୍ଷିଣ କୋରିଆ ପାଇଁ ଗୋଲ କରିଥିଲେ। ମ୍ୟାଚ୍‌ରେ ଭାରତ ପ୍ରଥମାର୍ଦ୍ଧରେ ୩ଟି ଏବଂ ଦ୍ୱିତୀୟାର୍ଦ୍ଧରେ ୨ଟି ଗୋଲ କରିଥିଲା। ସେହିଭଳି ଦକ୍ଷିଣ କୋରିଆ ଦ୍ୱିତୀୟାର୍ଦ୍ଧରେ ୩ଟି ଗୋଲ ଶୁଝାଇବାରେ ସମର୍ଥ ହୋଇଥିଲା। ଚତୁର୍ଥ ବିଜୟ ସହ ମୋଟ୍ ୧୨ ପଏଣ୍ଟ ପାଇ ଭାରତ ପୁଲ୍-ଏ'ରେ ଶୀର୍ଷ ସ୍ଥାନରେ ରହିଛି।

## ସୋମବାର କାର୍ଯ୍ୟସୂଚୀ

**ଆଥଲେଟିକ୍ସ**

ମହିଳା ଲଙ୍ଗଜମ୍ପ (ଫାଇନାଲ): ନୀନା ଭାରାକିଲ, ଜେମ୍ସ ନୟନା (ସନ୍ଧ୍ୟା ୫ଟା ୧୦)।

ପୁରୁଷ ଜାଭେଲିନ୍ ଥ୍ରୋ (ଫାଇନାଲ): ନୀରଜ ଚୋପ୍ରା, ଶିବପାଲ ସିଂ ( ସନ୍ଧ୍ୟା ୫ଟା ୧୫)।

ମହିଳା ୪୦୦ମିଟର ହର୍ଡଲ୍ସ (ଫାଇନାଲ): ଜଉନା ମୁର୍ମୁ, ଅନୁ ରାଘବନ (ସନ୍ଧ୍ୟା ୫ଟା ୧୫)।

ପୁରୁଷ ୪୦୦ ମିଟର ହର୍ଡଲ୍ସ (ଫାଇନାଲ): ଧାରୁନ୍ ଆୟାସାମି, ସନ୍ତୋଷ କୁମାର ତାମିଲାରାସନ (ସନ୍ଧ୍ୟା ୫ଟା୩୦)।

ପୁରୁଷ ହାଇଜମ୍ପ (ଫାଇନାଲ): ଚେତନ ବାଲସୁବ୍ରମନ୍ୟମ (ସନ୍ଧ୍ୟା ୫ଟା ୩୦)।

ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍ (ଫାଇନାଲ): ସୁଦ୍ଧା ସିଂ, ଚିନ୍ତା (ସନ୍ଧ୍ୟା ୫ଟା ୪୫)।

ପୁରୁଷ ୮୦୦ ମିଟର କ୍ୱାଲିଫିକେଶନ: ଜିନସନ ଜନସନ, ମନଜିତ୍ ସିଂ (ସନ୍ଧ୍ୟା ୬ଟା ୩୫)।

**ବ୍ୟାଡ୍‌ମିଣ୍ଟନ**

(ପୂର୍ବାହ୍ନ ୧୦ଟା ୩୦ରୁ)

ମହିଳା ସିଙ୍ଗଲ୍ସ ସେମିଫାଇନାଲ : ସାଇନା ନେହ୍ୱାଲ ବନାମ ତିଜୁଇଙ୍ଗ ତାଇ (ଚାଇନିଜ ତାଇପେ)। ପିଭି ସିନ୍ଧୁ ବନାମ ଆକାନେ ୟାମାଗୁଚି (ଜାପାନ)।

**ହକି**

ମହିଳା ପୁଲ୍ ବି': ଭାରତ ବନାମ ଥାଇଲାଣ୍ଡ (ଅପରାହ୍ନ ୧୨ଟା ୩୦)।

**ଭଲିବଲ୍**

ମହିଳା ଟିମ୍ ପୁଲ୍ ବି' ମ୍ୟାଚ: ଭାରତ ବନାମ ଚାଇନା ( ପୂର୍ବାହ୍ନ ୧୧ଟା)।

# ୪୦୦ ମି. ହର୍ଡଲ୍ସ ଫାଇନାଲରେ ଜଉନା



୪୦୦ ମିଟର ମହିଳା ହର୍ଡଲ୍ସ ସେମିଫାଇନାଲ ଅବସରରେ ଓଡ଼ିଶାର ଜଉନା ମୁର୍ମୁ।

ଜାକର୍ତ୍ତା, ୨୬।୮ (ପି.ଟି.)

ଏସିଆନ୍ ଗେମ୍ସର ଅଷ୍ଟମ ଦିବସରେ ତାରକା ଓଡ଼ିଆ ମହିଳା ଆଥଲେଟ ଜଉନା ମୁର୍ମୁ ଦମ୍‌ଦାର ପ୍ରଦର୍ଶନ କରି ୪୦୦ ମିଟର ହର୍ଡଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ହିଟ୍ ୩ରେ ଜଉନା ୫୯. ୨୦ ସେକେଣ୍ଡ ସମୟ ନେଇ ଫାଇନାଲକୁ ଉଠିଛନ୍ତି। ସେହିପରି କେରଳର ୨୫ ବର୍ଷୀୟା ଆଥଲେଟ ଅନୁ ରାଘବନ ମଧ୍ୟ ୫୬. ୭୭ ସେକେଣ୍ଡ ସମୟ ନେଇ ହିଟ ୨ରେ ମୋଟ ଉପରେ ତୃତୀୟ ସ୍ଥାନରେ ରହି ଏହି ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏସିଆନ୍ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜୟିନୀ ଅନୁ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ଭୁବନେଶ୍ୱରରେ ଅନୁଷ୍ଠିତ ଏସିଆନ ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ଅନୁ ରୌପ୍ୟ ପଦକ ହାସଲ କରିଥିଲେ।

ଏହି ଇଭେଣ୍ଟରେ ବାହାରିନର ଓଲୁୱାକେମି ଆଡେକୋୟା ୫୪. ୮୭ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହିଥିଲେ। ତାଙ୍କ ପଛକୁ ରହିଥିଲେ ଭିଏତନାମ୍‌ର କ୍ୱାଚ୍ ଥି ଲାନ। ପଦକ ଜିତିବାକୁ ହେଲେ ଜଉନାଙ୍କୁ ଫାଇନାଲରେ ଟାଇମିଂରେ ଆହୁରି ଉନ୍ନତି ଆଣିବାକୁ ହେବ।

# ଓଭର୍‌ଅଲ୍ ଶୁଟିଂରେ ଭାରତକୁ ୩ୟ ସ୍ଥାନ

ପାଲେମବାଙ୍ଗ, ୨୬।୮ (ପି.ଟି.)

ସ୍କିଟ୍ ଶୁଟିଂରେ ରବିବାର ଭାରତର ୪ଜଣ ଶୁଟର୍ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛନ୍ତି। ଫଳରେ ସ୍କିଟ୍ ଶୁଟିଂରେ ଭାରତର ଅଭିଯାନ ନୈରାଶଜନକ ଭାବେ ସମାପ୍ତ ହୋଇଛି। ଶିରାଜ ଶୈଖ ଓ ଅନଗଦ୍ ବୀର ସିଂ ବାଜୱା ଯୋଗ୍ୟତା ପର୍ଯ୍ୟାୟରେ ଯଥାକ୍ରମେ ୧୨୦ ଓ ୧୧୯ ପଏଣ୍ଟ ସ୍କୋର କରିଥିଲେ। ଶିରାଜ ତ୍ରୟୋଦଶ ଓ ଅନଗଦ୍ ୧୪ତମ ସ୍ଥାନରେ ରହି ଫାଇନାଲକୁ ପ୍ରବେଶ କରିବାରୁ ବଞ୍ଚିତ ହୋଇଥିଲେ। କୁଏତ୍‌ର ମନସୁର୍ ଅଲ୍‌ରଶିଦିଙ୍କୁ ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ମିଳିଥିଲା। ଅପରପକ୍ଷରେ ମହିଳା ସ୍କିଟ୍‌ରେ ଗଣିମତ୍ ଶେଖୋନ ଓ ରଶ୍ମି ରାଥୋର ୧୦ମ ଓ ଦ୍ୱାଦଶ ସ୍ଥାନ ହାସଲ କରି ଫାଇନାଲ (ଟପ୍-୬)କୁ ଟିକେଟ୍ ହାସଲ କରିବାରେ ବିଫଳ ହୋଇଥିଲେ। ଥାଇଲାଣ୍ଡର ସୁତିୟା ଜିୱେଚାଲୋଏମିଟ୍‌ଙ୍କୁ ଏଥିରେ ସ୍ୱର୍ଣ୍ଣ ପଦକ ମିଳିଥିଲା। ପୂର୍ବରୁ ଦୁଇ ଯୁବ ଶୁଟର୍ ଲକ୍ଷ୍ୟ ଶେଅରନ ଓ ଶାର୍ଦ୍ଦୁଳ ଭିହାନ ଶଟ୍‌ଗନ ଇଭେଣ୍ଟ (ଟ୍ରାପ୍ ଏବଂ ଡବଲ୍ ଟ୍ରାପ୍)ରେ ଭାରତ ପାଇଁ ଦୁଇଟି ରୌପ୍ୟ ପଦକ ଜିତିଥିଲେ।

ଶୁଟିଂର ଶେଷ ଦୁଇ ଦିନରେ ଭାରତ ପଦକ ଶୂନ୍ୟ ରହିଥିଲେ ମଧ୍ୟ ଓଭର୍‌ଅଲ୍ ଶୁଟିଂରେ ଉନ୍ନତ ପ୍ରଦର୍ଶନ କରିଛି। ଦୁଇଟି ସ୍ୱର୍ଣ୍ଣ ପଦକ ସହ ମୋଟ୍ ୯ଟି ପଦକ ହାସଲ କରି ଶୁଟିଂ ପଦକ ତାଲିକାରେ ୩ୟ ସ୍ଥାନରେ ରହିଛି। ଚାଇନା ଶୁଟିଂରେ ମୋଟ୍ ୧୫ (୮ ସ୍ୱର୍ଣ୍ଣ) ଓ ଦକ୍ଷିଣ କୋରିଆ ୧୨ (୩ ସ୍ୱର୍ଣ୍ଣ)ଟି ପଦକ ଜିତି ଯଥାକ୍ରମେ ତାଲିକାର ପ୍ରଥମ ଓ ୨ୟ ସ୍ଥାନରେ ରହିଛନ୍ତି। ଗତ ସଂସ୍କରଣ ତୁଳନାରେ ଭାରତ ଏଥର ଶୁଟିଂରେ ଉନ୍ନତ ପ୍ରଦର୍ଶନ କରିଛି। ଚାରି ବର୍ଷ ପର୍ବେ ଭାରତ ଗୋଟିଏ ସ୍ୱର୍ଣ୍ଣ (ଜିତୁ ରାଇ) ସହ ମୋଟ୍ ୯ଟି ପଦକ ଜିତି ୮ମ ସ୍ଥାନରେ ଅଭିଯାନ ଶେଷ କରିଥିଲା। ଚଳିତ ଏସିଆନ ଗେମ୍ସରେ ୧୬ ବର୍ଷୀୟ ପିସ୍ତଲ ଶୁଟର ସୌରଭ ଚୌଧୁରୀ ଓ ରାହି ସ୍ୱର୍ନୋବତ୍ ସ୍ୱର୍ଣ୍ଣ ପଦକ ଜିତିବା ଉଲ୍ଲେଖନୀୟ ଘଟଣା ରହିଥିଲା। ଏସିଆନ ଗେମ୍ସ ସମାପ୍ତ ନହେଉଣୁ ଅଧିକାଂଶ ଭାରତୀୟ ଶୁଟର୍ ଦକ୍ଷିଣ କୋରିଆର ଚାଙ୍ଗୱନ ଅଭିମୁଖେ ଗସ୍ତ କରିଛନ୍ତି।

## ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୭୮ | ୫୯ | ୩୭ | ୧୭୪ |
| ଜାପାନ | ୪୦ | ୩୪ | ୪୮ | ୧୨୨ |
| ଦକ୍ଷିଣ କୋରିଆ | ୨୭ | ୩୦ | ୩୭ | ୯୪ |
| ଇରାନ | ୧୪ | ୧୪ | ୧୨ | ୪୦ |
| ଇଣ୍ଡୋନେସିଆ | ୧୨ | ୧୩ | ୨୫ | ୫୦ |
| ଉତ୍ତର କୋରିଆ | ୧୧ | ୫ | ୭ | ୨୩ |
| ଥାଇଲାଣ୍ଡ | ୯ | ୯ | ୩୧ | ୪୯ |
| ଚାଇନିଜ୍ ତାଇପେ | ୮ | ୧୧ | ୧୪ | ୩୩ |
| ଭାରତ | ୭ | ୧୦ | ୧୯ | ୩୬ |
| ଉଜବେକିସ୍ତାନ | ୬ | ୧୧ | ୧୧ | ୨୮ |

# ହର୍ସ ରାଇଡିଂରେ ଭାରତକୁ ୨ ରୌପ୍ୟ

ଜାକର୍ତ୍ତା, ୨୬।୮ (ପି.ଟି.)

ଚଳିତ ଏସିଆନ ଗେମ୍ସରେ ରବିବାର ଭାରତ ଘୋଡାସବାର ବା ଇକ୍ୱେଷ୍ଟ୍ରିଆନ ଇଭେଣ୍ଟରେ ଦୁଇଟି ରୌପ୍ୟ ପଦକ ହାସଲ କରିଛି। ଭାରତର ଫୌଆଦ ମିର୍ଜା ବ୍ୟକ୍ତିଗତ ଜମ୍ପିଂ ଇଭେଣ୍ଟରେ ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିବା ସହ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ସେ ଟିମ୍ କମ୍ପିଟିଶନରେ ମଧ୍ୟ ଅନ୍ୟ ସାଥୀ ଖେଳାଳିଙ୍କ ସହ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି।

ବ୍ୟକ୍ତିଗତ ଜମ୍ପିଂରେ ମିର୍ଜା ୨୬. ୪୦ ସ୍କୋର କରି ରୌପ୍ୟ ପଦକ ଜିତିଥିବା ବେଳେ ଜାପାନର ଓଇୱା ୟୋଶିଆକି ୨୨. ୭୦ ସ୍କୋର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚାଇନାର ହୁଆ ଟିଆନ ଆଲେକ୍ସ ୨୭.୧୦ ସ୍କୋର କରି ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ସେହିପରି ରାକେଶ କୁମାର, ଆଶିଷ ମଲିକ, ଜିତେନ୍ଦର ସିଂ ଓ ମିର୍ଜାଙ୍କୁ ନେଇ ଗଠିତ ଭାରତୀୟ ଦଳ ଟିମ୍ ଇଭେଣ୍ଟରେ ୧୨୧. ୩୦ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ହାସଲ କରିଛନ୍ତି। ଜାପାନ ୮୨. ୪୦ ସ୍କୋର କରି ଏହି ଇଭେଣ୍ଟରେ ଶୀର୍ଷରେ ରହିବା ସହ ସ୍ୱର୍ଣ୍ଣ ପଦକ ଜିତିଛି। ଅନ୍ୟପଟେ ଥାଇଲାଣ୍ଡ ଟିମ୍ ୧୨୬. ୭୦ ସ୍କୋର କରି ତୃତୀୟ ସ୍ଥାନରେ ରହିବା ସହ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛି।




ଭାରତର ଫୌଆଦ ମିର୍ଜା ବ୍ୟକ୍ତିଗତ ଜମ୍ପିଂ ଇଭେଣ୍ଟରେ।

## ହ୍ୟାଣ୍ଡବଲ୍‌ରେ ଭାରତୀୟ ପୁରୁଷ ଦଳ ହାରିଲା

ଜାକର୍ତ୍ତା, ୨୬।୮ (ପି.ଟି.)

ଏସିଆନ୍ ଗେମ୍ସ ହ୍ୟାଣ୍ଡବଲ ଇଭେଣ୍ଟରେ ଭାରତୀୟ ପୁରୁଷ ଦଳ ଗ୍ରୁପ୍ ୩ ମ୍ୟାଚ୍‌ରେ ପରାସ୍ତ ହୋଇଛି। ରବିବାର ଭାରତ ଚାଇନିଜ ତାଇପେଠାରୁ ପରାସ୍ତ ହୋଇ ଅଳ୍ପକେ ବିଜୟ ହାତଛଡ଼ା କରିଛି। ଏହା ପୂର୍ବରୁ ଭାରତ ମାଲେସିଆ ଓ ପାକିସ୍ତାନକୁ ଗ୍ରୁପ୍ ୩ରେ ପରାସ୍ତ କରିଥିଲା। ତେବେ ଭାରତ ତାଇପେଠାରୁ ୩୧- ୩୫ରେ ପରାସ୍ତ ହୋଇଛି। ଭାରତ ତରଫରୁ ଦେବିନ୍ଦର ସିଂ ୧୦ ପଏଣ୍ଟ ହାସଲ କରି ସର୍ବାଧିକ ସ୍କୋର କରିଥିଲେ। ଭାରତ ଏବେ ତା'ର ଅନ୍ତିମ ଗ୍ରୁପ୍ ମ୍ୟାଚରେ ଆୟୋଜକ ଇଣ୍ଡୋନେସିଆକୁ ବୁଧବାର ଭେଟିବ।

"ବର୍ତ୍ତମାନର ଭାରତୀୟ ପେସ୍ ବାହିନୀକୁ ନୂଆରୂପ ଦେବାରେ ଡନ୍‌କାନ ଫ୍ଲେଚରଙ୍କ ବିଶେଷ ଭୂମିକା ରହିଛି ।
–ନିକ୍ କମ୍ପଟନ, ପୂର୍ବତନ ଇଂଲଣ୍ଡ ଓପନର



"ଭାରତର ଉଦୀୟମାନ ଯୁବ ଶୁଟରମାନଙ୍କୁ ଉଭୟ ରାଜନୀତି ଓ ଅର୍ଥ ପ୍ରଲୋଭନରୁ ଦୂରେଇ ରଖିବା ଉଚିତ୍ ।
–ଯଶପାଲ ରାଣା, ଜାତୀୟ ଶୁଟିଂ କୋଚ୍



## ସଂକ୍ଷେପରେ

### ଦୂତୀଙ୍କୁ ଓଏଏ ପକ୍ଷରୁ ଆର୍ଥିକ ପୁରସ୍କାର ରାଶି ଘୋଷଣା

କଟକ ଅଫିସ,୨୬।୮- ଜାକାର୍ତ୍ତା ଠାରେ ଚାଲିଥିବା ଏସିଆନ ଗେମ୍ସର ୧୦୦ମିଟର ମହିଳା ଦୌଡ଼ରେ ରୌପ୍ୟ ପଦକ ଜିତିଥିବା ଓଡ଼ିଆ ପ୍ରତିଭା ଦୂତୀ ଚାନ୍ଦଙ୍କୁ ଆର୍ଥିକ ପୁରସ୍କାର ଦେବ ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ(ଓଏଏ) । ଓଏଏ ପକ୍ଷରୁ ୫୦ହଜାର ଟଙ୍କା ପୁରସ୍କାର ସ୍ୱରୂପ ଦିଆଯିବ ବୋଲି ସମ୍ପାଦକ ଆର୍ଶୀବାଦ ବେହେରା ଘୋଷଣା କରିଛନ୍ତି । ଦୂତୀ ୧୧.୩୨ ସେକେଣ୍ଡରେ ଲକ୍ଷ୍ୟ ଅତିକ୍ରମ କରି ଏହି ସଫଳତା ପାଇଛନ୍ତି ।

### ଫାଓ ଲିଗ୍: କ୍ଲବ ଏନ୍ କ୍ଲବ, ସନ୍‌ରାଇଜ ବିଜୟୀ

କଟକ ଅଫିସ,୨୬।୮- ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍ ଚଳିତ ସଂସ୍କରଣରେ ୨ଟି ମ୍ୟାଚ୍ ଖେଳାଯାଇଛି । ଏଥିରେ କ୍ଲବ ଏନ୍ କ୍ଲବ ଓ ସନ୍‌ରାଇଜ୍ କ୍ଲବ ବିଜୟୀ ହୋଇଛନ୍ତି । କ୍ଲବ ଏନ୍ କ୍ଲବ ୬-୦ ଗୋଲରେ ୱାଇଭିସିଜିକୁ ହରାଇଥିଲା । କ୍ଲବ ଏନ୍ କ୍ଲବ ପକ୍ଷରୁ ଅବିନାଶ ନାୟକ ୩ୟ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରିଥିବା ବେଳେ ଉମେଶ ଭୁଏ ୪ର୍ଥ ଓ ୩୪ତମ ମିନିଟ୍‌ରେ, ପ୍ରେମରାଜ ପ୍ରଧାନ ୮ମ, ୩୧ତମ ୨ଟି ଲେଖାଏ ଗୋଲ ଦେଇଥିଲେ । ସମୀର ପ୍ରଧାନ ୬୮ତମ ମିନିଟ୍‌ରେ ଗୋଟିଏ ଗୋଲ ଦେଇଥିଲେ । ସନ୍‌ରାଇଜ୍ ୫-୦ ଗୋଲରେ ବିଡ଼ାନାସୀକୁ ପରାସ୍ତ କରିଥିଲା । ସନ୍‌ରାଇଜ୍ ପକ୍ଷରୁ ଜନ୍ସ ଖେସ୍ ୪ର୍ଥ ମିନିଟ୍‌ରେ, ଗୁରୁପ୍ରୀତ ସିଂ ୧୦ମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ମହମ୍ମଦ ଫାୟାଜ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ । ଫାୟାଜ ୧୭ତମ, ୩୩ତମ, ୭୪ତମ ମିନିଟ୍‌ରେ ଫାୟାଜ ଏହି ୩ଟି ଗୋଲ ଦେଇଥିଲେ ।

### ଉଷା ରାଣୀଙ୍କୁ ସବ୍-ଇନସ୍ପେକ୍ଟର ପଦୋନ୍ନତି

ବେଙ୍ଗାଲୁରୁ,୨୬।୮(ପି.ଟି.)- ଚଳିତ ଏସିଆନ୍ ଗେମ୍ସରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ମହିଳା କବାଡ଼ି ଦଳର ସଦସ୍ୟା ଉଷା ରାଣୀଙ୍କ ପଦୋନ୍ନତି ହେବ। ୨୯ ବର୍ଷୀୟ କବାଡ଼ି ଖେଳାଳି ବର୍ତ୍ତମାନ ଡୋଡାବଲାପୁରା ପୋଲିସ ଷ୍ଟେଶନରେ କନଷ୍ଟେବଳ ଭାବେ କାର୍ଯ୍ୟରତ ଅଛନ୍ତି। ଆଗାମୀ ଦିନରେ ତାଙ୍କୁ ସବ୍ ଇନ୍‌ସ୍ପେକ୍ଟର ପାହ୍ୟା ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତାଠାରେ ଚାଲିଥିବା ଇଭେଣ୍ଟରେ ସଫଳ ପ୍ରଦର୍ଶନ କରିଥିବା ଉଷା ରବିବାର ଘରକୁ ଫେରିଛନ୍ତି। ସେ କେମ୍ପେଗୋଡା ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କ ପରିବାରବର୍ଗଙ୍କ ବ୍ୟତୀତ କବାଡ଼ି ଆସୋସିଏଶନ ସଦସ୍ୟ ଓ ସାଙ୍ଗମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି। ''ଏସିଆନ୍ ଗେମ୍ସରେ ରୌପ୍ୟ ପଦକ ଜିତିଥିବାରୁ ମୁଁ ବହୁତ ଖୁସି। ଚଳିତ ସଂସ୍କରଣରେ ଏସିଆନ୍ ଗେମ୍ସ ଖେଳି ମୋ ସ୍ୱପ୍ନ ପୂରା କରିଛି। ଗତ ଥର ମୁଁ ଦଳରୁ ବାଦ୍ ପଡ଼ିଥିଲି। କିନ୍ତୁ ଚଳିତ ଥର ସଫଳ ପ୍ରଦର୍ଶନ ଯୋଗୁ ମୋତେ ସବ୍-ଇନ୍‌ସ୍ପେକ୍ଟର ପାହ୍ୟାକୁ ପଦୋନ୍ନତି ମିଳବ''ବୋଲି ଉଷା କହିଛନ୍ତି।

# ଇଣ୍ଡିଆ ରେଡ୍‌କୁ ୩ ପଏଣ୍ଟ

**ଡିଣ୍ଡିଗୁଲ୍ (ତାମିଲନାଡୁ), ୨୬।୮ (ପି.ଟି.)**

ସ୍ଥାନୀୟ ଏନ୍‌ପିଆର କଲେଜରେ ଇଣ୍ଡିଆ ରେଡ୍ ଓ ଇଣ୍ଡିଆ ବ୍ଲୁ ମଧ୍ୟରେ ଅନୁଷ୍ଠିତ ଦୁଲିପ ଟ୍ରଫି କ୍ରିକେଟ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ନାଟକୀୟ ଡ୍ର ଭାବେ ଶେଷ ହୋଇଛି। ରବିବାର ଥିଲା ମ୍ୟାଚର ଅନ୍ତିମ ଦିବସ। ଚତୁର୍ଥ ତଥା ଅନ୍ତିମ ଦିବସରେ ଇଣ୍ଡିଆ ବ୍ଲୁକୁ ଦୁଇଟି ସେସନ ୨୭୯ ରନର ବିଜୟ ଲକ୍ଷ୍ୟ ଚେଜ୍ କରିବାକୁ ହୋଇଥିଲା। ଏହା ସହଜ ସାଧ୍ୟ ନ ଥିଲା। ଶାହବାଜ ନଦିମ (୫/୫୩) ଓ ପରଭେଜ ରସୁଲ (୩/୫୯) ଚମତ୍କାର ବୋଲିଂ କରି ଇଣ୍ଡିଆ ବ୍ଲୁ କ୍ୟାମ୍ପରେ ଆତଙ୍କ ସୃଷ୍ଟି କରିଥିଲେହେଁ ଇଣ୍ଡିଆ ରେଡ୍‌କୁ ବିଜୟୀ କରାଇବାରେ ସମର୍ଥ ହୋଇ ନ ଥିଲେ। ବିଜୟ ଲକ୍ଷ୍ୟ ଚେଜ୍ ବେଳେ ଇଣ୍ଡିଆ ବ୍ଲୁର ଆରମ୍ଭ ଉତ୍ସାହଜନକ ଥିଲା। ଅଧିନାୟକ ଫୈଜ ଫଜଲ (୩୯) ଓ ଧ୍ରୁବ ଶୋରେ (୪୫) ପ୍ରଥମ ଉଇକେଟରେ ୭୬ ରନ ଯୋଗ କରିଥିଲେ। ପରେ ନଦିମ ଓ ରସୁଲ ଚମତ୍କାର ବୋଲିଂ କରି ଦଳର ବ୍ୟାଟିଂ



ପରଭେଜ ରସୁଲ।

ବିପର୍ଯ୍ୟୟ ଘଟାଇଥିଲେ। କିନ୍ତୁ ଇଣ୍ଡିଆ ବ୍ଲୁକୁ ଅଲ ଆଉଟ ହୋଇ ପାରି ନ ଥିଲା। ଇଣ୍ଡିଆ ବ୍ଲୁ ୮ ଉଇକେଟ ବିନିମୟରେ ୧୨୮ ରନ କରିପାରିଥିଲା। ଫଜଲ, ସୋରେ ଏବଂ ପରେ ବନ୍ଦାରୁ ଆୟାପ୍ପାଙ୍କ ଅପରାଜିତ ୧୫ ରନ ବ୍ୟତୀତ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ସ୍ପର୍ଶ କରିପାରି ନ ଥିଲେ। ପୂର୍ବରୁ ଇଣ୍ଡିଆ ରେଡ୍ ଏହାର ଦ୍ୱିତୀୟ ଇନିଂସ ଅସମାପ୍ତ ସ୍କୋର ୧୫୬/୩ରୁ ଖେଳ ଆରମ୍ଭ କରି ୨୫୫ ସ୍କୋରରେ ଅଲଆଉଟ ହୋଇଯାଇଥିଲା। ମ୍ୟାଚ ଅମିମାଂସିତ ଭାବେ ଶେଷ ହେବାରୁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଇଣ୍ଡିଆ ରେଡ୍ ୩ ପଏଣ୍ଟ ଅର୍ଜନ କରିଥିବାବେଳେ ଇଣ୍ଡିଆ ବ୍ଲୁ ଗୋଟିଏ ପଏଣ୍ଟ ପାଇଥିଲେ।

ସଂକ୍ଷିପ୍ତ ସ୍କୋର

**ଇଣ୍ଡିଆ ରେଡ୍ ପ୍ରଥମ ଇନିଂସ:** ୩୧୬ (ସିଦ୍ଧେସ ଲାଡ୍-୮୮ ; ସୌରଭ କୁମାର-୩/୭୫, ଅକ୍ଷୟ ୱାଖାରେ-୩/୭୬)।

**ଇଣ୍ଡିଆ ବ୍ଲୁ ପ୍ରଥମ ଇନିଂସ:** ୨୯୩ (ଧ୍ରୁବ ସୋରେ-୯୭ ; ପରଭେଜ ରସୁଲ-୪/୧୦୭)।

**ଇଣ୍ଡିଆ ରେଡ୍ ଦ୍ୱିତୀୟ ଇନିଂସ:** ୨୫୫ (ସିଦ୍ଧେସ ଲାଡ୍-୬୮ ; ସୌରଭ କୁମାର-୪/୪୭)।

**ଇଣ୍ଡିଆ ବ୍ଲୁ ଦ୍ୱିତୀୟ ଇନିଂସ:** ୧୨୮/୮ (ଧ୍ରୁବ ଶୋରେ-୪୫, ଫୈଜ ଫଜଲ ୩୯ ; ଶାହବାଜ ନଦିମ-୫/୫୩, ପରଭେଜ ରସୁଲ-୩/୫୯)।

# ପଲକ, ପ୍ରିୟାଂଶ ଚାମ୍ପିୟନ

**ଭୁବନେଶ୍ୱର, ୨୬।୮(କ୍ରୀଡ଼ା ପ୍ରତିନିଧି)**

**ରାଜ୍ୟ ୯ ବର୍ଷରୁ କମ୍ ଚେସ୍**

ଢେଙ୍କାନାଳରେ ରାଜ୍ୟ ୯ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଢେଙ୍କାନାଳ ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାର ବାଳିକା ବିଭାଗରେ ପଲକ ମହାପାତ୍ର ଓ ବାଳକରେ ପ୍ରିୟାଂଶ ଦାସ ଚାମ୍ପିୟନ ହୋଇଛନ୍ତି। କଟକର ପଲକ ୬.୫ ପଏଣ୍ଟ ସହିତ ପ୍ରଥମସ୍ଥାନ ଅଧିକାର କରିଥିବାବେଳେ ଆରୁଷୀ ଶ୍ରୀଚନ୍ଦନ ଓ ଅଂଶିକା ପାଣ୍ଡେ ୬ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ରନର୍ସଅପ୍ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଙ୍କିତା ସାହୁ, ଜୟଶ୍ରୀ ବାରିକ, ସ୍ନେହଯୁକ୍ତା ବେହେରା, ଦୃଷ୍ଟି ପ୍ରଧାନ, ଜୟଲକ୍ଷ୍ମୀ ସାହୁ, ଋତୁପର୍ଣ୍ଣା ତ୍ରିପାଠୀ ଓ ସାଇ ସମ୍ପଦା ମହାନ୍ତି ଟପ୍-୧୦ ଫିନିଶ୍ କରିଛନ୍ତି। ବାଳକ ବିଭାଗରେ ଯାଜପୁରର ଦୁଇ ଭାଇ ପ୍ରିୟାଂଶ ଓ ଶ୍ରୀୟାଂଶ ଦାସ ୬.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଚାମ୍ପିୟନ ଓ ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀୟାଂଶ ଦେ, ହୃଷିକେଶ ପଣ୍ଡା, ଆର୍ଯ୍ୟନ ମହାପାତ୍ର, ପ୍ରତ୍ୟୁଷ ନାୟକ, ତୀର୍ଥଙ୍କର ତ୍ରିବେଦୀ, ଜ୍ୟୋତି ଜୀବନ, ବିକାଶ କୁମାର ଲେଙ୍କା, ଶିୟମ ସତ୍ୟାଂଶ ଯଥାକ୍ରମେ ୩ୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ମୁଖ୍ୟ ପୁରସ୍କାର ବ୍ୟତୀତ ଉଭୟ ବିଭାଗର ୬ ଓ ୭ ବର୍ଷରୁ କମ୍ ବର୍ଗର ଶ୍ରେଷ୍ଠ ୨ ଜଣଙ୍କୁ ଏବଂ ସ୍ଥାନୀୟ ୩ ଜଣ ଲେଖାଏ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ କୃଷ୍ଣ କୁମାର ଶର୍ମା ଉପସଭାପତି ରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ଜି.ସି. ମହାପାତ୍ର, ଢେଙ୍କାନାଳ ଜିଲା ଚେସ୍ ଆସୋସିଏଶନ କାର୍ଯ୍ୟକାରୀ ସଭାପତି ବିରଞ୍ଚି ପାଣି, ସମ୍ପାଦକ ଦେବବ୍ରତ ଭଞ୍ଜ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ରାଇଡର କପ୍ ପାଇଁ କଡ଼ା ସୁରକ୍ଷା

**ପାରାମସ୍ (ଯୁକ୍ତରାଷ୍ଟ୍ର ଆମେରିକା), ୨୬।୮ (ଏଏଫ୍‌ପି)**

ଫ୍ରାନ୍ସରେ ଆସନ୍ତା ମାସରେ ହେବାକୁଥିବା ରାଇଡର୍ସ କପ୍ ଗଲ୍ଫ ଟୁର୍ନାମେଣ୍ଟ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆମେରିକାର ଦୁଇ ଷ୍ଟାର ଖେଳାଳି ଟାଇଗର ଉଡ୍ସ ଓ ଜୋର୍ଡାନ ସ୍ମିଥ୍ ଏଥିରେ ଆସ୍ଥା ପ୍ରକଟ କରିଛନ୍ତି। ରାଇଡର କପ୍ ଆୟୋଜକମାନେ ଫ୍ରେଞ୍ଚ ପୋଲିସ ଏବଂ ସରକାରୀ ଏଜେନ୍ସିଗୁଡ଼ିକ ସହ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଖେଳାଳିମାନେ ଭର୍ସେଲିଜ୍‌ସ୍ଥିତ ଟିମ୍ ହୋଟେଲରେ ଅବସ୍ଥାନ କରିବେ। ଗଲ୍ଫ ଟୁର୍ନାମେଣ୍ଟ ଲି' ଗଲ୍ଫ ନ୍ୟାଶନାଲଠାରେ ଖେଳାଯିବ। ପ୍ରତିଯୋଗିତା ବେଳେ ଯଦି ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମ୍ୟାକ୍ରଁ ଓ ଏବଂ ପ୍ରତିପକ୍ଷ ଆମେରିକାର ଡୋନାଲ୍ଡ ଟ୍ରମ୍ପ ଉପସ୍ଥିତ ରୁହନ୍ତି, ତେବେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ। ଏଲିଟ୍ ସ୍ପେଶାଲ ଫୋର୍ସକୁ ନିୟୋଜିତ କରାଯିବା ସହ ଭୂସ୍ଥଳରୁ ଆକାଶ କ୍ଷେପଣାସ୍ତ୍ର ମୁତୟନ କରାଯିବ। ସେପ୍ଟେମ୍ବର ୨୮ରୁ ୩୦ ପର୍ଯ୍ୟନ୍ତ ହେବାକୁଥିବା ଏହି ଇଭେଣ୍ଟ ବେଳେ ୫୦,୦୦୦ ଖେଳପ୍ରେମୀଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। ରାଇଡର୍ସ କପ୍‌ରେ ପୂର୍ବରୁ କେବେ ଏଭଳି ସୁରକ୍ଷା ବ୍ୟବସ୍ଥାର ନଜିର ନାହିଁ। ଲି ନ୍ୟାଶନାଲ ଗଲ୍ଫ୍ କୋର୍ସଠାରେ ଉଡ୍ସ ଏହାପୂର୍ବରୁ ଥରେ ୧୯୯୪ରେ ଜଣେ ଆମେଚର ଖେଳାଳି ହିସାବରେ ଖେଳିଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ଏକ ଆମେରିକୀୟ ଟିମ୍‌ର ଉପ ଅଧିନାୟକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଆସନ୍ତା ମାସରେ ଟିମ୍ ଘୋଷଣା ବେଳେ ଆମେରିକା ଗଲ୍ଫ ଅଧିନାୟକ ଫ୍ୟୁରିକ୍ ୧୪ଟି ପ୍ରମୁଖ ଟାଇଟଲ ବିଜୟୀ ୪୨ ବର୍ଷୀୟ ଉଡ୍ସଙ୍କୁ ଦଳରେ ସ୍ଥାନ ଦେବା ଯଥେଷ୍ଟ ସମ୍ଭାବନା ରହିଛି।

# ସର୍ବଭାରତୀୟ ପୋଷ୍ଟାଲ ଚେସ୍ ଆଜିଠାରୁ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ପୋଷ୍ଟାଲ ପଦାଧିକାରୀ।

**ପୁରୀ ଅଫିସ, ୨୬।୮**

ଓଡ଼ିଶା ଡାକ ବିଭାଗ ପରିମଣ୍ଡଳ ଆନୁକୂଲ୍ୟରେ ୩୩ତମ ସର୍ବଭାରତୀୟ ଚେସ୍ ଟୁର୍ନାମେଣ୍ଟ ପୁରୀଠାରେ ଅନୁଷ୍ଠିତ ହେବ। ସୋମବାରଠାରୁ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ସେପ୍ଟେମ୍ବର ୧ରେ ଉଦ୍‌ଯାପିତ ହେବ। ଦୀର୍ଘ ୮ବର୍ଷ ବ୍ୟବଧାନ ପରେ ଓଡ଼ିଶାରେ ଆୟୋଜିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ହୋଟେଲ ହଲିଡେ ରିସୋର୍ଟଠାରେ ଅନୁଷ୍ଠିତ ହେବ। ୧୮ଟି ଡାକ ପରିମଣ୍ଡଳରୁ ପ୍ରାୟ ୧୫୦ ପ୍ରତିଯୋଗୀ ପ୍ରଶିକ୍ଷକ ଏବଂ ମ୍ୟାନେଜର ଯୋଗଦେବେ ବୋଲି ରବିବାର ହୋଟେଲ ହଲିଡେ ରିସୋର୍ଟ ୱାଇଟ ହାଉସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ପରିମଣ୍ଡଳ ମୁଖ୍ୟ ମହାଡାକପାଳ ଡ.ସନ୍ତୋଷ କୁମାର କମିଳା କହିଛନ୍ତି।

ସେ କହିଲେ ଯେ, ଦଳଗତ ଓ ବ୍ୟକ୍ତିଗତ ସ୍ତରରେ ଏହି ପ୍ରତିଯୋଗିତା ଯଥାକ୍ରମେ ୫ ଓ ୭ରାଉଣ୍ଡ ବିଶିଷ୍ଟ ଖେଳାଯିବ। ସର୍ବ ଭାରତୀୟ ଆର୍ବିଟର ନିହାର ରଞ୍ଜନ ସାସମଲ, ତାପସ ମହାନ୍ତି ଏବଂ ଫିଡେ ଆର୍ବିଟର ଜ୍ୟୋତିଶଙ୍କର ନନ୍ଦ ପ୍ରମୁଖ ଟୁର୍ନାମେଣ୍ଟରେ ବିଚାରକ ଭାବେ ଯୋଗଦେବେ। ଉଦ୍‌ଯାପନୀ ସନ୍ଧ୍ୟାରେ ଏକ ସ୍ୱତନ୍ତ୍ର ଡାକ ଲଫାପା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯିବ। ୨୦୧୦ରେ ଆୟୋଜିତ ସର୍ବ ଭାରତୀୟ ଚେସ୍ ଟୁର୍ନାମେଣ୍ଟରେ ଓଡ଼ିଶା ଚାମ୍ପିୟନ ହୋଇଥିଲା। ଏଥର ଟୁର୍ନାମେଣ୍ଟରେ ଓଡ଼ିଶା ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି ବୋଲି ସେ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ମହାଡାକପାଳ କର୍ନେଲ ଜଳେଶ୍ୱର କହଁର, ସମ୍ବଲପୁର ମହାଡାକପାଳ ଲଳିତେନ୍ଦୁ ପ୍ରଧାନ, ପୁରୀ ଡାକ ଡିଭିଜନ ମୁଖ୍ୟ ସଞ୍ଜୟ କୁମାର ମହାପାତ୍ର, ଓଡ଼ିଶା ପରିମଣ୍ଡଳର ସିନିୟର ଅଫିସର ଅଶୋକ ରଥ, ଡାକସେବା କ୍ରୀଡ଼ା ବିଭାଗ ଆସିଷ୍ଟାଣ୍ଟ ଡାଇରେକ୍ଟର ଏମ.କେ. ଜାକି ପ୍ରମୁଖ ଉପସ୍ଥିତ ଥିଲେ।

# ମାଲକାନଗିରି, ମୟୂରଭଞ୍ଜର ବୃହତ୍ ବିଜୟ

**ଅନୁଗୋଳ ଅଫିସ, ୨୬।୮**

**ପୋଲିସ ଫୁଟବଲ ପ୍ରତିଯୋଗିତା**

ଅନୁଗୋଳଠାରେ ଅନୁଷ୍ଠିତ ହେଉଥିବା ୭୭ତମ ରାଜ୍ୟ ପୋଲିସ ଫୁଟବଲ ପ୍ରତିଯୋଗିତାର ରବିବାର ୧୫ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ୭ଟି ପଡ଼ିଆରେ ଖେଳାଯାଇଥିବା ଏହି ମ୍ୟାଚରେ ଝାରସୁଗୁଡ଼ା ଜିଲା ପୋଲିସ ଓ ଢେଙ୍କାନାଳ ଓଏସ୍‌ଏପି ପ୍ରଥମ ବାଟାଲିୟନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଡ୍ର ରହିଛି। ଅପରାହ୍ନରେ କଦମ୍ବ ପଡ଼ିଆଠାରେ ଅନୁଷ୍ଠିତ ଏହି ଚିତ୍ତାକର୍ଷକ ମ୍ୟାଚରେ ଉଭୟ ପକ୍ଷର ଖେଳାଳି ୨ଟି ଲେଖାଏ ଗୋଲ କରିଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ମଧ୍ୟ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ମ୍ୟାଚ ବିନା ଫଳାଫଳରେ ଶେଷ ହୋଇଥିଲା। ସେହିପରି ତାଳଚେରର ଡ଼େରା ଫୁଟବଲ ଗ୍ରାଉଣ୍ଡରେ ଖେଳା ଯାଇଥିବା ମ୍ୟାଚରେ ଭୁବନେଶ୍ୱରର ଓଆଇଏସ୍‌ଏଫ୍ ଖେଳାଳି ଗୋଲ ବର୍ଷା କରିଥିଲେ। ଦଳଗତ ଭାବେ ଭୁବନେଶ୍ୱର ଟିମ୍ ସର୍ବାଧିକ ୮ଟି ଗୋଲ କରିଥିବା ବେଳେ ମୟୂରଭଞ୍ଜ ଜିଲା ପୋଲିସ ୬ଟି ଏବଂ ମାଲକାନଗିରି ଜିଲା ପୋଲିସ ଓ କୋରାପୁଟ ଜିଲା ପୋଲିସ ୫ଟି ଲେଖାଏ ଗୋଲ କରିଥିଲେ।

ପୂର୍ବାହ୍ନରେ ୮ଟି ମ୍ୟାଚ ଖେଳାଯାଇଥିବା ବେଳେ ଅପରାହ୍ନରେ ୭ଟି ମ୍ୟାଚ ଖେଳାଯାଇଛି। ବରଗଡ଼ ଜିଲା ପୋଲିସ ଓ



ଭଞ୍ଜନଗର ଓ ସୁବର୍ଣ୍ଣପୁର ମଧ୍ୟରେ ମ୍ୟାଚ।

ଛତ୍ରପୁରର ଓଏସ୍‌ଏପି ୮ମ ବାଟାଲିୟନ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ଛତ୍ରପୁର ୨-୦ ଗୋଲରେ ବିଜୟୀ ହୋଇଛି। ସେହିପରି ଅନୁଗୋଳ ପିଟିସିକୁ ହରାଇ ମାଲକାନଗିରି ଜିଲା ପୋଲିସ ୫-୦ ଗୋଲରେ ବିଜୟୀ ହୋଇଛି। କୋରାପୁଟ ଜିଲା ପୋଲିସ କେନ୍ଦୁଝରର ଦ୍ୱିତୀୟ ଏସ୍‌ଏସ୍ ବାଟାଲିୟନକୁ ହରାଇ ୫-୧ ଗୋଲରେ ବିଜୟୀ ହୋଇଛି। ବୌଦ୍ଧ ପଞ୍ଚମ ଆଇଆର୍‌ବି ବାଟାଲିୟନ ୩-୨ ଗୋଲରେ ସମ୍ବଲପୁର ପ୍ରଥମ ଏସ୍‌ଏସ୍ ବାଟାଲିୟନକୁ ହରାଇଛି। ଭଞ୍ଜନଗର ଅଷ୍ଟମ ଏସ୍‌ଆଇଆର୍ ବାଟାଲିୟନ ୨-୦ ଗୋଲରେ ସୁବର୍ଣ୍ଣପୁରକୁ ହରାଇ ବିଜୟୀ ହୋଇଛି। କୋରାପୁଟ ତୃତୀୟ ଓଏସ୍‌ଏପି ବାଟାଲିୟନ ୩-୦ ଗୋଲରେ ବାଲେଶ୍ୱର ଜିଲା ପୋଲିସକୁ ହରାଇଛି। ସେହିପରି ବ୍ରହ୍ମପୁର ଜିଲା ପୋଲିସକୁ ଜଗତସିଂହପୁର ଜିଲା ପୋଲିସ ୨-୦ ଗୋଲରେ ପରାସ୍ତ କରିଛି। କଳାହାଣ୍ଡିକୁ ହରାଇ ମୟୂରଭଞ୍ଜ ଜିଲା ପୋଲିସ ୬-୦ ଗୋଲରେ ବିଜୟୀ ହୋଇଛି। ଖୋର୍ଦ୍ଧା ଷଷ୍ଠ ଆଇଆର୍‌ବି ବାଟାଲିୟନ ୧-୦ ଗୋଲରେ ଦେବଗଡ଼ ଚତୁର୍ଥ ଆଇଆର୍‌ବି ବାଟାଲିୟନଠାରୁ ପରାସ୍ତ ହୋଇଛି। ବୌଦ୍ଧ ଜିଲା ପୋଲିସ ୩-୨ ଗୋଲରେ କନ୍ଧମାଳ ଜିଲା ପୋଲିସକୁ ହରାଇ ବିଜୟୀ ହୋଇଛି। କଳିଙ୍ଗନଗର ତୃତୀୟ ଆଇଆର୍‌ବି ବାଟାଲିୟନ ଓ ଯାଜପୁର ଜିଲା ପୋଲିସ ମଧ୍ୟରେ ମ୍ୟାଚରେ କଳିଙ୍ଗ ନଗର ତୃତୀୟ ୩-୧ ଗୋଲରେ ଜିତିଛି। ପୁରୀ ଜିଲା ପୋଲିସକୁ ହରାଇ ନବରଙ୍ଗପୁର ଜିଲା ପୋଲିସ ୨-୦ ଗୋଲରେ ବିଜୟୀ ହୋଇଛି। ରାଉରକେଲା ଚତୁର୍ଥ ଓଏସ୍‌ଏପି ବାଟାଲିୟନ ୪-୦ ଗୋଲରେ ଅନୁଗୋଳ ଜିଲା ପୋଲିସକୁ ହରାଇଛି। ସେହିପରି କେନ୍ଦ୍ରାପଡ଼ା ଜିଲା ପୋଲିସ ଓ ଭୁବନେଶ୍ୱର ଓଆଇଏସ୍‌ଏଫ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ଭୁବନେଶ୍ୱର ଓଆଇଏସ୍‌ଏଫ୍ ୮-୦ ଗୋଲରେ ବିଜୟୀ ହୋଇଛି।

# ଟି୨୦ ଇତିହାସରେ ଶ୍ରେଷ୍ଠ ବୋଲିଂ

**ପ୍ୟାରିସ,୨୬।୮**

ପାକିସ୍ତାନର ଦ୍ରୁତ ବୋଲର ମହମ୍ମଦ ଇର୍ଫାନ ଟି୨୦ ଇତିହାସରେ ଶ୍ରେଷ୍ଠ ବୋଲିଂ କରିଛନ୍ତି। ସେ କ୍ରମାଗତ ୨୩ ବଲରେ ବ୍ୟାଟ୍ସମ୍ୟାନଙ୍କୁ ରନ୍ କରିବାକୁ ସୁଯୋଗ ଦେଇ ନ ଥିଲେ। ଚଳିତ କ୍ୟାରିବିୟନ ପ୍ରିମିୟର ଲିଗ୍‌ରେ ବାର୍ବାଡସ ଟ୍ରାଇଡେଣ୍ଟ ପକ୍ଷରୁ ଖେଳୁଥିବା ଇର୍ଫାନ ସେଣ୍ଟ କିଟସ ଏଣ୍ଡ ନେଭିସ ପାଟ୍ରିଅଟ୍ସ ବିପକ୍ଷରେ ନିଜ ସ୍ପେଲର ସମ୍ପୂର୍ଣ୍ଣ ୪ ଓଭର ବୋଲିଂ କରି ମାତ୍ର ୧ ରନ୍ ବିନିମୟରେ ୨ ଉଇକେଟ ନେଇଥିଲେ। ଏଥିସହ ୩ ଓଭର ମେଡେନ ମଧ୍ୟ ନେଇଥିଲେ। ଏହାସତ୍ତ୍ୱେ ସେ ଦଳକୁ ଜିତାଇ ପାରି ନ ଥିଲେ। ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇ ପାଟ୍ରିଅଟ୍ସ ଦଳ ପ୍ରତିପକ୍ଷ ଟ୍ରାଇଡେଣ୍ଟକୁ ୧୪୭ ରନ୍ ମଧ୍ୟରେ ସୀମିତ ରଖିଥିଲା। ଦଳ ଲାଗି ଜାସନ ହୋଲ୍ଡର ସର୍ବାଧିକ ୫୪ ରନ୍ କରିଥିଲେ। ଜବାବରେ କ୍ରିସ୍ ଗେଲ୍ ଓ ଇଭିନ ଲୁଇସଙ୍କୁ ଆଉଟ୍ କରି ଇର୍ଫାନ ପାଟ୍ରିଅଟ୍ସ ଦଳକୁ ବଡ଼ ଝଟକା ଦେଇଥିଲା । ଏପରି କି ଦଳ ପ୍ରଥମ ୭ ଓଭର୍‌ରେ ୨ ଉଇକେଟ ହରାଇ ମାତ୍ର ୧୮ ରନ୍ କରିଥିଲା। କିନ୍ତୁ ବ୍ରେଣ୍ଡନ କିଙ୍ଗ ୬୦ ଓ ବେନ କଟିଂଙ୍ଗ ୨୯ ରନ୍ ଯୋଗୁ ଟ୍ରାଇଡେଣ୍ଟ ଦଳ ୧୯ତମ ଓଭରରେ ମ୍ୟାଚ୍ ଜିତି ନେଇଥିଲା।



ମହମ୍ମଦ ଇର୍ଫାନ୍

ଓଡ଼ିଶା ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LTD.**
(A GOVT. OF ODISHA UNDERTAKING)
OFFICE OF THE SR.GENERAL MANAGER (ELECTRICAL)
O & M (ZONE-I), NARENDRAPUR, Mob.:9438907601,
e-mail: sgm.onm1.npr@optcl.co.in, CIN: U40102OR2004SGC007553
OPTCL Lifeline of Orissa

Letter.No:399 **NOTIFICATION** Dt.25.08.2018

SGM(O&M)-1/Publication/Gaz

In accordance with section-164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Govt. of Odisha Order No.2353-R&-II-I0.2006, daed the 9th March 2006, the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making respresentation regarding the execution of the above scheme, may submit such representation in writing so as to reach the General Manager, Elect EHT (O&M) Circle,Jeypore within **2 ( two months)** from the date of publication of this notification. Full details of the scheme and plan may be seen in the office of the concerned Deputy General Manager, Elect, as mentioned against the work on any working days during office hours.

| Sl. No. | Name of the work & scope | Name of the villages in which the line will pass | Tentative Estimated Amount(Rs) | Name of the E.E. to be contacted | Perceived benefit that may accrue |
|---|---|---|---|---|---|
| 01. | Construction of proposed 132KV S.C. transmission line on DC tower from Charmula Solar Plant of M/s. Vento Energy Infra Pvt. Ltd to Tentulikhunti Grid S/s | **Tahasil** : Tentulikhunti, **R.I. Circle:**Tentulikhunti & Udaipur. **Revenue Viilage :** Karlichuan, Kurmakote, Udaipur. | Rs.3.32 Crore | DGM (Elect) EHT (O&M) Division, Jayanagar. | It will provide stable and quality power supply to Tentulikhunti and nearby area |

**Sr. General Manager, Elect. (O&M)-1, OPTCL, Narendrapur**

**ODISHA STATE CIVIL SUPPLIES CORPORATION LTD.**
OSCSC Ltd. Corporate Office
**JHARSUGUDA**
Letter No. 4622, Date: 25.08.2018

**AUCTION SALE NOTICE**

Sealed tenders are invited for auction sale of one Mobile Van- Model No. Tata 709 (Diesel) bearing no. OR-02F-4904 of Odisha State Civil Supplies Corporation Ltd., Jharsuguda on "as is and where is basis, including the present status of vehicle documents". The intending tenderers are requested to submit their tenders in plain paper offering their bids duly sealed along with one Bank Draft, worth Rs. 1000.00 (Rupees One Thousand) only drawn in any Nationalized Bank as E.M.D. in favour of "District Manager, OSCSC Ltd., Jharsuguda". Tenderers are required to send the tender paper strictly through Registered Post / Speed Post / Courier Services. The last date of receipt of tender is dt.17.09.18 at 3.00PM. The tender papers received after the specified date and time as mentioned above, shall not be entertained and the same shall be out rightly rejected. The sealed tenders shall be opened on dt.17.09.2018 at 4.00PM in the office chamber of CSO-cum-DM, OSCSC Ltd., Jharsuguda in presence of the tenders or their authorized representatives. The tenderers may inspect the vehicle kept in the premises of RRC FCI (OLD FSD), Bombay chowk, Jharsuguda during any working day from 10.30AM to 5.00PM.

The up-set price of Vehicle No. OR-02F-4904-Rs.56,000.00

**Terms and Conditions:**

1. Quotation should be sent by mentioning: "Auction sale of the Vehicle No. OR-02F-4904" on the top of the closed envelope containing the E.M.D.
2. The tenderer with highest bidding will be selected by competent authority. He shall deposit 25% of the bid amount immediately on the spot and rest amount shall be deposited within seven days or at the time of taking delivery of the vehicle, whichever is earlier.
3. The EMD of all unsuccessful tenderers will be refunded to them on the sameday.
4. If the price offered by sealed tenders are found less than the upset price, then competent authority may go for fresh auction sale or negotiation may be made with all the present tenderers to fetch the minimum up-set price as desired by the authority.
5. In case the successful tenderer fails to deposit 75% of balance auction price at the time of taking delivery of vehicle within 7 days, his tender paper will be cancelled and the E.M.D. along with 25% deposit will be forfeited.
6. The highest bidder will remove the vehicle within 15 days of deposit of the total amount failing which ground rent of Rs. 100/- per day will be charged till final removal of vehicle.
7. After change of ownership in favour of highest bidder or cancellation of registration of the vehicle at RTO, BBSR / Jharsuguda the vehicle will be handed over to the highest bidder subject to production of documents in this respect.
8. Where the ground rent so charged exceeds the price deposited by the tenderer, shall cease to have any right on the vehicle and amount so deposited by him will be adjusted towards ground rent. The vehicle shall become absolute property of the Corporation free from all encumbrances and it will be disposed of by fresh auction / tender as the case may be.
9. The successful tenderer / party shall have to deposit the cost along with statutory dues like sale tax / GST etc. as admissible under Rules.
10. All other terms & condition as applicable for auction sale of Govt. vehicle remain unchanged.
11. The district Manager reserves the right to accept or reject any or all the tender papers without assigning any reasons thereof.

*Sd./- CSO-cum-District Manager, OSCSC Ltd., Jharsuguda*

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଅଗଷ୍ଟ ୨୭/୨୦୧୮ Sambalpur, Monday, August 27/ 2018

## ସଂକ୍ଷେପରେ

### ବଜ୍ରପାତରେ ନାବାଳକଙ୍କ ମୃତ୍ୟୁ

ନୂଆଗାଁ,୨୬।୮ (ଡି.ଏନ.ଏ)- ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ବାଗଡେଗା ପଞ୍ଚାୟତ ଅନ୍ତର୍ଗତ କାଏରକେରା ଗ୍ରାମରେ ଶନିବାର ବଜ୍ରପାତରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋବିନ୍ଦ ମୁଣ୍ଡା(୧୭)। ବଜ୍ରପାତ ପରେ ଗୋବିନ୍ଦଙ୍କୁ ସଙ୍ଗେ ସଙ୍ଗେ ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବିଶ୍ରା ଥାନା ପୋଲିସ ମୃତଦେହକୁ ଜବତ କରିବା ସହ ରବିବାର ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏ ନେଇ ବିଶ୍ରା ଥାନାରେ କେସ ନଂ. ୨୬/୧୮ରେ ଏକ ଅପମୃତ୍ୟୁ ମାମଲା ପୋଲିସ ରୁଜୁ କରିଛି । ସୂଚନାଯୋଗ୍ୟ, ଶନିବାର ପ୍ରାୟ ୪ଟା ସମୟରେ କଏରକେରା ଗ୍ରାମର ଦଶରୁ ମୁଣ୍ଡାଙ୍କ ପୁଅ ଗୋବିନ୍ଦ ଗୋରୁ ଧରି ନିକଟସ୍ଥ ଜଙ୍ଗଲ ଜମିକୁ ଚରାଇବାକୁ ନେଇଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଗୋବିନ୍ଦ ଅଚେତ ହୋଇପଡିଥିଲେ । ପରେ ଗାଁ ଲୋକେ ତାଙ୍କୁ ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ସନ୍ଧ୍ୟା ହୋଇଯିବାରୁ ଶନିବାର ମୃତଦେହ ବ୍ୟବଚ୍ଛେଦ ହୋଇ ପାରି ନ ଥିଲା ରବିବାର କରାଯାଇଥିଲା । ଏହି ଘଟଣା ପରେ କଏରକେରା ଗାଁରେ ଶୋକର ଛାୟା ଖେଳିଯାଇଛି। ଦୀର୍ଘ ୫ ରୁ ୭ ମାସ ମଧ୍ୟରେ ନୂଆଗାଁ ବ୍ଲକର ବିଭିନ୍ନ ସ୍ଥାନରେ ବଜ୍ରପାତରେ ପ୍ରାୟ ୮ ରୁ ୧୦ଜଣଙ୍କ ମୃତ୍ୟୁ ଘଟିଥିବା ଜଣା ପଡିଛି ।

# ପୂରଣ ହେଉନି ୫୩ ଡାକ୍ତର ପଦବୀ

## ସୁବର୍ଣ୍ଣପୁର ଜିଲା

- ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ବଢୁଛି ଅସନ୍ତୋଷ
- ବିନିକାରେ ଜାରି ରହିଛି ଆନ୍ଦୋଳନ
- ବୀରମହାରାଜପୁରରେ ଆନ୍ଦୋଳନ ଚେତାବନୀ
- ୨ ସିଏଚ୍‌ସି, ୧୦ ପିଏଚ୍‌ସି ଡାକ୍ତରଶୂନ୍ୟ



ସୋନପୁର,୨୬।୮(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ ୫୩ଟି ଡାକ୍ତର ପଦବୀ ଖାଲି ପଡିଛି। ଦୀର୍ଘଦିନ ଧରି ଖାଲି ପଡିଥିବା ଏହି ଡାକ୍ତର ପଦବୀ ପୂରଣ ହେଉନି। ଏ କ୍ଷେତ୍ରରେ ବିଫଳ ହେବା ପରେ ଜିଲାର ଦୁଇ ବିଧାୟକ ହାତ ଟେକି ଦେଇଛନ୍ତି। ଭିତ୍ତିଭୂମିର ଅଭାବ ସାଙ୍ଗକୁ ଡାକ୍ତର ଓ କର୍ମଚାରୀ ଅଭାବ କାରଣରୁ ଚିକିତ୍ସା ସେବା ସାଂଘାତିକ ସ୍ଥିତିରେ। ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଜିଲାର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅସନ୍ତୁଷ୍ଟ ଅଞ୍ଚଳବାସୀ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ ପାଇଁ ପୂର୍ବରୁ ଉଲୁଣ୍ଡା ବନ୍ଦ କରିଥିଲେ। ବିନିକାରେ ଗତ ୨୧ଦିନ ଧରି ଗଣଧାରଣା ଜାରି ରହିଛି। ଦୁଇ ଦିନ ହେବ ସହରରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟରେ ତାଲା ଝୁଲୁଛି। ଏବେ ପୁଣି ବୀରମହାରାଜପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ବିଶେଷଜ୍ଞ ପଦ ପୂରଣ ପାଇଁ ଦାବି ଜୋର ଧରିଲାଣି। ଏ ନେଇ ଆସନ୍ତା ସେପ୍ଟେମ୍ବର ମାସ ୪ତାରିଖଠାରୁ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଚେତନ ନାଗରିକଙ୍କ ପକ୍ଷରୁ ଧାରଣା ଦିଆଯିବ। ବ୍ଲକ ଅଧକ୍ଷ ସନ୍ତୋଷ ଭୋଇ ପାର୍ଟିଠାରୁ ମାଟି ଆଗ ବୋଲି ନାରା ଦେଇ ଏହି ଆନ୍ଦୋଳନର ନେତୃତ୍ୱ ନେବେ ବୋଲି ଘୋଷଣା କରିଛନ୍ତି। ଯାହା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିବ ବୋଲି ଆଲୋଚନା ହେଉଛି । ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଭାଜପା ଓ କଂଗ୍ରେସ ମଧ ଶାସକ ଦଳର ବିଧାୟକଙ୍କୁ ଘେରିବା ଚେଷ୍ଟାରେ ଅଛନ୍ତି। ସୁବର୍ଣ୍ଣପୁର ଜିଲାରେ ୧୧୩ଜଣ ବିଶେଷଜ୍ଞ, ଡାକ୍ତରଙ୍କ ଆବଶ୍ୟକ ଥିବା ବେଳେ କାମ କରୁଛନ୍ତି ମାତ୍ର ୬୦ଜଣ। ଜିଲାର ମୁଖ୍ୟ ଡାକ୍ତରଖାନା ସମେତ ପ୍ରାଥମିକ, ଉନ୍ନୀତ ପ୍ରାଥମିକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବୀରମହାରାଜପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଳ୍ପ ସଂଖ୍ୟକ ଡାକ୍ତର ଅଛନ୍ତି। କେଉଁ ପିଏଚସିରେ ଫାର୍ମାଶିଷ୍ଟ ତ ଆଉ କେଉଁଠି ଆୟୁଷ ଡାକ୍ତର କାମ ଚଳାଉଛନ୍ତି। ଉଲୁଣ୍ଡା ଓ ବିନିକା ସିଏଚସି(ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର)ରେ ଆଦୌ ଡାକ୍ତର ନାହାନ୍ତି। ଜିଲାର କମସରା, ଚାରଭଟା, ମେଣ୍ଡା, ଲଛିପୁର, ରାମପୁର, ବାଙ୍କିଘିର୍ଡି, ମହାଦେବପାଲି, ସିଣ୍ଡୋଲ, ହରିହରଯୋର ଓ ଯାଲୋଏ ଭଳି ନ୍ୟୁ ପିଏଚ୍‌ସିରେ ଆଦୌ ଡାକ୍ତର ନାହାନ୍ତି। ସୋନପୁର ବ୍ଲକର ଗୁରୁତ୍ୱପୂର୍ଣ୍ଣ ନାଇକେନପାଲି ସିଏଚ୍‌ସିରେ ମେଡିକାଲ ଅଫିସରଙ୍କ ସମେତ ଡାକ୍ତର ପଦବୀ ଖାଲି ପଡିଛି। ଜିଲାରେ ବିଶେଷଜ୍ଞ ଡାକ୍ତର ତ ଦୂରର କଥା ଆବଶ୍ୟକ ସଂଖ୍ୟକ ସାଧାରଣ ଡାକ୍ତର ମଧ୍ୟ ନିଯୁକ୍ତି ଦିଆଯାଉନାହିଁ। ପରିସ୍ଥିତି ଏପରି ହୋଇଛି ଯେ, ଜିଲା ମୁଖ୍ୟ ଡାକ୍ତରଖାନାରେ ସୀମିତ ଶଯ୍ୟା ଓ ସ୍ୱଳ୍ପ ସଂଖ୍ୟକ ଡାକ୍ତରଙ୍କୁ ନେଇ ଚାଲିଛି ରୋଗୀ ସେବା। ଏଠାରେ ଏଡିପିଏଚଓ(ଟିବି), ଏଡିପିଏଚଓ(ଲେପ୍ରୋସି), ସ୍ତ୍ରୀ ଓ ପ୍ରସୂତି ବିଭାଗର ବିଶେଷଜ୍ଞ, ଭେଜଷ ବିଶେଷଜ୍ଞ, ସର୍ଜରୀ ସମେତ ମୋଟି ୧୯ଟି ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ଅଛି। ସିନିୟର ମେଡିକାଲ ଅଫିସର ଡାକ୍ତର ଦେବାଶିଷ ଆଚାର୍ଯ୍ୟ ଜିଲା ମୁଖ୍ୟ ଡାକ୍ତରଖାନାରୁ ଦରମା ପାଉଥିବା ବେଳେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନସର ସେଣ୍ଟରରେ ଦୀର୍ଘବର୍ଷ ହେବ କାର୍ଯ୍ୟ କରୁଛନ୍ତି। ଲୋକ ପ୍ରତିନିଧି ଓ ବୁଦ୍ଧିଜୀବୀ ଏ କ୍ଷେତ୍ରରେ ନୀରବ। ବୀରମହାରାଜପୁର ଡାକ୍ତରଖାନାରେ ଜଣେ ବି ସ୍ଥାୟୀ ବିଶେଷଜ୍ଞ ଡାକ୍ତର ନାହାନ୍ତି। କେବଳ ସର୍ଜରୀରେ ଜଣେ ଅବସରପ୍ରାପ୍ତ ବିଶେଷଜ୍ଞଙ୍କୁ ଠିକାରେ ନିଯୁକ୍ତି ଦିଆଯାଇଛି। ତରଭା ସିଏଚ୍‌ସିରେ ମଧ ବିଶେଷଜ୍ଞ ଡାକ୍ତର ପଦବି ଖାଲି ପଡିଛି। ଡୁଙ୍ଗୁରୁପାଲି ସିଏଚ୍‌ସିରେ ମଧ୍ୟ ଭେଷଜ, ସର୍ଜରୀ, ସ୍ତ୍ରୀ ଓ ପ୍ରସୂତି ଏବଂ ଶିଶୁ ରୋଗ ବିଭାଗରେ ବିଶେଷଜ୍ଞ ଓ ଦନ୍ତ ଚିକିତ୍ସକ ପଦବୀ ଖାଲି ପଡିଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନୁଦାନରେ ଏଠାରେ ୩୦ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହୋଇଥିଲେ ହେଁ ଡାକ୍ତର, ଷ୍ଟାଫ ନର୍ସ ଓ କର୍ମଚାରୀଙ୍କ ଅଭାବ ଯୋଗୁଁ ତାହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ପାରିନି। ବିନିକା ସିଏଚ୍‌ସିରେ ମେଡିକାଲ ଅଫିସର, ସ୍ତ୍ରୀ ଓ ପ୍ରସୂତି, ଶିଶୁ ରୋଗ ବିଶେଷଜ୍ଞ ଓ ଡେଣ୍ଟାଲ ସର୍ଜନ ଏବଂ ଉଲୁଣ୍ଡା ସିଏଚ୍‌ସିରେ ଭେଷଜ ସମେତ ସମସ୍ତ ବିଶେଷଜ୍ଞ ପଦବୀ ଖାଲି ପଡିଛି। ଡାକ୍ତରଙ୍କ ସମେତ ଏଠାରେ କର୍ମଚାରୀଙ୍କର ମଧ ଅଭାବ ରହିଛି। ଜିଲାର ଗ୍ରାମାଞ୍ଚଳରେ ୮୦ଭାଗରୁ ଅଧିକ ଗରିବ, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକ ବସବାସ କରୁଥିବାରୁ ଘରୋଇ ଭାବେ ଅର୍ଥ ଦେଇ ଚିକିତ୍ସିତ ହେବା ସେମାନଙ୍କ ପକ୍ଷେ ସମ୍ଭବ ହୋଇନଥାଏ । ସେମାନେ ସରକାରୀ ଡାକ୍ତରଖାନା ଉପରେ ହିଁ ନିର୍ଭର କରନ୍ତି। ହେଲେ ଡାକ୍ତର ନଥିବାରୁ ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ନେଇ ନୂତନ ଯୋଜନା ପ୍ରଣୟନ କରୁଛନ୍ତି। କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନଥିବା ବେଳେ ଯୋଜନାରୁ ରୋଗୀଙ୍କୁ କି ସୁଫଳ ମିଳିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଦିନକର କାହାଣୀ

# ଚା ଦୋକାନ ଦେଇଛି ପରିଚୟ



ଚା ପ୍ରସ୍ତୁତିରେ ବ୍ୟସ୍ତ ବୁଦ୍ଧିଆ ।

ଲୋଇସିଂହା,୨୬।୮(ଡି.ଏନ.ଏ.)

ନାଁ ରବୀନ୍ଦ୍ର ନାୟକ(୩୦)। ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ଅଞ୍ଚଳରେ ତାଙ୍କୁ ସମସ୍ତେ ବୁଦ୍ଧିଆ ନାମରେ ଜାଣନ୍ତି। ଆଇଟିଆଇ ମେକାନିକାଲ ଏବଂ ଇଲେକ୍ଟ୍ରିକାଲରେ ସେ ଡିପ୍ଲୋମା କରିଛନ୍ତି। ଦୁଇ ଦୁଇଟି କମ୍ପାନୀ ଚାକିରିକୁ ବାଏବାଏ କରି ଲୋଇସିଂହା ଷ୍ଟାଡିୟମ ଷ୍ଟଲରେ ଚା ଦୋକାନକୁ ଆଦରି ନେଇଛନ୍ତି । ତାଙ୍କର ଉତ୍ତମ ବ୍ୟବହାର ଓ ସୁସ୍ୱାଦୁ ଚା ଗ୍ରାହକଙ୍କୁ ଆକୃଷ୍ଟ କରି ପାରିଛି ବୋଲି ସେ କହନ୍ତି। ବୁଦ୍ଧିଆଙ୍କ ଅଜା ପାନପତ୍ର ବେପାର ପାଇଁ ୪୦ବର୍ଷ ତଳେ ବ୍ରହ୍ମପୁରରୁ ବଲାଙ୍ଗୀର ଚାଲି ଆସିଥିଲେ। ସେତେବେଳେ ପାନ ବେପାର ବେଶ ଜମିଥିଲା। ପରେ ଜିଲାର ବିଭିନ୍ନ ଅଞ୍ଚଳକୁ ପାନପତ୍ର ଯୋଗାଇଲେ । ବ୍ୟବସାୟ ସୁବିଧା ଦୃଷ୍ଟିରୁ ରବୀନ୍ଦ୍ରଙ୍କ ବାପା ସ୍ୱର୍ଗତ ପଦ୍ମଚରଣ ନାୟକ, ସ୍ତ୍ରୀ ତନୁ ଓ ୪ଝିଅଙ୍କୁ ଧରି ଲୋଇସିଂହା ଆସି ରହିଥିଲେ। ତାଙ୍କ କହିବା ମୁତାବକ ଲୋଇସିଂହାରେ ବୁଦ୍ଧିଆଙ୍କ ଜନ୍ମ। ସେ ଏଠାରେ ପ୍ରାଥମିକଠାରୁ ହାଇସ୍କୁଲ ଶିକ୍ଷା ଗ୍ରହଣ କରିଛନ୍ତି । ବାପାଙ୍କ ସ୍ୱଳ୍ପ ରୋଜଗାରରେ କଷ୍ଟେମଷ୍ଟେ ପରିବାର ଚଳୁଥିଲା। ଆଗକୁ ପଢ଼ିବାକୁ ଆଗ୍ରହ ଥିଲେ ମଧ୍ୟ ଅର୍ଥ ବାଧକ ସାଜିଥିଲା । କିନ୍ତୁ ବୁଦ୍ଧିଆ ହାର ମାନି ନ ଥିଲେ । ଏକ କ୍ୟାବିନ ଭଡାରେ ନେଇ ସନ୍ଧ୍ୟାରେ ଚା କରି ବିକ୍ରି କଲେ । ଏଥିରୁ ଯାହା ରୋଜଗାର ହେଲା ପରିବାର ଖର୍ଚ୍ଚ ପାଇଁ କିଛି ଦେବା ସହ ନିଜ ପଢ଼ାରେ ଖର୍ଚ୍ଚ କଲେ। ଏହି ଅର୍ଥରେ ୨୦୦୯ରୁ ୨୦୧୧ ପର୍ଯ୍ୟନ୍ତ ବଲାଙ୍ଗୀର ସରକାରୀ ଆଇଟିଆଇ କଲେଜରୁ ମେକାନିକାଲ ଏବଂ ୨୦୧୧ରୁ ୨୦୧୪ ମଧ୍ୟରେ ସଦେଇପାଲି ସାଇଟରେ ଇଲେକ୍ଟ୍ରିକାଲରେ ଡିପ୍ଲୋମା ଶିକ୍ଷା କରିଛନ୍ତି। ପଢ଼ା ଚାଲିଥିବା ବେଳେ ଚା' ଦୋକାନକୁ ବିଶେଷ ସମୟ ଦେଇ ପାରୁ ନ ଥିଲେ । ଏବେ ପଢ଼ା ଶେଷ ପରେ ଚା' ଦୋକାନକୁ ପୂରା ସମୟ ଦେଉଛନ୍ତି। ସକାଳୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ଦୋକାନ ଖୋଲା ରହୁଛି । ଚା' ପାଇଁ ଦୈନିକ ୪୦ଲିଟର କ୍ଷୀର ଲାଗୁଥିବାବେଳେ ୪ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବିକ୍ରି ହେଉଥିବା ସେ କହିଛନ୍ତି। ଏଠି ରାଜନେତାଠାରୁ ଆରମ୍ଭ କରି ସବୁ ବର୍ଗର ଲୋକଙ୍କ ଭିଡ଼ ଜମୁଛି। ଗ୍ରାହକଙ୍କୁ ଭଲ ଚା ଦେବା ଏବଂ ଉତ୍ତମ ବ୍ୟବହାର ଯୋଗୁ ଏହା ସମ୍ଭବ ହୋଇ ପାରିଛି ବୋଲି ସେ କହନ୍ତି। ନିକଟରେ ଚା' ଦୋକାନ ସହ ଥଣ୍ଡା ପାନୀୟର ହୋଲସେଲିଂ ଏଜେନ୍ସି ମଧ ସେ ନେଇଛନ୍ତି। ଏହି ବେପାର ମଧ୍ୟ ବେଶ ଜମୁଛି। ସର୍ବୋପରି ଚା ଦୋକାନ ରୋଜଗାରରେ ପାଠ ପଢ଼ିବା, ପରିବାର ଚଳାଇବା ଏବଂ ଭଲ ଘର ଖଣ୍ଡିଏ ତୋଳି ପାରିଛନ୍ତି ବୋଲି ଗର୍ବର ସହ କହନ୍ତି ବୁଦ୍ଧିଆ ।

# ହୀରାକୁଦ ଡ୍ୟାମ ଜଳସ୍ତର ୬୨୨.୬୯ ଫୁଟ

## ୪ ସ୍ଲୁଇସ୍ ଗେଟ୍‌ରୁ ଜଳ ନିଷ୍କାସନ

ସମ୍ବଲପୁର,୨୬।୮(ବ୍ୟୁରୋ)

ହୀରାକୁଦ ଡ୍ୟାମର ଜଳସ୍ତର ରବିବାର ରାତି ୯ଟା ସୁଦ୍ଧା ୬୨୨.୬୯ ଫୁଟ ରହିଛି। ହୀରାକୁଦ ଜଳଭଣ୍ଡାର ଉପରମୁଣ୍ଡରେ ୧୨.୪୧ ଓ ତଳ ମୁଣ୍ଡାରେ ୪୪.୯ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିପରି ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୭୫,୬୩୭ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ବାମ ପାର୍ଶ୍ୱ ୩ଟି ଓ ଡାହାଣ ପାର୍ଶ୍ୱରେ ୧ଟି ସ୍ଲୁଇସ୍ ଗେଟ ଖୋଲାଯାଇଛି। ଜଳ ଭଣ୍ଡାରରୁ ପ୍ରତି ସେକେଣ୍ଡରେ ୪ ସ୍ଲୁଇସ ଗେଟ୍‌ସହ ବରଗଡ, ଶାସନ, ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ, ପାୱାର ଚ୍ୟାନେଲ ମାଧ୍ୟମରେ ୭୫,୨୨୬ କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର ଜିଲାରେ ୨୦୫ ମିମି ବର୍ଷା ହୋଇଛି। ଜମନକିରାରେ ୨୨.୦,



କୁଚିଣ୍ଡାରେ ୪୭.୪, ରେଙ୍ଗାଲିରେ ୧୧.୪, ଝୁଝୁମୁରାରେ ୨୬.୦, ମାନେଶ୍ୱରରେ ୧୦.୦, ଧନକଉଡ଼ାରେ ୧୨.୧, ବାମରାରେ ୨୫.୬, ରେଢ଼ାଖୋଲରେ ୧୫.୦ ଓ ନାକଟିଦେଉଳରେ ୩୬.୦ ମିମି ବର୍ଷା ହୋଇଥିବା ବୁର୍ଲାସ୍ଥିତ ମୁଖ୍ୟ କଣ୍ଟ୍ରୋଲ ରୁମ ପକ୍ଷରୁ ସୂଚିତ କରାଯାଇଛି।




ALTO 800 SAVE UPTO ₹45,000* | CELERIO SAVE UPTO ₹50,000* | WAGONR SAVE UPTO ₹65,000*

GET EXCHANGE BONUS UPTO ₹30,000*
Special offer upto ₹5,100* for employees of LIC, PSUs, Central and State Health Departments
For Institutional Sales/ Bulk Deal / DGS&D/GeM Enquiries, please email at adinath.ray@maruti.co.in
Special Offer for IFFCO Linked Co-op Society Members & IFFCO, IFFCO TOKIO Employees
For any feedback/concern please contact Regional Office, Maruti Suzuki 0674-6571581

LEGEND CARS
• JEYPORE: 7894335551
• BHAWANIPATNA: 7894442910

SKY AUTOMOBILES
• BERHAMPUR: 7381261000

ODYSSEY MOTORS
• SAMBALPUR: 9439018805 • BOLANGIR: 9438068327
• BARGARH: 8895094616 • NUAPADA: 8895094633
• SONEPUR: 9437421356 • JHARSUGUDA: 9439892153 • BOUDH: 8594908009

ORBIT MOTORS
• ROURKELA: 9040404444, 9040404333
• SUNDARGARH: 9437049161
• DEOGARH: 9040088111

*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Car models and accessories shown may vary from the actual product. Images used are for illustration purpose only. Savings include consumer and exchange offer and is valid from 1st August'18 to 31st August'18. Savings are mentioned for Alto 800, Celerio (AGS) and WagonR (AGS). Exciting offer mentioned is of WagonR AGS Model. Mentioned Exchange Bonus of ₹30,000 is only on Celerio and WagonR. Exclusive Offer of upto ₹5,100* for LIC employees and Agents, Navratna PSUs (as listed in Maruti DMS Database) and Govt. Health Dept. employees and Member of IFFCO linked Co-op Society & Employees of IFFCO & TOKIO only as applicable. All offers and the savings given above are applicable for the month of August'18 only. Offers as shown above may change without any prior notice.



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ୨୭ ଅଗଷ୍ଟ, ୨୦୧୮



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



# ଗଙ୍ଗାଧରଙ୍କ ସାହିତ୍ୟ ସାଧନା ବିଶ୍ୱବିଦିତ

ବରଗଡ଼ ଅଫିସ୍,୨୬।୮

ସ୍ୱଭାବ କବି ଗଙ୍ଗାଧର ତାଙ୍କ ସାହିତ୍ୟ ସାଧନା ବଳରେ ସମଗ୍ର ବିଶ୍ୱକୁ ପ୍ରେମ ଓ ସ୍ନେହର ଅମର ବାର୍ତ୍ତା ଦେଇ ଯାଇଛନ୍ତି। ବରଗଡ଼ ଜିଲା ଏଭଳି ବରପୁତ୍ରଙ୍କୁ ପାଇବା ନିଶ୍ଚିତ ଭାବେ ଗର୍ବ ଓ ଗୌରବର ବିଷୟ। ଏଥିପାଇଁ ସଭିଁଏ ନିଜକୁ ଧନ୍ୟ ମନେ ମଣିବା ଉଚିତ୍ । ରବିବାର ଗଙ୍ଗାଧର ଜୟନ୍ତୀ ପାଳନ ଅବସରରେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏହି ମତବ୍ୟକ୍ତ କରିଛନ୍ତି । ସକାଳ ୮ଟାରେ କବି ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ତ୍ରିପାଠୀ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହା ସହିତ ମହାତ୍ମାଗାନ୍ଧୀ, ବୀର ସୁରେନ୍ଦ୍ର ସାଏଙ୍କଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ଅତିରିକ୍ତ ଜିଲାପାଳ ତପିରାମ ମାଝୀ, ବରଗଡ଼ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ସଂସ୍କୃତି ଅଧିକାରୀ କଲ୍ୟାଣୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

**ପଦ୍ମପୁର,(ଡି.ଏନ.ଏ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଦ୍ମପୁରଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଓ ରକ୍ଷାବନ୍ଧନ ଉତ୍ସବ ରବିବାର ପାଳିତ ହୋଇଛି । ଶିଶୁ ମନ୍ଦିର ପରିସରରେ ଅଧ୍ୟାପକ ସନ୍ତୋଷ ସିଂ ଠାକୁର ମୁଖ୍ୟଅତିଥି ଭାବେ ଯୋଗଦେଇ ଗଙ୍ଗାଧରଙ୍କ ସାହିତ୍ୟ ଜୀବନ ଉପରେ ମାର୍ଗଦର୍ଶନ କରିଥିଲେ । ଅଶ୍ୱିନୀ ଗୁରୁଜୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବୁଲୁ ଗୁରୁଜୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସୁଜାତା ଗୁରୁମା ରକ୍ଷାବନ୍ଧନ ଉପରେ ବୌଦ୍ଧିକ ପ୍ରଦାନ କରିଥିବା ବେଳେ ଲୋପାମୁଦ୍ରା ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ । ଉପସ୍ଥିତ ଭାଇ, ଭଉଣୀ, ଗୁରୁମା, ଗୁରୁଜୀ, ଅଭିଭାବିକା ପରସ୍ପର ମଧ୍ୟରେ ରାକ୍ଷୀ ବାନ୍ଧିଥିଲେ। ସେହିପରି ବିଦ୍ୟାମନ୍ଦିର ପରିସରରେ ଅଧ୍ୟାପକ ଡ. ଜୟକେତନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ଷା ବନ୍ଧନ ଓ ଗଙ୍ଗାଧରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଚୈତନ୍ୟ ଗୁରୁଜୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କଲ୍ୟାଣୀ ଗୁରୁମା ସଂଯୋଜନା କରିଥିଲେ ଓ ଦେବରାଜ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟଠାରେ ଗଙ୍ଗାଧର ମେହେରଙ୍କ ୧୫୭ତମ ଜନ୍ମ ଜୟନ୍ତୀ ପାଳିତ ହୋଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ଭୁଏ ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତି ଓ ଫଟୋଚିତ୍ରରେ ମାଲ୍ୟାର୍ପଣ ତଥା ଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ସଂସଦ ସଭାପତି ଚନ୍ଦ୍ରଭାନୁ ପଧାନ ଯୋଗ ଦେଇଥିଲେ । ଶିକ୍ଷକ କାର୍ତ୍ତିକ ଦାଶ ଓ କ୍ଷୀର ସିନ୍ଧୁ ସୁନା ଗଙ୍ଗାଧରଙ୍କ ଜୀବନୀ ଓ କାବ୍ୟ କବିତା ଉପରେ ଆଲୋଚନା କରିଥିଲେ । ପରେ ପରେ ଛାତ୍ରମାନେ ଗଙ୍ଗାଧର କବିତା ଆବୃତ୍ତି କରିଥିଲେ । ଶେଷରେ ଜିତେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

**ଅତାବିରା, (ଡି.ଏନ.ଏ):** ଅତାବିରା ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ଟାମ୍ପରସରାଠାରେ ୧୫୭ତମ ଗଙ୍ଗାଧର ଜୟନ୍ତୀ ରବିବାର ପାଳିତ ହୋଇଛି । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଗଙ୍ଗାଧରଙ୍କ ସାମୂହିକ କବିତା ଗାନ କରାଯାଇଥିଲା । ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ହୋଇଥିଲା। ଓଡିଆ ଅଧ୍ୟାପକ ଡ. ଅଜିତ କୁମାର ନାଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଙ୍ଗାଧର ମେହେରଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ ଟାମ୍ପରସରା ପ୍ରାଥମିକ ବିଦ୍ୟାଳୟ ତିଆରିକୁ ଗଙ୍ଗାଧରଙ୍କ ଜନ୍ମ ମହିମା ବୋଲି କହିଥିଲେ । ଶିକ୍ଷକ ଉପେନ୍ଦ୍ର କର୍ଣ୍ଣ, ବିଭୂତି ଭୂଷଣ ସାହୁ, ନରେନ୍ଦ୍ର ବେହେରା, ସୁଷମା ସାହୁ, ଜୟକୃଷ୍ଣ କର, ଶୁଭ୍ରାଂଶୁ ଶେଖର ସାହୁ ମଞ୍ଚାସୀନ ଥିଲେ । ଶିକ୍ଷୟିତ୍ରୀ ଲକ୍ଷ୍ମୀ ଥପା ଧନ୍ୟବାଦ ଅର୍ପଣ କରିଥିଲେ ।

**ଗାଇସିଲେଟ, (ଡି.ଏନ.ଏ.):** ଗାଇସିଲେଟ ଗଙ୍ଗାଧର ସାହିତ୍ୟ ସଂସଦ ପକ୍ଷରୁ ଗଙ୍ଗାଧର ଜୟନ୍ତୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଳିତ ହୋଇଛି । ପ୍ରଥମ ଅଧିବେଶନରେ ସଂସଦ ସଭାପତି ଦିବାକର ଯୋଷୀ, କବି ନିରଞ୍ଜନ ପଣ୍ଡା, ଶେଷଦେବ ଦୀପ, ନାଟ୍ୟକାର ଆଦିତ୍ୟ କୁମାର ପଣ୍ଡା, ଶିକ୍ଷାବିତ୍ ପରମେଶ୍ୱର ସାହୁ, ସମ୍ପାଦକ ରୁକ୍ମଣ ଦିଶ୍ରୀ ଯୋଗ ଦେଇଥିଲେ । ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ପଦ୍ମଶ୍ରୀ ଡା. ଶ୍ରୀନିବାସ ଉଦ୍‌ଗାତା ମୁଖ୍ୟଅତିଥି, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମୁଖ୍ୟବକ୍ତା, ଅଧ୍ୟାପିକା ସଂଘମିତ୍ରା ମିଶ୍ର ଓ ଦୁର୍ଗା ପ୍ରସାଦ ପଣ୍ଡା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସେହିପରି ପ୍ରଧାନ ଆଚାର୍ଯ୍ୟ ନରସିଂହ ସାହୁଙ୍କ ସଭାପତିତ୍ୱରେ ସରସ୍ୱତୀ ଶିଶୁ ମନ୍ଦିରରେ ଗଙ୍ଗାଧର ଜୟନ୍ତୀ ଓ ରକ୍ଷା ବନ୍ଧନ ପର୍ବ ପାଳିତ ହୋଇଛି । ଗୁରୁଜୀ ବ୍ୟାସଦେବ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ବିଜେପୁର,(ଡି.ଏନ.ଏ): ସ୍ୱଭାବ କବିଙ୍କ କର୍ମଭୂମି ବିଜେପୁରରେ ଖଗେଶ୍ୱର ସାହିତ୍ୟ କଳା ପକ୍ଷରୁ ଗଙ୍ଗାଧର ମେହେର ଜୟନ୍ତୀ ରବିବାର ପାଳିତ ହୋଇଛି । ସ୍ଥାନୀୟ ଡିଗ୍ରୀ କଲେଜର ଅଧକ୍ଷ ପ୍ରଦୀପ କୁମାର ମିଶ୍ର ମୁଖ୍ୟଅତିଥି, ଅଧ୍ୟାପକ ଡ. ପ୍ରଦୀପ କୁମାର ପଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମେହେର ସାହିତ୍ୟର ଭାବ ଗାମ୍ଭୀର୍ଯ୍ୟ, ନୀତି ଆଦର୍ଶ, ମହାନତା ଯୋଗୁ ଓଡିଆ ଭାଷା ବଞ୍ଚିଥିବା ମତପୋଷଣ କରିଥିଲେ । କ୍ରାନ୍ତିକବି ହରିଲାଲ ସାହୁ, ଇଶ୍ୱର ମେହେର, ସୁଷମା ଭୋଇ, ଅହଲ୍ୟା ପଧାନ, ସାବିତ୍ରୀ ମେହେର, ତରଣୀ ସେନ ପ୍ରଧାନ, ଦୁର୍ବାଦଳ ମେହେର, ତୁଳସୀରାମ ମେହେର ପ୍ରମୁଖ କବି କଳାକାର କବିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସମ୍ପାଦକ ରାଜେଶ୍ୱର ବେହେରା କାର୍ଯ୍ୟକ୍ରମ ସଂଯୋଜନା ଓ ଦେବାଶିଷ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ମେହେର ମଧପଡାର ଗଙ୍ଗାଧର ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଜୟନ୍ତୀ ସଭାରେ ତେଜରାଜ ମେହେର ଅଧକ୍ଷତା କରିଥିଲେ । ରାମକୃଷ୍ଣ ମେହେର ମୁଖ୍ୟଅତିଥି, ସାହିତ୍ୟିକା ଚନ୍ଦ୍ରକାନ୍ତି ମିଶ୍ର ମୁଖ୍ୟବକ୍ତା, ସମ୍ମାନୀତ ବକ୍ତା ଭାବେ ଅଧ୍ୟାପକ ଚିନ୍ମୟ ସାହୁ, ଡିଗ୍ରୀ କଲେଜ ଅଧକ୍ଷ ପ୍ରଦୀପ କୁମାର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଯୋଗେଶ ମେହେର ଅତିଥି ପରିଚୟ ଓ ବିରଞ୍ଚି ମେହେର ସଭା ସଂଯୋଜନା କରିଥିଲେ । ସ୍ମୃତି କମିଟି ସମ୍ପାଦକ ଜିତେନ୍ଦ୍ରିୟ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

**ଜାମଟିକ୍ରା,(ଡି.ଏନ.ଏ):** ଅତାବିରା ବାଳିକା ଉଚ୍ଚ ବିଦ୍ୟାଳୟରେ ରବିବାର ଗଙ୍ଗାଧର ଜୟନ୍ତୀ ପାଳିତ ହୋଇଛି । ଏହି ଉତ୍ସବରେ ପ୍ରଧାନଶିକ୍ଷକ ସୁରେନ୍ଦ୍ର ବେହେରା, ସହକାରୀ ଶିକ୍ଷକ ଶାନ୍ତନୁ ଭୋଇ, ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ବନମାଳୀ ବରିହା ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟା ଜାମିନୀ ମିଶ୍ର, ଶିକ୍ଷକ ଯୋଗେଶ ସାହୁ ଉପସ୍ଥିତ ଥିଲେ । ଶିକ୍ଷକ ସଚ୍ଚିଦାନନ୍ଦ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

**ଅମ୍ବାଭୋନା, (ଡି.ଏନ.ଏ.):** ଅମ୍ବାଭୋନା ବ୍ଲକ ଭୁକ୍ତା ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ଷାବନ୍ଧନ ଓ ଗଙ୍ଗାଧର ଜୟନ୍ତୀ ପାଳିତ ହୋଇଛି । ଛାତ୍ରୀଛାତ୍ରମାନେ ଘରୁ ଆଣିଥିବା ରାକ୍ଷୀ ଭାଇଭଉଣୀମାନଙ୍କୁ ବାନ୍ଧି ପରସ୍ପରକୁ ମିଠା ଖୁଆଇଥିଲେ । ଏହି ଅବସରରେ ସ୍କୁଲ ପରିସରରେ ଗଙ୍ଗାଧର ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରଘୁନାଥ ବଗର୍ତ୍ତୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଆଚାର୍ଯ୍ୟ ଗୌରଚନ୍ଦ୍ର ପଣ୍ଡା ଗଙ୍ଗାଧରଙ୍କ ସାହିତ୍ୟ ଉପରେ କହିଥିଲେ। ଭୁକ୍ତା ଜନତା ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଗଙ୍ଗାଧର ଜୟନ୍ତୀ ପାଳିତ ହୋଇଛି ।

**ସୋହେଲା,(ଡି.ଏନ.ଏ.):** ସୋହେଲା ଶିଶୁ ବିଦ୍ୟାମନ୍ଦିରରେ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ଓ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ହାସ୍ୟକବି ମୁନୀରାମ କୁମ୍ଭାର ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ଷା ବନ୍ଧନ ଏବଂ ସ୍ୱଭାବ କବିଙ୍କ ରଚନାବଳୀ ଉପରେ ଆଲୋଚନା କରିଥିଲେ । ସଭା ସଂଯୋଜନା କରିଥିଲେ ରାସେଶ୍ୱରୀ ଗୁରୁମା । ସଂଯୁକ୍ତା ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

**ଅତାବିରା, (ଡି.ଏନ.ଏ.):** ଭେଡେନ ବ୍ଲକ ଅନ୍ତର୍ଗତ ଖୁଣ୍ଟଲିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ଗଙ୍ଗାଧର ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶିବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଞ୍ଜୀବ କୁମାର ମିଶ୍ର ମୁଖ୍ୟ ଅତିଥି, ସୁନୀତି ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ନିରଞ୍ଜନ ଖର୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଖୁଣ୍ଟଲିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଭଉଣୀ ଭାଇମାନେ ଶିଶୁ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ବସ୍ତି ପର୍ଯ୍ୟନ୍ତ ଯାଇଥିଲେ । ସେମାନେ ଗାଈ, ବୃକ୍ଷକୁ ରାକ୍ଷୀ ପିନ୍ଧାଇଥିଲେ । ଶିଶୁ ମନ୍ଦିର ପରିସରରେ ଆୟୋଜିତ ସଭାରେ ଶିଶୁ ମନ୍ଦିର ପୂର୍ବତନ ସମ୍ପାଦକ ସଞ୍ଜୀବ କୁମାର ମିଶ୍ର ମୁଖ୍ୟଅତିଥି, ଯୁଗ୍ମ ସମ୍ପାଦକ ସଞ୍ଜୀବ ଡନସନା ମୁଖ୍ୟବକ୍ତା, ସୁଶ୍ରୀ ସୁନୀତା ଦାଶ ଅତିଥି ଭାବେ ମଞ୍ଚାସୀନ ଥିଲେ । ପରିଚାଳନା କମିଟି କୋଷାଧ୍ୟକ୍ଷ ସଦାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ବରଗଡ଼ରେ କବି ଗଙ୍ଗାଧରଙ୍କ ମୂର୍ତ୍ତିରେ ଜିଲାପାଳ ପୁଷ୍ପ ମାଲ୍ୟାର୍ପଣ କରୁଛନ୍ତି ।

## ସଂକ୍ଷେପରେ



### ଭତାର ଲାଗି ଗୁଲ୍‌ଗୁଲା

**ଅତାବିରା, ୨୬।୮(ଡି.ଏନ.ଏ.):** ଭେଡେନ ବ୍ଲକ୍ ଦେଶଭଟିଲି ପଁନ୍‌ଚେତର ଉଦେପୁର ଗାଁର ବିଧବା ବୁର୍‌ଧା ହେମ ଦନ୍ତା(୮୦)କୁଁ ଆଏଜ୍‌ତକ୍ ବିଧବା ଭତା ନୁହେମିଲେ। ହେମ ଦୁଇ ବଛର୍ ହେଲା ପଁନ୍‌ଚେତ୍ କତ୍ତୁର୍‌ପକ୍ଷକୁଁ ଫର୍ମ ଭରି ଦେଇଛନ୍, ହେଲେ ଆଏଜ୍‌ତକ୍ ତାହାକୁ ଭତା ନାଇଁ ମିଲିଥିବାର ସେ ଅଭିଯୋଗ୍ କରିଛନ୍। ଆଏଜ୍ ମିଲ୍‌ବା କାଲ୍‌କେ ମିଲ୍‌ବା ବଲି ଟିଆ ଦେଉଛନ୍ ଅଧିକାରୀ। ଏହେଦେ ବିଧବା ଭତା ତାକର ଲାଗି ସାତ୍ ସପନ୍ ହେଇଛେ। ଇଥିର୍ ଉପ୍‌ରେ ବ୍ଲକ୍ ପର୍‌ଶାସନ୍ ଦୁରୁଷ୍‌ଟି ଦେବାକେ ସାଧାରନ୍‌ରେ ଦାବି ହେଉଛେ।

### ଗୌନ୍ତିଆପଡାକୁ ଟ୍ୟାପ୍ ପାଣି ମିଳିଲା

**ଅତାବିରା, ୨୬।୮ (ଡି.ଏନ.ଏ):** ଭେଡେନ ବ୍ଲକ ଅନ୍ତର୍ଗତ ଦେଶଭଟିଲି ପଞ୍ଚାୟତ ଦେଶପର୍ଥଲା ଗୌନ୍ତିଆପଡାର ୩୦ଟି ପରିବାରକୁ ପାନୀୟ ଜଳ ମିଳୁ ନ ଥିଲା । ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଭେଡେନ ଆରଡବ୍ଲୁଏସଏସ ଓ ପଞ୍ଚାୟତ କର୍ତ୍ତୃପକ୍ଷ ଘଟଣାକୁ ଗୁରୁତ୍ୱ ସହ ନେଇ ଦେଶପର୍ଥଲା ପମ୍ପ ହାଉସ ଓଭର ହେଡ୍ ଟାଙ୍କିରୁ ପାନୀୟ ଜଳ ଯୋଗାଣ ସୁବିଧା କରିଛନ୍ତି ।

### ଦେଉଳି ଗାଁରେ ଝୁଲଣ ଯାତ୍ରା

**ପଦ୍ମପୁର,୨୬।୮ (ଡି.ଏନ.ଏ):** ପଦ୍ମପୁର ନିକଟ ଦେଉଳି ଗ୍ରାମରେ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଛି । ରାଧାକୃଷ୍ଣଙ୍କୁ ଦୋଳିରେ ଝୁଲାଇ ପ୍ରତ୍ୟହ ନୀତି ନିଷ୍ଠାର ସହିତ ପୂଜାର୍ଚ୍ଚନା ହୋଇଥିଲା । ଏହି ଅବସରରେ କୃଷ୍ଣଲୀଳା ଆଧାରରେ ଲୋକନାଟକ ତଥା ଦରବାର କାର୍ଯ୍ୟକ୍ରମ ସହିତ ଲୋକନୃତ୍ୟ, ଲୋକଗୀତ, ଭଜନ ସନ୍ଧ୍ୟା ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ଶ୍ରମ ତଥା ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ପୂର୍ବତନ ମନ୍ତ୍ରୀ ବିଜୟ ରଞ୍ଜନ ସିଂ ବରିହା ସମ୍ମାନିତ ଅତିଥି ଏବଂ ଅଧାପକ ସୁଶାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । କବି ଯଶୋବନ୍ତ ବିଶ୍ୱାଳଙ୍କ ପୌରୋହିତ୍ୟରେ ସଭା ଆୟୋଜିତ ହୋଇଥିବା ବେଳେ ଭଜନ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଅଞ୍ଜନ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ସିଲେଇ ତାଲିମ କେନ୍ଦ୍ର ଉଦ୍‌ଘାଟିତ

**ଅତାବିରା, ୨୬।୮(ଡି.ଏନ.ଏ):** ବରଗଡ଼ ନେହେରୁ ଯୁବକେନ୍ଦ୍ର ଏବଂ ଲଚିଦାର ଜୟହିନ୍ଦ୍ ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସିଲେଇ ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ସରପଞ୍ଚ ଦେବାଂଶୁ ପତି ଏହାକୁ ଉଦ୍‌ଘାଟନ କରିଥିଲେ । ଉକ୍ତ ତାଲିମ କେନ୍ଦ୍ରରେ ସିଲେଇ ତାଲିମ ପାଇଁ ୨୫ଜଣ ଯୁବତୀ ଆବେଦନ କରିଛନ୍ତି। ତାଲିମ ନେବା ପରେ ସେମାନେ ସ୍ୱାବଲମ୍ବୀ ହୋଇ ପାରିବେ । ନେହେରୁ ଯୁବକେନ୍ଦ୍ରର ତ୍ରିଲୋଚନ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସରୋଜ ସୂପକାର ସହଯୋଗ କରିଥିଲେ । ଜୟନ୍ତୀ ସିଂ ତାଲିମ ପ୍ରଦାନ କରିଥିଲେ ।

### ସାହ୍ଲେପାଲି-ପଧାନପାଲି ରାସ୍ତା ଶୋଚନୀୟ

**ଭେଡ଼େନ, ୨୬।୮(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅନ୍ତର୍ଗତ ସାହ୍ଲେପାଲି-ପଧାନପାଲି ରାସ୍ତା କାଦୁଅ ହୋଇ ଗମନାଗମନରେ ନାହିଁ ନ ଥିବା ଅସୁବିଧା ହେଉଛି । ଏହି ରାସ୍ତା ଦେଇ ବହୁ ଛାତ୍ରୀଛାତ୍ର ସାହ୍ଲେପାଲି ହାଇସ୍କୁଲ ଓ ରେଶମ କଲେଜକୁ ଯିବା ଆସିବା କରୁଛନ୍ତି। ଏହାର ମରାମତି ପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରି ଶନିବାର କୋଶଳ ଯୁବ ସମନ୍ୱୟ ସମିତି ଭେଡ଼େନ ବ୍ଲକ ଶାଖାର ସଦସ୍ୟମାନେ ପହ୍ଲାରୋଇ ଅଭିନବ ପ୍ରତିବାଦ କରିଛନ୍ତି। ଯୁବ ସମିତିର ଉପସଭାପତି ସୌମିତ୍ରୀ ସାହୁ, ରମାକାନ୍ତ ପଧାନ, ସୁବାଶ ସାହୁ, ଚୂଡ଼ାମଣି ଭୋଇ, ସଂସାର ମେହେର, ଦାଶରଥି ସରହୁ, ରୋହିତ ମେହେର, ସୁଦାମ ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।

## ଦୁର୍ଗାପୂଜା କମିଟି ବୈଠକ

ସୋହେଲା,୨୬।୮(ଡି.ଏନ.ଏ.)

ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟିର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ସଂସ୍କୃତି ଭବନଠାରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପୂଜା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଦେବତା ସଭାପତିତ୍ୱ କରିଥିଲେ । କମିଟି ସମ୍ପାଦକ ରାମ ନିବାସ ଅଗ୍ରୱାଲ ଗତବର୍ଷ ଦୁର୍ଗାପୂଜାର ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ । ଚଳିତ ବର୍ଷ ଦୁର୍ଗାପୂଜାର ୭୫ ବର୍ଷ ହେଉଥିବାରୁ ପ୍ଲାଟିନମ ଜୁବିଲି କିପରି ଶାନ୍ତିଶୃଙ୍ଖଳା ତଥା ଧୂମ୍‌ଧାମରେ ପାଳନ କରାଯିବ ସେ ନେଇ ସୋହେଲାର ନାଗରିକମାନେ ମତ ରଖିଥିଲେ । ଦୁର୍ଗାପୂଜାକୁ ସଫଳ କରିବା ପାଇଁ ବିଭିନ୍ନ କମିଟିମାନ ଗଠନ କରାଯାଇଥିଲା । ଟଙ୍କଧର ଝାଙ୍କର, ରମାକାନ୍ତ ସାହୁ, ରାମେଶ୍ୱର ସାହୁ, ବଳବୀର ସିଂ ଠାକୁର, ସଞ୍ଜୀବ ଝାଙ୍କର, ପୂର୍ବତନ ବିଧାୟକ ମହମ୍ମଦ ରଫିକ, ବାବୁଲୁ ଦେବତା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । କମିଟିର ଉପସଭାପତି ମହମ୍ମଦ ରଫିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ନୂଆଖାଇ ଭେଟ୍ ପାଇଁ ପ୍ରସ୍ତୁତି ବୈଠକ

ବରଗଡ଼ ଅଫିସ୍,୨୬।୮

ବରଗଡ଼ ଖଜୁରଟିକ୍ରା ବଳରାମ ଦେବ କ୍ଲବ ପକ୍ଷରୁ ନୂଆଖାଇ ଭେଟ୍ କାର୍ଯ୍ୟକ୍ରମ ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କ୍ଲବ ସଭାପତି ସରୋଜ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନୂଆଖାଇ ଭେଟଘାଟ୍ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଏକ କମିଟି ଗଠନ କରାଯାଇଥିଲା । ଏଥିରେ ସରୋଜ କୁମାର ଷଡ଼ଙ୍ଗୀ ସଭାପତି, ଚିନ୍ତାମଣି ପରିଡ଼ା ଉପସଭାପତି, ଜିତୁ ରାଉତ ସମ୍ପାଦକ, ପିଣ୍ଟୁ ରାଉତ ସହ ସମ୍ପାଦକ, ଅଶୋକ କୁମାର ଭୋଇ କୋଷାଧ୍ୟକ୍ଷ ଏବଂ ନିଲୁ ରାଉତ ସହ କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ । ଏହା ସହିତ କାର୍ଯ୍ୟକାରୀ କମିଟି ସଦସ୍ୟ ମନୋନୀତ କରାଯାଇଥିଲା । ନୂଆଖାଇ ଭେଟଘାଟ ଅବସରରେ ଲୋକନୃତ୍ୟ ପ୍ରତିଯୋଗିତା, କ୍ଲବ ସଭ୍ୟଙ୍କ ଦ୍ୱାରା ଡ୍ରାମା, ସମ୍ବଲପୁରୀ ନୃତ୍ୟ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା ।

# ରାସ୍ତାରେ ଧାନ ରୋଇଲେ ମହିଳା

ଗାଇସିଲେଟ, ୨୬।୮(ଡି.ଏନ.ଏ.)

ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗନିଆଁପାଲି ଗ୍ରାମପଞ୍ଚାୟତର ମଲମଣ୍ଡା ତଳିପଡାରୁ ଗାଇସିଲେଟକୁ ସଂଯୋଗ କରୁଥିବା ରାସ୍ତା ଏବେ ଖରାପ ହୋଇପଡିଛି । ଉକ୍ତ ରାସ୍ତା ମରାମତି କରିବା ପାଇଁ ସ୍ଥାନୀୟ ସରପଞ୍ଚ ବ୍ଲକରେ ଅନେକ ଥର ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ । ଏହି ରାସ୍ତାରେ ପ୍ରତ୍ୟହ ଶତାଧକ ଲୋକ ଗାଇସିଲେଟ ତହସିଲ, ବ୍ଲଡ ବ୍ୟାଙ୍କ, ସମବାୟ ସମିତି ତଥା ଛାତ୍ରୀଛାତ୍ର କଲେଜକୁ ପଢିବାକୁ ଯାତାୟତ କରିଥାନ୍ତି । ଗତ ଉପନିର୍ବାଚନରେ ଗ୍ରାମବାସୀ ନେତାମାନଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେମାନେ ମଧ ମରାମତି କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଦୀର୍ଘଦିନ ବିତିଯାଇଥିଲେ ମଧ ମରାମତି ନ ହେବାରୁ ରବିବାର ଗ୍ରାମର ମହିଳା ଜୟନ୍ତୀ ସାହୁ, ଦଶମୀ ସାହୁ, ଅନୁସୟା ସାହୁ ,ସାଏବାନି ସାହୁ ପ୍ରମୁଖ ରାସ୍ତା ବନ୍ଦ କରି ଧାନ ପହ୍ଲା ରୋପଣ କରିଥିବା ଦେଖିବାକୁ ମିଳିଥିଲା।

**ଅଭିନବ ପ୍ରତିବାଦ**



ଗ୍ରାମର ମହିଳାମାନେ ରାସ୍ତାରେ ଧାନ ତଳି ରୋଉଛନ୍ତି ।

## ନାମଯଜ୍ଞ ଉଦ୍‌ଯାପିତ

ଭେଡ଼େନ,୨୬।୮(ଡ଼ି.ଏନ.ଏ)

ଭେଡ଼େନ ଡ଼ାକ୍ତରଖାନା ପରିସରରେ ଥିବା ହନୁମାନ ମନ୍ଦିରଠାରେ ଚାଲିଥିବା ଉଦୟଅସ୍ତ ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଛି । ଏହି ନାମଯଜ୍ଞରେ ପ୍ରତିଦିନ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ନାମଜପ କରାଯାଇଥିଲା । ଏହି ଯଜ୍ଞରେ ପପୁ ପାଣ୍ଡେ ଓ ନୀଳିମା କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିବା ବେଳେ ତେଜରାଜ ଶତପଥି, ପ୍ରଭାସ ରଥ, ହାଡୁ ତ୍ରିପାଠୀ ପ୍ରମୁଖ ପୁରୋହିତ ଭାବେ ପୂଜାର୍ଚ୍ଚନା କରିଥିଲେ । ଅନ୍ତିମ ଦିବସରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଭେଡ଼େନ ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି, ଜିଲା ପରିଷଦ ସଭ୍ୟ ସୁବାସ ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଳତି କରିଥିଲେ। ନାମଯଜ୍ଞ ଆୟୋଜନରେ ସୁଷମା ଦାଶ, ସୁମିଧା ମେହେର, ଲକ୍ଷ୍ମୀପ୍ରିୟା କର୍ତ୍ତି, ରୁକ୍ମଣୀ ସାହୁ, ହେମ ସାହୁ, ସୁଷମା ମେହେରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମହିଳାମାନେ ସହଯୋଗ କରିଥିଲେ ।

## ଦଧିବାମନଙ୍କ ଭକ୍ତ ପରମାନନ୍ଦ ବେଶ



ରବିବାର ଗହ୍ମାପୂର୍ଣ୍ଣିମା ଅବସରରେ ଭଟଲି ଦଧିବାମନ ଧାମରେ ମହାପ୍ରଭୁ ଶ୍ରୀ ଶ୍ରୀ ଦଧିବାମନ ଭକ୍ତ ପରମାନନ୍ଦ ବେଶରେ ଦର୍ଶନ ଦେଉଛନ୍ତି ।

# କାରାଗାର ଅନ୍ତେବାସୀଙ୍କୁ ରାଖୀ ବାନ୍ଧିଲେ ମହିଳା

ବରଗଡ଼ ଅଫିସ୍,୨୬।୮

ବରଗଡ଼ ମହିଳା ସମିତି ରବିବାର ଭିନ୍ନଢ଼ଙ୍ଗରେ ରକ୍ଷାବନ୍ଧନ ପାଳନ କରିଥିଲା । ସମିତିର ସଭ୍ୟାମାନେ ସ୍ଥାନୀୟ ଉପକାରାଗାରକୁ ଯାଇ ସେଠାକାର ଅନ୍ତେବାସୀଙ୍କୁ ରାକ୍ଷୀ ବାନ୍ଧିଥିଲେ । ଏହା ସହିତ ଫୁଲ, ଚନ୍ଦନ ମଖାଇ ମିଠା ମଧ୍ୟ ଖୁଆଇଥିଲେ ଏବଂ ଅନ୍ତେବାସୀଙ୍କ ଭାବ ବିନିମୟ କରିଥିଲେ। ସମିତିର କାର୍ଯ୍ୟକାରୀ ସଭାପତି ଗୀତା ମିଶ୍ରଙ୍କ ନେତୃତ୍ୱରେ ରୀତା ମିଶ୍ର, ମମତା ମିଶ୍ର, ଅନୁପମା ଦାଶ, ନିଳିମା ବିଶ୍ୱାଳ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହା ସହିତ ଟାଉନ ଥାନାକୁ ଯାଇ ମଧ୍ୟ ମହିଳାମାନେ ସେଠାରେ ଉପସ୍ଥିତ ପୋଲିସ ଅଧିକାରୀ, କର୍ମଚାରୀଙ୍କୁ ରାକ୍ଷୀ ବାନ୍ଧିଥିଲେ । ସେହିପରି ବରଗଡ଼ ସହରର ବିଭିନ୍ନ ସ୍ଥାନରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି। ସ୍ଥାନୀୟ କେଶବନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଆଚାର୍ଯ୍ୟ ସନ୍ତୋଷ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। କମଗାଁ କଲେଜର ଅଧ୍ୟାପକ ଅରବିନ୍ଦ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅଖିଳ ଭାରତୀୟ ଶିଶୁ ବାଟିକା ବିଭାଗର ସହସଂଯୋଜକ ସୁବାଷ ଚନ୍ଦ୍ର ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇ ଥିବାବେଳେ ପରିଚାଳନା ସମିତିର ସଭାପତି ତେଜସ୍ୱୀ ଦିଶ୍ରୀ ମଧ୍ୟ ମଞ୍ଚାସୀନ ଥିଲେ । ପ୍ରତିତୀ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ । ସେହିପରି ଗୋରୁମାର୍କେଟ ବ୍ରହ୍ମବିହାରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବ୍ରହ୍ମବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସହପ୍ରଧାନଆଚାର୍ଯ୍ୟ ପ୍ରଦୀପ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରସରା କଲେଜର ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀ ଜ୍ୟୋତିର୍ମୟୀ ବାରିକ, ଆଦିତ୍ୟ ଅମ୍ଳାନ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଗୁରୁଜୀ ପୁରୁଷୋତ୍ତମ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଗୁରୁମା ସୌଦାମିନୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗୁରୁଜୀ ମେଘନାଥ ତାଜେନ ଧନ୍ୟବାଦ ଅର୍ପଣ କରିଥିଲେ ।



ବରଗଡ଼ କାରାଗାର ଅନ୍ତେବାସୀଙ୍କୁ ମହିଳାମାନେ ରାଖୀ ବାନ୍ଧୁଛନ୍ତି ।

## ମନ୍ଦିରରେ ଭିଡ ଜମିଲା

ଜାମଟିକ୍ରା, ୨୬।୮(ଡି.ଏନ.ଏ.)

ଅତାବିରା ସହରରେ ରବିବାର ରାକ୍ଷୀ ପୂର୍ଣ୍ଣିମା ପାଇଁ ବିଭିନ୍ନ ମନ୍ଦିର ଓ ମିଠା ଦୋକାନରେ ଭିଡ ପରିଲକ୍ଷିତ ହୋଇଥିଲା। ସରଣ୍ଡା, ସୋର୍ଣ୍ଣା, କୁଲୁଣ୍ଡା, ପତ୍ରାପାଲି, ଅତାବିରାର ଶିବ ମନ୍ଦିର, ଲାଦରପାଲି ରାମଚଣ୍ଡୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା । ବିଶେଷ କରି ଭଉଣୀମାନେ ମନ୍ଦିରରେ ରାକ୍ଷୀ ପୂଜା କରିବା ପରେ ନିଜ ଭାଇଙ୍କ ହାତରେ ବାନ୍ଧୁଥିବା ଦେଖିବାକୁ ମିଳିଥିଲା। ସେହିପରି ସହରର ମିଠା ଦୋକାନ ଗୁଡିକରେ ମଧ୍ୟ ଭିଡ ଜମିଥିଲା। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ମିଠା ଦୋକାନୀମାନେ ଭଳିକି ଭଳି ମିଠା ସଜାଇ ରଖିଥିଲେ । ଖୁଆ ରସଗୋଲା, ରାଜଭୋଗ, ଲଡ୍ଡିଆ ମିଠା, ଖୁଆପେଡା ଆଦି ସ୍ୱତନ୍ତ୍ର ଭାବେ ତିଆରି କରି ଗ୍ରାହକଙ୍କୁ ବିକ୍ରି କରାଯାଉଥିଲା ।



ଲଜ୍ଜା, ଘୃଣା, ଭୟ। ଏହି ତିନୋଟିରୁ ଗୋଟିଏ ଉପସ୍ଥିତ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ଦର୍ଶନ ହୁଏ ନାହିଁ।

-ଶ୍ରୀ ରାମକୃଷ୍ଣ ପରମହଂସ

## ସଂକ୍ଷେପରେ



### ଲଗାଣ ବର୍ଷାରେ ବାଲିଚର ହୋଇଗଲା ପହ୍ଳ

ଅତାବିରା, ୨୬।୮(ଡି.ଏନ.ଏ.): ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଗ୍ରାମାଞ୍ଚଳରେ ଶୁକ୍ରବାର ରାତିରେ ଲଗାଣ ବର୍ଷା ହେବାରୁ ଚାଷଜମିରେ ପାଣି ଭର୍ତ୍ତି ହୋଇ ପହ୍ଳଗୁଡ଼ିକ ବୁଡ଼ିଯାଇଛି। ଦେଶଭଟ୍ଟଲି, ଉଦେପୁର ଛକ ରାଜପଥ ଉଭୟ ପାର୍ଶ୍ୱ ନଲିଆ, ଝାଉଁଯୋର ବନ୍ୟାପାଣିରେ ବୁଡ଼ି ଯାଇ ବାଲିଚର ହୋଇଛି । ଗତ ମାସ ଝାଉଁଯୋର ବନ୍ୟାରେ ଶତାଧିକ ଏକର ଚାଷ ଜମି ବାଲିଚର ହୋଇ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଏଯାଏ ଚାଷୀଙ୍କୁ ସହାୟତା ମିଳିନି । ଫଳରେ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି ।

# ସମିତିରେ ତାଲା ପକାଇଲେ ଚାଷୀ

ବରଗଡ଼ ଅଫିସ୍, ୨୬।୮

ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚାଷୀମାନେ ବୀମା କ୍ଷତିପୂରଣ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବରଗଡ଼ ଜିଲାରେ ଅସନ୍ତୋଷ ବଢ଼ୁଛି ଏବଂ ଅସନ୍ତୋଷ ଆନ୍ଦୋଳନ ପାଇଁ ଦାନା ବାନ୍ଧୁଛି । ଏହି କ୍ରମରେ ଜିଲାର ପାଇକମାଳ ବ୍ଲକ ଅନ୍ତର୍ଗତ ପଲସଦା ସେବା ସମବାୟ ସମିତି ଅଧୀନ ଚାଷୀମାନେ ସମିତିରେ ତାଲା ପକାଇ ଦେଇଛନ୍ତି। ଚାଷୀମାନେ ଏଭଳି ପ୍ରତିବାଦ ଜାରି ରଖିଥିବାବେଳେ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ। ଚାଷୀମାନେ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି। ପଲସଦା ଆଞ୍ଚଳିକ କୃଷକ ସଙ୍ଗଠନ ନେତୃତ୍ୱରେ ଏହି ଆନ୍ଦୋଳନ ଚାଲିଛି ।

**ବୀମା କ୍ଷତିପୂରଣ ଦାବି**



ତାଲା ପକାଇ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ବସିଛନ୍ତି ।

## ମହିଳା ନେତୃତ୍ୱ ବିକାଶ ତାଲିମ ଶିବିର

ପାଇକମାଳ, ୨୬।୮(ଡି.ଏନ.ଏ)

ପାଇକମାଳ ବ୍ଲକ ସୁରୁଙ୍ଗିଦାଦର ସ୍ଥିତ ମାସ୍ ତାଲିମ ଗୃହରେ ମହିଳା ନେତୃତ୍ୱ ବିକାଶ ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ୪୦ ଜଣ ମହିଳା ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ଆଦିକନ୍ଦ ବିଶ୍ୱାଳ ତାଲିମଦାତା ଭାବେ ଯୋଗ ଦେଇଥିଲେ । ଦୁର୍ଯ୍ୟୋଧନ ବିଶି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରେବତୀ ରାଉତ, ଦେଗଶେ କପାଟ, ଯୋଗିନୀ କପାଟ ସହଯୋଗ କରିଥିଲେ ।

## ବୁଡାମାଲ-ଦହିତା ରାସ୍ତା ଶୋଚନୀୟ

ପଦ୍ମପୁର, ୨୬।୮(ଡି.ଏନ.ଏ.)

ପଦ୍ମପୁର ବ୍ଲକ ଅନ୍ତର୍ଗତ ବୁଡାମାଲ-ଦହିତା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସ୍ଥାନେ ସ୍ଥାନେ ଗର୍ତ୍ତ ହୋଇଯିବା ସହ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଶୀଘ୍ର ଦୃଷ୍ଟି ଦେଇ ରାସ୍ତା ମରାମତି କରିବା ପାଇଁ ଦାବି ହେଉଛି ।

## ବୃକ୍ଷକୁ ରାଖୀ ବାନ୍ଧିଲେ ସ୍ୱେଚ୍ଛାସେବୀ

ବରଗଡ଼ ଅଫିସ୍, ୨୬।୮

ବରଗଡ଼ ଜିଲା ବାଗଝୁଲାସ୍ଥିତ ମାନବ କଲ୍ୟାଣ ସେବାଶ୍ରମ ଅନ୍ତେବାସୀ ରବିବାର ରକ୍ଷାବନ୍ଧନ ଉତ୍ସବ ପାଳନ କରିଛନ୍ତି । ଏହି ଅବସରରେ ଆଶ୍ରମର ଅନ୍ତେବାସୀମାନେ ସେଠାରେ ରହିଥିବା ବୃକ୍ଷରେ ରାଖୀ ବାନ୍ଧିଥିଲେ । କାର୍ଯ୍ୟକ୍ରମରେ ବଦାନ୍ୟ ବନ୍ଧୁର ମୁଖ୍ୟ ସୁବ୍ରତ ବିର୍ତ୍ତିଆ ଯୋଗଦେଇ ଅନ୍ତେବାସୀଙ୍କୁ ଉତ୍ସାହିତ କରିଥିଲେ ।

■ ଜନ୍ମମାଟି ବରପାଲିରେ ୧୫୬ତମ ରାଜ୍ୟସ୍ତରୀୟ ଜୟନ୍ତୀ

# କବି ଗଙ୍ଗାଧର ବିଶ୍ୱରେ ବନ୍ଦନୀୟ



ଗଙ୍ଗାଧର ମେହେର ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

ବରପାଲି, ୨୬।୮(ଡି.ଏନ.ଏ.)

କବି ଗଙ୍ଗାଧର ମେହେର ସାରା ବିଶ୍ୱରେ ନିଜର ଓଡିଆ ସାହିତ୍ୟର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ବାସ୍ତବରେ ଗଙ୍ଗାଧର ଅମୃତ ସନ୍ତାନ ତଥା ସାରା ବିଶ୍ୱରେ ବନ୍ଦନୀୟ ବୋଲି ଜନ୍ମମାଟି ବରଗଡ଼ ଜିଲା ବରପାଲିରେ ଅନୁଷ୍ଠିତ ୧୫୬ତମ ଜୟନ୍ତୀରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଓଡିଶା ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର କ୍ଲବର ମିଳିତ ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ସଭାରେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ଅଧ୍ୟାପକ ଡ. ପ୍ରଦୀପ କୁମାର ହୋତା ଅଧ୍ୟକ୍ଷତା କରିଥିଲେ । ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଗଡ ଏମ୍‌ପି ଡା. ପ୍ରଭାସ କୁମାର ସିଂ ମୁଖ୍ୟ ଅତିଥି, ବିଜେପୁର ବିଧାୟିକା ରୀତା ସାହୁ ବିଶିଷ୍ଟ ଅତିଥି, ଜିଲାପାଳ ବରଗଡ ଇନ୍ଦ୍ରମଣି ତ୍ରିପାଠୀ ବରେଣ୍ୟ ଅତିଥି, ମୁଖ୍ୟବକ୍ତା ବାବାଜୀ ଚରଣ ପଟ୍ଟନାୟକ, କ୍ଲବ ସଭାପତି ଘନଶ୍ୟାମ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିନୋଦାନନ୍ଦ ସାହୁ ସ୍ୱାଗତ ଭାଷଣ ଏବଂ ଘନଶ୍ୟାମ ପାଣିଗ୍ରାହୀ ପରିଚୟ ପ୍ରଦାନ କରିଥିଲେ । ଜୟନ୍ତୀ ସଭାରେ ପ୍ରଥମେ ଅଧ୍ୟାପକ ସୁସାହିତ୍ୟିକ ମାନଭଞ୍ଜନ ପଧାନଙ୍କୁ ଗଙ୍ଗାଧର ସାରସ୍ୱତ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସକାଳେ ଗଙ୍ଗାଧର ସାହିତ୍ୟ ପରିଷଦ ପକ୍ଷରୁ କବିଙ୍କ ଜନ୍ମଗୃହରେ (କବି ଭବନ) ଭକ୍ତି ନୈବେଦ୍ୟ ଅର୍ପଣ କରାଯାଇଥିଲା। ପରେ ଗଙ୍ଗାଧର କଲ୍ୟାଣମଣ୍ଡପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ପଦ୍ମଶ୍ରୀ ବିଦ୍ୟା ବାଚସ୍ପତି ଶ୍ରୀନିବାସ ଉଦ୍‌ଗାତାଙ୍କୁ ଗଙ୍ଗାଧର ସାରସ୍ୱତ ସମ୍ମାନ ଓ ଡ. ରଞ୍ଜନା ସାହୁଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଜୟନ୍ତୀ ଉତ୍ସବରେ ବିଭିନ୍ନ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବାବେବିରା ସ୍କୁଲରେ ରକ୍ଷା ବନ୍ଧନ

ସରଣ୍ଡା, ୨୬।୮ (ଡି.ଏନ.ଏ)

ଗଛର ଯତ୍ନ ନେଇ ବଞ୍ଚାଇବା ଉଦ୍ଦେଶ୍ୟ ନେଇ ବାବେବିରା ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବର ଛାତ୍ରୀମାନେ ବୃକ୍ଷକୁ ରାଖୀ ବାନ୍ଧି ରକ୍ଷା ବନ୍ଧନ ଉତ୍ସବ ପାଳନ କରିଛନ୍ତି । ସ୍କୁଲ ପରିସରରେ ଥିବା ସମସ୍ତ ଗଛକୁ ପରିବେଶ ସୁରକ୍ଷା ପାଇଁ ବଞ୍ଚାଇବା ଜରୁରୀ ବୋଲି ସେମାନେ ଶପଥ ନେଇଥିଲେ । ଇକୋ କ୍ଲବ ଇନଚାର୍ଜ ଅମୃତ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ସ୍କୁଲ ପରିଚାଳନା କମିଟି ସଭାପତି ଗଜପତି ନାଏକ, ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ପ୍ରଧାନ, ସମାଜସେବୀ ଅର୍ଜୁନ ଦୀପ ଉପସ୍ଥିତ ଥିଲେ ।




ଛାତ୍ରୀଛାତ୍ର ବୃକ୍ଷକୁ ପୂଜାର୍ଚ୍ଚନା କରି ରାଖୀ ବାନ୍ଧୁଛନ୍ତି ।

# ମହିମା ଆଶ୍ରମରେ ନବାନ୍ନ ଭକ୍ଷଣ

ଅମ୍ବାଭୋନା, ୨୬।୮(ଡି.ଏନ.ଏ.)

ଅମ୍ବାଭୋନା ବ୍ଲକ ଚିଚୋଲି-ଭୁକ୍ତା ମହିମାଶ୍ରମରେ ରବିବାର ନବାହ୍ନ ଭକ୍ଷଣ ଉତ୍ସବ ପାଳିତ ହୋଇଛି । ଏହି ଅବସରରେ ଭଜନକୀର୍ତ୍ତନ, ଧୂନି ମନ୍ଦିର ସ୍ଥାପନା ଆଦି କାର୍ଯ୍ୟକ୍ରମ ହୋଇଥିଲା। ସକାଳ ୮ଟା ପରେ ବ୍ରହ୍ମ ଅବଧୂତ ବିରେନ୍ଦ୍ର କୁମାର ବାବା ଓ ଉଦ୍ଧବ ଚରଣ ବାବା ମହିମା ଅଲେଖ ଓ ଶୂନ୍ୟ ବ୍ରହ୍ମଦେହୀଙ୍କୁ ନବାହ୍ନ ଅର୍ପଣ କରିଥିଲେ। ପରେ ମହିମା ଧର୍ମୀମାନଙ୍କୁ ନବାହ୍ନ ପରିବେଷଣ କରାଯାଇଥିଲା। ମହିମା ପୀଠ ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସମ୍ପାଦକ ଦାମୋଦର ପଟେଲ, ସହ ସମ୍ପାଦକ ଗୌତମ ପଧାନ, ସଭ୍ୟ ଧନୀରାମ ପଟେଲ, ବର୍ଦ୍ଧୁ ସା, ଫକୀର ପଧାନ ସହଯୋଗ କରିଥିଲେ ।



ମହିମା ଆଶ୍ରମରେ ଶ୍ରଦ୍ଧାଳୁମାନେ ନବାନ୍ନ ଭକ୍ଷଣ କରୁଛନ୍ତି ।

# ନିଶାସେବନ, ନିରାକରଣ ଆଲୋଚନାଚକ୍ର

ବରଗଡ଼ ଅଫିସ୍, ୨୬।୮

ବରଗଡ଼ ମହିଳା କଲେଜରେ ଶନିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନିଶାସେବନ ଓ ଏହାର ନିରାକରଣ ଶୀର୍ଷକ ଆଲୋଚନାଚକ୍ରରେ ଆସୋସିଏଟ ପ୍ରଫେସର ଡା. ମିହିର ରଞ୍ଜନ ନାୟକ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ନିଶା ସେବନର କୁପ୍ରଭାବ ଉପରେ ବକ୍ତବ୍ୟ ରଖିଥିଲେ । ଏହାସହିତ ବିଭାଗ ମୁଖ୍ୟ ଡା.ମନସ୍ୱିନୀ ଦାଶ, ଡା. ଟିଙ୍କୁ ଷଡ଼ଙ୍ଗୀ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରି ନିଜ ମତ ରଖିଥିଲେ । ରାଜକିଶୋର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ କଲେଜ ଅଧ୍ୟକ୍ଷା ଏଥିରେ ଯୋଗ ଦେଇଥିଲେ ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**Get Instant Cash Against Gold**
**Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

**B.N. FINANCE**
ସମସ୍ତ ଜିଲ୍ଲା ପାଇଁ Personal, Business, Property, Certificate, କୃଷି ଓ ପଶୁପାଳନ ପାଇଁ ସମସ୍ତ ପ୍ରକାର ଲୋନ୍ ୫ ଦିନ ମଧ୍ୟରେ ମିଳିବ। 2% ସୁଧ।
M: 8337957615, 7064797490

ADMISSION OPEN FOR 2018-20
**B.Ed**
**CT(D.EL.Ed) & M.Ed**
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 **NIDT**
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ଆଗେ କାମ, ପରେ ଦାମ୍।
ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ, ସମସ୍ତ ଋଣ 2% ସୁଧ 40% ରିହାତି ଘରେ ବସି ପାଆନ୍ତୁ।
**OM FINANCE**
9557124359
7895699233

**FINANCE**
MG Financial Solution
୨ଦିନ ମଧ୍ୟରେ ଦେଉଛି ସମସ୍ତ ପ୍ରକାର ଋଣ ବର୍ଷକୁ ୩ % ସୁଦ୍ଧରେ। ସରକାରୀ ଗ୍ୟାରେଣ୍ଟର୍ ଆବଶ୍ୟକ ନାହିଁ। (ସ୍ୱତନ୍ତ୍ର ସର୍ତ୍ତମୂଳକ ରିହାତି ୩୦% ) ଏଜେଣ୍ଟ ଆମନ୍ତ୍ରିତ । କମିଶନ ଏବଂ ସ୍ଥାୟୀ ଦରମା
09674882781
08826582043
09674882851
mgfinance99@gmail.com

**GET INSTANT CASH AGAINST GOLD**
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

**SMS JOB**
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

**BUSINESS**
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ଫ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580, 95578-79781

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FIRST FINANCE LIMITED**
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number: 7689937202



9911436726, 8750311430

**FINANCE**
PEHEL ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
7347695603
8941029381

**Kuber Finance**
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

**JAGANNATH FINANCE COMPNAY**
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

**FINANCE**
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

**TARIFF — MORE SPACE • SAME PRICE** (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍



## ସଂକ୍ଷେପରେ

### ମେଡିକାଲ ପରିସରରେ ସଫେଇ

ପୁରୁଣାକଟକ,୨୬।୮(ଡି.ଏନ.ଏ.)- ପୁରୁଣାକଟକ ଗ୍ରାମପଞ୍ଚାୟତ ବିଜୁ ଯୁବ ବାହିନୀ ସଦସ୍ୟମାନଙ୍କ ଦ୍ୱାରା ଶନିବାର ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ବିଜୁ ଯୁବ ବାହିନୀ ସଭାପତି ଅମିତ ବେହେରା, ସମ୍ପାଦକ ନରେଶ ସାହୁ, କୋଷାଧ୍ୟକ୍ଷ ସୁବ୍ରତ କୁମାର ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

### ଶିଶୁ ମନ୍ଦିରରେ ଗୋପୂଜନ, ରକ୍ଷା ବନ୍ଧନ

ପୁରୁଣାକଟକ,୨୬।୮(ଡି.ଏନ.ଏ.)- ବୌଦ୍ଧ ଜିଲା ପୁରୁଣାକଟକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ରକ୍ଷାବନ୍ଧନ ଓ ଗୋପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ପରିଚାଳନା ସଭାପତି ସୁରେନ୍ଦ୍ର ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ମକଦ୍ଦମ ମହାରଣାଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଓ ଆଚାର୍ଯ୍ୟା, ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ଗଛରେ ରାକ୍ଷୀ ବାନ୍ଧିବା ସହ ଗୋ ପୂଜା କରିଥିଲେ ।

### ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ, ଶ୍ରାବଣୀ ମେଳା

ପୁରୁଣାକଟକ,୨୬।୮(ଡି.ଏନ.ଏ.)- ବୌଦ୍ଧ ଜିଲା ତିଲେଶ୍ୱର ପଞ୍ଚାୟତ ଅନ୍ତର୍ଗତ ବୁରୁବୁଡାର ଗୁପ୍ତେଶ୍ୱର ମନ୍ଦିରରେ ଆଞ୍ଚଳିକ ମନ୍ଦିର କମିଟି ତିଲେଶ୍ୱର, ବୁରୁବୁଡା ଆନୁକୂଲ୍ୟରେ ପଞ୍ଚବିଂଶତମ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଲକ୍ଷ୍ମୀନାଳରୁ ଶତାଧିକ ମହିଳା ଏକ କଳସ ଶୋଭାଯାତ୍ରାରେ ବାହାରି ମନ୍ଦିରରେ ପହଞ୍ଚିବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା । ମାର୍ଗଦର୍ଶକ ଯୋଗାଚାର୍ଯ୍ୟ ମହନ୍ତ ଜଗଦାନନ୍ଦ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ପୂଜାପାଠ, ପ୍ରବଚନ ଆଦି ସମ୍ପନ୍ନ ହୋଇଥିଲା । ଅତିଥି ସନ୍ଥ ଲଛମନ ଦାସ ମହାରାଜ, ଗୋସେବକ ସନ୍ଥ କମଳ ମହାପ୍ରଭୁ, ଯଜ୍ଞ ଆଚାର୍ଯ୍ୟ ନିରନ ମିଶ୍ର, ସହଯୋଗୀ ବିଜ୍ଞାନ ରଥ, ଲବ ଚାନ୍ଦ, ଚିତ୍ତରନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଭାଗିରଥି ବିଶି, ମହେନ୍ଦ୍ର ବିଶି, ପ୍ରମୋଦ ବିଶି, ଗରୁଡ଼ଧ୍ୱଜ ଦେହୁରୀ, ଗାୟତ୍ରୀ ଦେହୁରୀ ସହଯୋଗ କରିଥିଲେ ।

### ଭାଜପା କୃଷକ ମୋର୍ଚ୍ଚା ବୈଠକ

ବୌଦ୍ଧ,୨୬।୮(ସ୍ୱ.ପ୍ର):ବୌଦ୍ଧ ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ୭ନଂ ଜୋନର ମଣ୍ଡଳ ବୈଠକ ଦେବଗଡ ଗ୍ରାମ ଶିବ ମନ୍ଦିର ପରିସରରେ ସଭାପତି ଶମ୍ଭୁ ପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ବାଜପେୟୀଙ୍କ ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ଭାଜପା ରାଷ୍ଟ୍ରୀୟ ସଦସ୍ୟ ସୁକାନ୍ତ ପାଣିଗ୍ରାହୀ ଯୋଗଦେଇ ଚାଷୀମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟ ସମ୍ପାଦକ ସୂର୍ଯ୍ୟ ନାରାୟଣ ମହାପାତ୍ର କୃଷକମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ କରାଯାଉଛି ବୋଲି ଅଭିଯୋଗ କରିଥିଲେ । ଜିଲା ସଭାପତି ସୌମିତ୍ରୀ କୁମାର ନାୟକ ଯୋଗଦେଇ ବୌଦ୍ଧ ଜିଲାରେ କୃଷକମାନଙ୍କ ବିକାଶ ହିଁ ଅର୍ଥନୈତିକ ବିକାଶର ମାପଦଣ୍ଡ ବୋଲି ପ୍ରକାଶ କରିଥିଲେ । ଏଥିରେ ରାଜ୍ୟ ସଦସ୍ୟ ଯୁଗଳ ସାହୁ, ସୁଧାଂଶୁ ଡାଙ୍ଗ, ସରୋଜ ପ୍ରଧାନ, ନବୀନ ବିଶି ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

### ୬ ଲାଇସେନ୍ସ ରଦ୍ଦ, ୧୦ ହଜାର ଜରିମାନା

ଜୁନାଗଡ,୨୬।୮(ସ୍ୱ.ପ୍ର.) କଳାହାଣ୍ଡି ଜିଲା ଜୁନାଗଡ ସହରରେ ଶନିବାର ରାତିରେ ରାଖୀ ପୂର୍ଣ୍ଣିମା ପାଇଁ ବଜାର ଭିଡ ଥିବା ବେଳେ ସହର ମଧ୍ୟରେ ବେପରୁଆ ଗାଡି ଚାଳନା ବୃଦ୍ଧି ପାଇଥିଲା। ଜୁନାଗଡ ପୋଲିସ ପକ୍ଷରୁ ତିନି ଜଣ ବସିଥିବା, ମୋବାଇଲରେ କଥା ହୋଇ ବାଇକ୍ ଚଳାଉଥିବା ସହିତ ଓଭରଲୋଡ ଚାରି ଚକିଆ ଯାନବାହନର ଯାଞ୍ଚ କରାଯାଇଥିଲା। ଏହି ସମୟରେ ବର୍ଷା ଆରମ୍ଭ ହେବା ଯୋଗୁ ଅଳ୍ପ ସମୟରେ ଅନେକ ଗାଡିର ଫାଇନ କରାଯିବା ସହିତ ୧୦ ହଜାର ୩୦୦ଟଙ୍କା ଜରିମାନା ଆଦାୟ କରାଯିବା ସହିତ ୬ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିଲା। ଏହି ଧରପଗଡ ଜୁନାଗଡ ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳରେ କରାଯାଇଥିବା ବେଳେ ଏଥିରେ ଆଇଆଇସି ରାଜେନ୍ଦ୍ର କୁମାର ଦେହୁରୀ, ସବଇନିସପେକ୍ଟର ଧ୍ରୁବ ଚରଣ ନାଏକ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ସ୍କୁଲ, ଡାକଘରେ ବର୍ଷା ପାଣି ପଶିଲା

ବାଉଁଶୁଣୀ, ୨୬।୮ (ଡି.ଏନ୍.ଏ.)

ଲଗାଣ ବର୍ଷା ଯୋଗୁ ବୌଦ୍ଧ ଜିଲା ବାଉଁଶୁଣୀ ଗ୍ରାମପଞ୍ଚାୟତ ଟିକିରାପଡା ପ୍ରାଥମିକ ବିଦ୍ୟାଳୟ ଏବେ ପାଣିଘେରରେ ରହିଛି । ଫଳରେ ଏହି ସ୍କୁଲରେ ପଢୁଥିବା ୪୦ ଛାତ୍ରୀଛାତ୍ର ଅସୁବିଧା ଭୋଗୁଛନ୍ତି । ଆଜବେଷ୍ଟସ ଫାଟିଯାଇଥିବାରୁ ଗୃହରେ ପାଣି ଜମା ହେଉଛି । ତୁରନ୍ତ ଟିକିରାପଡା ପ୍ରାଥମିକ ବିଦ୍ୟାଳୟରେ ନୂତନ ଶ୍ରେଣୀ ଗୃହ ନିର୍ମାଣ କରିବା ପାଇଁ ଦାବି ହେଉଛି । ସେହିପରି ବାଉଁଶୁଣୀ ଛକରେ ଥିବା ଡାକଘରେ ପାଣି ଜମି ଚିଠି ଗୁଡିକ ନଷ୍ଟ ହୋଇଯାଇଛି । ଅନେକ ବର୍ଷ ହେବ ଏହି ଡାକଘର ଭଡା ଘରେ ଚାଲିଛି । ଅଧିକ ବର୍ଷା ହେଲେ ଆଜବେଷ୍ଟସରୁ ପାଣି ଝରି ଘରେ ଜମୁଛି । ବିଭାଗୀୟ କର୍ତ୍ତୃପକ୍ଷ ଏହି ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି ।



ବାଉଁଶୁଣୀ ଗ୍ରାମପଞ୍ଚାୟତ ଟିକିରାପଡା ପ୍ରାଥମିକ ବିଦ୍ୟାଳୟରେ ପାଣି ପଶିଛି ।

### ରାମ୍ପିକଟା ପାତ୍ରସାହିରେ ପାନୀୟ ଜଳ ସଙ୍କଟ

ପୁରୁଣାକଟକ,୨୬।୮(ଡି.ଏନ.ଏ.)

ବୌଦ୍ଧ ଜିଲା ସାମ୍ପୋଚ ପଞ୍ଚାୟତ ଅନ୍ତର୍ଗତ ରାମ୍ପିକଟା ପାତ୍ର ସାହିରେ ଥିବା ଏକମାତ୍ର ନଳକୂପ ଦୀର୍ଘ ତିନିମାସ ଧରି ଅଚଳ ହୋଇଥିବାରୁ ପାନୀୟ ଜଳ ପାଇଁ ସାହି ବାସିନ୍ଦା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସାହିରେ ୩୦ରୁ ଊର୍ଦ୍ଧ୍ୱ ପରିବାର ବାସ କରୁଛନ୍ତି । ପାନୀୟ ଜଳ ପାଇଁ ଏକମାତ୍ର ସାହାରା ପାଲଟିଥିବା ଉକ୍ତ ନଳକୂପ ଅଚଳ ଥିବାରୁ ଲୋକେ ନାଳ ପାଣି ବ୍ୟବହାର କରୁଛନ୍ତି । ନଳକୂପ ମରାମତି ପାଇଁ ସାହି ବାସିନ୍ଦା ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ତୁରନ୍ତ ଏ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏ ସମ୍ପର୍କରେ ହରଭଙ୍ଗା ବ୍ଲକ ଜଳ ଓ ପରିମଳ ବିଭାଗ ପକ୍ଷରୁ କୁହାଯାଇଛି ।

## ବୌଦ୍ଧରେ ରକ୍ଷା ବନ୍ଧନ ଉତ୍ସବ

ବୌଦ୍ଧ,୨୬।୮(ସ୍ୱ.ପ୍ର)

ବୌଦ୍ଧ ଜିଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି । ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ୟୁଥ୍ ରେଡକ୍ରସ, ଇକୋ କ୍ଲବ ପକ୍ଷରୁ ରେଡକ୍ରସ ସମ୍ପାଦକ ଅଧ୍ୟାପକ ପ୍ରବୀର କୁମାର ଦାସଙ୍କ ନେତୃତ୍ୱରେ ବୃକ୍ଷରେ ରାକ୍ଷୀ ବନ୍ଧା ଯାଇଥିଲା । ଏଥିରେ ଅତିରିକ୍ତ ଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ ମୁଖ୍ୟଅତିଥି, ମହାବିଦ୍ୟାଳୟର ଅଧ୍ୟକ୍ଷ ଡମ୍ବରୁଧର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷକୁ ପୂଜା କରିବା ସହିତ ରାକ୍ଷୀ ବାନ୍ଧିଥିଲେ। ଏହି ପବିତ୍ର ଦିବସରେ ବୃକ୍ଷକୁ ଭାଇ ଓ ଭଉଣୀ ଭାବରେ ମାନ୍ୟତା ଦେଇ ତାର ସୁରକ୍ଷା ପାଇଁ ସଂକଳ୍ପ ବଦ୍ଧ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ବୌଦ୍ଧ ପ୍ରଜାପତି ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଇଥିଲା । ଏଥିରେ ଆଇନଜୀବୀ ସୁଧିର କୁମାର କର୍ଣ୍ଣ ଯୋଗ ଦେଇଥିଲେ। ବ୍ରହ୍ମ କୁମାରୀ ପକ୍ଷରୁ ବୌଦ୍ଧ ସହରର ସ୍ୱତନ୍ତ୍ର କାରାଗାରରେ ରହିଥିବା ୨୯୧ଜଣ ପୁରୁଷ ଓ ମହିଳା ଅନ୍ତେବାସୀଙ୍କୁ ରାକ୍ଷୀ ବନ୍ଧା ଯାଇଥିଲା । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନେ ରକ୍ଷା ବନ୍ଧନ ଉତ୍ସବ ପାଳନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ମାଗୁଣି ଗାଇଗୌରିଆ, ସମ୍ମାନୀତ ଅତିଥି ଭାବେ ବୈକୁଣ୍ଠ ସାହୁ, ଉପସ୍ଥିତ ଥିଲେ ।

# ସରକାରୀ ଯୋଜନା ବାଟ୍‌ବଣା

ତଳଗାଁ,୨୬।୮(ଡି.ଏନ.ଏ.)

**ହରଭଙ୍ଗା ବ୍ଲକ୍**

- ସାମାଜିକ୍ କର୍‌ମୀ ଦେଉଛନ୍ ବୁଢ଼ୀବୁଢ଼ାକୁ ଭତା
- ଜିଲାରେ ପାଖାପାଖି ୩ଶହ ଲୁକ୍‌କୁ ଦେଉଛନ୍ ଭତା
- ନିଜର ଖର୍‌ଚାରେ ଗରିବ୍ ବୁଢ଼ୀବୁଢ଼ାକୁ ବଛର୍‌କ ୨ଥର ତିର୍‌ଥ ନେଉଛନ୍
- ଗରିବ୍ ଦୁଖିକୁ ପିଁଧନ୍‌ଉଢ଼ନ, ଶୀତ୍‌ଦିନେ କମଲ୍, ପଛ୍‌ରା ବାଁଟୁଛନ୍



ଲକ୍ଷ୍ମଣ ମାତାଦିନ ବାବୁ ପେନସନ ଖାତା, ନିଜର ଭୋଟ୍ କାର୍ଡ ଦେଖଉଛନ୍।

ରାଏଜ୍ ସରକାର ଗରିବ୍ ଲୁକ୍‌କର ଲାଗି ଯୋଜ୍‌ନା ଉପ୍‌ରେ ଯୋଜ୍‌ନା କରି କୋଟି କୋଟି ଟଁକା ପାଏନ୍ ଲେଖେଁ ଖରଚ୍ କରୁଛନ୍। ହେଲେ ବହୁତ୍‌ଟେ ଜାଗାରେ ସରକାରୀ ଅଧିକାରୀ, କରମ୍‌ଚାରୀମାନ୍‌କର ମନ୍‌ମୁଖି କାମ୍‌କାଯ୍ ପର୍‌କୁତ୍ ହିତାଧିକାରୀକୁଁ ଇ ମହତ୍ ଯୋଜ୍‌ନାମାନ୍‌କର ସୁଫଲ୍ ପାଏବାରୁ ବଁଚିତ୍ କରୁଛେ। ଏନ୍‌ତା ଗୁଟେ ଘଟ୍‌ନା ଦେଖିବାକେ ମିଳିଛେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ୍ ତଳଗାଁ ପଁନ୍‌ଚେତ୍‌ରେ। ଇ ପଁନ୍‌ଚେତ୍ ଅଧିନ୍ ଗଣ୍ଡାପାଜୁ ଗାଁର ୮୫ ବଛରିଆ ବୁଢ଼ଧ୍ ହେଉଛନ୍ ଲକ୍ଷ୍ମଣ ମୁଦୁଲି। ସେ ବହୁତ୍ ଥର ବୁଢ଼ୀବୁଢ଼ା ଭତା ଲାଗି ଆବେଦନ୍ କରି ନିରାଶ୍ ହେଇ ରହେଲେ। ଖାଲି ଲକ୍ଷ୍ମଣ ନୁହଁନ୍ ଏନ୍‌ତା ହରଭଙ୍ଗା ବ୍ଲକ୍ ତଳଗାଁ ପଁନ୍‌ଚେତ ଡାକପଦର ଗାଁର ବିଧବା ଦୌପଦୀ ବେହେରା, ଖାଲଗାଡୁ ଗାଁର ନଳିତା ଜାନୀକଁର ଲାଗି ଏହେଦେ ବି ସରକାରୀ ଯୋଜ୍‌ନାର ବହୁତ୍ ଦୂରେ ରହିଛନ୍। ହେଲେ ଲକ୍ଷ୍ମଣକଁର ନିରାଶାକେ ଆଶ୍‌ରେ ବଦ୍‌ଲେଇଛନ୍ ବୌଦ୍ଧର ଝନେ ମୂଲବାସିନ୍‌ଦା। ସେ ହେଉଛନ୍ ସାମାଜିକ୍ କର୍‌ମୀ ମାତାଦିନଲାଲ ଅଗ୍ରୱାଲ, ଯେ ଏହେଦେ ରାୟପୁରରେ ବେଉସା କରି ରହୁଛନ୍। ସେ ନିଜେ ମାତାଦିନ ବାବୁ ପେନସନ ଯୋଜ୍‌ନା ନାଁରେ ଗୁଟେ ଯୋଜ୍‌ନା କରି ଲକ୍ଷ୍ମଣ ମୁଦୁଲିକୁଁ ୪ ମାସ୍ ହେଲା ୩୦୦ ଟଁକା ଲେଖେଁ ଭତା ଦେଇ ଆସୁଛନ୍। ଖାଲି ଲକ୍ଷ୍ମଣ ନୁହଁନ୍, ବୌଦ୍ଧ ଜିଲାରେ ପାଖାପାଖି ୩୦୦ ଗରିବ୍ ବୁଢ଼ୀବୁଢ଼ାକୁ ସେ ଭତା ଦେଇଆସୁଛନ୍। ବଛର୍‌କ ଦୁଇଥର ଗରିବ୍ ବୁଢ଼ୀବୁଢ଼ାକୁ ନିଜର ଖର୍‌ଚାରେ ତିର୍‌ଥ କରେଇ ନେଉଛନ୍। ସେନ୍‌ତା ଶୀତଦିନେ ବ୍ଲକ୍‌ର ଭିନେ ଭିନେ ପଁନ୍‌ଚେତ୍‌ରେ ଗରିବ୍‌ଦୁଖିକୁ କମଲ, ପଛ୍‌ରା ବାଁଟୁଥିବାର ଜନାଯାଇଛେ। ଇ ବାବ୍‌ଦେ ବ୍ଲକ୍ ସମାଜ ମଙ୍ଗଳ ଅଧିକାରୀ ପ୍ରଦୀପ କୁମାର ନାଏକକୁଁ ପଚ୍‌ରାଲାରୁ ଚିରାଚରିତ୍ ଢଂଗେ ହଲ୍‌କା ଉତର ଦେଇ କହିଥିଲେ ବହୁତ୍ ଜଲ୍‌ଦି ଇମାନ୍‌କୁ ଯୋଜ୍‌ନାରେ ସାମିଲ କରାଯିବା।

## ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଉଦ୍‌ଯାପିତ

ପଲଶାଗୋରା,୨୬।୮(ଡି.ଏନ.ଏ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପଲଶାଗୋରା ସରସ୍ୱତୀ ଶିଶୁ ମନ୍ଦିରଠାରେ ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଯାପିତ ହୋଇଛି । ଉଦଘାଟନୀ ଉତ୍ସବରେ ସଙ୍କୁଳ ପ୍ରମୁଖ ଅବଧୂତ ସାହୁ ଓ ରମେଶ କୁମାର ସାମଲ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ । ମେଳାରେ ଶିଶୁ ବର୍ଗ ଓ ବାଳବର୍ଗର ୩୨ଟି ପ୍ରକଳ୍ପ ସହ ଗଣିତ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରଶ୍ନମଞ୍ଚ, ସଂସ୍କୃତ ପ୍ରଶ୍ନମଞ୍ଚ, ନିବନ୍ଧ ପ୍ରତିଯୋଗିତାରେ ମୋଟ ୧୧୫ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଉଦ୍‌ଯାପନୀ ଉତ୍ସବରେ କଣ୍ଟାମାଳ ବିଧାୟକ ମହୀଧର ରଣା ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟା ମମତା ପ୍ରଧାନ, ଶିଶୁ ମନ୍ଦିର ପରିଚାଳନା ସଭାପତି ଶିଶିର ଖଟୁଆ, ସମ୍ପାଦକ ଚମ୍ପେଶ୍ୱର ପାଢ଼ୀ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସଙ୍କୁଳ ସଂଯୋଜକ ଭଗବାନ ମନହିରା ଓ ପ୍ରଧାନ ଆଚାର୍ଯ୍ୟ ମିତ୍ରଭାନୁ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଅତିଥିମାନେ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

### ଉଲୁଣ୍ଡା ଜଗନ୍ନାଥଙ୍କ ମନ୍ଦିରରେ ଭଜନ ସମାରୋହ

ଉଲୁଣ୍ଡା,୨୬।୮(ଡି.ଏନ.ଏ.)

ଉଲୁଣ୍ଡା ଜଗନ୍ନାଥଙ୍କ ମନ୍ଦିର ପରିସରରେ ସ୍ଥାନୀୟ ଆଞ୍ଚଳିକ ସତସଙ୍ଗର ତୃତୀୟ ଭଜନ ସମାରୋହ ସମ୍ପନ୍ନ ହୋଇଛି। ଧ୍ରୁବଚରଣ ଦଲେଇଙ୍କ ସଂଯୋଜନାରେ କିଶନଲାଲ ଅଗୱାଲ, ଭୂଗୋଳ ସାହୁ, କାହ୍ନୁଚରଣ ନାୟକ ଏବଂ ଗୌରଚନ୍ଦ୍ର ପରିଛା ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ତ୍ରିପୁରାରୀ ମହାକୁର, କୁଶ ଗାଇଗରିଆ, ବଲ୍ଲଭ ଥନାପତି ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ହରିବୋଲ ବେହେରା, ସୂର୍ଯ୍ୟନାରାୟଣ ପାଢୀ, ଲକ୍ଷ୍ମୀକାନ୍ତ ବାରିକ, ସତ୍ୟବାଦୀ ସାହୁ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

### ଆଲୋଚନାରେ ସମାଧାନର ରାସ୍ତା ବାହାରିଲାନି
## ବିନିକାରେ ଜାରି ରହିବ ଆନ୍ଦୋଳନ

ସିଂଘିଯୁବା,୨୬।୮(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ଗତ ୬ ତାରିଖରୁ ଆନ୍ଦୋଳନ ଜାରି ରହିଛି । ରବିବାର ଜିଲା ପ୍ରଶାସନ, ଲୋକ ପ୍ରତିନିଧି, ରାଜନୈତିକ ଦଳର ନେତୃବୃନ୍ଦ, ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ବିନିକାରେ ଆଲୋଚନା ହୋଇଥିଲା । ଜିଲାପାଳ ମଧୁସୂଦନ ମିଶ୍ର, ଏସ୍‌ପି ଦେବୀପ୍ରସାଦ ଦାଶ, ଡିଆରଡିଏ ପିଡି ସୂର୍ଯ୍ୟନାରାୟଣ ଦାଶ, ଏସଡିପିଓ ମିହିର ପଣ୍ଡା ଓ ଆଇଆଇସି କଲ୍ୟାଣି ବେହେରା ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ, ଜିଲା ପରିଷଦ ସଭ୍ୟ ସୁଶାନ୍ତ ପଣ୍ଡା, ସୋମନାଥ ମିଶ୍ର, ପୂର୍ଣ୍ଣଚନ୍ଦ୍ର ବହିଦାର, ମହେନ୍ଦ୍ର ମହାନନ୍ଦ, ସନ୍ତୋଷ ପଣ୍ଡା, ରବିନ୍ଦ୍ର ହୋତା ଓ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ଜିଲାପାଳ ମିଶ୍ର ୩୦ ଦିନ ସମୟ ମାଗିଥିଲେ । ତେବେ ସ୍ଥାନୀୟ ଜନସାଧାରଣ ଏଥିରେ ରାଜି ହୋଇ ନ ଥିଲେ। ତେଣୁ ସମାଧାନର ରାସ୍ତା ବାହାରି ନ ଥିଲା । ପୂର୍ବ ଭଳି ତହସିଲ ଅଫିସ ସମ୍ମୁଖରେ ସାମ୍ୱାଦିକ ସଂଘ ପକ୍ଷରୁ ଧାରଣା ଜାରି ରହିବ। ସହରର ସମସ୍ତ ସରକାରୀ କାର୍ଯ୍ୟାଳୟରେ ମଧ୍ୟ ତାଲା ପଡିବ ବୋଲି ଆନ୍ଦୋଳନକାରୀ ସୂଚନା ଦେଇଛନ୍ତି ।

## କଣ୍ଟାମାଳରେ ଭାଜପା ଯୁବମୋର୍ଚ୍ଚା ସଂଯୋଜକ ସମ୍ମିଳନୀ

କଣ୍ଟାମାଳ,୨୬।୮ (ଡି.ଏନ.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ସଦର ହାଟପଦା ସ୍ଥିତ କମ୍ୟୁନିଟି ସେଣ୍ଟର ଠାରେ ଶନିବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସଂଯୋଜକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଜିଲା ଯୁବମୋର୍ଚ୍ଚା ସଭାପତି ସୁଶାନ୍ତ ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ଓମ୍ ପ୍ରକାଶ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯୁଗଳ କିଶୋର ସାହୁ, କହ୍ନେଇ ଚରଣ ଡାଙ୍ଗ, ଯୁବନେତା ରାକେଶ ତ୍ରିପାଠୀ, ସୁଧାଂଶୁ ଡାଙ୍ଗ, ବରିଷ୍ଠ ଭାଜପା ନେତା ନବୀନ କୁମାର ମହାପାତ୍ର, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଦୀପକ ବାରିକ, ଜିଲା ସମ୍ପାଦକ ଶେଷଦେବ ବଗର୍ତ୍ତି, ବିପ୍ର ଚରଣ ମହାନ୍ତି, ଜିଲା ସମ୍ପାଦକ ଗୋପାଳ ଚନ୍ଦ୍ର ପୁରୋହିତ ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ବିକାଶ, ନୀତି, ଆଦର୍ଶ ଓ କାର୍ଯ୍ୟଧାରା ମତବ୍ୟକ୍ତ କରିଥିଲେ । ଏହି ଅବସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଯୁବମୋର୍ଚ୍ଚା କର୍ମୀମାନଙ୍କ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା । ଯୁବମୋର୍ଚ୍ଚା ଜିଲା ସଭାପତି ଶିବ କମ୍ପ, ଉପସଭାପତି ଯଦୁବିହାରୀ ବାଘ, ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ଅନଙ୍ଗ ପ୍ରଧାନ, ଦେବାର୍ଚ୍ଚନ ନାଏକ ପ୍ରମୁଖ କରିଥିଲେ ।

## ସୁବର୍ଣ୍ଣପୁରରେ ନିଯୁକ୍ତି ମେଳା ପାଇଁ ପ୍ରସ୍ତୁତି

ସୋନପୁର,୨୬।୮(ନି.ପ୍ର.)

ଆସନ୍ତା ସେପ୍ଟେମ୍ବର ୧୯ରେ ସୁବର୍ଣ୍ଣପୁରରେ ନିଯୁକ୍ତି ମେଳା ଅନୁଷ୍ଠିତ ହେବ । ଆଇଏସଏସ ସିକ୍ୟୁରିଟି ଫେସିଲିଟି ସର୍ଭିସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ । ସଂସ୍ଥା ପକ୍ଷରୁ ୪ଟି ବର୍ଗରେ ଜିଲାର ପ୍ରାୟ ୧୦୦୦ ବେକାରିଙ୍କୁ ନିଯୁକ୍ତି ମିଳିବ । ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟରେ ଏହି ଏକ ଦ୍ୱିବସୀୟ ମେଳା ହେବ । ଏ ନେଇ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି । ଜିଲାର ଶିକ୍ଷିତ ଯୁବତୀ ଯୁବକଙ୍କ ନିକଟରେ କିପରି ଏହି ସୂଚନା ଠିକ୍ ଭାବେ ପହଞ୍ଚି ପାରିବ ସେ ନେଇ ଆଲୋଚନା ହୋଇଥିଲା । ବ୍ଲକ ସହଯୋଗରେ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ । ଏଥିପାଇଁ ମାଇକ୍ ପ୍ରଚାର, ଲିଫ୍‌ଲେଟ୍ ବଣ୍ଟନ ଓ ପୋଷ୍ଟର ଲଗାଯିବା ନେଇ ଚର୍ଚ୍ଚା ହୋଇଥିଲା । ଜିଲା ନିଯୋଜନ ଅଧିକାରିଣୀ ଶର୍ମିଷ୍ଠା ଧଳ, ଉପନିର୍ଦ୍ଦେଶକ ଓରମାସ ଯୁବରାଜ ସାହୁ, ଆଇଟିଆଇ ଅଧ୍ୟକ୍ଷ ସୁଧାଂଶୁ ଶେଖର ସାହୁ, ଡିଆଇପିଆରଓ ଭୁଜଙ୍ଗ ଭୁଷଣ ରାଓ, ଜିଲା ସମାଜ ମଙ୍ଗଳ ଅଧିକାରୀ ଆର୍ତ୍ତତ୍ରାଣ ଥାଟି, ସୋନପୁର ସିଡିପିଓ ନିବେଦିତା ସରାଫ ପ୍ରମୁଖ ଉପସ୍ଥିତ ଥିଲେ ।

# ଗଙ୍ଗାଧର ଥିଲେ କାଳଜୟୀ ସ୍ରଷ୍ଟା

ସୋନପୁର,୨୬।୮(ନି.ପ୍ର.)

ଗଙ୍ଗାଧର ସାହିତ୍ୟର ସାଙ୍ଗିତିକତା, ରସ ଓ ଭାବ ସମଗ୍ର ସୃଜନକୁ କାଳଜୟୀ କରିଛି ବୋଲି ସୋନପୁର ଟାଉନ ହଲ ଠାରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଓ ମହାନଦୀ ଉତ୍ସବ ପାଳନ ଅବସରରେ ରବିବାର ବହୁ ବିଶିଷ୍ଟ ବ୍ୟକ୍ତିମାନେ ମତପୋଷଣ କରିଛନ୍ତି । ସୁବର୍ଣ୍ଣପୁର ମହାନଦୀ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏହି ଜୟନ୍ତୀ ସମାରୋହର ଉଦ୍‌ଯାପନୀ ସଭାରେ ଅଧ୍ୟାପକ ପୁରୁଷୋତ୍ତମ ମିଶ୍ର ଅଧ୍ୟକ୍ଷତା କରିଥିଲେ । ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସ୍ୱଭାବକବି ଗଙ୍ଗାଧର ଆଧୁନିକ ଓଡିଆ ସାହିତ୍ୟର ଅନ୍ୟତମ ବିନ୍ଧାଣୀ ତଥା ଯଶସ୍ୱୀ କବି ଥିଲେ ବୋଲି କହିଥିଲେ । ସ୍ୱଭାବ କବି ଜଣେ ସାଧାରଣ ଗରିବ ବୁଣାକାର ପରିବାରରେ ଜନ୍ମଗ୍ରହଣ କରି ଯେଉଁ ସାରସ୍ୱତ ସାଧନା କରି ଯାଇଛନ୍ତି ତାହା ବିରଳ ବୋଲି ମିଶ୍ର ବର୍ଣ୍ଣନା କରିଥିଲେ । ଡିଆରଡିଏ ପିଡି ସୂଯର୍ୟନାରାୟଣ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ମାତ୍ର ୫ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିବା ଗଙ୍ଗାଧର ପ୍ରବଳ ଜ୍ଞାନପିପାସୁ ଥିଲେ । ନିଜସ୍ୱ ଉଦ୍ୟମରେ ସେ ସଂସ୍କୃତ ଭାଷାର କାବ୍ୟ, ନାଟକ, ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡିଆ ସାହିତ୍ୟ ଅଧ୍ୟୟନ କରିବା ପରେ ଅନେକ କାବ୍ୟ କବିତା ରଚନା କରିଛନ୍ତି ବୋଲି କହିଥିଲେ । ପୂର୍ବାହ୍ନରେ ଉଦ୍‌ଘାଟନୀ ଉତ୍ସବକୁ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପଣ୍ଡା ତାଙ୍କ ବକ୍ତବ୍ୟରେ କହିଥିଲେ ସ୍ୱଭାବ କବିଙ୍କ ଲେଖନୀରେ ବିଶ୍ୱ ମାନବୀୟ ଚେତନାର ପରିପ୍ରକାଶ ହୋଇଥିଲା । ସେ ସତ୍ୟ ଓ ମୂଲ୍ୟବୋଧର ରୂପକାର ଏବଂ ସମାଜ ସଂସ୍କାରକ ଥିଲେ । ପଙ୍କଜ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଙ୍ଗାଧରଙ୍କ ବହୁମୂଖି ପ୍ରତିଭା ଓ ସାହିତ୍ୟ ସାଧନା ସମ୍ପର୍କରେ ଆଲୋଚନା କରିଥିଲେ । ଜିଲା ସଂସ୍କୃତି ଅଧିକାରୀ ଅଶୋକ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଗଙ୍ଗାଧରଙ୍କ ସାହିତ୍ୟ ଓ ପ୍ରତିଭା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ସଂସଦର ସାଧାରଣ ସମ୍ପାଦକ ଅଧ୍ୟାପକ ସଞ୍ଜୀବ କୁମାର ନାୟକ ଅତିଥି ପରିଚୟ ଓ ପ୍ରଦ୍ୟୁମ୍ନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଲକ୍ଷ୍ମୀନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍‌ଯାପନୀ ସଭାରେ ଶିଶୁ ସାହିତ୍ୟିକ ଡ. ରମେଶ ଚନ୍ଦ୍ର ପତ୍ରୀ, ସଂଗୀତଜ୍ଞ ଡ. ଘାସିରାମ ମିଶ୍ର, ନାଟ୍ୟକାର ବେଣୁଧର ସାହୁ ଓ ଯୁବ ପ୍ରତିଭା ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନଙ୍କୁ ଜିଲାପାଳ ମିଶ୍ର ସମ୍ମାନିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ହରପ୍ରସାଦ ରଥ, ଡଃ ଦେବାଶିଷ ପାଣ୍ଡିଆ, ସୌରଭ ଖମାରୀ, ବେଣୁଧର ପଧାନ, ରମେଶ ପ୍ରସାଦ ନାୟକ, ଲକ୍ଷ୍ମିନାରାୟଣ ମେହେର ଓ ଚୌଧୁରୀ ବିଭାର ଉପସ୍ଥିତ ଥିଲେ । ଏହି ଅବସରରେ ବିଳମ୍ବିତ ରାତି ପଯର୍ୟନ୍ତ ଚାଲିଥିବା ବହୁଭାଷୀ କବିତା ପାଠୋତ୍ସବରେ କବି ବିଘ୍ନରାଜ ପଣ୍ଡା, ପ୍ରଭୁଦତ୍ତ ରଥ, ପ୍ରଦ୍ୟୁମ୍ନ ସାହୁ, ଆଦିତେଶ୍ୱର ମିଶ୍ର, ପୁରୁଷୋତ୍ତମ ମିଶ୍ର, ସଞ୍ଜିବ ନାୟକ, ଆଯର୍ୟ କୁମାର ହର୍ଷବର୍ଦ୍ଧନ, କବୟତ୍ରୀ ରଞ୍ଜିତା ପଣ୍ଡା ଓ ସ୍ମୃତିଶିଖା ମହାପାତ୍ର ସ୍ୱରଚିତ କବିତା ପାଠ କରିଥିଲେ । କବି ଶ୍ୟାମା ଓଁ ପ୍ରସାଦ ମିଶ୍ର, ଲକ୍ଷ୍ମୀନାରାୟଣ ସାହୁ ଓ ଆଶିଷ ମିଶ୍ର ପାଠୋତ୍ସବକୁ ସଂଯୋଜନା କରିଥିଲେ ।



ଜୟନ୍ତୀ ସଭା ଓ ମହାନଦୀ ଉତ୍ସବରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରମେଶ ଚନ୍ଦ୍ର ପତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେ ହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### ତୁଷୁରାରେ ଝୁଲଣଯାତ୍ରା

ଗୁଡ଼ଭେଲା,୨୬।୮(ଡି.ଏନ.ଏ.)- ତୁଷୁରା ସହରସ୍ଥିତ ରାଧାରଣୀ ମନ୍ଦିର ପରିସରରେ ୩୬ତମ ଝୁଲଣଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ସ୍ଥାନୀୟ ସୋନଗଡ ନଦୀରୁ ଶତାଧିକ ମହିଳା ପୂର୍ଣ୍ଣକଳସ ଜଳ ଧରି ପୂଜା ମଣ୍ଡପରେ ପହଞ୍ଚିବା ପରେ ତାହା ସ୍ଥାପନ କରାଯାଇଥିଲା। ଶ୍ରୀକୃଷ୍ଣ ଓ ରାଧାଙ୍କ ପ୍ରତିମାକୁ ରଥାରୂଢ଼ କରାଯାଇ ଭକ୍ତମାନେ ରଥ ଟାଣିଥିଲେ। ସଚ୍ଚିଦାନନ୍ଦ ଭୋଇ ଓ ତାଙ୍କ ସ୍ତ୍ରୀ ନମିତା ଭୋଇ କର୍ତ୍ତା କାର୍ଯ୍ୟ ତୁଲାଇଥିବା ବେଳେ ସଞ୍ଜୀବ ମିଶ୍ର ପୂଜକ ଭାବେ କାର୍ଯ୍ୟ ତୁଲାଇ ଥିଲେ।

### ଲଗାଣ ବର୍ଷା ପରେ ଚାଷ କାର୍ଯ୍ୟ ତ୍ୱରାନ୍ୱିତ

ଟିକ୍ରାପଡା,୨୬।୮(ଡି.ଏନ.ଏ.)- ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡା, ଝିଙ୍କିଡୁଙ୍ଗୁରି, ଯୁରାବନ୍ଧ ପଞ୍ଚାୟତ ଅଞ୍ଚଳରେ ଶନିବାର ମଧରାତିରୁ ଲଗାଣ ବର୍ଷା ଫଳରେ ଚାଷୀ ମହଲରେ ଆନନ୍ଦ ପ୍ରକାଶ ପାଇଛି। ବିହୁଡା କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଗତ ମାସେ ଧରି ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷ କାର୍ଯ୍ୟ ଆଗେଇ ପାରି ନ ଥିଲା। ଆଗକୁ ଭଲ ବର୍ଷା ହେବା ସହ ଚାଷରେ ଉନ୍ନତି ହେବ ବୋଲି ଆଶା ପ୍ରକାଶ ପାଇଛି।

# ଲଗାଣ ବର୍ଷାରେ ବୁଡ଼ିଲା ବଲାଙ୍ଗୀର ସହର

ବଲାଙ୍ଗୀର ଅଫିସ, ୨୬।୮

ଲଗାଣ ବର୍ଷା ଯୋଗୁ ବଲାଙ୍ଗୀର ସହର ବେହାଲ ହୋଇପଡିଛି। ଶତାଧିକ ଘରକୁ ଡ୍ରେନ୍ ପାଣି ପଶି ଯିବାରୁ ଘର ଗୁଡିକ ପାଣି ଘେରରେ ରହିଛି। ଏଭଳି ପରିସ୍ଥିତିରେ ଶତାଧିକ ଲୋକ ରୋଷେଇ କରି ନ ପାରି ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପାଣି ଘେରରେ ଘର ଗୁଡିକ ରହିବା ଫଳରେ ବହୁ ଲୋକ କିଭଳି ରାତି କଟାଇବେ ଚିନ୍ତାରେ ପଡିଛନ୍ତି। ବଲାଙ୍ଗୀର ସହର ୧୪ ନମ୍ବର ୱାର୍ଡ ଅନ୍ତର୍ଗତ ମାଳପଡା ସିଦ୍ଧି ବିନାୟକ ଛକ ଗଳି ରାସ୍ତାରେ ରବିବାର ସକାଳୁ ଆଣ୍ଠୁଏ ପାଣି ରହିଥିଲା। ରାସ୍ତାକଡରେ ଡ୍ରେନ୍ ନ ଥିବାରୁ ଏଠାରେ ନାହିଁନଥିବା ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ସାଲେପାଲି, ଉଦୟନଗର, ବିଭୂତିପଡା, ରାମେଶ୍ୱରନଗର, ଡ୍ୟାମପଡା, ବରପାଲିପଡା ଅଞ୍ଚଳରେ ବିଭିନ୍ନ ଘରକୁ ବର୍ଷା ପାଣି ପଶିଥିଲା। ତେଲିଗୋଠପଡା–ମାଳପଡା ମଝି ଦେଇ ଯାଇଥିବା ରେଲୱେ ଷ୍ଟେସନ୍ ରାସ୍ତା ଉପରେ ବର୍ଷାପାଣି ମାଡିଥିଲା। ଫଳରେ ଏହି ରାସ୍ତା କଡରେ ଥିବା ପି. ସିନୁଙ୍କ ଘର ସମ୍ପୂର୍ଣ୍ଣ ପାଣି ଘେରରେ ରହିଥିଲା । ଏଠାରେ ଡ୍ରେନ୍ ଉପରେ ଦୁଇଫୁଟ୍ ପାଣି ଅଟକି ରହିଥିଲା। ଡ୍ରେନ୍ ପାଣିର ଉପଯୁକ୍ତ ନିଷ୍କାସନ ହୋଇପାରୁ ନ ଥିବାରୁ ଏଠାରେ ଦୀର୍ଘ ସମୟ ଧରି ବର୍ଷା ପାଣି ଅଟକି ରହିଥିଲା। ରେଲୱେ ଷ୍ଟେସନ୍ ରାସ୍ତା କଡରେ ଥିବା ଡ୍ରେନ୍ ଠିକ୍ ଭାବେ ସଫେଇ କରାଯାଇ ନ ଥିବାରୁ ଏଥିରେ ବର୍ଷା ପାଣି ନିଷ୍କାସିତ ହୋଇପାରୁନାହିଁ । ଫଳରେ ରାସ୍ତା ଉପରେ ପାଣି ଡେଇଁ ମାଳପଡା ଭିତରକୁ ପଶି ଯାଇଥିଲା । ମାଳପଡା ସିଦ୍ଧି ବିନାୟକ ଗଳିର ତ୍ରିପୁରା ବଗର୍ତ୍ତୀ, ଦେବାଶିଷ ଦାସ, ରମାଇ ଷଡଙ୍ଗୀ, ନୀଳକଣ୍ଠ ଦାସ, ରିଙ୍କୁ ବିଶି, ରାଜେଶ ଖର୍ସେଲ, ରାଜେନ୍ଦ୍ର ପଣ୍ଡାଙ୍କ ସହ ଅନ୍ୟ ଘର ଭିତରକୁ ପାଣି ପଶିଥିଲା। ଅଜୟ ମିଶ୍ରଙ୍କ ଘରେ ଆଣ୍ଠୁଏ ପାଣି ପଶିଯିବାରୁ ବ୍ୟାପକ କ୍ଷତି ହୋଇଛି। ସମସ୍ତ ଆସବାବପତ୍ର ପାଣି ଘେରରେ ରହିଛି । ଅନେକ ସାମଗ୍ରୀ ବର୍ଷା ପାଣି ଯୋଗୁ ନଷ୍ଟ ହୋଇଯାଇଛି। ରବିବାର ରାତି ସୁଦ୍ଧା ପାଣି ନିଷ୍କାସିତ ହୋଇପାରି ନ ଥିବାରୁ ସେମାନେ ଘରେ ରୋଷେଇ କରିପାରିନାହାନ୍ତି । ଘର ଭିତରେ ସମସ୍ତ ସଦସ୍ୟ ଏକ ପ୍ରକାର ଜଳବନ୍ଦୀ ଭାବେ ରହିଛନ୍ତି । ଘର ସମ୍ମୁଖ ରାସ୍ତାରେ ଆଣ୍ଠୁଏ ପାଣି ରହିଛି। ଫଳରେ ଏହି ପଡାବାସୀ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏଠାରେ ଅଧିକାଂଶ ଲୋକ ରୋଷେଇ କରିପାରିନାହାନ୍ତି । କିଛି ଲୋକ ହୋଟେଲରୁ ଖାଦ୍ୟ ଆଣି ଖାଇଥିବା ସୂଚନା ଦେଇଛନ୍ତି । ରବିବାର ଦିନତମାମ ଏଠାରେ ଲୋକେ ପାଣି ଘେରରେ ରହିଥିଲେ ମଧ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଏଠାକୁ ପରିଦର୍ଶନରେ ଆସି ନ ଥିବାରୁ ପଡାବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଏହିପଡାରେ ନୂଆ ଡ୍ରେନ୍ ନିର୍ମାଣ ହୋଇନାହିଁ । ୨୦ ବର୍ଷ ତଳେ ଏଠାରେ ଡ୍ରେନ୍ ତିଆରି ହୋଇଥିଲା । ତେବେ ସେହି ଡ୍ରେନ୍ ଏବେ ଅକାମୀ ହୋଇପଡିଛି । ଫଳରେ ସାମାନ୍ୟ ବର୍ଷା ହେଲେ ଏଠାରେ ରାସ୍ତା ଉପରେ ବର୍ଷାପାଣି ଯାଉଛି। ଶନିବାର ରାତିରୁ ଏବଂ ରବିବାର ଦିନତମାମ ଲଗାଣବର୍ଷା ହେବା ଫଳରେ ପରିସ୍ଥିତି ସାଂଘାତିକ ହୋଇ ପଡିଛି । ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ବର୍ଷା ପାଣି ଘେରରେ ରହିଥିବା ଲୋକଙ୍କୁ କୌଣସି ଖାଦ୍ୟ ଯୋଗାଇ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ଏଠାରେ ନୂତନ ଡ୍ରେନ୍ ନିର୍ମାଣ କରାଯିବା ସହ ଜବରଦଖଲ ଉଚ୍ଛେଦ କରିବାକୁ ଲୋକେ ଦାବି କରିଛନ୍ତି । ବଲାଙ୍ଗୀର ସରକାରୀ ମେଡିକାଲ କଲେଜ, କଂସାରୀପଡ଼ା, ଇନ୍ଦିରା ନଗରରେ ଅଗ୍ନିଶମ ବିଭାଗର କର୍ମଚାରୀ ଉଚ୍ଚ କ୍ଷମତାସମ୍ପନ୍ନ ପମ୍ପ ଲଗାଇ ନିଷ୍କାସନ କରିଛନ୍ତି।



ମାଳପଡା ଅଜୟ ମିଶ୍ରଙ୍କ ଘର ଭିତରେ ଆଣ୍ଠୁଏ ପାଣି ।



ମାଳପଡା ସିଦ୍ଧି ବିନାୟକ ଗଳି ରାସ୍ତା ଉପରେ ଡ୍ରେନ୍ ପାଣି ଛୁଟୁଛି।

- ନିଷ୍କାସନ ହୋଇ ନ ପାରି ଲୋକଙ୍କ ଘରେ ପଶିଲା ଡ୍ରେନ୍ ପାଣି
- ରୋଷେଇ କରିପାରିଲେ ନାହିଁ, ହୋଟେଲରୁ ଖାଦ୍ୟ ମଗାଇଲେ
- ପାଣି ଭିତରେ ରହି ଯାଇଛି ଦାମିକିଆ ଜିନିଷ ସହ ଆସବାବପତ୍ର
- ବିପଦ ବେଳେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ଦେଖା ମିଳିଲା ନାହିଁ
- ପାଣି ଶୁଖାଇବାକୁ ଲାଗିଲା ଉଚ୍ଚ କ୍ଷମତାସମ୍ପନ୍ନ ପମ୍ପ

# ଝୁଲଣ ଯାତ୍ରା ପାଇଁ ଉତ୍ସବମୁଖର ସୁବଳୟା

ବୀରମହାରାଜପୁର,୨୬।୮ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ସୁବଳୟା ଠାରେ ଶ୍ରାବଣ ପୂର୍ଣ୍ଣିମା ଅବସରରେ ପାଳିତ ହେଉଥିବା ଝୁଲଣଯାତ୍ରା ଗତ ୨୩ ତାରିଖ ଠାରୁ ଆରମ୍ଭ ହୋଇଛି । ଦୀର୍ଘ ବର୍ଷ ହେଲା ଏଠାରେ ଝୁଲଣ ଯାତ୍ରା ଶ୍ରାବଣ ଶୁକ୍ଳ ଦଶମୀ ତିଥିଠାରୁ ପୂର୍ଣ୍ଣିମା ଯାଏଁ ଅନୁଷ୍ଠିତ ହୁଏ। ଯାତ୍ରାର ବିଶେଷତ୍ୱ ହେଲା ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିଙ୍କୁ ବିଭିନ୍ନ ସାହିରେ ପୂଜାର୍ଚ୍ଚନା କରାଯିବା ସହ ସୁସଜ୍ଜିତ ଦୋଳିରେ ୭ ଦିନ ଧରି ଝୁଲାଯାଏ ଏବଂ ପୂର୍ଣ୍ଣିମା ରାତିରେ ସେସବୁ ସାହିର ଠାକୁରଙ୍କୁ ସୁସଜ୍ଜିତ ମେଢ଼ରେ ବାହାର କରାଯାଇ ଶୋଭଯାତ୍ରାରେ ବସ୍ତି ପରିକ୍ରମାର ପରମ୍ପରା ରହିଛି । ପୂର୍ବ ବର୍ଷମାନଙ୍କ ଭଳି ଏଥର ମଧ୍ୟ ସୁବଳୟାର ୫ଟି ପୂଜା କମିଟି ବଳଦେବ କ୍ଲବ, ଭଗବତୀ କ୍ଲବ, ବୀରବଜରଙ୍ଗ କ୍ଲବ, ଅବଧୂତ କ୍ଲବ ଓ ରାମଚନ୍ଦ୍ର କ୍ଲବ ଆନୁକୂଲ୍ୟରେ ଏହାର ଆୟୋଜିନ କରାଯାଇଛି । ପରମ୍ପରାନୁସାରେ ରବିବାର (ପୂର୍ଣ୍ଣିମା) ବିଳମ୍ବିତ ରାତିରେ ମେଢ଼ ବାହାରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ବେଳେ ଝିପିଝିପି ବର୍ଷା ଦେଖଣାହାରୀଙ୍କ ଉତ୍ସାହରେ ଫିକା ପକାଇଛି। ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ବର୍ଣ୍ଣାଢ୍ୟ ଶୋଭାଯାତ୍ରାକୁ ଅଧିକ ଆକର୍ଷଣୀୟ କରିବାକୁ କ୍ଲବ କର୍ମକର୍ତ୍ତାଙ୍କ ସହ ସୁବଳୟାର ଯୁବ ସଂଗଠନ ଗୁଡିକ ଯୋରଦାର ପ୍ରୟାସ ଚଳାଇଛନ୍ତି । ଯାତ୍ରାରେ ସାମିଲ ହେବାକୁ ପଡୋଶୀ ବୌଦ୍ଧ, ରେଢ଼ାଖୋଲ, ସମ୍ବଲପୁର, ଆଠମଲ୍ଲିକ ପ୍ରଭୃତି ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ସୋମବାର ସନ୍ଧ୍ୟାରେ ଝଲଣଯାତ୍ରା ଉଦ୍‌ଯାପିତ ହେବାକୁ ଥିବାରୁ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ପ୍ରଶାସନ ମଧ ସଜାଗଥିବା ସୂଚନା ଦିଆଯାଇଛି।

### ଗଙ୍ଗାଧର ଜୟନ୍ତୀ ପାଳିତ

ଟିକ୍ରାପଡା,୨୬।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇନ୍ତଳା ବ୍ଲକ ଟିକ୍ରାପଡସ୍ଥିତ ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୁ ବାଗ ସଭା ସଂଯୋଜନା କରିଥିଲେ। ଗୋକୁଳାନନ୍ଦ ବାରିକ, ସୁରେନ୍ଦ୍ର ବଗର୍ତ୍ତୀ ବକ୍ତା ଭାବେ ଯୋଗଦେଇ ଗଙ୍ଗାଧରଙ୍କ ଜୀବନ ଓ କୃତୀ ସମ୍ବନ୍ଧରେ କହିଥିଲେ।

# ସମସ୍ତେ ଆଇନ କାନୁନ ଜାଣିବା ଜରୁରୀ




ସିଣ୍ଡୋଲଠାରେ ରବିବାର ଅନୁଷ୍ଠିତ ଆଇନ ସଚେତନତା ସଭାରେ ମଞ୍ଚାସୀନ ଅତିଥି ।

ବୀରମହାରାଜପୁର, ୨୬।୮(ଡି.ଏନ.ଏ.)

ଆଇନ କାନୁନ ଜାଣି ଥିବା ବ୍ୟକ୍ତି ହିଁ ଠିକଣା ବାଟରେ ଚାଲିଥାଏ। ତାହା ହିଁ ବ୍ୟକ୍ତିଙ୍କୁ ଶକ୍ତିଶାଳୀ କରିଥାଏ। ଅନ୍ୟପକ୍ଷରେ ଆଇନ ସମ୍ପର୍କରେ ଧାରଣା ନଥିବା ଲୋକ ଏପରିକି ତଥାକଥିତ ଶିକ୍ଷିତ ବ୍ୟକ୍ତି ଠକାମିର ଶିକାର ହୋଇଥାନ୍ତି । ଆମର ସମ୍ବିଧାନ ଅନୁଯାୟୀ ଆଇନ ସମ୍ପର୍କିତ ଅଜ୍ଞତା କ୍ଷମଣୀୟ ନୁହେଁ। ତେଣୁ ସଭିଙ୍କ ପାଇଁ ଆଇନ ଜାଣିବା ଜରୁରୀ ବୋଲି ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ସିଣ୍ଡୋଲଠାରେ ରବିବାର ଅନୁଷ୍ଠିତ ଆଇନ ସଚେତନତା ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବୀରମହାରାଜପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ଉପଖଣ୍ଡର ଏହି ଉପାନ୍ତ ତଥା ମାଓବାଦୀ ଅଞ୍ଚଳ ଭାବେ ଚିହ୍ନିତ ସିଣ୍ଡୋଲ ପଞ୍ଚାୟତ ସଦର ମହକୁମାଠାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସମିତିର ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ତଥା ସହକାରୀ ଦୌରାଜଜ ମାନସ ରଞ୍ଜନ ରଥ ଅଧକ୍ଷତା କରିଥିଲେ। ସେ ଉପରୋକ୍ତ ମତପୋଷଣ କରିବା ସହ ଆଇନ ସେବା ସମିତି ଦ୍ୱାରା ଉପଲବ୍ଧ ହେଉଥିବା ଆଇନଗତ ସେବା ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉଲୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସାଏ ଏବଂ ତହସିଲଦାର ଶରତଚନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସରକାରୀ ଯୋଜନାର ନୀତି ନିୟମ ଓ ରାଜସ୍ୱ ଆଇନର ପ୍ରଚଳିତ ବିଧି ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ଏପିପି ମଧୁସୂଦନ ଆଚାର୍ଯ୍ୟ, ଶଙ୍କର୍ଷଣ ପଣ୍ଡା ଓ ସନ୍ତୋଷ କୁମାର ଚାନ୍ଦ ପ୍ରମୁଖ ବରିଷ୍ଠ ଆଇନଜୀବୀ ଅତିଥି ରୂପେ ଯୋଗ ଦେଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶିବିର ପରିଚାଳନାରେ ତ୍ରୀଦେବ ମିଶ୍ର ସହାୟତା କରିଥିଲେ।

# ରାତିରେ ଜଗିଥିଲେ, ସକାଳୁ ମିଳିଲା ମୃତଦେହ

ପାଟଣାଗଡ. ୨୬।୮ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ ଏନଏସି ଅଧୀନ ୮ ନମ୍ବର ୱାର୍ଡର ବଡପଡାରେ ରବିବାର ସକାଳେ ଅଭାବନୀୟ ଘଟଣା ଘଟିଛି। ଏଠଶରେ ଥିବା ଏକ ବେଆଇନ ମଦ ଦୋକାନରେ ଜଣେ ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ୱାର୍ଡ ନଂ ୮ର ଲକ୍ଷ୍ମଣ ନାଗ (୫୫)। ସେ ନିଜ ଘର ପାଖରେ ଥିବା ଏହି ବେଆଇନ ମଦ ଦୋକାନରେ ରାତିରେ ସବୁ ଦିନ ଜଗିଥାନ୍ତି। ରବିବାର ସକାଳୁ ସେହି ଦୋକାନର ମାଲିକ ପହଞ୍ଚି ଲକ୍ଷ୍ମଣଙ୍କ ମୃତଦେହ ପଡିଥିବା ଦେଖିଥିଲେ। ଏହା ପରେ ପୋଲିସକୁ ଖବର ଦିଆଯାଇଥିଲା। ତେବେ ରାତିରେ ମଦ ମାଗିବାରୁ ଗଣ୍ଡଗୋଳ ଘଟି ଲକ୍ଷ୍ମଣଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ତାଙ୍କ ଘର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅନ୍ୟପକ୍ଷେ ବଡପଡାର ଅନେକ ମହିଳା ପାଟଣାଗଡ ଥାନାକୁ ଆସି ସେଠାରୁ ବେଆଇନ ମଦ ଦୋକାନକୁ ହଟାଇବାକୁ ଦାବି କରଛନ୍ତି। ଏ ନେଇ ପାଟଣାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୩୦/୧୮) ରୁଜୁ ହୋଇଛି। ପୋଲିସ ଅଧିକ ଖୋଳତାଡ କରୁଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ହିଁ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ତଦନ୍ତକାରୀ ଅଫିସର ଲିପିକା ନାଏକ କହିଛନ୍ତି। ପାଟଣାଗଡ ଏନଏସି ତଥା ଗ୍ରାମାଞ୍ଚଳରେ ବେଆଇନ ଦେଶୀ ଏବଂ ବିଦେଶୀ ମଦର କାରବାର ବହୁମାତ୍ରାରେ ବଢି ଚାଲିଛି। ସହରର ଗଳି କନ୍ଦିରେ ବେଧଡକ ଭାବେ ଦେଶୀ ଏବଂ ବିଦେଶୀ ମଦ ଉପଲବ୍ଧ ହେଉଛି। ସହରର ମୁଖ୍ୟ ରାସ୍ତାରେ ପ୍ରତି ୫୦ ମିଟରରେ ଦେଶୀ ଏବଂ ବିଦେଶୀ ମଦ ଅବାଧରେ ମିଳୁଛି। ଏଥିପ୍ରତି ନା ଅବକାରୀ ବିଭାଗ ଦୃଷ୍ଟି ଦେଉଛି ନା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ବ୍ୟାପକ ମାତ୍ରାର ହାତ ଗୁଞ୍ଜା ନେଇ ପୋଲିସ ଏବଂ ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜିଛନ୍ତି। ସେଥିପାଇଁ ଅନେକ ଧନ ଜୀବନ ନଷ୍ଟ ହେଉଛି।



ସିଦ୍ଧାର୍ଥ ମିଶ୍ର

### ଷ୍ଟେଟ ବାର କାଉନସିଲ ଡିସିପ୍ଲିନାରି କମିଟିରେ ସିଦ୍ଧାର୍ଥ ମିଶ୍ର

ପାଟଣାଗଡ. ୨୬।୮ (ଡି.ଏନ.ଏ.)

ଓଡିଶା ଷ୍ଟେଟ ବାର କାଉନସିଲ ଡିସିପ୍ଲିନାରି କମିଟି ନୂତନ ଭାବେ ଗଢା ଯାଇଛି। ବଲାଙ୍ଗୀର ଜିଲା ପାଟଣାଗଡର ଓକିଲ ସିଦ୍ଧାର୍ଥ ମିଶ୍ରଙ୍କୁ ଏହି କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଛି। ଅଞ୍ଚଳର ପ୍ରଥମ ଓକିଲ ଭାବେ ସେ ଓଡିଶା ଷ୍ଟେଟ ବାର କାଉନସିଲରେ ସ୍ଥାନ ପାଇଥିବାରୁ ପାଟଣାଗଡର ଉଭୟ କ୍ରିମିନାଲ କୋର୍ଟସ୍ ବାର ଏସୋସିଏସନ ଏବଂ ବାର ଏସୋସିଏସନ ପାଟଣାଗଡର ସଦସ୍ୟମାନେ ସିଦ୍ଧାର୍ଥ ମିଶ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ଷ୍ଟେଟ ବାର କାଉନସିଲକୁ ଧନ୍ୟବାଦ ଜଣାଇଛନ୍ତି ।

# ଘରଠୁ ଦୂରରେ ଯବାନ, କିନ୍ତୁ ରାଖୀ ପିନ୍ଧିଲେ

ରବିବାର ଗହ୍ମା ପୁନେଇ ତଥା ବଳଭଦ୍ରଙ୍କ ଜନ୍ମଦିନ ଥିଲା। ଏହା ସହ ଭାଇ ଭଉଣୀଙ୍କ ସମ୍ପର୍କକୁ ମଜଭୁତ କରୁଥିବା ରାଖୀ ପୂର୍ଣ୍ଣିମା ମଧ। ଏହି ଅବସରରେ ସବୁଆଡେ ଆନନ୍ଦ ଆଉ ଖୁସି ଖେଳି ଯାଇଛି। ସକାଳୁ ସକାଳୁ ଭଉଣୀମାନେ ନିତ୍ୟକର୍ମ ସମାପନ ଅନ୍ତେ ନୂଆ ଡ୍ରେସ୍ ପିନ୍ଧି ଭାଇର ହାତରେ ରାଖୀ ପିନ୍ଧେଇଛନ୍ତି। ଥାଳିରେ ଚାଉଳ ଓ ଦୁବ ନେଇ ଭାଇକୁ ବନ୍ଦାପନା କରିଥିଲେ। ମଥାରେ ସିନ୍ଦୂର ଆଉ ଚନ୍ଦନ ଲଗାଇ ଭାଇର ଶୁଭ କାମନା କରିଥିଲେ। ଭାଇ ହାତରେ ରାଖୀ ପିନ୍ଧେଇ ମୁହଁ ମିଠା କରିଥିଲେ। ଅନ୍ୟପକ୍ଷରେ ନିଜ ଘରଠୁ ଦୂରରେ ଥିଲେ ବି ଦେଶ ସୁରକ୍ଷା ପାଇଁ ନିୟୋଜିତ ଯବାନମାନେ ରାଖୀ ପିନ୍ଧିବାର ସୁଯୋଗ ପାଇଛନ୍ତି।



ଖପ୍ରାଖୋଲ ବନମାଳର ବ୍ରହ୍ମାକୁମାରୀ ଭଉଣୀମାନେ ଯବାନମାନଙ୍କୁ ରାଖୀ ପିନ୍ଧାଉଛନ୍ତି।



ବଲାଙ୍ଗୀର ସିଆରପିଏଫ୍ କ୍ୟାମ୍ପରେ ଯବାନମାନଙ୍କୁ ଜଣେ ଯୁବତୀ ରାଖୀ ପିନ୍ଧାଉଛନ୍ତି ।

ବଲାଙ୍ଗୀର ଅଫିସ, ୨୬।୮

ସ୍ଥାନୀୟ ଶାନ୍ତିପଡାଠାରେ ଥିବା ସିଆରପିଏଫ୍ କ୍ୟାମ୍ପରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଧୁମଧାମରେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗନ୍ଧମାର୍ଦ୍ଦନ ଫାଉଣ୍ଡେଶନ୍, ଭାରତ କେସ୍ୱଚ୍ଛସେବା ସଂଗଠନ, ମହିଳା ମହାବିଦ୍ୟାଳୟ, ବେହେରାପାଲି ପ୍ରାଇମେରୀ ସ୍କୁଲର ଛାତ୍ରୀ ଯୋଗ ଦେଇ ସିଆରପିଏଫ୍ ଯବାନମାନଙ୍କୁ ରାଖୀ ପିନ୍ଧାଇଥିଲେ । ସିଆରପିଏଫ୍ ବାଟାଲିୟନ୍ କମାଣ୍ଡାଣ୍ଟ ଯୋଗେନ୍ଦ୍ର ସିଂ ମୌର୍ଯ୍ୟା, ବୀରେନ୍ଦ୍ର କୁମାର, ପୁନେରବାସ୍ତ ତିୱାରୀ, ବି.କେ. ଚୌଧୁରୀଙ୍କ ସହ ସିଆରପିଏଫ୍ ଯବାନ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଗୁଡ଼ଭେଲା,୨୬।୮ (ଡ଼ିଏନଏ): ତୁଷରାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଥିଲା। ପରିଚାଳନା କମିଟିର ସଭାପତି ପ୍ରଦୀପ ସାହୁ, ବିଜୟ ବାଗ, ହେମନ୍ତ ଦାଶ, ଜିତମଲ ଜୈନ, ସୌମ୍ୟଜିତ ମିଶ୍ର, ଭାସ୍କର ମେହେର ଉକ୍ତ ଉତ୍ସବରେ ଯୋଗ ଦେଇ ରକ୍ଷାବନ୍ଧନ ଉତ୍ସବ ଉପରେ ଆଲୋକପାତ କରିଥିଲେ। ଶିଶୁ ଭଉଣୀମାନେ ଭାଇମାନଙ୍କୁ ରାଖୀ ବାନ୍ଧିଥିବା ବେଳେ ଦେବାଶିଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଟିକ୍ରାପଡା, (ଡି.ଏନ.ଏ.)–** ସଇଁତଳା ବ୍ଲକ ଟିକ୍ରାପଡା ସ୍ଥିତ ଶିଶୁ ସୈନିକ ବିଦ୍ୟାଳୟରେ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଚନ୍ଦ୍ରମଣି ରାଜପଲିଆ ଅଧକ୍ଷତା କରିଥିଲେ। ଅଂଶୁମାନ ରାଜପଲିଆ ସଂଯୋଜନା କରିଥିଲେ। ଅଶୋକ ରାଜପଲିଆ ସଙ୍ଗୀତ ଗାନ କରିଥିଲେ। ପ୍ରଦ୍ୟୁମ୍ନ ନାଏକ ରକ୍ଷା ବନ୍ଧନ ଉତ୍ସବର ତାତ୍ପର୍ଯ୍ୟ ସମ୍ବନ୍ଧରେ କହିଥିଲେ। ଭାର୍ଗବୀ ରାଜପଲିଆ ଅତିଥି ପରିଚୟ ଓ ରସନ୍ତୀ ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

**ଖପ୍ରାଖୋଲ,(ଡି.ଏନ.ଏ.)–** ଖପ୍ରାଖୋଲ ଅଞ୍ଚଳରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଭାଇର ମଙ୍ଗଳ ମନାସି ଭଉଣୀମାନେ ରାଖୀ ବାନ୍ଧିଥିଲେ। ସେହିପରି ଚାଷୀମାନେ ଗୋମାତାକୁ ପୂଜା କରିବା ସହିତ ରାଖୀ ବାନ୍ଧିଥିଲେ। ଏହି ଅବସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଗୀତା ପାଠଶାଳା, ବନମାଳର ବ୍ରହ୍ମାକୁମାରୀ ଭଉଣୀମାନେ ହରିଶଙ୍କରଠାରେ ନିୟୋଜିତ ସିଆରପିଏଫ ୧୮୯ ବାଟାଲିୟନର ଯବାନମାନଙ୍କୁ ହାତରେ ରାଖୀ ବାନ୍ଧି ଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର,ସୋମବାର, ୨୭ ଅଗଷ୍ଟ, ୨୦୧୮



**ଆସନ୍ତା ୬ରୁ ଶିକ୍ଷକମାନେ ସାମୂହିକ ଛୁଟିରେ ଯିବେ**
କଳାହାଣ୍ଡି ଜିଲା ଜୟପାଟଣା ଉମା ଶଙ୍କର ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ମିଳିତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି ।

## ସଂକ୍ଷେପରେ



### ଗଙ୍ଗାଧର ଜୟନ୍ତୀରେ ବାଲୁକା କଳା

**ରିଷିଡା,୨୬।୮(ଡି.ଏନ.ଏ.)**
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତର ଡଙ୍ଗରମୁଣ୍ଡାର ବାଲୁକା ଶିଳ୍ପୀ ଓମ ପ୍ରକାଶ ସାହୁ ସ୍ୱଭାବ କବି ଗଙ୍ଗାଧର ଜୟନ୍ତୀ ଅବସରରେ କବିଙ୍କ ବାଲୁକା କଳା ନିଜ ବାସଭବନ ସମ୍ମୁଖରେ ନିର୍ମାଣ କରିଛନ୍ତି। ଓଡିଆ ସାରସ୍ୱତ ପ୍ରତିଭା ସ୍ୱଭାବ କବିଙ୍କ ଜନ୍ମ ଦିବସରେ ଏହା ତାଙ୍କର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ବାଲୁକା ଶିଳ୍ପୀ ପ୍ରକାଶ କରିଛନ୍ତି ।

### ନୂତନ ଶିବଲିଙ୍ଗ ଆବିର୍ଭାବ, ଭକ୍ତଙ୍କ ଭିଡ

**ରିଷିଡା/ମଦନପୁର,୨୬।୮ (ଡି.ଏନ.ଏ.)**
କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଗୋଷ୍ଠୀଡେଙ୍ଗେନ ପଞ୍ଚାୟତର ବଡସୁର୍ଡା, ସାନସୁର୍ଡା, ଗୋଛାଡେଙ୍ଗେନ ଗ୍ରାମର ସମାପ ଏକ ଛୋଟ ପାହାଡରେ ଶିବଲିଙ୍ଗ ଆବିର୍ଭାବ ହୋଇଥିବାରୁ ବିଶେଷତଃ ଶ୍ରାବଣ ସୋମବାରରେ ପୂଜାର୍ଚ୍ଚନା ଚାଲିଛି । ପାହାଡରେ ଥିବା ପୀଠସ୍ଥଳରେ ଅନେକ ଭକ୍ତ ପହଞ୍ଚିବାରେ ଲାଗିଛନ୍ତି । ଫଳରେ ଉକ୍ତ ଅଞ୍ଚଳ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି ।

### ଶ୍ରାବଣ୍ତ ପୂର୍ଣ୍ଣିମାରେ ଶିବ ପାର୍ବତୀଙ୍କ ନଗର ପରିକ୍ରମା

**ରିଷିଡା,୨୬।୮(ଡି.ଏନ.ଏ.)**
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଥିବା ଅନେକ ଶୈବପୀଠରେ ବୋଲବମ ଭକ୍ତଙ୍କ ସମାଗମ ହୋଇଥିଲା । ରିଷିଡା, ରିଞ୍ଜା, ବଡଡୁଙ୍ଗୁରୀଗୁଡା, ରାଜପୁର ପ୍ରଭୃତି ସ୍ଥଳରେ ଭକ୍ତଙ୍କ ସମାଗମ ହୋଇଥିଲା । ଏଠାରେ ବୋଲବମ ଭକ୍ତମାନେ ଶିବ, ପାର୍ବତୀ ବେଶରେ ନଗର ପରିକ୍ରମା କରାଉଛନ୍ତି ।

### ୬ ଲାଇସେନ୍ସ ରଦ୍ଦ, ୧୦ ହଜାର ଜରିମାନା

**ଜୁନାଗଡ,୨୬।୮(ସ୍ୱ.ପ୍ର.)**
କଳାହାଣ୍ଡି ଜିଲା ଜୁନାଗଡ ସହରରେ ଶନିବାର ରାତିରେ ରାଖୀ ପୂର୍ଣ୍ଣିମା ପାଇଁ ବଜାର ଭିଡ ଥିବା ବେଳେ ସହର ମଧରେ ବେପରୁଆ ଗାଡି ଚାଳନା ବୃଦ୍ଧି ପାଇଥିଲା। ଜୁନାଗଡ ପୋଲିସ ପକ୍ଷରୁ ତିନି ଜଣ ବସିଥିବା, ମୋବାଇଲରେ କଥା ହୋଇ ବାଇକ୍ ଚଳାଉଥିବା ସହିତ ଓଭରଲୋଡ ଚାରି ଚକିଆ ଯାନବାହନର ଯାଞ୍ଚ କରାଯାଇଥିଲା। ଏହି ସମୟରେ ବର୍ଷା ଆରମ୍ଭ ହେବା ଯୋଗୁ ଅଳ୍ପ ସମୟରେ ଅନେକ ଗାଡିର ଫାଇନ କରାଯିବା ସହିତ ୧୦ ହଜାର ୩୦୦ଟଙ୍କା ଜରିମାନା ଆଦାୟ କରାଯିବା ସହିତ ୬ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିଲା। ଏହି ଧରପଗଡ ଜୁନାଗଡ ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳରେ କରାଯାଇଥିବା ବେଳେ ଏଥିରେ ଆଇଆଇସି ରାଜେନ୍ଦ୍ର କୁମାର ଦେହୁରୀ, ସବଇନିସପେକ୍ଟର ଧୃବ ଚରଣ ନାଏକ ପ୍ରମୁଖ ନେତୃତ୍ୱ ନେଇଥିଲେ।

ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ

# କାନ୍ଥବାଡ଼ରେ ପ୍ରଚାରପତ୍ରକୁ ନେଇ ଚର୍ଚ୍ଚା

**ଜୁନାଗଡ,୨୬।୮(ଡି.ଏନ.ଏ.)**

ସାଧାରଣତଃ ଜବକାର୍ଡ, ରାଶନ କାର୍ଡ, ଇନ୍ଦିରା ଆବାସ, ଲୋନ, ଭତ୍ତା କାର୍ଡ ଇତ୍ୟାଦି ବିଭିନ୍ନ ସରକାରୀ ଯୋଜନାଗୁଡିକ ପଞ୍ଚାୟତ ଓ ବ୍ଲକସ୍ତରରେ ପ୍ରକୃତ ମାଧ୍ୟମରେ ହିତାଧିକାରୀଙ୍କୁ ମିଳିଥାଏ। ତେବେ ସର୍ବସାଧାରଣରେ ଉପରୋକ୍ତ ଯୋଜନାଗୁଡିକ ଯୋଗାଇବା ପୁଣି ଗ୍ୟାରେଣ୍ଟି ସହ ଏହା ନେଇ ପ୍ରଚାରପତ୍ର ଲଗାଯିବା ଭଳି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଳିଆକୁଣ୍ଡଲ ଗ୍ରାମର ଜଣେ ବ୍ୟକ୍ତି ଏହି ବ୍ଲକ ତଳମଲା ଓ ଆଟିଗାଁ ପଞ୍ଚାୟତର କେତେକ ସ୍ଥାନର କାନ୍ଥ ବାଡରେ ଏହି ପ୍ରଚାର ପତ୍ର ଲଗାଇଛନ୍ତି। ଯାହାକୁ ପଢିଲେ ଓ ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି। ସମ୍ପୃକ୍ତ ବ୍ୟକ୍ତି ଜଣକ ପ୍ରଚାରପତ୍ରରେ ତାଙ୍କ ସହ ଯୋଗାଯୋଗ କରିବା ପାଇଁ ମୋବାଇଲ ନମ୍ବର ମଧ୍ୟ ଦେଇଛନ୍ତି। ଏହି ନମ୍ବରକୁ କଲ କଲେ ହିତାଧିକାରୀଙ୍କୁ ଉପରିସ୍ଥ



ତଳମଲା ପଞ୍ଚାୟତ ଏକ କାନ୍ଥରେ ଲଗାଯାଇଥିବା ପ୍ରଚାରପତ୍ର ।

ସରକାରୀ ଯୋଜନାର ସୁବିଧା ଗ୍ୟାରେଣ୍ଟି ସହ ମିଳିପାରିବ ବୋଲି ପ୍ରଚାରପତ୍ରରେ ଉଲ୍ଲେଖ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣକ କୌଣସି ସରକାରୀ କର୍ମଚାରୀ କିମ୍ବା ଲୋକ ପ୍ରତିନିଧି ହୋଇ ନ ଥିଲେ ମଧ ଲୋକଙ୍କୁ ଏହି ସବୁ ଯୋଜନା କିଭଳି ଯୋଗାଇ ଦେବେ ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ପ୍ରଚାରପତ୍ରରେ ଉଲ୍ଲେଖ ଥିବା ମୋବାଇଲ ନଂ. ୭୪୪୦୧୨୧୦୦୨କୁ ଯୋଗାଯୋଗ କରିବାରୁ ଏହା ବେସରକାରୀ ହିସାବରେ କରାଯାଉଛି, ଯେଉଁ ହିତାଧିକାରୀଙ୍କୁ ଏହି ସବୁ ଯୋଜନା ପାଇବା ପାଇଁ ଦୀର୍ଘ ଦିନ ଅପେକ୍ଷା କରୁଛନ୍ତି ତାହା ଆମେ କମ ଦିନ ମଧରେ ପୂରଣ କରିବୁ ବୋଲି କହିଥିଲେ। ଏହାକୁ ଜଣେ ଆଇନଜୀବୀ କଣ୍ଟ୍ରାକ୍ଟ ନେଇଥିବାବେଳେ ଅଧିକ ତଥ୍ୟ ଜାଣିବାକୁ ହେଲେ ମୋ ଉପରିସ୍ଥ ଜଣେ ମ୍ୟାଡମଙ୍କୁ ଯୋଗାଯୋଗ କରନ୍ତୁ ବୋଲି କହିଥିଲେ। ତେବେ ଜୈନିକ ମ୍ୟାଡମ ଜଣକ ଏକ ମୋବାଇଲ ନମ୍ବର ୯୧୭୮୭୭୪୭୭ରୁ ଆମ ପ୍ରତିନିଧିଙ୍କୁ ଫୋନ କରି ଏହା ନବୀନ ସରକାରଙ୍କ ଜରିଆରେ ହେଉଛି ଓ ଏହାକୁ ବିଜେଡି ପକ୍ଷରୁ କରାଯାଉଛି ବୋଲି କହିଥିଲେ। ଏହାସହ ମ୍ୟାଡମ ଜଣକ ନିଜକୁ ଭବାନୀପାଟଣାର ଏକ ୱାର୍ଡର ବିଜେଡି ସଭାନେତ୍ରୀ ବୋଲି ପରିଚୟ ଦେଇଥିଲେ। ତେବେ ଏହି ସମ୍ପୃକ୍ତ ଯୁବକ, ମ୍ୟାଡମ ଓ ଆଇନଜୀବୀ ଜଣକ କିଏ ତାହାର ତଦନ୍ତ କରାଯିବା ଦରକାର। ଏ ନେଇ ପ୍ରଚାର ପତ୍ର ଲଗାଯାଇଥିବା ତଳମଲା ପଞ୍ଚାୟତ ସରପଞ୍ଚ ଦୁର୍ଶିଳା ମାଝିଙ୍କୁ ପଚାରିବାରୁ ମୁଁ ଏ ବିଷୟରେ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛି ବୋଲି କହିଥିଲେ। ଜୁନାଗଡ ବିଡିଓ ପରମ ବ୍ରହ୍ମ ଯୋଷୀଙ୍କୁ ପଚାରିବାରୁ ଏହା ବେଆଇନ କାର୍ଯ୍ୟ। ଏହି କାର୍ଯ୍ୟ କରିଥିବା ବ୍ୟକ୍ତିମାନଙ୍କୁ ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।


ସିଆରପିଏଫ୍ କ୍ୟାମ୍ପରେ ମଶାରି ପ୍ରଦାନ କରାଯାଉଛି ।

## ସିଆରପିଏଫ୍ କ୍ୟାମ୍ପରେ ମଶାରି ବଣ୍ଟନ

**ଲାଞ୍ଜିଗଡ,୨୬।୮(ଡି.ଏନ.ଏ.)**

ଗତ କିଛିଦିନ ହେଲା ଲାଞ୍ଜିଗଡ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଥିବା ବେଳେ ଚାରିଆଡେ ଜ୍ୱରର ଆତଙ୍କ ଦେଖାଦେଇଛି। ବିଶ୍ୱନାଥପୁର ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଗାଁ ଗାଁ ବୁଲି ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା କରି ଔଷଧ ବିତରଣ କରୁଥିବା ବେଳେ ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ଶିକେରକୁପା ସିଆରପିଏଫ୍ କ୍ୟାମ୍ପରେ ୧୨୦ଜଣ ଯବାନଙ୍କୁ ଔଷଧବୁଡା ମଶାରି ବଣ୍ଟନ କରିବା ସହ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା । ବିଶ୍ୱନାଥପୁର ସ୍ୱାସ୍ଥ୍ୟ ଅଧିକାରୀ ନିର୍ଦ୍ଦେଶରେ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସନ୍ଦିପ ସିଂଙ୍କ ନେତୃତ୍ୱରେ ଏକ ଟିମ୍ ଯାଇ ମଶାରୀ ବଣ୍ଟନ କରିବା ସହିତ ଏକ ସଚେତନତା ସଭାର ମଧ୍ୟ ଆୟୋଜନ କରାଯାଇଥିଲା। ଏହି ସଭାରେ ଯବାନମାନେ କିଭଳି ଭାବେ ଝାଡ଼ାବାନ୍ତି ଓ ମ୍ୟାଲେରିଆ ଭଳି ସଂକ୍ରାମକ ରୋଗରୁ ନିଜକୁ ରକ୍ଷା କରିବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ସେହିପରି ବ୍ଲକରେ ଥିବା ଅନୁସୁଚିତଜାତି ଓ ଜନଜାତି ସ୍କୁଲ ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରମାନଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ମ୍ୟାଲେରିଆ ବାହାରିଥିବା ଛାତ୍ରୀଛାତ୍ରଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। ବର୍ଷାମାସରେ ଛାତ୍ରୀଛାତ୍ରମାନେ କିଭଳି ସଚେତନତା ଅବଲମ୍ବନ କରିବେ ସେ ବିଷୟରେ ସ୍ୱାସ୍ଥ୍ୟ କର୍ମଚାରୀ ବୁଝାଇଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମାନସିକ ନିର୍ଯାତନା ଅଭିଯୋଗ

**ନର୍ଲା,୨୬।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ବାଗ୍‌ପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମଶିଳା ସେନାପତିଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଏବଂ ଜଣେ ସଦସ୍ୟ ମାନସିକ ନିର୍ଯାତନା ସ୍ୱରୁପ ଅନେକ ହଇରାଣ କରୁଛନ୍ତି । ଏ ନେଇ ସମ୍ପୃକ୍ତ ଶିକ୍ଷୟିତ୍ରୀ ଶନିବାର ନର୍ଲା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।
ବାଗପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ତାଙ୍କ ବିଦ୍ୟାଳୟ ପରିଚାଳନା ସମିତି ସଭାପତି, ସଦସ୍ୟ ଓ ଅନ୍ୟ ଜଣେ ଶିକ୍ଷକ ବିଦ୍ୟାଳୟ ମରାମତି (ଆରଏମ୍‌ଜି) ପାଇଁ ଆସିଥିବା ଟଙ୍କା ୧୫,୦୦୦କୁ ନେଇ ତୁମ୍ବି ତୁଫାନ ଦେଖାଦେଇଛି । ପରିଚାଳନା କମିଟି କର୍ମକର୍ତ୍ତା ମାନସିକ ନିର୍ଯାତନା ଦେଉଥିବା ନେଇ ପ୍ରଧାନ ଶିକ୍ଷୟିତ୍ରୀ ନର୍ଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।
ବିଦ୍ୟାଳୟ ମରାମତି (ଆରଏମଜି) ପାଇଁ ୨୦୧୭ରୁ ଆସିଥିବା ୧୫,୦୦୦ ଟଙ୍କା ଏବେ ବିଦ୍ୟାଳୟ କାମରେ ଲାଗିବ। ପ୍ରଧାନ ଶିକ୍ଷୟିତ୍ରୀ ମରାମତି କାମ କରେଇବେ। ହେଲେ ପରିଚାଳନା ସମିତି ସଭାପତି ଓ ବରିଷ୍ଠ ସଦସ୍ୟ ତାଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଅଗ୍ରୀମ ଆକାରରେ ଏହି ୧୫,୦୦୦ ଟଙ୍କା ତୁରନ୍ତ ପ୍ରଦାନ କରନ୍ତୁ ସେମାନେ ବିଦ୍ୟାଳୟ ମରାମତି କାମ କରିବେ ବୋଲି କହୁଥିବା ବେଳେ ପ୍ରଥମେ କାମ କର ତାପରେ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି । ନର୍ଲା ବ୍ଲକ୍ ଶିକ୍ଷାଧିକାରିଣୀ ନୀରୁପମା ଦୋରା ମଧ ସେମାନଙ୍କୁ ଟଙ୍କା ଦେଇ ଦିଅନ୍ତୁ ବୋଲି କହିବାରୁ ଆପଣ ମୋତେ ଲିଖିତ ଖଣ୍ଡେ ଚିଠି କରି ଦିଅନ୍ତୁ ତାହେଲେ ମୁଁ କମିଟି କର୍ମକର୍ତ୍ତାଙ୍କୁ ଟଙ୍କା ଦେଇଦେବି। ଯଦି ଟଙ୍କା ନେଇ କାମ ନ କରି ଚାଲିଯାଆନ୍ତି, ସେମାନେ ଧରାଛୁଆଁ ନ ଦିଅନ୍ତ ତା ହେଲେ କ'ଣ ମୁଁ ପିଲାଙ୍କୁ ପାଠପଢା ଛାଡି କୋଇଠିକି ଏମାନଙ୍କୁ ଖୋଜି ବୁଲୁଥିବି ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି। ଏହି କଥାକୁ ନେଇ ମାସେରୁ ଉର୍ଦ୍ଧ୍ୱ ସମୟ ହେଲା ପ୍ରତ୍ୟହ ଟଣାଓଟରା ଚାଲିଥିବା ବେଳେ ଏହାର ଆଶୁ ସମାଧାନ ଏଯାଏଁ ହୋଇ ପାରି ନାହିଁ। ସେମାନଙ୍କ ସ୍ୱାର୍ଥ ହାସଲ ହୋଇପାରୁ ନ ଥିବାରୁ ବିଇଓଙ୍କ ନିକଟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ଯାହା ତାହା ଅଭିଯୋଗ ମଧ ପ୍ରତ୍ୟହ ଚାଲିଛି। ବିଦ୍ୟାଳୟରେ ପାଠପଢା ଠିକ୍ ଚାଲୁନାହିଁ କହି କିଛି ଅଭିଭାବକଙ୍କୁ ମତେଇ ବିଦ୍ୟାଳୟରେ ତାଲା ପକାଯିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କମିଟି ସଭାପତି ଓ ସଦସ୍ୟ ପ୍ରତିଦିନ ଧମକ ଦେଉଥିବା ମଧ ଅଭିଯୋଗ କରିଛନ୍ତି। ଏ ବିଷୟରେ ନର୍ଲା ବ୍ଲକ୍ ଶିକ୍ଷାଧିକାରିଣୀ ଦୋରାଙ୍କୁ ପଚାରିବାରୁ ସେ କହିଲେ ମୁଁ ନିଜେ ଯାଇ ଏକଥାର ସମାଧାନ କରିଥିଲି। ଥାନା ପର୍ଯ୍ୟନ୍ତ କଥା କେମିତି ଆସିଲା। ମୁଁ ଦେଖୁଛି, ପଚାରି ବୁଝୁଛି ବୋଲି କହିଛନ୍ତି । ସମ୍ପୃକ୍ତ କମିଟି ସଭାପତି, ସଦସ୍ୟ ଓ ସହକାରୀ ଶିକ୍ଷକଙ୍କୁ ଥାନାକୁ ଡକାଇ ତଦନ୍ତ କରାଯିବ ବୋଲି ନର୍ଲା ଆଇଆଇସି ରମଣୀ ରଞ୍ଜନ ଦଳେଇ କହିଛନ୍ତି।

## ଗାଁକୁ ଫେରିଲା ଦାଦନ ଶ୍ରମିକଙ୍କ ଶବ

**ଲଡୁଗାଁ,୨୬।୮(ଡି.ଏନ.ଏ.)**

ଏଠାରେ ବିଭିନ୍ନ ଯେଜନାରେ ଶ୍ରମିକ ବଦଳରେ ମେଶିନ କାମ କରୁଥିବା ବେଳେ ବର୍ଷ ବର୍ଷ ଧରି କାମ କରି ପାରିଶ୍ରମିକ ପଉଣା ପାଉନାହାନ୍ତି। ଫଳରେ ବହାର ରାଜ୍ୟକୁ ଶ୍ରମିକ ଦାଦନ ଯିବା ପାଇଁ ବାଧ ହୋଉଛନ୍ତି। ବାହାର ରାଜ୍ୟକୁ ଦାଦନ ଯାଇ କେତେ ବେଳେ ଶ୍ରମିକ ନିଜ ହାତ ପାପୁଲି ହାରାଉଛି ତ କେବେ ଶବ ହୋଇ ଗାଁକୁ ଫେରିଛି। ଶନିବାର କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହାଲ ଗ୍ରାମପଞ୍ଚାୟତ ଧନସରା ଗ୍ରାମର ଈଶ୍ୱର ସତନାମି (୪୦) ନାମକ ଜଣେ ଦାଦନ ଶ୍ରମିକଙ୍କ ଶବ ଗାଁକୁ ଫେରିଛି। ମିଳିଥିବା ସୂଚନା ଅନୁସାରେ ଗତ ୨ ମାସ ତଳେ ଗ୍ରାମର ଈଶ୍ୱର ନିଜ ଜ୍ୱାଇଁ ସହ ବେଙ୍ଗଲୋର ଦାଦନ ଖଟିବାକୁ ଯାଇଥିଲେ । ସେଠାରେ ସେ କାମ କରୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଶନିବାର ଈଶ୍ୱରଙ୍କ ଶବ ଗାଁ ଧନସରା ପହଞ୍ଚିବା ପରେ ପୁରା ଗାଁ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପରେ ପରିବାର ପକ୍ଷରୁ ଶବ ସତ୍କାର କରାଯାଇଥିଲା। ଏ ନେଇ କାଶିବାହାଲ ସରପଞ୍ଚ କଲ୍ୟାଣି ପାତ୍ରଙ୍କ ସହିତ ଯୋଗାଯୋଗ କରିବାରୁ ଆମ ପାଖରେ ଖବର ନାହିଁ । ଯଦି ଏମିତି କିଛି ହୋଇଛି ତାଙ୍କ ଘରକୁ ଯାଇ ହରିଶଚନ୍ଦ୍ର ଯୋଜନାରେ ସହାଯ୍ୟ ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

## ଆସନ୍ତା ୬ରୁ ଶିକ୍ଷକମାନେ ସାମୂହିକ ଛୁଟିରେ ଯିବେ

**ଜୟପାଟଣା,୨୬।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ଉମା ଶଙ୍କର ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଓଡ଼ିଶା ମିଳିତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପ୍ରାଥମିକ ଉଚ୍ଚ ପ୍ରାଥମିକ ଶିକ୍ଷକଙ୍କୁ ଯୋଗ୍ୟତା ଅନୁଯାୟୀ ପଦବି ସୃଷ୍ଟି, ଷଷ୍ଠ ବେତନ କମିଶନ ଅନୁଯାୟୀ ମୂଳ ଦରମା ୫୨୦୦ ଟଙ୍କା, ଗ୍ରେଡ୍ ପେ ସଂଶୋଧନ କରି ୯୩୦୦ ଟଙ୍କା ଓ ଗ୍ରେଡ୍ ପେକୁ ସଂଶୋଧନ କରି ୪୨୦୦କୁ ବୃଦ୍ଧି କରି ସପ୍ତମ ବେତନ କମିଶନ ସୁପାରିଶ କରି ଦରମା ପ୍ରଦାନ ଏବଂ କନିଷ୍ଠମାନଙ୍କ ଏକ୍ସ କ୍ୟାଡ଼ର ବ୍ୟବସ୍ଥା ଉଚ୍ଛେଦ, ସିଧାସଳଖ ଦରମା ପ୍ରଦାନ, ନୂତନ ପେନ୍‌ସନ୍ ଯୋଜନା ପରିବର୍ତ୍ତେ ପୁରୁଣା ପେନ୍‌ସନ୍ ଯୋଜନା ଲାଗୁ କରିବା ଆଦି ଦାବି ଉପରେ ଆଲୋଚନା କରାଯାଇଛି । ଏନ୍‌ପିଏସ୍ ସଭାପତି ଲଳିତ କୁମାର ନାଏକ, କନିଷ୍ଠ ଶିକ୍ଷକ ସଂଘ ସଭାପତି ଅନନ୍ତ ନାରାୟଣ ପଣ୍ଡା, ଏକ୍ସ-କ୍ୟାଡ଼ର ସଭାପତି ଅନିଲ ପଟ୍ଟନାୟକ, ଏ.ଟ୍ରି.ବୁ.ଜ. ସଭାପତି ସଞ୍ଜୟ କୁମାର ପଣ୍ଡା, ଏଲିମିଣ୍ଟାରୀ ବିଇଓ ଶିକ୍ଷକ ସଂଘ ସଭାପତି ରଜନୀକାନ୍ତ ଠକୁର, ଓଇଷ୍ଟା ସଭପତି ମାନସ ରଞ୍ଜନ ପଣ୍ଡାଙ୍କ ସମେତ କ୍ରୀଡ଼ା ଶିକ୍ଷକ ସଂଘରୁ ଅମିୟ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରି ଆଗାମୀ ଗୁରୁ ଦିବସ ପୂର୍ବରୁ ଦାବିଗୁଡ଼ିକୁ ପୂରଣ କରା ନ ଗଲେ ରାଜ୍ୟ ସଂଘ ଡ଼ାକରାରେ ସାମିଲ ହୋଇ ଆସନ୍ତା ସେପ୍ଟେମ୍ବର ୬ରୁ ବ୍ଲକ୍‌ର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସମୂହ ଛୁଟିରେ ରହିବା ସହିତ ବିଧାନ ସଭା ସମ୍ମୁଖରେ ଗଣ ଧାରଣରେ ସାମିଲ ହେବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ବୈଠକରେ ଦିବାକର ପଟ୍ଟନାୟକ, ସୁଶାନ୍ତ ଖମାରୀ, ରମାକାନ୍ତ ମାଝି, ପ୍ରମୋଦ କୁମାର ଠାକୁର, ଆଦିତ୍ୟ ଖମାରୀ, ମନ ଶବରଙ୍କ ସମେତ ଶତାଧିକ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।


ଜୟପାଟଣାଠାରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ବୈଠକରେ ଆଲୋଚନା କରାଯାଉଛି ।

ଘର୍‌କେ ଫିର୍‌ଲେ ଏସିଡ୍ ପୀଡ଼ିତା

# ସମାଜସେବା କର୍‌ବେ ଦମୟନ୍ତୀ

**କଲମପୁର,୨୬।୮(ଡି.ଏନ.ଏ.)**

ଏସିଡ ମାଡ୍‌ରୁ ବର୍‌ତି ଯାଇଥିବାର ଝନେ ଯୁବତୀ ନିଜର ଏସିଡମରା ମୁହୁଁକେ ପ୍ଲାଷ୍ଟିକ ସର୍ଜରୀ କରି ସଜେଇଛନ୍। ଇତାର ଭିତ୍‌ରେ ସେ ନୂଆଁ ଆଶ୍ ନେଇ ସମାଜ୍‌ରେ ମୁଣ୍ଡ୍‌ଟେକି ବଁଚ୍‌ବାର ଆରମ୍ କରିଥିବାର ଦେଖିବାକେ ମିଳିଛେ। କଳାହାଣ୍ଡି ଜିଲା କଲମପୁର ବ୍ଲକ୍ ଖଣ୍ଡି ଡଙ୍ଗରିଗୁଡାର ଯୁକ୍ତ ବିହାରୀକଁର ବଡ଼ ଝି ଦମୟନ୍ତୀକଁଠାନେ ଏନ୍‌ତା ମନ୍‌ବଲ ଦେଖିବାକେ ମିଳିଛେ। ଗଲା ଜାନୁୟାରୀ ୧୫ ତାରିଖ୍‌ରେ ଦମୟନ୍ତୀ ଫିଦିନ୍ ଲେଖେଁ କମ୍ପ୍ୟୁଟର କ୍ଲାସ ଲାଗି ହାତୀନଦୀ ପାର୍ ହେଇ କଲମପୁରକେ ଯାଉଥିଲେ। ଇ ସମିଆରେ ବଙ୍କାପଲା ପାସେ ଅଚାନକ୍ ପଛୁଫାଲୁ ହତାଶ ପେମୀକ୍ ତାକର ମୁହେଁ ଏସିଡ୍ ମାଡ଼ କରିଥିଲା। ନିଜର ଉପସ୍ଥିତ୍ ବୁଧି ଖଟେଇ ଦମୟନ୍ତୀ ହାତୀନଦୀ ପାଏନ୍‌ରେ ବୁଡ଼ି ରହିଥିଲେ। ଅଲପ୍‌କେ ମୁର୍‌ତୁ ମୁହୁଁ ରକ୍ଷା ପାଇଯାଇଥିଲେ ବି ତାକର ମୁହୁଁ ଆର୍ ହାତ୍ ପୁଡି ଯାଇଥିଲା। ପହେଲା ସେ କଲମପୁର ଆର୍ ଭବାନୀପାଟଣା, ତା'ପରେ କଟକ ବଡ଼ ଡାକ୍‌ତରଖାନାରେ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗ୍‌ରେ ଭର୍‌ତି ହେଇଥିଲେ। ୭ ମାସ୍ ଧରି ଚିକିତ୍ସିତ୍ ହେଲା ଉତାରୁ ନିରୁଜ୍ ହେଇ ଗଲା ବୁଧୁବାର ନିଜର ଗାଁ ଖଣ୍ଡି ଡଙ୍ଗରିଗୁଡାକେ ଫିରିଛନ୍। ଦମୟନ୍ତୀ ନିଜର ନୂଆଁ ଚେହେରା ଧରି ଗୁଟେ ନୂତନ୍ ସଂକଲ୍‌ପ ନେଇ ବଁଚ୍‌ବାର ଆରମ୍ କରିଛନ୍। ତାହାକୁ ତାକର ସାଂଗ୍‌ସାଥି, ଲାଗେଲେସରମାନେ ଆଘରନୁ ଅଲଗ୍ ନଜରରେ ଦେଖୁଥିବାର ସେ ଅନୁଭବ୍ କରୁଛନ୍। ଘର ସଁସାର କର୍‌ବାର ବଦ୍‌ଲା ତାହାକୁ ଗୁଟେ ସରକାରୀ ଚାକ୍‌ରି ଯୁଗେଇ ଦେଲେ ନିଜେ ବଁଚ୍‌ବାର ସଂଗେ ସମାଜର ସେବାରେ ନିଜ୍‌କେ ନିୟୋଜିତ୍ କର୍‌ବେ ବଲି ସେ ଆଶ୍ ବାଁଧିଛନ୍। ତାଁକର ଜୀବନ୍ ଉପ୍‌ରେ ବିପଦ୍ ଥିବାରଲାଗି ତାହାକୁ ସୁରକ୍ଷା ଦେବାକେ ସେ ଜିଲାପାଳକୁଁ ଗୁହାରି କରିଛନ୍ ବଲି କହିଛନ୍। ଦୋଷୀକେ


ପ୍ଲାଷ୍ଟିକ ସର୍ଜରି ପରର ଫଟୋ ।

ଆଜୀବନ୍ ସଜା ମିଲୁ ବଲି ଗୁହାରି କର୍‌ବାର ସଂଗେ ତାକର ଜୀବନ୍‌ରେ ଯେନ୍‌ତା ଘଟିଛେ ଏନ୍‌ତା ଉନିହାଁ କାହାରି ଜୀବନ୍‌ରେ ନାଇଁ ଘଟୁ ବଲି ସେ କଁଦ୍‌କଁଦ୍‌ନିଆଁ ହେଇ କହିଥିଲେ। ଆଏଜ୍‌କାଲିର ସମାଜରେ ଯୁବତୀ ଆର୍ ମହିଲାମାନ୍‌କୁ ଭଲ୍ ବେଭାର ଦେଖାବାର ସଂଗେ କେହେନ୍‌ସି ବି ପରିସ୍ଥିତିରେ ଭାଂଗି ନାଇଁପଡି ପରିସ୍ଥିତିର ସାମ୍‌ନା କର୍‌ବାକେ ସେ ଯୁବପିଢ଼ୀକେ ଆହ୍ୱାନ୍ ଦେଇଛନ୍।

# ବିଭିନ୍ନ ସ୍ଥାନରେ ଗଙ୍ଗାଧର ମେହେର ଜୟନ୍ତୀ

**କେସିଙ୍ଗା,୨୬।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ମଶାଣିବନ୍ଧସ୍ଥିତ ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଜିଲାସ୍ତରୀୟ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ କଳାହାଣ୍ଡି ଲେଖକ କଳା ପରିଷଦର ଉପଦେଷ୍ଟା ରାସ ବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସରସ୍ୱତୀ ବିଦ୍ୟାମନ୍ଦିର ପ୍ରତିଷ୍ଠାତା ବିଷ୍ଣୁପଦ ଘଡେଇ, ମୁଖ୍ୟବକ୍ତା ଭବାନୀପାଟଣା ଜୟପ୍ରକାଶ ସନ୍ଧ୍ୟା ମହାବିଦ୍ୟାଳୟ ଯୁକ୍ତ ୩ ଓଡିଆ ଅଧ୍ୟାପକ ପମେଶ୍ୱର ମୁଣ୍ଡ ପ୍ରମୁଖ ଗଙ୍ଗାଧର ମେହେରଙ୍କ ଜୀବନୀ, ଆଦର୍ଶ, ଓଡିଆ ମାଟିର ପ୍ରଚାର ଆଦି ବିଷୟ ଉପରେ ବକ୍ତାମାନେ ନିଜସ୍ୱ ମତ ପ୍ରଦାନ କରିଥିଲେ । ଏଥିରେ କଳାହାଣ୍ଡି ଲେଖକ କଳା ପରିଷଦ ସଭାପତି ଉମେଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ଶୁଭେନ୍ଦୁ ମହାପାତ୍ର, ଶିଶୁ ବିଦ୍ୟାମନ୍ଦିର ସମ୍ପାଦିକା ଲଳିତା ଘଡେଇ, ପ୍ରଧାନ ଆଚାର୍ଯ୍ୟ ତନୁ ହରପାଲ, ପୂର୍ବତନ ସରପଞ୍ଚ ଠାକୁର ସାହୁ, ଗୋପାଳ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଅତିଥିଗଣ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ । ରିଷିଡା ଜେଡି କଲେଜ ଅଧ୍ୟାପକ ଘନଶ୍ୟାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି କେସିଙ୍ଗାସ୍ଥିତ ଚେତାବନୀ ସଂସଦ ସଭାପତି ନିରୋଜ ପଟ୍ଟନାୟକଙ୍କ ସଭାପତିତ୍ୱରେ ମଧ୍ୟ ବିଦ୍ୟାପୀଠଠାରେ ଜୟନ୍ତୀ ପାଳିତ ହୋଇଥିଲ ।

**ରିଷିଡା,୨୬।୮(ଡି.ଏନ.ଏ.)**
କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ କୁମାର ପୁରୋହିତ, ସମାଜ ସଂସ୍କାରକ ବାବା ଭଗବାନ ସାହୁ ପ୍ରମୁଖଯୋଗ ଦେଇ କବିଙ୍କ କବି ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ କବିଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା ।

**ତୁଣ୍ଡଲା,୨୬।୮(ଡି.ଏନ.ଏ.)**
କେସିଙ୍ଗା ବ୍ଲକ ଅନ୍ତର୍ଗତ ତୁଣ୍ଡଲା ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି । ଶିକ୍ଷକ ଯତିନ୍ଦ୍ର କୁମାର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଅତିରିକ୍ତ ସଚିବ ପଞ୍ଚାୟତିରାଜ ବିଭାଗ ଓଡିଶା ସରକାର ଡ. ନୃପରାଜ ସାହୁ, ସମ୍ମାନିତ ଅତିଥି ସିନାପାଲି ମହାବିଦ୍ୟାଳୟର ଓଡିଆ ଅଧାପକ ଡ. ରାଜେଶ କୁମାର ସାହୁ ଏଡଭୋକେଟ ଓଡିଶା ହାଇକୋର୍ଟ କଟକର ବିଭୁଦତ୍ତ ଚଳାନ ମୁଖ୍ୟବକ୍ତା ଭାବରେ ଉପସ୍ଥିତ ରହି ଗଙ୍ଗାଧର ମେହେରଙ୍କ ଜୀବନ ଚରିତ୍ର, ପ୍ରକୃତି ପ୍ରେମ ତଥା ଗଙ୍ଗାଧର ମେହେରଙ୍କ ସାହିତ୍ୟପୁରା ପୁଙ୍ଖାନୁପୁଙ୍ଖ ଭାବରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଅଞ୍ଚଳର ସମସ୍ତ ବୁଦ୍ଧିଜୀବୀ, ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ ।


କେସିଙ୍ଗା ବ୍ଲକ ମଶାଣିବନ୍ଧସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜିଲାସ୍ତରୀୟ ସ୍ୱଭାବ କବି ଗଙ୍ଗାଧରଙ୍କ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେ ହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### ତୁଷୁରାରେ ଝୁଲଣଯାତ୍ରା

ଗୁଡ଼ଭେଲା,୨୬।୮(ଡି.ଏନ.ଏ.)- ତୁଷୁରା ସହରସ୍ଥିତ ରାଧାରଣୀ ମନ୍ଦିର ପରିସରରେ ୩୬ତମ ଝୁଲଣଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ସ୍ଥାନୀୟ ସୋନଗଡ ନଦୀରୁ ଶତାଧିକ ମହିଳା ପୂର୍ଣ୍ଣକଳସ ଜଳ ଧରି ପୂଜା ମଣ୍ଡପରେ ପହଞ୍ଚିବା ପରେ ତାହା ସ୍ଥାପନ କରାଯାଇଥିଲା। ଶ୍ରୀକୃଷ୍ଣ ଓ ରାଧାଙ୍କ ପ୍ରତିମାକୁ ରଥାରୂଢ଼ କରାଯାଇ ଭକ୍ତମାନେ ରଥ ଟାଣିଥିଲେ। ସଚ୍ଚିଦାନନ୍ଦ ଭୋଇ ଓ ତାଙ୍କ ସ୍ତ୍ରୀ ନମିତା ଭୋଇ କର୍ତ୍ତା କାର୍ଯ୍ୟ ତୁଲାଇଥିବା ବେଳେ ସଞ୍ଜୀବ ମିଶ୍ର ପୂଜକ ଭାବେ କାର୍ଯ୍ୟ ତୁଲାଇ ଥିଲେ।

### ଲଗାଣ ବର୍ଷା ପରେ ଚାଷ କାର୍ଯ୍ୟ ତ୍ୱରାନ୍ୱିତ

ଟିକ୍ରାପଡା,୨୬।୮(ଡି.ଏନ.ଏ.)- ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡା, ଝିଙ୍କିଡୁଙ୍ଗୁରି, ଯୁରାବନ୍ଧ ପଞ୍ଚାୟତ ଅଞ୍ଚଳରେ ଶନିବାର ମଧରାତିରୁ ଲଗାଣ ବର୍ଷା ଫଳରେ ଚାଷୀ ମହଲରେ ଆନନ୍ଦ ପ୍ରକାଶ ପାଇଛି। ବିହୁଡା କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଗତ ମାସେ ଧରି ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷ କାର୍ଯ୍ୟ ଆଗେଇ ପାରି ନ ଥିଲା। ଆଗକୁ ଭଲ ବର୍ଷା ହେବା ସହ ଚାଷରେ ଉନ୍ନତି ହେବ ବୋଲି ଆଶା ପ୍ରକାଶ ପାଇଛି।

### ଗଙ୍ଗାଧର ଜୟନ୍ତୀ ପାଳିତ

ଟିକ୍ରାପଡା,୨୬।୮(ଡି.ଏନ.ଏ.)- ବଲାଙ୍ଗୀର ଜିଲା ସଇନ୍ତଳା ବ୍ଲକ ଟିକ୍ରାପଡସ୍ଥିତ ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଦିଲୁ ବାଗ ସଭା ସଂଯୋଜନା କରିଥିଲେ। ଗୋକୁଳାନନ୍ଦ ବାରିକ, ସୁରେନ୍ଦ୍ର ବଗର୍ତ୍ତୀ ବକ୍ତା ଭାବେ ଯୋଗଦେଇ ଗଙ୍ଗାଧରଙ୍କ ଜୀବନ ଓ କୃତୀ ସମ୍ବନ୍ଧରେ କହିଥିଲେ।

# ଲଗାଣ ବର୍ଷାରେ ବୁଡ଼ିଲା ବଲାଙ୍ଗୀର ସହର

ବଲାଙ୍ଗୀର ଅଫିସ, ୨୬।୮

ଲଗାଣ ବର୍ଷା ଯୋଗୁ ବଲାଙ୍ଗୀର ସହର ବେହାଲ ହୋଇପଡିଛି। ଶତାଧିକ ଘରକୁ ଡ୍ରେନ୍ ପାଣି ପଶି ଯିବାରୁ ଘର ଗୁଡିକ ପାଣି ଘେରରେ ରହିଛି। ଏଭଳି ପରିସ୍ଥିତିରେ ଶତାଧିକ ଲୋକ ରୋଷେଇ କରି ନ ପାରି ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପାଣି ଘେରରେ ଘର ଗୁଡିକ ରହିବା ଫଳରେ ବହୁ ଲୋକ କିଭଳି ରାତି କଟାଇବେ ଚିନ୍ତାରେ ପଡିଛନ୍ତି। ବଲାଙ୍ଗୀର ସହର ୧୪ ନମ୍ବର ୱାର୍ଡ ଅନ୍ତର୍ଗତ ମାଳପଡା ସିଦ୍ଧି ବିନାୟକ ଛକ ଗଳି ରାସ୍ତାରେ ରବିବାର ସକାଳୁ ଆଣ୍ଠୁଏ ପାଣି ରହିଥିଲା। ରାସ୍ତାକଡରେ ଡ୍ରେନ୍ ନ ଥିବାରୁ ଏଠାରେ ନାହିଁନଥିବା ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ସାଲେପାଲି, ଉଦୟନଗର, ବିଭୂତିପଡା, ରାମେଶ୍ୱରନଗର, ଡ୍ୟାମପଡା, ବରପାଲିପଡା ଅଞ୍ଚଳରେ ବିଭିନ୍ନ ଘରକୁ ବର୍ଷା ପାଣି ପଶିଥିଲା। ତେଲିଗୋଠପଡା-ମାଳପଡା ମଝି ଦେଇ ଯାଇଥିବା ରେଲୱେ ଷ୍ଟେସନ୍ ରାସ୍ତା ଉପରେ ବର୍ଷାପାଣି ମାଡିଥିଲା। ଫଳରେ ଏହି ରାସ୍ତା କଡରେ ଥିବା ପି. ସିନୁଙ୍କ ଘର ସମ୍ପୂର୍ଣ୍ଣ ପାଣି ଘେରରେ ରହିଥିଲା। ଏଠାରେ ଡ୍ରେନ୍ ଉପରେ ଦୁଇଫୁଟ୍ ପାଣି ଅଟକି ରହିଥିଲା। ଡ୍ରେନ୍ ପାଣିର ଉପଯୁକ୍ତ ନିଷ୍କାସନ ହୋଇପାରୁ ନ ଥିବାରୁ ଏଠାରେ ଦୀର୍ଘ ସମୟ ଧରି ବର୍ଷା ପାଣି ଅଟକି ରହିଥିଲା। ରେଲୱେ ଷ୍ଟେସନ୍ ରାସ୍ତା କଡରେ ଥିବା ଡ୍ରେନ୍ ଠିକ୍ ଭାବେ ସଫେଇ କରାଯାଇ ନ ଥିବାରୁ ଏଥିରେ ବର୍ଷା ପାଣି ନିଷ୍କାସିତ ହୋଇପାରୁନାହିଁ । ଫଳରେ ରାସ୍ତା ଉପରେ ପାଣି ଡେଇଁ ମାଳପଡା ଭିତରକୁ ପଶି ଯାଇଥିଲା । ମାଳପଡା ସିଦ୍ଧି ବିନାୟକ ଗଳିର ତ୍ରିପୁରା ବଗର୍ତ୍ତୀ, ଦେବାଶିଷ ଦାସ, ରମାଇ ଷଡଙ୍ଗୀ, ନୀଳକଣ୍ଠ ଦାସ, ରିଙ୍କୁ ବିଶି, ରାଜେଶ ଖର୍ସେଲ, ରାଜେନ୍ଦ୍ର ପଣ୍ଡାଙ୍କ ସହ ଅନ୍ୟ ଘର ଭିତରକୁ ପାଣି ପଶିଥିଲା। ଅଜୟ ମିଶ୍ରଙ୍କ ଘରେ ଆଣ୍ଠୁଏ ପାଣି ପଶିଯିବାରୁ ବ୍ୟାପକ କ୍ଷତି ହୋଇଛି। ସମସ୍ତ ଆସବାବପତ୍ର ପାଣି ଘେରରେ ରହିଛି । ଅନେକ ସାମଗ୍ରୀ ବର୍ଷା ପାଣି ଯୋଗୁ ନଷ୍ଟ ହୋଇଯାଇଛି। ରବିବାର ରାତି ସୁଦ୍ଧା ପାଣି ନିଷ୍କାସିତ ହୋଇପାରି ନ ଥିବାରୁ ସେମାନେ ଘରେ ରୋଷେଇ କରିପାରିନାହାନ୍ତି । ଘର ଭିତରେ ସମସ୍ତ ସଦସ୍ୟ ଏକ ପ୍ରକାର ଜଳବନ୍ଦୀ ଭାବେ ରହିଛନ୍ତି । ଘର ସମ୍ମୁଖ ରାସ୍ତାରେ ଆଣ୍ଠୁଏ ପାଣି ରହିଛି। ଫଳରେ ଏହି ପଡାବାସୀ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏଠାରେ ଅଧିକାଂଶ ଲୋକ ରୋଷେଇ କରିପାରିନାହାନ୍ତି । କିଛି ଲୋକ ହୋଟେଲରୁ ଖାଦ୍ୟ ଆଣି ଖାଇଥିବା ସୂଚନା ଦେଇଛନ୍ତି । ରବିବାର ଦିନତମାମ ଏଠାରେ ଲୋକେ ପାଣି ଘେରରେ ରହିଥିଲେ ମଧ୍ୟ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଏଠାକୁ ପରିଦର୍ଶନରେ ଆସି ନ ଥିବାରୁ ପଡାବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଏହିପଡାରେ ନୂଆ ଡ୍ରେନ୍ ନିର୍ମାଣ ହୋଇନାହିଁ । ୨୦ ବର୍ଷ ତଳେ ଏଠାରେ ଡ୍ରେନ୍ ତିଆରି ହୋଇଥିଲା । ତେବେ ସେହି ଡ୍ରେନ୍ ଏବେ ଅକାମୀ ହୋଇପଡିଛି । ଫଳରେ ସାମାନ୍ୟ ବର୍ଷା ହେଲେ ଏଠାରେ ରାସ୍ତା ଉପରେ ବର୍ଷାପାଣି ଯାଉଛି। ଶନିବାର ରାତିରୁ ଏବଂ ରବିବାର ଦିନତମାମ ଲଗାଣବର୍ଷା ହେବା ଫଳରେ ପରିସ୍ଥିତି ସାଂଘାତିକ ହୋଇ ପଡିଛି । ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ବର୍ଷା ପାଣି ଘେରରେ ରହିଥିବା ଲୋକଙ୍କୁ କୌଣସି ଖାଦ୍ୟ ଯୋଗାଇ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ଏଠାରେ ନୂତନ ଡ୍ରେନ୍ ନିର୍ମାଣ କରାଯିବା ସହ ଜବରଦଖଲ ଉଚ୍ଛେଦ କରିବାକୁ ଲୋକେ ଦାବି କରିଛନ୍ତି । ବଲାଙ୍ଗୀର ସରକାରୀ ମେଡିକାଲ କଲେଜ, କଂସାରୀପଡ଼ା, ଇନ୍ଦିରା ନଗରରେ ଅଗ୍ନିଶମ ବିଭାଗର କର୍ମଚାରୀ ଉଚ୍ଚ କ୍ଷମତାସମ୍ପନ୍ନ ପମ୍ପ ଲଗାଇ ନିଷ୍କାସନ କରିଛନ୍ତି।



ମାଳପଡା ଅଜୟ ମିଶ୍ରଙ୍କ ଘର ଭିତରେ ଆଣ୍ଠୁଏ ପାଣି ।



ମାଳପଡା ସିଦ୍ଧି ବିନାୟକ ଗଳି ରାସ୍ତା ଉପରେ ଡ୍ରେନ୍ ପାଣି ଛୁଟୁଛି ।



ବଲାଙ୍ଗୀର ତେଲିଗୋଡପଡା ଛକ ରାସ୍ତା ଉପରେ ବର୍ଷା ପାଣି ଛୁଟୁଛି ।



ରେଲୱେ ଷ୍ଟେସନ୍ ରାସ୍ତା କଡରେ ଥିବା ଘରକୁ ଡ୍ରେନ୍ ପାଣି ପଶିଯାଇଛି ।



ଘର ଭିତରୁ ଜଣେ ବ୍ୟକ୍ତି ପାଣି ନିଷ୍କାସନରେ ଲାଗିଛନ୍ତି ।

- ନିଷ୍କାସନ ହୋଇ ନ ପାରି ଲୋକଙ୍କ ଘରେ ପଶିଲା ଡ୍ରେନ୍ ପାଣି
- ରୋଷେଇ କରିପାରିଲେ ନାହିଁ, ହୋଟେଲରୁ ଖାଦ୍ୟ ମଗାଇଲେ
- ପାଣି ଭିତରେ ରହି ଯାଇଛି ଦାମିକିଆ ଜିନିଷ ସହ ଆସବାବପତ୍ର
- ବିପଦ ବେଳେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ଦେଖା ମିଳିଲା ନାହିଁ
- ପାଣି ଶୁଖାଇବାକୁ ଲାଗିଲା ଉଚ୍ଚ କ୍ଷମତାସମ୍ପନ୍ନ ପମ୍ପ

# ରାତିରେ ଜଗିଥିଲେ, ସକାଳୁ ମିଳିଲା ମୃତଦେହ

ପାଟଣାଗଡ. ୨୬।୮ (ଡି.ଏନ.ଏ.)

- ପାଟଣାଗଡ଼ ବଡ଼ପଡାର ବେଆଇନ ମଦ ଦୋକାନ
- ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଲେ

ବଲାଙ୍ଗୀର ଜିଲା ପାଟଣାଗଡ ଏନଏସି ଅଧୀନ ୮ ନମ୍ବର ୱାର୍ଡର ବଡପଡାରେ ରବିବାର ସକାଳେ ଅଭାବନୀୟ ଘଟଣା ଘଟିଛି। ଏଠଣରେ ଥିବା ଏକ ବେଆଇନ ମଦ ଦୋକାନରେ ଜଣେ ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ୱାର୍ଡ ନଂ ୮ର ଲକ୍ଷ୍ମଣ ନାଗ (୫୫)। ସେ ନିଜ ଘର ପାଖରେ ଥିବା ଏହି ବେଆଇନ ମଦ ଦୋକାନରେ ରାତିରେ ସବୁ ଦିନ ଜଗିଥାନ୍ତି। ରବିବାର ସକାଳୁ ସେହି ଦୋକାନର ମାଲିକ ପହଞ୍ଚି ଲକ୍ଷ୍ମଣଙ୍କ ମୃତଦେହ ପଡିଥିବା ଦେଖିଥିଲେ। ଏହା ପରେ ପୋଲିସକୁ ଖବର ଦିଆଯାଇଥିଲା। ତେବେ ରାତିରେ ମଦ ମାଗିବାରୁ ଗଣ୍ଡଗୋଳ ଘଟି ଲକ୍ଷ୍ମଣଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ତାଙ୍କ ଘର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅନ୍ୟପକ୍ଷେ ବଡପଡାର ଅନେକ ମହିଳା ପାଟଣାଗଡ ଥାନାକୁ ଆସି ସେଠାରୁ ବେଆଇନ ମଦ ଦୋକାନକୁ ହଟାଇବାକୁ ଦାବି କରଛନ୍ତି। ଏ ନେଇ ପାଟଣାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୩୦/୧୮) ରୁଜୁ ହୋଇଛି। ପୋଲିସ ଅଧିକ ଖୋଲତାଡ କରୁଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ହିଁ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ତଦନ୍ତକାରୀ ଅଫିସର ଲିପିକା ନାଏକ କହିଛନ୍ତି। ପାଟଣାଗଡ ଏନଏସି ତଥା ଗ୍ରାମାଞ୍ଚଳରେ ବେଆଇନ ଦେଶୀ ଏବଂ ବିଦେଶୀ ମଦର କାରବାର ବହୁମାତ୍ରାରେ ବଢି ଚାଲିଛି। ସହରର ଗଳି କନ୍ଦିରେ ବେଧଡକ ଭାବେ ଦେଶୀ ଏବଂ ବିଦେଶୀ ମଦ ଉପଲବ୍ଧ ହେଉଛି। ସହରର ମୁଖ୍ୟ ରାସ୍ତାରେ ପ୍ରତି ୫୦ ମିଟରରେ ଦେଶୀ ଏବଂ ବିଦେଶୀ ମଦ ଅବାଧରେ ମିଳୁଛି। ଏଥିପ୍ରତି ନା ଅବକାରୀ ବିଭାଗ ଦୃଷ୍ଟି ଦେଉଛି ନା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ବ୍ୟାପକ ମାତ୍ରାର ହାତ ଗୁଞ୍ଜା ନେଇ ପୋଲିସ ଏବଂ ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜିଛନ୍ତି। ସେଥିପାଇଁ ଅନେକ ଧନ ଜୀବନ ନଷ୍ଟ ହେଉଛି।

# ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ଼

ଖପ୍ରାଖୋଲ ୨୬।୮ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକରେ ଥିବା ଶୈବପୀଠ ହରିଶଙ୍କରରେ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି। ଶ୍ରାବଣ ମାସରେ ଶିବଙ୍କ ପାଖରେ ଜଳ ଲାଗି କଲେ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ଥିବାରୁ ହଜାର ହଜାର ସଂଖ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁଙ୍କ ହରିଶଙ୍କରଠାରେ ଜଳ ଲାଗି ପାଇଁ ଭିଡ ହୋଇଥିଲା। ଗନ୍ଧମାର୍ଦ୍ଦନରୁ ବାହାରିଥିବା ପାପନାଶିନୀ ଝରଣାରେ ଶ୍ରଦ୍ଧାଳୁମାନେ ଗାଧୋଇବା ସହ ଜଳସଂଗ୍ରହ କରିବା ଦୃଶ୍ୟ ଝରଣାକୂଳ ଏକପ୍ରକାର ଗେରୁଆ ରଙ୍ଗ ଦିଶୁଥିଲା। ଲମ୍ବାଧାଡିରେ ଶ୍ରଦ୍ଧାଳୁମାନେ ଛିଡା ହୋଇ ହରିଶଙ୍କର ବାବାଙ୍କଠାରେ ଶ୍ରାବଣ ମାସର ଶେଷ ଦିନରେ ଜଳ ଲାଗି କରିବାର ଇଚ୍ଛା ପୂରଣ କରିଥିଲେ। ଭିଡ ନିୟନ୍ତ୍ରଣ ସହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତିଙ୍କ ନେତୃତ୍ୱରେ ଡିଭିଏଫ, ଏପିଆର ଫୋର୍ସ ସହିତ ସିଆରପିଏଫ ଯବାନ ମୁତୟନ ହୋଇଥିଲେ।



ସିଦ୍ଧାର୍ଥ ମିଶ୍ର

### ଷ୍ଟେଟ ବାର କାଉନସିଲ ଡିସିପ୍ଲିନାରି କମିଟିରେ ସିଦ୍ଧାର୍ଥ ମିଶ୍ର

ପାଟଣାଗଡ. ୨୬।୮ (ଡି.ଏନ.ଏ.)

ଓଡିଶା ଷ୍ଟେଟ ବାର କାଉନସିଲ ଡିସିପ୍ଲିନାରି କମିଟି ନୂତନ ଭାବେ ଗଢା ଯାଇଛି। ବଲାଙ୍ଗୀର ଜିଲା ପାଟଣାଗଡର ଓକିଲ ସିଦ୍ଧାର୍ଥ ମିଶ୍ରଙ୍କୁ ଏହି କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଛି। ଅଞ୍ଚଳର ପ୍ରଥମ ଓକିଲ ଭାବେ ସେ ଓଡିଶା ଷ୍ଟେଟ ବାର କାଉନସିଲରେ ସ୍ଥାନ ପାଇଥିବାରୁ ପାଟଣାଗଡର ଉଭୟ କ୍ରିମିନାଲ କୋର୍ଟସ୍ ବାର ଏସୋସିଏସନ ଏବଂ ବାର ଏସୋସିଏସନ ପାଟଣାଗଡର ସଦସ୍ୟମାନେ ସିଦ୍ଧାର୍ଥ ମିଶ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ଷ୍ଟେଟ ବାର କାଉନସିଲକୁ ଧନ୍ୟବାଦ ଜଣାଇଛନ୍ତି ।

# ଘରଠୁ ଦୂରରେ ଯବାନ, କିନ୍ତୁ ରାଖୀ ପିନ୍ଧିଲେ

ରବିବାର ଗହ୍ମା ପୁନେଇ ତଥା ବଳଭଦ୍ରଙ୍କ ଜନ୍ମଦିନ ଥିଲା। ଏହା ସହ ଭାଇ ଭଉଣୀଙ୍କ ସମ୍ପର୍କକୁ ମଜଭୁତ କରୁଥିବା ରାଖୀ ପୂର୍ଣ୍ଣିମା ମଧ୍ୟ। ଏହି ଅବସରରେ ସବୁଆଡେ ଆନନ୍ଦ ଆଉ ଖୁସି ଖେଳି ଯାଇଛି। ସକାଳୁ ସକାଳୁ ଭଉଣୀମାନେ ନିତ୍ୟକର୍ମ ସମାପନ ଅନ୍ତେ ନୂଆ ଡ୍ରେସ୍ ପିନ୍ଧି ଭାଇର ହାତରେ ରାଖୀ ପିନ୍ଧେଇଛନ୍ତି। ଥାଳିରେ ଚାଉଳ ଓ ଦୁବ ନେଇ ଭାଇକୁ ବନ୍ଦାପନା କରିଥିଲେ। ମଥାରେ ସିନ୍ଦୂର ଆଉ ଚନ୍ଦନ ଲଗାଇ ଭାଇର ଶୁଭ କାମନା କରିଥିଲେ। ଭାଇ ହାତରେ ରାଖୀ ପିନ୍ଧେଇ ମୁହଁ ମିଠା କରିଥିଲେ। ଅନ୍ୟପକ୍ଷରେ ନିଜ ଘରଠୁ ଦୂରରେ ଥିଲେ ବି ଦେଶ ସୁରକ୍ଷା ପାଇଁ ନିୟୋଜିତ ଯବାନମାନେ ରାଖୀ ପିନ୍ଧିବାର ସୁଯୋଗ ପାଇଛନ୍ତି।

ବଲାଙ୍ଗୀର ଅଫିସ, ୨୬।୮

ସ୍ଥାନୀୟ ଶାନ୍ତିପଡାଠାରେ ଥିବା ସିଆରପିଏଫ୍ କ୍ୟାମ୍ପରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଧୁମଧାମରେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗନ୍ଧମାର୍ଦ୍ଦନ ଫାଉଣ୍ଡେଶନ୍, ଭାରତ କେସ୍ୱଚ୍ଛସେବା ସଂଗଠନ, ମହିଳା ମହାବିଦ୍ୟାଳୟ, ବେହେରାପାଲି ପ୍ରାଇମେରୀ ସ୍କୁଲର ଛାତ୍ରୀ ଯୋଗ ଦେଇ ସିଆରପିଏଫ୍ ଯବାନମାନଙ୍କୁ ରାଖୀ ପିନ୍ଧାଇଥିଲେ । ସିଆରପିଏଫ୍ ବାଟାଲିୟନ୍ କମାଣ୍ଡାଣ୍ଟ ଯୋଗେନ୍ଦ୍ର ସିଂ ମୌର୍ଯ୍ୟା, ବୀରେନ୍ଦ୍ର କୁମାର, ପୁନେରବାସ୍ତୁ ତିୱାରୀ, ବି.କେ. ଚୌଧୁରୀଙ୍କ ସହ ସିଆରପିଏଫ୍ ଯବାନ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ଗୁଡ଼ଭେଲା,୨୬।୮ (ଡ଼ିଏନଏ):** ତୁଷରାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଥିଲା। ପରିଚାଳନା କମିଟିର ସଭାପତି ପ୍ରଦୀପ ସାହୁ, ବିଜୟ ବାଗ, ହେମନ୍ତ ଦାଶ, ଜିତମଲ ଜୈନ, ସୌମ୍ୟଜିତ ମିଶ୍ର, ଭାସ୍କର ମେହେର ଉକ୍ତ ଉତ୍ସବରେ ଯୋଗ ଦେଇ ରକ୍ଷାବନ୍ଧନ ଉତ୍ସବ ଉପରେ ଆଲୋକପାତ କରିଥିଲେ। ଶିଶୁ ଭଉଣୀମାନେ ଭାଇମାନଙ୍କୁ ରାଖୀ ବାନ୍ଧିଥିବା ବେଳେ ଦେବାଶିଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଟିକ୍ରାପଡା, (ଡି.ଏନ.ଏ.)–** ସଇଁନ୍ତଳା ବ୍ଲକ ଟିକ୍ରାପଡା ସ୍ଥିତ ଶିଶୁ ସୈନିକ ବିଦ୍ୟାଳୟରେ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଚନ୍ଦ୍ରମଣି ରାଜପଲିଆ ଅଧକ୍ଷତା କରିଥିଲେ। ଅଂଶୁମାନ ରାଜପଲିଆ ସଂଯୋଜନା କରିଥିଲେ। ଅଶୋକ ରାଜପଲିଆ ସଙ୍ଗୀତ ଗାନ କରିଥିଲେ। ପ୍ରଦ୍ୟୁମ୍ନ ନାଏକ ରକ୍ଷା ବନ୍ଧନ ଉତ୍ସବର ତାତ୍ପର୍ଯ୍ୟ ସମ୍ବନ୍ଧରେ କହିଥିଲେ। ଭାର୍ଗବୀ ରାଜପଲିଆ ଅତିଥି ପରିଚୟ ଓ ରସନ୍ତୀ ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

**ଖପ୍ରାଖୋଲ,(ଡି.ଏନ.ଏ.)–** ଖପ୍ରାଖୋଲ ଅଞ୍ଚଳରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଭାଇର ମଙ୍ଗଳ ମନାସି ଭଉଣୀମାନେ ରାଖୀ ବାନ୍ଧିଥିଲେ। ସେହିପରି ଚାଷୀମାନେ ଗୋମାତାକୁ ପୂଜା କରିବା ସହିତ ରାଖୀ ବାନ୍ଧିଥିଲେ। ଏହି ଅବସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଗୀତା ପାଠଶାଳା, ବନମାଳର ବ୍ରହ୍ମାକୁମାରୀ ଭଉଣୀମାନେ ହରିଶଙ୍କରଠାରେ ନିୟୋଜିତ ସିଆରପିଏଫ ୧୮୯ ବାଟାଲିୟନର ଯବାନମାନଙ୍କୁ ହାତରେ ରାଖୀ ବାନ୍ଧି ଥିଲେ।



ଖପ୍ରାଖୋଲ ବନମାଳର ବ୍ରହ୍ମାକୁମାରୀ ଭଉଣୀମାନେ ଯବାନମାନଙ୍କୁ ରାଖୀ ପିନ୍ଧାଉଛନ୍ତି।



ବଲାଙ୍ଗୀର ସିଆରପିଏଫ୍ କ୍ୟାମ୍ପରେ ଯବାନମାନଙ୍କୁ ଜଣେ ଯୁବତୀ ରାଖୀ ପିନ୍ଧାଉଛନ୍ତି ।

# ଆଜିର ଶିଶୁ କାଲିର ବୈଜ୍ଞାନିକ ହେବେ

**ନୂଆପଡା ଅଫିସ,୨୬।୮**

ଶିଶୁ ଭିତରେ ବହୁ ଲୁକ୍କାୟିତ ପ୍ରତିଭା ଭରି ରହିଥାଏ । ତାକୁ ଆମକୁ ଖୋଜି ବାହାର କରିବାକୁ ହେବ । ଏଥିପାଇଁ ଉଭୟ ଅଭିଭାବକ ଏବଂ ଶିକ୍ଷୟିତ୍ରୀ, ଶିକ୍ଷକସ୍ତରରେ ଉଦ୍ୟମ କରିବା ଜରୁରୀ । ଆଜିର ଶିଶୁ କାଲିର ବୈଜ୍ଞାନିକ ବୋଲି ମତ ପ୍ରକାଶ ପାଇଛି । ସ୍ଥାନୀୟ ସାରାବଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନୂଆପଡା ସଙ୍କୁଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି । ପୂର୍ବାହ୍ନ ୧୦ଟାରେ ପ୍ରଦର୍ଶନୀ ଆରମ୍ଭ ହୋଇଥିବାବେଳେ ଏଥିରେ ନୂଆପଡା ଏବଂ କୋମନା ବ୍ଲକର ମୋଟ ୧୨ଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୩୦ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ । ମୋଟ ୫୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ କ୍ଷୀରୋଦ ରଣା ସଭାପତିତ୍ୱ କରିଥିବା ବେଳେ ସଙ୍କୁଳ ପ୍ରମୁଖ ପୁଷ୍କର ମାଝି ମୁଖ୍ୟଅତିଥି, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଜିଲା ପ୍ରଚାରକ ମୋହନ ପ୍ରଧାନ ମୁଖ୍ୟବକ୍ତା, ସଙ୍କୁଳ ସଂଯୋଜକ ଜନକରାମ ପଟେଲ, ସ୍ଥାନୀୟ ସିଆରସିସି ହେମଦାସ ମାଣିକପୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଶିଶୁଙ୍କ ମଧ୍ୟରେ ଥିବା ଧିଶକ୍ତିର ଉନ୍ମୋଚନ ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ । ଏଥିପ୍ରତି ସମସ୍ତଙ୍କୁ ଆଗକୁ ଆସିବାକୁ ହେବ ବୋଲି କହିଥିଲେ । ଏଥିରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଖରିଆରରୋଡର ଶିଶିର ବ୍ୟାସ ପ୍ରଥମ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୂଆପଡାର ସ୍ୱାଗତିକା ପଣ୍ଡା ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଏହିଭଳି ଜଳ ବିଶୋଧନ ଉପରେ ପ୍ରଦର୍ଶିତ ପ୍ରକଳ୍ପରେ ନୂଆପଡା ଶିଶୁ ମନ୍ଦିରର ଶୁଭଶ୍ରୀ ପ୍ରିୟଦର୍ଶନୀ ସତପଥୀ ପ୍ରଥମ, ତରବୋଡର ମିଲି ପ୍ରଧାନ ଦ୍ୱିତୀୟ, ସାରାବଙ୍ଗର ଯଶ୍ମିନ ପଟେଲ ତୃତୀୟ ସ୍ଥାନ ରଖିଛନ୍ତି । ଏହିଭଳି ଶିଶୁ ବର୍ଗରେ ନୂତନ ପ୍ରୟୋଗ (ଶିଶୁ ବର୍ଗ) ଉପରେ ପ୍ରଦର୍ଶିତ ପ୍ରକଳ୍ପରେ ସାରାଙ୍ଗ ଶିଶୁ ତନ୍ମୟ ଜଗତ ପ୍ରଥମ, ତରବୋଡର ବିଷ୍ଣୁ କୁମାର ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ଏହିଭଳି ନୂତନ ପ୍ରୟୋଗ (ବାଳବର୍ଗ) ଉପରେ ନୂଆପଡାର ତୃପ୍ତିମୟୀ ଦଣ୍ଡସେନା ପ୍ରଥମ, ଖରିଆରରୋଡର ବରୁଣ ସାହୁ ଦ୍ୱିତୀୟ ଏବଂ ସାରାବଙ୍ଗର ଡିଲେଶ୍ୱରୀ ସାହୁ ତୃତୀୟ ସ୍ଥାନ ରଖିଛନ୍ତି । ଏମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ପ୍ରଦର୍ଶନୀରେ ବିଚାରକ ଭାବେ ସୁପ୍ରିୟା ଦାସ, ରାଜେଶ ମହଲା, ଉମେଶ ସାହୁ, ଦେବାନନ୍ଦ ଦେଓ୍ୱାଙ୍ଗନ, ସରିତା ବେହେରା ପ୍ରମୁଖ ରହିଥିବା ବେଳେ ମୋଟ ୧୮ଜଣ ଗୁରୁମାଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନା କରୁଥିଲେ ।


ପ୍ରଦର୍ଶନୀରେ ମଞ୍ଚାସୀନ ଅତିଥି, ଛାତ୍ରୀଛାତ୍ର ବୃନ୍ଦ ।

**ସଙ୍କୁଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ**
- ଯୋଗଦେଲେ ୧୨ସ୍କୁଲର ୫୫ପ୍ରକଳ୍ପ
- ସାରାବଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

## ସଂକ୍ଷେପରେ

### ସିନାପାଲି ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**ସିନାପାଲି,୨୬।୮(ଡି.ଏନ.ଏ.)**
ନୂଆପଡା ଜିଲା ସିନାପାଲି ଗାୟତ୍ରୀ ମନ୍ଦିର ପରିସରରେ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ନୁନ୍‌କରନ ଅଗ୍ରୱାଲଙ୍କ ସବାଲକ୍ଷ ଅନୁଷ୍ଠାନର ପୂର୍ଣ୍ଣାହୁତି ଉପଲକ୍ଷେ ଅନୁଷ୍ଠିତ ଏହି ମହାଯଜ୍ଞରେ ଜପ ଓ ବିଭିନ୍ନ ସଂସ୍କାର ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂର୍ଣ୍ଣଚନ୍ଦ୍ର ମେହେର ଓ ରାଧେଶ୍ୟାମ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ଟ୍ରଷ୍ଟ ସଭାପତି ଶଶିଭୂଷଣ ମାଝି, ଲକ୍ଷ୍ମଣ ମେହେର, ହିରାଲାଲ ଅଗ୍ରୱାଲ, ମୁନେଶ ଅଗ୍ରୱାଲ, ତ୍ରିନାଥ ମେହେର, ଅଗସ୍ତି ମେହେର, ମହେଶ୍ୱର ମେହେର, ସୁବାସ ଅଗ୍ରୱାଲ, ତରୁଣ କୁମାର ମେହେର, ଜଗମୋହନ ମେହେର, ଶ୍ରୀକାନ୍ତ ମେହେରଙ୍କ ପ୍ରମୁଖଙ୍କ ସହ ଆଦର୍ଶ ଯୁବକ ସଂଘ, ଶାନ୍ତି ଯୁବକ ସଂଘ ଓ ପ୍ରଜ୍ଞା ମହିଳା ମଣ୍ଡଳର କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

### ମହିମା ଆଶ୍ରମରେ ନବାନ୍ନ ଭକ୍ଷଣ

**ରିକ୍ଷିତା,୨୬।୮(ଡି.ଏନ.ଏ.)**
କଳାହାଣ୍ଡି ଜିଲା ରିକ୍ଷିତା ମାତୃପୁରୀସ୍ଥିତ ମହିମା ଆଶ୍ରମରେ ଶ୍ରାବଣ ପୂର୍ଣ୍ଣିମାରେ ନବାହ୍ନ ଭକ୍ଷଣ କରାଯାଇଛି । ମହିମା ଧର୍ମାବଲମ୍ବୀମାନେ ଏହି ଦିନ ମହିମା ଗୋସାଇଁଙ୍କୁ ନବାହ୍ନ ଅର୍ପଣ କରି ନବାହ୍ନ ଭକ୍ଷଣ କରିଥାନ୍ତି । ଶନିବାର ସନ୍ଧ୍ୟାରେ ଧ୍ୱନୀ ସ୍ଥାନ କରାଯାଇଥିଲା ।

### ଅଲେଖ ମହିମାଧର୍ମୀଙ୍କ ନବାନ୍ନ ଭକ୍ଷଣ

**କର୍ଲାମୁଣ୍ଡା,୨୬।୮(ଡି.ଏନ.ଏ.)**
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ ଲକ୍ଷ୍ମୀପଡା ଓ ସିଆଳପଡା ନିକଟରେ ଥିବା ସତ୍ୟସନାତନ ମହିମା ଧର୍ମ ଆଶ୍ରମଠାରେ ଶନିବାର ମହିମା ଧର୍ମୀ ଭକ୍ତ ।ନେ ନବାର୍ଣ୍ଣ ଭକ୍ଷଣ କରିଥିଲେ। ବାବା ନାଲୁ ମୋହନ ଦାସ ଓ ବାବା ବୈରାଗୀ ମହେଶ୍ୱର ଦାସଙ୍କ ନେତୃତ୍ୱରେ ବିଭିନ୍ନ ଅଞ୍ଚଳର ଶତାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଶୁକ୍ରବାର ସନ୍ଧ୍ୟାରେ ମହିମା ଧର୍ମୀ ଭକ୍ତମାନଙ୍କ ଦ୍ୱାରା ଅଖଣ୍ଡ ଦୀପ ଜାଳି ଯଜ୍ଞ କରାଯାଇଥିଲା। ମଠର ସଭାପତି କୌଶିକ ରଣା, ମଠ ଅଧିକାରୀ ଗୋପବନ୍ଧୁ ସାହୁ, କୋଷାଧକ୍ଷ ବଶିଷ୍ଠ ସାହୁ, ରଥ ରଣା, ଲମ୍ବୋଦର ସାହୁ, ବିହାରୀ ସାହୁ, ମୀନ ସାହୁ, ଲକ୍ଷୀପଡା ଓ ସିଆଳପଡା ବାସୀ ସହଯୋଗ କରିଥିଲେ।

### ଆମ ଗାଁ ଆମ ବିକାଶ ପାଇଁ ପ୍ରସ୍ତୁତି ବୈଠକ

**କର୍ଲାମୁଣ୍ଡା,୨୬।୮(ଡି.ଏନ.ଏ.)**
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଶନିବାର ବିଡିଓ କିଶୋର କୁମାର ପଣ୍ଡାଙ୍କ ଅଧକ୍ଷତାରେ ଆସନ୍ତା ୨୮ ତାରିଖ ହେବାକୁ ଥିବା ଆମ ଗାଁ ଆମ ବିକାଶ ଯୋଜନା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଏଇ ଗୌରାଙ୍ଗ ପ୍ରସାଦ ମାଝି, ସିଡିପିଓ ପାର୍ବତୀ ସାହୁ, ପୋଲିସ ସବଇନିସପେକ୍ଟର, ଜିଲା ପରିଷଦ ସଭ୍ୟା ପୁଷ୍ପକାନ୍ତି କୁମାର, ଏବିଇଓ ନେତ୍ରାନନ୍ଦ ବଡମାଲି, ପ୍ରେସ କ୍ଲବ ସଭାପତି ନରୋତ୍ତମ ସେଲମା ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ।


ପାଣିରେ ଫସିଯାଇଥିବା ଶିଶୁଙ୍କୁ ବସ୍ତିବାସିନ୍ଦା ଉଦ୍ଧାର କରିଛନ୍ତି ।

# ନର୍ଦ୍ଦମା ପାଣିରୁ ଉଦ୍ଧାର ହେଲେ ଶିଶୁ

**ନୂଆପଡା ଅଫିସ,୨୬।୮**

ନୂଆପଡା ଜିଲା ଖରିଆରରୋଡ ଏନଏସି ୧୪ ନଂ. ୱାର୍ଡରେ ରବିବାର ପୂର୍ବାହ୍ନ ୧୦ଟାରେ ଏକ ନାଳରୁ ରାହୁଲ ସତନାମୀ ନାମକ ଜଣେ ୫ବର୍ଷର ଶିଶୁଙ୍କୁ ଉଦ୍ଧାର କରାଯାଇଛି । କିଛି ଦିନ ତଳେ ଏନଏସିର ପିଏଚଡି ବିଭାଗ ପାଇପ ପାଣି ଯୋଗାଣ ସକାଶେ ନାଳ ଖୋଲି ଛାଡିଦେଇଛନ୍ତି । ଦିନତମାମ ଲଗାଣ ବର୍ଷାରେ ଏହି ନାଳରେ ପାଣି ଭର୍ତ୍ତି ହୋଇ ଚାଲିଛି । ରାହୁଲ ଘରୁ ବାହାରିବା ବେଳକୁ ଏହି ନାଳରେ ପଡିଯାଇଥିଲେ । ସେହି ରାସ୍ତା ଦେଇ ଯାଉଥିବା ପଥିକମାନେ ତାଙ୍କୁ ଦେଖି ଉଦ୍ଧାର କରିଥିଲେ । ଏହା ଉପରେ ଏନଏସି କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ନଗର କଂଗ୍ରେସ ସଭାପତି ମହମ୍ମଦ ଜୁନେଦ ଦାବି କରିଛନ୍ତି ।

# ନୂଆପଡାରେ ରକ୍ଷାବନ୍ଧନ ଉତ୍ସବ


ରକ୍ଷାବନ୍ଧନ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।

**ନୂଆପଡା ଅଫିସ,୨୬।୮**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତରଫରୁ ନୂଆପଡା ନଗରସ୍ତରୀୟ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଶିକ୍ଷା ବିକାଶ ସମିତି ଦକ୍ଷିଣ ପଶ୍ଚିମ ପ୍ରାନ୍ତର ସମ୍ପାଦକ ଦୁର୍ଲଭ ଚରଣ ବେହେରା ମୁଖ୍ୟଅତିଥି, ନଗର କାର୍ଯ୍ୟବାହ ପ୍ରଣବ କୁମାର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଉତ୍ସବ ପ୍ରାରମ୍ଭରେ ଯୋଗ ଦେଇଥିବା ସହରର ବହୁ କାର୍ଯ୍ୟକର୍ତ୍ତାଙ୍କ ପରସ୍ପର ମଧ୍ୟରେ ରାଖୀ ବାନ୍ଧି ଭାତୃତ୍ୱର ଆଦାନ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଶତପଥୀ ସାମାଜିକ ସମରସତାରେ ରକ୍ଷାବନ୍ଧନ ଉତ୍ସବର ଭୂମିକା ଉପରେ ବିଶେଷ ଭାବରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଚାରକ ମୋହନ ପ୍ରଧାନ, ହେମନ୍ତ କୁମାର ଦଣ୍ଡସନା, ବିରନଚି ପାଣିଗ୍ରାହୀ, ଜ୍ଞାନ ପ୍ରକାଶ ସିଂ ପ୍ରମୁଖ ଯୋଗଦେଇଥିଲେ ।

ପୁଣି ଲଗାଣ ବର୍ଷା, ଚିନ୍ତାରେ ବୁଡି ଅଞ୍ଚଳବାସୀ

# ଜୁନାଗଡ଼-କଲମପୁର ରାସ୍ତା ଉପରେ ପାଣି


ମାଟି ଗାଁଠାରେ ଜୁନାଗଡ-କଲମପୁର ରାସ୍ତା ଉପରେ ପାଣି ଚାଲି ଘାଇ ସୃଷ୍ଟି ହୋଇଛି।

**ଜୁନାଗଡ,୨୬।୮(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡରେ ପୁଣି ଲଗାଣ ବର୍ଷାରେ ନଦୀ କୂଳିଆ ଲୋକେ ଭୟଭିତ ଅବସ୍ଥାରେ ଥିବା ବେଳେ ଜୁନାଗଡ ସହରରେ ଥିବା ଲକ୍ଷ୍ମୀସାଗର ପଡାର ପୋଖରୀ କୂଳିଆ ଲୋକେ ପୁଣି ଚିନ୍ତାରେ ଅଛନ୍ତି । ଶନିବାର ରାତି ଆଠଟାରୁ ବର୍ଷା ହେବା ସହିତ ରବିବାର ସକାଳ ଆଠଟା ସୁଦ୍ଧା ଜୁନାଗଡରେ ୭୮ ମି.ମି. ବର୍ଷା ରେକର୍ଡ କରାଯାଇଥିଲା। ଦିନ ତମାମ ବର୍ଷା ଲାଗି ରହିଥିବା ବେଳେ ସନ୍ଧ୍ୟା ସୁଦ୍ଧା ହାତୀ ନଦୀରେ ବନ୍ୟା ଜଳ ବଢିବାରେ ଲାଗିଛି। ଫଳରେ ନଦୀ କୂଳିଆ ଗାଁରେ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଅନ୍ୟପକ୍ଷରେ ଜୁନମାଗଡ-କଲମପୁର ପୂର୍ତ୍ତ ବିଭାଗ ରାସ୍ତା ମାଟି ଗାଁ ପୋଖରୀ ପାଖରେ ପାଣି ରାସ୍ତା ଉପରେ ଚାଲୁଥିବା ଯୋଗୁ ରାସ୍ତା ଧୋଇବାରେ ଲାଗିଛି। ରାତି ତମାମ ବର୍ଷା ହେଲେ ଏହି ରାସ୍ତାରେ ଘାଇ ସୃଷ୍ଟି ହୋଇ ଯାତାୟାତ ବାଧାପ୍ରାପ୍ତ ହେବାର ସମ୍ଭାବନା ଅଛି। ପୂର୍ବରୁ ଏହି ରାସ୍ତା ଧୋଇ ଯାଇଥିବା ବେଳେ ତାହାର ମରାମତି କାମ ଚାଲୁ ରହିଛି। ତେବେ ବର୍ଷା ଯୋଗୁ ରାସ୍ତା ମରାମତି କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାରୁ ରାସ୍ତା ଶୋଚନୀୟ ହୋଇ ପଡିଛି। ଲଗାତର ବର୍ଷା ଯୋଗୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ପ୍ରଶାସନ ପକ୍ଷରୁ ସଜାଗ ଥିବା ଜୁନାଗଡ ବିଡିଓ ପରମବ୍ରହ୍ମ ଯୋଷୀ କହିଛନ୍ତି।

# ମ୍ୟାଲେରିଆ, ଡେଙ୍ଗୁ ନିରାକରଣ ପାଇଁ ସଚେତନତା ଅଭିଯାନ

**ଜୁନାଗଡ,୨୬।୮(ସ୍ୱ.ପ୍ର.)**

ଜିଲାର ବିଭିନ୍ନ ଅଞ୍ଚଳରେ ଡେଙ୍ଗୁ ରୋଗ ସହ ମ୍ୟାଲେରିଆ ବ୍ୟାପୁଥିବା ବେଳେ ଜଙ୍ଗଲ ପାହାଡ ଘେରା ଅଞ୍ଚଳର ଲୋକେ ବର୍ତ୍ତମାନ ମଧ୍ୟ ଏଥିପ୍ରତି ସଚେତନ ଅଭାବ ଥିବା ପରିଲକ୍ଷିତ ହେଉଛି। ଏହାକୁ ଦୃଷ୍ଟିରେ ରଖି କିଛି ଉଦୀୟମାନ ଯୁବକ ପଡା ଉନ୍ନୟନ କମିଟି ଓ ଲୁଥରେନ ୱାର୍ଲ୍ଡ ସର୍ଭିସ ଇଣ୍ଡିଆ ସୋସାଇଟି ମାଧ୍ୟମରେ ବିଭିନ୍ନ ଅଧୁଷିତ ଅଞ୍ଚଳରେ ସଚେତନତା ସୃଷ୍ଟି କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜୁନାଗଡ ବ୍ଲକ ବାଙ୍କପଲାସ ଗ୍ରାମରେ ଏକ ସଚେତନତା ଶୋଭାଯାତ୍ରା ସ୍କୁଲ ପିଲା ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ପରେ ଏକ ସଭା ହୋଇଥିଲା। ଗ୍ରାମର ସଫେଇ ସହିତ ନିଜ ଘର ସଫେଇ ଉପରେ ଗୁରୁତ୍ୱ ଦିଆଯିବା ସହିତ ନିଜକୁ ମ୍ୟାଲେରିଆ ଓ ଡେଙ୍ଗୁ ମୁକ୍ତ କରିବାକୁ କୁହାଯାଇଥିଲା। ସ୍ୱେଚ୍ଛାସେବୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସମିତି ସଭ୍ୟା ସଂଯୁକ୍ତା ମାଝି, ପୂର୍ବତନ ସରପଞ୍ଚ ଦେବରାଜ ଛତ୍ରିଆ, ଲକ୍ଷ୍ମୀପ୍ରିୟା ମାଝି, ପୂର୍ବତନ ସମିତି ନାନକ ମାଝି, ଘନଶ୍ୟାମ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ୧୨୪ରେ ପହଞ୍ଚିଲା ଡେଙ୍ଗୁ ରୋଗୀଙ୍କ ସଂଖ୍ୟା

**କୋକସରା,୨୬।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁରେ ଡେଙ୍ଗୁ ଆକ୍ରାନ୍ତ ସଂଖ୍ୟା ଶୁକ୍ରବାର ୧୨୧କୁ ପହଞ୍ଚି ଥିବାବେଳେ ଶନିବାର ପୁଣି ୧ ଚିହ୍ନଟ ହେଇ ଆକ୍ରାନ୍ତଙ୍କ ସଂଖ୍ୟା ୧୨୨କୁ ବଦ୍ଧି ପାଇଥିଲା । ହେଲେ ରବିବାର ପୁଣି ୨ ଚିହ୍ନଟ ହେବା ପରେ ଏହି ସଂଖ୍ୟା ୧୨୪ରେ ପହଞ୍ଚିଛି । ହେଲେ ବେସରକାରୀ ଭାବେ ଆକ୍ରାନ୍ତଙ୍କ ସଂଖ୍ୟ ୧୫୦ରୁ ଊର୍ଦ୍ଧ୍ୱ ହେବ ବୋଲି ଆଲୋଚନା ହେଉଛି। ଲଡୁଗାଁରେ ଡେଙ୍ଗୁସ୍ଥିତି ସୁଧାର ଆଣିବା ପାଇଁ ମେଡିକାଲ ଟିମ ପଡାପଡା ବୁଲି ଲୋକଙ୍କୁ ସଚେତନ କରାଇବାରେ ଲାଗିରହିଛନ୍ତି। ହେଲେ ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ନାଁ ଧରୁନାହିଁ । ରବିବାର ଲଗାଣ ବର୍ଷା ଯୋଗୁ ସଚେତନତା, ଡିଡିଟି ସ୍ପ୍ରେ ଆଦି କାର୍ଯ୍ୟ ବନ୍ଦଥିବା ଜଣାପଡିଛି । ଲଡୁଗାଁ କୋକସରା ବ୍ଲକର ବ୍ୟବସାୟୀ କେନ୍ଦ୍ର ହୋଇ ଥିବାବେଳେ ଏଠାରେ ଦୈନିକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ହୋଇଥାଏ। ହେଲେ ଡେଙ୍ଗୁ ଭୟରେ ଲୋକେ ଗାଁକୁ ଆସୁ ନ ଥିବାରୁ ବେପାରୀମାନେ ଏବେ ମୁଣ୍ଡରେ ହାତଦେଇ ବସିଛନ୍ତି। ରାଖୀ ପୂର୍ଣ୍ଣିମା ଭଳି ଦିବସରେ ମଧ୍ୟ ବ୍ୟବସାୟ ମାନ୍ଦା ଥିବା ବେଳେ ଆଗକୁ ଆସୁଥିବା ନୂଆଖାଇ ପୂର୍ବରୁ ପରିସ୍ଥିତ ସୁଧାର ନ ହେଲେ ବ୍ୟବସାୟୀଙ୍କ କାରରବାରରେ ବଡ ଧକ୍କା ହେବ ବୋଲି ଆଲେଚନାହେଉଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ଗୁରୁତ୍ୱ ଦେଇ ନିରାକରଣ ବ୍ୟବସ୍ଥା କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ଜିଲା ଚିକିତ୍ସାଧିକାରୀ ଡା.ସରୋଜ କୁମାର ତିହାଡିଙ୍କୁ ପଚାରିବାରୁ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ସହ ବର୍ଷା ପାଗ କମିଲେ ନିଶ୍ଚିତ ସୁଧାର ଆସିବ ବୋଲି କହିଥିଲେ।

# ଡାକ୍ତରଖାନା ପରିସର ସଫା କଲେ ଏନ୍‌ସିସି ଛାତ୍ର

**କୋକସରା,୨୬।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ଆବର୍ଜାନା ଓ ମଇଳା ଶନିବାର ଏନସିସି ଛାତ୍ରଙ୍କ ପକ୍ଷରୁ ସଫା କରାଯାଇଛି। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପରିବେଶ ଏକାନ୍ତ ମନେ କରି ଏହି ସଫେଇ କାର୍ଯ୍ୟକ୍ରମ ହୋଇଥିବା ଛାତ୍ରମାନେ କହିଛନ୍ତି। ଡାକ୍ତରଖାନା ସଫା କରିବା ପାଇଁ ଯୁକ୍ତ ୩ କଲେଜରେ ଏକ ଆଲୋଚନାଚକ୍ର ହୋଇଥିଲା। ଆଲୋଚନା ବେଳେ ଏନସିସି ଲେପ୍ଟନେଣ୍ଟ ତଥା ଯୁକ୍ତ ୩ କଲେଜ ଓଡିଆ ଅଧ୍ୟାପକ ଅଶ୍ୱୀନ କୁମାର ପଟ୍ଟନାୟକ କୋକସରାଠାରେ ଥିବା ଡାକ୍ତରଖାନା ପରିସର ସଫା କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ପରେ ସମସ୍ତ ଏନସିସି ଛାତ୍ରମାନେ ଡାକ୍ତରଖାନାରେ ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ସଫେଇ କାର୍ଯ୍ୟକ୍ରମ ବେଳେ ହସ୍ପିଟାଲର ଡାକ୍ତର, କର୍ମଚାରୀ ଉପସ୍ଥିତ ରହି ଛାତ୍ରମାନଙ୍କ ଉତ୍ସାହ କରିଥିଲେ। ଏନସିସି ଲେପ୍ଟନେଣ୍ଟ ଅଧ୍ୟାପକ ଅଶ୍ୱୀନ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଫେଇ କାର୍ଯ୍ୟକ୍ରମରେ ୩୦ରୁ ଊର୍ଦ୍ଧ୍ୱ ଏନସିସି ଛାତ୍ର ସାମିଲ ହୋଇଥିଲେ। ଏଭଳି ସଚେତନ ହୋଇ ଗାଁରେ ସଫେଇ କାର୍ଯ୍ୟକ୍ରମ ଜାରି ରହିଲେ କୋକସରା ବ୍ଲକବାସୀ ମ୍ୟାଲେରିଆ ଓ ଡେଙ୍ଗୁ ଆତଙ୍କରୁ ଦୂରେଇ ରହିବେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହୋଇଛି।


ଏନ୍‌ସିସି ଛାତ୍ରମାନେ ଡାକ୍ତରଖାନା ପରିସର ସଫେଇ କରୁଛନ୍ତି ।

# ଗଙ୍ଗାଧର ଜୟନ୍ତୀ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

**ସିନାପାଲି,୨୬।୮(ଡି.ଏନ.ଏ.)**

ଗଙ୍ଗାଧର ଜୟନ୍ତୀ ଉପଲକ୍ଷେ ସିନାପାଲି ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ଓ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସମିତି ସଭାପତି ବୈଷ୍ଣବ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସୁନାନୀ, କବି ବିଜୟ ଯୋଷୀ, ଆଇନଜୀବୀ ସୁବ୍ରତ ମେହେର ଅତିଥି ଭାବରେ ଯୋଗଦାନ କରିଥିଲେ । ବକ୍ତୃତା ବିଭାଗର ବିଚାରକ ଭାବେ ରବୀନ୍ଦ୍ରନାଥ ଯୋଷୀ, ବିବେକାନନ୍ଦ ଭୋଇ, କୁମୁଦବନ୍ଧୁ ଯୋଷୀ, ଧ୍ରୁବଚରଣ ପଧାନ ଏବଂ ଗୀତ ବିଭାଗର ବିଚାରକ ଭାବେ ତ୍ରିନାଥ ମେହେର, ବଂଶୀଧର ଜଗତ, ଚୁଡାମଣି ମେହେର ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ରୂପେଶ ଚନ୍ଦ୍ର ମେହେର ଓ ଗୌତମ ମେହେର ସଞ୍ଚାଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ନବୀନଚନ୍ଦ୍ର ମେହେର, ରାଜେଶ ଅଗ୍ରୱାଲ, ଫଣୀନ୍ଦ୍ର ମେହେର, ସମିତିର ସମ୍ପାଦକ ତରୁଣ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିଯୋଗିତାର ବିଭିନ୍ନସ୍ତରରେ ପ୍ରତ୍ୟାଶ ପାଲାଟଲ, ଲକ୍ଷ୍ମୀପ୍ରିୟା ନାୟକ, ଅର୍ପିତାରାଣି ମେହେର, ରାହୁଲ ମେହେର, ମୋତିମାଳା ମାଝି ଓ ବକ୍ତୃତା ପ୍ରତିଯୋଗିତାରେ ଅଂଶୁମାନ ମେହେର ଦୁଷ୍ମନ୍ତ ସାହୁ ଜଗନୀ ମେହେର, କେଶବ ରଣା, ଅର୍ପିତାରାଣି ମେହେର, ଦୟାନନ୍ଦ ମେହେର, ବିଯନ୍ତ କୁମାର ମେହେର ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ବ୍ୟଙ୍ଗକବି ନୀଳାଞ୍ଚଳ ମେହେର ଧନ୍ୟବାଦ ଦେଇଥିଲେ । ଆସନ୍ତା ମଙ୍ଗଳବାର ସ୍ୱଭାବ କବିଙ୍କ ଜୟନ୍ତୀ ସମାରୋହରେ ପାଳନ ହେବାକୁ ଥିବା ବେଳେ ଏଥିରେ ବହୁ ବିଶିଷ୍ଟ ସାହିତ୍ୟିକ ଓ କବିମାନେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି । ରାଜ୍ୟର ପ୍ରାୟ ଶହେ ଜଣ କବିଙ୍କ କବିତାକୁ ନେଇ ଏକ ସଂକଳନ 'ଅମୃତ ଗଙ୍ଗା' ଏହି ଅବସରରେ ପ୍ରକାଶ ପାଇବ । ଏଥିସହ କଳାହାଣ୍ଡିର ବିଶିଷ୍ଟ ସାହିତ୍ୟିକ ଜନ୍ମେଜୟ ପାତ୍ର, କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଁ ମନୋନୀତ ଜୟଦ୍ରଥ ସୁନା ଓ ଖଡିଆଳର ବିଶିଷ୍ଟ କବି ତଥା ପାଲାଗାୟକ ଅର୍ଜୁନ ଛତ୍ରୀଆଙ୍କୁ ସମିତି ତରଫରୁ ଚଳିତବର୍ଷ ପାଇଁ ସମ୍ବର୍ଦ୍ଧିତ କରାଯିବା ବୋଲି ସମିତି ସଭାପତି ବୈଷ୍ଣବ ମେହେର ସୂଚନା ଦେଇଛନ୍ତି । ପୂର୍ବାହ୍ନରେ ବହୁଭାଷୀ କବିତା ପାଠୋତ୍ସବ ଏବଂ ସନ୍ଧ୍ୟାରେ ଜୟନ୍ତୀ ସଭା ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି ।

## ଗଙ୍ଗାଧର ଥିଲେ ଅମୃତର କବି

**ଖଡିଆଳ୨୬।୮(ଡି.ଏନ.ଏ.)**

ଓଡିଶାର ସର୍ବ ପୁରାତନ ସାହିତ୍ୟ ସମିତି ଭାବେ ପରିଚିତ ୧୮୮୩ରେ ସ୍ଥାପିତ ଖଡିଆଳ ସାହିତ୍ୟ ସମିତି ପକ୍ଷରୁ ରବିବାର ସ୍ଥାନୀୟ ରାଜ ଦରବାର ହଲଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ପ୍ରଥମେ କବି ସ୍ୱର୍ଗତ ମେହେରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପରେ ବିଶିଷ୍ଟ କବି ନନ୍ଦଲାଲ ବାରିକ, ରାସ ବିହାରୀ ଘିଭେଲା ଓ ସତ୍ୟଦେବ ବନଛୋରଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗିତ ପରିବେଷଣ କରାଯାଇଥିଲା । ସାହିତ୍ୟ ସମିତି ଉପସଭାପତି ବଳଭଦ୍ର ମହାନ୍ତିଙ୍କ, ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଖଡିଆଳ ତହସିଲଦାର ନିରଞ୍ଜନ ନାଏକ ଅତିଥି, ସହକାରୀ ବନ ସଂରକ୍ଷକ ଡକ୍ଟର ମିହିର ପଟ୍ଟନାୟକ ମୁଖ୍ୟବକ୍ତା ଓ କବି ନିଳଲୋହିତ ସିଂଦେଓ, ସମ୍ମାନିତ ଅତିଥି ଭାବେ ଖଡିଆଳରାଜା ତଥା ଗବେଷକ ଜିତାମିତ୍ର ସିଂଦେଓ ଯୋଗଦେଇ ମେହେରଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ରଚିତ ବିଭିନ୍ନ କବିତା ଉପରେ ଆଲୋକପାତ କରିଥିଲେ । ସ୍ୱର୍ଗତ ମେହେର ହେଉଛନ୍ତି ଓଡିଆ ସାହିତ୍ୟ ଜଗତର ଅମୃତ କବି, ତାଙ୍କ ଅବଦାନ ଓଡିଶା ସାହିତ୍ୟ ପାଇଁ ଅତୁଳନୀୟ ବୋଲି କହିଥିଲେ । ଏଣୁ ଏହିପରି ମହାନ ବର୍ଣ୍ଣିଳ ବ୍ୟକ୍ତିତ୍ୱ ପରିଚୟ ଓଡିଆ ସାହିତ୍ୟ ପାଇଁ ଅନନ୍ୟ ବୋଲି ମତବ୍ୟକ୍ତ କରିଥିଲେ। ପରେ ଗଙ୍ଗାଧର ଜୟନ୍ତୀ ଅବସରରେ ସ୍କୁଲ, କଲେଜସ୍ତରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପ୍ରଶଂସା ପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ଯୁବ କବି ତଥା ସାହିତ୍ୟ ସମିତିର ସମ୍ପାଦକ ଗୌରାଙ୍ଗ କୁମାର ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଇରଫାନ ମହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ଅଗଷ୍ଟ ୨୭/୨୦୧୮



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### ଓଡ଼ିଆ ସାହିତ୍ୟ ପାଠଚକ୍ର ପକ୍ଷରୁ ମାସିକ କବିତା ଆସର

**ରାଉରକେଲା ଅଫିସ,୨୬।୮-** ସେକ୍ଟର-୨ ଖରିଆବାହାଲଠାରେ ଥିବା ଓଡ଼ିଆ ସାହିତ୍ୟ ପାଠଚକ୍ର ପକ୍ଷରୁ ଶନିବାର ମାସିକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। ସଭାପତି ନରେନ୍ଦ୍ରନାଥ ମଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବୟିତ୍ରୀ ଓ କବିମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ବିଜୟ ସେନାପତି, ଜଳଧର ପ୍ରଧାନ, ରଘୁବର ଧଳ ଓ କ୍ଷୀରୋଦ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଭିରାମ ପ୍ରଧାନ, ରମେଶ ରାଉତ, ଗଗନ ବିହାରୀ ନାୟକ, କଲ୍ୟାଣକୁମାର ସାହୁ, ଅକ୍ଷୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କ୍ଷୀରୋଦ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

### କେରଳ ବନ୍ୟା ବିପନ୍ନଙ୍କୁ ୧୦ ହଜାର ଟଙ୍କା ସହାୟତା

**ରାଉରକେଲା ଅଫିସ,୨୬।୮-** କେରଳ ବନ୍ୟା ପ୍ରଭାବିତଙ୍କୁ ସହାୟତା ପାଇଁ ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍‌) ପକ୍ଷରୁ କେରଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସଂଗଠନ ପକ୍ଷରୁ ଜାରି ଏକ ବିବୃତିରେ ଏନେଇ ସୂଚନା ଦିଆଯାଇଛି। ଗତ ୨୨ ତାରିଖରେ ଚେକ୍ ଆକାରରେ ଏହି ଅର୍ଥ ପ୍ରଦାନ କରାଯାଇଥିବା ୟୁନିୟନ ସଭାନେତ୍ରୀ ଡି.ଏସ୍. ପାନିକରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କୁହାଯାଇଛି। ଏଥିରେ ୟୁନିୟନ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### କେନ୍ଦ୍ର ବିରୋଧରେ ସମାବେଶ ୫ରେ

**ରାଉରକେଲା ଅଫିସ,୨୬।୮-** ମୋଦି ସରକାରଙ୍କ ଜନବିରୋଧୀ ତଥା ଶ୍ରମିକ ଓ କୃଷକ ମାରଣ ନୀତି ବିରୋଧରେ ୧୮ ଦଫା ଦାବି ନେଇ ସେପ୍ଟେମ୍ବର ୫ରେ ନୂଆଦିଲ୍ଲୀଠାରେ ମଜଦୁର କିଷାନ ସଂଘର୍ଷ ସମାବେଶ ଅନୁଷ୍ଠିତ ହେବ। ଏନେଇ ସୁନ୍ଦରଗଡ଼ ଜିଲା ସିଆଇଟିୟୁ ପକ୍ଷରୁ ଏକ ପ୍ରଚାର ଗାଡ଼ି ଜିଲା ସାଧାରଣ ସମ୍ପାଦକ ବିମାନ ମାଇତିଙ୍କ ନେତୃତ୍ୱରେ ରବିବାର ରାଉରକେଲାରୁ ବାହାରିଛି। ଏହି ପ୍ରଚାର ଗାଡ଼ିକୁ ନିର୍ମଳ ମୁଣ୍ଡା ମାର୍କେଟଠାରେ ଉଦ୍‌ଘାଟନ କରିଥିଲେ ସଂଗଠନର ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ। ଏହି ଅବସରରେ ସେ ଅଭିଯୋଗ କରିଥିଲେ ଯେ ମୋଦି ସରକାର କ୍ଷମତାକୁ ଆସିବା ପରେ ଜନବିରୋଧୀ ନୀତିର ମୁଖ୍ୟ ସୂତ୍ରଧର ସାଜିଛନ୍ତି। ଦେଶର ସବୁ ବର୍ଗର ଲୋକେ ଭାଜପା ଶାସନରେ ଅତିଷ୍ଠ ହୋଇପଡ଼ିଲେଣି। ୨୦୧୪ରେ ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତା ହାତେଇବା ପରେ ଭାଜପା ଏବେ ଉପର ମୁହାଁ ହୋଇପଡ଼ିଛି। ଏଣୁ ସାଧାରଣ ଜନତାଙ୍କୁ ନ୍ୟାୟ ଦେବା ଉଦ୍ଦେଶ୍ୟରେ ନୂଆଦିଲ୍ଲୀଠାରେ ଏଭଳି ସମାବେଶ ଆୟୋଜନ କରାଯାଇଥିବା ଅଲ୍ଲୀ କହିଥିଲେ। ଏଥିରେ ବନମାଳୀ ଧୂପାଳ, ଶ୍ରୀମନ୍ତ ବେହେରା, ବସନ୍ତ ନାୟକ, ବି.ପି. ମହାପାତ୍ର, ସୁରେନ୍ଦ୍ର ଦାସ, ରାଜକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।





ସେକ୍ଟର-୧୪ ଏ/୧୬୮ କ୍ୱାର୍ଟର୍ସରୁ ଆଲମିରା ତାଡ଼ି ଚୋରି (ବାମ)। ସେକ୍ଟର-୧୫ ଚିପ୍ ଟାଇପ୍ ମାର୍କେଟ ଅଞ୍ଚଳରେ ଥିବା ହନୁମାନ ଷ୍ଟୋରର କାନ୍ଥ କଣା କରାଯାଇଛି।

ଗୋଟିଏ ରାତିରେ ୨ ଚୋରି

# ଆଲମିରା ଭାଙ୍ଗି ଲୁଟିଲେ ୫୨ ହଜାର, ସୁନା ଅଳଙ୍କାର

**ରାଉରକେଲା ଅଫିସ,୨୬।୮**

ଶନିବାର ବିଳମ୍ବିତ ରାତିରେ ସେକ୍ଟର-୧୫ ଥାନା ଅନ୍ତର୍ଗତ ସେକ୍ଟର-୧୪ ଏ/୧୬୮ କ୍ୱାର୍ଟର୍ସ ବାସିନ୍ଦା ହଳଧର ମାଝିଙ୍କ ଆଲମିରା ଭାଙ୍ଗି ଦୁର୍ବୃତ୍ତମାନେ ଲୁଟପାଟ କରିଛନ୍ତି। ହଳଧରଙ୍କ ପରିବାର ରାତିରେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ପଛ ଗ୍ରିଲ ଭାଙ୍ଗି ଘରେ ପଶିଥିଲେ। ୫୨ ହଜାର ଟଙ୍କା, ହଳେ ସୁନା କାନଫୁଲ, ୧୫ ଗ୍ରାମ ଓଜନର ସୁନା ଚେନ ଓ ହଳେ ରୁପା ପାଉଁଜି ଲୁଟି ନେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ସେହିଭଳି ସେକ୍ଟର ୧୫ ଚିପ୍ ଟାଇପ୍ ଅଞ୍ଚଳରେ ଥିବା ରାଜେଶ ଅଗ୍ରୱାଲଙ୍କ ହନୁମାନ ଷ୍ଟୋର ନାମକ ତେଜରାତି ଦୋକାନ କାନ୍ଥ କଣା କରି ଦୁର୍ବୃତ୍ତମାନେ ଦୋକାନ ପ୍ରାୟ ୩୦ ହଜାର ଟଙ୍କାର ସାମଗ୍ରୀ ଚୋରାଇ ନେଇଥିବା ସେକ୍ଟର-୧୫ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଉଭୟ ଘଟଣାର ତଦନ୍ତ ଆରମ୍ଭ କରିଛି।



ଛେଣ୍ଡ ରୁଗୁଡ଼ିଟୋଲା ପଡ଼ିଆରେ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଖେଳାଳି।

ତୁଳସୀଟୋଲା-ରୁଗୁଡ଼ିଟୋଲା ଫୁଟବଲ ଟୁର୍ନାମେଣ୍ଟ

# ବଡ଼େମିଆଁ ଛୋଟେମିଆଁ ଚାମ୍ପିୟନ

**ରାଉରକେଲା ଅଫିସ,୨୬।୮**

ପୁରୁଣା ଛେଣ୍ଡସ୍ଥିତ ରୁଗୁଡ଼ିଟୋଲା ପଡ଼ିଆରେ ଗତ ୨୨ ତାରିଖରୁ ଆରମ୍ଭ ହୋଇଥିବା ତୁଳସୀଟୋଲା-ରୁଗୁଡ଼ିଟୋଲା ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ଏଥିରେ ୩୪ଟି ଦଳ ଭାଗ ନେଇଥିଲେ। ବଡ଼େମିଆଁ ଛୋଟେମିଆଁ ଓ ପ୍ରଧାନପାଲି ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ବଡ଼େମିଆଁ ଛୋଟେମିଆଁ ଚାମ୍ପିୟନ ହୋଇଛି। ପ୍ରଧାନପାଲି ରନର୍ସଅପ୍ ହୋଇଥିବାବେଳେ ୩ୟ ସ୍ଥାନରେ ଟିଏଫ୍‌ସି(ତୁମକେଲା) ଟିମ୍ ଓ ୪ର୍ଥ ସ୍ଥାନରେ ବାଗବୁଡ଼ି ବିକାଶ କ୍ଲବ ରହିଛି। ଉଦ୍‌ଯାପନୀ ସମାରୋହରେ ଭାଜପା ରାଜ୍ୟ ସମ୍ପାଦକ ଧୀରେନ ସେନାପତି ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସେ ସଂକ୍ଷିପ୍ତ ବକ୍ତବ୍ୟରେ କହିଥିଲେ ସୁନ୍ଦରଗଡ଼ ଜିଲାର କୋଣ ଅନୁକୋଣର ଦକ୍ଷ ଖେଳାଳିଙ୍କ ଅଭାବ ନାହିଁ। ପ୍ରୋତ୍ସାହନ ଅଭାବରୁ ଏମାନଙ୍କ ମଧ୍ୟରୁ ଅନେକେ ନିଜ ପ୍ରତିଭାର ପରିପ୍ରକାଶ କରିପାରୁ ନାହାନ୍ତି। ଏନେଇ ସରକାର ସୁଯୋଗ ସୃଷ୍ଟି କରିବା ଆବଶ୍ୟକ ବୋଲି ସେନାପତି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ପୂର୍ବତନ କାଉନସିଲର ରମେଶ ମୁଣ୍ଡାରୀଙ୍କ ସମେତ ଅଜୟ କଂସାରୀ, ଉମା ଭୂୟାଁ, ଦିବାକର ଦାସ, ରଜକିଶୋର କାଶୀ, ରାଜେନ୍ଦ୍ର ଖଣ୍ଡାୟତ, ଗୁରୁଚରଣ ଭୂମିଜ ଓ ଫକୀର ଟପୋ ପ୍ରମୁଖ ମଞ୍ଚାସୀନ ଥିଲେ। ରେଫରୀ ପ୍ରକାଶ ସୁନା, ଗୌତମ ମୁଣ୍ଡାରୀ, ଜନାରୁସ ଏକା, ରୋନାଲ୍ଡ ଡୁଙ୍ଗଡୁଙ୍ଗ ଓ ବିଜୟ ଯୋଯୋ ପ୍ରମୁଖ ଖେଳ ପରିଚାଳନା କରିଥିଲେ। କମିଟି ସଭାପତି ଦିବାକର ଦାସ, ଅନୁପ ଖାଲକୋ, ସୂର୍ଯ୍ୟା କୁସୁମ, ଜ୍ୟୋତି ଖାଲକୋ, ରାଜେଶ ଖାଲକୋ, ଗୋପୀ ମୁଣ୍ଡାରୀ, ପ୍ରେମା ଭୂମିଜ, ଅରୁଣ ଟପୋ ଓ ଆକାଶ ଭୂମିଜ ପ୍ରମୁଖ ଉପସ୍ଥିତ ଥିଲେ।

# ବାଜପେୟୀଙ୍କ ଏକାଦଶାହ ପାଳିଲେ ଭାଜପା କର୍ମୀ

**ରାଉରକେଲା ଅଫିସ,୨୬।୮**

ଫର୍ଟିଲାଇଜର ଟାଉନଶିପରେ ଥିବା ସମାଜ ମଙ୍ଗଳ କେନ୍ଦ୍ର ପରିସରରେ ଭାଜପା ପକ୍ଷରୁ ରବିବାର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ପାଜପେୟୀଙ୍କ ଏକାଦଶାହ ପାଳନ କରାଯାଇଛି। ମଣ୍ଡଳ ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାନପୋଷ ସାଙ୍ଗଠନିକ ଜିଲା ସଭାପତି ଜଗବନ୍ଧୁ ବେହେରା, ମୁଖପାତ୍ର ଭଗବାନ ରାଉତ, ଓବିସି ମୋର୍ଚ୍ଚା ସଭାପତି ବସନ୍ତ ସାମଲ ପ୍ରମୁଖ ଯୋଗଦେଇ ଥିଲେ। ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱ କାଳ ଭାରତୀୟ ରାଜନୀତି, ରାଷ୍ଟ୍ରନୀତି ଓ କୂଟନୀତିରେ ବାଜପେୟୀଙ୍କ ସକ୍ରିୟ ଭୂମିକା, ଆଦର୍ଶ ଓ ବଳିଷ୍ଠ ବ୍ୟକ୍ତିତ୍ୱ ତାଙ୍କୁ ଦେଶବାସୀଙ୍କ ନିକଟରେ ଚିର ସ୍ମରଣୀୟ କରି ରଖିବ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଏକ ସମବେତ ପ୍ରାର୍ଥନା ସଭା ଆୟୋଜନ କରାଯାଇଥିଲା। ଏଥିରେ ଯୁବ ନେତା ଗୋପାଳ ଘଡ଼ାଇ, ରଙ୍କନିଧି ସାହୁ, ଉଦିତ ଅମାତ, ମହମ୍ମଦ ଆଜାଦ, ବିଶ୍ୱଜିତ ପରିଡ଼ା, ସମାୟୀ ସୋରେନ, ରାମ ସେଠୀ, ଲୋକନାଥ ମହାନ୍ତି ଓ ମୁରଲୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ୬ ଅପହର୍ତ୍ତା କୋର୍ଟଚାଲାଣ

**ଲଖନପୁର,୨୬।୮(ଡି.ଏନ୍.ଏ.)**

ମାରଣାସ୍ତ୍ର ଦେଖାଇ ଛତିଶଗଡ଼ର ଏକ କାର୍‌କୁ ଦୁର୍ବୃତ୍ତମାନେ ଗୁରୁବାର ଲୁଟି ନେଇଥିଲେ। ଏନେଇ ଛତିଶଗଡ଼ର କାର୍ ମାଲିକ ଅରୁଣ ସାହୁ କୁମ୍ଭାରବନ୍ଧ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ବନହରପାଲି ଥାନାରେ ଏକ ମାମଲା (ନଂ. ୧୦୩/୧୮) ରୁଜୁକରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ରବିବାର ଗିରଫ କରି ଖାରସୁଗୁଡ଼ା କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସର୍ଲାକାନୀ ଗ୍ରାମର ରାଜବଂଶ ପଣ୍ଡା (୩୯), ଧନକଉଡ଼ାର ସନ୍ତୋଷ ଧର (୩୮), ରେଙ୍ଗାଲି ଗ୍ରାମର ବୁଲୁ ମିଶ୍ର (୪୨), ଅଇଁଠାପାଲିର ସନ୍ତୋଷ ରଣା (୨୬), ନିରଞ୍ଜନ ଖଡ଼ିଆ (୨୨) ଓ ରେଙ୍ଗାଲି ଗୌଡ଼ପଡ଼ାର ଦୀପକ କୁମାର ନାଏକ (୩୦)। ଲୁଟ୍ ହୋଇଥିବା ସିଜି୦୭-ଏଡବ୍ଲୁ୨୦୧ନଂ କାର୍, ଲୁଟ୍ ଓ ଅପହରଣରେ ବ୍ୟବହୃତ ଓଡି୧୫-କେ୨୬୫୮ନଂ କାର୍, ୧୨ହଜାର ଟଙ୍କା, ୨ ମୋବାଇଲ ଫୋନ ଏମାନଙ୍କ ନିକଟରୁ ଜବତ ହୋଇଥିବା ତଦନ୍ତକାରୀ ଫାଣ୍ଡି ଅଧିକାରୀ ରାଜକିଶୋର ସାମଦ କହିଛନ୍ତି। ସୂଚନାଯୋଗ୍ୟ, ଗତ ବୁଧବାର ରାତିରେ ଛତିଶଗଡ଼ ଭିଲାଇ ଅଞ୍ଚଳର ଅରୁଣ ସାହୁ ଓ ତାଙ୍କ ସାଥୀ ନିଜ କାର୍‌ରେ ସମ୍ବଲପୁର ଆସିଥିଲେ। ଗୁରୁବାର ସେମାନେ ହୀରାକୁଦ ଡ୍ୟାମ୍ ଦେଖିବା ପାଇଁ କାର୍‌ରେ ବାହାରିଥିଲେ। ରାସ୍ତା ଜାଣି ନ ପାରିବାରୁ କାର୍ ଅଟକାଇ ୨ଜଣ ଅଜଣା ଯୁବକଙ୍କୁ ପଚାରିଥିଲେ। ଯୁବକ ଦ୍ୱୟ ରାସ୍ତା ଦେଖାଇବା ପାଇଁ ତାଙ୍କ କାର୍‌ରେ ବସିଥିଲେ। କାର୍‌ରେ ବସି ଅନ୍ୟ ସାଥୀମାନଙ୍କୁ ଫୋନ୍‌ରେ ଡାକିଥିଲେ। କାର୍ ଭିତରେ ମାରଣାସ୍ତ୍ର ଦେଖାଇ ଅରୁଣ ଓ ତାଙ୍କ ସାଥୀଙ୍କୁ ଭୟଭୀତ କରାଇ ଅପହରଣ କରିନେଇଥିଲେ। ହୀରାକୁଦ ଯିବା ପରିବର୍ତ୍ତେ ରେଙ୍ଗାଲି ଅଭିମୁଖେ କାର୍ ନେଇ ରମ୍ଭେଲା ବ୍ରିଜ୍ ଉପରକୁ ନେଇଯାଇଥିଲେ। ପରେ ଆଉ କେତେଜଣ ଯୁବକ ଏକ କାର୍‌ରେ ପହଞ୍ଚି ଅରୁଣ ଓ ତାଙ୍କ ସାଥୀଙ୍କ ନିକଟରୁ ୧୪ହଜାର ଟଙ୍କା, ମୋବାଇଲ ଓ କାର୍ ଛଡ଼ାଇ ନେଇଥିଲେ।

# ରାଉରକେଲାରେ ଅଟଳଙ୍କ ଚିତାଭସ୍ମ

**ରାଉରକେଲା ଅଫିସ,୨୬।୮**

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମ କଳସ ଶନିବାର ରାଉରକେଲା ଭାଜପା କାର୍ଯ୍ୟାଳୟରେ ପହଞ୍ଚିଛି। ପାନପୋଷ ସାଙ୍ଗଠନିକ ଜିଲା ସଭାପତି ଜଗବନ୍ଧୁ ବେହେରା ଭୁବନେଶ୍ୱରରେ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କଠାରୁ କଳସ ଗ୍ରହଣ କରି ଶନିବାର ସକାଳେ ରାଉରକେଲାରେ ପହଞ୍ଚିଥିଲେ। ଚିତାଭସ୍ମ ପହଞ୍ଚିବା ପରେ ଭାଜପାର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଚିତାଭସ୍ମକୁ ଜିଲାର ବିଭିନ୍ନ ନଦୀରେ ବିସର୍ଜନ କରାଯିବ ବୋଲି ମୁଖପାତ୍ର ଗଙ୍ଗାଧର ଦାସ ସୂଚନା ଦେଇଛନ୍ତି।



ବାଜପେୟୀଙ୍କ ଚିତାଭସ୍ମ ସହ ପାନପୋଷ ସାଙ୍ଗଠନିକ ଜିଲା ସଭାପତି ଜଗବନ୍ଧୁ ବେହେରାଙ୍କ ସମେତ ଭାଜପା କର୍ମକର୍ତ୍ତା।

# ସେବା ଦଳ ପ୍ରତିଷ୍ଠାତାଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା ଅଫିସ,୨୬।୮**

ଜିଲା କଂଗ୍ରେସ ସେବା ଦଳ ପକ୍ଷରୁ ଟ୍ରାଫିକ ଛକଠାରେ ରବିବାର ପାର୍ଟି ପତାକା ଉତ୍ତୋଳନ କରାଯାଇଥିଲା। ଏଥିରେ ସେବା ଦଳ ଓଡ଼ିଶା ପ୍ରଭାରୀ ଚନ୍ଦ୍ରପ୍ରକାଶ ବାଜପେୟୀ ଓ ପ୍ରଦେଶ କଂଗ୍ରେସ ସେବା ଦଳ ପ୍ରଶିକ୍ଷକ ରାମପ୍ରସାଦ ଜୟସ୍ୱାଲ ଉପସ୍ଥିତ ଥିଲେ। ସୁନ୍ଦରଗଡ଼ ସେବା ଦଳ ସଙ୍ଗଠକ ମନୁ ସରାଫ, ମହିଳା ସଙ୍ଗଠିକା ଆନି ଡୁଙ୍ଗଡୁଙ୍ଗ, ସମ୍ବଲପୁର ସଙ୍ଗଠକ ନବ ଭଞ୍ଜ, ବଣାଇ ସଙ୍ଗଠକ ଦୀନେଶ ତାଣ୍ଡିଆ, ରାଉରକେଲା ସଙ୍ଗଠକ ବିନୋଦ ରାଉତଙ୍କ ସମେତ ଘିସାଲାଲ ଶର୍ମା, ଦୀନେଶ ସାହୁ, ଜଗଦୀଶ ଜୟସ୍ୱାଲ ଓ କେଦାର ଶର୍ମା ପ୍ରମୁଖ ଯୋଗଦେଇ ଏପରି କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ସେକ୍ଟର-୨୧ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସେବା ଦଳ ପ୍ରତିଷ୍ଠାତା ଏନ୍.ଏସ୍. ହାଡ଼ିକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ଜିଲା କଂଗ୍ରେସ ସଭାପତି ରବି ରାୟ ଯୋଗଦେଇ ହାଡ଼ିକରଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସମ୍ପାଦକ ରଶ୍ମି ପାଢ଼ୀ, ମହିଳା ସଭାନେତ୍ରୀ ପ୍ରଭାତୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




ସେକ୍ଟର-୨୧ କଂଗ୍ରେସ କାର୍ଯ୍ୟାଳୟଠାରେ ସେବା ଦଳ ପ୍ରତିଷ୍ଠାତାଙ୍କ ସ୍ମୃତିସଭାରେ ଉପସ୍ଥିତ କର୍ମକର୍ତ୍ତା।

# ବର୍ଷା ଯୋଗୁ ଘର ଭାଙ୍ଗିଲା

**ଗୁଡ଼ଭେଲା,୨୬।୮ (ଡି.ଏନ.ଏ.)**

ଗୁଡଭେଲା ଅଞ୍ଚଳରେ ଶନିବାର ରାତିରୁ ବର୍ଷା ଲାଗି ରହିଛି। ଏହା ଫଳରେ ରବିବାର ଅପରାହ୍ନ ପ୍ରାୟ ୧୧ଟାରେ ଗୁଡଭେଲା ବ୍ଲକ ଅନ୍ତର୍ଗତ ଟାଣ୍ଟିଗାଁର ଗନ୍ଧର୍ବ ସୁନା (୩୮) ଓ ଅଭେଲା ସୁନା (୪୬)ଙ୍କ ଘର ଭାଙ୍ଗି ଯାଇଛି। ଦୁହେଁ ଦିନ ମଜୁରିଆ। ଏବେ ଏହି ଦୁଇ ପରିବାର ଅନ୍ୟ ଘରେ ମୁଣ୍ଡ ଗୁଞ୍ଜୁଛନ୍ତି। ଗନ୍ଧର୍ବଙ୍କ ପରିବାରରେ ଦୁଇ ପୁଅଝିଅ ଓ ସ୍ତ୍ରୀ । ସେହିଭଳି ଅଭେଲା ସୁନାଙ୍କ ସ୍ତ୍ରୀ ଓ ଦୁଇ ପୁଅ ଅଛନ୍ତି। ତେବେ ଏହି ଘଟଣା ଜାଣିବା ପରେ ଗୁଡଭେଲା ବ୍ଲକ ଅଧ୍ୟକ୍ଷ ଅଶୋକଚନ୍ଦ୍ର ଦୋରା ଓ ସମରା ସରପଞ୍ଚ ରବୀନ୍ଦ୍ର ସେଠ ଗାଁକୁ ଯାଇ ଅସୁବିଧା ବୁଝିଛନ୍ତି। ତୁରନ୍ତ ସହାୟତା ଯୋଗାଇବା ପାଇଁ ତହସିଲଦାରଙ୍କୁ କହିଛନ୍ତି। ଏହା ସହିତ ସରକାରୀ ଯୋଜନାରେ ଗୃହ ଯୋଗାଇ ଦିଆଯିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ତୁଷୁରା ଏନଏସି ଅଧୀନ ଟିକିରିପଡାର ଶ୍ୟାମ ସାହୁଙ୍କ ଘର ମଧ୍ୟ ବର୍ଷା ଯୋଗୁ ଭାଙ୍ଗି ଯାଇଛି।

## ଫଟୋରେ ଖବର



ରାଉରକେଲା ରିଂ ରୋଡ୍‌ରେ ଜଣେ ବାଇକ୍ ଆରୋହୀ ଜଣେ ସାଇକେଲ ଆରୋହୀଙ୍କୁ ଟାଣି ନେଉଛନ୍ତି। ବାଇକ୍ ପଛରେ ବସିଥିବା ବ୍ୟକ୍ତି ମଧ୍ୟ ବିପଦପୂର୍ଣ୍ଣ ଭାବେ ଅନ୍ୟ ଏକ ସାଇକେଲ ଧରିଛନ୍ତି।



ରାଉରକେଲା ଜେଲ ଅନ୍ତେବାସୀଙ୍କ ହାତରେ ରାଖୀ ବାନ୍ଧି ମିଠା ଖୁଆଉଛନ୍ତି ଭଉଣୀମାନେ।



ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।

- ଲର୍ଡ ବାଇରନ



## ସଂକ୍ଷେପରେ



### ଲଗାଣ ବର୍ଷାରେ ବାଲିଚର ହୋଇଗଲା ପହ୍ଲା

ଅତାବିରା, ୨୬।୮(ଡି.ଏନ.ଏ.): ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଗ୍ରାମାଞ୍ଚଳରେ ଶୁକ୍ରବାର ରାତିରେ ଲଗାଣ ବର୍ଷା ହେବାରୁ ଚାଷଜମିରେ ପାଣି ଭର୍ତ୍ତି ହୋଇ ପହ୍ଲାଗୁଡିକ ବୁଡିଯାଇଛି। ଦେଶଭଟ୍ଟଲି, ଉଦେପୁର ଛକ ରାଜପଥ ଉଭୟ ପାର୍ଶ୍ୱ ନଲିଆ, ଝାଉଁଯୋର ବନ୍ୟାପାଣିରେ ବୁଡି ଯାଇ ବାଲିଚର ହୋଇଛି । ଗତ ମାସ ଝାଉଁଯୋର ବନ୍ୟାରେ ଶତାଧିକ ଏକର ଚାଷ ଜମି ବାଲିଚର ହୋଇ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଏଯାଏ ଚାଷୀଙ୍କୁ ସହାୟତା ମିଳିନି । ଫଳରେ ଚାଷୀମାନେ ଚିନ୍ତିତ ହୋଇ ପଡିଛନ୍ତି ।

## ପବିତ୍ର ରକ୍ଷାବନ୍ଧନ, ଶ୍ରୀବଳଭଦ୍ର ଜନ୍ମ ଉତ୍ସବ

କୋଲାବିରା,୨୬।୮(ଡି.ଏନ୍.ଏ.)

ଭାଇ-ଭଉଣୀଙ୍କ ପବିତ୍ର ବନ୍ଧନର ପର୍ବ ରକ୍ଷାବନ୍ଧନ ରବିବାର ଆନନ୍ଦ ଉଲ୍ଲାସରେ ପାଳିତ ହୋଇଛି। ଭଉଣୀମାନେ ଭାଇଙ୍କ ହାତରେ ରାକ୍ଷୀ ବାନ୍ଧି ସେମାନଙ୍କ ଦୀର୍ଘ ଜୀବନ କାମନା କରିଥିଲେ। ସେହିପରି ଭାଇମାନେ ଭଉଣୀଙ୍କୁ ସବୁ ବିପଦରୁ ସୁରକ୍ଷା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଗାଈଗୋରୁଙ୍କୁ ବନ୍ଦାପନା କରାଯାଇ ଗହ୍ମାପର୍ବ ପାଳନ ସହ ଶ୍ରୀବଳଭଦ୍ରଙ୍କ ଜନ୍ମ ଉତ୍ସବ ମଧ ପାଳନ କରାଯାଇଥିଲା। ଗୃହକର୍ତ୍ତାମାନେ ଗାଈଗୋରୁଙ୍କୁ ଚନ୍ଦନ, ସିନ୍ଦୂର ଦେଇ ପୂଜାର୍ଚ୍ଚନା କରିଥିଲେ। ମନ୍ଦିରରେ ସ୍ୱତନ୍ତ୍ର ନୀତିରେ ପୂଜାର୍ଚ୍ଚନା କରାଯାଇଥିଲା।



ଏକ ପରିବାରରେ ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଉଛି।

## ମହିଳା ନେତୃତ୍ୱ ବିକାଶ ତାଲିମ ଶିବିର

ପାଇକମାଳ, ୨୬।୮(ଡି.ଏନ.ଏ)

ପାଇକମାଳ ବ୍ଲକ ସୁରୁଙ୍ଗିଦାଦର ସ୍ଥିତ ମାସ୍ ତାଲିମ ଗୃହରେ ମହିଳା ନେତୃତ୍ୱ ବିକାଶ ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ୪୦ ଜଣ ମହିଳା ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ଆଦିକନ୍ଦ ବିଶ୍ୱାଳ ତାଲିମଦାତା ଭାବେ ଯୋଗ ଦେଇଥିଲେ । ଦୁର୍ଯ୍ୟୋଧନ ବିଶି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରେବତୀ ରାଉତ, ଦେଗଶେ କପାଟ, ଯୋଗିନୀ କପାଟ ସହଯୋଗ କରିଥିଲେ ।

## ବୁଡାମାଲ-ଦହିତା ରାସ୍ତା ଶୋଚନୀୟ

ପଦ୍ମପୁର, ୨୬।୮(ଡି.ଏନ.ଏ.)

ପଦ୍ମପୁର ବ୍ଲକ ଅନ୍ତର୍ଗତ ବୁଡାମାଲ-ଦହିତା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ସ୍ଥାନେ ସ୍ଥାନେ ଗର୍ତ୍ତ ହୋଇଯିବା ସହ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଶୀଘ୍ର ଦୃଷ୍ଟି ଦେଇ ରାସ୍ତା ମରାମତି କରିବା ପାଇଁ ଦାବି ହେଉଛି ।

## ବୃକ୍ଷକୁ ରାଖୀ ବାନ୍ଧିଲେ ସ୍ୱେଚ୍ଛାସେବୀ

ବରଗଡ଼ ଅଫିସ୍,୨୬।୮

ବରଗଡ଼ ଜିଲା ବାଗଝୁଲାସ୍ଥିତ ମାନବ କଲ୍ୟାଣ ସେବାଶ୍ରମ ଅନ୍ତେବାସୀ ରବିବାର ରକ୍ଷାବନ୍ଧନ ଉତ୍ସବ ପାଳନ କରିଛନ୍ତି । ଏହି ଅବସରରେ ଆଶ୍ରମର ଅନ୍ତେବାସୀମାନେ ସେଠାରେ ରହିଥିବା ବୃକ୍ଷରେ ରାଖୀ ବାନ୍ଧିଥିଲେ । କାର୍ଯ୍ୟକ୍ରମରେ ବଦାନ୍ୟ ବନ୍ଧୁର ମୁଖ୍ୟ ସୁବ୍ରତ ବିର୍ତ୍ତିଆ ଯୋଗଦେଇ ଅନ୍ତେବାସୀଙ୍କୁ ଉତ୍ସାହିତ କରିଥିଲେ ।



ବନ୍ଧବାହାଲରେ ଚିତାଭସ୍ମ ପହଞ୍ଚିବାପରେ ସ୍ୱାଗତ କରାଯାଉଛି।

## ବାଜପେୟୀଙ୍କ ଚିତାଭସ୍ମକୁ ସ୍ୱାଗତ

ଲଖନପୁର,୨୬।୮(ଡି.ଏନ୍.ଏ.)

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମକୁ ଦେଶର ବିଭିନ୍ନ ନଦୀରେ ବିସର୍ଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ଚିତାଭସ୍ମ କଳସ ଭୁବନେଶ୍ୱରରେ ପହଞ୍ଚିବାପରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନିକଟରୁ ବିଧାୟିକା ରାଧାରାଣୀ ପଣ୍ଡା ଓ କର୍ମୀମାନେ ଶନିବାର ଏହାକୁ ଗ୍ରହଣ କରି ଉକ୍ତ ଦିନ ବିଳମ୍ବିତ ରାତିରେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନ୍ଧବାହାଲରେ ପହଞ୍ଚିଥିଲେ। ଏଠାରେ ଭାଜପା ନେତା, କର୍ମୀ ଓ ଜନସାଧାରଣ ଚିତାଭସ୍ମକୁ ସ୍ୱାଗତ କରିଥିଲେ। ଏଥିରେ ଜିଲା ପରିଷଦ ସଦସ୍ୟ ସାମଲ ନାୟକ, ରଘୁନନ୍ଦନ ପଣ୍ଡା, ବିଶ୍ୱନାଥ ଭୋଇ, ଆଲୋକ ସାହୁ, ନୀଳାଚଳ ସା, ଆକୁଳ ସ୍ୱାଇଁ, ବିଶ୍ୱଜିତ ଷଡ଼ଙ୍ଗୀ, ଫୁଲସିଂହ ମାଝି, ଋଷିକାନ୍ତ କଚ୍ଛବ, ମୋହନ ବାଗ, ସୁନୀଲ କୁମାର ପଣ୍ଡା, ଡିଲେଶ୍ୱର ସିଂହ, ଧନେଶ୍ୱର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଚିତାଭସ୍ମକୁ ସାଧାରଣ ଲୋକଙ୍କ ଦର୍ଶନ ଉଦ୍ଦେଶ୍ୟରେ ସ୍ଥାନୀୟ ଇନ୍ଦ୍ରଧନୁଷ୍ କ୍ଲବରେ ରଖାଯାଇଥିଲା। ମଧ୍ୟାହ୍ନରେ ଚିତାଭସ୍ମକୁ ବନ୍ଧବାହାଲ ପରିକ୍ରମା କରାଯାଇ ଅପରାହ୍ନରେ ବେଲପାହାଡ଼ରେ ନିଆଯାଇଥିଲା। ଚିତାଭସ୍ମକୁ ସୋମବାର ବ୍ରଜରାଜନଗର ନିଆଯିବ। ମଙ୍ଗଳବାର ଏହାକୁ ଇବ୍ ନଦୀରେ ବିସର୍ଜନ କରାଯିବାର କାର୍ଯ୍ୟକ୍ରମ ରହିଛି।

## ନିଶାସେବନ, ନିରାକରଣ ଆଲୋଚନାଚକ୍ର

ବରଗଡ଼ ଅଫିସ୍,୨୬।୮

ବରଗଡ଼ ମହିଳା କଲେଜରେ ଶନିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନିଶାସେବନ ଓ ଏହାର ନିରାକରଣ ଶୀର୍ଷକ ଆଲୋଚନାଚକ୍ରରେ ଆସୋସିଏଟ ପ୍ରଫେସର ଡା. ମିହିର ରଞ୍ଜନ ନାୟକ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ନିଶା ସେବନର କୁପ୍ରଭାବ ଉପରେ ବକ୍ତବ୍ୟ ରଖିଥିଲେ । ଏହାସହିତ ବିଭାଗ ମୁଖ୍ୟ ଡା.ମନସ୍ୱିନୀ ଦାଶ, ଡା. ଟିଙ୍କୁ ଷଡ଼ଙ୍ଗୀ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରି ନିଜ ମତ ରଖିଥିଲେ । ରାଜକିଶୋର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ କଲେଜ ଅଧ୍ୟକ୍ଷା ଏଥିରେ ଯୋଗ ଦେଇଥିଲେ ।

## ବାବେବିରା ସ୍କୁଲରେ ରକ୍ଷା ବନ୍ଧନ

ସରଣ୍ଡା,୨୬।୮ (ଡି.ଏନ.ଏ)

ଗଛର ଯତ୍ନ ନେଇ ବଞ୍ଚାଇବା ଉଦ୍ଦେଶ୍ୟ ନେଇ ବାବେବିରା ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବର ଛାତ୍ରୀମାନେ ବୃକ୍ଷକୁ ରାକ୍ଷୀ ବାନ୍ଧି ରକ୍ଷା ବନ୍ଧନ ଉତ୍ସବ ପାଳନ କରିଛନ୍ତି । ସ୍କୁଲ ପରିସରରେ ଥିବା ସମସ୍ତ ଗଛକୁ ପରିବେଶ ସୁରକ୍ଷା ପାଇଁ ବଞ୍ଚାଇବା ଜରୁରୀ ବୋଲି ସେମାନେ ଶପଥ ନେଇଥିଲେ । ଇକୋ କ୍ଲବ ଇନଚାର୍ଜ ଅମୃତ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ସ୍କୁଲ ପରିଚାଳନା କମିଟି ସଭାପତି ଗଜପତି ନାଏକ, ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ପ୍ରଧାନ, ସମାଜସେବୀ ଅର୍ଜୁନ ଦୀପ ଉପସ୍ଥିତ ଥିଲେ ।




ଛାତ୍ରୀଛାତ୍ର ବୃକ୍ଷକୁ ପୂଜାର୍ଚ୍ଚନା କରି ରାକ୍ଷୀ ବାନ୍ଧୁଛନ୍ତି ।

## ମହିମା ଆଶ୍ରମରେ ନବାନ୍ନ ଭକ୍ଷଣ

ଅମ୍ବାଭୋନା, ୨୬।୮(ଡି.ଏନ.ଏ.)

ଅମ୍ବାଭୋନା ବ୍ଲକ ଚିଚୋଲି-ଭୁକ୍ତା ମହିମାଶ୍ରମରେ ରବିବାର ନବାହ୍ନ ଭକ୍ଷଣ ଉତ୍ସବ ପାଳିତ ହୋଇଛି । ଏହି ଅବସରରେ ଭଜନକୀର୍ତ୍ତନ, ଧୂନି ମନ୍ଦିର ସ୍ଥାପନା ଆଦି କାର୍ଯ୍ୟକ୍ରମ ହୋଇଥିଲା। ସକାଳ ୮ଟା ପରେ ବ୍ରହ୍ମ ଅବଧୂତ ବିରେନ୍ଦ୍ର କୁମାର ବାବା ଓ ଉଦ୍ଧବ ଚରଣ ବାବା ମହିମା ଅଲେଖ ଓ ଶୂନ୍ୟ ବ୍ରହ୍ମଦେହୀଙ୍କୁ ନବାହ୍ନ ଅର୍ପଣ କରିଥିଲେ। ପରେ ମହିମା ଧର୍ମୀମାନଙ୍କୁ ନବାହ୍ନ ପରିବେଷଣ କରାଯାଇଥିଲା। ମହିମା ପୀଠ ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସମ୍ପାଦକ ଦାମୋଦର ପଟେଲ, ସହ ସମ୍ପାଦକ ଗୌତମ ପଧାନ, ସଭ୍ୟ ଧନୀରାମ ପଟେଲ, ବର୍ଦ୍ଧୁ ସା, ଫକୀର ପଧାନ ସହଯୋଗ କରିଥିଲେ ।



ମହିମା ଆଶ୍ରମରେ ଶ୍ରଦ୍ଧାଳୁମାନେ ନବାନ୍ନ ଭକ୍ଷଣ କରୁଛନ୍ତି ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

B.N. FINANCE
ସମସ୍ତ ଜିଲ୍ଲା ପାଇଁ Personal, Business, Property, Certificate, କୃଷି ଓ ପଶୁପାଳନ ପାଇଁ ସମସ୍ତ ପ୍ରକାର ଲୋନ୍ ୫ ଦିନ ମଧ୍ୟରେ ମିଳିବ। 2% ସୁଧ।
M: 8337957615
7064797490

ADMISSION OPEN FOR 2018-20
B.Ed
CT(D.EL.Ed) & M.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ଗ୍ଲୋଭଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ଆଗେ କାମ, ପରେ ଦାମ୍।
ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ, ସମସ୍ତ ଋଣ 2% ସୁଧ 40% ରିହାତି ଘରେ ବସି ପାଆନ୍ତୁ।
OM FINANCE
9557124359
7895699233

FINANCE
MG Financial Solution
୨ଦିନ ମଧ୍ୟରେ ଦେଉଛି ସମସ୍ତ ପ୍ରକାର ଋଣ ବର୍ଷକୁ ୩ % ସୁଦ୍ଧରେ । ସରକାରୀ ଗ୍ୟାରେଣ୍ଟର୍ ଆବଶ୍ୟକ ନାହିଁ । (ସ୍ୱତନ୍ତ୍ର ସର୍ତ୍ତମୂଳକ ରିହାତି ୩୦% ) ଏଜେଣ୍ଟ ଆମନ୍ତ୍ରିତ । କମିଶନ ଏବଂ ସ୍ଥାୟୀ ଦରମା
09674882781
08826582043
09674882851
mgfinance99@gmail.com

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ । ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FIRST FINANCE LIMITED
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number:
7689937202

FINANCE
PEHEL ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ଅଧିକ ବିବରଣୀ ପାଇଁ ସଂମ୍ପର୍କ କରନ୍ତୁ
7347695603
8941029381

Kuber Finance
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ
1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

JAGANNATH FINANCE COMPNAY
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

9911436726, 8750311430





TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra



**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ୨୦ ଦିନ ହେଲା ଅନ୍ଧାରରେ ଛାତ୍ରୀମାନେ

**ବାଲିଶଙ୍କରା,୨୬।୮(ଡି.ଏନ.ଏ.)-** ବାଲିଶଙ୍କରା ବ୍ଲକ ତିଲେଇକାନୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୩୧୯ଜଣ ଛାତ୍ରୀ ଅନ୍ତେବାସୀ ୨୦ଦିନ ହେଲା ଅନ୍ଧାରମୟ ଭିତରେ ଜୀବନ ବିତାଉଥିବା ଅଭିଯୋଗ ହେଉଛି । ଅନ୍ତେବାସୀଙ୍କ ପାଇଁ ନିକଟରେ ଟ୍ରାନ୍ସଫର୍ମର ଲାଗିଥିବା ତାର ଖରାପ କିମ୍ବା ପୋଡି ଯାଇଥିବାରୁ ଏ ବିଷୟ ନେଇ ପ୍ରଧାନ ଶିକ୍ଷକ ଅଭିଭାବକମାନେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଛନ୍ତି। ହେଲେ କୌଣସି ସୁଫଳ ମିଳୁ ନ ଥିବାରୁ ଛାତ୍ରୀମାନେ ପାଠପଢାରେ ବ୍ୟାଘାତ ହେଉଛି ବୋଲି ପ୍ରକାଶ କରିଛନ୍ତି । ଅପରପକ୍ଷେ ଅନ୍ଧାରରେ ରହି ଛାତ୍ରୀମାନେ କୌଣସି କାର୍ଯ୍ୟ ସଠିକ୍ ରୂପେ କରିପାରୁ ନଥିବା ଦୁଃଖ ଭରା କଣ୍ଠରେ ପ୍ରକାଶ କରିଛନ୍ତି । ତୁରନ୍ତ ନୂତନ ଟ୍ରାନ୍ସଫର୍ମର ଲଗାଇବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପଦକ୍ଷେପ ନେବା ପାଇଁ ଅଭିଭାବକଙ୍କ ମହଲରେ ଦାବି ହେଉଛି ।

### ବଢି ଚାଲିଛି ଜୁଆ ଖେଳ, ପୋଲିସ ନୀରବଦ୍ରଷ୍ଟା

**ବାଲିଶଙ୍କରା,୨୬।୮(ଡି.ଏନ.ଏ.)-** ବାଲିଶଙ୍କରା ବ୍ଲକ ତଳସରା ଥାନାଠାରୁ ୫୦୦ମିଟର ଦୂରତା ଜଙ୍ଗଲ, ରେଙ୍ଗାଲି ଡ୍ୟାମ, ସୋମବାର ସାପ୍ତାହିକ ବଜାରଦାଣ୍ଡ ନିକଟବର୍ତ୍ତି ବିଭିନ୍ନ ସ୍ଥାନରେ ଦିନକୁ ଦିନ ବଢି ଚାଲିଛି ଜୁଆ ଖେଳ। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ ପୋଲିସ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି । ବ୍ଲକଟି ଆଦିବାସୀ ଅଧୁଷିତ ଅଞ୍ଚଳ ହୋଇଥିବାବେଳେ ଚାଷ କାର୍ଯ୍ୟ ଓ ଦିନ ମଜୁରିଆ ଲାଗି ଏଠାରେ ଜୀବନଜୀବିକା କରିଥାନ୍ତି ଲୋକେ । ଏହି ଜୁଆ ଖେଳରେ ବିଶେଷ କରି ଯୁବଗୋଷ୍ଠୀ ପ୍ରଭାବିତ ହୋଇ ନିଜ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ଦେଉଥିବା ଅଭିଯୋଗ ହେଉଛି। ଜୁଆ ଖେଳକୁ ରୋକିବା ପାଇଁ ପୋଲିସ ପ୍ରଶାସନକୁ ବାରମ୍ବାର ଅଭିଯୋଗ କଲେ ମଧ ଏ ନେଇ କୌଣସି ପଦକ୍ଷେପ ନେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମନରେ ଏଥିପ୍ରତି ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଏହି ଅଞ୍ଚଳରେ ଜୁଆ ଖେଳକୁ ବନ୍ଦ କରିବା ପାଇଁ ସୁନ୍ଦରଗଡ ଏସପି ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ୬ ଲାଇସେନ୍ସ ରଦ୍ଦ, ୧୦ ହଜାର ଜରିମାନା

**ଜୁନାଗଡ,୨୬।୮(ସ୍ୱ.ପ୍ର.)-** କଳାହାଣ୍ଡି ଜିଲା ଜୁନାଗଡ ସହରରେ ଶନିବାର ରାତିରେ ରାଖୀ ପୂର୍ଣ୍ଣିମା ପାଇଁ ବଜାର ଭିଡ ଥିବା ବେଳେ ସହର ମଧରେ ବେପରୁଆ ଗାଡି ଚାଳନା ବୃଦ୍ଧି ପାଇଥିଲା। ଜୁନାଗଡ ପୋଲିସ ପକ୍ଷରୁ ତିନି ଜଣ ବସିଥିବା, ମୋବାଇଲରେ କଥା ହୋଇ ବାଇକ୍ ଚଳାଉଥିବା ସହିତ ଓଭରଲୋଡ ଚାରି ଚକିଆ ଯାନବାହନର ଯାଞ୍ଚ କରାଯାଇଥିଲା। ଏହି ସମୟରେ ବର୍ଷା ଆରମ୍ଭ ହେବା ଯୋଗୁ ଅଳ୍ପ ସମୟରେ ଅନେକ ଗାଡିର ଫାଇନ କରାଯିବା ସହିତ ୧୦ ହଜାର ୩୦୦ଟଙ୍କା ଜରିମାନା ଆଦାୟ କରାଯିବା ସହିତ ୬ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିଲା। ଏହି ଧରପଗଡ ଜୁନାଗଡ ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳରେ କରାଯାଇଥିବା ବେଳେ ଏଥିରେ ଆଇଆଇସି ରାଜେନ୍ଦ୍ର କୁମାର ଦେହୁରୀ, ସବଇନିସପେକ୍ଟର ଧ୍ରୁବ ଚରଣ ନାଏକ ପ୍ରମୁଖ ନେତୃତ୍ୱ ନେଇଥିଲେ।





ଭୁବନେଶ୍ୱର ସୂଚନା ଭବନଠାରେ ଚଳଚ୍ଚିତ୍ରର ସ୍କ୍ରିନିଂ କରାଯାଉଛି (ବାମ)। ସୂଚନା ଭବନଠାରେ ଅନୁଷ୍ଠିତ ସ୍କ୍ରିନିଂ ସମୟରେ ଉପସ୍ଥିତ ଦର୍ଶକ।

■ ଡକ୍ୟୁମେଣ୍ଟାରୀ ଫିଲ୍ମ 'ଦି ଟ୍ରାଇବାଲ ସ୍କୁପ୍' ପ୍ରଦର୍ଶିତ

# କାହାଣୀରେ ସୁନ୍ଦରଗଡ଼ ଜନଜାତିଙ୍କ ହକିପ୍ରେମ

**ଭୁବନେଶ୍ୱର,୨୬।୮(ବ୍ୟୁରୋ)**

ସୁନ୍ଦରଗଡ଼ ଜନଜାତିମାନଙ୍କର ଜାତୀୟ କ୍ରୀଡ଼ା ହକି ପ୍ରତି ଥିବା ଭଲପାଇବାକୁ ଆଧାର କରି ପ୍ରସ୍ତୁତ ଡକ୍ୟୁମେଣ୍ଟାରୀ ଫିଲ୍ମ 'ଦି ଟ୍ରାଇବାଲ ସ୍କୁପ୍' ରବିବାର ସୂଚନା ଭବନଠାରେ ପ୍ରଦର୍ଶିତ ହୋଇଯାଇଛି। ହକି ଗ୍ୟାଙ୍ଗପୁର ଓଡ଼ିଶା ପକ୍ଷରୁ ଏହି ସ୍ୱତନ୍ତ୍ର ସ୍କ୍ରିନିଂ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୫୩ ମିନିଟ୍‌ର ଏହି ଡକ୍ୟୁମେଣ୍ଟାରୀରେ ଆଦିବାସୀ ଯୁବକମାନଙ୍କ ମଧ୍ୟରେ ହକି ପାଇଁ ଥିବା ପ୍ୟାଶନ ଏବଂ ଜାତୀୟ ହକି ଟିମ୍‌ରେ ସ୍ଥାନ ପାଇବା ପାଇଁ ସେମାନଙ୍କ କଠିନ ପରିଶ୍ରମ ଓ ସଂଘର୍ଷକୁ ଅତି ଆକର୍ଷଣୀୟ ଭାବେ ଉପସ୍ଥାପନ କରାଯାଇଥିଲା। ସୁନ୍ଦରଗଡ଼ର ଆଭ୍ୟନ୍ତରୀଣ ଓ ଅପହଞ୍ଚ ଅଞ୍ଚଳରେ ବି ହକି କିଭଳି ଏକ ଲୋକପ୍ରିୟ କ୍ରୀଡ଼ା ଏବଂ ଜୀବନ ଜିଇଁବାର ରାହା ଭାବେ ପରିଗଣିତ ହେଉଛି, ତାହାକୁ ଫିଲ୍ମ ମାଧ୍ୟମରେ ଦେଖାଇଥିଲେ ନିର୍ମାତା। ମୁମ୍ବାଇର କୋଡ୍ ରେଡ୍ ଫିଲ୍ମ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଓଡ଼ିଶାର ବିଶ୍ୱରଞ୍ଜନ ପ୍ରଧାନ। ଉତ୍ସବରେ ଅତିଥି ଭାବେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ ଯୋଗଦେଇଥିଲେ। ସୁନ୍ଦରଗଡ଼ବାସୀଙ୍କ ପାଇଁ ହକି ଏକମାତ୍ର ରାହା। ଏହି କ୍ରୀଡ଼ା ସେମାନଙ୍କୁ ଜୀବନ ଜୀବିକା ଯୋଗାଇବା ସହ ସ୍ୱତନ୍ତ୍ର ପରିଚୟ ଦେଇଥାଏ ବୋଲି ତିର୍କୀ କହିଥିଲେ।

ଫିଲ୍ମରେ ଦିଲୀପ ତିର୍କୀଙ୍କ ସହ ସୁନ୍ଦରଗଡ଼ରୁ ଆସିଥିବା ଭାରତୀୟ ହକି ଦଳର ଏକାଧିକ ସଦସ୍ୟ ଦିପ୍‌ସାନ୍ ତିର୍କୀ, ଅଲିମ୍ପିକ୍ କ୍ରୀଡ଼ାବିତ୍ ଲାଜାରୁସ୍ ବାର୍ଲା, ଜନଜାତି ନେତା ଜର୍ଜ ତିର୍କୀ ଓ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ପ୍ରମୁଖଙ୍କୁ ଦେଖିବାକୁ ମିଳିଛି। ପୂର୍ବରୁ ଏହି ଡକ୍ୟୁମେଣ୍ଟାରୀ ଭାରତ ସହ ଭାରତ ବାହାରେ ବହୁ ବଡ଼ ବଡ଼ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇ ପ୍ରଶଂସିତ ହୋଇଛି, ଯେଉଁଥିରେ ମୁମ୍ବାଇ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ, ଇଣ୍ଟରନ୍ୟାଶନାଲ ଡକ୍ୟୁମେଣ୍ଟାରୀ ଆଣ୍ଡ ଶର୍ଟ ଫିଲ୍ମ ଫେଷ୍ଟିଭାଲ, ଜର୍ମାନୀରେ ଅନୁଷ୍ଠିତ ଗୋଲ୍ଡେନ୍ ଟ୍ରି ଇଣ୍ଟରନ୍ୟାଶନାଲ ଡକ୍ୟୁମେଣ୍ଟାରୀ ଫିଲ୍ମ ଫେଷ୍ଟିଭାଲ ଆଦି ରହିଛି। ଏହି ଫିଲ୍ମ ସ୍କ୍ରିନିଂ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ୱିଲିୟମ୍ ଖାଲ୍‌କୋ, ଲାଜାରୁସ୍ ବାର୍ଲା, ଦିପ୍‌ସାନ୍ ତିର୍କୀ, ଫିଲ୍ମ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ରକ୍ଷାବନ୍ଧନ ଉତ୍ସବ

**ସୁନ୍ଦରଗଡ,୨୬।୮(ଡି.ଏନ୍.ଏ.)**

ସ୍ଥାନୀୟ ପ୍ରଜାପିତା ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ତରଫରୁ ରବିବାର ପବିତ୍ର ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ସୁନ୍ଦରଗଡ କେନ୍ଦ୍ର ସଞ୍ଚାଳିକା ବ୍ରହ୍ମକୁମାରୀ ଜୋତ୍ସ୍ନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର ବ୍ରହ୍ମକୁମାରୀ, ବ୍ରହ୍ମକୁମାର ଭଉଣୀ ଭାଇମାନେ ତଳସରା ବିଧାୟକ ଡଃ ପ୍ରଫୁଲ୍ଲ ମାଝି, ଏସ୍‌ପି ସୌମ୍ୟା ମିଶ୍ରା, ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ଡୁରୁକ, ଜିଲା ଗ୍ରାମ୍ୟ ଉନ୍ନୟନସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୂମେଶ ଚନ୍ଦ୍ର ବେହେରା, ଡିଏଫ୍‌ଓ ଡଃ ଅରୁଣ ମିଶ୍ରଙ୍କ ସମେତ ସହରର ବିଭିନ୍ନ ଅନୁଷ୍ଠାନର ଭଉଣୀଭାଇମାନଙ୍କ ହାତରେ ରାଖୀ ବାନ୍ଧିଥିଲେ। ଏହି ଅବସରରେ ଜିଲା କାରାଗାରକୁ ଯାଇ ଅନ୍ତେବାସୀଙ୍କ ହାତରେ ରାଖୀ ବାନ୍ଧି ନିଶା ସେବନରୁ ମୁକ୍ତି ପାଇଁ ଶପଥପାଠ କରିଥିଲେ । ପରେ ସନ୍ଧ୍ୟାରେ ବ୍ରହ୍ମକୁମାରୀ ସଂସ୍ଥା କେନ୍ଦ୍ରଠାରେ ଏ ବର୍ଷର ଏକ ସ୍ୱତନ୍ତ୍ର ଆଧାତ୍ମିକ ସ୍ନେହମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କେନ୍ଦ୍ର ସଞ୍ଚାଳିକା ବ୍ରହ୍ମ କୁମାରୀ ଜୋତ୍ସ୍ନା ରକ୍ଷାବନ୍ଧନ ସୁରକ୍ଷା ପ୍ରଦାନ କରିବା ସହ ନିଜର କୁଅଭ୍ୟାସକୁ ପରିତ୍ୟାଗ କରି ନୈତିକତା ଓ ପବିତ୍ରତା ଆଧାରରେ ନିଜର ସତଗୁଣାବଳୀର ବିକାଶ କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବ୍ରହ୍ମକୁମାର ବାଣେଶ୍ୱର ସୁବୁଦ୍ଧି, ବ୍ରହ୍ମକୁମାରୀ ଚମ୍ପକ, ନିରୁପମା, ପ୍ରତିମା, ପଞ୍ଚମୀ, ମୌସୁମୀ, ରାନୀ ମନୋରମା ପ୍ରମୁଖ ସହଯୋଗ କରିଥିଲେ । ସେହିପରି ସୁନ୍ଦରଗଡ ପବ୍ଲିକ ସ୍କୁଲ ସ୍କାଉଟ ଗାଇଡ୍ ଛାତ୍ରୀଛାତ୍ରମାନେ ବୃକ୍ଷରେ ରାକ୍ଷୀ ବାନ୍ଧି ପରିବେଶ ସଚେତନତାର ବାର୍ତ୍ତା ବାଣ୍ଟିଛନ୍ତି। ବୃକ୍ଷର ସୁରକ୍ଷା ପାଇଁ ଛାତ୍ରୀଛାତ୍ରମାନେ ରାଖୀ ବାନ୍ଧି ସଂକଳ୍ପ ନେଇଥିଲେ । ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ରାଜ କିଶୋର ଷଡଙ୍ଗୀ, ସ୍କାଉଟ ଶିକ୍ଷକ ଅଶୋକ ପରିଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଛାତ୍ରୀଛାତ୍ରଙ୍କ ଏଭଳି ଏକ ନିଆରା କାର୍ଯ୍ୟକ୍ରମରେ ସରଫଗଡ ବନଖଣ୍ଡ ଡିଏଫ୍‌ଓ ଡଃ ଅରୁଣ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଇକୋ କ୍ଲବର ପରିଚାଳକ କିଶୋର ମହାନନ୍ଦ, ଗାଇଡ କ୍ୟାପଟେନ ସସ୍ମିତା ସାହୁ, ସନ୍ତୋଷ ମାହାନ୍ତ, ପ୍ରଦୀପ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**କୁଆଁରମୁଣ୍ଡା,୨୬।୮(ଡି.ଏନ.ଏ.)–** କୁଆଁରମୁଣ୍ଡା ଲୋକନାଥ ମନ୍ଦିରଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ କୁଆଁରମୁଣ୍ଡା ଗୋଷ୍ଠୀଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ରାଉରକେଲା ହୃଷିକେଶ ରାୟ ମହାବିଦ୍ୟାଳୟର ଅଧ୍ୟାପକ ଡା. ସନାତନ ପ୍ରଧାନ ଯୋଗଦେଇଥିଲେ । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଖଣ୍ଡୀୟ ପ୍ରମୁଖ ଶ୍ୟାମସୁନ୍ଦର ହାଲଦାର ପରିଚାଳନା କରିଥିଲେ। କୁଆଁରମୁଣ୍ଡା ଶାଖାର ମୁଖ୍ୟ କାର୍ଯ୍ୟନିର୍ବାହୀ ଶୈଳେଶ ତିୱାରୀ ସଂଯୋଜନା କରିଥିଲେ । କୁଆଁରମୁଣ୍ଡା ଶାଖା ଆର୍‌ଏସ୍‌ଏସ୍ କାର୍ଯ୍ୟକର୍ତ୍ତା ସଂଜୟ ସାହୁ, ବାଲକ୍ରିଷ୍ଣ ଅଗ୍ରୱାଲ, ସଜିନ ଅଗ୍ରୱାଲ, ମିଥିଲେଶ ପ୍ରସାଦ, ଦିଲ୍ଲୀପ ସାହୁ ଓ ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।



ଜଙ୍ଗଲି ହାତୀପଲ ଭାଙ୍ଗିଥିବା ପାଚେରି।

# ତିଲେଡେଗା ଅଞ୍ଚଳରେ ମାତିଲେ ହାତୀ

**ବାଲିଶଙ୍କରା, ୨୬।୮(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଉଜ୍ୱଳପୁର ଫରେଷ୍ଟ ରେଞ୍ଜ ଅଧୀନ କିଞ୍ଜିରିକେଲା ସେକ୍ସନ ତିଲଡେଗା, କେନ୍ଦୁଡିହି ଅଞ୍ଚଳରେ ଗତ ଦୁଇଦିନ ଧରି ଜଙ୍ଗଲି ହାତୀ ଦଳ ବ୍ୟାପକ ଫସଲ ନଷ୍ଟ କରିବା ସହ ପାଚେରୀ ଭାଙ୍ଗି ଦେଇଥିବା ସୂଚନା ମିଳିଛି । ବନ ବିଭାଗର ସୂଚନା ଅନୁଯାୟୀ କିଞ୍ଜିରିକେଲା ଫରେଷ୍ଟ ସେକ୍ସନ ତିଲେଡେଗା ଗ୍ରାମ ପାର୍ଶ୍ୱରେ ଥିବା ଲୋକଙ୍କ ଚାଷ ଜମିରେ ହାତୀ ପଲ ପଶି ଫସଲନଷ୍ଟ କରିଥିବାବେଳେ ଗ୍ରାମ ମୁଣ୍ଡରେ ଥିବା ନରେଶ ସା (ଗିଡି)ଙ୍କ ପାଚେରୀକୁ ଭାଙ୍ଗି ଦେଇଥିଲେ। ପାଚେରୀ ଭିତରେ କରାଯାଇଥିବା ମକା ଫସଲକୁ ମଧ୍ୟ ନଷ୍ଟ କରିଛନ୍ତି। ସେହିପରି ବିଳମ୍ବିତ ରାତ୍ରିରେ କେନ୍ଦୁଡିହି ଗ୍ରାମକୁ ପଶି ଲୋକଙ୍କ ଫସଲ ନଷ୍ଟ କରି ଦେଇଥିବା ଜଣାପଡିଛି। ଗାଁ ଲୋକେ ବନ ବିଭାଗକୁ ଖବର ଦେଲା ପରେ ବିଭାଗୀୟ କର୍ମଚାରୀମାନେ ପହଞ୍ଚି ହାତୀପଲକୁ ଘଉଡାଇ ଛତିଶଗଡ ଜଙ୍ଗଲକୁ ପଠାଇଥିବାବଳେ ହାତୀପଲ ପୁଣି ଫେରି ଆସି ନିକଟସ୍ଥ କେନ୍ଦୁଡିହି ଜଙ୍ଗଲରେ ରହିଥିବା ଜଣାପଡିଥି। ଏହି ହାତି ପଲରେ ୩୦ରୁ ଉର୍ଦ୍ଧ୍ୱ ହାତୀ ଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି । ଅଞ୍ଚଳରୁ ହାତୀ ପଲକୁ ଅନ୍ୟତ୍ର ସ୍ଥାନାନ୍ତର କରା ନ ଗଲେ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହେବା ସାଙ୍ଗକୁ ଧନ ଜୀବନ ହାନି ହେବାର ଆଶଙ୍କା ରହିଥିବାବେଳେ ବର୍ତ୍ତମାନ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବନ ବିଭାଗ ତରଫରୁ ଦୃଢ ପଦକ୍ଷେପ ଗ୍ରହଣ କରିବା ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି ।

■ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦାବି

# ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିଲେ ଜିଲା ବିଜେଡି ସମ୍ପାଦକ

**ସୁନ୍ଦରଗଡ,୨୬।୮(ଡି.ଏନ୍.ଏ.)**

ତଳସରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସବଡେଗା ବ୍ଲକ ଡମକୁଡା ଗ୍ରାମପଞ୍ଚାୟତର ବଣପାହାଡ ଘେରା ଗାଁ ପେରୁଆଭାଡି ଗ୍ରାମରେ ବସବାସ କରୁଥିବା ୩୦ଟି ପରିବାରର ପ୍ରାୟ ୧୪୦ଜଣଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଅପହଞ୍ଚ ହୋଇପଡ଼ିଛି । ସେମାନେ ପାଖରେ ଥିବା ଝରଣା ଓ କୂଅର ଦୂଷିତ ଜଳ ଉପରେ ନିର୍ଭରଶୀଳ । ଏହି ଜଳ ବ୍ୟବହାର କରି ଗ୍ରାମବାସୀମାନେ ଅନେକ ସମୟରେ ଝାଡା, ବାନ୍ତି ଭଳି ମହାମାରୀ ରୋଗ ଭୋଗି ଥାଆନ୍ତି । ହାତୀ ଉପଦ୍ରବ ମଧ ଲାଗି ରହିଥିବାରୁ ଗ୍ରାମବାସୀ ବର୍ଷ ସାରା ଫସଲହାନୀ ଯୋଗୁ କ୍ଷତିଗ୍ରସ୍ତ ହୋଇଛନ୍ତି। ହାତୀ ଉପଦ୍ରବ ଯୋଗୁ ଘଟୁଥିବା କ୍ଷୟକ୍ଷତି ଓ ଏହାର ନିରାକରଣ ପାଇଁ ଜିଲା ବିଜେଡି ସମ୍ପାଦକ ସୁଦାମ ଭୋଇ ଏହି ଗ୍ରାମକୁ ପରିଦର୍ଶନରେ ଯାଇଥିବାବେଳେ ଗ୍ରାମବାସୀ ପାନୀୟ ଜଳ ସମସ୍ୟା ଅଭିଯୋଗ କରିଥିଲେ। ପରେ ଶନିବାର ଜିଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ନିର୍ବାହୀଯନ୍ତ୍ରୀ ରାଜେନ୍ଦ୍ର ନାଥ ନାଏକଙ୍କୁ ସାକ୍ଷାତ କରି ଏହାର ପ୍ରତିକାର ପାଇଁ ଦାବି କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପେରୁଆଭାଡିରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ନଳକୂପ ଖନନ ପାଇଁ ପଦକ୍ଷେପ ନିଆଯିବ ବୋଲି ନିର୍ବାହୀ ଯନ୍ତ୍ରୀ ନାଏକ ପ୍ରତିଶ୍ରୁତି ଦେଇଛନ୍ତି।

### ସୁନ୍ଦରଗଡରେ ପହଞ୍ଚିଲା ବାଜପେୟୀଙ୍କ ଚିତାଭସ୍ମ, ଇବ୍ ନଦୀରେ ହେବ ବିସର୍ଜିତ

**ସୁନ୍ଦରଗଡ,୨୬।୮(ଡି.ଏନ୍.ଏ.)**

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ପବିତ୍ର ଚିତାଭସ୍ମ ଶନିବାର ଅପରାହ୍ନରେ ସୁନ୍ଦରଗଡରେ ପହଞ୍ଚିଛି । ଜିଲା ଭାଜପା କାର୍ଯ୍ୟାଳୟଠାରେ ଏହି ପବିତ୍ର ଚିତାଭସ୍ମକୁ ଆସନ୍ତା ସୋମବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦର୍ଶନ ପାଇଁ ରଖାଯିବାକୁ ସ୍ଥିର ହୋଇଛି । ସୁନ୍ଦରଗଡ ଜିଲା ଭାଜପା କାର୍ଯ୍ୟାଳୟଠାରେ ରବିବାର ଏହି ପବିତ୍ର ଚିତା ଭସ୍ମକୁ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହାପରେ ସ୍ଥାନୀୟ ଇବ୍ ନଦୀର ମହାଦେବପଡା ଘାଟଠାରେ ପବିତ୍ର ଚିତାଭସ୍ମ ବିସର୍ଜନପରେ ସେହି ଦିନ ୨ଟା ୩୦ମିନିଟରେ ମାଦ୍ରୀ କାଲୋ ଭବନଠାରେ ଏକ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବ । ଏଥିରେ ସମସ୍ତ ଜନସାଧାରଣ ଯୋଗଦେବାକୁ ଜିଲା ଭାଜପା ସଭାପତି ବଟକିଶୋର ମିଶ୍ର ଅନୁରୋଧ କରିଛନ୍ତି ।

# ସଂସ୍କୃତ ଦିବସ ପାଳନ ଅବସରରେ ବହୁଭାଷୀ କବିତା ଆସର

**ବେଦବ୍ୟାସ, ୨୬।୮(ଡି.ଏନ.ଏ.)**

ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟରେ ଆୟୋଜିତ ସଂସ୍କୃତ ଦିବସ ମହୋତ୍ସବ ପାଳନ ଅବସରରେ ସେବା ନିବୃତ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ମନୋଜ୍ଞ ବହୁଭାଷୀ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଓ ଭାଷାବିତ୍ ବିଚିତ୍ରାନନ୍ଦ ସାହୁ ବର୍ଷା ଭାବନାକୁ ନେଇ ବିଭିନ୍ନ ଭାଷାରେ ରଚିତ କବିତାର ଅନ୍ତଃସ୍ୱର ବର୍ଣ୍ଣନା କରିଥିଲେ। ବର୍ଷା ସାହିତ୍ୟର ବିଭିନ୍ନ ବିଭାଗକୁ ପରିପୁଷ୍ଟ କରେ ଏବଂ ସାରସ୍ୱତ ସାଧନାକୁ ଅନୁପ୍ରେରିତ କରେ ବୋଲି ସେ କହିଥିଲେ। ବିଶିଷ୍ଟ କବି ଓ ଆଲୋଚକ ରାଜୀବ ପାଣି ସଂସ୍କୃତ ସାହିତ୍ୟର ଗୁରୁତ୍ୱ ଉପରେ ଆଲୋଚନା କରିବା ସହ ସଂସ୍କୃତ ସାହିତ୍ୟ କିଭଳି ଆନ୍ତର୍ଜାତୀୟ ସ୍ତରରେ ନିଜର ପ୍ରାଧାନ୍ୟ ବିସ୍ତାର କରିପାରିଛି ତାହା ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ବିଶିଷ୍ଟ ନାଟ୍ୟଶିଳ୍ପୀ ମଣ୍ଟୁ ପାଢୀ ମଧ୍ୟ ସଂସ୍କୃତ ଦିବସରେ ବହୁଭାଷୀ କବିତାର ସଂଜ୍ଞା ନିରୂପଣ କରିଥିଲେ । କବି ପ୍ରଫୁଲ ଚନ୍ଦ୍ର ବାରିକ ଓ କବି ସୁଜାତା ସିହ୍ନାଙ୍କ ଯୁଗ୍ମ ସଂଯୋଜନାରେ କବି ନୀଳକଣ୍ଠ ମହାନ୍ତି, ଡ. ରାଧାକାନ୍ତ ପଣ୍ଡା,ସୁଶାନ୍ତ ନାୟକ, କିଶୋରୀ ମୋହନ କର, ବିଚିତ୍ରାନନ୍ଦ ସାହୁ, ରାଜୀବ ପାଣି, ଡ. ସିଦ୍ଧେଶ୍ୱର ଷଡଙ୍ଗୀ, ମହେନ୍ଦ୍ର ପଟ୍ଟନାୟକ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ମିଶ୍ର, ସର୍ବେଶ୍ୱର ଦାଶ ପ୍ରମୁଖ ୩୦ଜଣ କବି ସଂସ୍କୃତ, ହିନ୍ଦୀ, ଓଡିଆ ଓ ବଙ୍ଗଳା ଭାଷାରେ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ଡ. ଉମାକାନ୍ତ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ ।





ସଂସ୍କୃତ ଦିବସ ମହୋତ୍ସବ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।



ତିଲେଇକାନୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀମାନେ ବୃକ୍ଷରୋପଣ କରୁଛନ୍ତି।

# ତିଲେଇକାନୀ ବିଦ୍ୟାଳୟରେ ବୃକ୍ଷରୋପଣ

**ବାଲିଶଙ୍କରା, ୨୬।୮ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ତିଲେଇକାନୀ ପଞ୍ଚାୟତ ତିଲେଇକାନୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ଦାସଙ୍କ ନେତୃତ୍ୱରେ ଛାତ୍ରୀ, ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକ ଏକତ୍ରିତଭାବେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କିଞ୍ଜିରକେଲା ଲ୍ୟାମ୍ପ୍ସ ସଭାପତି ସନ୍ତୋଷ କୁମାର ସା ଯୋଗଦେଇ ବୃକ୍ଷରୋପଣ ଅଧିକ ପୁଣ୍ୟ କାର୍ଯ୍ୟ, ବର୍ଷେରେ ଗୋଟିଏ ବୃକ୍ଷ ରୋପଣ କରିବା ପାଇଁ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଶିକ୍ଷକ ଗୌତମ ମହାନନ୍ଦିଆ, ଖବରଦାତା ପ୍ରଦୀପ କୁମାର ନନ୍ଦ, ସତ ସେଠ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଶାଗୁଆନ, ଶାଳ, ଅଁଳା, ବାହାଡା ଏହିପରି ବିଭିନ୍ନ ପ୍ରକାର ବୃକ୍ଷରୋପଣ କରାଯାଇଥିଲା । ଶିକ୍ଷୟିତ୍ରୀ, ଶିକ୍ଷକମାନେ ମଧ ବୃକ୍ଷରୋପଣ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ।

# ଦୁଇଦିନିଆ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଯାପିତ

**ଲହୁଣୀପଡା, ୨୬।୮(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦୁଇଦିନିଆ ବଣେଇ ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି । ଶୁକ୍ରବାର ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣେଇ ସଂକୁଳ ପ୍ରମୁଖ ମାନସ ରଞ୍ଜନ ଆଚାର୍ଯ୍ୟ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଜ୍ଞାନ ବିଜ୍ଞାନ ମେଳାରେ ବଣେଇଁ, ଗୁରୁଣ୍ଡିଆ, ବରସୁଆଁ, ବିଲେଇପଡାର ମୋଟ ୩୭ଟି ପ୍ରକଳ୍ପ ଓ ପ୍ରାୟ ଦୁଇଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ନେତ୍ରାନନ୍ଦ ପ୍ରଧାନ, ଝୁନୁରାଣୀ ମାହାନ୍ତ, ନିରଞ୍ଜନ ଓଝା, ଦେବାନନ୍ଦ ବାରିକ, କାର୍ତ୍ତିକଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ମୂଲ୍ୟାୟନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଛାତ୍ରୀଛାତ୍ରମାନଙ୍କ ଆଜିର ଜ୍ଞାନ ମଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କାର୍ତ୍ତିକ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନିରୋଦ ଚନ୍ଦ୍ର ଦିକ୍ଷୀତ ପରିଚୟ ଓ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଯୋଗ୍ୟ ବିବେଚିତ ପ୍ରକଳ୍ପଗୁଡିକ ଉଚ୍ଚସ୍ତର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ସୂଚନା ପ୍ରଦାନ କରିଥିଲେ । ବଣେଇ ସଂକୁଳ ସଂଯୋଜକ ଦିନେଶ କୁମାର ମାହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଯଶୋବନ୍ତ ମହାନ୍ତ, ସୋନାଲି ପରିଡା,ତିଲେଶ୍ୱର ଜେନା, ବରୁଣ ମାହାନ୍ତ, ରୂପାଲି ପଣ୍ଡା, ରୁବିବାଳା ମାହାନ୍ତ, ଯଶ୍ମିତା ମାହାନ୍ତ, ବିଜୟଲକ୍ଷ୍ମୀ ମିଶ୍ର,ଯମୁନା ମାହାନ୍ତ ପ୍ରମୁଖଙ୍କ ସମେତ ଗୁରୁଜୀ ଗୁରୁମାମାନେ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀ ସ୍ନିଗ୍ଧା ସ୍ୱତନ୍ତ୍ରତା ବାରିକ ନୃତ୍ୟ ପରିବେଷଣ କରିଥିଲେ ।



ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ଜ୍ଞାନବିଜ୍ଞାନ ମେଳା।



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### କୂଅରେ ପଡ଼ି ବୃଦ୍ଧ ମୃତ

**ଝାରସୁଗୁଡ଼ା ଅଫିସ,୨୬।୮** - ଝାରସୁଗୁଡ଼ା ବଡ଼ମାଲ ଥାନା ଭୁର୍ଖାମୁଡ଼ାଠାରେ କୂଅରେ ପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧ ଜଣକ ହେଲେ ହାରାଚାନ୍ଦ ନାୟକ (୬୦)। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ହସ୍ପିଟାଲ ପଠାଇଛି। ଶନିବାର ସନ୍ଧ୍ୟାରେ ହାରାଚାନ୍ଦ କୂଅରେ ପଡ଼ିଥିବା ବେଳେ ରବିବାର ସକାଳେ ଜଣାପଡ଼ିଥିଲା।



### କାର୍-ବାଇକ ଧକ୍କା, ୩ ଆହତ

**କୋଲାବିରା,୨୬।୮(ଡି.ଏନ୍.ଏ.)**- ରବିବାର ଅପରାହ୍ନରେ ସୋଢ଼ାମାଲ ବ୍ରିଜ ନିକଟରେ ଏକ ବାଇକ ଓ କାର୍ ଧକ୍କା ହେବା ଫଳରେ ତିନିଜଣ ଆହତ ହୋଇଛନ୍ତି। ସେମାନେ ହେଲେ କୋଲାବିରା ବ୍ଲକ ସୋଢ଼ାମାଲ ପଞ୍ଚାୟତ ଭଦୁଆପଡ଼ା ଗ୍ରାମର ଭରତ ମୁଣ୍ଡା (୨୫), କାର୍ତ୍ତିକ ମୁଣ୍ଡା (୨୩) ଓ ମଙ୍ଗ ମୁଣ୍ଡା (୨୨)। ସମାସିଂହା ଆସିବା ପାଇଁ ଏମାନେ ଓଡି୨୩-ଡି୫୧୦୪ନଂ ବାଇକ୍‌ରେ ଗ୍ରାମରୁ ବାହାରି ସମାସିଂହା-ସମ୍ବଲପୁର ରାଞ୍ଚି ରୋଡ୍‌କୁ ଚଢ଼ିବା ସମୟରେ ସମାସିଂହା ପଟୁ ଯାଉଥିବା ଏକ ନମ୍ବର ବିହୀନ କାର୍ ସହ ଧକ୍କା ହୋଇଥିଲେ। ଫଳରେ ତିନିଜଣ ଯାକ ବାଇକ୍‌ରୁ ଛିଟିକି ପଡ଼ିଥିଲେ। ଭରତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ କାର୍ତ୍ତିକ ଏବଂ ମଙ୍ଗଙ୍କ ଗୋଡ଼ ଭାଙ୍ଗିଯାଇଛି। ୧୦୮ ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ପ୍ରଥମେ କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା କାର୍ ମାଲିକ ଲଇକେରା ଥାନା ଅନ୍ତର୍ଗତ ଗମ୍ଭେରଗୁଡ଼ା ଗ୍ରାମର ବୋଲି ଜଣାପଡ଼ିଛି। ଲଇଡ଼ା ଫାଣ୍ଡି ପୋଲିସ ଉଭୟ ଗାଡ଼ି ଜବତ କରିବା ସହ ଏକ ମାମଲା ରଜୁ କରିଛି।

■ ସରବାହାଲ ରେଲୱେ ଓଭର ବ୍ରିଜ୍

# ପୂର୍ତ୍ତ, ରେଳ ବିଭାଗ ଅନୁପସ୍ଥିତିରେ କାମ ଆରମ୍ଭ

**ଝାରସୁଗୁଡ଼ା ଅଫିସ,୨୬।୮**

ବହୁ ପ୍ରତୀକ୍ଷିତ ଝାରସୁଗୁଡ଼ା ସରବାହାଲ ରେଲୱେ ଓଭରବ୍ରିଜ୍ ନିର୍ମାଣ କାମ ରବିବାର ଆରମ୍ଭ ହୋଇଛି। ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ ଅତିଥି ଭାବେ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ଅନ୍ୟତମ ଅତିଥି ଭାବେ ବାର୍ ସଭାପତି ରଘୁମଣି ପଟେଲ, ରମେଶ ଗାନ୍ଧୀ, ଜିଲା କଂଗ୍ରେସ ସଭାପତି ଗିରୀଶ ରଞ୍ଜନ ପଣ୍ଡା, କିଶୋର ଦାସ, କୁଶାସନ ଜୟପୁରିଆ, ରାଜୁ ପାଣିଗ୍ରାହୀ, ମନମୋହନ ପାଣ୍ଡେ, ଟହଲୁ ସାହୁ, ପ୍ରଫୁଲ୍ଲ ରାମଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ତେବେ ଏହି ସଭାରେ ଏକ ବ୍ୟତିକ୍ରମ ଦେଖାଯାଇଥିଲା। ବ୍ରିଜ୍ ଅନୁମୋଦନକାରୀ ସଂସ୍ଥା ରେଲୱେ ବିଭାଗ, ନିର୍ମାଣ କାର୍ଯ୍ୟ ପରିଚାଳନା କରୁଥିବା ସରକାରୀ ସଂସ୍ଥା ପୂର୍ତ୍ତ ବିଭାଗର କୌଣସି ଅଧିକାରୀ ଏଥିରେ ଉପସ୍ଥିତ ନ ଥିଲେ। ସରକାରୀ କର୍ମଚାରୀଙ୍କ ଅନୁପସ୍ଥିତିରେ ସରକାରୀ କାମ ଶୁଭାରମ୍ଭ ହେଉଥିବାରୁ ଏହାକୁ ନେଇ ସହରରେ ଲୋକେ ଟୁପୁରୁଟାପୁରୁ ହେଉଛନ୍ତି। ଏ ବାବଦରେ ପୂର୍ତ୍ତ କିମ୍ବା ରେଳ ବିଭାଗ କର୍ତ୍ତୃପକ୍ଷଙ୍କୁ ବିଧିବଦ୍ଧ ଭାବେ ଡକା ନ ଯାଇ କେବଳ ଅନୌପଚାରିକ ଭାବେ ସୂଚନା ଦିଆଯାଇଥିବା ଜଣାଯାଇଛି। ଏହି ବ୍ରିଜ୍ ନିର୍ମାଣ କ୍ଷେତ୍ରରେ ବିଧାୟକ ଦାସଙ୍କ ଦୀର୍ଘ ଉଦ୍ୟମ ରହିଥିଲେ ମଧ୍ୟ ବ୍ରିଜ୍ ନିର୍ମାଣ ଶୁଭାରମ୍ଭ କାମରେ ସରକାରୀ ଅଧିକାରୀଙ୍କ ଅନୁପସ୍ଥିତିକୁ ଲୋକେ ନାପସନ୍ଦ କରିଛନ୍ତି।




ଓଭରବ୍ରିଜ୍ କାମ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସୂଚନାଯୋଗ୍ୟ, ପୂର୍ତ୍ତ ବିଭାଗ ଆହ୍ୱାନ କରିଥିବା ଏହି ଟେଣ୍ଡର ଶ୍ରୀବାଲାଜୀ ଇଞ୍ଜିକନ୍ ନାମକ ସଂସ୍ଥା ହାତେଇଛି। ରେଲୱେ ଓଭରବ୍ରିଜର ଏଷ୍ଟିମେଟ୍ କଷ୍ଟ ୨୩ କୋଟି ୬୨ ଲକ୍ଷ ୬୮ ହଜାର ୫୦୦ ଟଙ୍କା ରହିଥିବାବେଳେ ଠିକାସଂସ୍ଥା ୧୫.୯୯% ବର୍ଦ୍ଧିତ ଦରରେ ଅର୍ଥାତ ୨୭ କୋଟି ୪୦ ଲକ୍ଷ ୪୭ ହଜାର ୮୩୩ ଟଙ୍କାରେ କାମ ପାଇଛି। ଚୁକ୍ତି ପରଠାରୁ ୧୮ ମାସ ମଧ୍ୟରେ ବ୍ରିଜ୍ କାମ ଶେଷ କରିବାକୁ ଟେଣ୍ଡର ନିୟମାଳବୀରେ ଉଲ୍ଲେଖ ରହିଛି। ଏହି ଓଭରବ୍ରିଜ୍ ନିର୍ମାଣ ହେବାପରେ ଝାରସୁଗୁଡ଼ା ଲୋକଙ୍କ ଯାତାୟାତ ସୁଗମ ହେବ ବୋଲି ମତପ୍ରକାଶ ପାଇଛି।

### ଘର ଭୁଶୁଡ଼ିଲା, ଅଳ୍ପକେ ବର୍ତ୍ତିଲେ ଦୁଇ ପରିବାର

**ବଲାଙ୍ଗୀର ଅଫିସ, ୨୬।୮**

ଦୁଇଦିନ ଲଗାଣ ବର୍ଷାରେ ବଲାଙ୍ଗୀର ମ୍ୟୁନିସିପାଲିଟି ୧୮ ନଂ. ୱାର୍ଡ ନମ୍ବର ଅନ୍ତର୍ଗତ ସାଲେପାଲିରେ ଦୁଇଟି ଘରର କାନ୍ଥ ପଡ଼ିଯାଇଛି। ରବିବାର ଅପରାହ୍ନରେ ଏହି ଅଘଟଣ ଘଟିଥିବାରୁ ଦୁଇଟି ପରିବାରର ୭ ଜଣ ପରିବାର ସଦସ୍ୟ ଅଳ୍ପକେ ରକ୍ଷା ପାଇଛନ୍ତି । ସାଲେପାଲିର ରଘୁରାଜ ବାଗ ଓ ଶ୍ରୀକର ଚନ୍ଦନଙ୍କ ଘରକାନ୍ଥ ପଡ଼ିଯାଇଥିଲା। ଏତିକି ବେଳେ ଉଭୟ ପରିବାର ପ୍ରାୟ ୭ ଜଣ ସଦସ୍ୟ ଘର ଭିତରେ ବିଶ୍ରାମ ନେଇଥିଲେ । ତେବେ କାନ୍ଥଟି ବାହାର ପଟକୁ ପଡ଼ିଯିବାରୁ ସେମାନେ ଅଳ୍ପକେ ବର୍ତ୍ତିଥିଲେ। ତେବେ କେତୋଟି ଛେଳି ଉପରେ କାନ୍ଥ ପଡ଼ିଯିବାରୁ ବହୁ କଷ୍ଟରେ ସେମାନଙ୍କୁ ଉଦ୍ଧାର କରାଯାଇଛି। କାନ୍ଥ ପଡିବା ପରେ ଏହି ଦୁଇ ପରିବାର ଏବେ ବେସାହାରା ହୋଇପଡ଼ିଛନ୍ତି । ସେମାନେ ରାତି କିଭଳି କଟାଇବେ ଚିନ୍ତାରେ ଅଛନ୍ତି। ଏହି ଘଟଣା ପରେ କୌଣସି ମ୍ୟୁନିସିପାଲିଟି କିମ୍ବା ତହସିଲ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି ନ ଥିବା ଜଣାପଡ଼ିଛି।



ଦୁର୍ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

# ବସ୍ ଧକ୍କାରେ ସାଇକେଲ ଆରୋହୀ ମୃତ

■ **ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ**

**ଝାରସୁଗୁଡ଼ା ଅଫିସ,୨୬।୮**

ଝାରସୁଗୁଡ଼ା ବାଇପାସରେ ରବିବାର ଅପରାହ୍ନରେ ଦୁର୍ଘଟଣା ଘଟିଛି। ଏକ ବସ୍ ଧକ୍କାରେ କୃଷ୍ଣଚନ୍ଦ୍ର ଷଣ୍ଢ (୫୫) ନାମକ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାକୁ କେନ୍ଦ୍ରକରି ବାଇପାସରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। ଟାଉନଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି କ୍ଷତିପୂରଣ ପ୍ରଦାନ ପରେ ରାସ୍ତାରୋକୋ ହଟିଥିଲା। ଝାରସୁଗୁଡ଼ା ଏକାତାଲିର କୃଷ୍ଣଚନ୍ଦ୍ର ଷଣ୍ଢ କାମ ସାରି ସାଇକେଲ ଯୋଗେ ଘରକୁ ଫେରୁଥିଲେ। ବାଇପାସର ଟିଭିଏସ୍ ଶୋ-ରୁମ୍ ନିକଟରେ ରାସ୍ତା ଅତିକ୍ରମ କରୁଥିବା ବେଳେ ଝାରସୁଗୁଡ଼ାରୁ ସମ୍ବଲପୁର ଯାଉଥିବା ରାସେଶ୍ୱରୀ ବସ୍ (ନଂ. ଓଡି୨୩-୮୩୯୬) ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ କୃଷ୍ଣଙ୍କ ମୃତ୍ୟୁ ହୋଇଥିଲା। ହେଲେ କୃଷ୍ଣଙ୍କ ସାଇକେଲ ବସ୍ ସହ ଘୋଷାଡ଼ି ହୋଇ ଦୂରକୁ ଚାଲିଯାଇଥିଲା। ଦୁର୍ଘଟଣା ଘଟାଇଥିବା ବସ୍ ଘଟଣାସ୍ଥଳରୁ ଚାଲିଯାଇ ବଡ଼ମାଲ ଥାନାରେ ଚାଳକ ଆତ୍ମସମର୍ପଣ କରିଥିଲେ। ଅନ୍ୟପକ୍ଷରେ ଦୁର୍ଘଟଣାକୁ କେନ୍ଦ୍ରକରି ବାଇପାସରେ ରାସ୍ତାରୋକୋ ଆରମ୍ଭ ହୋଇଥିଲା। କ୍ଷତିପୂରଣ ବାବଦ ବସ୍ ମାଲିକଙ୍କ ପକ୍ଷରୁ ୫୦ ହଜାର ଏବଂ ଜିଲା ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ ପରେ ରାସ୍ତାରୋକୋ ହଟିଥିଲା ବୋଲି ଟାଉନଥାନା ଅଧିକାରୀ ସାବିତ୍ରୀ ବଳ କହିଛନ୍ତି। ମୃତଦେହକୁ ବ୍ୟବଚ୍ଛେଦ ଲାଗି ଜିଲା ହସ୍ପିଟାଲ ନିଆଯାଇଛି।

### ଜିଲା ସାହିତ୍ୟ, ସଂସ୍କୃତି ପରିଷଦର ବାର୍ଷିକୋତ୍ସବ

**ଝାରସୁଗୁଡ଼ା ଅଫିସ,୨୬।୮**

ଝାରସୁଗୁଡ଼ା ଟାଉନହଲ ପରିସରରେ ରବିବାର ଜିଲା ସାହିତ୍ୟ ଓ ସଂସ୍କୃତି ପରିଷଦର ବାର୍ଷିକ ଉତ୍ସବ, ଗଙ୍ଗାଧର ମେହେର ଜୟନ୍ତୀ ଏବଂ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। ପ୍ରଥମ ଅଧିବେଶନରେ ରାଜ୍ୟସ୍ତରୀୟ କବି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ କବି ସରୋଜ କୁଅଁର, ପ୍ରଫୁଲ୍ଲ କୁମାର ମହାପାତ୍ର, ଗଣେଶ ତ୍ରିପାଠୀ, ମୁରଲୀଧର ନାୟକ ପ୍ରମୁଖ ଯୋଗଦେଇଥିଲେ। ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ଦେବଗଡ଼ ଜିଲାର କବିମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବାର୍ଷିକୋତ୍ସବ ଏବଂ ଗଙ୍ଗାଧର ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ପ୍ରଫେସର ଟହଲୁ ସାହୁ, ଡ. ଭଗବାନ ପଟେଲ ପ୍ରମୁଖ ଉଦ୍‌ବୋଧନ ମାଧ୍ୟମରେ ଶ୍ରୋତାଙ୍କୁ ବାନ୍ଧି ରଖିଥିଲେ। ଅନୁଷ୍ଠାନର ମୁଖପତ୍ର 'କୁରେଫୁଲ' ଉନ୍ମୋଚିତ ହୋଇଥିଲା। କବି ଭୋଜରାଜ ପରୁଆ ଏବଂ ଗୋକୁଳ ଚନ୍ଦ୍ର ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଉଛି।

# ସ୍ୱଭାବକବିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଝାରସୁଗୁଡ଼ା ଅଫିସ,୨୬।୮**

ଝାରସୁଗୁଡ଼ା ଜିଲା କାର୍ଯ୍ୟାଳୟ ସମ୍ମୁଖରେ ରବିବାର ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ୯ ଲକ୍ଷ ୬୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ୮ ଫୁଟ ଉଚ୍ଚର ଏହି ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ବରଗଡ଼ ଏମ୍‌ପି ଡା. ପ୍ରଭାସ ସିଂ, ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ, ପଦ୍ମଶ୍ରୀ ଚତୁର୍ଭୁଜ ମେହେର, ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ, ଅଭିନେତା ରତନ ମେହେର, ସୁଶିଲ ମେହେର, ଶ୍ୱେତ କୁମାର ପ୍ରଧାନ ପ୍ରମୁଖ ଉନ୍ମୋଚନ କରିଥିଲେ। ଉନ୍ମୋଚନ ଉତ୍ସବ ପରେ ସେଠାରୁ ଏକ ଶୋଭାଯାତ୍ରା ବାହାରି ବେହେରାମାଲସ୍ଥିତ କଲ୍ୟାଣମଣ୍ଡପ ସଭାସ୍ଥଳକୁ ଯାଇଥିଲା। ଝାରସୁଗୁଡ଼ା ମେହେର (ଭୁଲିଆ) ସମାଜ କାର୍ଯ୍ୟକର୍ତ୍ତା ଚନ୍ଦ୍ର ଶେଖର ମେହେର, ରାହାସ ବିହାରୀ ମେହେର, ଶତ୍ରୁଘ୍ନ ମେହେର, ଗୋପୀନାଥ ମେହେର, ପ୍ରଦୀପ କୁମାର ମେହେର, ରୋହିତ ମେହେର ଏବଂ ପ୍ରମୋଦ ମେହେରଙ୍କ ସଂଯୋଜନାରେ ଆୟୋଜିତ ସଭା ଅବସରରେ ବହୁବିଧ କାର୍ଯ୍ୟକ୍ରମ ସହ ତପସ୍ୱିନୀ କାବ୍ୟ ଆଧାରିତ ଡ୍ରାମା ପରିବେଷଣ ହୋଇଥିଲା। ଜୟନ୍ତୀ ସଭାରେ ଝାରସୁଗୁଡ଼ା ସମେତ ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼ ଜିଲା ମେହେର ସମାଜର କର୍ମକର୍ତ୍ତା ଯୋଗଦେଇଥିଲେ।

# ଶିଶୁମନ୍ଦିରରେ ଗଙ୍ଗାଧର ଜୟନ୍ତୀ, ରକ୍ଷାବନ୍ଧନ

**ଝାରସୁଗୁଡ଼ା ଅଫିସ,୨୬।୮**

ସ୍ଥାନୀୟ ଶିଶୁମନ୍ଦିରଗୁଡ଼ିକରେ ଗଙ୍ଗାଧର ମେହେର ଜୟନ୍ତୀ ଏବଂ ରକ୍ଷାବନ୍ଧନ ପାଳନ କରାଯାଇଛି। ସରବାହାଲ ସରସ୍ୱତୀ ଶିଶୁମନ୍ଦିରରେ ଅତିଥି ଭାବେ ଡ. ସରୋଜ କୁଅଁର, ସମ୍ପାଦକ ସୁବ୍ରତ ତ୍ରିପାଠୀ, ଜ୍ୟୋସ୍ନାମୟୀ ଦୀକ୍ଷିତ, ଲଳିତା ଦୀକ୍ଷିତ, ମୀନାକ୍ଷୀ ପଣ୍ଡା, ବିଜୟ ପଟେଲ ପ୍ରମୁଖ ସ୍ୱଭାବକବିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଗୁରୁମା, ଗୁରୁଜୀ, ଛାତ୍ରୀଛାତ୍ର ପରସ୍ପରକୁ ରାଖୀ ବାନ୍ଧିଥିଲେ। ପଞ୍ଚପଡ଼ାସ୍ଥିତ ଶିଶୁ ବିକାଶ ବିଦ୍ୟାମନ୍ଦିରରେ ଅତିଥି ଭାବେ ଲଳିତ ମଗର, ପ୍ରଧାନ ଶିକ୍ଷକ ଲଳିତ କୁମାର ହୋତା, ଜୟଶଙ୍କର ପଟେଲ, ମୀରା ଦତ୍ତ, ନୀଲେଶ ପାଣ୍ଡେ, ଅଶାନ୍ତ ଜେନା, ପ୍ରତାପ ମହାରଣା, ସୁଶିଲ ନାୟକ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ଦିଗମ୍ବର ମାଝୀ, ମମତା ସିଂ, ଝରଣା ସୁନାନୀ, ପ୍ରିୟଙ୍କା ସାହୁ ପ୍ରମୁଖ ଗଙ୍ଗାଧର ମେହେର ଜୟନ୍ତୀ ଏବଂ ରକ୍ଷାବନ୍ଧନ ପାଳନ କରିଥିଲେ। ସେହିପରି ଶିଳ୍ପାଞ୍ଚଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରକ୍ଷାବନ୍ଧନ ପାଳନ ହୋଇଛି। ପୌର ଜନସୂଚନା ଅଧିକାରୀ ଦୀପକ କୁମାର ନାୟକ, ସ୍କୁଲ ସଭାପତି କଳ୍ପତରୁ ସ୍ୱାଇଁ, ସୁନିତା ଦତ୍ତ, ସୁରମା ପଟେଲ, ବିଜୟଲକ୍ଷ୍ମୀ ପଟେଲ, ନବନିତା ନାୟକ, ରଶ୍ମିତା ବେହେରା, ରୋଶନ ପଟେଲ, ନିତ୍ୟାନନ୍ଦ ନାୟକ, ତେଜରାଜ ସାହୁ ପ୍ରମୁଖ ରକ୍ଷାବନ୍ଧନ ଏବଂ ଗଙ୍ଗାଧର ଜୟନ୍ତୀ ପାଳନ କରିଥିଲେ।



ଶିଶୁମନ୍ଦିରରେ ରକ୍ଷାବନ୍ଧନ ପାଳନ ହେଉଛି।



ବ୍ରଜରାଜନଗରରେ ସ୍ୱଭାବକବିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି।

# ଜନ୍ମଦିନରେ ସ୍ୱଭାବକବିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ

**ବ୍ରଜରାଜନଗର,୨୬।୮(ଡି.ଏନ୍.ଏ.)**

ସ୍ଥାନୀୟ ଓରିଏଣ୍ଟ କ୍ଷେତ୍ର ରେସ୍‌କ୍ୟୁ କଲୋନୀ ହଲଠାରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କର ଜୟନ୍ତୀ ସମାରୋହ ପାଳନ କରାଯାଇଛି। ଅନୁଷ୍ଠାନର ସଭାପତି କ୍ଷୀରୋଦ କୁଅଁର ଓ ସମ୍ପାଦକ ଶୁଭଶଙ୍କର ମାସନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଙ୍ଗାଧର କବିତା ପାଠ କରାଯିବା ସହ ଆଞ୍ଚଳିକ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ସ୍ୱଭାବକବିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଗଙ୍ଗାଧରଙ୍କ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ବ୍ରଜରାଜନଗର କଲେଜ ଅଧ୍ୟାପିକା ପଦ୍ମା ମହାପାତ୍ର ମୁଖ୍ୟଅତିଥି ଓ ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ।

**କୋଲାବିରା(ଡି.ଏନ୍.ଏ.)**- କୋଲାବିରା ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ସଂସଦର ଅସ୍ଥାୟୀ କାର୍ଯ୍ୟାଳୟଠାରେ ସ୍ୱଭାବକବିଙ୍କ ଜୟନ୍ତୀ ପାଳିତ ହୋଇଛି। ପୂର୍ବତନ ରଘୁନାଥପାଲି ସରପଞ୍ଚ ତଥା ପ୍ରଜ୍ଞାସୌରଭ କବି ଶୋଭାଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂ ଯୋଗଦେଇ କୃଷିକବି ଗଙ୍ଗାଧରଙ୍କ ପ୍ରକୃତି ଚିତ୍ରଣ, ଓଡ଼ିଆଣୀ ବୋହୂର ଚରିତ୍ରଛିଟା, ଭଞ୍ଜ ଓ ରାଧାନାଥ ସାହିତ୍ୟର ଅପୂର୍ବ ମିଳନରେ ଗଙ୍ଗାଧର ସାହିତ୍ୟ କିପରି କାଳଜୟୀ ସେ ନେଇ ଆଲୋଚନା କରିଥିଲେ। ଶିକ୍ଷକ ଅଶୋକ କୁମାର ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ପ୍ରକାଶ ଚନ୍ଦ୍ର ହୋତା, ଗୋବିନ୍ଦ ଭୋଇ, ବୀରେନ୍ଦ୍ର ମହାପାତ୍ର, ଅନୀଲ ବେହେରା, ହରିବଂଶ ପ୍ରଧାନ, ଲଳିନ୍ଦ୍ର ଗୋଖରା, ସମ୍ପାଦକ କୀର୍ତ୍ତିଚନ୍ଦ୍ର ବହିଦାର, ସରୋଜ କୁମାର ଟଣ୍ଡକାର, ବୁଲୁ ଟଣ୍ଡକାର, ପ୍ରଦ୍ୟୁମ୍ନ ପୁରୋହିତ, ଯୋଗେନ୍ଦ୍ର ରାଏ, ଯଯାତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।